# ରାମ୍-ରାଜ୍ୟ

## (ଦୁସରା ଭାଗ)



# ରାମ୍-ରାହା

(ଦୁସ୍ରା ଭାଗ୍)

ହେମଚନ୍ଦ୍ର ଆଚାର୍ଯ୍ୟ

ସମ୍ବଲପୁର ବିଶ୍ୱବିଦ୍ୟାଳୟ

# ରାମ୍-ରାହା

## (ଦୁସ୍‌ରା ଭାଗ୍)


| | | |
|---|---|---|
| ଲେଖକ | : | **ହେମଚନ୍ଦ୍ର ଆଚାର୍ଯ୍ୟ** |
| | | ଗର୍ଭଣା, ବରଗଡ଼-୭୬୮ ୦୩୩ |
| ପ୍ରକାଶକ | : | ସମ୍ବଲପୁର ବିଶ୍ୱବିଦ୍ୟାଳୟ |
| ସ୍ୱତ୍ୱ | : | ସମ୍ବଲପୁର ବିଶ୍ୱବିଦ୍ୟାଳୟ |
| ପ୍ରଥମ ମୁଦ୍ରଣ | : | ୨୦୦୧ |
| ମୁଦ୍ରଣ | : | ଅପୂର୍ବା ଅଫ୍‌ସେଟ, ଭୁବନେଶ୍ୱର |
| ପ୍ରଚ୍ଛଦ | : | ସୁଧୀର କୁମାର ଲେଙ୍କା |
| ମୂଲ୍ୟ | : | ଦୁଇଶହ ପଚାଶ ଟଙ୍କା |


# RAM-RAHA (PART-II)


| | |
|---|---|
| by | **Hema Chandra Acharya**<br>Garbhana, Baragarh-768 033 |
| First Edition | **2001** |
| Publisher | **SAMBALPUR UNIVERSITY**<br>Jyoti Vihar, Burla-768 019<br>Sambalpur, Orissa, India |
| Copyright © | **Sambalpur University** |
| Printed at | **Apurba Offset**, Bhubaneswar |
| Cover Design | **Sudhir Kumar Lenka** |
| Price | **Rs. 250/- (Two Hundred Fifty only)** |

# ପ୍ରସ୍ତାବନା

କେତେ ହଜାର୍ ବଛର୍ ତଲେଁ ଆଦିକବି ମହାମୁନି ବାଲ୍ମିକି ଯେନ୍ ରାମେଣ୍ (ରାମାୟଣ୍) ଲେଖିଯାଇଛନ୍, ତାର୍ ପ୍ରଭାବ୍ ଖାଲି ଭାରତ୍ ଭିତରେ ନାଁଇ, ଭାରତ୍ ବାହାରେଭି ରହିଛେ । ସେ ମହାନ୍ କବି ଯେନ୍ କେତେଟା ଚରିତ୍ର ସୃଷ୍ଟି କରିଛନ୍ ଆଉର୍ ସେ ଚରିତ୍ର ମାନକର୍ ଭିତରେ ଯେନ୍ ସବୁ ଗୁନ୍ ଭରିଛନ୍, ସେଥିର୍ ଲାଗି ସେ ଚରିତ୍ର ଗୁରା ଇଛେନ୍ ଭି ଆଦର୍ଶ୍ ହେଇକରି ମାନବ୍ ସମାଜର୍ ଆଗେ ରହିଛନ୍ । ରାମେଣ୍ ଲେଖା ବାଲ୍ମିକିର୍ ପଛେ ଶେଷ୍ ନାଇଁ ହଇ ଯାଇ । ଭାରତର୍ ପ୍ରାନ୍ତୀୟ ଭାସାଥି ଏନ୍‌ତାକି କେତେଟା ବିଦେସି ଭାସାଥିଭି କେତେନିକେତେ ରାମ୍ ଚରିତ୍ ଲେଖା ହେଇଛ । ହାମର୍ ଯେନ୍ ଭାରତୀୟ ଭାସାଥି ରାମେଣ୍ ମହାଭାରତ୍ ଆରୁ ଶ୍ରୀମଦ୍ ଭାଗବତ୍ ନାଇଁ ଲେଖା ହେଇ, ସେ ଭାସାକେ ଗୁଟେ ସାର୍ବିକ୍ (ପୂର୍ଣ୍ଣାଂଗ୍) ଭାସା ବଲି ନାଇଁ କହିହଏ । ଭାସାର୍ ତାକତ୍ ଇ ମହାନ୍ କାବ୍ୟ/ପୁରାନ୍‌ର ଲେଖାଥୁଁ ଜାନିହେସି ।

ଇଟା ଗୁଟେ ବଢ଼ିଆ କଥା ଯେ ସମଲ୍‌ପୁରି-କୋସ୍‌ଲି ଭାସାଥି ବିଦ୍ୱାନ୍ କବି ଶ୍ରୀଯୁକ୍ତ ହେମଚନ୍ଦ୍ର ଆଚାର୍ଯ୍ୟ ରାମେଣ୍‌କେ ନିଜର୍ ଭିତରେ ଅନୁଭବ୍ କରି ତାଁକର୍ ହିସାବେ 'ରାମ-ରାହା' କାବ୍ୟ ଲେଖିଛନ୍ । ଇତାର୍ ଆଘୁଁ ଶ୍ରୀ ଇନ୍ଦ୍ରମଣି ସାହୁ କୋସଲି ରାମେଣ୍ ଲେଖି ସାରିଛନ୍ । ଶ୍ରୀ ହେମଚନ୍ଦ୍ର ଆଚାର୍ଯ୍ୟ କାବ୍ୟ ହିସାବେ ରାମକଥା କେ ଖାଲି ରୂପ୍ ନାଇଁ ଦେଇ, ଆଧୁନିକ୍ ଦୃଷ୍ଟିକୋଣ୍‌ନୁ ଇତାକେ ବ୍ୟାଖ୍ୟା ଭି କରିଛନ୍ । ଇଟା ତାଂକର୍ କାବ୍ୟକେ ଆହୁରି ଜିଇଁତା ଆରୁ ବାସ୍ତବ୍ କରିଛେ ।

ତାଁକର୍ ଇ ମହାନ୍ କୃତିକେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛପେଇ କରି ହାମର୍ ଭାସା ଆରୁ ସାହିତ୍ୟର୍ ଉନ୍ନତି କର୍‌ବାର୍ ପ୍ରୟାସ୍ କରିଛେ । ଇ ଗ୍ରନ୍ଥଟା ସାହିତ୍ୟପ୍ରେମି ଆଧ୍ୟାତ୍ମବାଦି, ଭାସାବିଦ୍ ଆରୁ ଗବେସକ୍‌ମାନଙ୍କୁ ନାନା ଦିଗୁଁ ସାହେଯ୍ କର୍‌ବା ବଲିକରି ହାମେ ଆସା କରୁଛୁଁ । ଯେନ୍ ଭାଇମାନେ ଇ କାମ୍‌କେ ପୁରା କର୍‌ବାର୍ ଲାଗି ସାହେଯ୍ କରିଛନ୍, ତାହାଁକେ ଧଏନ୍‌ବାଦ୍ ଦେଉଛେଁ ।

ଜ୍ୟୋତି ବିହାର
୨୦-୬-୨୦୦୧

(ଧ୍ରୁବରାଜ ନାୟକ)
କୁଳପତି, ସମ୍ବଲପୁର ବିଶ୍ୱବିଦ୍ୟାଳୟ

# ଲେଖକର୍ ପଦେ....

ପଶ୍ଚିମ ଓଡ଼ିଶା ଆର୍ ଛତିଶ୍ ଗଡ୍ ଅଞ୍ଚଲ୍‌ଟାକେ ଆଗେଁ କୋଶଲ୍ ରାଏଜର୍ ଇଲାକା ଭିତ୍‌ରେଁ ଥିବାର୍ ଇତିହାସ୍‌ନୁ ଜନା ପଡ୍‌ସି । ଶ୍ରୀ ରାମ୍ ଇ କୋଶଲ ରଜାର୍ ଝି କୌଶଲ୍ୟାକର୍ ପୁଓ ହଇ ଥିବାର୍ ପୁରାନ୍ କହେସି । ଇ ଅଞ୍ଚଲ ଇଛନ୍ ବି ରାମ୍‌କୁଁ ପାଶ୍‌ରି ନାଇଁ ପାରେ । ସୋର୍ କର୍‌ସି ହଲିଆ ଗୀତ୍, ହୁମ୍‌ଓ ଗୀନଥ, ଦୁଲି ଗୀତ୍ ଆର୍ ଦୁଲା ଗୀତ୍ ଭିତ୍‌ରେଁ; ଗୁନ୍ ଗୁନୋଇ ଥିସି ନ । ରାମ୍ ଚରିତ୍ ଶୁନ୍‌ସି ହିନ୍ଦୀ, ଓଡ଼ିଆ, ବଙ୍ଗାଲୀ କରି ଭିନ୍ ଭିନ୍ ଭାଷା ନେ । ହେଲେଁ ନିଜର୍ କଥାଭାଷା ହେଉଥିବାର୍ ଭାଷାଥି ରାମ୍‌କଥାକେ ନୁର୍‌ସି; ଟିକେ ଟିକେ କରି ଯେ'ନେ ପାଏସି ତାର୍ ହୁରୁଦ୍‌କେ ଗୁଟାରଙ୍ଗେଁ ଉଲ୍‌ଦିନେସି ସେ'ନେ ।

'ସମ୍ଲପୁରୀ' ଓଡ଼ିଆ ନୁହେ କି ତାର୍ ଉପଭାଷା ନୁହେ । ଇଟା ଗୁଟେ ଅଲଗ୍ ଭାଷା ଆଏ । ଇ ଅଞ୍ଚଲର୍ ଲୋକ୍ ଇ'ଟା କହି ତାକର୍ ଭାଷାକେ ଦେଶର୍ ସଂବିଧାନ୍ ମାଏନ୍ ନାଇ ଦେବାର୍ କାଯେଁ ଦୁଖ୍‌ମନା ହେସନ୍ । ଚାହେଁସନ୍ ଇ ସମଲ୍‌ପୁରୀ ଭାଷାନେ ରାମେଣ୍ ମହାଭାରତ୍ କରି ପୁରାଣ୍‌ମାନେ ଲିଖାହେତା; ତାର୍ ବଲେଁ ଦାବୀ କରିହେତା ଯେ ଭାରତଲାଗି ହିନ୍ଦୀ, ବଙ୍ଗାଲୀ, ଆସାମୀ, ଗୁଜ୍‌ରାତୀ ଯେନ୍ତା ଆ'ନ୍; ଠିକ୍ ସେନ୍ତା ଇ ସମଲପୁରୀ ବି ଆଏ; ଅବେଶ୍ କେତେ ଲୋକ୍ ସମଲ୍‌ପୁରୀ ଠାନେ କୋଶଲୀ ତ. କେତେଲୋକ୍ କୋଶ୍‌ଲୀ-ସମଲ୍‌ପୁରୀ ବି କହେସନ୍ । ନାଆଁ ଯା'ଣା ହେଲେଁ ବି ଭାଷାଟା ଗୁଟେ ଆଏ. ଅଭିନ୍ ଆଏ । ସମଲ୍‌ପୁରୀ ଭାଷାନେ ରାମ୍‌କଥା ଲିଖା ହଉ, ଇଟା ବନ୍‌ଏ ବନ୍‌ଏ ଲୋକ୍ ମାନେ ମନ୍ ତନ୍ ଦେଇ ଚାହୁଁଥିଲେ । ଡ. ନୀଲ୍‌ମାଧବ ପାଣିଗ୍ରାହୀ ଆର୍ ଡାକନ୍ ସାଙ୍ଗେଁ ବନିହା ପଣ୍ଡିତ୍ ଆର୍ ପର୍‌ବୀନ୍ ଲୋକ୍ ସାଙ୍ଗେ ଅନୁଷ୍ଠାନ୍ ମାନେ ମତେ ରାମକଥା ଲେଖ୍‌ବାକେ ତହଁକାଲେ, ଇ ସମଲପୁରୀ ଭାଷାନେ । ମୋର୍ ମନ୍ ଭିତ୍‌ରେଁ ରାମ୍‌କଥା ଲିଖ୍‌ବାକେ ବୀଜ୍‌ଟେ ପର୍‌ଲା; ସେଥିଁ ମାଏଟ୍, ପାଏନ୍, ଖତ୍, ସାର୍ କରି ପକାଲେ, ଶ୍ରୀ ଧନ୍‌ପତି ମହାପାତ୍ର ମେତାଲ୍ ଉପନ୍ୟାସ୍‌କାର୍. ନାଟକ୍‌କାର, ଗୀତ୍‌କାର୍

ଆର୍ ଅନୁଷ୍ଠାନ୍ ମାନେ । ରାମ୍‌କଥା ଲେଖ୍‌ଲିଁ 'ରାମ୍-ରାହା' ନାଆଁ ଦେଇ, ଲିଖା ସାଙ୍ଗେ ସାଙ୍ଗେ ଇ ଭାଷାର୍ ମୁଖିଆ ଆର୍ ମୁଲିହାର୍ ପଣ୍ଡିତ୍ ମାନେ ସହରାଲେ, ମନେ ତହ୍‌କ୍ ଚଢ଼୍‌ଲା । ଲିଖା ସର୍‌ଲା ଉତ୍‌ରୁଁ ସମୀକ୍ଷା ସାହିତ୍ୟର୍ ମାଏନ୍‌ତା ବିଦ୍ୱାନ୍ ସ୍ୱର୍ଗତ ଡ. ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ଆଜ୍ଞାକର୍ ଗୋଚର୍‌କେ ଆଏଲା । ସେ ଆଜ୍ଞା ତାର୍ ଉପ୍‌ରେଁ 'ରାମ୍-ରାହାର ପ୍ରଥମ ପାହାଚ ତଳେ' ନାଁ ଦେଇ ଗୁଟେ ମନ୍ତବ୍ୟ ଲେଖିକରି ଦେଲେ; ଯେନ୍‌ଟା କି ଇ ଇଲାକାର୍ ବଡ଼୍‌ଏ ବଡ଼୍‌ଏ ମାଏନ୍‌ତା ମାନ୍‌କର୍ ମନ୍‌ମାନେ ରାମ୍-ରାହା ଆଡ୍‌କେ ଟାନି ଆହ୍‌ଲା । ରାମ୍-ରାହା ଛପା ହଇ ଲୋକ୍ ହାତ୍‌କେ ଯାଉ ବଲି ସଭେ ଚାହେଁଲେ: ହେଲେଁ ଏତେ ବଡ଼୍ ବିଷଟେ କା'ର୍ ଏକ୍‌ଲାର୍ ହାତେଁ ହେତା ? ବିନ୍ ମାଗି ବି କେତେ ଜନ୍ ନିଜର୍ ଶକ୍ତି ଜାନି ପଏସା ପତର୍ ଦେଇ ଜନାଲେ ସେମାନେ 'ରାମ୍-ରାହା'ର ଛପା ଲାଗି କେତେ ଉଦ୍‌ବେଗ୍ ଆନ୍ । ସେମାନ୍‌କୁଁ ମୋର୍ କୁରୁଡ୍ କୁରୁଡ୍ ଭାବ୍ କେତେ ଆର୍ କେନ୍ତା କରି ଜନାମି ? ରାମ୍-ରାହା ପଢ଼୍‌ବାର୍ ଲୋକ୍‌କର୍ ଜାନ୍‌ବାର୍ ଲାଗି ଜନେ ନଉଛେଁ ସେ ଭାଷା-ସଉକିଆ ମାନ୍‌କର୍ ମହାନ୍ ନାଆଁମାନେ, ଯେନ୍ ମାନ୍‌କର୍ ଭିତ୍‌ରୁଁ ମୁଳିହାର୍ ଆନ୍ ଡ. ନୀଲ୍‌ମାଧବ ପାଣିଗ୍ରାହୀ ତାଙ୍କର ବଂଧୁ ଶ୍ରୀ ଶ୍ରୀପତି ମିଶ୍ର, କବିରାଜ ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ, ଶ୍ରୀ ଧନ୍‌ପତି ମହାପାତ୍ର ଆର୍ ମୋର୍ ଭାଏ ଶ୍ରୀ ମଙ୍ଗଲ୍ ଚରଣ୍ ଆଚାର୍ଯ୍ୟ । ସେ ପଏସା ସବୁ ରାମର୍ କାମ୍‌କେ ନାଇଁ ଆଏଲା, ବିନର୍‌ବଏ ହଇଗଲା, ସେଟା ବି ରାମର୍ ଇଚ୍ଛା ଆଏ ଭାବି ତୁନ୍ ପର୍‌ବାକେ ହେଲା ।

'ରାମ୍-ରାହା' ଛପା ହଇ ସେ ଲୋକ୍‌କର୍ ହାତ୍‌କେ ଯାଉ, ଯେନ୍‌ମାନେ ଇ ଭାଷାକେ ବଅଁଚେଇ ରଖିଛନ୍; ଇଟା ବଡ଼୍‌ଏ ଇଚ୍ଛାଟେ ହେଲେଁ ବି କାମ୍‌କେ ଉତ୍‌ରାବାର୍‌ଟା ବଡ଼୍‌ଏ କଡା ଆଏ । ଭାଏଗ୍ ଡ. ନୀଲ୍‌ମାଧବ ପାଣିଗ୍ରାହୀ ଆଜ୍ଞାକର୍ ପରାମର୍ଶନେ ସମଲ୍‌ପୁର୍ ବିଶ୍ୱବିଦ୍ୟାଳୟ(ଜ୍ୟୋତିବିହାର)ର୍ କୁଲ୍‌ପତି ଡ. ଧ୍ରୁବରାଜ୍ ନାଏକ ଆଜ୍ଞାକର୍ ଗୋଚର୍‌କେ ନିଆଗଲା । ସେ ଅଜ୍ଞାକର୍ ଚେରେଷ୍ଟାନେ ଆଏଜ୍ 'ରାମ୍-ରାହା' ଲୋକ୍ ହାତ୍‌କେ ଯାଉଛେ । ଇ କାମ୍‌ଲାଗି କୁଲ୍‌ପତି ଡ ନାଏକ୍ ଆଜ୍ଞାକୁଁ ମୁଇଁ ଯେତେ ଧଏନ୍ ଧଏନ୍ କଲେଁ ବି କମ୍ ହେବା । 'ରାମ୍-ରାହା' ପଢ଼୍‌ବାର୍ ସଭେ ସେ ଆଜ୍ଞାକୁଁ ଧଏନ୍

ଧଏନ୍ କର୍‌ବେ, ସମଲ୍‌ପୁରୀ ଭାଷା ବଅଁଚି ଥିବାର ତକ୍ ସେ ଆଙ୍କା ବଅଁଚି ରହେବେ ଇ ଆଶା ମତେ ଦକ୍ ଦକ୍ ଦିଶୁଛେ । ମୋର୍ ଗାଁ ମାଁ ଇ 'ରାମ୍-ରାହା' କାଯେଁ ଯାହା କରିଛନ୍ ଉନିଆଁ କିହେ ନାଇଁ ଜାନ୍‌ଲେଁ ବି ମୁଇଁ ଜାନିଛେଁ, ସେମାନେ ବି ଧଏନ୍ ଧଏନ୍ ଆ'ନ୍ ।

ବିଶ୍ୱବିଦ୍ୟାଳୟ, 'ରାମ୍-ରାହା' ଛପା କର୍‌ବବାରେଁ ଯେନ୍ ଆଙ୍କାମାନେ ମନ୍‌ତନ୍ ଦେଇ ଲାଗିଛନ୍ ସେମାନ୍‌କୁଁ ବି ରାମ୍‌ଇଚ୍ଛାର୍ ମୂର୍ତ୍ତି ଭାବି ମନ୍‌ଭିତ୍‌ରୁଁ ଯୁହାର୍ ଜନଉଛେଁ । 'ରାମ-ଚାହା' ଲୋକ୍ ହାତ୍‌କେ ଯାଉ, ପଢ଼ଲା ପରେଁ ଯଦର୍‌ପି ପର୍‌ଶଁସା ମିଲେ ସେମାନ୍‌କର୍ ଆଏ, ଯେନ୍‌ମାନେ 'ରାମ୍-ରାହା' ଲେଖେଇଛନ୍ ବହରେଇଛନ୍; ଆର୍ ନିନ୍ଦା ହେଲେଁ ସେ'ଟା ଖାଲି ମୋର୍ ନ ଆଏ, କାହାକେ ଭାଗ୍ ନାଇଁ ଦେଇ ହଏ । ଏତ୍‌କି ନ ।❑

୭ - ୬ -୨୦୦୧ **ହେମଚନ୍ଦ୍ର ଆଚାର୍ଯ୍ୟ**

ଗଭେଣା, ବରଗଡ

# 'ରାମ୍-ରାହା' ର ପ୍ରଥମ ପାହାଚ ତଳେ

କୋଶଲୀ (ସଂବଲ୍‌ପୁରୀ) ଭାଷା ସାହିତ୍ୟର ବିକାଶ କ୍ଷେତ୍ରରେ ସଂସ୍କୃତରୁ ଆହରଣ ଏକ ସାଂପ୍ରତିକ ଧାରା । ଶ୍ରୀ ନୀଳମାଧବ ପାଣିଗ୍ରାହୀଙ୍କ ଦ୍ୱାରା ରଚିତ ''ମହାଭାରତ କଥା''ର ଆଦିପର୍ବ ଏବଂ ସ୍ୱର୍ଗାରୋହଣ ପର୍ବ ପ୍ରାୟ ଚାରିମାସ ତଳେ ବିପୁଳ ଉତ୍ସାହ ମଧ୍ୟରେ ଉନ୍ମୋଚିତ ହୋଇଯାଇଛି । ସେହି ସଭାରେ ଶ୍ରୀ ହେମଚନ୍ଦ୍ର ଆଚାର୍ଯ୍ୟ ଭାଷଣ ପ୍ରସଙ୍ଗରେ ଜଣାଇଥିଲେ ଯେ ତାଙ୍କ ଦ୍ୱାରା ସଂବଲପୁରୀ ଭାଷାରେ ରଚିତ ''ରାମ୍ ରାହା'' କାବ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । 'ମହାଭାରତ୍ କଥା'ରେ ବ୍ୟାସଙ୍କ ମହାଭାରତର ବିଷୟ ବସ୍ତୁର ଅନୁସରଣ ପ୍ରାୟ ବିଶ୍ୱସ୍ତ; କିନ୍ତୁ 'ରାମ୍‌ରାହା'ରେ ଅଛି ବିଷୟ ବସ୍ତୁର ସ୍ଥୂଳ କଙ୍କାଳ ଉପଯୋଗ ଭିତ୍ତିରେ ସ୍ୱଚ୍ଛନ୍ଦ ଚୟନ ଓ ଗୁମ୍ଫନ । ପ୍ରସଙ୍ଗକ୍ରମେ ବକ୍ତବ୍ୟ ଯେ ଷାଠିଏ ଦଶକରେ ସଂବଲପୁରୀ ଗୀତି କବିତାରେ ସଫଳ କବି ପାଟଣାଗଡ଼ର ଶ୍ରୀ ଇନ୍ଦ୍ରମଣି ସାହୁ ବାଲ୍ମୀକି ରାମାୟଣର ଅନୁବାଦ ଶୈଳୀରେ କୋଶଳୀ (ସଂବଲପୁରୀ) ଭାଷାରେ ରାମାୟଣ ରଚନା କରି ସାରିଥିଲେ । ଥରେ ଏହାର କିଛି ଅଂଶ ଦେଖିବାର ସୌଭାଗ୍ୟ ମିଳିଥିଲା ବୋଲି ସ୍ମରଣକୁ ଆସେ । ବିଶ୍ୱସ୍ତ ସୂତ୍ରରୁ ଅବଗତ ହୋଇଛି ଯେ ବହୁ ବର୍ଷ ପରେ ଶ୍ରୀମାନ୍ ଇନ୍ଦ୍ରମଣି ବାବୁଙ୍କ କୋଶଲୀ ରାମାୟଣର ମୁଦ୍ରଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ନିଶ୍ଚୟ ଅତିଶୟ ଆନନ୍ଦର କଥା । ''ରାମ-ରାହା'' କାବ୍ୟ ବିଶ୍ୱସ୍ତ ଅନୁବାଦ ଶୈଳୀରେ ରଚିତ ନହୋଇ ଏକ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀର ବାର୍ତ୍ତା ବହନ କରେ । ଗୁମ୍ଫନର ନୂତନତା ଯୋଗୁଁ ଏହାକୁ ରାମାୟଣୀୟ ପରଂପରାରେ ଏକ ମୌଳିକ ସୃଷ୍ଟି ବୋଲି କହିବା ଯଥାର୍ଥ ହେବ ବୋଲି ମୋର ମତ ।

କବି ଶ୍ରୀଯୁକ୍ତ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ଓଡ଼ିଆ କାବ୍ୟ ''ଶବରୀ-ସନ୍ଦେଶ'' ପାଠ କରିବାର ସୌଭାଗ୍ୟ ଲାଭ କରିଥିଲି ୧୯୮୪ରେ । ଏହି କାବ୍ୟ ଓଡ଼ିଆ ରୀତି ଶୈଳୀରେ ଆଦ୍ୟପ୍ରାନ୍ତ 'ଶ' ଅନୁପ୍ରାସରେ ରଚିତ । ବର୍ଣ୍ଣନା ଓ ଅଳଙ୍କାର ପ୍ରୟୋଗର ଚାରୁତ୍ୱ ମଧ୍ୟ କବିଙ୍କ ପ୍ରତିଭାର ଦ୍ୟୋତକ ବୋଲି ମୋର ଅଭିମତ ଲିପିବଦ୍ଧ କରିଥିଲି । ଏହି କାବ୍ୟ ପ୍ରକାଶିତ ହୋଇଛି । ସେହିପରି ତାଙ୍କର ଏକ ପୌରାଣିକ ନାଟକ ମଧ୍ୟ ପ୍ରକାଶିତ । 'ବଏଲାରେ' ଶୀର୍ଷକରେ ୧୬ଟି ଲଳିତ ନିବନ୍ଧ 'ଭୂମି ପୁତ୍ର' ଓ 'କୃଷକ ଜ୍ୟୋତି' ପତ୍ରିକାରେ ସ୍ଥାନିତ । ଏତଦ୍‌ବ୍ୟତୀତ ଅନେକ ଗଳ୍ପ ଓ ନିବନ୍ଧ ମଧ୍ୟ ବିଭିନ୍ନ ସାମୟିକ ପତ୍ରିକାରେ ପ୍ରକାଶିତ । କିନ୍ତୁ ତାଙ୍କର ଅପ୍ରକାଶିତ ଲେଖାବଳୀ ହେଲା ଚାରୋଟି ନାଟକ ଅଭିଶାପ, ନିର୍ବାସିତା, ବିଶ୍ୱାସ (ସାମାଜିକ), ପ୍ରତୀକ୍ଷା (ସାମାଜିକ), କବିତାବଳୀ 'ପାଥେୟ ମୋ ଜୀବନ ଯାତ୍ରା'ରେ ଗୀତି

ଗାଥା- ଶ୍ରବଣକୁମାର, ଅଭିଶପ୍ତ ପରୀକ୍ଷିତ, ବସ୍ତ୍ରାହରଣ, ଶକ୍ତିବିଦ୍ଧ ରାମ ଏବଂ କୃଷ୍ଣକେଳି (ସଂସ୍କାର ମୂଳକ ଦଣ୍ଡନାଚ) । ଏହି ଅପ୍ରକାଶିତ ରଚନାବଳୀ ବିଭାଗ ତଥା ଗୁଣାତ୍ମକତା ଦୃଷ୍ଟିରୁ ଯେପରି ବର୍ଣ୍ଣାଢ୍ୟ ପରିମାଣ ଦୃଷ୍ଟିରୁ ସେପରି ପୁଷ୍କଳ । ଏକମାତ୍ର 'ଶବରୀ ସନ୍ଦେଶ' ଭିତ୍ତିରେ ଏହା ଅନାୟାସରେ ଅନୁମେୟ ଯେ ଏମାନଙ୍କ ମଧ୍ୟରେ କବିଙ୍କ ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର ରହିଥିବ; କାରଣ ଏ ରଚନା ଗୁଡ଼ିକ ମୂଳରେ କୌଣସି ବାଧ୍ୟ ବାଧ୍ୟକତା ଅଥବା ବ୍ୟବସାୟିକ ବୁଦ୍ଧି ନାହିଁ, ଅଛି ଏକ ସ୍ୱଚ୍ଛନ୍ଦ ମାନସ ବିଳାସ । ଏହି ବହୁପାଠୀ ଏବଂ ଜ୍ଞାନୀ ଓ ସ୍ୱାଧୀନଚେତା ସଜ୍ଜନଙ୍କ ପକ୍ଷରେ ସାହିତ୍ୟ ଚର୍ଚ୍ଚା ଏକ ବୃତ୍ତି ନୁହେଁ, ତାହା ଏକ ବ୍ରତ, ଏକ ସ୍ୱତଃସ୍ଫୁର୍ତ୍ତ ଭାବ-ବିହାର - "A loose sally of the mind" ।

ଗ୍ରାମୀଣ ବ୍ୟକ୍ତି ।୨୦.୪.୧୯୨୬ରେ ସେ ଜନ୍ମ ଗ୍ରହଣ କରିଥିଲେ । ଅଧୁନା ବରଗଡ଼ ଜିଲ୍ଲା ଅନ୍ତର୍ଗତ ଗର୍ଭଣା ଗାଁରେ । ପଶ୍ଚିମାଞ୍ଚଳର କୋଶଳୀ-ସଂବଲପୁରୀ ଭାଷା ତାଙ୍କ ରସନାର ପ୍ରାଥମିକ ପ୍ରକାଶ ମାଧ୍ୟମ । ହାଇସ୍କୁଲ ଶିକ୍ଷା ପରେ ୨୨ ବର୍ଷ ସରକାରୀ ଚାକିରି କରି ୧୯୬୭ ଆରମ୍ଭରେ ସେ ସ୍ୱେଚ୍ଛାରେ ପଦତ୍ୟାଗ କରିଥିଲେ ଏବଂ ଗତ ତିରିଶ ବର୍ଷ କାଳ ସେହି ଗ୍ରାମରେ କୃଷି ଏବଂ ପଶୁ ସଂପଦର ସହାୟତାରେ ଏକ ସମ୍ମାନିତ ମଧ୍ୟବିତ୍ତ ଗୃହସ୍ଥିର ଜୀବନ ଯାପନ କରିଆସିଛନ୍ତି । ଏଥିରେ ତାଙ୍କର ସାଫଲ୍ୟ ଯାହାହେଉ, ପରିଣତ ବୟସରେ ନୀତି-ପୂତ-ଚେତନା ନେଇ ଉତ୍ତର ସ୍ୱାଧୀନତା କାଳରେ ଗ୍ରାମରେ ସାମାଜିକ ସାଂସ୍କୃତିକ ବିକାଶ ଲକ୍ଷ୍ୟ କରି ଆସିଛନ୍ତି । ନାନା ପୁସ୍ତକାଦି ଅଧ୍ୟୟନ ତାଙ୍କର ପ୍ରିୟକର୍ମ ଏହି ଜୀବନରେ ତାଙ୍କ ଦୃଷ୍ଟିଭଙ୍ଗୀରେ ଅଛି ଏକ ଆଶାବାଦୀ ସଂସ୍କାରକାମୀର ବୈଶିଷ୍ଟ୍ୟ । ଏହା ତାଙ୍କ ରଚିତ ସାହିତ୍ୟର ବିଷୟ-ଚୟନ ତଥା ରଚନା ପରିସରରୁ ସ୍ପଷ୍ଟରୂପେ ପ୍ରତିଭାତ ହୋଇଥାଏ । ତାଙ୍କ ସଂବଲପୁରୀ ରଚନାବଳୀରେ ମଧ୍ୟ ତାଙ୍କର ଏହି ଭାବର ପ୍ରତିଫଳନ ଘଟିଛି । ଗୋଟିଏ ପ୍ରକାଶିତ କାବ୍ୟ ''ସତର୍ ସତୀ ବୃନ୍ଦାବତୀ'' ଏବଂ ଗୋଟିଏ ପ୍ରକାଶିତ ଗଳ୍ପ ସଂକଳନ ''କଥାନି ସତ୍ ସତାନି''ରେ ତାଙ୍କ ସାହିତ୍ୟିକ ପ୍ରତିଭାର ସ୍ଫୁରଣ ଖୁବ୍ ମନୋହର । ଏହାଛଡ଼ା ତାଙ୍କର ଦୁଇଖଣ୍ଡି ଅପ୍ରକାଶିତ ସଂବଲପୁରୀ ରଚନା ମଧ୍ୟ ଅଛି । ଗୋଟିଏ କାବ୍ୟ 'ନୁନୀ' ଏବଂ ଅପରଟି ଅନେକ ଗୀତ ଓ ଗୀତିଗାଥା । ଏହି ରଚନାବଳୀ କେବଳ କୋଶଳୀ-ସଂବଲପୁରୀ ଭାଷା ରଚନାରେ ତାଙ୍କ ସିଦ୍ଧିର ସନ୍ତକ ନୁହେଁ; ଅଧିକନ୍ତୁ ସେ ସବୁ ପଶ୍ଚିମାଞ୍ଚଳୀୟ ରୀତି ଓ ଜୀବନଧାରାର ଆଲେଖ୍ୟ ଭାବରେ ଯେପରି ଉଜ୍ଜ୍ୱଳ ଚିତ୍ରପୁରୀ, ସେହିପରି ହେମଚନ୍ଦ୍ର ବାବୁଙ୍କ ବିଚାରନୈପୁଣ୍ୟ, କଳ୍ପନାଚାତୁରୀ ତଥା ମାନବିକ ଅବବୋଧର ମଧ୍ୟ ପ୍ରକାଶ ଭୂମି । ସ୍ଥୂଳତଃ ତାଙ୍କର ଓଡ଼ିଆ ତଥା କୋଶଳୀ-ସଂବଲପୁରୀ ରଚନାବଳୀରେ ଦୁଇଟି ଭାଷାର ବଳିଷ୍ଠ ପ୍ରୟୋଗ ଓ ପରୀକ୍ଷା ମଧ୍ୟରେ ସମାନ ଗୌରବନେଇ ଆକାରିତ ହୋଇଛି ଏକ ମନୋହର କବି ପ୍ରତିଭା, ଏକ ସୂକ୍ଷ୍ମବ୍ୟଞ୍ଜନା ସମର୍ଥ ବ୍ୟକ୍ତି ଚିତ୍ତ ।

ଏ ପ୍ରସଙ୍ଗରେ କବି ହେମଚନ୍ଦ୍ରଙ୍କ ସମାଲୋଚକ ବ୍ୟକ୍ତିତ୍ୱର ସ୍ୱକୀୟ ମୌଳିକତା ବିଷୟରେ ନିମ୍ନ ଉଲ୍ଲେଖର ଲୋଭ ସଂବରଣ କରି ହେଉନାହିଁ ॥ ମୋର ବହି 'କାବ୍ୟଶିଳ୍ପୀ - ଗଙ୍ଗାଧର' ପାଠକଲା ପରେ ତାଙ୍କ ମତାମତ ପ୍ରସଙ୍ଗରେ ସେ ଲେଖିଥିଲେ ''ଗଙ୍ଗାଧର ମୋ ପାଇଁ ଏକ ଅନବଦ୍ୟ ଓ ଅଦ୍ଭୁତ ପ୍ରତିଭାର ଅଧିକାରୀ; ଏଣୁ ତାଙ୍କ କୃତି ସଂବନ୍ଧରେ ଯେ କୌଣସି ରଚନା ମୋତେ ଆକର୍ଷଣ କରେ । ଏ ଯାବତ୍ ଯାହା ପଢ଼ିଛି **** ।''

ତପସ୍ୱିନୀଂକ ପତ୍ର ଲେଖନ ସଂପର୍କରେ ତାଙ୍କ ମତ ଜାଣିବାକୁ ମୋ ପ୍ରଶ୍ନର ଉତ୍ତରରେ ସେ ଲେଖିଥିଲେ, ''*** ତପସ୍ୱିନୀ ସୀତାଙ୍କର ଶଂସିତ ପତ୍ର ରାମଙ୍କର ହସ୍ତଗତ କରାଇବେ ନାହିଁ, ଏହା ଜାଣି ଗଙ୍ଗାଧର ପତ୍ର ଲେଖାଇଛନ୍ତି । ପତ୍ର ଲେଖାଇବାରେ ଯେଉଁ ହୃଦୟର ଅଭ୍ୟୁଦୟ କରାଇଛନ୍ତି, ସେ ପତ୍ର ଆଉ ନ ଲେଖାଇବାରେ ସେ ହୃଦୟର ଗଭୀରତା ଓ ପ୍ରଶସ୍ତତାର ପରିଚୟ ଦେଇ, ରାମଚନ୍ଦ୍ରଙ୍କର ଶ୍ଳାଘା ପ୍ରତି ପାଦନରେ ଗଙ୍ଗାଧରଙ୍କ ଶିଳ୍ପ ନୈପୁଣ୍ୟ ଚରମୋତ୍କର୍ଷ ଲାଭ କରିଛି । ମୋତେ ଲାଗେ ଗଙ୍ଗାଧର ଯେଉଁ ଭାଗବତୀ ବା ଆଧ୍ୟାତ୍ମିକ ସ୍ଥିତିରେ ଏ ସବୁର କଳ୍ପନା ତଥା କବନ କରିଛନ୍ତି ତାହା ସମ୍ୟକ୍ ହୃଦୟଙ୍ଗମ କରିବାକୁ ହେଲେ ଅନୁରୂପ ସ୍ଥିତି ଆବଶ୍ୟକ ହୋଇପଡ଼େ । ସେ ସ୍ଥିତି ହୀନତା ସୀତା ଚରିତ୍ର ନେଇ ଭିନ୍ନ କଳ୍ପନା କରେ । ଏଥିରେ ବାସ୍ତବତଃ ସୀତା ଚରିତ୍ରର ମ୍ଳାନି ବା ଗ୍ଲାନି ମୋ ଚିନ୍ତାର ବାହାର ବିଷୟ ।''

କହିବା ବାହୁଲ୍ୟ ତପସ୍ୱିନୀର ବହୁ ଚର୍ଚ୍ଚିତ ପତ୍ର ବିଷୟରେ ହେମଚନ୍ଦ୍ର ବାବୁଙ୍କର ଚିନ୍ତାର ଏକ ସ୍ୱକୀୟତା ଅଛି । ଏହି ସ୍ୱକୀୟତା ଆଧାରରେ ଏବଂ ନିଜର ପରିଣତ ଜୀବନର ଜ୍ଞାନ, ଅନୁଭବ, ଭୂୟୋଦର୍ଶନ ତଥା ବହୁ ପ୍ରକାର ସାହିତ୍ୟ ରଚନାରେ ଲେଖନୀ ଚାଳନା ଜନିତ ପରିପକ୍ୱ ଅଭ୍ୟାସ ଲବ୍ଧ ନୈପୁଣ୍ୟର ସାଧୁ ଉପଯୋଗ କରି କାବ୍ୟର କିଷ୍କିନ୍ଧ୍ୟାକାଣ୍ଡ ଲେଖା ସରିବା ପରେ ମୁଁ ପ୍ରଥମେ ଦେଖିଥିଲି ପାଣ୍ଡୁଲିପି ।

'ରାମ-ରାହା' ନାମ କରଣ ହିଁ କବିଙ୍କ ଭାଗବତ ଚେତନାର ସୂଚକ । ତାଙ୍କ କାବ୍ୟରେ ବର୍ଣ୍ଣିତ ରାମଚରିତର ଅନୁଶୀଳନକୁ ସେ କଳ୍ପନା କରିଛନ୍ତି ଏକ ରାମପ୍ରାପ୍ତିର 'ରାହା' ବା ମାର୍ଗରୂପରେ । ଏ ମାର୍ଗରେ ଅଧ୍ୟାୟ ବା ସର୍ଗ ନାହିଁ, ଅଛି ସୋପାନ ବା 'ପାଉଚ' । ଆଧ୍ୟାତ୍ମିକ ଉନ୍ନୟନର ଶୀର୍ଷ ଦେଶରେ ରହିଛନ୍ତି ରାମ । ତାଙ୍କୁ ପାଇବା ଲାଗି ପାଉଚ ପରେ ପାଉଚ ଚଢ଼ି ପାଠକକୁ ସାଧକକୁ ଉଠିବାକୁ ହେବ । କାବ୍ୟ ନାମ ଓ କାବ୍ୟ ବିଭାଗର ନାମ ଉଭୟ ମଧ୍ୟରେ ଏହି ଆଧ୍ୟାତ୍ମିକ ପ୍ରଲେପ ରାମାୟଣୀୟ ପରଂପରାରେ ଏକ ନୂତନ ଧାରା । ପୁନଶ୍ଚ ଏ ସୋପାନର ବିନ୍ୟାସ କଲାବେଳେ କବି ତାର ପ୍ରକୃତି ମଧ୍ୟରେ ଭଗବଦ୍ ପାରାୟଣ ପରି ପ୍ରତିଟି ଅଧ୍ୟାୟରେ ଅଛି ସ୍ୱୟଂ ବାଲ୍ମୀକିଙ୍କ ଦ୍ୱାରା ପ୍ରବଚନ ଢଙ୍ଗରେ ଗୋଟିଏ ଗୋଟିଏ ପ୍ରସଙ୍ଗରେ ରଚିତ ପଦାବଳୀ ।

ମୂଳରୁ ଅଛନ୍ତି ବୀଣା ବାଦନ ପରାୟଣ ରାମକୁମର ଲବକୁଶ । ତାଙ୍କ ବୀଣାନିକ୍ୱଣର ସହଚର ଖଞ୍ଜଣୀ-ରାମତାଳି ମଧ୍ୟ ବାଜୁଛି । ସୀତା ସମେତ ସକଳ ତପସ୍ୱୀ ତପସ୍ୱିନୀଙ୍କ ଉପସ୍ଥିତିରେ ହେଉଛି ରାମକୀର୍ତ୍ତନ ଗୀତାକାର ରାମାୟଣ ପ୍ରବଚନ । ଗାୟକ ସ୍ୱୟଂ ଭକ୍ତ ପ୍ରବର କବି ଶିରୋମଣି ମହାମୁନି ବାଲ୍ମୀକି । ଋଷି ଆଶ୍ରମର ପୁଷ୍କଳ ସୌନ୍ଦର୍ଯ୍ୟଭରା କମ୍ର ପ୍ରକୃତିର ପ୍ରାଣୋନ୍ମାଦକର ବର୍ଣ୍ଣନା ମଧ୍ୟରେ ନଇଁ ଆସେ ଶାନ୍ତିର ସ୍ନିଗ୍ଧ ସ୍ପର୍ଶ । ପ୍ରାତଃକୃତ୍ୟ ସାରି ଗୋଟିଏ ଗୋଟିଏ ହୋଇ ଆସନ୍ତି ଋଷିକୁମାର, ଋଷିକୁମାରୀ, ଲବକୁଶ ଆସି ବୀଣାଧରି ପ୍ରସ୍ତୁତ ହୁଅନ୍ତି । ଶେଷରେ ଆସନ୍ତି ବୟସ୍ୱିନୀ ତପସ୍ୱିନୀମାନେ ତଥା ଜନକ ନନ୍ଦିନୀ ରାମ ରମଣୀ ସୀତା । ପ୍ରାଥମିକ ଭଜନ କୀର୍ତ୍ତନ ସରିଲା ବେଳକୁ ଶାନ୍ତ ସଂଯତ ଶୁଭ୍ରବପୁ କୁଳପତି ଆସିବା ପରେ ଆରମ୍ଭ ହୁଏ ରାମ ଚର୍ଚ୍ଚା । ଦିନେ ଦିନେ କୁଶ ଅଥବା ଲବ ଅଥବା ଅପର କେହି ତାପସ ଭକ୍ତ ପ୍ରଶ୍ନ କରନ୍ତି ରାମଙ୍କ ବିଷୟରେ । ତହିଁ ଆରଦିନ ସେହି ପ୍ରଶ୍ନର ଉତ୍ତର ଆକାରରେ ସଂପୃକ୍ତ ଉପାଖ୍ୟାନର କାବ୍ୟରୂପ ପୋଥିମଧ୍ୟରୁ ବାହାର କରନ୍ତି କୁଳପତି । ଏହିପରି ଗୋଟିଏ ଗୋଟିଏ ପାହାଚ ସରେ ଦିନକୁ ଦିନ, ଦିନକୁ ଦୁଇଟି ଅଧିବେଶନ ବସେ । ପାଳିତ ବନ ପଶୁ ପକ୍ଷୀ ହେର୍ନା କୁତ୍ରା, ସମ୍ବର, ଗୟଳ, ରୂପ, ପର୍ଣ୍ଣକା ସମସ୍ତେ ବି ଆସି ଠୁଳ ହୁଅନ୍ତି ଚୌପାଢ଼ୀ ଚାରିପାଖେ । ସମଗ୍ର ପରିବେଶ ହୋଇ ଉଠେ ରାମମୟ । ପ୍ରସଙ୍ଗକ୍ରମେ ବାଲ୍ମୀକି କହନ୍ତି ତାଙ୍କ ଆତ୍ମ ଚରିତ ଦସ୍ୟୁ ରତ୍ନାକର କଥା କିପରି ଦିନେ ବୀଭତ୍ସ ପଙ୍କିଳ ନରମାରଣ କାର୍ଯ୍ୟକ୍ରମ ମଧ୍ୟରେ 'ମରା' ପଦର ନିରନ୍ତର ଉଚ୍ଚାରଣ ମଧ୍ୟରୁ ସେ ପାଇଥିଲେ ରାମ ସଂପତ୍ତି । ସେହି ପରମାରାଧ୍ୟ ରାମଚନ୍ଦ୍ରଙ୍କ ଗୁଣ ମହିମା କୀର୍ତ୍ତନରେ ଆତ୍ମବିଭୋର ବାଲ୍ମୀକିର ପ୍ରକାଶ ଘଟିଛି କବି ହେମଚନ୍ଦ୍ରଙ୍କ ହୃଦୟମନ ମଧ୍ୟରେ । 'ରାମ୍‌ରାହା' ହୋଇଯାଇଛି ଏକ ପାବନ ମାର୍ଗ ।

ଆଙ୍ଗିକର ଏ ନୂତନ ପରିକଳ୍ପନା କବିଙ୍କ ପ୍ରତିଭାର ସୂଚକ । କିନ୍ତୁ ଆଖ୍ୟାନ ବସ୍ତୁର ଉପସ୍ଥାପନ କାଳରେ ମଧ୍ୟ କବି କୌଣସି ଏକ ନିର୍ଦ୍ଦିଷ୍ଟ ରାମାୟଣର ଅନୁସରଣ କରିନାହାନ୍ତି । ତାଙ୍କ କଥାରେ :- ''ମୁଁ କୌଣସି ଏକ ରାମାୟଣକୁ ଅବଲମ୍ବନ କରି ନାହିଁ । ମୂଳତଃ ବାଲ୍ମୀକି ରାମାୟଣର ଓଡ଼ିଆ ଅନୁବାଦ ମାନ ଦେଖିଛି । ଅନ୍ୟ ଭାଷାରେ ବିଭିନ୍ନ ରାମାୟଣକାରଙ୍କର ରାମାୟଣ ତଥା ତଦାଶ୍ରିତ ସାହିତ୍ୟ କୃତିମାନ ପଢ଼ି ଲେଖିଛି ।'' ଅନ୍ୟ କଥାରେ ଏହା ଅନେକ ରାମାୟଣର ସଂଗୃହୀତ ସାର (Digest) ଆଧାରରେ ରଚିତ । ରାମଚରିତ ଉପସ୍ଥାପନାରେ ତାଙ୍କର ନିଜର ଲକ୍ଷ୍ୟ ବିଷୟରେ କହନ୍ତି, ''ମୁଁ ରାମଚରିତକୁ ଯେତେ ପାରିଛି ତର୍କ ସମ୍ମତ, ଯୁକ୍ତି ସଂଗତ, ସାମାଜିକ ତଥା ଲୋକ ରୁଚି ଓ ଯୁଗରୁଚି ଉପଯୋଗୀ କରିବାର ଚେଷ୍ଟା କରିଛି, ରାମ ଚରିତ ଉପରେ ଅନ୍ୟାୟ ଓ ଅପାର ପାରଂପରିକତାର ବୋଝ ନ ଲଦି **'' କବିଙ୍କର ଏ ଲକ୍ଷ୍ୟ ଯେ ଖୁବ୍ ସଫଳ ହୋଇଛି ତାହା ଏ କାବ୍ୟ ପାଠକ ମାତ୍ରେ ହୃଦୟଙ୍ଗମ କରିବେ ।

ଲେଖକଙ୍କର ଉକ୍ତିର ଏକ ସ୍ୱାଭାବିକ ଅନୁସିଦ୍ଧାନ୍ତ ହେଲା ଯେ ସେ ଉପାଖ୍ୟାନଗୁଡ଼ିକର ଧାରାବାହିକତା ଉପରେ ଗୁରୁତ୍ୱ ନଦେଇ ବ୍ୟାପକ ସ୍ଥାନାନ୍ତର ନିୟୋଜନ କରିଛନ୍ତି । ଯେତେବେଳେ ସଂପର୍କିତ ଭାବରେ ଗୋଟାଏ ପ୍ରସଙ୍ଗର ଅବବୋଧ ସ୍ୱତଃ ଆବଶ୍ୟକ ହୋଇ ପଡ଼ିଛି, ସେତେବେଳେ କବି ପୂର୍ବ ବୃତାନ୍ତ ରୂପେ ତାହାର ଉପସ୍ଥାପନ କରିଛନ୍ତି । ଏହାଦ୍ୱାରା ପୁରାଣ କାବ୍ୟର ଗତାନୁଗତିକତା ସ୍ଥାନରେ ଆସିଛି ଶୈଳ୍ପିକ ଗୁମ୍ଫନର ନାଟକୀୟ ଚମତ୍କାରିତା ।

ଉତ୍ତରାକାଣ୍ଡର ପାଉଚ-୪ ଓ ପାଉଚ-୫ର ପରିକଳ୍ପନାରେ କବିଙ୍କର ଅଭିନବ ଗୁମ୍ଫନ କୌଶଳ ବାସ୍ତବରେ ଅତ୍ୟନ୍ତ ହୃଦୟଗ୍ରାହୀ । ଏହି ପ୍ରସଙ୍ଗରେ ସମଗ୍ର କାବ୍ୟର ସକଳ ପାଉଚ୍‌ରେ ପାରାୟଣରେ ସୀତା ଲବକୁଶଙ୍କ ଉପସ୍ଥିତିରେ ବାଲ୍ମୀକିଙ୍କ ରାମଚରିତ ବର୍ଣ୍ଣନା ମଧ୍ୟ ଏକ ବିଚାର ଯୋଗ୍ୟ ଉପାଦାନ । ଅବଶ୍ୟ ବାଲ୍ମୀକି ଆଶ୍ରମରେ ଏମାନଙ୍କର ପରିଚୟ ଯତ୍ନ ପୂର୍ବକ ଗୋପନ ରାଖାଯାଇଛି । ସୀତା ବୃଦ୍ଧା ତପସ୍ୱିନୀ ଓ ବାଲ୍ମୀକିଙ୍କ ମାଁ ଏବଂ ତାପସକୁମାର କୁମାରୀଙ୍କ ନାନୀ । ଏ ସମ୍ବନ୍ଧ କବି ସ୍ପଷ୍ଟ କଥାରେ ଉଲ୍ଲେଖ କରିଛନ୍ତି ସୀତାଙ୍କ ଆଶ୍ରମ ପ୍ରବେଶ ଦିନ ଏକ ସ୍ୱାଭାବିକ ପରିବେଶରେ- ଠିକ୍ ଯେପରି ଗାଁରେ ଘଟେ; ଜଣେ ଆଗନ୍ତୁକାଙ୍କୁ କଣ ବୋଲି ଡାକିବି ପ୍ରଶ୍ନର ଉତ୍ତର ପ୍ରସଙ୍ଗରେ । ଲବକୁଶଙ୍କ ଜନ୍ମ ରହସ୍ୟ ସଂପର୍କରେ କବି କହନ୍ତି, ''କାହାର ପୁଓ, କାହାର ନାତି କାହାକେ ଜନା ନାଇଁ ।'' ଏହି ଲବକୁଶ ବୀଣାବାଦନ ନିପୁଣ ଏବଂ ଧନୁର୍ବିଦ୍ୟା ସମେତ ସର୍ବବିଦ୍ୟା ବିଶାରଦ ହେବା ପରେ ''ରାମ-ରାହା'' କାବ୍ୟର ଆରମ୍ଭ ପରିକଳ୍ପନା କରାଯାଇଛି । ସ୍ୱୟଂ ବାଲ୍ମୀକିଙ୍କ ରାମ ଭକ୍ତିରେ ଆପ୍ଳୁତ ସମଗ୍ର ଆଶ୍ରମବାସୀ ତଥା ଲବକୁଶ । ଅପରିଜ୍ଞାତ ଆତ୍ମ ପରିଚୟ ସେଠି ସଂପୂର୍ଣ୍ଣ ବିସ୍ମୃତ ।

ଏହିପରି ଏକ ପରିବେଶରେ ସୀତା ନିର୍ବାସନ ଏବଂ ଲବକୁଶଙ୍କ ଜନ୍ମର ବର୍ଣ୍ଣନା ବାସ୍ତବରେ ଏକ କଷ୍ଟକର ପ୍ରସଙ୍ଗ । କବି ହେମଚନ୍ଦ୍ର ଗଙ୍ଗାଧରଙ୍କ ତପସ୍ୱିନୀର ମାର୍ଗରେ ବିଷୟ ବସ୍ତୁର ଗ୍ରହଣ କରି ଯାଇଛନ୍ତି । ପାଉଚ-୪ ଓ ପାଉଚ-୫ର ତାହାହିଁ ବିଷୟ ବସ୍ତୁ । ଏ ଦୁଇଟି ଅଧିବେଶନରେ ସୀତା ଅନୁପସ୍ଥିତ । ପ୍ରଥମ ଅଧିବେଶନରେ ମଧ୍ୟ ଲବକୁଶ ନାହାନ୍ତି । ଦ୍ୱିତୀୟ ଅଧିବେଶନରେ ସେମାନେ ଅଶ୍ୱମେଧ ଘୋଡ଼ାକୁ ଅଟକାଇ ରଖି ସଂବାଦ ଦେଇଛନ୍ତି ଋଷିଙ୍କୁ । ଏହି ଅନୁପସ୍ଥିତିର ସୁଯୋଗ ସୃଷ୍ଟି କରି କବି ବାଲ୍ମୀକି ବର୍ଣ୍ଣିତ ସୀତା ନିର୍ବାସନ ବୃତ୍ତାନ୍ତ, ଶତ୍ରୁଘ୍ନଙ୍କ ଉପସ୍ଥିତି ଦିନ ଲବକୁଶଙ୍କ ଜନ୍ମ ପ୍ରଭୃତିର ସଂକ୍ଷିପ୍ତ ବିବରଣୀ ଦେଇ କାବ୍ୟରଧାରା ଏବଂ ସୌଷ୍ଠବ ରକ୍ଷା କରିଛନ୍ତି । କେବଳ ଏହି ଦୁଇଟି ସୋପାନରେ ସେମାନଙ୍କର ଅନୁପସ୍ଥିତିର ଯୋଜନା ତାଙ୍କର ସମଗ୍ର ରାମାୟଣ ପାରାୟଣରେ ଲବକୁଶଙ୍କ ଉପସ୍ଥିତିକୁ ସ୍ୱାଭାବିକ କରି ଦେଇଛି । ଗଙ୍ଗାଧରଙ୍କ 'ପ୍ରଣୟ-ବଲ୍ଲରୀ'ରେ ରାଜସଭାରେ ଶକୁନ୍ତଳାର ପ୍ରତ୍ୟାଖ୍ୟାନ ପୂର୍ବରୁ ତାକୁ କୌଶଳରେ ମୂର୍ଚ୍ଛିତା କରି ମେହେର ଯେପରି ଶକୁନ୍ତଳାର ମନକୁ ଦୁଷ୍ମନ୍ତଙ୍କ ପ୍ରତିକୂଳ ଚିନ୍ତାରୁ

ସୁରକ୍ଷିତ କରିଛନ୍ତି, ସେହିପରି ହେମଚନ୍ଦ୍ରଙ୍କ ଏହି କୌଶଳ ଯୋଗୁଁ ସମଗ୍ର କାବ୍ୟର ଆଙ୍ଗିକ ସୌଷ୍ଠବ ସୁରକ୍ଷିତ ହୋଇଛି ।

ପଂଚମ ପାଉଚ ପରେ ଆଉ ପାରାୟଣ ନାହିଁ । ଷଷ୍ଠ ପାଉଚରେ ବାଲ୍ମୀକି ଏକ ପ୍ରକାର ଆତ୍ମଗୋପନ କଳାପରି ସମାଧି ମଧ୍ୟରେ ଆଶ୍ରମ ସଂକଟର ସମାଧାନ ଖୋଜିଛନ୍ତି । ତାଙ୍କ ଅନୁପସ୍ଥିତିରେ ଅଶ୍ୱମେଧ-ଅଶ୍ୱ ରକ୍ଷକ ଶତ୍ରୁଘ୍ନ ଓ ସୈନ୍ୟମାନଙ୍କୁ ପରାଜିତ ନିହତ କରି ଲବକୁଶ ମୁନିଙ୍କୁ ଜଣାଇବା ଲକ୍ଷ୍ୟରେ ଆସିଛନ୍ତି, କିନ୍ତୁ ସମାଧିଭଙ୍ଗ ନକରି ମା'ଙ୍କ ଅନୁରୋଧରେ ଭୋଜନ ପରେ ପୁଣି ଫେରିଯାଇଛନ୍ତି ଅଶ୍ୱମେଧ ଅଶ୍ୱ ନିକଟକୁ । ଭରତ ଲକ୍ଷ୍ମଣ ଏବଂ ତାହାପରେ ସ୍ୱୟଂ ରାମଚନ୍ଦ୍ର ସସୈନ୍ୟ ଆସି ପରାଜିତ ଓ ନିହତ ହେଲା ପରେ ବିଜୟୀ ପୁତ୍ରମାନେ ଫେରିଛନ୍ତି ମା'ଙ୍କ ପାଖକୁ । ରାମ-ସହଯୋଗୀ ହନୁମାନ୍ ମଧ୍ୟ ଆସିଛନ୍ତି ତାଙ୍କ ପଛେ ପଛେ । ଦେଖି ଚିହ୍ନିଛନ୍ତି ଓ ପଦ ବନ୍ଦନା କରି ଲବକୁଶଙ୍କ ପରିଚୟ ପାଇଛନ୍ତି । ସେତିକିବେଳେ ଆସି ପହଞ୍ଚିଛନ୍ତି ଋଷି ।

ସପ୍ତମ ତଥା ଅନ୍ତିମ ପାଉଚ ମଧ୍ୟ ବର୍ଣ୍ଣନାତ୍ମକ । ଋଷିଙ୍କ ସଂଜୀବନୀ ପ୍ରଭାବରେ ରାମାଦିଙ୍କର ସଂଜ୍ଞା ଲାଭ ଓ ଅଶ୍ୱସହ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପରେ ସଶିଷ୍ୟ ବାଲ୍ମୀକି ଅଶ୍ୱମେଧ ଯାଗ ଶାଳାରେ ପ୍ରବେଶ କରିଛନ୍ତି । ଲବକୁଶଙ୍କ ମୂର୍ତ୍ତି ଓ ରାମାୟଣ ଗାନରେ ବିମୁଗ୍ଧ ହୋଇଛନ୍ତି ଅଯୋଧ୍ୟାବାସୀ । ସେହି ସ୍ଥାନରେ ସୁବର୍ଣ୍ଣ ପ୍ରତିମା ସୀତାଙ୍କୁ ଦେଖି ମା' ବୁଦ୍ଧିରେ ଲବକୁଶ ପଦବନ୍ଦନା କରିବାରେ ସୀତା ତଥା ଲବକୁଶ ସମସ୍ତଙ୍କର ପରିଚୟ ପରିଷ୍କାର ହୋଇଯାଇଛି ଏକ ନାଟକୀୟ ମୁହୂର୍ତ୍ତରେ । ଏ ମିଳନ ଦୃଶ୍ୟ କଳ୍ପନା କରିବାରେ କବି ହେମଚନ୍ଦ୍ରଙ୍କ ପ୍ରତିଭା ଗଙ୍ଗାଧରୀୟ ପ୍ରତିଭାର ଅନୁରୂପ ହୋଇଉଠିଛି ।

ଅପୂର୍ବ ଆଙ୍ଗିକ ତଥା ବିଷୟ ଗୁମ୍ଫନର ଅନବଦ୍ୟ ନୂତନ ଶୈଳୀ ଯୋଗୁଁ ରାମାୟଣ କାହାଣୀର ପୁରୁଣା କଙ୍କାଳ ସତେ ଯେପରି ଏକ ଆଧୁନିକ ଭାବଧାରାରେ ସଂସାଧିତ ଓ ପରିପୁଷ୍ଟ ହୋଇ ଏକ ସ୍ୱକୀୟ ଚମତ୍କାରିତାରେ ସଂପୂର୍ଣ୍ଣ ଭାବେ ମୌଳିକ କାବ୍ୟର ଗୌରବ ଲାଭ କରିଛି ହେମଚନ୍ଦ୍ର ବାବୁଙ୍କ 'ରାମ୍-ରାହା' କାବ୍ୟରେ ।

ଏ ମୌଳିକତାର ଦୁଇଟି ଅପୂର୍ବ ନୂତନ ଦିଗ ମଧ୍ୟ ବାରିହୋଇ ପଡ଼େ ।। ପ୍ରଥମତଃ ଏ କାବ୍ୟରେ ବ୍ୟାପକ ଭାବେ ବର୍ଣ୍ଣିତ ପ୍ରକୃତି କବିଙ୍କ ସ୍ୱକୀୟ ପରିବେଶରେ ପଶ୍ଚିମାଞ୍ଚଳୀୟ ପ୍ରକୃତି; ଏଥିରେ ବର୍ଣ୍ଣିତ ଜନ ଜୀବନ ଆଚାର ବ୍ୟବହାର ଏକାନ୍ତ ଭାବେ ପଶ୍ଚିମାଞ୍ଚଳର ଜଡ଼ ଓ ଜୀବନ୍ତ ପ୍ରକୃତି ହିଁ କାବ୍ୟର ଆଧାର । ସର୍ବୋପରି ବୀଣା, ଖଞ୍ଜଣୀ, ରାମତାଳି ସହଯୋଗରେ ରାମ ଭଜନରେ ପାଉଚ- ପାରାୟଣର ଆରମ୍ଭ ଏବଂ ରାମ କୀର୍ତ୍ତନରେ ତାହାର ଶେଷ ମଧ୍ୟ

ପଶ୍ଚିମାଞ୍ଚଳୀୟ ଧର୍ମୀୟ ସାଂସ୍କୃତିକ ଅଧିବେଶନର ଆଭାସରେ ପୁଷ୍କଳ ହୋଇଛି । ଦ୍ୱିତୀୟତଃ କୋଶଳୀ-ସଂବଲପୁରୀ ଭାଷା ପ୍ରୟୋଗରେ ହେମଚନ୍ଦ୍ରଙ୍କ ଲେଖନୀର ସିଦ୍ଧି ଏ କାବ୍ୟର ଅପର ପ୍ରଭାବଶାଳୀ ବୈଶିଷ୍ଟ୍ୟ । ଏହି ଭାଷାର ସ୍ୱାଚ୍ଛନ୍ଦ୍ୟ ମଧ୍ୟରେ ବିଳସିତ ହୋଇଛି କବି ପ୍ରତିଭାର ସ୍ଫୁଲିଙ୍ଗ । ଅଳଙ୍କାର ପ୍ରୟୋଗ, ନୂତନ ମାର୍ଗର ସ୍ୱତନ୍ତ୍ରଅର୍ଥବହ ପଦ ପ୍ରୟୋଗ ଚାତୁରି, ଗ୍ରାମୀଣ ଢଗଢମାଳି, ପ୍ରବାଦ ପ୍ରବଚନ ତଥା ଲୋକ ବିଶ୍ୱାସ ସମ୍ମତ ସୂକ୍ତି ସୁଭାଷିତ ମଧ୍ୟରେ କାବ୍ୟ କେବଳ ବିଭବଶାଳୀ ହୋଇନାହିଁ, ବରଂ ପାଠକ ମନର ଅନୁରୂପ ଓ ଅନୁକୂଳ ଭାବ ସଞ୍ଚାର ମଧ୍ୟରେ ଅତ୍ୟନ୍ତ ରୋଚକ ହୋଇ ଉଠିଛି । ଏକ ନିୟମିତ ଅକ୍ଷର ବୃତ୍ତ ଅଥବା ମାତ୍ରାଛନ୍ଦର ଶୃଙ୍ଖଳା କେତେକ ସ୍ଥାନରେ କବି ସ୍ୱୀକାର କରି ନାହାନ୍ତି ଧ୍ୱନି ଅନୁରୋଧରେ । ଏକ ସଂପୂର୍ଣ୍ଣ ଭାବାନୁକୂଳ ମିତ୍ରାକ୍ଷର ମୁକ୍ତ ଛନ୍ଦରେ ରଚିତ ପଦାବଳୀକୁ ସ୍ୱତଃ ସଂଗୀତମୟ କରି ଉଠିବ ନିପୁଣ ପୁରାଣ ପଣ୍ଡା ବା ପ୍ରବଚନକାରଙ୍କ ସ୍ୱକୀୟ ଦକ୍ଷତା ।

ଶେଷରେ ନୀତି ଓ ଆଦର୍ଶର ପ୍ରତିଷ୍ଠା ନିମିତ୍ତ ଏପରି ପ୍ରାଣମୟ ରସାଳ ରୋଚକ କାବ୍ୟ ସୃଷ୍ଟିରେ ହେମଚନ୍ଦ୍ରଙ୍କ ନିଷ୍ଠାପର ସାଧନା ଓ ସିଦ୍ଧି ମୂଳରେ ବିଦ୍ୟମାନ ରହିଛି ତାଙ୍କର ସ୍ୱକୀୟ ଭାଗବତୀ ଚେତନା ଏବଂ ଆଧ୍ୟାତ୍ମିକ ଭାବନା । ତାହାହିଁ ଏକ ପ୍ରେରଣା ଭୂମି କବିଙ୍କ ଭାବ ଓ କଳ୍ପନାକୁ ନିୟନ୍ତ୍ରିତ କରିଛି, ସୌଷ୍ଠବମୟ ପ୍ରକାଶ ଦିଗରେ ପରିଚାଳିତ କରିଛି । କବିଙ୍କ ଉଚ୍ଛ୍ୱାସମୟ ପଦାବଳୀ ମଧ୍ୟରେ ଏ ସୂତ୍ର ସ୍ୱତଃ ଧରାପଡ଼ିଯାଏ । ରାମପ୍ରାପ୍ତିର ସୁତୁଙ୍ଗ ଶୀର୍ଷ ଭୂମିକୁ ଯାତ୍ରା କରିବାର ପ୍ରଥମ ସୋପାନରେ କବି ଯେଉଁ ଅବିଚଳିତ ନିଷ୍ଠା ପ୍ରଦର୍ଶନ କରିଥିଲେ ତାହାହିଁ ତାଙ୍କ ସଂସାର-ଜଞ୍ଜାଳଗ୍ରସ୍ତ ଖଞ୍ଜ ପଦକୁ ଯୋଗାଇଛି ଶକ୍ତି, ଯିବାକୁ ଯିବାକୁ ଉପରକୁ ଉପରକୁ ଓ ଆହୁରି ଉପରକୁ ।

ମୁଁ ମଧ୍ୟ ପାଠକଙ୍କୁ ସେହିପରି ଏ 'ରାମ୍-ରାହା'ର ପ୍ରଥମ ସୋପାନ ତଳେ ଆଣି ପହଞ୍ଚେଇ ଦେଲି । ପାଠକ ସ୍ୱୟଂ ଚଢ଼ନ୍ତୁ, ସ୍ୱୟ ଉପଲବ୍ଧି କରନ୍ତୁ ଏହି ମୌଳିକ କାବ୍ୟରେ ନିହିତ ରସ ମାଧୁରୀ, ସଂଗୀତ ମୂର୍ଚ୍ଛନା ତଥା ଆଧ୍ୟାତ୍ମ ଭାବାବେଶ । 'ରାମ୍-ରାହା କାବ୍ୟ ମଧ୍ୟରେ ରାମ୍‌ରାହା ତଥା କବି ହେମଚନ୍ଦ୍ରଙ୍କ ପ୍ରତିଷ୍ଠା ଅଙ୍କିତ ହେଉ ପ୍ରାଣେ ପ୍ରାଣେ ।❑

ସମ୍ବଲପୁର

୧୦-୬-୯୭

**ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା**

# ସୂଚୀ


| | |
|---|---|
| ଋଷ୍ୟମୁକ୍ ପର୍ବତେଁ ରାମ୍ ସୁଗ୍ରୀବ୍ ଭେଟ୍ | ୧୫ |
| ବାଲୀ ସୁଗ୍ରୀବ୍ ଲଢ଼େଇ | ୨୬ |
| ବାଲୀର୍ ମୁର୍ତୁ ଆର୍ ତାରାକେ ରାମ୍ ବୁଝାବାର୍ | ୩୭ |
| ପ୍ରସ୍ରବଣ୍ ପର୍ବତେଁ ରାମ୍ | ୪୭ |
| ଲକ୍ଷ୍ମଣ୍ ସୁଗ୍ରୀକୁଁ ସୀତା ନୁରାବାର୍ ସୋର୍ କରାଲେ | ୫୭ |
| ହନୁମାନ୍ ଜନମ୍ ଆର୍ ସମୁଦର୍ ଡେଗା | ୭୦ |
| ହନୁମାନର୍ ଲଂକା ଢୁକ୍‌ବାର୍ | ୮୨ |
| ହନୁମାନ୍ ସୀତା ରତନ୍ ମୁଦି ମଥାମଣି ଦିଆ ନିଆ | ୯୧ |
| ଲଂକା ପୁଡି | ୧୦୩ |
| ଲଂକାନୁ ଫିରିଁ ହନୁ ତାର୍ ଦଲ୍ ସାଙ୍ଗେ ମିଶ୍‌ବାର୍ | ୧୧୪ |
| ରାବଣର୍ ରାମ୍‌ସେନା ଦେଖ୍‌ବାର୍ | ୧୨୬ |
| ନଲର୍ ଜନମ୍ ଆର୍ ସେତୁବଂଧ୍ ମୂଳ କଥା | ୧୩୬ |
| ସେତୁବନ୍ଧ୍ ବନ୍ଧା ଆର୍ ରାବଣର୍ ଛତର୍‌ଭଙ୍ଗ | ୧୪୬ |
| ରାମ୍-ଅଙ୍ଗଦ୍ କଥାବାର୍ତ୍ତା ଆର୍ ରାବଣର୍ ମକୁଟ୍ ଆନିଦେବାର୍ | ୧୫୭ |
| କୁଂଭ୍‌କର୍‌ନର୍ ଲଢ଼େଇ ଭୂଇଁନେ ବିଭୀଷଣ୍ ସାଙ୍ଗେ ଭେଟ୍ | ୧୬୮ |
| କୁମ୍ଭକରନ୍ ମାରନ୍ | ୧୮୦ |
| ତରଣୀସେନ୍ ଆର୍ ବୀର୍‌ବାହୁ ମାରନ୍ | ୧୮୮ |
| ନିକୁଂଭିଲା ଯଜ୍ଞ ଆର୍ ମେଘନାଦ୍ ମାରନ୍ | ୧୯୯ |
| ଲକ୍ଷ୍ମଣ୍‌କୁଁ ଶକ୍ତିଭେଦ୍ | ୨୧୦ |
| ହନୁ ବିଶଲ୍ୟକରଣୀ ନେଇଯିବାର୍ | ୨୧୭ |
| ମହୀରାବଣ୍ ମାରନ୍ | ୨୨୯ |
| ଶୁକ୍ର ଋଷିକର୍ କହେଁ ରାବଣ୍‌ର ଯୋଗଯଜ୍ଞ | ୨୩୯ |
| ରାମ୍ ରାବଣ୍ ଲଢେଇ ଆର୍ ରାବଣ୍‌ର ନିର୍ବାଣ୍ | ୨୪୮ |
| ସୀତା-ରାମ୍ ଭେଟ୍-ଅଗ୍ନିପରୀକ୍ଷା | ୨୫୭ |
| ରାବଣ୍‌ର ଜନମ୍ କଥା | ୨୭୧ |
| ମେଘନାଦର୍ ଇନ୍ଦ୍ରଜଏ କଥା | ୨୮୩ |
| ରାମ୍-ସୀତା ଆର୍ ଅଷ୍ଟବକ୍ର | ୨୯୩ |
| ସୀତା ନିର୍ବାସନ୍ | ୩୦୦ |
| ଲବକୁଶ ଜନମ୍ | ୩୧୦ |
| ଲବକୁଶର୍ ଯଜ୍ଞ ଘୁଡ଼ା ବାଂଧ୍‌ବାର୍ | ୩୧୮ |
| ଲବକୁଶର୍ ରାମେଣ୍ ଗାନ୍ ସୀତାକର୍ ପାତାଲ୍ ପଶ୍‌ବାର୍ | ୩୨୮ |

# ପାଉଚ୍‌-୧

## ଋଷ୍ୟମୁକ୍ ପର୍ବତେଁ ରାମ୍ ସୁଗ୍ରୀବ୍ ଭେଟ୍

ଆକାଶେଁ ଟାନ୍‌ଲା କଲା-ଚାନ୍ଦୁଆ କିଏ ଦେଲା ନ ହିଟେଇ
କେତେ ସରାଗେଁ ତରା-ଫୁଲ୍ ଦେଇଥିଲା କେ ଫୁଟେଇ । ॥୧॥

ସେ' ଆଏ କାଏଁ ? ପୂରବ୍ ଦିଗୁଁ ହଁସି ଯାର୍ ଫୁଟୁଛେ
ଗଛର୍ ଅଗେଁ ଡ଼ଙ୍ଗର୍ ଶିଘେଁ କାଲିଆ ମୁରୁଜ୍ ଝିଟୁଁଛେ । ॥୨॥

ଚ଼ରେର୍ କଂଠେଁ ଯମକ୍ ଧରେ ତାର୍ ବନ୍ଦନା କାଏଁ ?
ଅଖୋଜ୍ ଝାରେଁ ପବନ୍, ଧରି ପଖୋଜ୍ ବଜାଏ ଝାଏଁ ? ॥୩॥

କେ ଜାନିଛେ ? ବନ୍ଧଏ ଲାଗେ ନିଜ୍‌କେ ନିଜର୍ ତୁସ୍ତି
ମନ୍ କଲେଁ ଘାଏ ନିଜେଁ ଲଢ଼େ ନିଜର୍ ସାଙ୍ଗେ କୁସ୍ତି । ॥୪॥

ସବୁ ବିଷେ ନେ ଆନନ୍ଦ୍ ତାର୍ ହଁସି ସବୁବେଲେଁ
ଆନନ୍ଦ୍ ବିନା ଆଉର୍ କିଛି' ନୁହେ କେଭେଁ ହେଲେଁ । ॥୫॥

ଆନନ୍ଦ୍, ମନର୍ ଥିତି ନୁହେ; ମୁକ୍‌ତି ପରତଖ୍
ସେନ୍‌କେ ଗଲେଁ ପାଶ୍‌ରି ହଏ ଜନମ୍ ଲଖ୍ ଲଖ୍ । ॥୬॥

ଇ ଥିତିକେ ପୁହୁଁଚିବାକେ ସବୁ ଧରମ୍ କରମ୍
ମରନ୍ ବାଟେଁ କିନ୍ଦ୍‌ରି ବୁଲେ ଅଗନା ଅଜନା ଜନମ୍ । ॥୭॥

ଆନନ୍ଦ୍ ଆଏଜ୍ ମୂର୍‌ତି ନେଇ ରାମ୍-ନାମ୍‌କେ ବୁଲେ
ଗରାଖ୍ ଥାଉନ୍ ନାଇଁ ଥାଉନ୍ ଆନନ୍ଦ୍-ଦୁକାନ୍ ଖୁଲେ । ॥୮॥

ଶିରୀ ସଂପଦ୍ ପାଶ୍‌ରି ସବୁ ଦୁଖ୍-ସମୁଦର୍ ପହଁରି
ଦୁଖର ଗାଡ଼୍ ଖାଲ୍ ବି କରେ ଆନନ୍ଦ୍-ସିନ୍ଧୁର୍ ଲହରୀ । ॥୯॥

ନାଟର୍ ସୁଆଙ୍ଗ ଥାଏ ଦୁଖ୍ ସୁଖ୍ ଲାଭ୍ ହାନି
ନିରଯସ୍ କରି ଧୀରଯ୍ ଧରେ ଯେ ପାରିଛେ ଜାନି । ॥୧୦॥

ମାଡି ମାଡି ଆଏଲା ଖରା ଆଶ୍ରମର୍ ସେ ବେଦୀ
ସବୁଦିନର୍ ମେତାଲ୍ ଅଁଧାର୍ ସାରା ଖେଦି ଖେଦି । ॥୧୧॥

ବାଲ୍ମିକୀ ମୁନି ଧିଆନେ ବସି ରାମ୍ ଚାଲ୍ ଚଲନ୍
ଇ ପାଖ୍ ସେ ପାଖ୍ ଦେଖନ୍ ନିଜେଁ ଟିକେ ନାଇଁ ହଲନ୍ । ॥୧୨॥

ରଜା ପିଲା ଝାରେଁ ବୁଲନ୍ ନାରୀ ନିଜର୍ ହରେଇ
ମୁନୁଷ୍ ମେତାଲ୍ ନୁରାଖୁଜା କରି ଦେଖନ୍ ସୁରେଇ । ॥୧୩॥

ଗଛ୍ ପତର୍‌କୁଁ ଡ଼ାକି କହନ୍ ସାକ୍ଷୀ ଜଂତ୍-ରାଏଜ୍
ବାଟେଁ ଘାଟେଁ ଥିଲା ଲୁକ୍‌କୁଁ ସଭେ କରନ୍ ସାହେଯ୍ । ॥୧୪॥

ବିପଦ୍ ଦେଖେ ମୁର୍‌ବାକେ ନାଇଁ ପାର୍‌ବାର ଭାଙ୍ଗି
ଧୀରଯ୍ ରସେଁ ବୀର୍ ନାରେଣ୍ ଭିତ୍‌ରୁଁ ଉଠେ ଜାଗି । ॥୧୫॥

ମୁହଁ ଫୁଟ୍‌ଲା, ମୁନି ର୍ ଟୁଁଡୁଁ ରାମ୍ ଭଜନ ଛୁଟ୍‌ଲା
ଲବକୁଶର୍ ବୀନା-ଝଂକାର୍ ଓଁକାର୍ ସାଙ୍ଗେ [illegible] । ॥୧୬॥

ଚେ଼ଲା ଭିତ୍‌ରୁଁ ଦେଲା କିଏ ରାମ୍ ତାଲି ନେ ତାଲ୍
କେଭାଏଲ୍ ହଏ ଖଁଜ୍‌ନି ସାଙ୍ଗେଁ ନିଜେଁ ଅସମ୍ଭାଲ୍ । ॥୧୭॥

ମୁନି କହେନେ ଶୁନି ସାର୍‌ଲ ସୀତା-ଚୁରିର୍ କଥା
ନୁରି ନୁରି ବୁଲି ବୁଲି ରାମ୍ କେତ୍‌କର୍ ଅଥା । ॥୧୮॥

ଜଟାୟୁର୍ ସାଙ୍ଗେ ଭେଟ୍ ଜଟାଧାରୀ ରାମ୍
ଶୁନ୍‌ଲେ ବି ତ ମୁନୁଷ୍ ଲାଗି ଚ଼ରେ ଦେବାର୍ ପ୍ରାଣ୍ । ॥୧୯॥

ଆହୁରି ଶୁନ୍‌ଲ ଆନନ୍ଦ୍ ପାଏମି ବଲିଁ ଥିଲା ଜୁଗି
ଯୋଗ୍ ସାଧି ଶବ୍‌ରୀ, ଗୁରୁ ଯା'ର ମତଙ୍ଗ୍ ଯୁଗୀ । ॥୨୦॥

ନିରାନନ୍ଦ୍ ଭିତରେଁ ଆନନ୍ଦ୍ ମୂରତି ଥିଲା ଧାଇ
ଏକ୍ କର୍‌ଲା ଏକ୍ ଈଶ୍ୱର୍ ସାଙ୍ଗେ ନିଜ୍‌କେ ପାଇ । ।।୨୧।।

ଅଭିନ୍ ଦିଶ୍‌ଲେ ଦୁହେ ଦୁହିଙ୍କୁଁ ଶବ୍‌ରୀ ଆର୍ ରାମ୍
ଅଏଁଠା ଜୁଠାର୍ ଭାବ୍ ହଟ୍‌ଲା ଦୁହେ ଏକ୍ ପ୍ରାଣ୍ । ।।୨୨।।

ଆନନ୍ଦ୍ ପାଇ ଆତ୍‌ମା ହଜେ ପରମାତ୍‌ମା ଭିତ୍‌ରେଁ
ଦିହ୍-ବାହନ୍ ହଟେଇ ନିଏ କାମ୍ ସିଦ୍ଧିର୍ ଉଦ୍‌ରେଁ । ।।୨୩।।

ଆହୁରି ଶୁନ୍‌ଲ ମୁନୁଷ୍ ମୁନୁଷ୍ ଭିତ୍‌ରେଁ ବଢ଼୍‌ସାନ୍
ବାଆରି ପଂପା ସରର ପାଏନ୍ କେନ୍ତା ନାନାଖାନ୍ । ।।୨୪।।

ଷୁଲ୍‌ହ୍ ହଜାର୍‌ରଷି, ହଜାର୍ ହଜାର୍ ବରଷ୍ ତପ୍
ଖଟି କରୁଥିଲେ ହରିର୍ ହର୍‌ମେଷ୍ ନାମ୍-ଜପ୍ । ।।୨୫।।

ଯେ ରାମ୍ ଆସି ହାଜର୍ ହଉଁ ତାକର୍ ସୁନ୍ଦର୍ ପନ୍
ଦିହ୍ ମାନ୍‌କର୍ ଲୋଭ୍ ବଢ଼ାଲା କର୍‌ବେ ଆଲିଙ୍ଗନ୍ । ।।୨୬।।

ତପ-ଜୁଏ ନେ ଯେତେ ପୁଡ଼ାଲେ ନିଜର୍ ନିଜର୍ ଦିହ୍
ନାଇଁ ପୁଡ୍‌ଲା ନାଇଁ ଛିଡ଼୍‌ଲା ଦିହ୍ କାମ୍‌ନାର ନିହ୍ । ।।୨୭।।

ଆହୁରି ଯୁଗେ ଲାଗ୍‌ଲେଁ ଯାଇ ଯୁଗାବା ସେ ଥିତି
କାମ୍‌ନା ସାଙ୍ଗେଁ ଯୋଗ୍-ସାଧନା ନୁହେ ନୁକୋନୀତି । ।।୨୮।।

ଦେଇ ପାର୍‌ଲେଁ ଗଢ଼େ, ଗରିଏ ସେନ୍‌ହେ ପୀର୍‌ତିର୍ ବଂଧୁଁ
ଗଛ ପତର୍ ଜଁତ୍ ଜାନୁଆର୍ ହଇଷାରସନ୍ ବଂଧୁ । ।।୨୯।।

ଭାବେଁ ସମ୍‌କୁଁ ଥାବେଁ ରଖ୍‌ବାର୍ ଆଏ ମୁନୁଷ୍ ପନିଆଁ ।
ନେହେଲେଁ କହେବେ ଅନ୍ ମୁନ୍‌ଷିଆ ଥାଏ ଅସ୍ ଗୁନିଆଁ । ।।୩୦।।

ମୁନି କହେଲେ ଶୁନି ହାର୍‌ଲା କଥା ଉପ୍‌ରେଁ ଆର୍
କହ ନି ଯେ କିଛି ଯଦ୍‌ରି କହେବାର୍ ଅଛେ କା'ର୍ । ।।୩୧।।

ଚିଦାନନ୍ଦ୍ କହେଲେ ବାବା ! ଋଷ୍ୟମୂକେଁ ରାମ୍
ପୁହୁଁଚି ସାରି ତାର୍ ପରେଁ କଲେ କେନ୍ କେନ୍ କାମ୍ । ॥୩୨॥

ସେ କଥାକେ କହ ବାବା ! ସେଥିଁ ସମ୍‌କର୍ ମନ୍
କେନ୍ତାଭାବେଁ ରହେଲେ ରାମ୍ ଲକ୍ଷ୍ମଣ୍ ଦୁହିଜନ୍ । ॥୩୩॥

ସେ କଥା କହୁଛେଁ ଶୁନ୍‌ଅ ବଲି ରାମର୍ ଜଏ
କରି ଋଷି ଆଶ୍ରମ୍‌ଟାକ କଲେ ରାମ୍ ମଏ । ॥୩୪॥

ଅବଧ୍ ରଜାର୍ ଆଏବାର ଆଗୁଁ ଆସେ ଋତୁର୍ ରଜା
ଶେମେଲ୍, ପଲ୍‌ଶା, ଅଶୋକ୍ ଗଛେଁ ଉଡ଼େଇ ଲାଲ୍‌ଧଜା । ॥୩୫॥

କୁରେ, ସୁନାରି, ଗଛେଁ ରୂପା, ସୁନାର୍ ଫୁଲ୍‌ଝରି
ଆମ୍ ବଉଲର୍ ମୁକୁଟ୍, ତିଆର୍ ଅଛେ ମନ୍‌ଭରି । ॥୩୬॥

ମହୁଲ୍ ଝାଡ଼େଁ ଗୁଭା ପୂର୍‌ନୁ ମୋତି ରଖେ ଖୁଚି
ହୁଲିଆ ଜାରି ହଏ ଆଏ ବଲିଁ ମହୁଲ୍ କୁଚି । ॥୩୭॥

କେନ୍ଦୁଝୁଲେ କେଁଜା କେଁଜା ଧୋବ୍ ଶାଗୁଆ ଲାଲିଆ
ସୁନାର୍ କୁଣ୍ଡଲ୍ ତଲେଁ ହୀରା ଖଁଜି ରଖିଛେ ଭେଲୁଆ । ॥୩୮॥

କୁଇଲିର୍ ପର୍‌ଘାନି ଗୀତେଁ ଧରେ ଭେଙ୍ଗ୍‌ରାଜ୍ ପାଲିଆ
ତାର୍ ପଛାପଛ୍ ରାମୀ, ମଏନା ଶୁଆ ଶାରି ଗୁଲିହା । ॥୩୯॥

ପତର୍ ଗହଲେଁ କହଲେ ଚଁପା ବୁର୍ଷାଲ୍ ବୁଟା ତଲେଁ
ତିତେର୍ ଡ଼ାକେ ଗୁଁର୍‌ରୁ ଲୁକେ ରଙ୍ଗି କଲେଁ କଲେଁ । ॥୪୦॥

ଋଷ୍ୟମୂକ ଡଙ୍ଗର୍ ଶିଘେଁ ରାମ୍ ଲକ୍ଷ୍ମଣ୍ ଚାଲୁଛନ୍
କଁଟା ଦେଖିଲେଁ ବକଲ୍ ସଁଖିଲି ଅଁଟା ମଲ୍‌କେଇ ଟାଲୁଛନ୍ । ॥୪୧॥

ଚାଏର୍‌ଟା ଡ଼ଙ୍ଗରର୍ କର୍‌ଖି ଯାହିଁ ମୂଷାଲେଁଜିଆସରେ
ସମ୍‌ସାମ୍ ଗୁଟେ ପଥର୍ ଚଟାନ୍, ପାଶେଁ ଝରନା ଝରେ । ॥୪୨॥

ସେନେ ବସି ସୁଗ୍ରୀ ଚାର୍‌ହିଁ ସାଙ୍ଗ୍‌କୁଁ କହନ୍ ଦେଖ
ଏନ୍ତା ପ୍ରାଣୀ କେ ଦେଖ୍‌ଛ ଅଦେଖା ରୂପ୍ ରେଖ । ।।୪୩।।

ଡ଼ଙ୍ଗର୍ ଶିଘ୍‌କେ ନିଘା କର ଦିଶନ୍ ଦୁଇଜନ୍
କାହିଁ ଆଇଛନ୍ ? କିଏ ଆ'ନ୍ ? କା'ଣା ତାକର୍ ମନ୍ ? ।।୪୪।।

ଦେଖ୍ ଧୁନ୍ ଶର୍ କେ ହାତେଁ ଶୁଖ୍‌ଯାଏସି ସର୍
ପଛ୍ ନାଇଁ ଛାଡ଼େନ କାଏଁ ? ଡର୍; ଜୀବନ୍ ଭର୍ । ।।୪୫।।

ରଷ୍ୟମୂକ୍ ମନା ବଲିଁ ବାଲୀର୍ ନାଏଁନ ଥାବ୍
ଯେନ୍ତା ହେଲେଁ ମରାବା ତାର୍ ବୁଦ୍ଧି ଅନର୍ଯାବ୍ । ।।୪୬।।

କେନ୍‌ବଲବାନ୍ ଲୋକ୍ ଦୁଇଟା ନୁରିଖୁଜିଁ ପଠାଏ
ଭୁର୍‌ଥା ଭୁର୍‌ଥ୍ କରି ଯାବଦ୍ ଦେଇ ଥୁଇଁ ଶଠାଏ । ।।୪୭।।

ଆଙ୍ଗୁଟ୍ ଦେଖେଇ ସଭେ କହେଲେ କଥା ସତ୍‌ଥାଏ
ଡ଼ର୍‌ହେଁ ଜୀବନ୍ ସଥେଁ ଯାହିଁଥିଲେଁ ଖତ୍ ଥାଏ । ।।୪୮।।

ଡର୍‌ହେଁ ଯଦ୍‌ରି ବଡ଼୍‌କି ବସ୍‌ମା କୁଦାବେ ଛାଡ଼ନ୍ ନାଇଁ
ବନ୍‌ଏ କରି ବୁଝି ଆସୁଁ ଜନ୍‌ଏ ପଛେଁ ଯାଇଁ । ।।୪୯।।

ସୁଗ୍ରୀ କହେଲେ ହନ୍‌ମାନ୍‌କେ ''ତୁଇଁ ଗଲେଁ ହେତା
ବଏରୀ ବଲି ବାଆରି ପାର୍‌ଲେଁ ବୁଡ଼୍‌ତୁ ତାକର୍ ଚେତା । ।।୫୦।।

ଆମର୍ କାମର୍ ବାଗିର୍ ଆ'ନ୍ ଯଦ୍‌ରି ପାରୁଜାନି
ଆଦ୍‌ରି କରି ରଖ୍ ତାଁ ଆଦ୍‌ରେଁ ଆମର୍ କରିଆନି '' । ।।୫୧।।

''ଠିକ୍ କହୁଛ'' କହି ହନୁମାନ୍ ଟଙ୍ଗ୍ କରି ଉଠ୍‌ଲା
ବାହ୍ମନ୍ ବେଶ୍ ଧରି ତୁର୍‌ତି ସେ ସଲ୍‌ଖେଁ ଛୁଟ୍‌ଲା । ।।୫୨।।

ସନ୍‌ମାନ୍ କରି ସେ ଦୁହିଁକୁଁ ହନ୍‌ମାନ୍ କଲା ଯୁହାର୍
ମାଏନ୍‌ତା ରୂପ୍ ଦେଖ୍ ନାଇଁ ଲୁହେ ମୁଡ଼୍ କାହାର୍ ? ।।୫୩।।

ଲକ୍ଷ୍ମଣ୍ କହନ୍ ଆମେ ଆଉଁ ଜନ୍‌ମେ କ୍ଷେତ୍ରି ପିଲା
ବାହ୍ମନ୍ ହଇଁ ଆମ୍‌କୁଁ ଯୁହାର୍ ନାଇଁ କର୍‌ବାର ଥିଲା । ||୫୪||

ହନ୍‌ମାନ୍ କହେ କିଏ ତୁମେ ବନ୍‌ଏ କରି କହ
ବୁଲି ବାହାରି କାହିଁ କାହିଁ କେ'ନେ ସଥେଁ ରହ ?'' ||୫୫||

ରାମ୍ କହେଲେ, ହେ ଲକ୍ଷ୍ମଣ୍ ! ବନ୍‌ଏ ବାଗିର୍ ଦିଶନ୍
ବୁଧ୍ ବାଗିର୍ ଶୁଦ୍ଧ୍ ଭାଷା ସୁଦ୍‌ଭାବେଁ ଭାଷନ୍ । ||୫୬||

ତିନ୍‌ହେ ଯାଇ ଛଏରା ଦେଖି ଶୀତଲ୍ ଠାନେ ବସ୍‌ଲେ
ପର୍‌ଚେ ଦିଆନିଆ ପରେଁ ପର୍‌ଛା ଭାବେଁ ରସ୍‌ଲେ । ||୫୭||

ରାମ୍ କହେଲେ ଆମେ ଆଉ ଅବଧ୍ ରାଏଜ୍ ବାସୀ
ପିତାସତ୍ ପାଲ୍‌ବାର୍‌କେ ଝାରେଁ ରହୁଁଛୁଁ ଆସି । ||୫୮||

ଆମର୍ ସାଙ୍ଗେଁ ଥିଲେ ଜନକ୍ ଜେମା ମୋର୍ ନାରୀ
ଜୀବନ୍ ନାଇଁ ହାରି, ଅଛୁଁ ତାହାକୁଁ ଦେଇ ହାରି । ||୫୯||

ତାହାକୁଁ ନୁରି ଖୁଜି ଆମେ ବୁଲୁଁ ଯାହିଁ ତାହିଁ
କାଁ କର୍‌ମୁ ? ତାକର୍ ଖୋଜ୍ ଖବର୍ ମିଲେ ନାଇଁ । ||୬୦||

ଆମର୍ ନୁ ତ ଶୁନ୍‌ଲ ତୁମେ କିଏ ଅ'ଯେ କହ
ମନ୍ କାକର୍‌ଛାନ୍ ଦେରି ନାଇଁ କର ଜହ । ||୬୧||

ହନୁମାନ୍ ଛାଡ଼ି ବାହ୍ମନ୍ ବେଶ୍ ନିଜର୍ ବେଶ୍ ଧଏଲା
ସତ୍ ଆନନ୍ଦ୍ ରାମ୍‌କେ ଦେଖି କପଟ୍ କାହିଁ ରହେଲା ?'' ||୬୨||

ହନ୍‌ମାନ୍ କହେ ମାକର୍ ମୁଇଁ ଆଏଁ ହୀନ୍‌ମାନ୍ ଜାଏତ୍
ଅଂଜନା ମା'ର୍ ଗରଭୁଁ ଜାତ୍ ନାଇଁ ଜାନିଥିବ ସାଏତ୍ । ||୬୩||

ପବନ୍ ସୁମ୍‌ରି ମାଁ ମୋର୍ ପବନର୍ ଗୁନ୍ ଗ୍ରାମ୍
ଗୁନି, ଜନମ୍ କଲା ମୋର ଇଷ୍ଟ୍ ଆନନ୍ଦ୍ ଧାମ୍ । ||୬୪||

ବାଲୀ ସୁଗ୍ରୀ ଦୁହି ଭାଇ ଅପଡ୍ ହେଲା ଦିନୁ
ସୁଗ୍ରୀ ସାଙ୍ଗେଁ ଅଛେଁ ସେ ଅଚ୍ଲ୍ ମୋର୍ ବିନୁ । ॥୬୫॥

ବାଲୀର୍ ଡ଼ର୍‌ହେଁ ସୁଗ୍ରୀ ଆସି ରଷ୍ୟମୂକେଁ ଲୁକେ
ନାରୀ ଦେଇଛେ ହାରି, ରାଜ୍ ସିଂହାସନୁ ଚୁକେ । ॥୬୬॥

ତୁମ୍‌କୁଁ ଦେଖି ଡ଼ରିମଲା ବାଲୀ ପଠାଏ ଭାଏଲ୍
ମୋତେ ମାର୍‌ବା କେ; ମୋର୍ ପିଛା ନୁହେଁ ଛାଡ଼େ ତାଏଲ୍ । ॥୬୭॥

ଆଏଲିଁ ମୁଇଁ ବୁଝ୍‌ବାକେ କପଟ୍ ବାହ୍ମନ୍ ବେଶେଁ
ସାହା ହେଲେଁ ବାହା ରହେତା ତୁମ୍‌ର୍‌ହି ଆଦେଶେଁ । ॥୬୮॥

ସୁଗ୍ରୀ ସାଙ୍ଗେ ସଖା ମାନେ ବାଟ୍ ଥିବେ ଚାହିଁ
ଖନ୍ଦେଁ ବସ ନେଇଁଯିମି ସେମାନେ ଅଛନ୍ ଯାହିଁ । ॥୬୯॥

ବଡ଼େ ପର୍ବତ୍ ଡ଼େଗ୍‌ବାକେ ଘଡ଼େ ନାଇଁ ଲାଗ୍‌ଲା
ରାମ୍ ଲକ୍ଷ୍ମଣ୍ ଦେଖି ସୁଗ୍ରୀର୍ ମନେ ଆନନ୍ଦ୍ ଜାଗ୍‌ଲା । ॥୭୦॥

ସବୁ କଥା ପଚ୍‌ରା ଉଚ୍‌ରା କରି ଜନା ଶୁନା
ହେଲେ ଦୁହିକୁଲ ସଥେଁ ଚିହ୍ନାର୍ ଆନ୍ ଜୁନ୍‌ହାଁ । ॥୭୧॥

ରାମ୍ ଲକ୍ଷ୍ମଣ୍ ଦୁହିଭାଇ ଗୁଟେ ଜୀବନ୍ ଜାନି
ସୁଗ୍ରୀ ଛେଁକି ନାଇଁ ପାର୍‌ଲା ନିଜର୍ ଆଁଖିର୍ ପାନି । ॥୭୨॥

କହେଲା ଆମେ ବାଲୀ ସୁଗ୍ରୀ ଥିଲୁଁ ତୁମର୍ ଲେଖେଁ
ଅଁଧା ହେଇଥିଲୁଁ ଜନ୍‌ଏ ଜନ୍‌କର ଅଦେଖେଁ । ॥୭୩॥

ଜନ୍‌ଏ ଖାଏଲେଁ ଆର ଜନ୍‌କର୍ ପୁରୁଥିଲା ପେଟ୍
ଦହଗଁଇ ଲାଗେ ସକାଲ୍ ସଁଜ୍ ନାଇଁ ହେଲେଁ ଭେଟ୍ । ॥୭୪॥

ଆର ଜନ୍‌କେ ଗର୍‌ଜୁଥିଲା ଜନ୍‌ଏ ଖାଏଲେଁ ଗାଲି
ଗୁଟେ ଜୀବନ୍ ନାଆଁକେ ଦୁଇଟା ଦେହେ ଥିଲା ଖାଲି । ॥୭୫॥

ମାୟାବୀ ଅସୁର୍ ଖର୍‌ଖସ୍ ଦେହେ ବର୍‌କସ୍ ମନ୍ ଧରି
ବାଲୀର୍ ଆଗେଁ ଆସି ଦିନ୍‌ଏ ହୁଁକ୍‌ରାଏ ଗରବ୍ ଭରି ।         ॥୭୬॥

ବାହାରି ପର୍‌ଲା ବାଲୀ ହେଲା ଲଢ଼େଇ ଘମାଘୋଟ୍
ହରା ଜିତା ନୁହନ୍ ଦୁଇଟା ବୀର୍ ହଇଛନ୍ ଯୋଟ୍ ।         ॥୭୭॥

ସାଙ୍ଗେଁ ସାଙ୍ଗେଁ ଥାଇ ମୁଇଁ ବି ଲଢ଼ି ପାରେଁ ନାହିଁ
ଦୁଇକି ଦୁଆ ଲଢ଼େଇ ଆର୍‌ଜନ୍‌ଏ ଯିବା କାହିଁ ?         ॥୭୮॥

ଲଢ଼ା ଯୁଝା ହଇ ହଇ ପଲେଇ ଗଲେ ଝାର୍
ମାୟାବୀ ଦୁଏଲ୍ ଦେଖିଁ ପଶ୍‌ଲା ବାଟ୍ ନାଇଁ ନ ପାର୍ ।         ॥୭୯॥

ବାଲୀ ପଶ୍‌ଲା ପଛା ପଛ୍ କହେଲା ମତେ ବସିଥା
ବାହାରି ପଡ଼୍‌ଲେଁ ମାଡ଼ି ବସିବୁ ହୁସିଆର୍ ହଇଁ କଷିଥା ।         ॥୮୦॥

ବନିହାଁ ଟାକ୍‌ଲିଁ ଅସୁର୍ ବାଲୀ ନାଇଁ ବାହାରନ୍ ଦୁହେ
ଦେଖ୍‌ଲି ଦିନଏ ଭିତରୁଁ ହୁଲ୍‌କା ହୁଲ୍‌କା ରକତ୍ ବୁହେ ।         ॥୮୧॥

ଭାବ୍‌ଲି ବାଲୀ ମରିଗଲା, କେତେନି କେତେ କାନ୍ଦ୍‌ଲିଁ
ଦୁଏଲ୍ ମୁହଁକେ ବଢ଼େ, ବଢ଼େ, ପଥର ଦେଇଁ ବାନ୍ଧ୍‌ଲିଁ         ॥୮୨॥

ପଲେଇ ଆଇଲିଁ କିସ୍‌କିଂଧିଆ କିର୍ କିରାନୁ ଧାଇଁ
ରାଏଜ୍ ସାରା ରାଏତ୍ ଦିନ୍ ମୋର୍ ବାଟ୍‌କେ ଥିଲେ ଚାହିଁ ।         ॥୮୩॥

ତାଲେଁ ପଦ୍‌ରେଁ ଗୁହା ଭିତରେଁ ବାନର୍  ଜଗତ୍ ସାରା
ଇ ଖବର୍ ଦେଲା ଜବର୍ ଧକ୍କା, ଲହର୍ ଧାରା         ॥୮୪॥

ଯେ ଶୁନ୍‌ଲା ସେ କାନ୍ଦ୍‌ଲା ହଇଁ ହତ୍‌ମାନ୍
ଗନ୍ଧମାର୍ଦ୍ଦନ୍ ଜାମ୍ବବାନ୍ ସୁଷେଣ୍ ହନ୍‌ମାନ୍ ।         ॥୮୫॥

ଭଲ୍ ଭଲ୍ ଦଲ୍‌ପତି ସବ୍ ହେଲେ ଠାନ୍‌କେଁ ଠୋଲ୍
ରାଏଜ୍ ଅରାଜକ୍ ହେଲେଁ ଲାଗି ରହେବା ଗୋଲ୍ ।         ॥୮୬॥

ସଭାକରିଁ ସଭେ କହେଲେ ସୁଗ୍ରୀବ ହଉ ରଜା
ପର୍‌ତଖେଁ ସେ ପୁଓ ମେତାଲ୍ ପାଲି ରଖିବା ପର୍‌ଜା । ।।୮୭।।

ମନା କଲେଁ ବି ଶୁନ୍‌ଲେ ନାଇଁ ସିଂହାସନେ ବସାଲେ
ଘାଏକର୍ ମାଏନ୍ ରଜାକରି ଜୀବନ୍ ସାରା ନଶାଲେ । ।।୮୮।।

ବଛର୍ ପୂର୍‌ନୁ ବାଲୀ ଆଏଲା ବିବର୍ ଭିତରୁଁ ବାହାରି
ରାଗେଁ ହେଲା ଜାଜର୍ ମାନ୍ ନାଇଁ ଶୁନ୍‌ଲା କାହାରି ? ।।୮୯।।

ଦୀନ୍ ଭାବ୍‌ନେ ହୀନ୍‌ତି ବିନ୍‌ତି ହଇ କହେଲିଁ ଯେତେ
ହାଏର୍ ଗୁହେର୍ ପାଏନ୍ ଫାଟ୍‌ଲା ମାର୍ ପର୍‌ଲା ସେତେ । ।।୯୦।।

ଇଥିଁ ତାହିଁ ହଇଁ ମୋର୍ ନାଇଁ ରହେଲା ଥାବ୍
ଅଜାନ୍ ବାହୁ ବଫୁ ତାହିଁ ରିଶ୍‌ମି ଅନର୍ ଯାବ୍ । ।।୯୧।।

ଋଷ୍ୟମୂକ ପର୍ବତକେ ଆସ୍‌ବାର୍ ତା'ର୍ ମନା
ଜାନି ଇନେ କାଟେଁ ଦିନ୍ ଦୁଖ୍ ଦର୍‌ଦେଁ ସନା । ।।୯୨।।

ରାଏଜ୍ ସାଙ୍ଗେ ରାନୀକେ ବି କଲା ହାତ୍‌ପାତ୍
ଉଦୁର୍ ଧୁମା ମନ୍‌ନେଇ ହେଲା ଉଦୁର୍ମାଦ୍ । ।।୯୩।।

ସବୁ ଆଡ଼୍‌କେ ସେ ଦିଶୁଛେ ହେଡ୍‌କି ଘାରେ ଡ଼ର୍
ତାର୍ ନାଁ ନେ ଲହଡ଼ା ମାରେ ବିପଦ୍-ସମୁଦର୍ । ।।୯୪।।

ମନ୍ ରହେଲା ଥାବେଁ ଟିକେ ତୁମ୍‌କୁଁ ଦେଖ୍‌ଲା ପରେଁ
ଡ଼ର୍ ଥିଲା ରଜା ହର୍‌ମେଷ୍ ମୋର୍ ମନର୍ ଘରେ'' । ।।୯୫।।

ରାମ୍ କହେଲେ ବାନର୍ ରାଜା, ଆନନ୍ଦ୍ ରଖ ଥିତି
ଆହୁରି କେହେନି କଥା ନାଇଁ ନ ସେ କଥାନୁ ଜିତି । ।।୯୬।।

ରାଜ୍ ପଦ୍ ନୁହେ ସୁଖ୍ ପସ୍‌ରା ସୁଖ୍ ଦାୟୀ ନୁହେ ରାନୀ
ସୋଇ୍ କଥାର୍ ଲାଗି କାଁ ଯେଁ ହୁଅ ଘାଁଟି ସାନି । ।।୯୭।।

ସୁଖ୍ ଦୁଖ୍ ସବୁ ଗୁଟେ, ଖାଲି ମନର୍ ବିକାର୍
ଆତ୍‌ମାର୍ ଆଖିଁ ଦେଖ୍‌ଲେଁ ଦିଶନ୍ ଗୁଟେ ପର୍‌କାର୍ । ॥୯୮॥

କିହେ କାହାରି ବଏରୀ ନୁହେ କିହେ କା'ର ମଏତର୍ ?
କିହେ କାହାକେ ସୁଖ ଦୁଖ୍ ଦିଏ ନାଇଁ ଲହତର୍ । ॥୯୯॥

ଆତ୍ମା ଆତ୍ମାର୍ ବନ୍ଧୁଆଏ ନୁହେ କେଭେଁ ଶତ୍‌ର
ଉପ୍‌ରେଁ ଉପ୍‌ଲି ପର୍‌ଲେଁ ନୁହେ, ଦେଖ୍ ଜାନ୍‌ଲେଁ ଭିତରୁ । ॥୧୦୦॥

ଜୀବ୍ ଆସେ ପରମ୍ ଘରୁଁ ବୁଲିଁ କିନ୍ତ୍ରି ଯିବା
ଆନନ୍ଦ୍-ପୂରା ପର୍‌ମାନନ୍ଦର୍ ପୁର୍‌କେ ପୁହୁଁଚିବା । ॥୧୦୧॥

ହାଏ ! ହାଏ ! କରି ଦୁଖ୍ ଦର୍‌ଦେଁ ଜୀବନ୍ ଦେଲେଁ ଘାଁଟି
କାଏଁ ସୁଆଦ୍ ମିଲ୍‌ବା ତାହିଁ ? ଜନମ୍ ମିଶ୍‌ବା ମାଟିଁ । ॥୧୦୨॥

ଜୀବର ଆଶରା ଦିହ ଆଏ ଦିହର୍ ଆଏ ସଭାବ୍
ସଭାବ୍ ନେଇ କାର୍‌ବାର୍ ହୁଏ ନୁହେ ଆତ୍ମାର୍ ଭାବ୍ । ॥୧୦୩॥

ଆତ୍ମାର୍ ଭାବ୍ ଆନନ୍ଦ୍ ଥାଏ ସବୁ ଦିନିଆଁ ଠାନ୍
ସେନ୍‌କେ ପୁହୁଁଚି ଜୀବ୍ କହେସି ପାଏଲିଁ ଭଗବାନ୍ । ॥୧୦୪॥

ଜୀବ୍ ଜୀବ୍ ଭିତ୍‌ରେଁ ଭିନ୍ ଭିନ୍ ଗତି ରୀତି
ତ'ବି ଜୀବ୍ ଉଲ୍‌ଦି ପାରେ ଜୀବ୍‌କେ ପରମ୍ ପୀର୍ତି ॥୧୦୫॥

ନର୍ ବାନର୍ ଦୁହେଁ ଆମେ ହେମା ଗୁଟେ ଜୀବନ୍
ଦେଖାଇ ନେମା ଜଗଦ୍ ଯାକ ଗୁଟେ ଉଦାହରନ୍ ॥୧୦୬॥

ଆତ୍ମା ଆତ୍ମାର୍ ମିଲନ୍ ହଇ ବଏସରା ହଉଟିକେ
ମହାମିଲନ୍ କେ ଆତ୍ମା ଯିବା ପର୍‌ମାତ୍ମାନିକେ । ॥୧୦୭॥

ହନ୍‌ମାନ୍ ଆନି ଜାଲେ ଜୁଏ ସାକ୍ଷୀ ରଖି ତାହାକେ
ଅନ୍ତର୍ ଖୁଲିଁ ମଏତର୍ ହେଲେ ମିଲେଇ ବାହା ବାହାକେ । ॥୧୦୮॥

ଏତ୍‌କେଁ ହେବେ ଦୁହେ ଦୁହିକର୍ ସୁଖ୍‌ଦୁଖର୍ ଭାଗୀ
ଜନ୍‌କର୍ ଦୁଖେଁ ଆର ଜନ୍‌କ ନାଇଁ ପଲାବା ଭାଗି । ॥୧୦୯॥

ଜନ୍‌କୁଁ ଆଏଲେଁ ବାଧା ଦୁହିଜନ୍‌କୁଁ ଯିବା ବାଧି
ଦୁହେ ଭୁଗ୍‌ବେ ଜନ୍‌ଏ ଯଦ୍‌ରି ସୁଖ୍ ପାର୍‌ବା ସାଧି ॥୧୧୦॥

ସୁଗ୍ରୀ ନେଲା ସଁଖ୍‌ଲି ସମ୍‌କୁଁ ଖୁଆଲ ସୁଆଦ୍ ଫଲ୍
କଥାବାର୍ତ୍ତାର୍ ଦୁଖେଁ ସୁଖେଁ ରାଏତ୍ ବିତାଲେ ଭଲ୍ । ॥୧୧୧॥

ବାଲ୍ମିକୀ କହନ୍ ଯିମା ଏତ୍‌କେଁ ସମିୟା ଆସି ହେଲା
ଚ୍‌ର୍‌ଚା କର୍‌ମା ଇତାର୍ ପରର୍ କଥା ଉପର୍ ବେଲା । ॥୧୧୨॥

❑

# ପାଉଚ୍-୨

## ବାଲୀ ସୁଗ୍ରୀବ୍ ଲଢ଼େଇ

ଘଡ଼େ ହଉଛେ ବେଲ୍ ଟଲିଛେ ମୁଡ଼୍ ଉପରୁଁ ଟିକେ
ଧୀରେ ଧୀରେ ସୂରୁଯ୍ ସୁରାଏ ପଛିମ୍ ପୁର୍ ନିକେ । ॥୧॥

ଖରା ଆସେ ଉହୁରି ଉହୁରି ଦୁହୁରି ଲମ୍ଛାଏ
ବଏସ୍ ବଢ଼୍ଲେଁ ଲୋଭ୍ ଯେନ୍ତା ଦୁଇଗୁନ୍ ହେଇଯାଏ । ॥୨॥

ଛଏରା ଦେଖିଁ ଜଁତ୍ ଜାନୁଆର୍ କାପ୍‌ଲି କଜନ୍ ଶୁଇ
ଭାବ୍‌ଲା ଲେଖେଁ କଲା କଥାକେ ମନ-ଭିତରେଁ ଥୁଇ । ॥୩॥

ଚ଼ରା ସାରି ଚ଼ରେ ମାନେ ଘରା ଅନ୍‌ସରୁଛନ୍
ନାଇଁ ଉଡ଼୍‌ଲା ଛୁଆ ଲାଗି ଚ଼ରା ଠଁଟେଁ ଧରୁଛନ୍ । ॥୪॥

ବାଲ୍‌ମିକୀ ମୁନି  ରାମେନ୍ ଆନି ଥୁଇଲେ ନ ଯେନ୍‌ଠାନେ
ଘାଏ ନାଇଁ ଯାଏ ଆଏଲେ ଶୁନ୍‌ଲା ଲୋକ୍ ମାନେ । ॥୫॥

ନର୍ ବାନର୍ ମଏତର୍ ହେବାର ଶୁନି ସଭେ କାବା
କାନ୍ ପାରିଛନ୍ ଇତାର୍ ପରେଁ କା'ଣା କହେବେ ବାବା । ॥୬॥

ମୁନି ବାବା ମୁହଁ ଫିଟାଲେ ରାମର୍ ଜଏ ଗାଇ
ଲେଖିଲା ରାମେନ୍ ପୁଥି ଫିଟାନ୍ ପତର୍ ଲେହେଁଟାଇ । ॥୭॥

ସୀତା ବିନେ ରାମ୍‌ର୍  ମନ୍ କାହିଁ ନାଇଁ ଲାଗେ
ଭୁର୍‌ତା ଭୁର୍‌ତି କଲେଁ ବି ତ ସେ ଦିଗେଁ ନ ଭାଗେ । ॥୮॥

ସୁଗ୍ରୀବ୍ କହେଲେ ମିତ ହୋ ଶୁନ୍‌ଅ ଦିନ୍‌କର୍ କଥା
ରଥେଁ ବସି ଭୂଆଷେନ୍‌ଟେ କାନ୍ଦେ ହଇ ଅଥା । ॥୯॥

ସୁଗ୍ରୀ କହେଲେ ନାଇଁ ହୋ ମିତ ! ଏତକେଁ ପେଷ୍ମା ଡ଼ଗର୍
ରଥ୍ ଯାଇଛେ ଦକ୍ଷିଣ୍ ଦିଗ୍ ମିଲ୍‌ବା ସବୁ ଖବର୍ । ॥୨୧॥

ମାକର୍ ହନ୍‌ମାନ୍ ଭାଲୁ ଆମର୍ ଅଛନ୍ ହୁଦା ହୁଦା
ଇସାରାକେ ଜଗତ୍ ସାରା ଘାଏକେଁ ମାର୍‌ବେ କୁଦା । ॥୨୨॥

ସେ କବାର୍‌କେ ମହାପୁରୁ ! ଅଛେଁ ମୁଇଁ ହାଜର୍
ଇ ଦିନାହୁ ନୁରାଖୁଜା କରୁନ୍ ପାଶ୍ ପାଁଜର୍ । ॥୨୩॥

କାଁ କରବ ସତ୍ କହୁଛେଁ ବାଲୀର୍ ଡ଼ର୍ ଖାଉଛେ
ଘାଏକେଁ ପୁର୍ଥୀ ଛାଡି ଆନ୍‌ତିଁ ମୋର୍ ମନ୍ ବି କହୁଛେ । ॥୨୪॥

ଚାଲି ନୁହେ ବାଲୀର୍ କଥା ଭାଲି ଅନୁଖନୁ
ଟାଲି ନାଇଁ ପାରେଁ ବାଲିର୍ ଡ଼ର୍ ମୋର୍ ମନୁ । ॥୨୫॥

ରାମ୍ ଭାବ୍‌ଲେ ମନେ ଯା'ର୍ ଡ଼ର ରହିଛେ ଭରି
ସେ ଚିନ୍ତାନୁ ବାହାରି ପାର୍‌ଲେଁ ପାର୍‌ବା ସାହେଯ୍ କରି । ॥୨୬॥

ସୁଗ୍ରୀବ ସାଙ୍ଗେଁ ସତ୍‌କରି ହେଲେ ଗୁଟେ ଜୀବନ୍
ତାର୍ ବିପଦ୍‌କେ ନିଜର୍ କର୍‌ବାର୍ ଥାଏ ମଏତର୍ ପନ୍ । ॥୨୭॥

ତାହାର୍ ମନୁ ବାଲୀର୍ ଡ଼ର୍ ଟାଲି ନେଲେଁ ଯିବା
ଅତ୍ୟାଚାରୀ ଥାଏ ଯଦ୍‌ରି କାଁ କରି ସେ ଥିବା ? ॥୨୮॥

ଦିହ୍-ନୁକ୍‌ସାନି ନେଇ ମନ୍ ହେଲେଁ ଘାଁଟିସାନି
ଦେବ୍‌ତା ଠାନେ ହେଲେଁ ବି ତ ପଶୁ ସଭାବ୍ ଜାନି । ॥୨୯॥

ଦିହେଁ ପଶୁ, ମନେ ମୁନୁଷ୍ ଦେବ୍‌ତା ଆକର୍ଷଣ୍
ନେଇ ଆନ୍ ଇ ଦୁହିଁଭାଇ ଜୀବୀ ବିଲକ୍ଷଣ୍ । ॥୩୦॥

ଜୀବନ-ଯାତ୍ରା ଲାଗି ଦିହ୍ ଜୀବର୍ ଥାଏ ବାହାନ୍
ସେ ଦିହେଁ କଲେଁ କାହାର୍ ଭଲ୍ ଥାଏ ସେ ମହାନ୍ । ॥୩୧॥

ସେ ଦିହେଁ ଫେରି ଉନିଆଁ ସମ୍‌କର କଲେ ଅନ୍‌ଭଲ୍
ଜଗତ୍ ଲାଗି ହଏ ସିଏ ଅଶଲ୍ ଗୁଟେ ଶଲ୍ । ॥୩୨॥

ସେ ଜୀବୀକେ ଦିହ୍-ବାହାନୁ ଉତ୍ରେଇ ବଲାତ୍‌କାର୍
ଆଏଲା ଠାନ୍‌କେ ପଠାଇ ନେବାର ଥାଏ ପୁରୁଷ୍‌କାର । ॥୩୩॥

ସୁଗ୍ରୀର୍ ବଡ୍ ଭାଏ ଥାଏ ବାଲୀ ମହାବୀର୍
ବଲ ଦିହେଁ ଭର୍‌ପୁର୍ ନାଇଁ ସୁବିଚାର ଗଂଭୀର୍ । ॥୩୪॥

ଗୁଟେ ପେଟର୍ ଭାଇର୍ ସାଙ୍ଗେ ନାଏଁନ ସତ୍‌ଭାବ୍
ଦେହର୍ ବଫୁ ଥିଁ ଦେସି ସବ୍ ସମିସାର୍ ଜବାବ୍ । ॥୩୫॥

ତାର ଜୀବନ୍‌କେ ଶେଷ ଜବାବ୍ ଦେଲେଁ ଯାର୍ ଚ଼ଲେ
ପାପ୍ କଲେଁ ବି ପଛ୍‌ତାପ୍-ଜୁଏ ଛନ୍‌ଏ ନାଇଁ ଜଲେ । ॥୩୬॥

ସୁଗ୍ରୀବ୍‌କେ କହେଲେ ରାମ୍ ଫଟିକ୍ ଭାବେଁ 'ମିତାନ୍ !
ତୁମର୍ ଅଏରିଆଏ ଭିତ ମୋର୍ ବଏରୀ, ମିତାନ୍ । ॥୩୭॥

ତାହାକେ ମାରି ନେଲେଁ ଯାଏତା ତୁମର୍ ମନୁ ଡ଼ର୍
ଶତ୍ରର ଦେଖି ଭିତରୁଁ କେତେ ଥର୍‌ବେ ଅଠିପର୍ । ॥୩୮॥

ଯେତେ ଜଲ୍‌ଦି ହେଇପାରେ ଦେମା ତାହାକେ ମାରି''
କଥା ଶୁନି ସୁଗ୍ରୀ ତାହାକୁଁ ଦେଖେ ଆଁ ...ଫାରି । ॥୩୯॥

କହେଲା 'ବାଲୀ ମାର୍‌ବାର୍‌ଟା ନୁହେ ସହଜ୍ କଥା
ତାର ନାଁଆଁନେ ଜନ୍ତୁ ଛାଡ ଗିରି ସମୁଦର ଅଥା । ॥୪୦॥

ନିଙ୍ଗେଁ ଚାହେଁଲେ ମର୍‌ବା କିହେ ନାହିଁ ପାରନ୍ ମାରି
ପୁର୍ଥୀର ପହିଲ୍‌ମାନ୍ ମାନେ କେଭୁଁ ଯାଇଛନ୍ ହାରି । ॥୪୧॥

ମାର୍‌ବାର୍ ଚେରେଷ୍ଟା ଛାଡ଼ିଁ ଗୁଟେ କଥା କଲେଁ
ବନ୍‌ଏ ହେତା ତାହାକେ ବୁଝେଇ କହେତ କଲେଁ କଲେଁ । ॥୪୨॥

ଆଗର୍ ମେଟାର୍ ମତେ ଯଦ୍‌ରି ଡାକ୍‌ତା ଘାଏ ଭାଏ
ଲକ୍ଷ୍ମଣ୍ ଲେଖେଁ ସେବା କର୍‌ତି ଜୀବନ୍ ଥିବାର୍ ଯାଏ । ।।୪୩।।

ଟାର୍ ଥୁକ୍‌କେ ପାତିଥିତିଁ ହାତ୍ ଅନୁଖନୁ
ଟିକେ ଇଆଡ୍ ସେଆଡ୍ ନାଇଁ ହେତିଁ ତାର୍ ମନୁ ।'' ।।୪୪।।

ରାମ୍ କହନ୍ ''ଭାଇ ଭାଇ ଭିତରେଁ ସେନ୍‌ହେ ପୀର୍‌ତି
ମୁଇଁ କରସିଁ, ଲୋକ୍ କର୍‌ତେ, କଲେଁ ଆଦର୍ କର୍‌ତିଁ । ।।୪୫।।

ବାଲୀର୍ ସେ ଭାବ୍ ନାଇଁ ଥାବ୍ ନାଇଁ ମନ୍ ତାର୍
ରକ୍ତର୍ ଡାକ୍‌କେ ଭଏଁରା ଯିଏ ଶୁନବା ଆର୍ କା'ର୍ ? ।।୪୬।।

ଦଶମାସ୍ ଯାଏ ଗୁଟେ ନାଡୀ ଗୁଟେ ଗର୍ଭେ ବାସ୍
ତବି ତୁମ୍‌କୁ ମାଡି ନାଇଁ ଦେବାର୍ ତାହାର୍ ପାଶ୍ । ।।୪୭।।

ତାର୍‌ନେ କେନ୍ କଥା ରହେବା ଯେ କହେଁଲେଁ ହେଲେଁ
ବେଲ୍ ନାଇଁ ପଶେ ଯାହିଁ ଅଂଧାର୍ ସବୁବେଲେଁ'' । ।।୪୮।।

ସୁଗ୍ରୀ କହେ'' ସତ୍ ଆଏ ଯେ ଯତ୍‌ଖତ୍ ମୋର୍ ଥିତି
ଶରଣ୍ ନାଇଁ ରଖେ, ରଣ୍ କର୍‌ଲେଁ ନୁହେ ଜିତି । ।।୪୯।।

ଏଦେ ଦେଖେ ଦୁନ୍ଦୁଭି ଦଏତ୍ ମରିଁ ପରିଛେ କଂକାଲ୍
ରକତ୍ ମାଉଁସ ଥାଇ ମାରି ଫିକିଥିଲା ତତ୍‌କାଲ୍ । ।।୫୦।।

ଇଟା କାଏଁ ବଲି ଗୁଡ଼ର୍ ମୂଲା ଆଙ୍ଗୁଟେଁ କେଁଚେ଼ଇ
ଫିକ୍‌ଲେ ରାମ୍ କାହିଁଟା କାହିଁ ଟିକେ ବାଗିର୍ ଉଁଚେ଼ଇ । ।।୫୧।।

ଯାହା ଥିଲେ ସଭେ ଦେଖିଁ ହେଲେ ଆଚ୍‌ମ୍ବିତ୍
ଦିହକେ ଚାହିଁ ବପୁ ନିଶ୍ଚେ ଅତି ଅପ୍ରମିତ୍ । ।।୫୨।।

ଇ ମୂର୍ତ୍ତିକେ କାଁ କର୍‌ବା ବଲଶାଲୀ ସେ ବାଲୀ
ନର୍ ଶରୀରେଁ ନାରେନ୍ ବଲ୍‌କେ କେଭୁଁରଖେ ପାଲି । ।।୫୩।।

ଆଗୁଟ୍ ଲମେଇ ସୁଗ୍ରୀ କହେ "ଇ ସାତ୍‌ଗଛ ତାଲ୍
ବାଲୀ ଆସି ହଲେଇ କରେ ଶୁଇନ ପତର୍ ଡ଼ାଲ୍ । ॥୫୪॥

ଏନ୍ତା ସେନ୍ତା ତାଲ୍ ଗଛ୍ ନୁହେ ମଂଜ ମହାନ୍ ଟାନ୍
ଛିଗ୍‌ଲି ନାଇଁ ପାରେ ବର୍କସ୍ ବିଁଧ୍‌ଲେଁ କେ ବି ବାନ୍" । ॥୫୫॥

ଚ଼ଁଣ୍ ମଲ୍‌କେଇ ହଁ ସି ରାମ୍ କାଁଡ଼୍ ବସାଲେ ଧୁନେ
ଛାଡ଼ିନେଲେ ସାତ୍‌ହି ତାଲ୍‌ଗଛ୍ ବେଧି ପଲାଲା ତୁଡ଼େଁ । ॥୫୬॥

ଆଶ୍ରିୟ୍ ହଇଁ ସୁଗ୍ରୀ ରାମ୍ ପାହାନେ ନେଇ ଆଶ୍‌ରା
କହେଲା ପ୍ରଭୁ ! କେ ଆଉ ତୁଇଁ ଅତୁଲ୍ ବଲ୍ ପସ୍‌ରା । ॥୫୭॥

ବାଲୀ ମାର୍‌ବାର୍ ଦର୍କାର୍ ନାଇଁ ନାଇଁ ମାରି ବି ମଲାନ
ମୋର୍ ମନର୍ ସଁଶେ ସବ୍ ନାଏନ ଆଉର୍ ଗଲାନ । ॥୫୮॥

କିସ୍‌କିଁଧିଆର୍ ରାଜ୍‌ପଦ୍‌ନୁ ତୁମର ଅଭଏ ପଦ୍
ମୋର୍ ଲାଗି ବଡ୍ ବଲି ଉଷଦ୍ ଥିଁ ଗଦ୍‌ଗଦ୍ । ॥୫୯॥

ଇ ପାଦ୍‌କେ ଛାଡ଼ି ନୁରା ନାଇଁ ସିଂହାସନ୍
ସଏନ୍ ସାମଁତ୍ ନାଇଁ ନୁରେଁ ଆର୍ କେହେନି ଧନ୍ । ॥୬୦॥

ଇ ପାଦେଁ ଯେନ୍ ଆନନ୍ଦ୍ ନାଇଁ ମିଲେ କେନ୍ ଠାନେ
ସର୍ଗର ରାଜ୍‌ପଦ୍ ହଉକି ଜପ୍ ତପ୍ ଧ୍ୟାନେ ।" ॥୬୧॥

ରାମ୍ କହେଲେ "ନାଇଁ ହୋ ମିତା ! ନିଜର୍ ମୁହଁର୍ କଥା
ବାହାରି ଗଲେଁ ରଖିବ ନାଇଁ ହେଲେଁ ହେବ ଅଥା । ॥୬୨॥

କହିଛେଁ ମୁଇଁ ଯାହା ହେଲେଁ ମାରାଯିବା ବାଲୀ
ମରନ୍ ଯେନ୍‌କେ ବାଟ୍ ଫାର୍‌ବା ପାର୍‌ବାକେ ସଁଭାଲି ? ॥୬୩॥

ବାଲୀ ହେଲା ବଲର୍ ଗୁଟେ ଜୀଇଁତା ଅଭିମାନ୍
ଭାବେଁ, ଭବେଁ ନାହିଁ କିହେ ବଲୀ ତାର୍ ସମାନ୍ । ॥୬୪॥

ରାଏଜ୍‌ଟାକର୍ ରାଜପଦ୍ ପାଏ ସେ'ଟା ଫେର୍‌ଝାର୍
ସେଥିଁ ଗରବ୍ ନଏଦ୍ ତାର୍ ଉଛ୍‌ଲିଁ ଦୁହି ପାର୍ । ।।୬୫।।

ବିବେକ୍ ବିଚାର୍ ଉକ୍‌ବୁକାଲେ ସେ ନଦୀର୍ ଧାରେଁ
ଦେବ୍‌ତା ଦୁଲଭ୍ ବୁଦ୍ଧି କୁହି ଗଲା 'ମୁଇଁ' ର୍ ମାରେଁ । ।।୬୬।।

ନାଇଁ ପାର୍‌ଲା ତ ନାଇଁ, କରି କେଭେଁ କାହାରି ଭଲ୍
ସୁଆର୍ଥ-ଜଙ୍ଗଲ୍ ଭିତରେଁ କଲା ଭାଇର୍ ଅମଙ୍ଗଲ୍ । ।।୬୭।।

ଆତ୍‌ମା ଆସେ ଯେଭେଁ ଜୀବନ୍ ହଇଁ ଜଗତ୍ ଭୂଇଁ
ସବୁ 'ଜୀବ୍'ନେ ଦେଖ୍‌ବାର୍ କଥା ତାର୍ ନିଜର୍ 'ମୁଇଁ' । ।।୬୮।।

ସମୁଦର୍ ନେ ଟାପୁ ଲେଖେଁ 'ମୁଇଁ' ରଖ୍‌ଲେଁ ଢ଼େରି
ଧୁକା ଗର୍ଡି ଲହରୀ ମାରେଁ ମେଟ୍‌ବାର ନୁହେ ଦେରି । ।।୬୯।।

ସୁଖ୍ ନୁରିଁ ହୁର୍ ମୁଖିଆ ଧାଏଁଲା ଅନେବନେ
ଦିହର୍ ଘାଏକର୍ ସୁଖ୍ କାଏଁ ଆନନ୍ଦ୍ ଆନ୍‌ବା ମନେ । ।।୭୦।।

ଆନନ୍ଦ୍ ପୁର୍‌କେ ପୁହୁଁଚିବାକେ ଦିହ୍-ଗାଡିଟେ ଚଢ଼ିଁ
ଆସି ବାଟେଁ ବୁଟ୍ ବୁଟାଲା ନାଇଁ ପାର୍‌ବାର୍ ବଢ଼ି । ।।୭୧।।

ସେ ଗାଡ଼ିକେ କାଡିନେଲେଁ ଯାଏକ୍ ପାଏବା ପାର୍
ନେହେଲେଁ ବାଟେ ଭଟ୍‌କିଁ ଅଟକୁଥିବା ହଜାର୍ ବାର୍ । ।।୭୨।।

ଯେନ୍‌ଟା ହେବାର୍ ଅଛେ ହେବା କିଏ କର୍‌ବା ଆ'ନ୍ ?
କିରନ୍‌ହେଲେଁ ବି ଛିନ୍‌ବା ନିଶ୍ଚେ ଧାତା-ଦାତାର୍ ଦାନ୍ । ।।୭୩।।

ଉସ୍‌ରାଲେଁ ଯାଇ କବାର୍ ମାନେ ସମିୟା ନାଏଁନ ଜହ
ଯେନ୍‌କେ ଯେ ଯିବାର୍ ଯାଉ ଯାର୍ ଠାନେ ସେ ରହ । ।।୭୪।।

ଲଡ଼ି ଦେଖ ବାଲୀର୍ ସାଙ୍ଗେଁ ନାଆଁକେ ହଉ ଉଖି
ଭାଏଗର୍ ଭାଗ୍ ଭାଏଗ୍ ଦାତା ଦେବା ନିଜେଁ ଯୁଖି । ।।୭୫।।

ସୁଗ୍ରୀବ୍ ଆର୍ ଉକୁର୍ ବୁକୁର୍ ନାଇଁ କରିନ ଟିଖେ
ବଲ୍ ବଫୁ ସଁଖ୍‌ଲିଁ ଚାଲିଁ ଗଲା ବାଲୀର୍ ନିକେ । ॥୭୬॥

'ଲଢ଼୍‌ମା ଆ' ବଲିଁ ଦେଲା ରଡ଼ି ମହାଘୋର୍
ଦଉଡ଼ି ଆଏଲା ବାଲୀ ଯେନ୍ ଘଡ଼ି ପାଏଲା ସୋର୍ । ॥୭୭॥

ଦୁଇକି ଦୁଆ ଦୁହିଭାଇ ଲଟ୍‌କା ଚିଟ୍‌କା ଲଢ଼୍‌ଲେ
ବାହା ଜଙ୍ଘ ପିଟି ନର୍‌ଦି ଡେଗି ଝଁପେଇ ପଡ଼୍‌ଲେ । ॥୭୮॥

କିହେ କାହାକେ ନୁହନ୍ କମ୍ ବ୍ୟାହାକେ ବାହାଛନ୍ଦି
ଲଡେଇ ଗୋଲକ୍ ଧନ୍ଦା ଭିତରେଁ ଦୁହେଁ ହେଲେ ଧନ୍ଦି । ॥୭୯॥

ବାଲୀ ସୁଗ୍ରୀବ୍ ଲଢ଼େଇ ରାମ୍ ଦେଖନ୍ ଏକସ୍‌କିଁଟି
ଶତ୍ରୁ ମିତ୍ରର ଭାବ୍ ସମାନ୍ ନଜ୍‌ରେଁ ନୁହେ କଁଟି । ॥୮୦॥

ଆନନ୍ଦ୍-ଆଁଖିର୍ ଆଗ୍‌କେ ଆସେ ସମ୍‌ତା-ଦର୍‌ପନ୍
ବାଆରି ହେବାର୍ ସହଜ୍ ନୁହେ ଶତ୍ରୁ, ମିତ୍ରୁ ପନ୍ । ॥୮୧॥

ବାଲୀ ରକ୍‌ତର୍ ଶକତ୍ ଡାକ୍ ନାଇଁ ଶୁନ୍‌ଲା ନାଇଁ
ଜାନ୍‌ବା ଦିହ୍‌କେ ଦିହ୍ ଛିଆ ଛିଇ ହେଲେଁ ଯାଇ । ॥୮୨॥

ଇ ଆଶା ଥିଁ  ରାମ୍ ଥିଲେ ଗଛ୍ ଉଢ଼ାଲେଁ ଟାକି
ଦୁହେ ଏକ୍ ଦିଶୁଥିଲେ ସମ୍‌ତା ସନା ଆଁଖିଁ । ॥୮୩॥

ଭାବୁଥିଲେ ବାଲୀ ଛାଡି, ଲଡେଇର୍ ଆସ୍‌ଫାଲନ୍
ଭାଏ ବଲିଁ ଘାଏ ହେଲେଁ କର୍‌ବା ଆଲିଙ୍ଗନ୍ । ॥୮୪॥

ନାଇଁ ହେଲା ତାହା, ଲଢ଼େଇ ହେଲା ଗୁରୁତର୍
ତୁର୍‌ତି କା'ଣା କର୍‌ତେ ରାମ୍ କେନେ ଥିଲା ତର୍ । ॥୮୫॥

ଏ' ଦେ ମାର୍‌ବେ ରାମ୍ ବଲିଁ ସୁଗ୍ରୀ ଦେଖେ ବାଟ୍
ବାଲୀର୍ ମାରେଁ ରକ୍‌ତ୍ ବାଁଟି କରି ପଡ୍‌ଲା ଛାଟ୍ । ॥୮୬॥

ସୁଗ୍ରୀର୍ ଗାଡୁ ତଳିଆ ଯେଭେଁ ପଡ଼୍ଲା ବାଲୀର୍ ବିଧା
ସଁଭଲାଇ ନାଇଁ ପାରି ଭମ୍‌କି ପଲେଇଁ ଗଲା ସିଧା । ।।୮୭।।

ରାମର୍ ଉଧେଁ ଠିଆ ହେଇ ଗୁଡ୍ର ମୁଡ୍ର କେ ଧକାଏ
କା'ଣା କହେବା କା'ଣା ନାଇଁ ସବୁ ପାଶ୍‌ରି ପକାଏ । ।।୮୮।।

ଥାକି ଫୁଟିଁ କହେ ମିତ ! ମହା ମସ୍‌କୁଲ୍ କଥା
ମତେ ମରାବାର୍ ମନ୍ ଯଦ୍‌ରି କାଏଁ କରୁଛ ଅଥା । ।।୮୯।।

ତମର୍ ଶରେଁ ନିଅ ପ୍ରାନ୍ ବାଲୀ ହାତେଁ କାଏଁ ଯିବା ?
ସୁଗ୍ରୀବକେ ମାଏଲିଁ ବଲିଁ ଯଶ୍ କାଏଁ ଅର୍‌ଜିବା ? ।।୯୦।।

ରାମ୍ କହେଲେ ନୁହେ ମିତ ! ନାଇଁ ପାର୍‌ଲିଁ ଚିହ୍ନି
ନାଇଁ ଜାନି ଥାଇଁ ଗୁଟେ ରୂପ୍‌କେ ନେଇଛ ଛିନି । ।।୯୧।।

ଶର୍ ପେଶ୍‌ଲେଁ ତୁମେ ଯଦ୍‌ରି ଯାଇଥିତ ମରି
କାହିଁ ବୁଲ୍‌ତିଁ ମିତ୍ର-ଦ୍ରୋହ୍ ଦୋଷ୍‌କେ ଧରି କରି । ।।୯୨।।

ବାବୁ ଲକ୍ଷ୍ମଣ୍ ! ଆନ୍ ଗା ଗୁଟେ ଫୁଟ୍‌ଲା ଫୁଲର୍ ମାଲ୍
ମିତର୍ ବେକେଁ ପିଁଧେଇନେ ଯେ ଚିହ୍ନିହେବା ତତ୍‌କାଲ୍ । ।।୯୩।।

ନାଇଁ ସର୍‌ନୁ କଥା ଲକ୍ଷ୍ମଣ ମାଲ୍ ପିଁଧାଲେ ଆନି
ସୁଗ୍ରୀବ୍ ଗଲା ଲଢ଼େଇକେ ଫେର୍ ରାମ୍ କଥାକେ ମାନି । ।।୯୪।।

ହୁଁକ୍‌ରାଲା କି ଫୁକାରି ଉଠ୍‌ଲା ବାଲୀର୍ ଅହଂକାର୍
ମୁର୍‌ଡୁ -ମୁର୍‌ତି -ମେଡାଲ୍ ଦିଶେ ଅତିଶେ ଭୟାଂକର । ।।୯୫।।

ବାଟ୍ ମୁହଁକେ ଆଏଲା ମାତ୍‌ରେଁ ବାଟ୍ ଛେଁକ୍‌ଲା ତାରା
କିସ୍ କଁଧିଆର୍ ରାନୀର୍ ଆଖିଁ ଅସରୁ ଅଶ୍ରୁ ଧାରା । ।।୯୬।।

କହେଲା ମୋର କିରିୟା ନାଇଁ ଯାଅ ଲଡି ଆଏଜ୍
ହାରିଁ ବଏରୀ ଫିରିଁ ଆଇଛେ ଥିବା କାହାରି ସାହେଯ୍ । ।।୯୭।।

ଅଶୁଭ୍ ଦିଶେ ସବୁ ମତେ ଅସୁଖ୍ ଲାଗେ ମନ୍
ଜୀବନ୍‌କେ ଆଁଚ୍ ଆସିପାରେ ମାନ୍‌ଅ ଜୀବର୍ ଧନ୍ । ॥୯୮॥

ତାରାର୍ ଛେଁକ୍‌ଲା ହାତ୍‌କେ ଅଡ଼େଇଁ ଉତ୍‌ର୍‌କି କହେ ବାଲୀ
''ହେତ୍‌କି କହ ବୀର୍ ପତ୍‌ନୀ ହଇଁ ହେସୁ ଭାଲିଁ । ॥୯୯॥

ଶିର୍ ଗଲେଁ ବି ବୀର୍ ଲଢ଼େଇର୍ ଡ଼ାକ୍‌କେ ନାଇଁ ଡ଼ରେ
ଜୀବନ୍ ଯିବାର୍ ଜିନିଷ୍ ଜାନି, ମରନ୍ ବରନ୍ କରେ । ॥୧୦୦॥

ଜୀଇଁବାର୍ ନୁ ଜୀବତ୍ ଯାବତ୍ କରି ହାଏ ହାଏ!
ଛନ୍‌ଏ ଆନନ୍ଦ୍ ପାଏଲେଁ ବାହାରୁଁ ମରନ୍ ବନ୍‌ଏ ଆଏ । ॥୧୦୧॥

ଲଡ଼୍‌ବାରେଁ ତ ଆନନ୍ଦ୍ ଥାଏସି ଅଡ଼୍‌ବାର୍ ଅଏନ୍ ନୁହେ
ଆନନ୍ଦ୍ ବିନା ଜୀବନ୍ ଅନାମେଦ୍ କଦ୍‌ରିଯ୍ ହୁଏ । ॥୧୦୨॥

ଉତ୍ରି ନାଇଁ ପାରେ ଆଏଜ୍ ସୁଗ୍ରୀ ଯାହା ହେଲେଁ
ସଁଭ୍‌ଲାବା କେ? ଶମନ୍ ପୁର୍‌କେ ଶମ୍‌ବାର୍ କେ ଚାହେଁଲେ । ॥୧୦୩॥

ମାଲ୍ ପିଁଧାଲା ପରେ ବଲ୍ ବଗ୍‌ରେ ସୁଗ୍ରୀର୍ ଅଙ୍ଗେ
ବାଲୀର୍ ସଙ୍ଗେ ଲଡି ବସ୍‌ଲା ବଲି ଯିବାର୍ ଢଙ୍ଗେଁ । ॥୧୦୪॥

ଲଡ଼ି ପଡ଼ିଛନ୍ ଦୁହି ଭାଇ ହୁଅନ୍ ଗଡ଼ା ଗଡ଼ି
କିହେ କାହାକେ ନୁହନ୍ କମ୍ ନୁହନ୍ ଛଡ଼ା ଛଡ଼ି । ॥୧୦୫॥

କେତେବେଲେଁ କେ ଡେଭ୍ରି, ଭୁଇଁନି ଆର ଘଡ଼ି
ଉପରେଁ ଥିବାର୍ ଜନ୍‌କ ଛନ୍‌କେଁ ତଲେଁ ଯାଏ ପଡ଼ି । ॥୧୦୬॥

ବାଆରି ନୁହେ ବର୍କସ୍ କିଏ ଦୁହିଭାଇ ଭିତ୍‌ରେଁ
ମାରି ନାଇଁ ପାରନ୍ ରାମ୍ ଶର୍ ସଲ୍‌ଖାଇ ସୁତ୍‌ରେଁ । ॥୧୦୭॥

ଭାବନ ଘାଏ ସୁଗ୍ରୀ ବି ମାରି ପାରେ ବାଲୀକେ
ଯା'ର୍ ହାତେଁ ଯାର୍, ମୁର୍‌ତୁ ପାର୍‌ବା ଭାଏଲ୍ ଟାଲିକେ ? ॥୧୦୮॥

ବାଲୀ ଯେନ୍ ବିଧା ପକାଲା ସୁଗ୍ରୀବ୍ ଛାତି ଦେଖା
ସେ ମାର୍ କାଏଁ ରାମ୍ ଛାତିନେ ସଏଗୋ ହେଲା ଲେଖା ।          ।।୧୦୯।।

ରାମ୍ ଛାଡ୍‌ଲେ କାଢ୍‌ଲା ଶର୍ ବାଲୀକେ ସୁତ୍‌ରେଇ
ଛାତିଁ ଲାଗି ସେ ତୁର୍‌ତି ଗଲା ଆର୍ ଭିତ୍‌ରେଇ          ।।୧୧୦।।

ଲଢ଼େଇ ଛାଡ଼ି, ଗଦେଇ ହେଲା ବାଲୀ ରଙ୍ଗ୍ ରାଙ୍ଗ୍
ଦିହ୍‌କେ ଛାଡ଼ି, ଜୀବନ୍ ଯିବା ଲାଗି ସଜ୍ ସାଜ୍ ।          ।।୧୧୧।।

କେ'ନୁ ଆଏଲା କିଏ ମାଏଲା ? ଘାଏଲା କଲା ଶର୍
ଏନ୍ତା କଥା ଭାବି ନାଇଁ ଥାଇ ଜୀବନ୍ ଭର୍ ।          ।।୧୧୨।।

ଶର୍ ଆଏଲା ଦିଗ୍‌କେ ଦେଖି ଶର୍‌ବନା ଯାଏ ଶୁଖି
ଦେଖ୍‌ଲା ଏତେ, ସୁନ୍ଦର୍, ମୂରତି କେ'ନେ ଥିଲା ଲୁକି ।          ।।୧୧୩।।

ବିଜ୍‌ଲି ସାଙ୍ଗେ କଲା ମେଘ୍‌କେ କେନ୍‌ବିଧାତା ଘୁରି
ବନାଲା ଏନ୍ତା ମୂର୍ତ୍ତି ସୃଷ୍ଟିର୍ ବନ୍‌ଏ ଦରବ୍ ନୁରି ।          ।।୧୧୪।।

ଶରର୍ ଦରଦ୍ ସର୍‌କିଁ ଯାଏ ପୁଲ୍‌କି ପରେ ପ୍ରାନ୍
ମରନ୍ ଦୁଆରେଁ ଭରନ୍ -ଭିରେ ସୁନ୍ଦର୍ ପନ୍ ମହାନ୍ ।          ।।୧୧୫।।

ମଲେଁ ମର୍‌ମି, କିଏ ଆଉ ଯେ: ମୋର୍ ଆଁଖିର୍ ଆଗେଁ
ଠାଡ଼୍‌ହ ଘଡ଼େ ଦେଖି ନେମି, ଦେ'ଏତ୍‌କି ମାଗେଁ ।          ।।୧୧୬।।

ମୁର୍‌ତୁ ଦେବ୍‌ତା ! ରହ ଘାଏ ପଛେଁ ଛନ୍ କର୍ ଯିମି
ଡରୁ କାଏଁ ମୂର୍‌ତି ଦେଖିଁ ନାଇଁ ମରିକାଏଁ ଜୀଇଁମି ?          ।।୧୧୭।।

ଯିବାର୍ ଯିବାର୍ ହଏ ବାଲୀର୍ ଜୀବନ୍ ନାଇଁ ଯାଏ
ରାମ୍‌କୁ ଦେଖି ଦରଦ୍ ଥମ୍‌ଏ ନାଏଁନ ହାଏ ହାଏ !          ।।୧୧୮।।

ବାଲ୍‌ମିକୀ କହନ୍ ବେଲ୍ ବୁଡ଼ି ହଇଁ ଆସେ ଅଂଧାର୍
କାଏଲ୍ ସକାଳେଁ ଚ଼ର୍‌ଚା କର୍‌ମା ଇ ଠାନୁ ଇପାର୍ ।          ।।୧୧୯।।

❑

# ପାଉଚ୍ -୩

## ବାଲୀର୍ ମୁର୍ତୁ ଆର୍ ତାରାକେ ରାମ୍ ବୁଝାବାର୍

ସୂରଯ୍ କୁଟୁମ୍ ଭିତ୍‌ରେଁ ପୁର୍ଥୀ ଆଏ ନିଜର୍ ଜନ୍‌ଏ
ତାର୍ ନଜର୍ ଇତାର୍ ଉପରେଁ ଅନୁଖନୁ ବନ୍‌ଏ । ॥୧॥

ସମିଆ ନାଇଁ ଯାଏ ମାର୍ ଆଏବାର୍ ବଲେଁ ଆଏସି
ପୁର୍ଥୀରନୁ ମନ୍ ପୁର୍‌ତି ପୀର୍‌ତି ଫିରି ପାଏସି । ॥୨॥

ପୁର୍ଥୀବାସୀ ପ୍ରାଣୀର୍ ଲାଗି ଆଏ ଧରମ୍ ଦେବ୍‌ତା
ସୂର୍ଯର୍ ବି ମନ୍ ସରାଗ୍ ତେଜ୍-ମାର୍‌ଗେଁ ଲେପ୍‌ତା । ॥୩॥

ଆଶ୍ରମ୍‌ନେ ଆସେ ଆଜିର୍ ସେ ଦେଖ୍‌ନୋର୍ ଥିତି
ଗଛ୍ ପତର୍ ଜନ୍ ଜାନୁଆର୍ ମନ୍‌କେ ନିଏ ଜିତି । ॥୪॥

ମୁନି ବସିଭାବନ୍ ବାଲୀ ସୁଗ୍ରୀ-ଲଢ଼େଇର୍ କଥା
ହେତୁ ହଏ ତତୁ ଗୁଟେ ମନ୍‌କେ ହଏ ନଥା । ॥୫॥

ଜନମ୍ ମୁରତୁ ଯଅଁଲା ଜିଆ ଅନୁଖନୁ ଲଢୁଛନ୍
କିଏ କେଭେଁ ଉପ୍‌ରେଁ ତ ତଲେଁ କିଏ ଗଡୁଛନ୍ । ॥୬॥

ଆନନ୍ଦ୍-ଥିତି ଜୁହିଁ ରହି ଲଢ଼େଇ ଦେଖୁଥାଏ
କିଏ ବଡ୍ ସାନ୍ ଚିହ୍ନି ନାଇଁ ପାରେ ଘାଏ । ॥୭॥

ଯାର୍ ଯେଭେଁ ଦେଖେ ହଏ ବଲର୍ ଅଭିମାନ୍
ଲୁକ୍‌ନିଆଁ ଥାଇ ଝୁକେ ନାଇଁ କରି ନିଏ ସାନ୍ । ॥୮॥

ରାମ୍ ଭିତ୍‌ରେଁ ଆରାମ୍ କରିଥିବାର୍ ତାର୍ ମନ୍‌କେ
ମୁନି ଆନି କହେଲେ ଭାବେଁ ରାମେନ୍ ସଭାଜନ୍‌କେ । ॥୯॥

ପାଶ୍‌ରି ନେଲା ମୁର୍‌ତୁ ବାଲୀ ଦେଖିଁ ରାମ୍ ମୁରତି
ଖାଲି କରି ମନର୍ ସବୁ କନ୍‌କେ କଲା ପୂର୍‌ତି । ।।୧୦।।

ମରବାରେଁ ବି ଆନନ୍ଦ୍ ଥିସି କିଏ କର୍‌ବା ସତ୍
ନିଜେଁ ଭୁକ୍ତିଁ ମୁକ୍ତି ପାଏଲିଁ ବଲିଁ ସେ ଉଷଦ୍ । ।।୧୧।।

ସବୁ ଦୁଖେଁ ମୁକ୍‌ଲିଁ ଯିବାର୍ ଥାଏ ବଲିଁ ମୁକ୍ତି
ଭୁକ୍ତି ଥିବାର ମହତ୍ ଜନ୍ କରିଥିସନ୍ ଯୁକ୍ତି । ।।୧୨।।

ଆନନ୍ଦ୍ ରାଏଜେଁ ବୁଲେ ଯେ ଆନ୍‌ମନା ନାଇଁ ହେଇ
ସେ ପାର୍‌ବା ବୁଝି ସିନା ନାଇଁ ହଏ ସମ୍‌ଝେଇ । ।।୧୩।।

ଆନନ୍ଦ-ରାଏଜୁଁ ଫିରିଁ କହେ ବାନର୍ -ରାଏଜ୍-ରାଜା
ଏନ୍ତା କାମେ କିଏ ତୁଇଁ ? ପାଏଲୁ କେନ୍ତା ମଜା ? ।।୧୪।।

ସାମ୍‌ନା କରି ମାର୍‌ବାର୍‌କେ କିଏ କଲା ମନା ?
ଲୁକି ମାଏଲୁ ସୁଖୀ ଆଉ କାଏଁ . ନୁହୁ ଦୁଖ୍‌ମନା ? ।।୧୫।।

ଲଡୁଥିଲୁଁ ଭାଇ ଭାଇ ଆମେ ଦୁଇ କି ଦୁଆ
ପାଇଥିତୁଁ ଯା'ର୍ ଯେନ୍‌ଟା ଫଲ୍ ଥିଲା ଥୁଆ । ।।୧୬।।

ଥୁଇଲା ଫଲ୍ ବୁହି ଆନି ଦେବାର୍ ଗୁସିଆଁ ତୁଇଁ
ଆଉ ଯଦ୍‌ରି ? କାଁ କରି ଆର୍ କଦ୍‌ରିୟ୍ ହେମି ମୁଇଁ । ।।୧୭।।

ସୋର୍ ନାଇଁ ମୋର୍ କେଭେଁ କର୍ବାର୍ ତୋର୍ ଦୋଷ୍
ଶୁନା ନାଇଁ, ଗୁନ୍‌ହା ନାଇଁ କଲୁ କେନ୍ତା ରୋଷ୍ ? ।।୧୮।।

କିଏ ଆଉ ? କାହିଁ ଆଇଛୁ? କା'ଣା ତୋର୍ କାମ୍ ?.
ସୁଗ୍ରୀବ୍ ହଇଁ ମାଏଲୁ ମତେ କା'ଣା ତୋର୍ ନାମ୍ ? ।।୧୯।।

ରାମ୍ ଶୁନି ଖସ୍‌ରିଁ ଆଏଲେ ବାଲୀ ପାଶ୍‌କେ ଅଲ୍‌ପର୍
କହେଲେ ମୋର୍ ନାଁଆଁ ରାମ୍, ସୁଗ୍ରୀବ ମୋର୍ ମଏତର୍ । ।।୨୦।।

ପିତା ସତେଁ ଝାର୍ ଆଇଛେଁ ଚଉଦ ବରଷ୍ ଲାଗିଁ
ଅବଧ୍-ରାଜ୍‌ପଦ୍ ଛାଡ଼ିଁ ବନ୍‌ବାସ୍ ନେଲିଁ ମାଗିଁ । ॥୨୧॥

ବନେ ଥିଲୁଁ, ଦୁହିଭାଇ ସାଙ୍ଗେ ମୋର୍ ନାରୀ
ସୀତା ଥିଲେ, ହଏରାନ୍ ହଉଁ ଝାରେଁ ତାକୁଁ ହାରି । ॥୨୨॥

ମୋର୍ ଦୁଖ୍‌କେ ନିଜର୍ ଦୁଃଖ୍ ଭାବିନେଲେ ସୁଗ୍ରୀବ୍
ସୀତା ଖୁଜ୍‌ବାର୍ ଜବାବ୍ ଦେଲେ ସେଥି ମୁଇଁ ଉଦ୍‌ଗ୍ରୀବ୍ । ॥୨୩॥

ସୁଗ୍ରୀବ ସାଙ୍ଗେ ମିତ ହେଲୁଁ ତାକର୍ କଲୁ ଦୋଷ୍
ଗୁଟେ ଜୀବନ୍ ହେଲୁଁ ତାକୁଁ କର୍‌ବାର୍ ଆଏ ତୋଷ୍ । ॥୨୪॥

ଏକ୍ ଆତ୍‌ମା ହେବାର୍ ନାମ୍ ମଏତର୍ ପନ୍‌ଥାଏ
ବଏସ୍‌ରା ଥାଏ ପର୍‌ମାତ୍‌ମା ସଙ୍ଗେଁ ମିଶିବାର୍ ଘାଏ । ॥୨୫॥

ଭାଏର୍ ସାଙ୍ଗେ ନାଇଁ ପଟ୍‌ଲୁ ଭାଏବହକୁଁ ଯୋର୍
ନିଜର୍ ଘର୍‌ନୀ କଲୁ ପର୍‌ଛା ବୁଡିଥିଲା ସୋର୍ ? ॥୨୬॥

ଦିହର୍ ବଲେ ଯେ କରସି ଅନିୟେକେ ବରନ୍
ଫୁକି ବାଟ୍ ଚାଲ୍‌ଲେଁ ବି ଲୁକିଁ ଆଏସି ମରନ୍ । ॥୨୭॥

ଇ କଥାକେ ଜନାବାକେ-ମାଏଲିଁ ଲୁକ୍‌ନିଆଁ
ତୁଇଁ ଜାନି ତୋର୍ ଜାଏତ୍ ସାଙ୍ଗେଁ ଜାନ୍‌ବା ଇଦୁନିଆଁ । ॥୨୮॥

ରାମ୍ ଆଡ଼୍‌କେ ଢାଲିଁ ବାଲୀ ତା'ର୍ ହାଲିଆ ଚାହାନି
କହେଲା ଭଲ୍ କଥାଟେ କଲୁ ରହେବା ହଇଁ କାହାନି । ॥୨୯॥

ତୁମର୍ ନାରୀ ନୁର୍‌ବା ସେ ତୁଇଁ ମାରୁ ତାର୍ ଭାଏ
ମଏତର୍ ପନ୍ ନୁହେ; ବଏତର୍ ଯିବାର୍ ସଉଦା ଥାଏ । ॥୩୦॥

ମତେ କହିଥିଲେଁ ନାରୀ ପାରିଥିତିଁ ନୁରି
ତାର୍ ଉପରେଁ ନେଲା ଲୁକର୍ ମୁଡ଼୍ ଥିତିଁ ମୁରି । ॥୩୧॥

ନର୍-ନଜ୍‌ରେଁ ଦେଖୁ ତୁଇଁ ବାନର୍ ଦଲର୍ ରୀତି
ଭାଏବହ୍ କା'ଣା ବହେନ୍‌ନେ ବି ହଏ ଆମର୍ ପ୍ରୀତି । ||୩୨||

ସହି ନାଇଁପାରି କହି ପକାଲେ ଶ୍ରୀରାମ୍
ଧର୍‌ତୀ ଉପରେଁ ପୀର୍‌ତି କର୍‌ବାର୍ ନୁହେ ଖରାପ୍ କାମ୍ । ||୩୩||

ଦେହର୍ ଭୋକ୍ ମେଟାବାକେ ପୀର୍‌ତି ବନ୍‌ଏ ନୁହେ
ନିଜର୍ ନାରୀନେ ବି କଲେଁ ଅମଙ୍ଗଲ୍ ହୁଏ । ||୩୪||

ଜୀବ୍ ଆତ୍ମାର୍ ପୀର୍‌ତି ହେଲେଁ ଶିବ୍ ସୁନ୍ଦର୍ ସତ୍
ପର୍‌ମାତ୍‌ମା ବି ପାଏଲେଁ ହଏ ଉଷତ୍ ଅବିରତ୍ । ||୩୫||

ସର୍ଗର ଗୁନ୍ ଆଏ ଯାହା ମାଟିର୍ ଶରୀର୍ ଲାଗି
ଗୁଆଁଲେ ନିଜ୍‌ର ଗୁଆଁର୍ ଭାବ୍ ତୁରତି ଉଠେ ଜାଗି । ||୩୬||

ମୁଇଁ ଚାହେଁ ସେ ଭାବ୍‌ନା କାହିଁ ନାଇଁ ପଶୁ
ପଶ୍‌ଲେ ସେ ପ୍ରାଣୀ ପାଲ୍‌ଟେ ଦେବ୍‌ତା ବି ପଶୁ । ||୩୭||

ନିଜର୍ କାମ୍-ସିଦ୍ଧି ଲାଗିଁ ନୁହେ ମଏତର୍ ପନ୍
ଆତ୍ମା ଆତ୍ମା ଭିତ୍‌ରେଁ ଆଏ ସଦ୍‌ଭାବ୍ ଅର୍‌ପଣ୍ । ||୩୮||

ସମ୍‌କର୍ ସଦ୍‌ଭାବ୍ ରଖି ସମ୍‌କର୍ ଦୁଖ୍ ନିଜର୍
କର୍‌ଲେଁ ମର୍‌ତ୍ ସରଗ୍ ହେବା କବାର୍ ହେବା ସଜର୍ । ||୩୯||

କଡ଼ା କବାରେଁ ସଭେ ସମ୍‌କେର୍ କଲେଁ ସହଯୋଗ୍
ଜଗତ୍ ନାଇଁ ଭୁକ୍‌ତେ ଆର୍ ଶକତ୍ ଅସାଏଧ୍ ରୋଗ୍ । ||୪୦||

ଇ ଦିହ୍‌ଟା ନିହ୍ ନୁହେ ଅମର୍ ଆତ୍ମାର୍ ଲାଗି
ବାହାନ୍ ଗୁଟେ ଆଏ ପାଉଁ ଯେନ୍ତା ଜାନୁ ମାଗି । ||୪୧||

ସବୁଦିନେ ବଁଧାହଇ ରହେବୁ କାଏଁ ଇ ବାହ୍‌ନେ
ଶର୍ ଘିଚୁଛେଁ, ଜୀଇଁଯିବୁ ବୁଲ୍‌ବୁ ଗଜତ୍-ଗହ୍‌ନେ । ||୪୨||

ସୁଗ୍ରୀ କହେଲା ଡ଼େବ୍ରୀ ହାତେଁ ପୁଛିଁ ଆଖିର୍ ଲହ
ଉଦ୍‌ଗାରି ଆନ୍‌ଲେଁ ବି କଥା କହି ନୁହେ ଜହ । ॥ ୪୩ ॥

''ହାତ୍ ଯୁରୁଛେଁ ପାର୍‌ବ ହେଲେଁ ଦିଅ ବଅଁଚେ଼ଇ
ଜୀବନ୍-ରାସ୍ତା ହଜାଲା ଠାନ୍‌କେ ଦିଅ ନ ପୁହୁଁଚେ଼ଇ । ॥୪୪॥

ବାସ୍ ଦଶ୍ ମାସ୍ ଗୁଟେ ଗର୍‌ଭେଁ ଗୁଟେ ବେଲେଁ ଜନମ୍
ଗୁଟେ ମାଁର୍ ଗୁରସ୍ ଖାଇ ଗୁଟେ ଠାନେ କରମ୍ । ॥୪୫॥

ଛୁଆ ଦିନର୍ ଦିହ୍‌ଖୁଜାଖୁଜି ସେନ୍‌ହେ ଗେଲ୍
ଗୁଟେ ଝାରେଁ ଡ଼ାହି ଡେଗାନି ଉଦ୍‌କାଚିଦ୍ ଖେଲ୍ । ॥୪୬॥

ଗୁଟେ ରାଏଜେଁ ରାଏଜ୍ କରା ନାଇଁ ଭିନା ଭିନ୍
ଗୁଟେ ଖୁଲେଁ ରହା ବସା କେତେ ରାଏତ୍ ଦିନ୍ । ॥୪୭॥

ଗୁଟେ ରକମର୍ କାର୍ କାର୍‌ବାର୍ ଗୁଟେ ବିଚାର୍ ଆଚାର୍
ଗୁଟେ ଶରେଁ ସବୁ ସରେ ହଇଁ ପାନିର୍ ଗାର୍ । ॥୪୮॥

ଗୁଟେ ମାଁର୍ ପେଟର୍ ଭାଏକେ ମରେଇ ନେଲା ସୁଗ୍ରୀ
କେତେ କାଲ୍ ଇନିନ୍ଦାନୁ କେନ ପାର୍‌ମି ଉବ୍ରି ? ॥୪୯॥

ରାଏଜ୍ ଯାଇଛେ ରାଏଜ୍ ପାଏ ମି, ପାଏମି ଭି ନାରୀ
ଭାଏ ଗଲେଁ କାଏଁ ଭାଏ ପାଏ ମି ଜୀବନ୍ ଦେଲେଁ ସାରି । ॥୫୦॥

ମୋହରି କହେଁ ଶର୍ ମାରିଛ ବଅଁ ଚାଅ ମୋର୍ କହେଁ
ପାହେଁ ପରୁଛେଁ ରଖ, ନିନ୍ଦା ବଦ୍‌ନାମେ ନାଇଁ ରହେଁ । ॥୫୧॥

ସୁଆଁଲି ଆନି ସୁଗ୍ରୀର୍ ଦିହ୍ ବାଲୀ କହେଲା ଭାଏ !
ଏନ୍ତା ବନ୍ଧୁ ନାଇଁ ପାଏଁ ନ ଶହେ ଜନମ୍ ଯାଏ । ॥୫୨॥

ମତେ ଯେନ୍ ମୁରତୁ ଦେଲୁ ଅମ୍‌ରତ୍ ନାଇଁ ପାରେ
ମୁଇଁ ପିଇଁ କାଏଁ ସାର୍‌ମି ବାନର୍ କୁଲ୍ ନାଇଁ ସାରେ । ॥୫୩॥

ଲହ-ଛଲ୍ ଛଲ୍ ଆଁଖ୍ଁ ଦେଖ୍ ରାମ୍ ଆଡ୍‌କେ ବାଲୀ
ଏନ୍ତା ଦିନ୍‌ଟେ କେଭେଁ ଆଏବା ? ହରେଇ ହେମି ଭାଲି । ।।୫୪।।

ଯେଭେଁ ହେଲେଁ ତ ମାଟିର୍ ଶରୀର୍ ମାଟିଁ ମିଶିଯିବା
ଥିଲେଁ ଅଛେ କେନ୍ ଯଶ୍‌ଯେ କେଭେଁ ଅର୍‌ଜିବା ? ।।୫୫।।

ତୁମ୍‌କୁଁ ଦେଖ୍ ଦେଖ୍ ମୋର୍ ଜୀବନ୍ ଯାଉ ଚାଲି
ଆଏଜ୍ ମଲେଁ ବି ସବୁ ଦିନ୍‌କେ ଜୀଇଁ ରହେବୋ ବାଲୀ । ।।୫୬।।

ସତ୍ ଆଉ କାଏଁ ? ମୁର୍‌ତି ନେଇଛୁ କହେଲୁ ସତ୍‌କଥା
ଅଘେଇଁ ଗଲିଁ ସୁଖେଁ ଗଲା ପର୍‌ଘାଲା ଶର୍-ବଥା । ।।୫୭।।

ହେତାଇ ନେଲୁ ଚେତାମୋର୍ ତୁଇଁ କା, ଚିତ୍ ମଏ
ସତ୍ ଚିତ୍ ତୁଇଁ ଆନନ୍ଦ୍ ମଏ ସବୁକାଲେଁ ତୋର ଜଏ । ।।୫୮।।

ବୀର୍ ଅଗବିର୍ ଆଏ ପୁଓ ଅଙ୍ଗଦ୍ ମୋର୍ ବାଗିର୍
ତାହାକେ ଠାନ୍ ଦେବୁ ତୋର୍ ଦୟା ସମ୍‌ଦର୍ ତୀର୍ । ।।୫୯।।

ତାର୍ ନୁ ବି ସୁଗ୍ରୀବ୍ କେ ଜହ୍ କରିଥିଲିଁ ଦିନ୍‌ଏ
ଅନ୍ତକାଲେଁ କହେଁ ଅନ୍ତରୁଁ ନାଇଁ କର୍‌ବୁ ଭିନ୍‌ଏ । ।।୬୦।।

ଆଏଁଖ୍ କେ ପାଉଥିବା ବାଗିର୍ ସଲଖ୍ ସୁତ୍‌ରେ'' ରହ
ଦେଖ୍ ଯାଇ ଜୀବନ୍ ଜୀଇଁ ନାଇଁ ପାରେଁ ନ ଜହ । ।।୬୧।।

କହୁନ୍ କହୁନ୍ ବାଲୀର୍ ମୁଡ୍ ଢଲି ପର୍‌ଲା ତଲେଁ
ସୁଗ୍ରୀ ଆବ୍‌ରି ଧଏଲା ରାମ୍ ଥାନ୍ କଲେଁ କଲେଁ । ।।୬୨।।

ଗନ୍ଧମାର୍ଦ୍ଦନ୍ ହନ୍‌ମାନ୍ କରି ଯେତ୍‌କି ଥିଲେ ବାନ୍‌ର୍
ଆଏଲେ, ଯେ ନାଇ ଥାଇଁ ହଇଁଗଲେ ହାଜର୍ । ।।୬୩।।

ଡେଙ୍ଗ୍ ଡ଼ଙ୍ଗରର୍ ଶୁରୁଙ୍ଗଟେ କାଏଁ ଘାଏକେଁ ଯାଏ ଧସ୍‌କି
ସମୁଦରର୍ ବନ୍‌ଏ କନ୍‌ଟେ ପୁର୍ଥୀକେ ଯାଏ ମସ୍‌କି । ।।୬୪।।

ଝାର୍ ପତ୍ରା ନିଝାର୍ ପର୍‌ଲା ପତର୍ ପର୍‌ଲେ ଝରି
କୁହୁରି କୁହୁରି ପଣ୍ଡୁକା କାନ୍ଦେ କରୁଣ୍ ରାଗ୍ ଧରି । ॥୬୫॥

ରାଇଜ୍ ଉଆସୁଁ ଆଏଲେ ନାରୀ ଆଗେଁ ଥାଇ ତାରା
ମାରାଗଲା ବାଲୀ ଶୁନି ବୁହେ ଆଖିଁର୍ ଧାରା । ॥୬୬॥

ତାରାର୍ କାନ୍ଦି ବାନ୍ଧି ରଖ୍‌ଲା ରାମ୍‌କୁଁ କଷି କରି
ପଥର୍ ମେତାଲ୍ ରହେଲେ ପଥର୍‌ଟାକେଁ ବସିକରି । ॥୬୭॥

ସବ୍ ସମଂଧୁଁ ପତି ପତ୍‌ନୀ ସମଂଧ୍ ଆଏ ଜିତା
କେନେ ଥିବା ? ଏନ୍ତା କାନ୍ଦୁଥିବା ମୋର୍ ସୀତା । ॥୬୮॥

ସଂମନ୍ଧ୍ ମାନେ ମୁନୁଷ୍ ଜୀବନ୍ ଘେରି ରହେସି ବେଶୀ
ସୁଖ୍ ସେତ୍‌କି ନୁହେ ଯେତ୍‌କି ଦୁଖ୍ ଉଲ୍‌ଦିନେସି । ॥୬୯॥

ମରତର୍ ଆଏ ସମନ୍ଧ୍ ସରଗ୍-ସୁଖ୍ କାଏଁ ଦେବା
ଦିହ୍‌କେ କଲେଁ ସୁଖର୍ ନିହ୍ ଆନନ୍ଦ୍ କାହିଁ ହେବା ? । ॥୭୦॥

ବାଆରି ଜାନ୍‌ଲେଁ ଦୁଖ୍ ବି ଲାଗେ ସୁଖ୍ ଆନନ୍ଦ୍ ମଏ
ନର୍ ତ ନୁହେ ପାରେ, ବାନର୍ ଜୀବ୍‌ନେ କାହିଁ ହଏ । ॥୭୧॥

ତାରାର୍ କାନ୍ଦି ଗଲାଭେଦି 'ଝାର୍ ପତ୍ରା ସାରା
ଥେବିଁ ଗଲା ଭାବିତ୍ ରାମର୍ ଭାବ୍‌ନା ନଏଦ୍ ଧାରା । ॥୭୨॥

ତାରାର୍ ଆଏଁଖ୍ ରାମ୍ ମୂର୍‌ତିନୁ ନାଇଁ ପାର୍‌ବାର୍ ଉସ୍‌କି
ସେ ଆଁଖିର୍ ଯେନ୍ ଗୁଲ୍‌ଗୁଲା ଭାବ୍ ସହଜେଁ ନୁହେ ମୁସ୍‌କି । ॥୭୩॥

କହେଲା ତାରା ଆଖିର୍ ଧାରା ଅନୁବରତ୍ ବୁହୁଛେ
ଢ଼େଙ୍ଗ-ଡଉଲ୍-ପତି ବରତା ପନ୍‌ଟା ତାର୍ ଲୁହୁଛେ । ॥୭୪॥

'ଅବଧ୍ ରଜାର୍ ପୁଓ ପରେ ବଧ୍ କର୍‌ଲୁ କେନ୍ତା
ଜନମ୍ କଣାକେ ପଦମ୍ ନୟନ୍ କହି ବୁଲ୍‌ସନ୍ ଯେନ୍ତା । ॥୭୫॥

ନାରୀ ହାରି ଝାରେଁ, ପତି ମାଏଲୁ ମୋର୍ ଘରେଁ
ମୁହାଁମୁହିଁ ନାଇଁ ପାର୍‌ଲୁ ଲୁକି ମାର୍‌ଲୁ ଡ଼ରେଁ । ॥୭୬॥

ସତୀ କଲୁ ପତି-ହୀନ୍ ସତ୍ ପାଲି ପରେ ଆଇଛୁ
'ସତ'ର୍ ଅର୍ଥ ଜାଣା ଆଏ ? ତୁଇଁ ନ ଏକା ପାଇଛୁ । ॥୭୭॥

କେନ୍‌କେ ଯିମି କାହିଁ ରହେମି ହଇଁ ପତିହୀନ୍
ପତି ବିହୀନ୍ ନାରୀର୍ ଥିତି ହେସି କେତେ ଦୀନ୍ । ॥୭୮॥

ପତ୍‌ନୀ-ହରା ହଇଁ ଯଦ୍‌ବରି ନାଇଁ ପାର୍‌ଲୁ ବୁଝି
ପତି ହୀନାର୍ ବିପତ୍ତି କେତେ ପାର୍‌ବା କାଏଁ ଯୁଝି ? ॥୭୯॥

ଯେନ୍ ଶରେଁ ଯେନ୍ ନିକେ ପଠାଲୁ ମୋର୍ ପତିକୁଁ ର ।ମ୍ !
ସେ ଶରେଁ ଦେ ସେନ୍‌କେ ପଠେଇ ପାଏମି ଆରାମ୍ । ॥୮୦॥

ରାମ୍ କହେଲେ ତାରା, ତୁମର୍ ବୁଦ୍ଧି ବିଚାର୍ ବନ୍‌ଏ
ଭଲ୍ ଅସାର୍ ଆଗୁଁ ଜାନ୍‌ବାର୍ ଭିତ୍‌ରୁଁ ଅ' ଜନ୍‌ଏ । ॥୮୧॥

ପତି ଲାଗି ଅତି ଆତୁର୍ ହେବାର୍ ସୁନ୍ଦର୍ ନୁହେ
ସତର୍ ପତି ଯେ ଆଏ ତାକେଛାଡ଼୍‌ବାର୍ ନାଇଁ ହୁଏ । ॥୮୨॥

ବାଲୀର ଶରୀର୍ ପତି ଯଦ୍‌ବରି ପଡ଼ିଛେ ତ ନିଅ
ଯେଭେଁ ହେଲେଁ ଯାଏତା ଆଏଜ୍ ଗଲା ଯାଇ ଦିଅ । ॥୮୩॥

ଜୀବ୍ ଯଦ୍‌ବରି ପତି ଆଏ କେଭେଁ ମରେ ନାଇଁ
ଅମର୍‌ଟାକେ ମଲା ବଲିଁ ଦୁଖ୍ କର୍‌ବାର୍ କାହିଁ ? ॥୮୪॥

ତୁମେ ଯାହାକେ ପତି ବଲୁଛ ସତର୍ ପତି ନୁହେ
ପିଲା ବେଲର୍ ବର୍ କନିଆ ଖେଲର୍ ଲେଖେଁ ହୁଏ । ॥୮୫॥

ସମ୍‌କର୍ ପତି ଥାଏ ରେ ବହେନ୍ ! ଜନ୍‌ଏ ଜଗତ୍ ପତି
ମାହାଲିଆ ନୁହେ ମହା ମହରଗ୍ ତାର୍ ନେ କଲା ରତି । ॥୮୬॥

ସତ୍ କରି ସମସ୍କୁଁ ଛାଡି ତାର୍ ନେ ରଖିଲେଁ ଭାବ୍
ସତୀ ପନ୍ ସେଟା ଆଏ ଜୀବନ୍ ପାଏସି ଥାବ୍ । ॥୮୭॥

ସୋଜ୍ ମାହାଲିଆ କାଏଁ, କାହୁଛ ରୋଜ ରୋଜର୍ କଥାଥୁଁ
ଯେ ଗଲା ନ ଯାଇଦିଅ ନାଇଁ କୁଦାଅ ବୃଥା ଥୁଁ । ॥୮୮॥

ଘଡ଼େ ସାଙ୍ଗ୍ ଛାଡ଼େ ନାଇଁ ସବୁ ଦିନିଆ ଯେ ସାଙ୍ଗ୍
ଯେତେ ଧୂଇଲେଁ ଛାଡ଼େ, ନାଇଁ ଆନନ୍ଦ୍ ମଏ ରଙ୍ଗ୍ । ॥୮୯॥

ବାଟ୍‌ଚଲା ସାଙ୍ଗ୍ ଆଏ ବାଲୀ ବାଟ୍ ଭାଙ୍ଗିଁ ସେ ଗଲାନ
ସବୁ ଦିନିଆଁ ସାଙ୍ଗର୍ ସାଙ୍ଗ୍ ପାଏବୁ ହେଲେଁ ପଲାନ । ॥୯୦॥

ଦର୍‌ଦେଁ ଯୁତା ହଇଥିଲା ତାରା ମନର ଡୁଲି
ଲହ, ଲହତର୍ ବୁହି ଇହାଦେ କାଦୋ ହେଲା ଖୁଲିଁ । ॥୯୧॥

ଢେ଼ର୍ ଧରିଁ ଗଛ୍ ହେଲାନ ରାମ୍ କଥାର୍ ପଲ୍ହା
ଆନନ୍ଦ୍ ରସ୍ ସର୍‌ସର୍ ହଇଁ ଫଲ୍ ବି ଫଲିଗଲା । ॥୯୨॥

ସେ ଫଲ୍ ପାଇଁ ଉଭିଁଗଲା ତାରାର୍ ନିରାନନ୍ଦ୍
ରାମ୍ ଦିଶ୍‌ଲେ ସୁନ୍ଦର୍ ଆନନ୍ଦ୍‌ମୟ୍ ଅବିଛନ୍ଦ୍ । ॥୯୩॥

ରାମ୍‌ର ପାହେଁ ପରି ପୁଛ୍‌ଲେ ଆଖିର ଲହ୍ ଧାରା
'ସୁରୁ ନୁହେଁ ସୁ' ଗୁରୁ ଜଗତର୍ କହେ ରାନୀ ତାରା । ॥୯୪॥

ଲହର୍ ଧାର୍‌ଟା ଆନନ୍ଦ ଧାରେଁ ଜଲ୍‌ଦି ଗଲା ପଲ୍‌ଟି
ଉସ୍ତାର୍ ନାଇଁ ତାରାର୍ ତାର୍ ପଛ୍‌କେ ଦେଖିବା ଉଲ୍‌ଟି । ॥୯୫॥

ସଭେପଡ଼୍‌ଲେ ତୁନ୍ ତାନ୍, ରାମ୍ କହେଲେ ଲକ୍ଷ୍ମଣ୍
ସୁଗ୍ରୀବ୍ ଅଙ୍ଗଦ୍ ସାଙ୍ଗେଁ ଶବ୍ ସତ୍କାର୍ କର୍ ଇକ୍ଷଣ୍ । ॥୯୬॥

ସୁଗ୍ରୀବ୍‌କେ ରଜା କରି କିସ୍‌କିଂଧିଆ ସଁପି
ସାଙ୍ଗେଁ ଦେବୁ ଅଙ୍ଗଦ୍‌କେ ଯୁବ୍‌ରାଜ୍ ପଦ୍ ଅର୍ପିଁ । ॥୯୭॥

ଫିରି ଆଏବୁ ଯାଉଛେଁ ପ୍ରସ୍ରବଣ୍ ପର୍ବତ୍
ବର୍ଷା କାଲ୍ କାଟ୍‌ମା ତାହିଁ ନାଇଁ ବୁଲୁଁ ନ ଯତ୍ ଖତ୍ । ॥୯୮॥

ପାଲିତ୍ ହେଲା ଅଖ୍ରେଁ ଅଖ୍ରେଁ ରାମ୍ କହେଲେ ଯାହା
ତାରା ଅଙ୍ଗଦ୍ ଦୁହି ମା' ପୋ ଧଏଲେ ରାମର୍ ପାହା । ॥୯୯॥

କହେଲେ ଇ ପାଦ୍ ତଲ୍‌ଟା ଖାଲି ଆମର୍ ଆଶ୍ରା
ତୋର୍ ଆଶାନେ ଦମ୍ ଧରିଛୁଁ ପାଶ୍ରିଁ ବିପଦ୍ ପସ୍ରା । ॥୧୦୦॥

ବେଲ୍ ହେଲା ନ ଯିମା ଏତକେଁ କହେଲେ ମୁନି ବର୍
ରାମ୍ ଭଜନ୍ ଗରଜିଁ ଗଲା ଆଶ୍ରମ୍ ଭର୍ ଭର୍ । ॥୧୦୧॥

❑

# ପାଉଚ୍-୪

## ପ୍ରସ୍ରବଣ୍ ପର୍‌ବତେଁ ରାମ୍

ଖର୍ ନାଏଁନ ଖରାର୍ ଧାସ୍ ଖସ୍‌ରିଁ ଯାଏ ବେଲ୍
କମ୍‌ତେଲ୍ ଯାଏ ଖରା, ଯାଏ ଛଏରା ଲମ୍ ତେଲ୍ । ॥୧॥

ଲମି ଯାଉଛେ ରାମ୍-ଭାବ୍‌ନା ଦୁଖ୍ ଯାଉଛେ କମି
ଆନନ୍ଦ୍ ରସର୍ ସରୋବର୍‌କେ ଚିତ୍ତ୍ ଯାଉଛେ ଶମି । ॥୨॥

ମୁନି କହନ୍, ''ଶୁନ୍‌ଅ ସଭେ ମମ୍‌ତାର୍ ଟାନ୍ ମହାନ୍
ବଏରାଗର୍ ବଏସ୍‌ରା ବିନା କାଁ କର୍‌ବା ଗିଆନ୍ ? ॥୩॥

ଶୁନ୍‌ଲ କି ନି ବାଲୀ ପାଇ ଆନନ୍ଦ୍ ଘରର୍ ଚାବି
ଅଙ୍ଗଦ୍ ଆର୍ ସୁଗ୍ରୀର୍ ଲାଗି ହଏ ଜୀବନ୍ ଚାବି । ॥୪॥

ମୁନୁଷ୍ ଜୀବ୍‌ନେ ମମ୍‌ତାର୍ ଯୋର୍ ଜହ ଜନା ପଡ଼୍‌ସି
ପାରି ହଇଁ ପାରିବାରିକ୍ ସମନ୍ଧ-କଁଟା ଗଡ଼୍‌ସି । ॥୫॥

'ସମନ୍ଧ' ସମ୍‌କୁଁ ଯାହା ପାର୍‌ବ ଦିଅ ସେନ୍‌ହେ ଭକ୍ତି
ଅତି ହଇଁ ଖେତି ନାଇଁ କର ଆତ୍‌ମାର୍ ଶକ୍ତି । ॥୬॥

ଆତ୍‌ମାକେ ପାକୁଁ ପର୍‌ଯଁତ୍ ଆନନ୍ଦ୍ ଆଡ଼୍‌କେ ମୁହାଁଇ
ପରମାନନ୍ଦ୍‌କେ ପାଏଲେଁ ତାର୍ ପାହାନେ ଦିଅ ଶୁଆଇ । ॥୭॥

କିସକିଁଧିଆ ନେ ସୁଗ୍ରୀ ରଜା, ଧରି ଅଙ୍ଗଦ୍ ତାରା
ଧାର୍ ଧରିଛେ ସବୁ ଦିଗେଁ ରାମ୍‌ର୍ ଆନନ୍ଦ୍ ଧାରା । ॥୮॥

ପ୍ରସ୍ରବଣ୍ ପର୍‌ବତ୍ ନେ ବର୍‌ଷା ଋତୁର୍ ରଜା
ମେଘ୍-ହାତୀନେ ବସିଁ ଆସେ ଉଡ଼େଇଁ ବିଜ୍‌ଲି ଧଜା । ॥୯॥

ମେଘ୍ ଘଡ୍ ଘଡ଼ି-ବଜା ବାଜେ ଡାହୁକ୍ ହଏ ଭାଟ୍
ଝାଲ୍ ଉଝାଲିଁ ମୟୂର୍ ନାଚେ ମନ୍ ମହନୀ ନାଚ୍ । ॥୧୦॥

ସାଧବ୍ ବହୂର ଲାଲିଆ ବୁଟା ପରା ଶାଗୁଆ ଶାଢ଼ୀ
ପିନ୍ଧେ ପୁର୍ଥୀ ରାନୀ ବନ୍ଦେଇ ନେବା ସବୁ ଛାଡ଼ି । ॥୧୧॥

ଗନ୍‌ଶିବାକେ ମଖେଇନିଏ କୁରେଫୁଲର୍ ଚନ୍ଦନ୍
ପି'ଛଲ୍ ଛଲ୍ ଚ଼ରେ ପୁରହିତ୍ ହଇଁ ବେଦ୍ ପଢ଼ନ୍ । ॥୧୨॥

ଠେଲ୍‌କୋ ବେଲ୍ ଶୁରୁଙ୍ଗ ଫୁଲର୍ ଫୁଟାଲିଆ ଝାରିଁ
କେତେ ଢଙ୍ଗେ ବେଙ୍ଗ୍ ରଡ଼ିର୍ ହୁଲ୍ ହୁଲ୍‌ହୁଲିକେ ପାରି । ॥୧୩॥

କଲିଆ ବାଦଲ୍ ତଲେଁ ଧୁବ୍‌ଲା ବଁକର୍ ଲମ୍ ଧାଡ଼ି
ନୀଲାର୍ ଚାନ୍ଦୁଆ ତଲେଁ ରୂପାର ଝାଲେର୍ ଯାଏ ମାଡ଼ି । ॥୧୪॥

ବର୍‌ଷା ରଜାର୍ ନିଘା, ଅଛନ୍ ଆନନ୍ଦ୍-ଦେଶର୍ ସମ୍ରାଟ୍
ତାକର ମନ୍ ଖାଁଟ୍ କଲେଁ ସବୁ ହେବା ବିଭ୍ରାଟ୍ । ॥୧୫॥

ସେଥିର୍ କାଯେଁ ସଜାଗ୍ ରହି କରେ ରସର୍ ବୃଷ୍ଟି
ତାର୍ କାମ୍ ତ ଥାଏ ଆନନ୍ଦ୍ ଦେଶ୍‌କେ ନେବା ସୃଷ୍ଟି । ॥୧୬॥

ଠିକ୍‌ନା କରି ଫଟିକ୍ ପଥରର୍ ଗୁହା ଗୁଟେ ଯୁଟିଛେ
ରାମ୍ ଲକ୍ଷ୍ମଣ୍ ପାଇ ତାର୍ ଭାଏର୍ ଭଣ୍ଡାର୍ ଫିଟିଛେ । ॥୧୭॥

ରାମ୍ ସାଙ୍ଗେଁ ଲକ୍ଷ୍ମଣ୍ ସତେଁ ଆନନ୍ଦ୍ ସାଙ୍ଗେଁ ଶାନ୍ତି
ସୁନ୍ଦର୍ ପନର୍ ପଛେଁ ପଛେଁ କୁଦଉଛେ କାଏଁ କାନ୍ତି । ॥୧୮॥

ବର୍‌ଷା ଝରେ, ଝର ଝରାନୁ ଝର୍‌ନା ଗାଏ ଗୀତ୍
ପ୍ରସ୍ରବଣ୍ ପର୍‌ବତର୍‌ତ ଉଲ୍‌ସି ଉଠେ ଚ଼ିତ୍ତ । ॥୧୯॥

ସମୁଦରର୍ ଆନନ୍ଦ୍ ରସ୍ ମୁଡା ବାଁଧି ଦଉଡୁଛନ୍
ତଗ୍‌ଲେଇଁ ସେ ରସ୍ ମେଘ୍‌ମାନେ ଆସି ଅଜ୍‌ଉଛନ୍ । ॥୨୦॥

ପତର୍-ହରା ଝାର୍ ପଡ଼୍‌ରା ଆନନ୍ଦ -ରସ୍ ମାଖି
ରାମ୍ ଦେହର୍ ବରନ୍ ସର୍ ସର୍ ହଇ ଦେଖାନ୍ ଚାଖି । ॥୨୧॥

କଦମ୍ କଢ଼ି ଫୁଟି ଉଠୁଛେ ପଦମ୍ କଢ଼ି କହୁଛେ
ସୀତା ପଦମ୍-ମୁହାଁର୍ ଦଶା ରାମ୍‌କୁଁ କାଁଏ କୁହୁଛେ । ॥୨୨॥

କଣା କାଣୀ ଚ଼ରେ ହୁଅନ୍ ଡକାଡ଼କି ରାତିଁ
କାହାକେ ଝୁମ୍‌ରା ନାଇଁ ଲାଗ୍‌ବାର୍ ନାଇଁଥିଲେ ସାଥୀ । ॥୨୩॥

ସୂରୁଯ୍ ରହେ ମେଘ୍ ଉଢ଼ାଲେଁ ପଦମ୍ -ଆଖିଁ ପାଏନ୍
ଶରୀର ନୁହେଁ ମନ୍ ହିଁ ଦେସି ପୀର୍‌ତିର୍ ପୂରା ମାଏନ୍ । ॥୨୪॥

ରାମ୍ ଭାବୁଛନ୍-ଲକ୍ଷ୍ମଣ୍ ମୋର୍ ବନ୍‌ଏ ସକ୍ଷମ୍ ଆଏ
ଉର୍ମ୍ମିଳା କଥା ଭର୍‌ମେ ବି ନାଇଁପକାବାର୍ ଘାଏ । ॥୨୫॥

ଦୁହେଁ ମିଶିଁ ଜନ୍‌ଏ ହଇଛନ୍ ନାଇଁ ପର୍‌ବାର୍ ଜନା
ଦେହେ ଛାଡ଼ି ମନ୍‌ଦୁଇଟା ଗୁଟେ ରସେଁ ସନା । ॥୨୬॥

ଯେ ଯାହିଁ ଥିଲେଁ ବି ଅଛନ୍ ଦୁହେ ଦୁହିକର୍ ସାଙ୍ଗେଁ
ଛଡ଼ା ଛଡ଼ିଁ ନୁହନ୍ ବନ୍ଧା ହଇଁ ପୀର୍‌ତିର୍ ତାଗେଁ । ॥୨୭॥

ଘାଏକର୍ ଛଡା ଛଡ଼ି ଥିଁ ମୁଇଁ ହଏଁ ସୀତା ସୀତା
ଲକ୍ଷ୍ମଣ୍ ଲେଖେଁ ଲକ୍ଷଣ୍ ମୋର କେଭେଁ କାହିଁ ଥିତା ? ॥୨୮॥

ରାମ୍ ସିନା ଅଛନ୍ ଠାନ୍‌କେଁ ନାମ୍ ଚଉଦିଗ୍ ଯାଜି
ବାଲୀର୍ ବାରିର୍ ବୀର୍ ମଲା ଶର୍‌ଟେ ଯାର୍ ବାଜି । ॥୨୯॥

ସୂପ୍‌ନଖୀର୍ ରୂପ୍ ଚୁପ୍‌ଲା ସେ ନାକ୍ କାନ୍ ଚ଼ିରି
ଖର୍ ଦୂଷଣ୍ ତିର୍ଶିରା ଯାଇ ନାଇଁ ପାର୍‌ଲେ ଫିରି । ॥୩୦॥

କିଏ ବଲୁଛେ ମହାପୁରୁଷ୍ ଆଏ କିଏ ମହାପୁରୁ
କିଏ କହେ ମୁନୁଷ୍ ହେଲେଁ ବି ନୁହେଁ ସାନ୍‌ସୁରୁ । ॥୩୧॥

ଆଗୁଁ ପରେ ବିଶ୍ୱାମିତ୍ର ମାଗୁନ୍ ସାଏର୍ ଯାଇ
ମାଏଲେ ତାଡ଼କା ଯଜ୍ଞ ଶାଲ୍ ଦିଏ ଯେ ଦହ୍‌ଲାଇ । ।।୩୨।।

ଶିବ ଧନୁକେ ଗୁନ୍ ଚଢ଼ାଲା ଜନକ୍ ରଜାର୍ ସଭାନେ
ରାବଣ୍ ବାଣା ଯାଇ ଯାହିଁ ପଡ୍‌ଲେ ଅର୍‌ଜବା ନେ । ।।୩୩।।

ତାର୍ ପାହାନେ ଠଠେଇ ହଇ ବାଟ୍‌ର୍ ପଡ୍‌ଲା ପଥର୍
ନାରୀ ହେଲା, ଭାରି ଆଶ୍ରିଯ୍, ଯଦର୍‌ପି ଥାଏ ସଥର୍ । ।।୩୪।।

ରଜାବାପର୍ ସତ୍ ରଖି ରାଜ୍‌ପଦ କେ ଛାଡି
ଲୋଭ୍ ଲାଲଚ୍‌ର ସାଙ୍ଗେ ଦେଲା ଷୋଭର୍ ଟିଂଟି ମାଡ଼ି । ।।୩୫।।

ଅତ୍ରି, ଅଗସ୍ତି ଭରଦ୍ୱାଜ୍ ଲେଖେଁ ଋଷି
କଷି ଦେଖି ଦେଲେ ପରମ୍ ପୁରୁଷର୍ ପଉରୁଷି । ।।୩୬।।

ନିର୍‌ହଙ୍କାର୍ ସୁନ୍ଦର୍ ବେଭାର୍ ସଦାନନ୍ଦ୍ ସଦାସାର୍
ନର୍ ଶରୀରେଁ ଚ଼ରେଇ ରଖେ ମହାନର ବ୍ୟବହାର୍ । ।।୩୭।।

ମହାନ୍ ଜ୍ଞାନ୍ ସେଥିର୍ ଲାଗି କହନ୍ ମହାପ୍ରୁ ଥାଏ
ମୁନୁଷ୍ ଦିହେଁ ପଡ୍‌ବା ନାଇଁ ନର୍ ବିଚାରର୍ ଛାଏ ? ।।୩୮।।

ଅଗସ୍ତି ମୁନି ଜାନ୍‌ଲେ ବିଛେଦ୍ ରାମ୍-ସୀତାର୍
ଉଦମୁଦାଲେ ଦେଖିବାର୍‌କେ ରାମର୍ ବିଚାର୍ ବେଭାର୍ । ।।୩୯।।

ପ୍ରସ୍ରବଣ୍ ପର୍‌ବତ୍‌କେ ପୁହୁଁଚି ଆଏଲେ ତୁର୍‌ତି
ରାମ୍ ରସ୍ ମନ୍‌କେ ଆନନ୍ଦ୍ ଦିହ୍‌କେ ଦିଏ ଫୁର୍‌ତି । ।।୪୦।।

ଝାର୍ ସାରା ନୁରି ଦେଖନ୍ କେନେ ଅଛନ୍ ରାମ୍
ସବୁଠାନେ ଦେଖନ୍ ଠିଆ ରାମ୍ ଆନନ୍ଦ୍ ଧାମ୍ । ।।୪୧।।

ଏତ୍‌କି ବେଲେଁ ପୁହୁଁଚି ଆଏଲେ ମାର୍କଣ୍ଡ୍ ମହାରଷି
ଶ୍ରୁତି ଜ୍ଞାତା ମୁର୍ତ୍ତଜ୍ଞତା ମୁନିକୁଁ ଦେଖି ଖୁସି । ।।୪୨।।

ପଚ୍‌ରା ଉଚ୍‌ରା ହେଲେ ଦୁହେ ଦୁହିଁକୁଁ ମାଏନ୍ କରି
ଜାନ୍‌ଲେ ଦୁହେ ଆସିଅଛନ୍ ଗୁଟେ ଉଦେଶ୍ ଧରି । ।।୪୩।।

ରାମ୍‌କୁଁ ପାଏଲେଁ କଥା ହେବେ ଆଏ ଦୁହିଁକର୍ ମନ୍
ମାର୍କଣ୍ଡ୍ ନୁହେ ଦେଖନ୍ କେବେଁ ଅଗସ୍ତି ଦେଖିଛନ୍ । ।।୪୪।।

କଥା ହଉଁ ପୁହୁଁଚି ଆଏଲେ ରାମ୍ ଥିବାର୍ ଠାନ୍‌କେ
ଦେଖିତେ ସାଏର୍ ରାମ୍ ରଖିଲେ ଋଷି ଦୁହିକର୍ ମାନ୍‌କେ । ।।୪୫।।

ଗୋଡ୍‌ଶାଳେଁ ପରି ଦୁହିଁକୁଁ ଦେଲେ ପକାଇ କୁଶାସନ୍
କହନ୍ 'ଦେଖେଁ ବାଟ୍ କେଭେଁ କିହେ ନାହିଁ ଆସନ୍ । ।।୪୬।।

ଆଏଜ୍ ମୋର୍ କପାଲ୍ ଫିଟ୍‌ଲା ଦୁଇଜନ୍ ମହାତମା
ଏକାସାଙ୍ଗେ ଦେଖିଲିଁ କେତେ ପୁଇନ୍ ଥିଲା ଜମା । ।।୪୭।।

ଅଗସ୍ତି କହନ୍ ଇ ମହାତ୍ମାକୁଁ ଚିହ୍ନିଛ କି ନାଇଁ ?
ମାର୍‌କଣ୍ଡ୍ ଆନ୍ ମୃର୍ତୁଜିତା ଶିବ୍ ସ୍ୱରୂପ୍‌କେ ଧାଇ । ।।୪୮।।

ସାଧିନା ବଲେଁ ମୃର୍ତୁଜିତ୍‌ବାର୍ ସାଦା ସିଧା କଥା
ଦେଖେଇ ନେଲେ ମୁନି-ମହାତ୍ମା ସାଧନ୍ ସାମ୍‌ରଥା । ।।୪୯।।

ରାମ୍ ଫେର୍ ପାହେଁ ପରି କହେଲେଁ ଜଗତ୍‌ଗୁରୁ !
ଦୁଖ୍-ଦରିଆନୁ ଉଦ୍ଧାର୍ କଲେ ମୁନି ମହାପୁରୁ । ।।୫୦।।

ଝାର୍‌କେ ଆଏଲିଁ ପାର୍ କରି ରାଜ୍ ସଂପଦର୍ ଜାଲ୍
ନାରୀ ହରେଇ ଘାରି ହଉଛେଁ ରାଏତ୍ ଦିନ୍ ସବୁକାଲ୍ । ।।୫୧।।

ଏତକି କହିଁ ସଟ୍‌କିଁ ଗଲେ ଆଖିଁ ପୁଛିଲେ ଲହ
କହି ନୁହେ ହୁରୁଦ୍ ଭିତ୍‌ରୁଁ କୋହ୍ ଉଠ୍‌ଲେଁ ଜହ । ।।୫୨।।

ଅଗସ୍ତିକୁଁ ଲାଗ୍‌ଲା ଯେନ୍ତା ଆଏଁଖ୍ ଥିଲା ଲୋକ ଜନ୍‌ଏ
ଅନ୍ଧର୍ ସୁଆଙ୍ଗ କରି ପାର୍‌ଲେଁ ଉଷତ୍ ହେସି ବନ୍‌ଏ । ।।୫୩।।

ଠିକ୍ ସେନ୍ତା ରାମର୍ ବେଭାର୍ ଭିତ୍ରେଁ ଆନନ୍ଦ୍ ରେଖା
ବିଜ୍‌ଲି ଲେଖେଁ ଚମ୍‌କି ଜାନ୍‌ଲା ଲୁକୁଁ ଗଲା ଦେଖା । ।।୫୪।।

ମାର୍କଣ୍ଡ୍ ଋଷି ରାମ୍‌ର୍ ଲହ୍ ଦେଖିଁ ଗଲେ ତର୍‌ଲି
ରାମର୍ ଦୁଖେଁ ତାକର୍ ଦୁଖ୍ ଗଛ୍ ଉଠେ ବର୍‌ଲି । ।।୫୫।।

କହେଲେ ଆହା, ବନ୍‌ଏ ଲୋକ୍‌କେ ବନ୍‌ଏ ବିପଦ୍ ହେଲା
ରାମ୍‌ର୍ ସେ ମୂର୍ତ୍ତି ଏକା ହୁଦେଁ ତାକର୍ ରହେଲା । ।।୫୬।।

ରାମ୍ ସୁଆଙ୍ଗର୍ ଲୁହର୍ ଧାରେଁ ଉହୁଲିଁ ମହାମୁନି
କହେଲେ କାଏଁ ମିଛ ମାହାଲିଆ ଥିଲେ ଯାହାଶୁନି । ।।୫୭।।

ରାମ୍ ଆ'ନ ନାରେନ୍ ନିଜେଁ ହେସନ୍ ଗୁତା ଉଚାର୍
କେ ଚୁରେଇଛେ ନାରୀ, ନାଇଁ ଜାନନ୍ ନାଆଁ ତାର୍ । ।।୫୮।।

ଆହା ! ସେ ଯାହା ହଉଛନ୍ ଆଁଖିଁ ଉହୁଲେ ଲହ
ସାଦା ସିଧା ମୁନୁଷ୍ ଆ'ନ୍ ନାଇଁ ଭାବି ହଏ ଜହ । ।।୫୯।।

ଆସନ୍ ପାଦାସନ୍ ଦେଇ ଫଲ୍‌ମୂଲ ଭଲ୍ ପାଏନ୍
ଦେଇ ରାମ୍ ଯେତ୍‌କି ସମ୍ଭବ୍ ସେତ୍‌କି କଲେ ମାଏନ୍ । ।।୬୦।।

ଦୁହି ମୁନି ଏକା ସଙ୍ଗେଁ ରାମ୍‌କୁଁ ମାଗ୍‌ଲେ ବିଦାଏ
ଜନ୍‌ଏ ଆନନ୍ଦ୍ ଆରଜନ୍‌କ କରନ୍ ହାଏ ହାଏ । ।।୬୧।।

ପ୍ରସ୍ରବଣ୍ ପର୍‌ବତନେ ବର୍‌ଷା ହଏ ବଡ୍‌ରେଁ
ଘୁମ୍‌ରି ଘୁରନ୍ ବାଦଲ୍ ଦଲ୍ ଶୁରୁଙ୍ଗ୍ ଦେଖି ସୁତ୍‌ରେଁ । ।।୬୨।।

ପର୍‌ବତ୍ ଶିଘେଁ କୁହୁଲା ଦିଶେ ବିନା ଜୁଏ-ଛାଏନେ

ଖରା ନେ କାଏଁ କୁହିଥିଲା ଜୁଏ ଗଲା ସାଏଁ ନେ । ।।୬୩।।

ଅଗସ୍ତିତ ଆଗେଁ ଚାଲନ୍ ମାର୍‌କଣ୍ଡ୍ ପଛ ଭାଗେଁ
ଅଡ଼ା ଯୁଆଡ଼ି ଚାଲନ୍ ସମାନ୍ ବାଟ୍ ପାଏଲେଁ ମାଗେଁ । ।।୬୪।।

ମାଇଁଡ଼୍ କହନ୍ ଅଗସ୍ତି ହୋ ରାମ୍ ଲୋକ୍‌ଟା ବନ୍‌ଏ
ନୁର୍‌ଲେଁ କାହିଁ ପାଏବ ଏନ୍ତା ସୁନ୍ଦର୍ ସୁତର୍ ଜନ୍‌ଏ । ||୬୫||

କେଡ଼େ, ଅଏନ୍ ମାଏନ୍ ୯ ଏନ୍ କେତେ ନୁକୋ କଥା
ନାରୀ ହାରିଁ ମନ୍‌କେ ଘାରି ନିଏ ସିନା କଥା । ||୬୬||

ଶୁନିଥ୍‌ଲିଁ ଅନେକ୍ ମୁହେଁ ନାରେନ୍ ଆ'ନ୍ ନିଜେଁ
ହେନ୍ତା ତ ନାଇଁ ଦେଖ୍‌ଲିଁ ତାକର୍ କେହେନି ଚିଜେଁ । ||୬୭||

ହାରି ହେବା କେନ୍ତା କରି ସାଙ୍ଗେଁ ଥିବାର୍ ନାରୀ
କିଏ ନେଲା? କେନେ ଅଛେ ? ଜାନି ନାଇଁ ପାରି । ||୬୮||

ନୁର୍‌ବାର୍‌କେ ସୁଗ୍ରୀବ୍ ସାହେଯ୍ ପାଏବାର୍ କରି ଆଶ୍
ଲୁକି କରି ବାଲୀ ବାଗିର୍ ବୀର୍‌କେ କଲା ନାଶ୍ । ||୬୯||

ଇ ସବୁକେ ଜାନି କେ କହେବା ? ନାରେନ୍ ଆଏ
ନାରେନ୍ ନିଜେଁ କାଏଁ କାଯେଁ ହେବା ହଏରାନ୍ ହାଏ ! ||୭୦||

ହସିଁ ଅଗସ୍ତି କହନ୍ ତୁମେ ମହାନ୍ ଜ୍ଞାନୀ
ତୁମେ ଜାନ୍‌ଅ ନାରେନ୍ ଆବ୍‌ରିଁ ରହନ୍ ସବୁ ପ୍ରାନୀ । ||୭୧||

ଆମେ ସେ ନାରେନ୍ କେ ଅହମିକାନେ ତୁପିଁ
'ତୁଇଁ' 'ମୁଇଁ' ଭାବେଁ ହରୁମେଷ୍ ରହେସୁଁ ଗୁପିଁ । ||୭୨||

ଯେ ପାର୍‌ସି ଉପ୍‌କେଇ ନେସି ତାର୍ ନାରେନ୍ ସତ୍ତା
ନିଜେଁ ଦେଖେଇ ନାଇଁ ହଇ ତ ବିଲ୍‌ମେ ମିଲେ ପତ୍ତା । ||୭୩||

ବିଶ୍ୱାମିତ୍ର-ଯଜ୍ଞଶାଲୁଁ ମାରୀଚ୍ ମାର୍‌ବାର୍ ଯାଏ
ଯାହା କରିଛନ୍ କେ କର୍‌ବା ଜୀବନ୍ ଭିତ୍‌ରେଁ ଘାଏ । ||୭୪||

ସେ ଚାହିଁଛନ୍ କର୍‌ବେ ସେ ନର୍ ଶକ୍ତିର୍ ସୀମାନେ
କେନ୍ ଶକ୍ତି ନାଇଁ ଦେଇ ? ଇ ମୁନ୍‌ଷର୍ ଜିମାନେ । ||୭୫||

ସଂସାରେଁ ଯେଭେଁ ବଢ଼ିଁ ଯାଏସି ଅନିୟେ ଅଧରମ୍
'ନାରେନ୍ ଆସ' ଡ଼କା ପର୍‌ସି ଭୁଲିଁ କଲା କରମ୍ । ॥୭୬

ମୁନୁଷ୍ ହଇଁ ଦେଖେଇ ନଉଛନ୍ ମୁନ୍‌ଷେଁ ସବ୍ ସମ୍ଭବ୍
ଇସବୁକେ ଦେଖିଁ ସଭେ କର୍‌ବେ ଅନୁଭବ୍ । ॥୭୭॥

ମୁନୁଷ୍ ଜନମ୍ କରମ୍ ନେଇ ମୁନୁଷ୍ ବିଚାର୍ ଆଚାର୍
ନାଇଁ ଦେଖେଇ କର୍‌ବେ କାଏଁ ? ନାରେନ୍ ଆଏଁ ପର୍ଚାର । ॥୭୮॥

ତୁମେ ମୁନି ଶିବ୍‌କୁଁ ଧାଇ ସତ୍ ସୁନ୍ଦରର୍ କଥା
ପାଶିର୍‌ଲ କାଏଁ ନାଇଁ କର୍‌ବାର୍ କେଭେଁ ତାକର୍ ପତା । ॥୭୯॥

ସତ୍ ଶିବ ସୁନ୍ଦର୍ ସତ୍ ଚିତ୍ ଆନନ୍ଦ୍ ମଏ
ଯେନ୍ତା ଭାବେଁ ଯେ ଦେଖ୍‌ବା ଠିକ୍ ସେନ୍ତା ହଏ । ॥୮୦॥

ତୁମେ ଚାହୁଁଛ ବିରାଟ୍ ରହେତା ଅଁଟର୍ କରାଟ୍ ଭିତରେଁ
ଦରିଆ ରହେତା ଗରିଆ ଭିତ୍‌ରେଁ ନିଜର୍ ନାକର୍ ସୁତ୍‌ରେଁ । ॥୮୧॥

ଜନ୍‌ଏ ହଇଁ ଦିଶ୍‌ତା କାଏଁ ଜନ୍‌ଗନ୍‌ତାର୍ ଆଗେଁ
ଦେଖ୍‌ବାର୍ ମନ୍ ନାଇଁ ଥାଇଁ ବି ଦେଖ୍‌ତେ ଲାଗେଁ ଲାଗେଁ । ॥୮୨॥

ଈଶ୍ୱର୍ ଅଛନ୍ ବିଶ୍ୱର୍ ଅଣୁପରମାଣୁନେ ପୂରି
ଦିଶ୍‌ବାର୍‌ଟା ଆଏ ଦେଖ୍‌ନେବାଲାର୍ ବାହାଦୂରି । ॥୮୩॥

ନିଜ୍ ଭିତରର୍ ନାରେନ୍ ସାଙ୍ଗେଁ ଯୁରି ହେବାର୍‌ଟା ଯୋଗ୍
ଏକ୍ ହଇ ପାର୍‌ଲେଁ ଲାଗେ ଦିହ୍‌ଟା ସାଁପର୍ ଜୋର୍ । ॥୮୪॥

ଈଶ୍ୱର୍ ସାଙ୍ଗେଁ ଏକ୍ ହେଲେଁ ନିଜେଁ ହଏ ଈଶ୍ୱର୍
ସ୍ୱର୍ ଉଠସି ତାହାକେ ଦେଖେଇ କର୍ତ୍ତା ଆଏ ବିଶ୍ୱର୍ । ॥୮୫॥

ସେ ହିସାବେଁ ମୁଇଁ ଭାବେଁ ମୁନି ମହାରାଜ୍ ! ରାମ୍‌କୁଁ
ଉନିଆଁ ମାନ୍‌କୁଁ ନାଇଁ ଦିଶିଁ ବି ଦିଶ୍‌ବାର୍ କଥା ଆମ୍‌କୁଁ । ॥୮୬॥

ମାର୍କଁଡ୍ ମୁନି ଶୁନି କହେଲେ ଅଗସ୍ତି ତୁମେ ଧଏନ୍
ଅନ୍ତର୍ଯ୍ୟାମୀ କେ ଜାନ୍‌ଲ ତମର୍ ଅନ୍ତର୍ ଆଏ ଅଏନ୍ । ।।୮୭।।

ନର୍ ହେଲେଁ ବି ଇଶ୍ୱର୍ ଶକ୍ତି ଶରୀରେଁ ଅଛେ ଭରି
କାଁ ହେଲା ଯେ ? ସୁଗ୍ରୀର୍ ସାହେଯ୍ ଅଛନ୍ ଆଶ୍ କରି । ।।୮୮।।

ଜାନିଥିବେ ତ କେନେ ଅଛନ୍ ଜନକ୍ ଜେମା ସୀତା
ଯେ ନେଇଛେ ତାକରନ୍ନୁ କାଏଁ ବର୍କସ୍ ଆଏ ଯେଥିତା ? ।।୮୯।।

ଆନି ଆଏତେ ଲଢ଼ି ଭିଡ଼ି କାଁ ହେଲା ଯେ ଟାକିଛନ୍
ମୁନୁଷ୍ ମନେ ଅନ୍‌ମୁନ୍‌ଷିଆ ଦରଦ୍‌ରଦା ଜାଁକିଛନ୍ । ।।୯୦।।

ମାର୍କଁଡ୍‌କର୍ କଥା ଶୁନି ଅଗସ୍ତି କହନ୍ 'ରଷି ।
ସୋଇ୍ ମୁନୁଷ୍ ନାଇଁ ପାର୍‌ଲେଁ ବି ଦେଖାସି ପଉରୁଷି । ।।୯୧।।

ପରମ୍ ପୁରୁଷ୍ କର୍‌ସି ନିଜର୍ କରମ୍ ନିର୍‌ଦୋଷ୍
ଗଲା ସଲା କଲା କାମେ ଛାଡ଼ିଁ ଅବ୍‌ଶୋଷ୍ । ।।୯୨।।

ମୁନୁଷ୍ ଯଦ୍‌ରି କରମ୍ କର୍‌ବା ସତ୍ ଶିବ ସୁନ୍ଦର୍
ପଶୁ ପକ୍ଷୀ ସାହେଯ୍ କର୍‌ବେ ଜଟାୟୁ କି ବାନର୍ । ।।୯୩।।

ପଶୁ ମୁନୁଷ୍ ମିଶୁ ହଉ ନୂତନ ଦୁର୍‌ଛନା
ସବୁ ଦେହେଁ ଶୁଭୁ ଏକ୍ ଆତ୍ମାର୍ ମୂର୍‌ଛନା । ।।୯୪।।

ଇ ଭାବ୍‌ନା କାମ୍‌କେ ଆଏବା ଭାବିଁ କାଏଁରାମ୍
ନିଜ୍‌କେ ଲୁକେଇ ପକେଇ କଲେ ନିଜର୍ କର୍ବାର୍ କାମ୍ । ।।୯୫।।

ମାର୍କଁଡ୍ କହନ୍ ''ସତ୍ ଆଏ, ହେ ମୁନିରାଜ୍
କେ ଜାନ୍‌ବା ? କେନ୍‌କେ ବିରାଟ୍ କର୍‌ବା ଯେ ବିରାଜ୍ ? ।।୯୬।।

ସେ ଆଏ, ଆଏଁଖ୍, ଘୁହୁଁ, ମନର୍ ପୁହୁଁଚ୍ ବାହାରେଁ
କେ ଜାନ୍‌ବା ତାହାକେ ଜାନ୍‌ବାର୍ କହି ନୁହେଁ କାହାରେଁ । ।।୯୭।।

ତାର୍ କଥା ଥିଁ ଗୁରୁ ହଇଁ ବନେଇ ନୁହେ ଚେଲା
ସେ ନାଏଁନ କେନ, ହେନ୍ତା ଠାନ୍‌ଟେ କେଭେଁ ହେଲା ? ॥୯୮॥

ଅଗସ୍ତି କହନ୍ ଏ'ଦେ ଦେଖିବ ସୀତାର୍ ହେବା ଥାବ୍
ଲଢ଼େଇ କର୍‌ବେ ଦେଖେଇ ମୁନ୍‌ଷର୍ ଶକ୍ତି ଅନର୍ଜାବ୍ । ॥୯୯॥

ଫିରିଆସି ଅଯୋଧ୍ୟା ନେ ହେବେ ଫେର୍ ରଜା
ଉଡାବେ ରାଜ୍‌ପଦ୍ ନୁହେଁ, ମୁନୁଷ୍ ପଣିଆଁର୍ ଧଜା । ॥୧୦୦॥

ବେଲ୍ ବୁଡ଼୍‌ଲା ନାଇଁ ଦିଶ୍‌ବାର୍ ଆଉର୍ ପୁଥି ପତର୍
ଲିପିଁ ହେଲା ଲେଖେଁ  ଦିଶନ୍ ଲେଖନ୍ ଲେଖା ଅଖର୍ । ॥୧୦୧॥

ମୁନି କହନ୍ ଯିମା ଚାଲ ଭଜ ରାମ୍ ରାମ୍
ସଏଦ୍ ଶିବ୍ ସୁନ୍ଦର୍ ସତ୍ ଚିତ୍ ଆନନ୍ଦ୍ ଧାମ୍ । ॥୧୦୨॥

❑

# ପାଉଚ୍‌-୫

## ଲକ୍ଷ୍ମଣ୍‌ ସୁଗ୍ରୀକୁଁ ସୀତା ନୁରାବାର୍‌ ସୋର୍‌ କରାଲେ

'ସକାଲ୍‌ ହେଲା' କୁଆ କହେଲା ଆଶ୍ରମେ ବୁଲି ବୁଲି
ହଁ କହନ୍‌ ଫୁଟ୍‌ଲା ଫୁଲ୍‌ ପବ୍‌ନେ ଝୁଲି ଝୁଲି । ।।୧।।

ହରେକ୍‌ ସୁରେଁ ଚ଼ରେ କହନ୍‌ ସଭେ ଉଠ ଉଠ
ପେଟ୍‌ ଆଗଲ୍‌କ ନାଇଁ ଯାଏ ଚ଼ରାନୁରାନେ ଜୁଟ । ।।୨।।

ଆଶ୍ରମ୍‌ ବାସୀ ସଭେ ଯାଇ ତମ୍‌ସା ଧାରେଁ ଧାରେଁ
ଫିରନ୍‌ ଗାଧି ସଁଧିଆ ଶଉଚ୍‌ ସାରି ଏକା ସାରେଁ । ।।୩।।

ସୂରୁଯ୍‌ ହଁସେ ପୂରୁବ୍‌ ଦିଗେଁ ଚ଼ିଁଡ଼୍‌ ଦିଶେ ଲାଲ୍‌
ଡଙ୍ଗର୍‌ ଶିଘୁଁ ଖରା ଉତ୍‌ରିଁ ଛିଏ କୁରିଆର୍‌ ଚାଲ । ।।୪।।

ହେ ରାମ କହି ବାଲ୍‌ମିକୀ ମୁନୀ ରାମେନ୍‌ କଲେ ମୂଲ୍‌
ଶୁନ୍‌ଲା ଲୋକ୍‌ ସାଙ୍ଗେଁ ପତର୍‌ ଭିତରେଁ ହଁସେ ଫୁଲ୍‌ । ।।୫।।

ଅଗସ୍ତି ମାର୍କଁଡ୍‌ ମୁନି ଥିଲାବେଲେଁ ଲକ୍ଷ୍ମଣ୍‌
ନାଇଁ ଥାଇ, ସୁଗ୍ରୀର୍‌ ଚଲନ୍‌ ଲାଗ୍‌ଲା ଅଡ଼ଚ଼ନ୍‌ । ।।୬।।

କହିଥିଲେ ରାମ୍‌ ମିତ ରାଜପଦ୍‌ କେ ପାଇ
ଲାଗ୍‌ଲା ସଂପଦ୍‌ ଶରୀର୍‌ ଧରିଁ କଲା ମେତାଲ୍‌ ପାୟୀ । ।।୭।।

ପାଶ୍‌ରି ନେଲେ ଆମର୍‌ ଦଶା ବର୍ଷା ଯାଇ ବସ୍‌ଲା
କଇଁ କାଇଁଶ୍‌ ଫୁଲେଁ ମହୀ ମନ୍‌ ଭର୍‌ନୁ ହଁସ୍‌ଲା । ।।୮।।

କାଁ ଦିନ୍‌କେ ଲୋକ୍‌ ପଠାବେ ? ସୀତାର ଖୋଜ୍‌ ଖବର
ନାଇଁ ପାଏଲେଁ ଜୀଇଁ ନୁହେ ବିଲମ୍‌ ହଏ ଜବର୍‌ । ।।୯।।

ଯା'ତ ଭାଇ ମିତ ନିକେ କରେଇ ନେବୁ ସୋର୍
ଲାଜ୍ ସରମ୍ ପୁଡେଇଁ ଖାଏଲେ ରାଜ୍‌ପଦ୍ ମାରେ ହୋର୍ । ।।୧୦।।

ସୀତାର୍ ନୁରା ଖୁଜା ଯଦ୍‌ରି ତାକ୍‌ର ବୁତେଁ ନୁହେ
ଇନେ କାଁ ଯେଁ ବସି ରହେମା ଖୁଜ୍‌ମା ହେଲେଁ ଦୁହେ । ।।୧୧।।

ରାମ୍‌ର୍ କଥା ବଢ଼େଇ ନେଲା ଲକ୍ଷ୍ମଣ୍ ମନର୍ ବଥା
ସାଙ୍ଗେଁ ଆଏବାର୍ ବୁର୍‌ଥା ହେବା ରାମ୍ ହେଲେଁ ଅଥା । ।।୧୨।।

ଭାବ୍‌ଲେ ବାନର୍ ରଜାର୍ ମନେ ନାଇଁ ବନ୍‌ଏ ବୁଦ୍ଧି
ନରର୍ ନାଇଁ ବାନର୍ କାହୁଁ ପାଏବା ବିଚାର୍ ଶୁଦ୍ଧି । ।।୧୩।।

ଦିହର୍ ସୁଖେଁ ଚ଼ହରା ଦେସି ଆନନ୍ଦ୍ ଆସି ଯାହାକୁଁ
ସତର୍ ଆନନ୍ଦ୍ ବଦ୍‌କି ନେସି ନାଇଁ ଜନାଇ କାହାକୁଁ । ।।୧୪।।

ପଂରା ହଇଛେ ମହୁଲ ପୂରା ଭୁଖାବଲ୍‌ଦର୍ ଆଗେଁ
କାହିଁଉସ୍‌କିବା ? ମସ୍‌କି ବସେ ମାସ' ମାସ୍ ଲାଗେଁ ଲାଗେଁ । ।।୧୫।।

ବିଗ୍‌ରିଁ ଯାଏ ସୁଗ୍ରୀବ୍ ସବୁ ଭୋଗ୍-ରାଗର୍ ବାସ୍‌ନା
ପାଶ୍‌ରି ନିଏ ରାମ୍, ଆବ୍‌ରି ତାରା ରୁମାର୍ ଦଶ୍‌ନା । ।।୧୬।।

ମନ୍ ଭୁର୍‌ଲା ଉଷଦ୍ ଟିକେ ଯେ ପାଏଲା ଯଦ୍‌ରି
ସେ ତୁର୍‌ତି ପାଶ୍‌ରି ନେସି ମହା ଆନନ୍ଦର୍ ଭଦ୍‌ରି । ।।୧୭।।

ବେଲ୍‌କେ ପାଶ୍‌ରି ନେଲା ମେତାଲ୍ ରାତିଁ ଢାଲି ଡିବ୍‌ରି
ଥାଏ ଥାଏ ହେଉଁ ଅଂଧାରୁ କେନ୍ଥୁ ପାର୍‌ସୁଁ ଟିକେ ଉବ୍‌ରି ? ।।୧୮।।

ରାମ୍‌କେ ଛାଡ଼ି ଆରାମ୍ ନିଏ ଦିହ୍ ସୁଖର୍ ଲାଲ୍‌ଚେଁ
କାଲର୍ ଗାଲେଁ ହେବ୍‌ଲେଇ ହେସି ମନର୍ ମହାନ୍ ଆଲ୍‌ସେଁ । ।।୧୯।।

ପର୍‌ମାନନ୍ଦେଁ ଶମି ରମି ରହିପାର୍‌ବାର୍ ଥିତି କେ
ଯେ ପୁହୁଁଚେ ଆତ୍ମାରାମ୍ ତାହାକେ ପାର୍‌ବା ଜିତିକେ ? ।।୨୦।।

ଦୁଇଟା ଜୀବନ୍ ଏକ୍ ହେବାର୍ ନାଁ ମଏତର୍ ବସ୍‌ବାର୍
ବଏସରା ଆଏ ପର୍‌ମାତ୍ମାନେ ଆତ୍‌ମା ଯାଇ ପଶ୍‌ବାର୍ । ॥୨୧॥

ପରମାତ୍ମାକେ ପରମ୍ ମଏତର୍ ଭାବି ତାର୍ ବୁତା
ଭାବି ନିଜର୍ କାମେ ତାର୍‌ଭାବେଁ ବୁଥ୍ ବୁଥା । ॥୨୨॥

ସେଟା ପରମ୍ କରମ୍ -ଯୋଗ୍ ସେ ଯୋଗ୍ ନେ ମୁକ୍ତି
ମିଲେ ବଲି କହନ୍ ଲୋକ୍ ଯେ ପାର୍‌ସି ଭୁକ୍ତି । ॥୨୩॥

ସୁଗ୍ରୀବ୍ ସବ୍ ପାଶ୍‌ରି ନେଲା ଘାଏକର୍ ସୁଖେଁ ଭୁଲି
ତଲେଁ ପାହାନାଇଁ ପରବାର୍ ମିହ୍ ଆନନ୍ଦନେ ଝୁଲି । ॥୨୪॥

ଭାବି ଭାବି କିସ୍‌କିଂଧିଆ ଗଡ଼େଁ ହେଲେ ହାଜର୍
ସେ ତୁର୍‌ତି ପୁହଁଚିଗଲା ସବୁ ଆଡ଼୍‌କେ ଖବର୍ । ॥୨୫॥

ହନୁମାନ୍ ମାଏନ୍ ସହିତ କହେଲେ ହେ ସୁରୁମହାପୁରୁ !
ଆଦେଶ୍ ହଇଥିଲେଁ ଯାଇଥିତୁଁ ବଢ଼େପୁରୁ । ॥୨୬॥

ତୁମେ ନିଜେଁ କାଏଁ କାଯେଁ ଆଏବାର୍ କଲ କଷ୍ଟ୍ ''
ଲକ୍ଷ୍ମଣ୍ କହନ୍ ''ରଜା ତୁମର୍ ହେଲେ କରମ୍-ଭ୍ରଷ୍ଟ୍ । ॥୨୭॥

କାଁ ଦିନ୍‌କେ ସୀତା ନୁରବାର୍ କବାର୍ କର୍‌ବେ ଆର୍
କହୁନ୍ କହୁନ୍ ବର୍‌ଷା ଋତୁ ହଇଁଗଲାନ ପାର୍ । ॥୨୮॥

ଦଦାର୍ ମନର୍ ଦରଦ୍-ରଜା ସୁଗ୍ରୀ କେନ ବୁଝୁଛନ୍
ତାକର୍ କଲା ଉପ୍‌କାର୍‌କେ ଉଆସେଁ ଅଏସେଁ ଶୁଝୁଛନ୍ । ॥୨୯॥

ଦଦାର୍ କହେଁ ଆଇଛେଁ କରେଇ ନେବାର କାଯେଁ ସୋର୍
ନେହେଲେଁ ଆମର୍ ଦେଖେ କବାର୍ କର୍‌ମୁ ଯୋର୍ ସୋର୍ । ॥୩୦॥

ସଉମିତ୍ରୀର କଥା ଥିଁ ଯେନ୍ ରିଶ୍‌ମି ଥିଲା ମିଶା
ସୁଗ୍ରୀ ସମେତ୍ କିସ୍‌କିଂଧିଆର୍ ଫକେଇ ନେଲା ନିଶା । ॥୩୧॥

ତାରା ଅଙ୍ଗଦ୍ ଆସିଁ କଲେ କେତେ ମନାବୁଝା
ସୁଗ୍ରୀବ୍‌କେ ଲାଗ୍‌ଲା ମୁଡେଁ ପଡ୍‌ଲା ବଢ଼େ ବୁଝା । ।।୩୨।।

ସେ ତୁର୍‌ତି  କହେଲା ଅଙ୍ଗଦ୍ ହନ୍‌ମାନ୍‌କେ ହାକି
ଚ଼ଉଦିଗେଁ ଅଛନ୍ ଯେତ୍‌କି ସଏନ୍ ଆନ୍‌ଅ ଡ଼ାକି । ।।୩୩।।

ସୀତା ଥାବ୍ ନାଇଁ ହେଲେଁ ନାଇଁ ନ ଆମର୍ ଥାବ୍
ଶୁଇଥିଲା କାଏଁ ଚେତି ଉଠ୍‌ଲା ଏଛ୍‌ନି ରାମ୍‌ର୍ ଭାବ୍ । ।।୩୪।।

ତୁଫାନ୍ ତୁଡେଁ ବାଟ୍‌ନି ଗଲା ଚାରି ଆଡ୍‌କେ ଚହଲିଁ
ମାକଡ୍ ଭାଲୁର୍ କିସ୍‌କିଂଧିଆନେ ଲାଗିଁଗଲା ଗହଲି । ।।୩୫।।

ସମ୍‌କୁଁ ଧରି ସୁଗ୍ରୀ ଗଲେ ରାମ୍‌କୁଁ କରି ଦର୍‌ଶନ୍
ଦୁଖ୍‌ମନା ଥିଲେ ରାମ୍ ଦେଖି ହେଲେ ଟିକେ ପର୍‌ସନ୍ । ।।୩୬।।

ଠାଟ୍ ବାଟ୍ ଦେଖ୍‌ନୋର୍ ହନ୍‌ମାନର୍ ବାପ୍ କେଶରୀ
ସାଙ୍ଗ୍ ସର୍‌ସିଆ ଦଲେଁ, ବଲେଁ କିଏ ତାର୍ ସମ୍ ସରି ? ।।୩୭।।

ସେ ଆସିଛନ୍ ତାକର୍ ପଛେଁ ହଜାର୍ ହଜାର୍ ସଏନ୍
ପର୍‌ଚ଼େ ପାଇ ରାମ୍ ସୁଗ୍ରୀ ସଭେ ଦେଲେ ମାଏନ୍ । ।।୩୮।।

ଲାଲ୍ ଜର୍‌ଜର୍ ମୁହଁକାନ୍ ଶତ୍‌ବଲ୍ଲା କପିରାଜ୍
ତାର୍ ମେତାଲ୍ ଶ'ଶ' କପି ନେଇଁ କରନ୍‌ବିରାଜ୍ । ।।୩୯।।

ତାରାର୍ ବାପ୍ ରୁମାର୍ ବାପ୍ ମେରୁ ମେତାଲ୍ ଦେହେ
ଆସି ବସନ୍ ସୁଗ୍ରୀବ୍ ଆଗେଁ ଧରି କୁଏଁର ସ୍ନେହେ । ।।୪୦।।

ଗବାକ୍ଷ୍ ଆସେ ଗୋରୁ ଲେଁଜିଆ ସଏନ୍ ବନିହାଁ ଧରି
ପନସ୍ ଅଛେ ତାର୍ ଦଲ୍ କେ ସାରବା ? ଗନିକରି । ।।୪୧।।

ନୀଲିଆ ବରନ୍ ଦିହ୍ ଧରିଛନ୍ ନୀଲ୍ କପିର୍ ଦଲ୍
କେ ପାର୍‌ବା କଲି ତାକର୍ ଦିହେଁ କେତେ ବଲ୍ ? ।।୪୨।।

ଗବୟର, ସାଙ୍ଗେ ନିର୍ଭୟ କୋଟି କୋଟି ମାକର୍
ତାର୍ ପଛା ପଛ୍ ଲମି ଯାଇଛନ୍ ନଜର୍ ପାଏବା ଯାକର୍ । ॥୪୩॥

ଦଧି ମୁଖର୍ ଦଲ୍‌ଟାର୍ ମୁହଁ ଦହି ଖାଏଲା ଲେଖେଁ
ଉଦ୍‌କି ଡେଗି ଡାଲେଁ ପଦ୍‌ରେଁ ବସନ୍ ମହାନ୍ ଟେକେଁ । ॥୪୪॥

ଗଜ୍ ମଇନ୍ଦ ଦ୍ୱିବିନ୍ଦ୍ ଆସନ୍ ହାତୀ ଜିତିଁ ବଲ୍
ଜନ୍‌ଏ ଜନ୍‌କର ପଛେଁ ଅଛନ୍ ହଜାର୍ ଲାଖର୍ ଦଲ୍ । ॥୪୫॥

ଜାମ୍ବବାନ୍ ଅଛେ ଭାଲୁ ଜାତିର୍ ମହାରାଜ୍
ଗାଡ୍‌ଭାଲୁ ଚ଼ନ୍ଦାଭାଲୁ କରି ନୁହେ ଅନ୍ଦାଜ୍ । ॥୪୬॥

କେ ଆନିଛେ କେନିର୍ ଫଲ୍ ଖାଇ ପାର୍‌ଲେଁ ଥରେ
ମାସେ ପଖେ ଆଖିଆ ଥିଲେଁ ବି ଭୋକ୍ ନାଇଁ କରେ । ॥୪୭॥

କେ ଆନିଛେ ଏନ୍ତା କନ୍ଦା ପକେଇଥିଲେ ଟୁଡେଁ
ଶୋଷ୍ ନାଇଁ ଧାଁ ଧପଡ୍ କଲେଁ ଯେତେ ତୁଡେଁ । ॥୪୮॥

କେତେ ଭାଲୁ କେତେ ମାକର୍ କେତେ ଯେ ହନୁମାନ୍
ଆସିଥିଲେ କହି ନୁହେଁ କି କରି ନୁହେ ଅନୁମାନ୍ । ॥୪୯॥

ନଲ୍ ସୁଷେଣ୍ ହନୁ ବାଗିର୍ ବଛା ବଛା ବୀର୍
ଆଗ ଧାଡିନେ ଆଗୁଁ ଅଛନ୍ ରାମ୍‌କୁଁ ପାତିଶିର୍ । ॥୫୦॥

ରଘୁପତିନ ବାନର୍ ପତି ଦଲପତିକୁଁ ଚିହ୍ନେଇ
କିଏ କେତେ ବର୍କସ୍ ଗୋଟ୍ ଗୋଟ୍ ଦେଲେ ଗନେଇ । ॥୫୧॥

କିଏ ଡେଗେ କେତେ ଦୂର୍ ତଲ୍ ଛିଏ ନାଇଁ ପାହା
କେ ଉଖାଡ଼େ କେତେ ଦାରୁ ଲଗେଇ ନିଜର୍ ବାହା । ॥୫୨॥

କାହାର୍ ନଖ୍ କେତେ ଚୋକ୍ ଚିରି ପାର୍‌ସି କେତେ ?
କାହାର୍ କିଶା ଆଏ ଜିତା ଖଁଡ଼ାନୁ ଯେତେତେତେ । ॥୫୩॥

କାହାର ଦିହେଁ କେତେ ବଲ୍ ନାଇଁ ହଏକଲି
ମୁନୁଷ୍ ମାକର୍ ଦଏତ୍ ଦାନବ୍ ଦେବ୍ତା ନୁ ବଲି । ॥୫୪॥

କିଏ କେତେ ଲଢ଼ି ପାର୍‌ସି ଆକାଶେଁ ଉଡ଼ି ଉଡ଼ି
କିଏ ଆନ୍‌ସି କେତେ ପର୍‌ବତ୍ ନଖେଁ ଟାଡ଼ି କୁଡ଼ି । ॥୫୫॥

କା'ର୍ ବିଧାନେ ହାତୀ ମେଟାଲ୍ ଜଁତ୍ ଯାଏସି କପ୍‌ସି
କାହାର୍ ଦିହେଁ ଯେନ୍ତା ବି ହତିଆର୍ ପଡ଼ି ଲେପ୍‌ସି । ॥୫୬॥

ଇ ସଭେ ତ ତୁମର୍ ସେବାର୍ ଲାଗିଁ ଅଛନ୍ ହାଜର୍
ଯେତେ କଡ଼ା କବାର୍ ହେଲେଁ ସମ୍‌କୁଁ ଲାଗ୍‌ସି ସଜର୍ । ॥୫୭॥

କାହାକେ କ'ଣା ବର୍ଗିଲେଁ ହେବା ସହଜ୍ ଆମର୍ କାମ୍
ସୁଗ୍ରୀବ୍ କଥା ଶୁନି ହେଲେ ଉଷତ୍ ଲେଖେଁ ରାମ୍ । ॥୫୮॥

କହେଲେ 'ମିତ ତୁମେ ବିତ ସବୁ ବିଷେ ଜାନୁଛ
ତୁମେ ନିଜେଁ କର, ମୋର୍ ଉପର୍‌କେ କାଏଁ ଆନୁଛ ? ॥୫୯॥

ପହେଲା ବୁତା ଆଏନ ସୀତା ଥାବ୍ କର୍‌ବାର୍ କଥା
କହି ପଠାଅ ପାଏମା ଯେନ୍ତା ତୁର୍‌ତି ତାକର୍ ପତା ।'' ॥୬୦॥

ହଁ ମହାପ୍ରୁ ! କହି ସୁଗ୍ରୀ କହେଲେ 'ଜାମ୍ବବାନ୍ !
ସଭେ ବିଚାର୍ କର ନଲ୍ ନୀଲ୍ ହନୁମାନ୍ । ॥୬୧॥

କେନ୍ ଦିଗକେ କିଏ ଗଲେଁ କବାର୍ ହେବା ସାଫୁଲ୍
ଯେ ଯାହିଁ ଯାଉ ତୁମେ ଜନ୍‌ହୁ ନ ଅ' ମୂଲ୍ । ॥୬୨॥

ଅଙ୍ଗଦ୍ କହେଲା ଦକ୍ଷିଣ୍ ଦିଗ୍‌କେ ରାବଣ୍ ପରେ ନେଇଛେ
ସେ ଦିଗ୍‌କେ ଜଉ୍ କରୁଁ ଜଟାୟୁଁ ଯେ କହିଛେ । ॥୬୩॥

ଅସୁର ମାୟାର୍ କାଁ ସୋର୍ କହେଲା ଜାମ୍ବବାନ୍
କେନ୍‌କେ ଦେଖେଇ କେନ୍‌ନେ ଥୁଇବା ନାଇଁ ବୋ ! ହନ୍‌ମାନ୍ ? ॥୬୪॥

ହେଁ ଥିର୍ ଲାଗି ଚାରି ଦିଗ୍‌କେ ଏକା ସାରି ଘେରୁଁ
ନାଇଁ ପାଏଲେଁ କା'ଣା ହେବା ଦେଖି ଚାହିଁ ଫିରୁଁ । ॥୬୫॥

ସୁଗ୍ରୀବ୍ କହନ୍ ବନ୍‌ଏ କହୁଛ ଦକ୍ଷିଣ୍ ଦିଗ୍ ଅସଲ୍
ଅଙ୍ଗଦ୍ ହନୁ ସୁଷେଣ୍ ଯାଉନ୍ ଜାମ୍ବବ୍ ନୀଲ୍‌ନଲ୍ । ॥୬୬॥

ରାମ୍ କହେଲେ ମିତର୍ କଥା ମୋର୍ ମନ୍‌କେ ପାଉଛେ
ସଭେ ତ ବୀର୍ ବର୍କସ୍ ଯାହା ମୋର୍ ମନ୍‌କେ ଆଉଛେ । ॥୬୭॥

ପାଏବ ହେଲେଁ ଚିହ୍ନବେ କାହିଁ ? ତୁମକୁଁ ଜନକ୍ ଜେମା
ଚିହ୍ନା କିଛି ନେବ କାଏଁ, ସଭେ କହେଲେ 'ନେମା' ॥୬୮॥

ଜାମ୍ବବାନ୍ କହେଲେ ବାବୁ ! ହନୁମାନ୍ ତୁଇଁ ଧର୍
ରାମ୍ ଧରାଲେ ରତନ୍ ମୁଦି ଆଏଁଖ ଛଲଛଲ୍ । ॥୬୯॥

ଯାହାକେ ଯେନ୍ତା ବର୍ଗି ନେଲେ ସୁଗ୍ରୀବ୍ ଦିଗ୍ ବା'ରି
ଯା'ର ଯେତ୍‌କି ଦର୍‌କାର୍ ବାହାର୍ ହେଲେ ଏକ୍‌ବାରି । ॥୭୦॥

'ଆଏବ' ବଏଲେ ମାସେ ଭିତ୍‌ରେଁ ନୁକୋ ଖବର୍ ଧରି
ମାସ୍ ମାସ୍ ନାଇଁ ଗଡ଼ାବ ନ ମଜା ମଜ୍‌ଲିସ୍ କରି । ॥୭୧॥

ଜଏ ରାମ୍ ଜଏ ସୀତାରାମ୍ କହି ଉଠିଲେ ସବ୍
କିସ୍‌କିଂଧିଆର୍ ଆକାଶ୍ ସାରା ଛାଇଁଗଲା ସେ ରବ୍ । ॥୭୨॥

କେତେ ନଏଦ୍ କେତେ ପର୍ବଦ୍ କେତେ ନିଘଂଚ୍ ଝାର୍
ସୀତା ନୁରି ଘୁରି ଘୁରି ହଇଁଗଲେ ନ ପାର୍ । ॥୭୩॥

ସୀତାର୍ ଖୋଜ୍ ଖବର୍ କାହିଁ କିଛି ନାହିଁ ପାଇଁ
ମହେନ୍ଦର୍ ପରବଦ୍ ତଲେଁ ପୁହୁଁଚି ଗଲେ ଯାଇଁ । ॥୭୪॥

ସୀତା ରହେଲେ କାହିଁ ? ଆମେ ନୁରୁଁ ଯାହିଁ ତାହିଁ
କିସ୍‌କିଂଧିଆ କାଏଁଫିର୍‌ମା ? ତାହାକୁ ନାଇଁ ପାଇଁ । ॥୭୫॥

ଶୁଇନ୍ ହାତେଁ ଫିରି ଗଲେଁ ମର୍‌ମା ଯାହା ଲାଜେଁ
ଇନେ ମରୁଁ ଭୋକ୍ ଉପାସେଁ ବିଫଲ୍ ହେବାର୍ କାଯେଁ । ॥୭୬॥

ଅଙ୍ଗଦ୍ କହେ 'ଶୁନ୍‌ଅ ସଭେ ଗୁଟେ କଥା କରୁଁ
ରାମ୍ କାମ୍‌ନେ ଅକାମ୍ ହେଲାଁ ଅନଶନ୍‌ନେ ମରୁଁ । ॥୭୭॥

ଏକ୍ ମନ୍ ଏକ୍ ଚିତ୍ ହଇଁ ଆନନ୍ଦ୍ ମଏ ରାମ୍
ଧିଆନ୍ କରି ବସୁଁ ଛାଡ଼ି ଖିଆପିଆ ସବ୍ କାମ୍ । ॥୭୮॥

କୁଶ୍ ଆସ୍‌ନେ ବସ୍‌ଲେ ସଭେ ଦକ୍ଷିଣ୍ ମୁହାଁ ହଇଁ
ନୀରବ୍ ନିଶ୍ଚଲ୍ ନିର୍ଘତିଆ ଖାତ୍ରା ଉପାସେଁ ରହିଁ । ॥୭୯॥

କହେଲା ପୁହୁଁଚି ସେ ଠାନ୍ କେ ସଂପାତି ନାମେ ଗିଧା
ଭାଏଡ୍ ପଡ଼େ ଖାଏଦ୍ ଆଏଇ୍ ଭାଏଗ୍ ମୋର ସିଧା । ॥୮୦॥

ବଏ ହେଲା ବଏସ୍ ସବ୍ ପଏଁ ଖି ଯାଇଛେ ପୁଡ଼ି
ପେଟର୍ ଲାଗିଁ ହଟା ବସେ ଖାଏବାର୍‌ଟା ଜୁଡ଼ି । ॥୮୧॥

କେନ୍ ମହାପ୍ରୁ ମୋର୍ ଲାଗିଁ ଏତ୍‌କି କଲା ଯୋଟ୍
ଗୁଠେ ନୁହନ୍ ସାନ୍ ସୁରୁ ସଭେ ରୋଟ୍ ମୋଟ୍ । ॥୮୨॥

ବାନର୍ ବୀରେ ବିଚାର୍ କରନ୍ ଗିଧାକେ ନାଇଁ ନିଘା
ରାମ୍ କାମେ ମଲା ଜଟାୟୁ ଚ଼ରେ ରାଏଜର୍ ଶିଘା । ॥୮୩॥

ସୀତା-ଚୋରର୍ ସଙ୍ଗେଁ ଲଡ଼ି ଜୀବନ୍ ଦେଲା ତାର୍
ରାମ୍ କବାରେଁ ଚ଼ରେ ଜନ୍‌ମୁଁ ପାଇଁଗଲା ପାର୍ । ॥୮୪॥

ସୀତା ନୁରି ଅଥା ହେଲାଁ ଜୀବନ୍ ଗଲା ବୁର୍‌ଥା
ଅକାମୀ ଆମର୍ ଜୀବନ୍‌କେ କାଏଁ ଲୋକ୍ କର୍‌ବେ ସୁର୍‌ତା । ॥୮୫॥

ତଲେଁ ହଉଛନ୍ କଥା ବାର୍ତ୍ତା ଗିଧା ଡ଼ଙ୍ଗର୍ ଟିପିଁ
ମାଲ୍ ମାଲ୍ ଜଁତ୍ ଦେଖିଁ ତାର୍ ଲାଲ୍ ଯାଉଛେ ଥିପିଁ । ॥୮୬॥

ଜଟାୟୁ ଦାଦାର୍ ପର୍‌ଶଁସା ପଦ୍ ପଢ଼ିଲା ଯେନ୍ତା କାନେ
ମାନ୍ ସମ୍ମାନର ଲୋକ ଲାଗ୍‌ସନ୍ କିଏ ଆନ୍ ଇମାନେ ? ॥୮୭॥

ଧୀରେ ସୁଛେ ଖସ୍‌ରିଁ ପାଶ୍‌କେ ପଚାରେ ଅ' କିଏ ?
ଜଟାୟୁ ଦଦାର୍ କଥା କାନେ ଅମ୍‌ରତ୍ ରୁକି ନିଏ । ॥୮୮॥

ବନିହାଁ ଦିନୁ ନାଇଁ ଜାନ୍‌ବାର୍ ଦଦା ରହେଲା କାହିଁ ?
କେନେ ଅଛେ ଜାନ୍‌ଲେଁ ସାଙ୍ଗେଁ ସାଙ୍ଗ୍ ଯାଏତିଁ ଧାଇଁ । ॥୮୯॥

ଅଙ୍ଗଦ୍ କହେ ସେନ୍‌କେ କେନ ଯାଇ ପାର୍‌ମା ଆମେ
ପରର୍ କାମେ ପରାନ୍ ଦେଇ ଥିବେ ପରମ୍ ଧାମେ । ॥୯୦॥

ଏତ୍‌କି କହି ଶୁନ୍‌ଲା କଥା ସବୁ ଗୋଟ୍ ଗୋଟ୍ କରି
କହେଲା, ନେଲା କେନ୍ତା ରାବଣ୍ ସୀତା ରଥେଁ ଧରି । ॥୯୧॥

ବାଟ୍ ଛେକିଁ ଜଟାୟୁ କେନ୍ତା କଲା ଘୋର୍ ଲଢ଼େଇ
ଜୀବନ୍ ଦେଲା ସିନା ସୀତା ନାଇଁ ପାର୍‌ଲା ଛଡ଼େଇ । ॥୯୨॥

ରାମ୍ ଲକ୍ଷ୍ମଣ ଭେଟି ତାର୍‌ନୁ ଶୁନ୍‌ଲେ ସବୁ କଥା
ଜାନ୍‌ଲେ ଜାନ୍‌କୀ ଚୁରେଇ ନେବାର୍ ରାବଣ୍ ଦଶ୍‌ମଥା । ॥୯୩॥

ସଭେ ଆମେ ବୁରି ଆଇଛୁଁ ସୀତା ପାଏବାର୍ ଲାଗି
ଅଥା ବିଥା ହଇଁ ଇଛନ୍ ମରନ୍ ନଉଁ ମାଗି । ॥୯୪॥

ସଂପାତି କହେ ଜଟାୟୁ ଯଦ୍‌ରି ଜୀବନେ ନାଇଁ ନ ଆର୍
ମୁଇଁ କାଁ କରି ଜୀଇଁମି ମତେ ଅସାର୍ ଇ ସଂସାର୍ । ॥୯୫॥

ଦିହର ବଲ୍ ଥିଲା ଦୁହେ ସୂରୁଯ ମଂଡଲ୍ ତକ୍
ଯୁଆନ୍ ବେଲେଁ ଉଡ଼୍‌ଲୁଁ ଥରେ ଯୁଜନ୍ ଲଖ୍ ଲଖ୍ । ॥୯୬॥

ସୂରଯ୍ ତପ୍‌ତି ଦାଦା ଯେଭେଁ ନାଇଁ ପାର୍‌ଲା ସହି
ଉଡ଼୍‌ଲା ମୋର୍ ଡେନାର୍ ଛଏଁରା ତଲେଁ ରହି ରହି । ॥୯୭॥

ବେନାଲା ଡାଲ୍ ମେତାଲ୍ ଡେନା ବେଲର୍ ଧାସ୍ ପାଇ
ପୁଡିଁ ଗଲା କି ପଡିଁଗଲିଁ ଉଡି ପାର୍‌ତି  କାହିଁ ? ।।୯୮।।

ସେତ୍‌କି ଦିନ୍ରୁ ତାର୍ ମୋର୍ ନାଇଁନ ଭେଟ୍ ଘାଟ୍
ଦେହର୍ ବଲର୍ ଗରବ୍ ମତେ କଲା ସିଧାଛାଟ୍ । ।।୯୯।।

ମନର୍ ବଲେଁ ଜଟାୟୁକେ ଯୁଟିଁ ଗଲା ଯୋଗ୍
ରାମର୍ କାମ୍ କରି ପାଏଲା ଅମର୍ ପୁରର୍ ଭୋଗ୍ । ।।୧୦୦।।

ହେଁ କଥା ବି କହୁଥିଲା ସୁପାର୍ଶ୍ୱ ମୋର୍ ପିଲା
ସୀତା ରାବଣ୍ ଦୁହିଁକୁଁ ଖାଏବାର୍ କାଯେଁ ଆନୁଥିଲା । ।।୧୦୧।।

ଗୋଡ୍ ଧରି ତାର୍ କୁଡ଼େ ହାତେଁ ଦଶ୍ ମୁଡ଼ିଆଁ ରାବଣ୍
ଗୁଲ୍‌ଗୁଲା ହଇଁ ପଲାଲା ଲଂକା ତର୍‌ସର୍ ନେଇ ଜୀବନ୍ । ।।୧୦୨।।

କାଁ କର୍‌ମି ? ଏଛନି ଆର୍, ବଲ୍ ବପୁତ ନାଇଁ
ନେହେଲେ ଇ ସୁରେଁ ଲଂକା ଯାଇଥାଏତିଁ ଧାଇଁ । ।।୧୦୩।।

ମେରୁ ମୁରିଁ ରାବଣର୍  ମୁଇଁ ପିଠିଁ ବସେଇଁ ସୀତା
ଧରିଁ ଆସି ଭେଟି ଥିତିଁ ରାମ୍ ଯେନେ ଥିତା । ।।୧୦୪।।

ଜାମ୍ବବ୍ କହେ ପକ୍ଷୀରାଜ୍ ହୋ ଲଂକା ଅଛେ କାହିଁ ?
କେନେ କେତେ ଦୂରିଆ ଅଛେ ଜାନି ପାର୍‌ବାର୍ ନାଇଁ । ।।୧୦୫।।

କେଡ଼େ ରାଏଜ୍ ସେ ଲଂକା ଆଏ କେନେ ରଖେ ସୀତା ?
ସାନ୍ ସୁରୁ କାଏଁ ଥିବା ସେଟା ଆଏ ଜଗତ୍ ଜିତା । ।।୧୦୬।।

ଶୁନି ସଂପାତି ଦକ୍ଷିଣ୍‌କେ ମୁହିଁ ଦେଲା ବୁଲେଇ
କହେଲା ଏ' ଦେ ଇନେ ଅଛେ କାଏଁ ହଉଛ ଗୁଲେଇ । ।।୧୦୭।।

ମଝିଁ ଅଛେ ମହାସାଗର୍ ଶହେ ଯୁଜନ୍ ଉସାର୍
ଦକ୍‌ଦକ୍‌ଉଛେ ସୁନାର୍ ଲଂକା ସହର ମଧ୍ୟେଁ ସାର୍ । ।।୧୦୮।।

ଦୁସ୍‌ରା କାହିଁ ରଖିବା ସୀତା ସୁନାର୍ ସହର୍ ଛାଡି
ଆନନ୍ଦ ଠାନୁ ଆନିଛେ ପରେ ଶାନ୍ତି ସୀତା କାଢ଼ି । ॥୧୦୯॥

ଇବାର୍ ସିନେ ଆଏ ରାବଣ୍ ନୁହେ ଅଜାନ୍‌ବାର୍
ଜନାଯାଏ ସୀତାକେ ତାର୍ ମାଁ ଲେଖେଁ ମାନ୍‌ବାର୍ । ॥୧୧୦॥

ଆନନ୍ଦ, ଆର୍ ଶାନ୍ତି କେବେଁ ନୁହନ୍ ଛଡା ଛଡ଼ି
ବିଡ଼ି ଦେଖୁଛେ ଛିଡ଼େଇ ତାକର୍ ଯୁଡ଼ା ହେଲା କଡ଼ି । ॥୧୧୧॥

ପୁରୁଷ ଆର୍ ପରକୃତିକେ କରି ଭିନ୍ ଭିନ୍
'କେନ୍ତା ହେବା' ଶିଘା ଦଏତର୍ ନିଘା ରାଏଦ୍ ଦିନ୍ । ॥୧୧୨॥

ବସ ମୋର ପିଠି ଆସ ସଭେ ଛାଡ଼ି ସଁକା
କେନ୍ତା ସୁନ୍ଦର ଦିଶେ ଦେଖ କନକ୍ ପୁର୍ ଲଂକା । ॥୧୧୩॥

ତତାପନା ହଇଁ ସଭେ ବସିଁ ପିଠି ତାର୍
ଦେଖିଲେ ଲଂକା ଜକ୍ ଜକ୍‌ଉଛେ ସାଗରର୍ ସେ ପାର୍ । ॥୧୧୪॥

''ଗାଧି ବୁଡି ପାଏନ୍ ଭିଁଢ଼ିଲେ ଦେସିଁ ଦଦାର୍ ନାମେ
ଯିବାର୍ ଆଏଦ୍ ଉପେ କର୍ ଏତ୍‌କେଁ ଭାଇମାନେ । ॥୧୧୫॥

ତପ୍ କରିମି ଇ' ଆଦ୍, ତମେ ତୁମର୍ କବାର୍
କର, ଏନ୍ତା ମଉକା ନାଇଁ ମିଲେ ବାର୍‌ବାର୍ । ॥୧୧୬॥

ସାଗର୍ ଖିଁଡି ସଭେ ବସିଁ ଭାଲ୍ ବିଚାର୍ ଲାଗେ
କେ ପାର୍‌ବା ସାଗର୍ ଡେଗି କପାଲ୍ କା'ର୍ ଜାଗେ ? । ॥୧୧୭॥

କିଏ କହେ ପଚାଶ୍ ଯୁଜନ୍ ଡେଗି ପାର୍‌ତିଁ ଭାଏଲ୍
କିଏ କହେ ଷାଠେର୍ ପରେଁ ଅବସ୍ଥା ମୋର୍ ଘାଏଲ୍ । ॥୧୧୮॥

ଅଧାଧୁର୍‌କେ ଯାଇ ପାର୍‌ତିଁ କହେ ମନ୍ତ୍ରୀ ଜାମ୍ବଦ୍
ଉଝାଲ୍ ମାରବାର୍ ଜାଗା ପାଏଲେଁ ଆର୍ ଅଧାକ ସମ୍ଭବ୍ । ॥୧୧୯॥

ଅଙ୍ଗଦ୍ କହେ ଗୁଟେ ଉଝାଲେଁ ଡେଗି ପାର୍‌ତିଁ ଭାଏଲ୍
ଫିରି ପାର୍‌ମି କିନି ଭାବି ନାଇଁ ପାର୍‌ବାର୍ ତାଏଲ୍ । ॥୧୨୦॥

ଜାମ୍ବବ୍ କହେ ପାର୍‌ଲେଁ ବି କାଏଁ ଛାଡିନେମୁଁ ତତେ
ଯୁବ୍‌ରାଜ୍ ଯାଇ ନାଇଁ ଫିରେଲେଁ ନିନ୍ଦା ହେବା ମତେ । ॥୧୨୧॥

ପୃର୍ଥୀ ଛାଡ଼ିଁ ଉଡ୍‌କା ମାଏଲେଁ ସେ ରଖ୍‌ସି ଟାନି
ମଝିଁ ଅଛେ ମହା ସମୁଦର୍ ପଡ୍‌ବ ମଝା ପାନି । ॥୧୨୨॥

ଆର୍ ପାରେଁ ପୃର୍ଥୀର ଝିଁ । ଅଛେ ନାଇଁ ନାଇଁ ଡ଼ର୍
ତାର ନିକେ ଯାଉଛେଁ ବଲିଁ ମନ୍ ବର୍କସ କର୍ । ॥୧୨୩॥

ପାଁଚି ଭୂତର୍ ଭିତ୍‌ରେଁ ପୃର୍ଥୀ ପବନର୍ ବନ୍‌ଏ ଭାବ୍
ପବନର୍ ପୁଓ ଅଛେ କାଏଁ ନାଇଁ ଉଠାବାର୍ ଲାଭ୍ ? ॥୧୨୪॥

ଆନ୍‌ମନା ହନୁମାନ୍ ବସିଥିଲା ଟିକେ ଦୂରିଆ
କାନେ ପର୍‌ଲା ଠାନର୍ ଠାନେ ଡେଗ୍‌ଲା ଏକ୍ ସୁରିଆ । ॥୧୨୫॥

ମତେ କହୁଛୁ ? ମୁଇଁ ଯିମି, ପାର୍‌ମି କି ନି ? କହ
ଜାମ୍ବବ୍ କହେ ନାଇଁ ଜାନୁ ତ ତୋର୍ ଶକ୍ତି ଜହ୍ । ॥୧୨୬॥

ନିଜର୍ ଶକ୍ତି ଜାନ୍‌ଲା ଲୁକର୍ ହେସି ଅଭିମାନ୍
ନାଇଁ ଜାନ୍‌ଓ ଜାନଲେଁ ଯାଇ ଜାନ୍‌ସୁ ହନୁମାନ୍ ! ॥୧୨୭॥

ବଲ୍‌ବାନ୍ ହନ୍‌ମାନ୍ ଯିବା କଥା ହେଲା ଚଏ
ଭକ୍ ଭକାଲା ଜୀବନ୍ ମାନେ ତେଡ୍‌କେଁ ହେଲା ଥଏ । ॥୧୨୮॥

ବାଲ୍‌ମିକୀ ମୁନି କହନ୍ 'ବାବୁ ! ରାମ୍ ଭଜନ୍ କର
ଯାହିଁ ଥିଲେଁ ବି ଆରାମ୍ ମିଲେ ରାମ୍‌ନାମ୍‌ଧର । ॥୧୨୯॥

ଯିମା ଚାଲ ସଂଧିଆ ଶଉଚ୍ ବେଲା ଆସି ହେଲା
ବେଲ୍‌ହୁଡ ବେଲର୍ ସମିୟା କମ୍ ନାଇଁ କର୍‌ବ ହେଲା । ॥୧୩୦॥

❑

# ସୁନ୍ଦରା-କାଁଡ଼୍

# ପାଉଚ୍-୧

## ହନୁମାନ୍ ଜନମ୍ ଆର୍ ତାର୍ ସମୁଦର୍ ଡେଗା

ଶିଆନୀ ସିଆନ୍ ଆଏଲା ବାଟ୍‌କେ ଲେହେଁଟି ଦେଖଲା ସରି
ସୂରୁଯ୍ ଦେଖେ ପୂରୁବ୍ ଦିଗ୍‌କେ ମନ୍‌ତନ୍ ଦେଇ କରି । ॥୧॥

ଗିଆନୀ ଦେଖେ କଲା କାମେ ଥିଲା କାଏଁ ଭୁଲ୍
ଜାନ୍‌ଲେଁ ନାଇଁ କରେ ସେ କାମ୍‌କେ ବିଲ୍‌କୁଲ୍ । ॥୨॥

ସଭାର୍ ସଭେ ରାମ୍ ନାମ୍‌କେ ଭଜନ୍ କରି ଭୋଲ୍
ମୁନି ତାକର ଧିଆନ୍ ଧାରନା କରି ନଉଛନ୍ ଠୋଲ୍ । ॥୩॥

କାଏଲ୍ କା'ଣା କହିଥିଲେ କରି ଦେଖନ୍ ସୁରତା
ଗିଆନ୍ ଥିଲା, କି ଥିଲା କଥେନ୍ ଅଏନ୍ ମନ୍ ଭୁରତା । ॥୪॥

ହେ ରାମ୍ । ହେ ଆନନ୍ଦ ଧାମ୍ ! ଦ୍ୟୁତି ଜ୍ୟୋତିର୍ମଏ
ନିଷ୍କାମ୍ ନିର୍ମମ୍ ନିର୍ଜଏ ନିର୍ମଲ୍ ନିର୍ଭଏ । ॥୫॥

ବାଲ୍ମିକୀ କହନ୍ "ଆସ ମୋର୍ ମନ-ଆସ୍‌ନେ ବସ
ବରନ୍ କରେଁ, ନାଇଁ ବାଆନି ବର୍‌କସେଁ ଘାଏ ପଶ । ॥୬॥

ପର୍ ପଁଚ୍ ମୋର ପର୍‌କୃତି ନାଇଁ କରି ପାର୍‌ଲିଁ ସାଫ୍
ତୁମେ ମାଆ ବାପ୍ ସଖା ସୋଦର୍ କର୍‌ବ ମାଫ୍ । ॥୭॥

ସଭା ଆଡ୍‌କେ ଦେଖି ମୁନି କହେଲେ "ରାମ୍‌ଜଏ"
'ରାମ୍' ଶବ୍‌ଦେଁ ପୂରା ଆଶ୍ରମ୍ ହେଲା ରାମ୍ ମଏ । ॥୮॥

କହେଲେ କାଲିର୍ ଛାଡ଼୍‌ଲା ଠାନୁ କହୁଛେଁ ରାମ୍-ରାହା
ସାଗର୍ ଖଁଡୁଁ ଆଗର୍ କଥା ହେଲା ଯାହା ଯାହା । ॥୯॥

ଏତ୍କି ବେଲେଁ ଲବ କହେଲା ବାବାର୍ ପାହେଁ -ପରି
କାଏଲ୍ କହେଲ ଯେନ୍ କଥା ନାଇଁ ପାର୍ଲିଁ ଧରି । ॥୧୦॥

ଆଦେଶ୍ କଲେଁ କହେତିଁ ନାଇଁ ହେତ ହେଲେଁ ରିଶା
କେନ୍‌ସି କଥା ବନ୍‌ସି କାଏଁ ସଁଶ୍‌ଏ ହେଲେଁ ମିଶା । ॥୧୧॥

ବାବା କହେଲେ କହବାବୁ ! ସଁଶ୍‌ଏ ତୋର୍ ଯାଉ
ରାମ୍ କଥାକେ ଅକାମ୍ କର୍‌ବା କହେମା ଯ ଦି' ଥାଉ' । ॥୧୨॥

ଲବ କହେଲା ନିଜର୍ ଶକ୍ତି ଆପ୍‌ନାର୍ ଗୁନ୍ ଗ୍ରାମ୍
ଜାନି ନାଇଁ ପାରେ ? ଯେନ୍ତା କହେଲ ହନୁମାନ୍ । ॥୧୩॥

ଉନିଆଁ ଜନ୍‌ଏ ଜନାଲେଁ ଯାଇ ଜାନ୍‌ଏ ସେ ଯଦ୍‌ରପି
ତାର୍ ସାଙ୍ଗେ କେ ଥିବା ହରମେଷ୍ ସମିଆ ସମର୍ପି ? ॥୧୪॥

ନାଇଁ ଜାନ୍‌ବାର୍ କାରଣ୍ କା'ଣା କହେ ତ ହେଲେଁ ଘାଏ
ଉଚିତ୍ ଯଦ୍‌ରି ଭାବ ଆମର୍ ଜାନ୍‌ବାର୍ ଲାଏକ୍ ଥାଏ । ॥୧୫॥

ଋଷି କହେଲେ ଖୁସି ମନେ ବନ୍‌ଏ କଥାଟେ ଶୁନ୍‌ଅ
ସଭେ ଜାନ୍‌ବାର୍ ଉଚିତ୍ ଆଏ ହନ୍‌ମାନ୍ ଗୁନ୍ ଗୁନ୍‌ଅ । ॥୧୬॥

ହନୁମାନର୍ ଜନମ୍ କଥା କହେଲେଁ ଯାଇ ଟିକେ
ତେଭେଁ ସିନା ପୁହୁଁଚି ହେବା ଈ କଥାର୍ ନିକେ । ॥୧୭॥

ଅଞ୍ଜିକା ଥଲୀ ନାଏଁ ଥିଲା ଗୁଟେ ଅପ୍‌ସରୀ
ସର୍‌ଗ ଭୁଲା ସୁନ୍ଦର୍ ପନ୍ ଦିହେଁ ଥିଲା ଭରି । ॥୧୮॥

ଦିହ୍‌ଟା ସୁନ୍ଦର୍ ଥିଲା ସିନା ବାନ୍ଦର୍ ଥିଲା ମନ୍
ମନ୍ ନେଇ ଜୀବନ୍ ଭଲ୍ ନାଇଁ ତ ଅପର୍‌ଛନ୍ । ॥୧୯॥

ଋଷି ମାନ୍‌କର୍ ଶାଏପ୍ ପାଇ ପାଲ୍‌ଟିଲା ବାନରୀ
କୁଂଜର୍ କପିର୍ କୁଟ୍‌ମେ ରହେଲା ଅଞ୍ଜନା ନାଁ ଧରି । ॥୨୦॥

ମାଁ ବାପର୍ ଗେଲେଇ ଝି' ଅଂଜନା ଝାରେଁ ରହି
ସୁନ୍ଦର୍ ପନେ ମୋହିତ୍ ବାନ୍ ପୁରୁଷ୍ ହୁଅନ୍ ଦହି । ॥୨୧॥

କେଶରୀ ନାଏଁ ବାନର୍ ବଳେଁ ନୁହନ୍ କିହେ ସରି
ତାହାକେ ଦେଲେ ଅଂଜନା କପିକୁଲ୍ ଅପ୍ସରୀ । ॥୨୨॥

ମାତା ପିତା ପତିଦେବ୍ତା ତାହାର୍ ସୁନ୍ଦର୍ ପନେ
ଆଗର୍ ପଛର୍ ଭାବ୍ନା ହଜେଇଁ ଗର୍ବିତ୍ ହ'ନ୍ ମନେ । ॥୨୩॥

ଯୁଆନ୍ ବଏସ୍ ରୂପର୍ ଗରବ୍ ଉପର୍‌କେ ଯାଏ ନେଇ
ଦିହର୍ ଗରବ୍ ଦିହକେ ଦିଏ ଘାଏ କେଁ ଦହଲେଇ । ॥୨୪॥

ଦିହ୍‌କେ ଦେବା ସଁପି କାହାକେ ? ପତି ନାଏନ ପାଶେଁ
ପତି ଦେଖେ ଅନୁଖନୁ ଜଗତ୍ ପତି ଆଶେଁ । ॥୨୫॥

ସୂରଯ୍ ଚନ୍ଦ୍ରର୍ ଜୁଏ ଛାଏ ପାଏନ୍ ପବନ୍ ଠାନେ
ଜଗତ୍ ପତିର୍ ଥିତି ଅନ୍‌ଭବ୍ କରେ ମନେ ପ୍ରାନେ । ॥୨୬॥

ଜଗତ୍ ଜୀବନ୍ ପବନ୍ ରୂପେଁ ଜଗତ୍ କରେ ଖେଲା
ପତିର୍ ଗତି ରୀତି ଜାନି ନିଜ୍‌କେ ସଁପି ନେଲା । ॥୨୭॥

ପବନର୍ ରୂପ ରୀତି ଥିତି ଗତି କଲା ସୋର୍
ପବନର୍ ବଲ୍‌ଭାବି ଭାବି ତାହିଁ ହେଲା ଭୋଲ୍ । ॥୨୮॥

କେଶରୀର୍ ବାନ୍‌ରୀ ନାରୀ ପବ୍ନେ ଗଲାରମି
ମନେ ଗିଆନେ ପବନର୍ ଭାବ୍ ପର୍ଛା ଗଲା ଶମି । ॥୨୯॥

ପୁଓଟେ ହେଲା ଦେହ୍‌ଟା ବାନ୍‌ର ପବନ୍ ସମାନ୍ ବଲ୍
ପବନ୍ ଲେଖେଁ ଗତିରୀତି ଗୁନ୍ ଗ୍ରାମ୍ ଯାହା ଭଲ୍ । ॥୩୦॥

ଋଷିମାନେ କହେଲେ ଆଏ ପବନ୍ ଦେବର୍ ପିଲା
ସତୀ ଅଂଜନାର୍ ଗରଭେଁ ଏକା ଅଜାନ୍ ତକେଁ ଥିଲା । ॥୩୧॥

ସୂରଯ୍ ଦେଖେ ଲାଲ୍ ଗୁଲ୍ ଗୁଲ୍ ସୁରୁ ଫଲ୍‌ଟେ ମିତାଲ୍
ଖାଏବାର୍ ଆଶେଁ ପାଏବାକେ ମାରେ ଲ୍‌ଟେ ଉଛାଲ୍ । ॥୩୨॥

ଦୃଷ୍ଟି ପଡୁଁ ଇ ଚେରେଷ୍ଟାନେ ସୃଷ୍ଟି ଯିବା ନଶି
ସର୍ଗର ରଜା ଇନ୍ଦର୍ ମାଏଲା ବଜର୍ ତାହାକେ କଷି । ॥୩୩॥

ବଜର୍ ପଡୁଁ ହନୁମାନର୍ ଉଜ୍‌ରେ ହନୁହାଡ୍
ଅଚେତ୍ ହଇଁ ପଡି ରହେଲା ରହୁଥିଲା ଯେନ୍ ପାହାଡ୍ । ॥୩୪॥

ସରବ୍ ବ୍ୟାପୀ ପବନ୍ ଦେବତ୍ ଦେଖି ପୁଓର୍ ଦଶା
ହନୁମାନ୍ ଲାଗିଁ ହତ୍‌ମାନ୍ ହଇଁ ହେବା ଜଗତ୍ ହଂସା । ॥୩୫॥

ଅଚଲ ରହେଲା ସଦା ଚଂଚଲ ବାୟୁ ଦେବ୍‌ତା ମହାନ୍
ହର୍‌କତ୍ ହେଲା ଜଗତ୍ ଯାକର୍ ପବନ୍ ବିନେ ପ୍ରାନ୍ । ॥୩୬॥

ସାରା ଜଗତର୍ ସର୍ଜନା କାରୀ ବ୍ରହ୍ମା କାରିଗର୍
ପବନ୍‌କେ ଯାଇଁ କହେଲେ ଦେବ ! ଟିକେ ଦୟାକର୍ । ॥୩୭॥

ଏଖେଇ ଘାଏକେଁ ସାରା ସୃଷ୍ଟି ହଇଯିବା ନଷ୍ଟ
ଦେବ୍‌ତା ଆମେ ହେମା ଯଦ୍‌ରି ନିଜର୍ ପଥୁଁ ଭ୍ରଷ୍ଟ । ॥୩୮॥

ପୁଓକେ ତମର୍ ସବୁ ଦଉଛେଁ ତାହାର୍ ପରେଁ ବଲ୍
ଯାହା ଦରକାର୍ ତାହା ଦଉଛେଁ ସଂବଲ୍ ଜାନି ଭଲ୍ । ॥୩୯॥

କୁଏ ପାଏବ୍ ଅସ୍ତର୍ ଶସ୍ତର୍ ନାଇଁ ପାର୍‌ବେ ମାରି
ଏନ୍ତା କବାର୍ ନୁହିବା ଯାହା ସେ କରି ନାଇଁ ପାରି । ॥୪୦॥

ସବୁଠାନୁ ବଡ୍ କଥା ସଦା ଆନନ୍ଦ ଧାମ୍
ତାର୍ ପହୁଁଚନେ ରହେବା ଅବିରାମ୍ ହଇଁ ରାମ୍ । ॥୪୧॥

ଯାର୍ ହୃଦ୍‌ଦେଁ ଆନନ୍ଦ ଧାମ୍ ହରୁହର୍‌ଦମ୍ ବସେ
ସେନ୍‌କେ କାଏଁ ମାନ୍ ଅଭିମାନ୍ ସପ୍‌ନେ ହେଲେଁ ପଶେ ? ॥୪୨॥

ଆତ୍ମା ଭିତ୍‌ରେଁ ଦେଖେ ଯିଏ ବ୍ରହ୍ମ ଜଗତ୍ ପତି
ଯତ୍‌ଖତ୍ ନାଇଁ କରେ ଜୀବନ୍ ପାଲ୍‌ଟେ ନିଜେଁ ଯତି । ॥୪୩॥

ବଲ୍ କଉଶଲ୍ ଯୋଗ୍ ଯେତେ ତାର୍ ଆଏତେଁ ଆଏ
କହେ ନିଜର୍ ନୁହେ କିଛି ବ୍ରହ୍ମର୍ ଏକା ଥାଏ । ॥୪୪॥

ବ୍ରହ୍ମାର୍ ଦୟାନୁ ହେଲା ସଦା ଅଜର୍ ଅମର୍
ଠୋଲ୍ ହେଲା ଅସମ୍ଭବ୍ କବାର୍ କର୍‌ବାର୍ ବଲ୍ । ॥୪୫॥

ଲୋକ୍ କହେଲେ ଏତ୍‌କି ହେଲେଁ ହେବା ଅଭିମାନ୍
ଅନୁ ଅତ୍ୟାଚାର୍ କର୍‌ବା ଇ ଦିନୁ ହନୁମାନ୍ । ॥୪୬॥

ଋଷିମାନେ କହେଲେ ଇ ପାଶିର୍ବା ତାର୍ ଶକତି
ସୋର୍ କରାବା କିଏ ଯଦ୍‌ରି ସେଥିଁ ପାଏବା ମୁକତି । ॥୪୭॥

ବ୍ରହ୍ମକେ ଜାନ୍‌ଏ ମର୍ମେ, ବ୍ରହ୍ମର୍ ସବୁ ମାନ୍‌ଏ
ନିଜର୍ ନୁହେ ଯାହା କିଛି ବ୍ରହ୍ମର୍ ବଲିଁ ଜାନ୍‌ଏ । ॥୪୮॥

ସୋର୍ କରାଲା କିଏ ଯଦ୍‌ରି ଭୋଲ୍ ମନ୍‌କେ ତାର୍
ବ୍ରହ୍ମର୍ ମହାବୁଇଁନୁ 'ମୁଇଁ 'କେ କରି ପାର ସେ ପାର୍ । ॥୪୯॥

ତାର୍ ସାଙ୍ଗେ ତାର୍ ଶକ୍ତି କେ ତୁର୍‌ତି ବସେ ସାଉଁଟି
ଗଉରବ୍-ରଜଭେଁ ଯାଏ ନିଜ୍‌କେ ଦେଖେ ଆଉଟି । ॥୫୦॥

ସେନ୍ତା ଜନ୍‌ଏ ଯାଏ [illegible] ବ୍ରହ୍ମ ଜାନ୍‌କାରୀ
ତାର୍ ଆଏତର୍ ଶକ୍ତି ପାଏଁ ନୁହେଁ ଅହଂକାରୀ । ॥୫୧॥

ସୁର୍‌ତା କରେଇ ନେଲେଁ ତୁର୍‌ତା ତୁର୍‌ତି ହୁଏ ତିଆର୍
କର୍‌ବାର୍‌କେ ଯେତେ କଠିନ୍ ହେଲେଁ ବି କାର୍‌ବାର୍ । ॥୫୨॥

କାମ୍ ବି ଆଏ ବ୍ରହ୍ମର୍ ପେର୍ ବ୍ରହ୍ମର୍ ଆଏ ଶକ୍ତି
ମାନି କରିପାରେ ସବୁ ନିଜ୍‌କେ କରି ଯୁକ୍ତି । ॥୫୩॥

ଜୟ ରାମ୍ ଜଏ ରାମ୍ କହି ସଭେ ପିଟ୍‌ଲେ ତାଲି
ହଁସେ ଲବ ଉଷତ୍ ହଇଁ ସଁଶ୍‌ଏ ଗଲା ଚାଲି । ॥୫୪॥

କୁଶ କହେଲା କହ ବାବା ! ମହେନ୍ଦ୍ର ପର୍‌ବତେଁ
କା'ଣା କଲା ? ହନ୍‌ମାନ୍ ମହାନ୍ ଯମକ୍ ଲାଗେ ସତେଁ । ॥୫୫॥

ଶୁନି ସବୁ ମୁନି ବାବା କରି ଟିକେ ଧାନ୍
କହେଲେ ରାମ୍-ରାହା ଧରେ ଅଶେଷ୍ ଗହେର୍ ଗିଆନ୍ । ॥୫୬॥

ଶୁନି ସେ ଯେ ସେଥିର୍ ଛାଁଚେ ପକେଇ ପାରେ ଜୀବନ୍
ମହରର୍ ନୁହେ ସରର୍ ଉଦ୍‌ରି ଆସେ ମରତ୍ ଭୁବନ୍ । ॥୫୭॥

ହନୁମାନ୍ ସଙ୍ ଦେଖିଁ ସଭେ ସନ୍‌ମାନ୍ କରୁଛନ୍
ଦେହେ ସୁଆଁଲି ଯେ ଯେନ୍ତା ହାତ୍‌କେ ଆସି ଧରୁଛନ୍ । ॥୫୮॥

"ଉଝାଲ୍‌ଟାକେଁ ଶହେ ଯୁଜନ୍ ଡେଗ୍‌ବାର୍ ବଡା କଡ଼ା
କିଏ କହେସି ସୋର୍ ବୁଡ଼୍‌ବା ଯେ ହେଲେଁ ତୋର୍ ଛଡା" । ॥୫୯॥

ଅଙ୍ଗଦ୍ କହେ "ମନେ ରାମର୍ ରଙ୍ଗ୍ ନାଇଁ ହେଲେ ଭଙ୍ଗ୍
ସମୁଦର୍ କାଣା ଡ଼ରାବା ହନୁ ! ଡେଗବୁ ଭଙ୍ଗ ଭଙ୍ଗ " ॥୬୦॥

"ମାରୁତି ବୋ ! ମନର୍ ଆନନ୍ଦ୍ ଥିତି ରାମ୍ ଆଏ
ଦୁର୍ଦ୍ଦଶାନେ ଦୁଖ୍‌ମନା ନାଇଁ ହେବୁ ଯଦି ଘାଏ ।" ॥୬୧॥

ଜାମ୍ବବ୍ କହେ "ଅସମ୍ଭବ୍ ନୁହେ କେହେନି କାମ୍
ତାର୍ ଶକ୍ତି ମିଲ୍‌ସି ଯେ ଚଲାଏ ଜଗତ୍ ଧାମ୍ । ॥୬୨॥

ତାହାକେ ସୁମ୍‌ରୁଥିବୁ ଝୁମ୍‌ରୁ ଥିବୁ ତାର୍ ରସେଁ
ଯାହିଁ ଯାହା ଅଛେ ଦିଶ୍‌ବା ସବୁ ତାହାର୍ ବଶେଁ । ॥୬୩॥

ଅସାଧଏ୍ ନୁହେ କେନ୍‌ସି କାମ୍ ଅବାଏଧ୍ ନୁହେ କିହେ
ତାହାର୍ କାମେ ଅବେଶ୍ ଯିଏ ତା'ର୍‌ନେ ମନ୍ ଦିଏ । ॥୬୪॥

ତଲେଁ ଅଛେ ଢ଼ର୍‌ଢ଼ରାନି ମହାଘୋର୍ ସମୁଦର୍
ମାଛ୍ ମଗର୍ ସାଁପ୍ କେତେ ତାହିଁ କରିଛନ୍ ଘର୍ । ॥୬୫॥

ଆଲ୍‌ମାଲ୍ ପର୍‌ବୁ ଯଦି ଯିବୁ ରାସାନ୍ତାଲ୍
ମେଟି ଯିବୁ ମେଘୁଁ ପର୍‌ଲା ପାଏନ୍ ବୁନ୍ଦା ମେତାଲ୍ ॥୬୬॥

ସଂସାର୍ ସମ୍‌ଦର୍ କେ ପାର୍ କର୍‌ସି ଯେନ୍ ନାମ୍
ତାହାକେ ଧଏଲେଁ ଶହେ ଯୁଜନର୍ ସାଗର୍ ବି ଅକାମ୍ ।'' ॥୬୭॥

ଶୁନି ସମ୍‌କର କଥା ହନୁ ନିକ୍‌ରାଇ ମନୁ ଡ଼ର୍
ଆନନ୍ଦ୍ ମୂର୍‌ତି ରାମ୍‌କେ ଭର୍‌ଲା ମନ୍-ମହଲ୍ ଭିତର୍ । ॥୬୮॥

ଲମ୍ଫାଲେଞ୍ଜ୍‌କେ ଆହୁରି ଲମେଇ ପିଟ୍‌ଲା ପର୍‌ବତେଁ
ଗୋଡ୍‌କେ ଦନେଇ ଉଝାଲ୍ ମାଏଲା ଗୁଟେ ନ ସର୍‌ପଟେଁ । ॥୬୯॥

ଧମ୍‌କିଁ ଗଲା ପର୍‌ବତ୍ ଟା ନଏଦ୍ ହେଲା ଗହଦି
ଭିର୍‌କି ଗଲେ ଝାର୍‌ର୍ ଜଁତ୍ କେଭେଁ ତ ନାଇଁ ପହଦିଁ । ॥୭୦॥

ଡସେଇ ହେଲେ ମହାମେରୁ ଗଛ୍ ଛିଡିଁ ଗଲେ ଲହ
ଘୁର୍ ଘୁଡିଁ ଗଲେ ଅଥର ପଥର୍ ପାହାଡ୍ ଦୁଲ୍‌କୁଁ ଜହ । ॥୭୧॥

ପବନ୍ ପୁଓର୍ ସାଙ୍ଗ ପବନ୍ ବୁହିଲା ଅଣଞ୍ଚାଶ୍
ଚ଼ରେ ଚ଼ିର୍‌ଗୁନ୍ ଉଡିଁ ବୁଲ୍‌ଲେ ଛାଡ଼ି ନିଜର୍ ବାସ୍ । ॥୭୨॥

କେତେ ଜଁତ୍ ଜାନୁଆର୍ ବାହାରିଲେ ଯିବେ ଉଡି
ନାଇଁ ପାର୍‌ଲେ ଧାଇଁ, ସମୁଦରେଁ ଗଲେ ବୁଡି । ॥୭୩॥

ଚାରି ହାତ୍‌ଗୋଡ୍ ହଲେଇଁ ପଲେଇଁ ଆକାଶ୍ ଉପରେଁ
ପବନ୍ ରଥେଁ ପାବ୍‌ନୀ ସତେଁ ଯାଏ ନିଜର୍ ବତ୍‌ରେଁ । ॥୭୪॥

କିଏ ଗୁଟେ ଆଏ, ଆଏଲା ଫାରି ବଢ଼େ, ଆଁ
ନାଗର୍ ମାଁ ଆଏ, ଜାନ୍‌ଲା 'ସୁରସା' ତାର୍ ନାଁ । ॥୭୫॥

କହେଲା ତତେ ଖାଏଲେଁ ଯାଏନ୍ ଭୋକ୍ କରୁଛେ ମତେ
ଭକ୍ତର୍ ଛାଡି ଶକତ୍ ଆଏ ଡ଼ର୍ ପଶ୍‌ତା କାଏଁ ରତେ ? ।।୭୬।।

ଯୋଗ୍-ସିଦ୍ଧ୍ ଆଏ ଦିହ୍‌କେ କରି ପାର୍‌ସି ବଡ୍ ସାନ୍
ଯେନ୍ ରୂପକେ ଧର୍‌ମି ବଏଲେଁ ପାର୍‌ସି ହୁନୁମାନ୍ । ।।୭୭।।

ସୁରୁଟେ ହଇଁ ସୁରସାର୍ ସେ ଉସାର୍ ଆଁ ଭିତରେଁ
ପଶି କରି ଖସି ଆସିଁ ପଲାଲା ଲଂକା ସୁତ୍‌ରେଁ । ।।୭୮।।

ସୁରସା-ମୁହୁଁ ଲଂକା ପଶବାର୍ ନୁହେ କଠିନ କାମ୍
ଲଂକା ପୁରକେ ନିଶଂକାନେ ଆଏବା ହନୁମାନ୍ । ।।୭୯।।

ଆକାଶ୍‌ନେ ଉଡୁଁ ତଳ୍‌କେ ହଇଁ ଆସ୍‌ଲା ଟାନି
ଛଏରା 'ପର୍‌ଲେଁ ହଏରାନ୍ କରେ କିଏ ଗୁଟେ ପ୍ରାନୀ '' । ।।୮୦।।

ହନୁ ଟାନି ହଇଁ ଆସି ଭାବ୍‌ଲା କିଏ ଆଏ
କେଭୁଁ ଏନ୍ତା କରେ ବନ୍ହଏ କରି ଦେଖ୍‌ସିଁ ଘାଏ । ।।୮୧।।

ପର୍‌କେ ଶୁଷିଁ ଖାଏବା କଷି, କବାର୍ ନାଇଁ କରି
ଉସାର୍ କରେ  ଅସାର୍ ଦିହ୍‌କେ ଅସୁର୍ ଭାବ୍‌ନା ଭରି ଁ । ।।୮୨।।

ସିଂହ, ସମାନ୍ ଶକ୍ତି ଅଛେ ସିଂହିକା ନାମ୍ ତାର
ହନ୍‌ମାନ୍‌କେ ଗିଲ୍‌ବାକେ ମୁହଁ କଲା  ଉସାର୍ । ।।୮୩।।

ବାଡ୍ ଚିଡ୍ ନାଇଁ ଲାତ୍‌ଟେ ମାରି ହନୁ ପଲାଲା ଉପର୍
ଅସୁରେନ୍ ଗଲା ଅ'ସୁରିଆ, ଶମନ୍ ପୁର୍ ଭିତର୍ । ।।୮୪।।

ଦୁଇ ଦୁଇଟା ଛେଁକାନ୍ ଭିତ୍‌ରୁଁ ଉବ୍‌ରିଁ  ହନୁମାନ୍
ଅଥା ଅଛେ ସୁଘାତା ଘାଏ ପାଏଲେଁ କାହିଁ ଠାନ୍ । ।।୮୫।।

ସମୁଦର୍ କେ ନିଘା କଲା ଦିଶେ ପଥର୍ ଢ଼ିପା
ଟକ୍ ଟକାଏ ହଉଛେ କାଏଁ ମଣି ପ୍ରବାଲ୍ ଲିପା । ।।୮୬।।

ମହାସମୁଦର୍ ମହାବୀର୍‌କେ ସାହେଯ୍ କର୍‌ବାର୍ ଲାଗି
ପାନିର୍ ଦିହ୍‌କେ କଠିନ୍ କରି ଟାକି ଥିଲା ଜାଗି ? ||୮୭||

ସେନେ ଛନ୍‌ଏ ପାହା ଥାପିଁ ମାଏଲା ଘାଏ ଝାଲ୍
ସମୁଦର୍ କେ ସହରାଇ ସେ ମାଏଲା ନ ଉଝାଲ୍ । ||୮୮||

ଜଗତ୍ ହିତର୍ ଲାଗି ସାହେଯ୍ କରି ରଖିଲା ନାକ୍
ସେ ଠାନ୍‌କେ କହେଲେ ଲୁକେ ପର୍‌ବତ୍ ମଏନାକ୍ । ||୮୯||

ତଲେଁ ପାଏଁନ୍ ଉପ୍‌ରେଁ ଆକାଶ୍ ମଝିଁ ହନୁ ଉଡ଼େ
ପୁରୁବ୍ ପଛିମ୍ ବେଲ୍‌ନୁ ଜାନ୍‌ଏ ଦକ୍ଷିଣ୍‌କେ ମୁଡ଼େ । ||୯୦||

ବନ୍‌ଏ ଘଡ଼େ ଉଡ଼ି ଆଏଲାନ ନାଇଁ ଦିଶ୍‌ବାର୍ ଲଂକା
ପୁହୁଁଚି ପାର୍‌ସିଁ କି ନି ବଲିଁ ସୁଲ୍ ସୁଲାସି ଶଂଖା । ||୯୧||

ଆନନ୍ଦ୍ ଥିତିର୍ ପ୍ରତୀକ୍ ରାମ୍-ରୂପ୍‌କେ ଆନ୍‌ଏ ମନେ
ଶଂଖା ସଁଖିଲିଁ ସାଫ୍ କରେ ମନର୍ ସବୁ କନେ । ||୯୨||

ଭକ୍ ଭକାଉ ଥିଲା ମନ୍ ଛାତି କରେ ଧକ୍
ଶକ୍ତିମଏ ରାମ୍ ନାମ୍‌ନେ ଉଭିଁଗଲା ଶକ୍ । ||୯୩

ରାମ୍‌କେ ସୁର୍‌ତା କରୁଁ ତୁର୍‌ତା ତୁର୍‌ତି ଆଏଲା ଆଶା
ମୁଡ଼୍ ଉପରୁଁ ଖସ୍‌ରି ବେଲ୍ କହେଲା ଦୁସ୍‌ରି ଭାଷା । ||୯୪||

ପଛିମ୍ ଯାତ୍‌ରା ନାଇଁ ସରୁଁ ମୋର୍ ତୋର୍ ଯାତ୍‌ରା ସାଫୁଲ୍
ହେବା ବାବୁ ! ପାଶ୍‌କେ ଆଏଲୁ ନାଇଁ ହଆର୍ ଆକୁଲ୍ । ||୯୫||

ଖସ୍‌ରିଁ ଯ ।ଏ ବେଲ୍ ତଲ୍‌କେ ଖରାଯାଏ ଉହୁରି
ସୁନେଲି ଖରାକେ ସୁନାର୍ ଲଂକା ତେଇ୍ ଦିଶେ ଦୁହୁରି । ||୯୬||

ଉପ୍‌ରୁଁ ଦିଶେ ନୀଲାର୍ ବନ୍ଧେଁ ସୁନାର୍ ପଦୁଁ ଫୁଟୁଛେ
ଅସୁର୍ ମୁଡ଼ର୍ ଭମର୍ ଗୁହୁଡ଼ା କହଁର୍ ତାର୍ ଲୁଟୁଛେ । ||୯୭||

ଯଦ୍‌ରି ଇନେ ସୀତା ଥିତେ କରି ପାର୍‌ତିଁ ଥାବ୍
ଏତେ ଦୁଃଖର୍ ସାଗର୍  ଡେଗା ଦେତା କେତେ ଲାଭ୍ ? ||୯୮||

ରାମ୍ ବୁଝ୍‌ବା ହାନି ଲାଭ୍ ତାର୍‌ତ ଆଏ  କବାର୍
ଘାଇ ବନ୍ଧାଁ ଲୋକ୍ ବାନ୍ଧ୍‌ବା, ମୁଇଁ  ତ ଡ଼ଲାଭାର୍ । ||୯୯||

ବେଲ ବୁଡ଼୍‌ବାର୍ ବାକି ଅଛେ ସାଗର୍ ନାଏଁନ ବାକି
ଢ଼େହେଁକି ଆଏଲା ଲହେଁକି ଆଏଲା ଖଏଣ୍ ରହିଛେ ଟାକି । ||୧୦୦||

ବୁରେଇ ବୁରେଇ ଆମ୍ ନଡ଼ିଆ ଗୁଟେ ଗୁଟେ ଲିଚି
ଫଲ୍ ରସିଆ ହନୁର୍ ନଜର୍ ତାହିଁକେ ହଏ ଘିଚି । ||୧୦୧||

କଦେଲ୍ ଗଛର୍ ଝାର୍ ଲାଗିଛେ ପାଚିଁ ଥିପେ ଫଲ୍
ଥିପୁଛେ ବି ହନୁର୍ ଲାଲ୍ ଭୋକ୍ ହଏ ପର୍‌ବଲ୍ । ||୧୦୨||

ହେଲେଁ ବି ସେ କାଁ କର୍‌ବା ? କାହିଁ ସମିୟା ତାର୍ ?
ଖାଏବା କେନ୍ତା ନୁହେ ପାଏତ ସଂଧାନ୍ ସୀତାର୍ । ||୧୦୩||

ଡ଼ାହିକେ ଡ଼ାହି ଢ଼େଗେ ରେଙ୍ଗାଲ୍ ବିଲାର୍ ଲାଗେ ଭଦ୍‌ରି
ଗଛ୍ ଏତେ କାହିଁ ଥିତା ଘରେଁ ଲାଗ୍‌ତା ଯଦ୍‌ରି । ||୧୦୪||

ନିହନୁ ନେଇ ତୁଲିଆ ତକ୍ ଘରର୍ ସବୁ ସୁନା
ପୁର୍ଥୀ ଗାଏକେ ଜାନ୍‌ଲେଁ ଦୁହି କହି ନୁହେଁ ଊନା । ||୧୦୫||

ଚରିଁ ଯାଉଛେ ଚଂପା ହେନା କିଆ ଫୁଲର୍ କହର୍
ତ୍ରିକୂଟ ପର୍ବତେଁ ବସେ ସୁନ୍ଦର୍ ଲଂକା ସହର । ||୧୦୬||

ମାଏନ୍ ମନ୍‌ସା ଗଛ୍ ଲହ୍ ଅକଲନ୍ ଅଛେ ବୁରେଇ
ଶିରୀ ଆସି ସୁନ୍ଦର୍ ପନର୍ ପସ୍‌ରା ଦେଇଛେ କୁର୍‌ହେଇ । ||୧୦୭||

ବର୍ଷା ଦିନେ ବର୍ଷା  ଥିବା ଖରାଦିନେ ଖରା
ଶୀତ୍ ଖାଉଥିବା ଗୀତ୍ ସୁନ୍ଦର୍ ହେମାଲ୍ କାକର୍ ଝରା । ||୧୦୮||

ରାବଣ୍ ବନ୍‌ଏ ହୁସିଆର୍ ଆଏ ସଥର୍ ପୁର୍‌ଥୀ ପତି
ଗଛ୍ ପତରର୍ ଉଧେଁ ଦିଏ ମାଏନ୍ ପୁର୍‌ଥୀ ପର୍‌ତି । ॥୧୦୯॥

ଡେ଼ଙ୍ଗ ଗଛର୍ ଶିଘେଁ ବସି ନିଘା କରେ ହନୁ
ଲଂକା ସହର୍ ଦେଖି ସବୁ ଶଂଖା ଗଲା ମନୁ । ॥୧୧୦॥

ସୁନାର୍ ଘରେଁ ପ୍ରବାଲ୍ ଛାଆନି ଫଟିକ୍ ପଥରେଁ ବାଟ୍
ବନା ହଇଛେ କୁଁଚା ପେଲ୍‌ହା ନାଇଁ, ପର୍ଛା ଛାଟ୍ । ॥୧୧୧॥

ମଣି ମାଣିକର୍ ବଏଠା ଜଲେ ଉଜଲ୍ ସବୁ କୁଡି
ନିଶାର୍ ଅନ୍ଧାର୍ ନାଇଁ, ଥାଇ ନିଶାଚର୍ ପର୍‌କୁତି । ॥୧୧୨॥

ଏତେ ସୁଖ୍ ଏତେ ସଂପଦ୍ କଲା ହାଏ ଖାର୍
ପର୍‌କୁତିନେ ପରପଁଚ୍ ହଇ ଗିଆନ୍ ମାନ୍‌ସି ହାର୍ । ॥୧୧୩॥

ଚାରି ବେଦେଁ ଦଖଲ୍ ଥାଇ ନାରୀ ଚୁରାଲା ଧିକ୍
କରମ୍ ଜାନି ଫଲେ କର୍‌ମଙ୍କା ଇ କଥା ଆଏ ଠିକ୍ । ॥୧୧୪॥

ଆନନ୍ଦ୍ ହାତୁଁ ଶାନ୍ତି ଆନି ଭୁଗି ପାରିଛେ କିଏ ?
ଆନନ୍ଦ୍ ଆଉ ଶାନ୍ତି ଘଡେ଼ ଛଡ଼ା'ଛଡି ନିହେ । ॥୧୧୫॥

ରାମ୍ ଆ'ନ୍ ତ ଆନନ୍ଦ୍ ମୁର୍‌ତି ଶାନ୍ତିର୍ ରୂପ୍ ସୀତା
ଧନ୍ ସଂପଦ୍ ଥାଇ କାଏଁ ନିରାନନ୍ଦ୍ ଥିତା । ॥୧୧୬॥

ବଲ୍ ବୁଦ୍ଧି ଧନ୍ ଦଉଲତ୍ ଖେମ୍‌ତା ଗଉରବ୍
ସବୁ ଥାଇ କେନ୍ତା ରାବଣ୍ ଆବ୍‌ରେ ରଉରବ୍ ? ॥୧୧୭॥

ଏଛନ୍ ବି ତ ସମିଆ ଅଛେ କହିନେତା କାଏଁ କିଏ ?
ସବୁ ବଇଁଚି ରହେତା ଯଦ୍‌ରି ସୀତା ଫିରେଇ ନିଏ । ॥୧୧୮॥

ଦୟା-ସମୁଦର୍ ରାମ୍ ଆ'ନ୍ ଅଗ୍‌ବା ଆନନ୍ଦ୍ ମୂର୍‌ତି
ରାଗ୍ ରୋଷ୍ ନାହିଁ ଦୋଷ୍ ଖେମା କର୍‌ତେ ତୁର୍‌ତି । ॥୧୧୯॥

ହେଲେଁ ଯାହା ହେବାର୍ ନାଇଁ ହଇଁ ଯିବା କାହିଁ ?
ସରଗ୍ଁ ଛିଡ଼୍‌ଲେଁ ମର୍‌ତେଁ ରଖିବାର୍ ଶକ୍ତି କା'ର୍ ନାହିଁ । ॥୧୨୦॥

ଚିନ୍ତା କଲା କେନ୍ତା କିସ୍‌ମେ ପଶ୍‌ବା ଲଂକା ଭିତର୍
ସବୁ ଦିଗ୍ ତ ନିବୁଜ୍ ଦିଶେ ଦେଖିଲେଁ ଯେନ୍ ସୁନ୍ଦର୍ । ॥୧୨୧॥

ଚଉକସ୍ କରି ଚଉଦିଗ୍‌କେ ଜୁଗି ରହିଛନ୍ ପହରୀ
ଛିନା ଥିଲା ଆକାଶ୍ ସିନା ପଲେଇଁ ଆଏଲିଁ ପହଁରି । ॥୧୨୨॥

ବେଲ୍ ତ ଅଛେ ନୁହେ ବୁଡ୍‌େ, ଦେଖିମି ହଉ ଅଂଧାର୍
ଯାହା କର୍‌ବା ରାମ୍ କହୁଆଲ୍ ମୋର୍ ମେତାଲ୍ ଅନ୍ଧାର୍ । ॥୧୨୩॥

ଆଗ୍ ପଛ୍ ଭାବି ଗଛ୍ ଉଢ଼ାଲେଁ ବସି ରହେଲା ହନୁ
ମନେ ରାମ୍ ମୂର୍‌ତି, ମୁହେଁ ନାମ୍ ଅନୁଖନୁ । ॥୧୨୪॥

ବାଲ୍‌ମିକୀ ମୁନି କହନ୍ ଚାଲ, ଏତ୍‌କେଁ ବୁଡ୍‌ବା ବେଲ୍
କାଏଲ୍ ସକାଲେଁ ଗୁନ୍‌ମା ହନୁର୍ ଲଂକା ପୁରର୍ ଖେଲ୍ । ॥୧୨୫॥

❑

# ପାଉଚ୍‌-୨

## ହନୁମାନର୍ ଲଂକା ଢୁକ୍‌ବାର୍

ବାଲ୍ମିକୀ ଆଶ୍ରମେ ଆସି ସକାଲ୍ ବେଲର୍ ଖରା
ଗଛ୍ ଫୁର୍‌ଙ୍ଗୁଲେଁ ଫୁଲ୍ ଫାନସ୍ ଲେଖେଁ ପଡନ୍ ଧରା ।  ॥୧॥

ଭେଲା ବାଁଧି ଚେଲାମାନେ ସେନେ ବସି ବସି
ଅସାମେନ୍ ସେ ରାମେନ୍ ରସେଁ ଆଗୁଁ ଅଛନ୍ ରସି ।  ॥୨॥

ମୁନି କୁମାରୀ ଦଲେଁ ସୀତା ପନଦ୍ ସଁଖଲିଁ ବସ୍‌ଲେ
ସଙ୍ଗେ ଥିଲେ ହରିନ୍‌ଛୁଆ ତାଙ୍କର୍ ଢ଼ଙ୍ଗେ ଆସ୍‌ଲେ ।  ॥୩॥

ରାମ୍ ଭଜନର୍ ସାଙ୍ଗେଁ ଲବ କୁଶର୍ ବୀନା ବାଜେ
ଭକ୍ତି ମିଶା ଲହ-ବୁନ୍ଦା ମୁନି ମନ୍‌କେ ମାଜେ ।  ॥୪॥

ମୁନି ଗାଏଲେ ଜୟ ହନୁମାନ୍ ଜଏ ବଜ୍‌ରଙ୍ଗ ବାଲୀ
ପଛେଁ ଗାଏଲେ ରାମର୍ ଜଏ୍ ଆନନ୍ଦ୍ ଧାମ୍ ବଲିଁ ।  ॥୫॥

ରାମ୍-ରାହାନେ ଏତ୍‌ଲେଁ ବାବୁ ! ହନୁମାନ୍ ଆ'ନ୍ ସାଙ୍ଗ
ଲଂକା ଗଡ଼୍ ପଶ୍‌ବାର୍ କେ କରେ ରାଗ୍ ତାନ୍ ।  ॥୬॥

କେନ୍ ବେଶେଁ ପଶ୍‌ବା ବଲିଁ ବିଚାର୍ କରେ ଘଡ଼େ
ଅନେକ୍ ରୂପର୍ ପରେଁ ବିଲେଇର୍ ରୂପ ମନେ ପଡ଼େ ।  ॥୭॥

ଇ ବେଶେଁ ନ ସଜ୍ ହେବା ନୂରା ଖୁଜା କବାର୍
ତାକ୍‌ଲେଁ ଛୁକ୍‌ଲା ଛଡ଼େଇ ନେବେ ଅସୁର ଶଶୁର୍ ଲବାର୍ ।  ॥୮॥

ବେଲ୍ ବୁଡ୍‌ଲା ଚାରି ଆଡୁଁ ଅଁଧାର୍ ଆସେ ଛାଇ
କଡ୍ ଲେହେଁଟି ଲଂକା ଗଡ୍ ମାରେ ଆଲସ୍ ହାଇ ।  ॥୯॥

ଅସୁର୍ ଭାଏଗ୍ କଲା କର୍‌ବାକେ ଆଏଲା ଇ ଅଂଧାର୍
ଇନ୍ ଉକିଆ ଦିଶେ ସୀତାର୍ ଦଶା ହେବା ସୁଧାର୍ । ॥୧୦॥

ଆକାଶ୍ ସାରା ଉଦିଁ ତରା କରନ୍ ଦପ୍‌ଦପ୍
ତାହାରୁଁ ଜୁଗୁନ୍ ଲଂକା ଗଡେଁ ମଣି ଚକ୍ ଚକ୍ । ॥୧୧॥

ଚ଼ରା ନୁରା ଅସୁର୍ ମାନେ ଖୁସୁର୍ ମୁସୁର୍ ଭରିଆ
ଝାରୁଁ ଫିରନ୍ ଗୋରୁ ଗୋଠ୍ ପଛୁଁ ଡ଼ାକେ ନରିହା । ॥୧୨॥

ପିଲାତୀ ଯେତେ ଆଗେଁ ଦଉଡନ୍ ତେଲେନ୍ ଲେଖେଁ ଘରା
ବୁଢ଼ା ଯେତ୍‌କ ପଛେଁ, ବଡ୍‌କନ୍ ଦୁର୍‌ସା ଦାମୁର୍ ତରା । ॥୧୩॥

ଘରେଁ ଥିଲେଁ ଲୁଇ ଦାମୁର୍ ମାଁର୍ ଘରାନେ ଲୁହି
ଦୁଇ ହୁଟାଲେଁ ଟାନିଥିଲା ଗୁରସ୍ ନିଅନ୍ ବୁହି । ॥୧୪॥

ଦେଖ୍‌ନୋର୍ ଆଏ ଗଡ଼ର୍ ଡାଁଙ୍ଗ୍ ଗାଏ-ଦାମୁରର୍ ଚହଲେଁ
ବିଲେଇ ପଟେ ମୁଣ୍ଡେ ସମକୁଁ ଭୁଲେଇ ସେ ଗହଲେଁ । ॥୧୫॥

ଦୁଆର୍ ଜୁଗା ଅସୁର୍ କାଏଁ ଜାନ୍‌ବେ ? ଭୁଆର୍ ଗତି
ଶମନ୍ ପୁର୍‌କେ ବାଟ୍ ବନୁଛେ ଶମ୍‌ବା ଲଂକା ପତି । ॥୧୬॥

ଘାଉଁ ଘାଏକେ ଅଂଧାର୍ ହଉଛେ ଡ଼ାଁଙ୍ଗ୍ ହଉଛେ ଛିନା
ପାଶେଁ ଥିଲେଁ ବି ମୁହୁଁକେ ମୁହୁଁ ନାଇଁ ପର୍‌ବାର୍ ଚିହ୍ନା । ॥୧୭॥

ଲଂକାର୍ ଶିରୀ ଲଂକେଶରୀ ରାବଣର୍ ଉପ୍‌କାରୀ
ଦେବୀ ଛେଁକ୍‌ଲେ ବିଲେଇର୍ ବାଟ ରୂପ୍ ଭୟଙ୍କାରୀ । ॥୧୮॥

କହେଲେ କିଏ ଆଉରେ ତୁଇଁ ବିଲେଇ ହଇ ମୁଣ୍ଡୁ
କେନ୍ ଭିଁଏଖେଁ ତୁସି ହଇ କେନ୍ ଗାଏ ପଛେଁ ଘୁଷ୍ଟୁ । ॥୧୯॥

ବିଲେଇ ହେଇଛୁ ବିଲେଇ ସଭାବ୍ ଯିବାକାଏଁ ପଲେଇ
ଆଏଁଖ୍ ମୁଜି ଗୁରସ୍ ପିଉ ଦେଖନ୍‌ହାରୀକୁଁ ଭୁଲେଇ । ॥୨୦॥

କିଏ ଆଉ ? କେ'ନୁ ଆଇଛୁ ? ଯିବୁ କାଁ'ଥିର୍ ଲାଗି ?
ଗଡ୍ ମୁହେଁ ଅଛେଁ ଗଡ୍‌ମାଲ୍‌କେନ୍ ଆଜ୍ଞା ନାଇଁ ମାଗି । ॥୨୧॥

କାଏଁ ଗରଜ୍ ତୋର୍ ଗଡ୍‌କେ ଯିବାର୍ ହେବୁ ଏଖେଇ ଗର୍‌ସେ
ବିନ୍ କୁହାବୁଲା ଗଡ୍‌କେ ଯିବାର୍ କହେ ନୁହେ ଭର୍‌ସେ । ॥୨୨॥

ରଜାର୍ ମୁଇଁ ଇଷ୍ଟଦେବୀ ମାଲ୍‌କେନ୍ ଇ ଗଡ୍‌ର୍
ଶୁଖା ଖଡ୍ ଖଡ୍ ପତର୍ ହଇଁ ଆଡେଁ ପଡୁ ଝଡ୍‌ର୍ । ॥୨୩॥

ଯେ'ନୁ ଆଇଛୁ ଭାଗ୍ ସେନ୍‌କେ କହୁଛେଁ ଭଲର୍ ବାଟ୍
ଉଖ୍‌ଲା ହଇଁ ଛିକ୍‌ରା କଥେଁ ନାଇଁ ବସା ନ ହାଟ୍ । ॥୨୪॥

କାନ୍‌କେ ଧରି ଟାନ୍ କରି ଖ୍‌ଡ୍‌ ଖ୍‌ଡ୍‌ାନୁ ଆନ୍‌ଲା
ହନୁର୍ ବଲେଁ ରାର୍ ରିଶ୍‌ମି ପାଗ୍‌ରାର୍ କରି ସାନ୍‌ଲା । ॥୨୫॥

ବୀରର୍ ଛିର୍ ଟାନି ହଇଁ ଶିରାଗ୍ରତ୍ ରିଶ୍‌ମି
'ଦେବୀ ଆଉ ତ ଦେଖି ଜାନ୍‌ଲେଁ କିଏ ଆଏଁ ଯେ ଦିଶ୍‌ମି ।'' ॥୨୬॥

'ନାଇଁ ଚିହ୍ନୁ ତୁଇଁ ରାମ୍ ଦୂତ୍ ମୁଇଁ ଲଙ୍କା ପୁରର୍ ଯମ୍''
'ସୁନାର୍ ଲଂକା ଚୁନା ହେବା ଦେଖିବୁ ଧର୍ ଦମ୍ ।'' ॥୨୭॥

''ନାରୀ ହଇଁ ବି ନାରୀ ଚୁରର ଇଷ୍ଟଦେବୀ ବଲି''
''କାଏଁ ସର୍‌ମେ କହି ହଉଛୁ ଲାଜେଁ ନାଇଁ ଜଲିଁ । ॥୨୮॥

ଖାଏଲା ଘୁମ୍‌କା ଘାଏଲା ହଇଁ କହେଲା ଲଂକେଶ୍ୱରୀ
କାମ୍ ନାଇଁ ଦିଏ ରାମ୍‌ର୍ ଲୁକର୍ ସାଙ୍ଗେ କର୍‌ବାର୍ କଳି । ॥୨୯॥

''ତୋର୍ କାମେ ତୁଇ ଯା'ଗା ପିଲା ! ମୋର୍ ବାଟେଁ ମୁଇଁ ଯାଏ''
''ରାମ୍ ହାବ୍‌ତୁଁ ରାବଣ୍ ଆଉର୍ ଉବ୍‌ରି ପାର୍‌ବା କାଏଁ ?'' ॥୩୦॥

ହନୁ ମୁଣ୍ଡେ ଗଡ୍ ଭିତର୍‌କେ ଢେଙ୍ଗି ଘରକେ ଘର୍
ରାମ୍ ନାମ୍ ଧରି ରାମ୍‌କେ ସୁମ୍‌ରି ଖେଦି ନେଇଛି ଡର୍ । ॥୩୧॥

ନିଶା ରାତିଁ ନିଶାଚର୍‌କର୍ ନିଶାନେ ନାଏଁନ ସୋର୍
ହିଂସା ମିଶା ନିଶାଖୋର୍‌କର ହିସାବ୍ ଦେଖ୍‌ନୋର୍ । ॥୩୨॥

ସଁ କରି ଯାଏ ସରମ୍, ସବୁ ରାଏଦ୍ ଚରୀକର୍ ରାତିଁ
କପ୍‌ଡ଼ା ପଲାଏ ତପ୍‌ଡ଼ା କରି ପେଟ୍ ଅଁଟା ଛାତି । ॥୩୩॥

ମଦ୍ କା'ର୍ ପେଟ୍ ହଦ୍‌ମଦାଏ କରେ ବାଁତି ଉଛାଲ୍
କଥା ଲାଗ୍‌ବାକେ ଅଥାଲାଗେ ହୁଦ୍‌କି ମାରେ ହୁଚାଲ୍ । ॥୩୪॥

ଭୁଆ ଦେଖେ ନୂଆ ଭୂଆଷେନ୍ ଦିହ୍-ନିଶାନେ ବନା
ବନା-ଲୁଗାକେ ଅନେ ବନେ ପକେଇ ତତାପନା । ॥୩୫॥

ଅସୁରିଆ ହଇଁ ଅସୁର୍ ପିଲା ଆଏଲା ଉଦୁର୍ମାଦ୍
ହାଦ୍ ଧରାକେ ଖାଦ୍‌ରେଁ ନାଇଁ ଲାଦ୍‌ମାରେ ନିର୍‌ଘାଦ୍ । ॥୩୬॥

କହେ ''ଗାଡ୍‌ଶୁଆ ଏତେ ରାଏଦ୍ ତକ୍ କେନ୍ ଗାଡେଁ ଥିଲୁ ଶୁଇ
ରଇଖିଆ ! ରହି ଏକ୍‌ଲା ଦହି ହୁଏଁ ବାଟ୍ ଜୁହିଁ । ॥୩୭॥

ଧରମ୍ ଛଡ଼ା ଢଙ୍ଗେଁ ବର୍‌ହମ୍‌ଚାରୀର୍ ଭାବ୍‌ନା ଭଙ୍ଗ
ଭାଗ୍‌ଲା ସେନୁ ନାଇଁ ଦେଖି ନଙ୍ଗଲା ଭାବ୍ ରଙ୍ଗ । ॥୩୮॥

କେ'ନେ ଶୁଇଛେ ରଜାର୍ ପିଲା କେନେ ଭାଏଲ୍ ନାତି
ହାଦ୍ ପରିଛେ ମଦ୍ ବୁତଲେଁ ନାଇଁ ତ ନାରୀ ଛାତି । ॥୩୯॥

ଘର୍‌ଟେ ଦେଖିଲା ମହାଘୋର୍ ଢେଙ୍ଗ ଯେତେତେ ଉସାର୍
ସେ ନେ ଶୁଇଛେ ଜନ୍‌ଏ ଦିହଟା ପର୍‌ବଦ୍ ପର୍‌କାର୍ । ॥୪୦॥

ଗଡ଼ିମେତାଲ୍ ନାକ ଗର୍ଜ୍ଜା ଝଁକେର୍ ଲେଖେଁ ଝାଲ୍
ବଡ଼େ ମୁଡ଼େଁ ବଢ଼େ, ତାଲ୍ ଗଛର୍ ମେତାଲ୍ ବାଲ୍ । ॥୪୧॥

ବନ୍ଧ ବାଗିର୍ ଲୁହା ହାଁଡିଥି ମଦ୍ ହଇଛେ ଭରା
ନାକ୍ ରୁନ୍ଧି ହଏ ଗନ୍ଧଥିଁ ତୁରତ୍ ପଲେଇଁ ଗଲା । ॥୪୨॥

ସରଗ୍ ଠାନୁ ସୁନ୍ଦର୍ ଘର୍ଟେ ପର୍ଲା ନୁର୍ଲା ବାଟେଁ
ହାତୀ ଦାଁତର୍ ପଲଁକ୍ ପରି ସଜା ମହାନ୍ ଠାଟେଁ । ।।୪୩।।

ଜଘେ ଢେ଼ଙ୍ଗର୍ ମଖ୍‌ମଲ୍ ଶେଯ୍ ତାର୍ ଉପ୍‌ରେଁ ପରିଛେ
ଉକିଆ ଦିଆ ମଣି ମାଣିକ୍ ସାରା ଘର୍‌କେ ଭିରିଛେ । ।।୪୪।।

ଅଏସ୍ କର୍‌ବାର୍ ଲାଏକ୍ ଅଏନ୍ ଦରବ୍ ଭରନ୍ ଭରନ୍
ଶୁଇଛେ ଜନ୍ଏ ଯୁଆନ୍ ପିଲା ବର୍‌ନି ନୁହେ ବରନ୍ । ।।୪୫।।

ଶଂଖ୍‌ମର୍ ମର୍ ପଥର୍ ମେଟାଲ୍ ଦେହଟା ଚ଼କ୍‌ଚ଼କଉଛେ
ବପୁ ଭିତରେଁ ବଲ୍ ବଲ୍‌କିଁ ଲଢ଼େଇକେ ହକ୍ ହକଉଛେ । ।।୪୬।।

ପଲଁକ୍ ତରେଁ ବସେ ସୁନ୍ଦରୀ-ରାଏଜ୍-ରାନୀ ନାରୀ
ସୁନ୍ଦର୍ ପନ୍ ସେନେ ରହେଲା ସାରା ସଂସାର୍ ନାରି । ।।୪୭।।

ନାରୀ ମର୍ଯ୍ୟାଦା ଜାରି ରଖିଛେ ନାଏଁନ ଅଙ୍ଗର୍ ଭଙ୍ଗୀ
ଫୁଲ୍ ବଗ୍‌ଚା ଲେଖେଁ ଦିଶେ ଦିହ୍ ତାର୍ ଅଙ୍ଗ ଭଙ୍ଗି । ।।୪୮।।

ଚ଼ଣ୍ ଉଢ଼ାଲେଁ ଡ଼ାଲିମ୍ ଫୁଲ୍ ଦର୍‌ଛପିଆ ଫୁଟିଛେ
ତିଲ୍ ଫୁଲ୍ ଫୁଟେଁ ତିଲ୍ ଛାଟେଁ ନାକ୍ ଉପ୍‌ରେଁ ଉଠିଛେ । ।।୪୯।।

ଆଁଖେଁ ହଁସେ ନୀଲିଆ କଇଁ ଗାଲେଁ କଇଁ ଲାଲ୍
ପଦମ୍ ଆବ୍‌ରି ମୁହୁଁଟା ସାରା ଚପ୍‌ରିନେଇଛେ କପାଲ୍ । ।।୫୦।।

ପାଦର୍ ଧାରେଁ ମନ୍ଦାର୍ ଦାଁତେ ସୁନ୍ଦର୍ କୁନ୍ଦ ଫୁଲ୍
ଅଧାଲୁକିଁ ଅଧା ଦିଶେ ହଁସ୍‌ଲେଁ ମୁଲ୍ ମୁଲ୍ । ।।୫୧।।

ଦର୍‌ଫୁଟା ହଇଁ ଚଁପା ଫୁଲ୍ ହାତର୍ ଆଙ୍ଗୁଟ୍ ମାନ୍
ଫୁଟ୍‌ଲା ଫୁଲ୍‌ର୍ ବରନ୍ ଚ଼ହଟେ ଦିହର୍ ସବୁ ଠାନ୍ । ।।୫୨।।

ଭମର୍ ହଇଁ ଭୁଲ୍‌ତା ବସେ, ପଡ଼୍‌ବେ ଫୁଲ୍‌ର ପାଲେଁ
ଭୁର୍ ଭୁରିବାଲ୍ ମହ୍‌ମାଛି ହଇଁ ଖେଲନ୍ କାନ୍ ତଲେଁ । ।।୫୩।।

ଭକ୍ତି ଭରା ନାରୀର ମୁହେଁ ସର୍ଗର୍ ତେଜ୍ ଛଟ୍‌କେ
ଚନଜର୍ ଥାଇଁ ବି ପିଲାର୍ ଉପର୍ ପାଦେଁ ଯାଇ  ଅଟ୍‌କେ ।  ॥୫୪॥

ହନୁମାନ୍ କରେ ଅନୁମାନ୍ ଭାଏଲ୍ ହଇଥିବେ ସୀତା
ସୀତା ହଇଥିଲେଁ ରାମ୍ ନୁ ଦୁସ୍‌ରା କିଏ ଥିତା  ॥୫୫॥

ଝୁମ୍‌ରା ସୁରେଁ ପିଲା କହେଲା ପ୍ରିୟା ଗୋ ପରମିଲା
'ଇନ୍ଦ୍ରଜିତ୍‌ର୍ ଶୁଇବାର୍ ଘର୍' ବାଟେଁ ଲେଖା ଥିଲା ।  ॥୫୬॥

ସେ ଠାନ୍ ଛାଡ଼ି ଯିବାର୍ କାଯେଁ ହନୁ ଖୁସୁର୍ ମୁସୁର୍
କହେଲା ମା ! ଖେମା କର୍‌ବ କହିଁ ବଡ଼େ କସୁର୍ ।  ॥୫୭॥

ଘାଁଟି ହେଲା ମନ୍ ପିଟି ହେଲା ଦୁହି  ଗାଲେଁ
କହିଁ ଗଙ୍ଗା ଦେଖୁଥିଲିଁ ଗୁହୁରୀ ଗଦାର୍ ନାଲେଁ  ।  ॥୫୮॥

''ସୁନ୍ଦରୀ ହେଲେଁ ନାରୀଟେ କାଏଁ ହଇ ପାର୍‌ବା ସୀତା
ଧିକାରି ହେଲେ ନିଜ୍‌କେ ନିଜେଁ ଲାଗ୍‌ଲା ବିଷ୍ ପିତା'' ।  ॥୫୯॥

କାହିଁଅଛ ? ମା ଦେଖାଦିଅ ନାଇଁ ଧର ମୋର୍ ଦୋଷ୍
ଶାନ୍ତି  ମୂର୍‌ତି ଧର୍‌ତୀର୍ ଝି' । ନାଇଁ ଥିବା ରାଗ୍ ରୋଷ୍ ।  ॥୬୦॥

ଯାଉନ୍ ଯାଉନ୍ ପୁହୁଁଚେ ହନୁ ଆଉର୍ ଗୁଟେ ମହଲ୍
ମହକେ ଧୂପର୍ ମହକ୍ ଶୁଭେ ହରିନାମର୍ ଚହଲ୍ ।  ॥୬୧॥

ଘର୍ ନୁହେ ସେ ହରି ମନ୍ଦିର୍ ଲେଖେଁ ସହଜେଁ ଦିଶେ
ଘର୍ ଗୁସିଆଁ କେ ବିଷ୍ ଲାଗେ ଘରୁଆ ସବୁ ବିଷେ ।  ॥୬୨॥

ଖଟ୍ ଛାଡୁନ୍ ଘରର୍ ମାଲିକ୍ ଝଟ୍ ସକାଲର୍ କାମ୍
ସାରି ମାରି ଚନ୍ଦନ୍ ଚିତା ଧରେ ହରିର୍ ନାମ୍ ।  ॥୬୩॥

'ସର୍‌ମା' ବଲିଁ ଡ଼ାକେ ନାରୀକେ ହଇଥିବା ତାର୍ ସିଆନୀ
ସରଲ୍ ସୁତର୍ ସୁଧାର୍ ଦିଶେ ହଇଥିବା ବି ଗିଆନୀ ।  ॥୬୪॥

ଟୁକେଲ୍‌ଟାକେ ଡାକେ ଧରି ତିର୍ଜଟା ତାର୍ ନାଁ
ଅଶୋକ୍ ବନ୍ ଯିବା ପରେ ନୁହେ ବାହାରେ ମାଁ ? ||୬୫||

ଜଲ୍‌ଦି ଯ' ଗୋ ମା! ଜଗତର୍ ମା ଜାନ୍‌କୀ ତାହିଁ
ଉଦ୍‌ବେଗ୍ ହଇଁ ଯା'ଉଥିବେ ତୁମର୍ ବାଟ୍ ଚାହିଁ । ||୬୬||

ନାରୀ ବାହାରି କହେଲା ମା' ତିର୍ଜଟା ଆ' ତୁର୍‌ତି
ଧୂଏଲ୍ ନେଲେ ଛି ତାର୍ ପାହାତଲର୍ ଧର୍‌ତୀ । ||୬୭||

ଅଶୋକବନ୍ କାଏଁ ପାଶେଁ ଅଛେ ? ବନ୍‌ଏ ଟିକେ ଧୁର୍
କହି ଚାଲନ୍ ମା' ଝି' ଆଗ୍ ପଛ ଟୁର୍ ଟୁର୍ । ||୬୮||

ମା ଜାନ୍‌କୀ ଅଶୋକ୍ ବନେ ଅଛନ୍ ପର୍‌ଲା ଜନା
ସେନ୍‌କେ ଯିବାର୍ ଲାଗିଁ ହନୁ ହେଲା ତତାପନା ||୬୯||

ନାଇଁ ଅଟ୍‌କିତା କେନ୍‌ସି ଠାନେ ଜାନ୍‌କୀ ଆଡେଁ ମନ୍
ଛନ୍‌ଏ ନାଇଁ ଠହରେ କାହିଁ ଯିବାକେ ଛନ୍ ଛନ୍ । ||୭୦||

ହେଲେଁ ହନୁ ଭାବେ ବୃର୍‌ଥା ହେବା ଆଏବା ଯିବାର୍
ରାବଣର୍ ଖାସ୍ ରହେବାର୍ ଘର୍ ନୁହେ ତ ଦେଖିବାର୍ । ||୭୧||

ସେ ଠାନେ ଭାଏଲ୍ ରଖିଥିବା ରାବଣ୍ ରାତିଁ ସୀତା
ତାର୍ ଥିତି ବି ଦେଖି ଥିତିଁ କହନ୍ ଜଗଦ୍ ଜିତା । ||୭୨||

ଏତ୍‌କି ଭାବି ଟସ୍‌କି ନେଲା ନୁରିଁ ରାବଣ୍ ଘର୍
ଦେଖିଲା ଏକ୍‌ଲା ମହଲ୍ ହୀରା ନୀଲା ଭର୍‌ଭର୍ । ||୭୩||

ଧଜା ଉଡୁଛେ ଫର୍ ଫର୍ ତିର୍ଶୂଲ୍ ଚିହ୍ନା ଧରି
ମାଛି ଗଲ୍‌ବାକେ ବାଟ୍ ନାଇଁ ପହରୀ ଅଛନ୍ ଭରି । ||୭୪||

ବାଟେଁ ବାଟେଁ ବଖିରା ଗୁଟେ ସୁନାର୍ ଇ'ଟା ଯୁରା
ଖଁଜା ହଇଛେ ଆଠି ରତ୍ନ ବାଛି ଦୁରା ଦୁରା । ||୭୫||

କେନ୍ କଲା କଉଶଲେଁ କେଭେଁ ଅଛେ ତିଆର୍ ହଇ
ସେ ନେ ଥୁଆ ବିମାନ୍ କେତେ ସୁନ୍ଦର୍ ନୁହେ କହି । ॥୭୬॥

ଦେଖ୍ଲା ଠାନ୍ ଦୁ 'ଲେପା କୁଚା' ତାହିଁ ଲାଗିଛେ ରକତ୍
ଲଟ୍କି ରହିଛେ ଚ଼ରେ ରୁଆଁ ଠାନ୍ ଠାନ୍ ଯତ୍ଖତ୍ । ॥୭୭॥

ଭାବ୍ଲା ଇଟା ସେ ବିମାନ୍ ଇଥି ସୀତା ବସେଇ
ଚୋର୍ ଲେଖେଁ ଆନ୍ଲା ରାବଣ୍ ପଁଚ୍ବଟୀନୁ ଖସେଇ । ॥୭୮॥

ଜଟାୟୁ ଚରେ ଗୁଆଁଲା ଆୟୁ ଇ ବିମାନକେ ଛେଁକି
ତାର୍ କଥା ତାର୍ ରକତ୍ ଗାରେଁ ହଇଛେ ଇଥିଁ ଲେଖି । ॥୭୯॥

ବାଟେଁ ଛିଙ୍ଗଲି ଡୁଙ୍ଗି ଦେଖ୍ଲା ରାବଣ୍ ଶୁଇଲା ଘର୍
କେତେ ସୁନ୍ଦର୍ ଇନ୍ଦର୍ ଭବନ୍ ହାର୍ବା ହଜାର୍ ଥର୍ । ॥୮୦॥

ପରେ ସୁନ୍ଦର୍ ପଲଁକ୍ ଦେଖ୍ଲେଁ ପଲକ୍ ନାଇଁ ପରେ
ପାରି ହଇଛେ ଫୁଲ୍ ପର୍ନା ପାରିଜାତ୍ ବି ଧରେ । ॥୮୧॥

ଧଡ୍ପଡ଼ାନୁ କଡ଼ ଲେହେଁଟି ରାବଣ୍ ଉଠ୍ଲା ବସି
ଚେତି ଛ କି ନି ସତୀ ରାନୀ ? କହେଲେ ଅଲପ୍ ହଁସି । ॥୮୨॥

ପାଶେଁ ଥିଲେ ମନ୍ଦୋଦରୀ ଲଂକାର୍ ଅଲଂକାର୍
କହେ ଉଠ୍ଲ ଦର୍ନିଦିଆ କେନ୍ କଥା ଦର୍କାର । ॥୮୩॥

ଏଛ୍ନି ଏଛ୍ନି ମହାରାନୀ ଗୋ! ଦେଖ୍ଲି ଗୁଟେ ସପନ୍
ଲଂକେଶରୀ କହେଲେ ଲଂକେଶ୍ ! ସରେ ତୋର ବଡ଼୍ପନ୍ । ॥୮୪॥

ରାମର୍ ଲୋକ୍ ପଶ୍ଲା ଗଡ଼୍କେ କର୍ବା ଗଡ଼୍ ବଡ଼୍
ହେଁ ଥିର୍ ଲାଗି ଉଠି ପଡ୍ଲିଁ ହଇକରି ଧଡ଼୍ପଡ଼୍ । ॥୮୫॥

ରାନୀ କହେଲେ କଥାର୍ ଦିହେଁ ମହୁସାନି ସାନି
ବନ୍ଏ କଥା ନୁହେ କହୁଛେଁ କରୁଛ ନାଇଁ ମାନି । ॥୮୬॥

ସୀତା ବଲିଁ ପିତା କଲ ଜଗତ୍ ଜିତା ଜୀବନ୍
କୁଡେ ଆଖିଁ ତ ଝୁମ୍ରା ନାଇଁ କାହିଁ ଦେଖ୍ଲ ସପନ୍ ? ॥୮୭॥

ସପନ୍ ନୁହେ ସେଦର୍‌ପନ୍ ଆଏ ସବୁ ଦିଶୁଛେ ଫଟିକ୍
ବିବେକ୍ ଆଖେଁ ଦିଶ୍‌ଲେଁ  ନାଇଁ ମାନ୍‌ଲେଁ ବଲନ୍ ଧିକ୍ । ॥୮୮॥

ଭମ୍‌ର୍କିଁ କହେଲା ରାବଣ୍ ଆଶୋକ୍ ବନ୍ ଯିମି ଇ ଘଡି
ରାବଣ୍ ପଛେଁ ମନ୍ଦୋଦରୀ ଦଉଡେ ଉଠି ପଡି । ॥୮୯॥

ଉନିଆଁ ରାନୀ ମାନ୍‌କର୍ ସାଙ୍ଗେ ବନିହାଁ ସଖୀ ଦାସୀ
ଲମି ଯାଉଛନ୍ ଶମି ଶମି ଧାଡ୍ରିଥିଁ ଆସି ଆସି । ॥୯୦॥

ହନୁ ପୁହୁଁଚେ ଆଶୋକ୍ ବଗ୍‌ଚା ଡେଗିଁ ଗଛ୍‌କେ ଗଛ୍
ରାବଣ୍ ସାଙ୍ଗେ ଆସ୍‌ବାର୍ ଲୋକ୍ ପରିଁ ଗଲେନ ପଛ୍ । ॥୯୧॥

ଅଶୋକ୍ ବଗ୍‌ଚା ବୁଲି ଦେଖେ ହନୁମାନ୍ ମହାବୀର୍
କେନେ ଥିବେ ସୀତା ସତୀ ଶିର୍ ଭୂଷା ଧର୍‌ତୀର୍ । ॥୯୨॥

ଆଶୋକ୍ ବନ୍ ଲୋକ୍ ଆଏଁଖକେ ଲୁଚ୍‌ଲୁଭାନି ବନିହାଁ
ସୀତା ନୁରି ଅଥା ହନୁ କେଁନ ଦିଶେ ଉନିଆଁ । ॥୯୩॥

ହନୁର୍ ଚିନ୍ତା ଅନୁଖନୁ ସୀତା ଅଛନ୍ କାହିଁ ?
ରାବଣ୍ ଆସେ କେନ୍ତା ବେଭାର୍ କର୍‌ବା କେନ୍ତା ନାଇଁ । ॥୯୪॥

ଠାନ୍ ନୁହୁଛେ ନିରାପଦ୍ କେନେ ରହେବା ଛପି
ଖରାପ୍ ହେବା ରାବଣ୍ ନଜରେଁ ପଡିଯିବା ଯଦ୍‌ରପି । ॥୯୫॥

ବଗ୍‌ଚା ଭିତରେଁ ଅଗ୍ ଉଛା ଦିଶେ ସୀସମ୍ ଗଛ୍
ଲୁହିଁଲେ ତାହିଁ ଦିଶେ ନାଇଁ ଟିକେ ବି ଆଗ୍‌ପଛ୍ । ॥୯୬॥

ବହଲ୍ ଡ଼ାଲ୍ ପତର୍ ଭିତ୍‌ରେଁ ହନୁ ରହି ଦେଖୁଛେ
ମୁହେଁ ରାମ୍ ଜପି ମନେ ରାମ୍-ମୁର୍‌ତି ଲେଖୁଛେ । ॥୯୭॥

ବାଲ୍‌ମିକୀ ମୁନି କହେଲେ ବାବୁ ! କଥା ଇନେ ଥାଉ
ସଂଧା ଶଉବ୍ ବେଲା ହେଲା ଉଠ ସଭେ ଯାଉଁ । ॥୯୮॥

❑

# ପାଉଚ୍-୩

## ହନୁମାନ୍-ସୀତା ରତନ୍-ମୁଦି-ମଥାମଣି ଦିଆ-ନିଆ

ଉପର୍ ବେଲା ଖରାର୍ ତପ୍ତି କମି କମି ଆଉଛେ
ବେଲ୍ ବି ତାର୍ ମାଁର୍ କୋଡ୍‌କେ ଲମି ଲମି ଯାଉଛେ । ॥୧॥

ରାମଧୁନ୍ ସାରି ତୁନ୍ ପରି ସଭା ଶୁନ୍‌ବାର୍ ମନ୍
ଶୋକ୍ ପସ୍‌ରା ଦିହେଁ ସୀତା ଅଛନ୍ ଆଶୋକ୍ ବନ୍ । ॥୨॥

ମୁନି ଯାଇଛନ୍ ଧିଆନେ ବୁଡି ଉପ୍‌କି ପାରନ୍ ନୁହେ
ଆନନ୍ଦ୍ ମଏର୍ ଅଧା ନିରାନନ୍ଦେଁ ଗୁଲେଇ ହୁଏ । ॥୩॥

ଆନନ୍ଦ୍-ନିରାନନ୍ଦ୍ ଭିତ୍‌ରେଁ ସୁରୁ ସଁପୁର୍ ରେଖା
ନିଇକେ ଦିଶେ ଲୋକ୍ ଆଏଁଖିକେ ଯିବା କାଏଁ ଦେଖା ? ॥୪॥

ଦେହର୍ କ୍ଳାନ୍ତି ମନର୍ ଭ୍ରାନ୍ତି ଠାନେ ଶାନ୍ତି ସତର୍
ଖିନ୍ ଭିନ୍ ନାଇଁ ହଏ ନାଇଁ ହଏ ଛିନ୍ ଛତର୍ । ॥୫॥

ରାବଣ୍ ଆଏଇ୍ ବନା ହଇଛେ ନିଜର୍ ଆଶୋକ ବନେ
ନୁହିଲା ନିକେ ଶୋକ୍ ଆନିଛେ ବିଚାର୍-ବଖ୍‌ରା ମନେ । ॥୬॥

ଘାଁଟି ହଉଛେ ଦିହର୍ ସୁଖେଁ ପରମ୍ ସୁଖ ନୁରି
ନିଜର୍ ସୁଖର୍ ନାଏଁ ପରର୍ ସୁଖ୍ କର୍‌ଲା ଚୁରି । ॥୭॥

ଛୁ ଛୁ ମୂଷାକେ ନାଗ୍ ଧରିଛେ ଆଣ୍ ହଇଛେ ଛୁଛା
ଟିକ୍‌ରେଁ ହାତୀ ଆଣ୍‌ରା ଆାଶେଁ ନୁରେ ସୁରୁଗୁଛା । ॥୮॥

ଡେଁଡୁର୍ ଟଁ ଟିଁ ଅଲ୍‌ଝି ଯାଇଛେ ତିନ୍ ସିଙ୍ଗିଆ ଟେଂଗ୍‌ନି
ଆଏତର୍ ନୁହେ ଆଏ ସାଏତ ଯା'ର୍ ଯେନ୍‌ଟା ମାଗ୍‌ନି । ॥୯॥

ମଲା-ମୁର୍ଦ୍ଦାର୍ ଖାଏବା ହୁଁଡ଼ାର, ଜୀଇଁ ତା ଜନ୍ଏ ଆନି
ମାରି ପାରେ ନାଇଁ ମର୍‌ବାର୍ ଡରେଁ ଘାଁଟି ସାନି । ॥୧୦॥

ସୀତା ଚାହେଁଲେଁ ମାରି ନେତେ ନ ରାବଣ୍ ପାରେ ଜାନି
ସତୀ ଯତିକେ ଆନି ନୁହେ କେଭେଁ ଘିଚ୍‌ଟାନି । ॥୧୧॥

ରାମ୍-କଥାର୍ ସମୁଦର୍ ନେ  କିନ୍ଦରି ମୁନି ଅଥା
କା'ଣା କୁହାବେ କେ ଜାନ୍ଏ ସେ କଥା -ସାମ୍‌ରଥା । ॥୧୨॥

ଜଏ ରାମ୍ କହି ଥଏ ଧଏଲେ ବାହାରି ମୁନି ଧିଆନୁ
କହେଲେ ଶୁନ୍‌ଅ ଅଶୋକ୍ ବନେ ଛାଡ଼୍‌ଲା ଅଧିଆନୁ । ॥୧୩॥

ସୀସମ୍ ଗଛର୍ ଡାଲେଁ ହନୁ ମୂଲେଁ ସୀତା ସତୀ
କିହେ କାହାକେ ନୁହେ ଜାନନ୍ ପୁହୁଁଚେ ଲଂକାପତି । ॥୧୪॥

ତର୍‌ତରାନୁ ଆସେ ରାବଣ୍ ସୀତା ଦେଖିଁ ଥର୍‌ଥର୍
ମନେ ଝରେ ରାମ୍ ଭାବ୍‌ନା ଆଖିଁ ଲହ୍ ଝର୍‌ଝର୍ । ॥୧୫॥

ଡ଼ର୍  ଡ଼ରାନି ଅସୁରେନ୍ ଦଲ୍ ଲୁଗି ରହିଛନ୍ ଭାଉଁରେ
ରାବଣ୍-ଉଆଁସ୍ ଦେଖି ସତୀର୍ ମୁହଁ-କଁଏ ଫୁଲ୍ ଝାଉଁଲେ । ॥୧୬॥

ଡ଼ରାଧପାନେ ହରାସ୍ ସତୀ ହରାନ୍ ନାଇଁ ଥିତି
ସୁତର୍ କଥା କହିଁ ଭାଏଲ୍ ହେବା ମନ୍ ଜିତି । ॥୧୭॥

ସନ୍ ଭାବେଁ କହେ ହୁରୁଦ୍-ହରା ରାବଣ୍ କଥା ଲହରାଇ
ଜଗଦ୍ ଜିତା ସୁନ୍ଦରୀ ସୀତାର୍ ରୂପ ଗୁଣ୍‌କେ ସହରାଇ । ॥୧୮॥

''ଆଶ୍‌କରିଛେଁ ଆଶ୍‌ରା ଦେ' ରୂପ୍-ପସ୍‌ରାର୍ ତଲେଁ
ଯାହା ମାଗ୍‌ବୁ ତାହା ଦେଇ ପାର୍‌ମି ବାହାର୍ ବଲେଁ । ॥୧୯॥

ତିନ୍‌ହି ପୁରୁଁ ଛିନି ଆନି ସବୁ ସୁଖି ସଂପଦ୍
ଲୁଗ୍‌ରେଇ ନେମି ସାଙ୍ଗେ ଜଗଦ୍ ରାନୀର୍ ମହାପଦ୍ । ॥୨୦॥

ସର୍ଗୁ ଆନ୍‌ମି ପାରିଜାତ୍ ଫୁଲ୍ ଅମ୍ରୁତ୍ ଧାର୍
ପାତାଲୁଁ ତୁଲି ଆନ୍‌ମି ନାଗର୍ ତାଲୁଁ ମଣିସାର୍ । ॥୨୧॥

ଜନ୍ ମୁହିଁ ଗୋ ଜନକ୍ ଜେମା ! କା'ଣା କେ ତୋର୍ ମନ୍
ଜୀବନ୍ ଗଲେଁ ବି ନାଇଁ ହଦ୍‌ରେ ଦେବା, ରାବଣର୍ ପଣ୍ । ॥୨୨॥

ରାବଣ୍ ଥିଲା ଆଡେଁ ସୀତା ଲଟା ଗୁଟେ ଥୁଇ
କେରେଇ ଆନି ଗୁଟେ କର୍‌କେ ପଦମ୍ ଆଏଁଖ୍ ଦୁଇ । ॥୨୩॥

କହେଲେ "ତୋର୍ ସା'କାର୍ ହଏ ମରତିରୀ ହଏ ଦାତା"
ପଛିମ୍ ଦିଗୁଁ ବେଲ୍ ଉଦାଇଁ ଉଲ୍‌ଟା ଶୁନାଏ ଧାତା । ॥୨୪॥

ମୋର୍ ପ୍ରାଣର୍ ଆରାମ୍ ଲାଗି ଦରକାର୍ ଖାଲି ରାମ୍
ପ୍ରାଣ୍ ବଦ୍‌ଲେଁ ହେଲେଁ କେନ ଦେବୁରେ ହା ରାମ୍ । ॥୨୫॥

ରାବଣ୍-କା'ଣା କର୍‌ବୁ ରାମ୍‌କେ ପାଇ ? ମୁନ୍‌ଷେଁ ନାଇଁ ଯାଏ
ସୀତା-ପାଦ୍ ତଲେଁ ଯାର୍ ସବୁ ଦେବ୍‌ତା ମୁନ୍‌ଷେଁ କିଏ ପାଏ ? ॥୨୬॥

ରାବଣ୍-ଦେଖି ହଏ ନାଇଁ ଶ୍ୟାମଲ୍ ଅର୍‌ବା ଅପରଛନ୍ ।
ସୀତା-ଆଁଖିର୍ ପୁହୁଁଚେଁ ନୁହେ, ନୁହେ କେବେଁ ଅପ୍ରଛନ୍ । ॥୨୭॥

ରାବଣ୍- ଧରାତଲେଁ ନାଏଁନ ତାର୍ ମେତାଲ୍ ନରାଧମ୍
ସୀତା- ଧମ୍‌କହେସନ୍ ଧ୍ୱନିକେ ତାର୍ ପୁହୁଁଚିବାର୍ ନାଇଁ ଦମ୍ । ॥୨୮॥

ରାବଣ୍-ଶଧାସୁକେନ୍ତା ତୋର୍ ଲାଗି ସେ ନିର୍ବେଦ ନିର୍ମ୍ମମ୍
ସୀତା- ବେଦର୍ ଅଗମ୍, ନିଜର୍ କହେ ନୁହେ ନିଜର୍ ସମ୍ । ॥୨୯॥

ରାବଣ୍- କୃତଘନ୍ ଆଏ କାଁ କରି ଆର୍ ତାହାକେ ଘାଏ ହେତଉ
ସୀତା-କୃତ୍ କରମ୍‌କେ ହତ୍ କର୍‌ସି ସତ୍ ଆଏ ଯାହା ବତର୍ । ॥୩୦॥

ରାବଣର୍ କଥା ନାଇଁ ଫୁଟ୍‌ଲା ଦଶ୍ ମୁହୁଁ କାପ୍ କାପ୍
ଆପ୍‌ନେ ଆପୁଁ ବାହାର୍ କରେ ମନେ ଥିଲା ପାପ୍ । ॥୩୧॥

ଇସାରା ଦେଲା ପହରୀ ମାନ୍‌କୁଁ ତୁମର୍ ଦେଖେ କାମ୍
କର ଦେଖ୍‌ମା କେନ୍ତା ଆସି ରକ୍ଷା କର୍‌ବା ରାମ୍ । ॥୩୨॥

ରାବଣ୍ ଭାଗେ ହଡ୍ ବଡ଼ାଇଁ ନିଜର୍ ବଡ଼ାଇ ବକି
ଅସୁରେନ୍‌ମାନେ ଅସୁରିଏନ୍ ହଇଁ ସୀତାକୁ ଦିଅନ୍ ଧମ୍‌କି । ॥୩୩॥

ଅଜ୍ଞାନ୍-ଅସୁରେନ୍ ଯେତେ ପାରନ୍ ସେତେ ଡ଼ରଉଛନ୍
ସୀତା, ଭିତ୍‌ରେଁ ରାମ୍‌ଧରିଁ ବାହାରି ଗିଆନ୍ ହରଉଛନ୍ । ॥୩୪॥

ରାମ୍-ଧାମ୍‌ନେ ରହି ଆତ୍ମା ଆବ୍‌ରେ ଆନନ୍ଦ୍ ଅତି
ଦିହି ମନର ଭୀତି କେନ ପାର୍‌ସି ତାହାକେ ଜିତି । ॥୩୫॥

ଗଛ୍ ଉପରେଁ ହନୁ ଥାଇ ଦେଖେ ତଲର୍ ତାମ୍‌ସା
ସବୁ ବଦ୍‌ଗୁଣ୍ ସଁଖ୍‌ଲି ଜଗଦ୍ ଜଗ୍‌ତେଁ ବଲାଏ ବାଦ୍‌ଶା । ॥୩୬॥

କସ୍ କସାଇ ଯାଏ ହନୁ ଉତ୍‌ରିଁ ଦେତା ବଲି
ଚିନ୍ତା କରେ ସୀତା ସେତାକେ  କାଁ ବଲ୍‌ବେ ବଲି। ॥୩୭॥

ହେଲେଁ ଯେବେଁ ଅସୁରେନ୍ କହ୍ ଡ଼ରେନ୍ ନୁହିଲା ସହି
ତିର୍ଜଟା ସେ ତୁର୍‌ତି ବାରଣ୍ କଲା କଥାଟେ କହି । ॥୩୮॥

"ଶୁନ୍‌ଅରେ ଶୁନ୍‌ଅ ଦର୍‌ଦା ଦର୍‌ଦି ଦେଖ୍‌ଛେଁ ମୁଇଁ ସପନ୍
ଜଗଦ୍ ଆର୍ ନାଇଁ ସହେନ ଅସତର୍ ବଡ଼ପନ୍ । ॥୩୯॥

ଧନ ସଂପଦ୍ କ୍ଷେମ୍‌ତା ବଲେଁ ଯେ ଯେ ଚାଲନ୍ ବାଟ୍
ଦିଶେ ସେଟା  ଉବାଟେଁ ପାପର୍ ଭିର୍ ଭିର୍ ନିଆଁ ନାଟ୍ । ॥୪୦॥

ପାପ୍‌ର୍ ରାଏଦ୍ ପାହିଁ ଆସେ ଧରମ୍-ସୂରୁଯ୍ ଉଦେ
ଅନିୟେର୍ ମୂଳ-ଉପଡ଼ିଁ ଯିବା ନିୟେ-ନଏଦ୍ -ଧାର୍ କୁଦେ । ॥୪୧॥

ନିଜର୍ ବାଙ୍କୋ ନିଜେଁ ବଅଁଚ ଅଛେ ବେଲ୍‌କେ ବେଲ୍
ସୁରେଁ ମୂଲେଁ ରହ ପାଶରି ଅସୁର୍ ସୁରିଆ ଗେଲ୍ । ॥୪୨॥

କାବା ହେଲେ ସଭେ ଶୁନି ମୁଡେଁ ଡୁକ୍‌ଲା ଚେତା
ସତେଁ ଆହା ସୀତାକୁଁ ଆମେ ଆହାଲାଦ୍ କଲେଁ ହେତା । ॥୪୩॥

ବିଚ୍‌ରୀ ଆମର୍  କାଁ କରୁଛେ ନାଇଁ ନ ନାଏଁ ଛାଏଁ
ରଜାର୍ ଡ଼ରେଁ ହଜାଇ ନେସୁଁ ବିବେକ୍ ଛାଏ ଛାଏଁ । ॥୪୪॥

ପସ୍ତାଇ ହେଲେ ସଭେ ଯାହା ଯାହା ଥିଲେ କରି
ଅଲ୍‌ଗେଇ ହେଲେ ସୀତାର୍ ପାଶୁଁ ଘାଏକେଁ ଅପ୍‌ସରି । ॥୪୫॥

ସୀତା ବସିଥିବା ସୀସମ୍ ତଲ୍ ହେଲା ଛିନା
ମନ୍‌ଭିତରେଁ ରାମ ଭାବ୍‌ନା ଭରପୂର୍ ଥିଲା ସିନା । ॥୪୬॥

ସୀତା କାନେ ଲୁକି ହେଲା ନ ରାମ୍ ଭଜନର୍ ଗୀତ୍
ଫୁଟ୍‌ଲା ଫୁଲ୍ ଲେଖେଁ ପୁଲ୍‌କେ; ମଲା ମାଏଲା ଚିତ୍ତ୍ । ॥୪୭॥

''ହେ ରାମ୍ ! ହେ ଅବଧ୍ ରାଜ୍‌କୁମାର୍ ମହାବାହୁ ।
ବିଶ୍ୱାମିତ୍ରର୍ ଯଜ୍ଞେ ମାର ତାଡ଼୍‌କା ସୁବାହୁ । ॥୪୮॥

ଚାଲ୍‌ଲା ବାଟେଁ ପଥର ହେଲା ପାଦର୍ ଧୂଲିଁ ନାରୀ
ସେ ପାଦ୍‌କେ ଧୁଇଁ ଧୀବର୍ ଗଙ୍ଗା କଲା ପାରି । ॥୪୯॥

ଜନକ୍ ରଜା ପଣ୍ କରିଥିଲେ ରଖି ଶିବ୍‌ଧନୁ
ନିର୍ଗୁଣ୍ ସୀତା ରାମ୍ ସମେତ୍ ଧୁନେ ଯୁଡ଼୍‌ଲେ ଗୁନ୍ । ॥୫୦॥

ଦୁର୍ଗୁଣ୍ ଦୁରାଚାର୍ ଦଏତ୍ ହାତେଁ ପକେଇ ସୀତା
ଦୁର୍ଦ୍ଦିନା ଆନ୍ କେନ୍ତା ହେସନ୍ ଦୁଖ୍ ସୁଖ୍ ଜିତା । ॥୫୧॥

ଅବ୍‌ଦିଲେ ଯେବେଁ ମଝ୍‌ଲି ମା ଅବଧ୍ ରାଜ୍‌ପଦ୍
ଦେଇ ତାହାକୁଁ ବାଂଧି ରଖିବେ ମହାରାଜ୍‌କର୍ ମନ୍ । ॥୫୨॥

ଉପେ ଚକର୍ କରି ଚଉଦ ବଛର୍ ବନ୍‌ବାସ୍
ପଠେଇ ନେଲେ ମହୀର୍ ଭାର୍ କରବାକେ ଉଶାସ୍ । ॥୫୩॥

ପଞ୍ଚବଟୀ ବନେ ଥିଲେ ଡ଼ାଲ୍ କୁରିଆ ମାରି
ସୁନା ହେର୍ଣ୍ଣାର୍ ଉଧେଁ ଧାଏଁଲେ ରାମ୍ ଧନୁର୍ଦ୍ଧାରୀ ।  ।।୫୪।।

ଛିନା ଦେଖି ଅଚିହ୍ନା କେ ସୀତା ଆନ୍‌ଲା ଚୁରେଇ
ମୋର୍ ମେତାଲ୍ ହଜାର୍ ଜନ୍‌କୁଁ ମାରେ ଯାହା ନୁରେଇ ।  ।।୫୫।।

କେନ୍‌ସି ମିତ୍‌ରେ ହେତା ଯଦ୍‌ରି ସୀତା ମାତାର୍ ଥାବ୍
ଦେଖିତା ଇ ଲଂକା ରାମର୍ ପ୍ରଭାବ୍ ଅନର୍ଯ୍ୟାବ୍ ।  ।।୫୬।।

କନ୍ଦା ବୁବା ଛାଡ଼ି ସୀତା ଧନେଇ ହେଲେ ଘଡ଼େ
ରାମ୍ କଥାର୍ ଅମ୍ରୁତ୍ କାହୁଁ କାନେ ଆସି ପଡ଼େ ।  ।।୫୭।।

ରାମ୍ ରାମ୍ ଭାବି କାଏଁ ଶୁନ୍‌ଲା ଲେଖେଁ ଲାଗେ
ରାମ୍‌ର କଥା, ଶୁନି ଯାହା ମନେ ଗିଆନ୍ ଜାଗେ ।  ।।୫୮।।

ଅସୁର୍ ମାୟା ହେବା କାହୁଁ ? ରାମ୍ ନାମେ ସେ ଯାଏ
କିଏ ଅ' ଯେ ଆସ ନି ଯେ ଦେଖା ଦିଅ ଘାଏ ।  ।।୫୯।।

ଏତ୍‌କି ଶୁନି ଗଛ୍ ଉପରୁଁ ଝଁପେଇ ହେଲେ ହନୁ
ସୀତାର୍ ପାହେଁ ପର୍‌ଲେ ଧରି ଜନ୍‌ମୁ ପାଏଲା ତନୁ ।  ।।୬୦।।

ଆଶ୍‌ରିଯ୍ ହ୍‌ଇଁ କହେଲେ ସୀତା "କିଏ ଅ' ଯେ କହ'
ବଅଁଚେଇ ନେଲ ତୁମ୍‌ହେଁ ମରୁ ଥିଲି ଅହରହ ।  ।।୬୧।।

ରାମ୍‌ର୍ ନାମେ ସୁଖ୍ ମିଲେ ସଂତାପ୍ ଯାଏ ଭାଗି
ଶୁନିଥିଲିଁ ଆଏଇ୍ ପର୍‌ତଖ ହେଲିଁ ସେଥିର୍ ଭାଗୀ " ।  ।।୬୨।।

"ହନୁ କହେଲେ ମୁଇଁ କିଏ ? ବାପ୍ କିଏ ? କିଏ ମାଁ ?
ଜାନି ହାଏନ୍ ଲାଖି ନାଏଁନ୍, ହନୁମାନ୍ ମୋର୍ ନାଁ ।  ।।୬୩।।

ରାମ୍-ଗତ୍ ମୋର୍ ଜୀବନ, ରାମ୍‌ଭଗତ୍ ବଲିଁ ଘାଏ
କହି ନୁହେ ରାମ୍‌ର୍ ବିନେ ଜୀବନ୍ ନୁହେ ଯାଏ ।  ।।୬୪।।

ରାମ୍ ଆଜ୍ଞାନୁ ରାମର୍ ଧିନୁ ବାହାରିଲା ବାଗିର୍ ଶର୍
ଆସି ବୁଲେଁ ରାବଣ୍ ପୁରୀ ନୁରି ଘର୍ ଘର୍ । ।।୬୫।।

ତୁମେ ଅ' ସୀତା ମାତା ମେତାକ୍ ମତେ ଲାଗେ
ତୁମକୁଁ ଦେଖି ଆଶାର୍ ଗଛ୍ ନୂଆ ହଇଁ ଜାଗେ । ।।୬୬।।

''ଯାବତ୍ କଥା ହଏ ଇନେ ଆଏ ରାବଣ୍-ପୁରୀ
ସତ୍ ମେତାକ୍ ଦିଶେ ଥାଏ ଅସତ୍ ଯାକ ପୁରି । ।।୬୭।।

ରାମର୍ ଲୋକ୍ କାମର୍ ଲୋକ କେନ୍ତା ପର୍ତେ ଯିମି ?
ଥରେ ପରିଛେଁ ଠକେଁ ଫେର୍ ପର୍ଲେଁ କେନ ଜୀଇଁମି ।'' ।।୬୮।।

ହେତେଇ ହନୁ ବାହାର କଲା ରାମ୍ ହାତର୍ ମୁଦି
ସୀତା ମନର୍ ରାଏତ୍ ଭେଦି ବେଲ୍ ଆଏଲା ଉଦି । ।।୬୯।।

ମୁଡେଁ ଲଗାଇ ରତନ୍ ମୁଦି ଯତନ୍ କରି ସତୀ
ଯାହିଁ ଦେଖନ୍ ଦିଶନ୍ ତାହିଁ ରାମ୍ ପରାନ୍ ପତି । ।।୭୦।।

ମୁଦି ଧରୁଁ ଦରୋ ଦରୋ ବୁହିଲା ଆଁଖିର୍ ଲହ
କୁନ୍ଦୀ ପାଲ୍‌ଟି ଗଲେ କହି ନାହିଁ ପାର୍‌ଲେ ଜହ । ।।୭୧।।

ଦୁଇଟା ଦିହ୍ ଦୁଇଟା ଜୀବନ୍ ଆତ୍ମା ଏକ୍ ଆଏ
ବିଚ୍ଛେଦ୍ ଟା ଭେଦି ଛେଦ୍ କଲା ବଡ଼େ ଘାଏ । ।।୭୨।।

ମୁଦି ଆସିଁ ଛେଦ୍ ଟିକକ ଇହାଦେ ଦେଲା ଲିଆଇ
ତୁମେ ଦେଇ ଧଏନ୍; ଧଏନ୍ ମହାପ୍ରୁ ମୋର୍ ଦିଆଇ । ।।୭୩।।

ପାଶେଁ ଥିଲେ ବୀର୍, ବିରହ୍ ମୁଇଁ ଆନ୍‌ଲି ଡାକି
ହୀରା ହାର୍‌ଲିଁ ସୁନା ବର୍ଣ୍ଣର୍ ହେର୍ଣ୍ଣାଟାକେ ତାକି । ।।୭୪।।

ନିଜର୍ ସହର ଲାଗି ତାହାକୁ ସଭେ କରତ୍ ନିଜର୍
ସେ ଙ୍କୀ କରି କାହାର୍ ହେତେ ମମତା ଜର୍‌ଜର୍ । ।।୭୫।।

ମୋର୍ ଦୁଷେଁ (ମୁଇଁ) ଦୁଖ୍ ପାଉଛେଁ ତାକର୍ କାଁ ଦୋଷ୍ ?
କେନେ ଆର୍ କେହ୍ ତପିସା କରି କର୍‌ମି ତୋଷ୍ । ॥୭୬॥

ଜୀବନ୍ ଆର୍ ନାଇଁ ରହେନ, ଯିବାର୍ ଆଏ ଯାଉ
ହାତେଁ ତାକର୍ ମୁଦି ମନେ ମୂର୍‌ତି ସୁନ୍ଦର୍ ଥାଉ । ॥୭୭॥

କହେବୁ ବାବୁ ହନୁ ! ଅନୁଖୁନୁ ହଏଁ ଘାରି
ଛନ୍‌ଏ ମନେ କଲେଁ ଦୁଖ୍-ଦରିଆ ହେସିଁ ପାରି । ॥୭୮॥

ହନୁ କହେ କାଁ ହେଲା ଯେ ଏତେ ହଉଛ ଅଥିଏ
ତୁମକୁଁ ସୁମରି ନିରାନନ୍ଦ ରହନ୍ ଆନନ୍ଦ ମଏ । ॥୭୯॥

ସୀତା ବିନା ପିତା ଲାଗେ ତାହାକୁଁ ସବୁ କିଛି
ମଲଏ ପବନ୍ ଭିତରେଁ ଭିଗୋ ଦିହ୍ ହଏ ବିଛି । ॥୮୦॥

ସେ ଜାନୁଛନ୍ ସବୁକଥା ଆଁନ୍ ସରବ୍ ଜାନ୍
ଜଗତ୍ ଯାକ ବୁଲନ୍ ଧରି ମୁନୁଷ୍ ଦେହର୍ ଯାନ୍ । ॥୮୧॥

ମନୁଷ୍ ଭିତରେଁ ଥିବାର୍ ବ୍ରହ୍ମ ଶକ୍ତି ଅଛନ୍ ଜଗେଇ
ଅସୁର୍ ପନ୍ ସଙ୍ଗେ ପଶୁର୍ ସଭାବ୍ ସବୁ ଭଗେଇ । ॥୮୨॥

ଜାବ୍‌ଡ଼ି ଧରନ୍ ମୁନୁଷ୍ ନୀତି ଆବ୍‌ରି ମୁନୁଷ୍ ଥିତି
ଦେଖେଇ ନିଅନ୍ ସଦ୍ ବୁତାକେ ନାଇଁ ଭର୍‌ସେ ଭୀତି । ॥୮୩॥

ଭଲ୍ କବାରେଁ ବଲ୍ ଦିଅନ୍ ପଶୁ ପକ୍ଷୀ ଜଗତ୍
ଅନ୍ନିୟେକେ ଦେଖାଲେଁ ଡ଼ର୍‌କିଁ ଯାଏ ସମ୍‌କର ରକତ୍ । ॥୮୪॥

ସବୁ କଥାକେ କରି ପାର୍‌ତେ, ନିଜେଁ ହେଁ ଥିର୍ ଲାଗି
ନାଇଁ କରି, ଭନିଆଁ ମାନେ କରୁନ୍ ନିଜେଁ ଜାଗି । ॥୮୫॥

ଧୀରଯ୍ ରଖ ମା ଗୋ! ବୀର୍ ରାମ୍ ଲଏଖନ୍ ଆସି
ତମକୁଁ ନେବେ ଭ ରାବଣର୍ ସବଅଁଶ ନାଶି । ॥୮୬॥

ସୀତା କହେଲେ, ପୁତା ! ମତେ ନାଇଁ ଲାଗ୍‌ବାର୍ ଆଶ୍
କେନ୍ତା ପୁହୁଁଚିବେ ସଭେ ଲଂକା ଟାପୁର୍ ପାଶ୍ ।	॥୮୭॥

ତୁହିଁ ସିନେ ଡେଗିଁ ଆଏଲୁ ଇ ମହା ସମୁଦର୍
ବାକିମାନେ କାହିଁ ଲହଁକି ପାର୍‌ବେ ଜୀବନ୍ ଭର୍ ?	॥୮୮॥

ତୋର୍ ମେତାଲ୍ ସୁରୁ ସୁରୁ ଜୀବ ଜନ୍ତୁ ଆସି
କାଁ କର୍‌ବେ ? ଅସୁର୍ ମାନେ ଘାଏକେ ଦେବେ ଗ୍ରାସି ।	॥୮୯॥

ଶୁନ୍‌ନ୍ ପବନ୍-ପୁଓ ହନୁମାନ୍ ତାର୍ ଶରୀର୍
ବଢ଼େଇଁ କଲା ଉସାର ପିସାର୍ ବଢ଼େ ପାହାଡ଼ ବାଗିର୍ ।	॥୯୦॥

ମୋର୍ ଲେଖେଁ ଲାଖେ ହଜାର୍ ଅଛନ୍ ଭାଲୁ ମାକଡ଼୍
ଦେଖ୍‌ଲେଁ ହଜ୍‌ବା ଗିଆନ୍ ଗୁଚ୍‌ର୍ ଅସୁର୍ କୁଲ୍ ଯାକର୍ ।	॥୯୧॥

କହେଲା ମାଗୋ ଆସ ନିଯେ ବସ ଖନ୍ଦେଁ ମୋର୍
ଉଡ଼ିନେମି ଘଡ଼୍‌କେଁ ରାବଣ୍ କାହିଁ ପାଏବା ସୋର୍ ?	॥୯୨॥

ନାଇଁ କହିଁ ତ ଏନ୍ତା ଦେଖ୍‌ଲେଁ କାଁ ବଲ୍‌ବେ ରାମ୍ ?
ନେହେଲେଁ ମୋର୍ ଲାଗିଁ ଆଏ ଡେବ୍‌ରି ହାତର୍ କାମ୍ ।	॥୯୩॥

ସୀତା କହନ୍ କରମ୍ ଅବ୍‌ଲୁଁ ଅସୁର୍ ଆନ୍‌ଲା ଚୁରେଇ
ତୁଇଁ ବି ଚୁରେଇ ନେବୁ ଯଦ୍‌ରି ସେନ୍‌କେ ମତେ ଫିରେଇ ।	॥୯୪॥

କାଦୋ ଦେଇଁ ଧୁଇବୁ ଯଦି କାଦୋ ମାଡ଼୍‌ଲା ଗୋଡ଼୍
ଛାଡ଼୍‌ବା କାଏଁ କାଦୋ ? ମନେ ଭାବି ଦେଖ୍‌ନ ତୋର୍ ।	॥୯୫॥

ରାବଣ୍ ଚୁରାଲା ତୁଇଁ ଚୁରାବୁ ଚୁରିର୍ ଦରବ୍ ମୁଇଁ
ଯେନ୍ କାଦୋ ଥିଁ ସତ୍ ବଟାମି କାଁ ଥିଁ ହେବା ଧୁଇଁ ।	॥୯୬॥

ଦୁଇମାସ୍ ମୁଇଁ ଅଛେଁ ଜୀଇଁ ରାମ୍‌ନାମ୍‌କେ ଆଶ୍ରି
ଆସି ପାର୍‌ଲେଁ ଆସ୍‌ବେ ନେହେଲେଁ ମନୁ ଦେବେ ପାଶ୍ରି ।	॥୯୭॥

ଆନନ୍ଦ  ଆଶ୍ରିତ ସୀତା ମର୍‌ବା ଅସୁରର୍ ମନ୍ଦ ବିଚାରନେ
ସୀତା ଯିବା କଥା ରହେବୋ ଅନାଚାରୀର୍ ପ୍ରଚାର୍‌ନେ ।                    ॥୯୮॥

ହେନ୍ତା ହେଲେଁ ରହ ଗୋ ମା' ବିଲମ୍ ହଏ ଜହ
ଜଲ୍‌ଧି ଡେଗିଁ ଜଲ୍‌ଦି ଯିମି କା'ଣା କହେମି କହ ।                    ॥୯୯॥

କେନ୍ତା କରି ମୋର କଥାକେ ପର୍‌ତେ ଯିବେ ପ୍ରଭୁ
କାଁ ବଲ୍‌ମି ପଚ୍‌ରାବେ ତ ତୁମର୍ କଥା ସବୁ ।                    ॥୧୦୦॥

ସୀତା ଦେଲେ ମଥା ମଣି ମୁଡର୍ ବାଲୁଁ ହିଟେଇ
ଦେଖିଲେଁ ଇଟା ସତ୍ କର୍‌ବେ ନାଇଁ କହେଲେଁ ବି ଫିଟାଇ ।                    ॥୧୦୧॥

ସୀତା ମାତାର୍ ପାହାକେ ଛିଇଁ କହେ ଯାଉଛେଁ ମା
ଅଶୋକ୍ ବନର୍  ଫଲ୍ ଦେଖିଁ ଭୋକ୍ ହଏ ରାଁ ଖାଁ ।                    ॥୧୦୨॥

ଗଛଡାଲ୍ ଭାଙ୍ଗି ଫଲ୍  ଖାଏଲା ବଗ୍‌ଚା କଲା ଜୁର୍
ଜୁଗୁଆ ଆସି  ମନା କରଲେଁ ଉଦ୍‌ଲା ଦୁର୍ ଦୁର୍ ।                    ॥୧୦୩॥

ସେ  ରଖୁଆଲ୍ ଭିତରେଁ ଥିଲା ଜମ୍ବୁବାଲୀ ବୀର୍
ଆସି ହନୁର୍ ହାତେଁ ଲାଟେଁ ହରେଇ ବସ୍‌ଲା ଶିର୍ ।                    ॥୧୦୪॥

ପହରୀ ମାନେ ଦଉଡି ଯାଇ କହେଲେ ରଜା ସାମ୍‌ନେ
ଅଁଦ୍ ନାଇଁ କେନ୍ତା ଜଁଦ୍‌ଟେ ଆଇଛେ ଅଶୋକ ବନେ ।                    ॥୧୦୫॥

ଦେଖୁନ୍ ଦେଖୁନ୍ ବଗ୍‌ଚାଟିକେ କରି ନେଲାନ  ଉଜେର୍
ବଲବାନ୍ ପହେଲବାନ୍ କେବି ନାଇଁନ ଟିକେ ନଜର୍ ।                    ॥୧୦୬॥

ଶୁନି ରାବନ୍ ଝୁନିହେଲା ରାଗେଁ ଜର୍‌ଜର୍
କହେଲା କାର୍ ଯମ୍ ଘର୍‌କେ ଯିବାର୍ ନାଇଁ ନ ଡ଼ର୍ ?                    ॥୧୦୭॥

ଅଶୋକ୍ ବନ୍‌କେ ରହ୍ ଭହ୍ କର୍‌ବାର୍ ଯାର୍ ସାହାସ୍
ଅଜବ୍ ତାର୍ ଖବର୍ ଆସେ ନାଇଁ ଆଁସିଁ ତାର୍ ଲାସ୍ ।                    ॥୧୦୮॥

ସୁନାର୍ ଘରେଁ ସୁଖ୍ ନାଇଁ ମିଲେ ଶୁଇନ୍ ଥିଲେ ଗଛ୍ ଲହ
ଭାବିଁ ଲଗେଇ ଥିଲିଁ ବଗ୍‌ଚା ମନ୍ ଦେଇ ଅହରହ । ॥୧୦୯॥

ଅଶୋକ୍ ବନ୍‌କେ ଭାଙ୍ଗି ନାଇଁ ଭାଙ୍ଗଲା ମୋର୍ ମନ୍
ବେଡ଼ା କିଏ ? ବିଡ଼ି ଦେଖେ କେତେ ବଡ୍ ବୀର୍‌ପନ୍ । ॥୧୧୦॥

ଅଶୋକ୍ ବନ୍ ଉଜେଡ୍ ହେଲେଁ ହେତା, ଶିରୀ -ସୀତା
ଇଆଡ୍ ସେଆଡ୍ ନୁହି ଯଦ୍‌ରି ବୁଲେ ହାକେଁ ଥିତା । ॥୧୧୧॥

ଅଏବ୍ ଯାଏତା ମନ୍ନୁ ମୋର୍ ଚିନ୍ତ୍ ରହେତା ଥୟ୍
ଇଥିର୍ କାଯେଁ ଯାଉନ୍ ନିଜେ ରାଜକୁମାର୍ ଅକ୍ଷୟ । ॥୧୧୨॥

ବନ୍‌ଏ କରି କହ ତାହାକେ ନାଇଁ ଦଉନ୍ ମାରି
ଦେଖ୍‌ବା ଭାଏଲ୍ ଖାଇନେବେ ଅସୁର୍ ଦେଖନ୍ ହାରୀ । ॥୧୧୩॥

ଅକ୍ଷୟ କୁମାର୍ ଗଲା କି ହେଲା ସେ କ୍ଷଣ କ୍ଷୟ
ହନୁର୍ ମନ୍ନୁ ଉଭିଁଗଲା ଯେନ୍ ଟିକେ ଥିଲା ଭୟ । ॥୧୧୪॥

ରାବଣ୍ ଜାନି ରାଗେଁ ଜାଙ୍ଗର୍‌ମାନ ହଇଁ ବାହାରେ
ପୁରନ୍ଦର୍ ଜିତା ପରୁହାଁ ପୁଓ ଆସି ଯୁହାରେ । ॥୧୧୫॥

କହେ'' ନିଶଂଖା ତୁମେ ଥ' ଲଙ୍କାପତି
ନିଜେ ଯାଇଁ ନିର୍ଯଶ୍ ବାଁଧି ଆନ୍‌ମି ସେ ଦୁର୍ମତି । ॥୧୧୬॥

ସିଂହନାଦ କରି ମେଘନାଦ୍ ଗଲା ଘାଏକେଁ ଅଶୋକବନ୍
ଦେଖିଲା ଗଖା ମାକଡ୍ ଗୁଟେ ବନ୍ କରେ ରନ୍ ଭନ୍ । ॥୧୧୭॥

ସାନ୍‌ସୁରୁ ଶର୍ ମାଏଲେଁ ଶରୀର୍ କର୍‌ଖେଇଁ ଦିଏ ଅଜେଇ
ବୀର୍ ବିରଝେଇ ବିର୍‌କଡ୍ କରେ ଘାଏ ଘାଏ ହଇଁ ଖୁଜେଇ । ॥୧୧୮॥

କେନ୍‌ସି ଅସ୍ତର୍ ଶସ୍ତର୍ ହନୁର୍ କାହିଁ ନାହିଁ ଖୁପେ
ଉପ୍‌ରେଁ ତଲେଁ କେତେବେଲେଁ ଗଛର୍ ଡାଲେଁ ଲୁପେ । ॥୧୧୯॥

ରଜା ପିଲା ଭାବିଲା ହେଲା ଭଲା ମଜାର୍ କଥା
ଇନ୍ଦର୍ ଗଲା ହାରି ବାନ୍ଦର୍ ମାରେ କରି ଅଥା । ॥୧୨୦॥

ଜାନ୍‌ଲା ଇଏ ଛାର୍ ଛି'କର୍ ମାକର୍ କେଭେଁ ନୁହେଁ
ବ୍ରହ୍ମ ଆରାଧକ୍ ଯୋଗ୍ ସାଧକ୍ ମନେହୁଏ । ॥୧୨୧॥

ବ୍ରହ୍ମ ଅସ୍ତର୍ ବଲେଁ ଇତାକେ ବାଂଧିନେସି ହେଲେଁ
ପତା ଚିହ୍ନା ହେମି ପିତାର୍ ଆଗେଁ କେତେବେଲେଁ । ॥୧୨୨॥

ବ୍ରହ୍ମ ସୁମ୍‌ରି ଶର୍ ମୁନାନୁ ଅସ୍ତର୍ କଲା ବାହାର୍
କଷି କରି କପିର୍ ଦେହେ ଉପରେଁ କଲା ପ୍ରହାର୍ । ॥୧୨୩॥

ସେ ଅସ୍ତରୁଁ ରଶି ଲେଖେଁ ନାଗ୍ ସାପ୍ ସବୁ ବାହାରିଁ
ହାତଗୋଡ଼୍‌କେ ବାଂଧି ପକାଲେ ସୋର୍ ବୁଡ଼୍‌ଲା ତାହାରି । ॥୧୨୪॥

ମଲାଲେଖେଁ ମୂର୍ଚ୍ଛା ଗଲା ହନୁମାନ୍ ମହାବୀର୍
ପର୍‌ଲା ସଙ୍ଗେଁ, ପଛେଁ ସୋର୍ ପାଏଲା ଧୀର୍‌ଧୀର୍ । ॥୧୨୫॥

ଅସୁର୍ ସେନା ବିନ୍ ସୁରିଆ ରଶିବାଂଧି ଚାଲିଛନ୍
ହାତେଁ ଗୁଡେଁ ଅଁଟେ ମୁଡେଁ ଯେ ପେନ୍ତା ପାରିଛନ୍ । ॥୧୨୬॥

ସୋକ୍ ରଶିର୍ ବଂଧନ ପରେ ବ୍ରହ୍ମାସ୍ତର୍ ବଂଧନ୍
ଫିଟି ଯାଏ ମନୁ ମେଘନାଦ୍ ହୁଏ ଏକା ଜାନନ୍ । ॥୧୨୭॥

ତବି ହନୁ ପରି ରହିଛେ ବଂଧା ଜୀବ୍ ମେତାଲ୍
ରାବଣ୍ ଆଗ୍‌କେ ନେବେ ବୁଝବା ଇନିର୍ ହାଲ୍‌ଚାଲ୍ । ॥୧୨୮॥

ଇନୁ ଇ ଆଡ଼୍ ଯାହା ହେଲା କାଲିର୍ ଆଲୋଚନା
କର୍‌ମା ସଂଧିଆ ଶଉବ୍ କର୍‌ମା କହେଲେ ମହାମନା । ॥୧୨୯॥

❑

# ପାଉଚ୍-୪

## ଲଂକା ପୁଡି

ସବୁ ଦିନର୍ ଲେଖେଁ ଆଏଜ୍ ବେଲ୍ ଆଉଛେ ଉଦି
ଦୂରିଆ ପୂରବ୍ ଦିଗୁଁ ଗୁରିଆ ଦାମୁର୍ ଉଦ୍‌କେ କୁଦି । ॥୧॥

ହରଷ୍ ହଇଁ ଗୁରସ୍ ପିଆବା ମାଆଁ ମହାକାଶ୍
ଉକିଆ -ଉଷତ୍ ଭାବ୍ ମୁହେଁ ପାଉଛେ ପ୍ରକାଶ୍ । ॥୨॥

ପୁଲକ୍ ପୂରା ଭରତି ହଏ ଧୀର୍ ଧରତୀର୍ ମାଟି
ଗଛ୍ ଅଗିର୍ ଲାଲିଆ ପତର୍ -ଜିଭେଁ ଦେବା ଚାଟି । ॥୩॥

ମାଁ ଭାବ୍‌ନାର୍ ଧାଁ ଧପଡ୍ ମାଁ ଜାଏତ୍ ମୁହ୍-ଧାରେଁ
ଥିବାର୍ ନାଇଁ ଦିଶୁଥାଇ ଥିବାର୍ ତକ୍ ଅଁଧାରେ । ॥୪॥

ଅଶୋକ୍ ବନର୍  ସୀତା ଆଏଜ୍ ଋଷି ତପୋବନେ
ଭିତର୍ ବାହାର୍ ସର୍‌ସର୍ ସବ୍ ମହାନ୍ ମାଁ  ପନେ । ॥୫॥

ମୁନି-ମୁହୁଁ ରାମେନ୍ ଜନ୍‌ମେ ମାଁ ପନର୍ ଫଲ୍
ଲବକୁଶର୍ ବୀନା ଜନ୍‌ମାଏ ଭକ୍ତି ନିର୍‌ମଲ୍ । ॥୬॥

ଋଷି ବସିଛନ୍ ଖୁସି ଭାବର୍ ରସେଁ ସର୍‌ସର୍ ବୁଡି,
ସଭାର୍ ସଭେ ଟାକି ବସିଛନ୍ କାନ୍-ମନ୍-ଚିତ୍ ଯୁଡ଼ି । ॥୭॥

ପୂଜନ୍ ଭଜନ୍ ସରିଁ ସଭା ପରିଛେ ତୁନ୍ ତାନ୍
ରାମ୍ ସୁମ୍‌ରି ରାମ୍ ରାହା କଥା କଲେ ରାଗ୍ ତାନ୍ । ॥୮॥

ବ୍ରହ୍ମ ଶରେଁ ବନ୍ଧାହୁଏ ଅସୁର୍ ବଂଧନେ ଢିଲା
ଜାନିକରି ବି ମାନି ହନୁ ବଂଧା ବାଗିର୍ ଥିଲା । ॥୯॥

ପିଞ୍ଜ୍‌ରେଁ ପାଏଲେଁ ସିଂହ୍ ବାଘ୍‌କେ ଯେତ୍ତା କର୍‌ସବ୍ ହୁଏ
ବଂଧ୍‌ନେ ପଡ଼ି ହନୁର୍ ଦଶା ତାହେଲୁଁ ବିହଲ୍ ହୁଏ । ॥୧୦॥

ଢେଲ୍ ମାରି କେ କହେ, ''ବୁଆ ମଲା ତୋର୍ ହାତେଁ
ଗୁଜିଆ ଖାଡି ଗେଂଜି କହେ କେ କକା ଗଲାଲାତେଁ '' । ॥୧୧॥

କେ ଧରିଛେ ସଁପୁର ବାହି ଆଏଁଖ୍ ଦେବା ଟୁଇଁ
ଚର୍‌କିଁ ହନୁ ଆଏଁଖ୍ ମୁଞ୍ଜି କର୍‌ଖୁଁ ଯାଏ ଲୁହିଁ । ॥୧୨॥

ଭାଗେ ଆସନ୍ ମାଡ଼ି ବସ୍‌ବେ ବଲିଁ ହଇ ରିଶା
ଭାଗନ୍ ଦେଖ୍ ରିଶ୍‌ମି ହନୁର୍ ନଖ୍ ଦାଁନ୍ଦ୍ କିଶା । ॥୧୩॥

ହାତେଁ ଲାଗିଛେ ଲୁହା ଶିଁକ୍‌ଲା ଗୁଡେଁ ଛନ୍ଦା ବେଡ଼ି
ପଛୁଁ କିଏ ହପ୍‌କେଇ ନିଏ କେ ମାଡ୍ତୁଛେ ରେଡ଼ି । ॥୧୪॥

କେ ହେବ୍‌ଲାଏ ଭଆଡ୍ରୁଁ ସେଆଡ୍ କେ ଖେଦ୍‌ଡାଏ ଲେଦା
କହି'ବିଧାକେଁ ଦଦା କେ ମୋର୍ କରିଥିଲା ଗେଦ୍‌ଗେଦା ।'' ॥୧୫॥

ହନୁ ଯାଉଛେ ବଂଧା ହଇଁ ଧନ୍ଦାଇ ହଉଛେ ମନ୍
ମନର୍ ଶାନ୍ତି ଲାଗି ପରେ ତପୀ ତପାସି ତନ୍ । ॥୧୬॥

ଦୁଖେଁ ରହି ଦହି ହଇଁ ଦିହ୍ ଯାଏସି, ଜୀହିଁ
ଆନନ୍ଦ୍ ଥିତି ରଖ୍ ପାର୍‌ଲେଁ ମନ୍ ରହେସି ଜୀଇଁ ।'' ॥୧୭॥

ରାମ୍ ମୂରତି ରାମ୍ ସୁ୍‌ରତି ନୁହେ ସହଜ୍ କଥା
କେତେ ତପୀ ତପ୍‌ଖଟି ଥକି ହେସନ୍ ଅଥା । ॥୧୮॥

ହେ ରାମ୍ ! ମୁଇଁ କାଇଁ ବୁଝ୍‌ମି କେନ ନିଏର୍ ଭ ନିଏ
ଦୁଖ୍-ଅଁନ୍ଦରାନେ ଦିହକେ ଥୁଇଁ ଅନ୍ତରେଁ ସୁଖ୍ ନିଏ । ॥୧୯॥

ଆନନ୍ଦ୍ ଥିତିର୍ ବାସ୍ ଯଦ୍ବରି ତୋର୍ ନାମ୍ ଆଏ ରାମ୍
ଦାସ୍‌କେ ସେନ୍‌କେ ନେ ହେଉ ତୋର୍ କାମ୍ ମୋର୍ କାମ୍ । ॥୨୦॥

ତୋର୍ କାମ୍ ମୁଇଁ କରୁଛେଁ ବଲିଁ କହେଲେଁ ମୁହିଁ ପ୍ରଭୁ
ତୋର୍ ମୂରତି ଧରି ମନ୍ ଯାହିଁ ଉଡ୍‌ବାର୍ ଉଡୁ । ॥୨୧॥

ମନ୍ ଯାଉଛେ ରାମର୍ ଆଡେଁ ରାବଣ୍ ଆଗ୍‌କେ ତନ୍
ଘିଚିଟାନି ଯାଏ ମାନି ଅସୁରର୍ ବଂଧନ୍ । ॥୨୨॥

ରନ୍‌ଭନ୍ ହେଲା ଅଶୋକ ବନ୍ ରାବଣ୍‌ର୍ ମନ୍ ବନା
ବନ୍‌ର ବାନର୍ କାହାର୍ ବଲେଁ ଶୁଖାଲା ଶର୍‌ବନା ॥୨୩॥

ମାକର୍‌ଟାକେ ଅଟ୍‌କାବାକେ ଲାଗ୍‌ଲା ନାଗର୍ ଫାଶ୍
ବନ୍‌ଏ ବନ୍‌ଏ ବୀର୍ ମାନ୍‌କୁଁ ଛନ୍‌କେଁ କଲା ନାଶ୍ । ॥୨୪॥

ସରଗ୍ ମରତ୍ ପାତାଲ୍ ଜିତ୍ ଦେବ୍‌ତା କଲିଁବଶ୍
ଦେଖେଇ ନେଲିଁ ଏଖେଇନ ମୁଇଁ ଜଗ୍‌ତେଁ ବଡ୍‌କଷ୍ । ॥୨୫॥

ବାନର୍ ଗୁଟେ ଆସି ମହତ୍ ମାନର୍ କଲା ଶେଷ୍
ଜୀଇଁତା ଛାଡ୍‌ଲେଁ କାହିଁ ରଖ୍‌ବା ଲଂକା ଗଡ୍‌ର୍ ଲେଶ୍ । ॥୨୬॥

ସିଂହାସନେ ବସିଁ ରାବଣ୍ ନିଘା କଲା ହନୁକେ
କଲା ଟର୍‌ଟର୍ ମୁହିଁ ଥିବାର ବାଲ୍‌ସର୍‌ସର୍ ତନୁକେ । ॥୨୭॥

କହେଲା ତୁଇଁ କିଏ ଆଉରେ ! ଆଇଛୁ କାଏଁ କାଯେଁ
ଅଶୋକ୍ ବନ୍ ଉଜ୍‌ରାବାକେ ନାଇଁ ହେଲୁ ବି ଲାଜେଁ । ॥୨୮॥

ଜଗୁଆ ମାନ୍‌କୁଁ ମାରି ମାଏଁକୁ ପୁଓ ଅକ୍ଷ କୁମାର୍
ସୁରୁଟେ ଜନ୍ତୁ ନୁକ୍‌ସାନ୍ କଲୁ ଜିନିଷ୍ ଅସୁମାର୍ । ॥୨୯॥

ମତେ ତୁଇଁ ନାଇଁ ଚିହ୍ନି କାଏଁ ନାଇଁ ଶୁନି ମୋର୍ ନାମ୍
ନେହେଲେଁ କାଏଁ କରିଥିତୁ ଏତେ ଅସହ୍ କାମ୍ । ॥୩୦॥

ନିର୍‌ଭଏ ନେ କହେଲା ହନୁ କରି ରାମର୍ ଜଏ
ତୁଇ ଆଉ ସେ ରାବଣ୍ ରାମର୍ ନାମେ ଯେ ଅଥୟ । ॥୩୧॥

ଜାନେ ତତେ ବନ୍ଏ କରି ଶୁନିଛେ ତୋର୍ ନାଆଁ
ଜନମ୍ ଜାର୍‌ଜାତ ଋଷି ବାପ୍ ଅସୁରେନ୍ ମାଆଁ । ॥୩୨॥

ହାତେଁ ଅସୁର୍ କାମ୍, ଖେଲେ ଋଷି ଭାବ୍‌ନା ମୁଡେଁ
ଦଶ୍‌ଟା ମୁଡେଁ ଭାବ୍‌ଲେ କର୍‌ସୁ କୁଡେ ହାତେଁ ଗୁଡେଁ । ॥୩୩॥

କେତେ ବୀର୍ ଆଉ ଫିର୍‌ଲୁ ନାଇଁ ଛିଇଁ ଶିବ୍‌ଧୁନ୍
ତୋର୍ ବଲର୍ କଥା କହନ୍ ବାଲୀ ସହସ୍ରାର୍ଜୁନ୍ । ॥୩୪॥

ସରଗ୍ ଶିରୀର୍ ଅଧିକାରୀ ନାରୀ ଚୁରେଇ ମରୁ
ବନ୍‌ବାସୀ ରାମ୍ ଲକ୍ଷ୍ମଣ୍ ନିସଏନ୍ ଥାଇ ବି ଡରୁ । ॥୩୫॥

ମାଁକେ ମାଏପୋ କର୍‌ବାର୍ ମନ୍ ମାଏନ୍ ଜାନ୍‌ବୁ କାହିଁ ?
ବଲ୍‌ବାନ୍ ବଲିଁ ନିଜ୍‌କେ ଭାବୁ ହଇ ଇଥିଁ ତାହିଁ । ॥୩୬॥

ବୁଝି ରଖ୍‌ରେ ଅବୁଝ୍ ଅସୁର୍ ବଲ୍ ପରାକ୍ରମ୍
ଜନ୍‌କର୍ ଆଏ ବାଆଁଟିସି ସେ ଯାହାକେ ହେସି ମନ୍ । ॥୩୭॥

ବଲ୍ ସଂବଲ୍ ଅଧିକାରୀ ସାରାଜଗତର୍ ପ୍ରଭୁ
ତାର୍ ଦେଲାବଲ୍ ତାର୍ କବାରେ ''ଲଗେଇ ପାର୍‌ଲେଁ ସବୁ । ॥୩୮॥

ତୋର୍ ପାଏବାର୍ ସାଫୁଲ୍ ତାର୍ ଦେବାର୍ ହେତା ଧଏନ୍
ତୋର୍ କବାରେଁ ତାର୍ ଦିଆ ଦରବର୍ ରହେ ମାଏନ୍ । ॥୩୯॥

ସବୁ ବଲୁନୁ ମୋର୍ ମୋର୍ ମହାନ୍ ନାରୀଚୋର୍ ।
ଯାହା ହେଲା ତ ହେଲା ଏନ୍ଥନି ହେଲେଁ କର୍ ସୋର୍ । ॥୪୦॥

ରାଏଜର୍ ଚାରି ଦିଗେଁ ଯେନ୍ ମହାସମୁଦର୍
ତାହାରୁଁ ଜିତି ଆହୁରି ବିରାଟ୍ ଆକାର ହୁରୁଦର । ॥୪୧॥

ଅଧିକାରୀ ସେ ରାମ୍ ଭରିଛେ କ୍ଷେମାଗୁନ୍‌ର୍ ପାଏନ୍
ପାଏବୁ ରଁଚେ ଫିରାବୁ ଯଦି ସୀତା ଦେଇ ମାଏନ୍ । ॥୪୨॥

ନେହେଲେଁ ଯାହା ହେବା ତାହା ଡ଼ଗ୍‌ଡ଼ଗ୍ ଦିଶୁଛେ
ମୁଡ଼୍ ଉପରେଁ ମରନ୍ ଆସି ମୁଲ୍ ମୁଲେଇ ହଁସୁଛେ । ॥୪୩॥

ଏକ୍‌ଲା ମଲେଁ ତ ମର୍‌ତୁ ଭୁଗ୍‌ତୁ ତୋର୍ କରମ୍ ଫଲ୍
ତୋର୍ ସଙ୍ଗେ ତୋର୍ ପୁଓ ନାତି  ମର୍‌ବେ ଅସୁର୍ ଦଲ୍ । ॥୪୪॥

ସାନ୍ କୁହା ମୋର୍ ମାନ୍ ରେ ରାବଣ୍  ! ବେଲାଟଲେ ନୁହେଁ
ରାମ୍ ପାହାନେ ଆରାମ୍ ନେଲେଁ ସହଜେଁ ନିଜର୍ ହୁଏ । ॥୪୫॥

ଡ଼ର୍‌ବୁ ହେଲେଁ ଆସିଛେ ତ ସାଙ୍ଗେ ଥିମି ଚାଲ୍
ଦିନ୍ ଯାଏସି ଯିବା, କଥା ରହେବା କାଲ୍ କାଲ୍ । ॥୪୬॥

କପିର୍ କଥା ଗବିଁ "ଗଲା ଦଏତ୍-ହୁରୁଦ୍-ଭିତର୍‌କେ
ଆସନ୍ ଛାଡ଼ି ଆସ୍‌ଲା ଉଠି ତୁର୍‌ତି ତାର୍ ସୁତରକେ । ॥୪୭॥

ଗୁରୁ ବାଗିର୍ କଥା କହୁରେ ଦିଶୁ ସିନା ସୁରୁ
କଁଟା ନୁ ତୋକ୍ କଥାଥିଁ ମୋର୍ ହୁରୁଦ୍ ଭିତର୍ ହୁରୁ । ॥୪୮॥

ଘଡେ ଛନ୍‌ଏ ସମିଆ ଅଛେ ଯାହା  କହେବାର୍ କହ
କହେଲା ମୁହଁକେ ପହେଲା ମୁର ନାଇଁ କରି ହଏ ସହ । ॥୪୯॥

ଯେତେ ଜଲ୍‌ଦି ପାର୍‌ବ ମାର ମାକଡ଼୍‌କେ ମୋର୍ ଆଦେଶ୍
କାହାର୍ ଚାର୍ ଆଏ ଯେ ପଚାର୍ ପଠାମା ସଂଦେଶ । ॥୫୦॥

 ହନୁ ହାକ୍‌ବେ, ଆଏଲେ ଅସୁର୍ ହାତ୍ ହତିଆର୍ ଧରି
କହେ ରଜାର୍ ଭାଏ ବିଭୀଷଣ୍ ଆସନୁ ଉଠିକରି । ॥୫୧॥

ବିଚ୍‌ରା କାର୍ ଚାର ଆଏତ ରଜା କରୁନ୍ ବିଚାର
ବିଚ୍‌ପାତ କଲେଁ ବି ମାର୍‌ବାର୍ ନୁହେ କପି ଛାର୍ । ॥୫୨॥

ଦେଇ ନୁହେ ଜାନ୍ କାହାକେ ନେବାର୍ ନୁହେ ଉଚିତ୍
ଜୀଇଁତା ଛାଡ଼ିନିଅ ଯାଉ, ତମ୍ଭୀଦ୍ କର ଚିହ୍ନ । ॥୫୩॥

ଜହ ସେ ଜହ ଅଙ୍‌ଭଙ୍ଗ ହେବା ବଡ଼େ କଥା
କାଁ କରି ଘାଏ ଜଗତ୍ କହେବା ଦୁଷୀ ଦଶ୍‌ମଥା । ॥୫୪॥

କେ ଶୁନୁଛେ କା'ର୍ କଥା ହନୁକେ ପିଟ୍‌ଲେ ଧୁମ୍
କେନେ ମର୍‌ତା ହନୁ ମଲା ଲେଖେଁ ପରିଛେ ତୁନ୍ । ॥୫୫॥

କପି କହେ ଏନ୍ତା ମାରେଁ ମରନ୍ ହେବା କାହିଁ ?
ମୋର୍ ମରନର୍ ବାଟ୍ କହେଁ ଶୁନ୍‌ରେ ଲଂକା ସାଇଁ । ॥୫୬॥

ଲେଞ୍ଜେ ମୋର୍ ଲୁଗା ଗୁରେଇଁ ଭିଜା ହେଲେଁ ତେଲେଁ
ଜୁଏ ଲେଛାଲେଁ ଜୀବନ୍ ମୋର୍ ଯିବା ଯେନ୍ତା ହେଲେଁ । ॥୫୭॥

ରାବଣ୍ କହେ ମଲାବେଲେ କପି କହୁଛେ ସତ୍
ଆନ୍‌ଅ କପଡ଼ା ରୁକ ତେଲ ହର୍ ମୁହାଁ ହଉ ହତ୍ । ॥୫୮॥

ଜନ କେତେ ଯାଇ ଲେଁଜ୍‌କେ ଟାନି ଗୁରାଲେ କପଡ଼ା ଲତା
ଯେତ୍‌କି ଗୁରାନ୍ ସେତିକି ଖଙ୍ଗେ ବନ୍‌ଏ ଆଶ୍ଚିର୍ଯ୍ କଥା । ॥୫୯॥

ଭଁଡାର୍ ଘରର୍ କପଡ଼ା ସର୍‌ଲା ଥର୍କି ଗଲେ ଅସୁର୍
ମାକର୍ ଲେଁଜ୍ ଟାକର୍ କପଡ଼ା ରଜା ଘରେଁ ଅପୁର । ॥୬୦॥

ହନୁ କହେଲେ ଅନ୍ତ ପୁରେଁ ରାନୀ ଅଙ୍ଗୁଁ କାଢ଼ି
ଆନ୍‌ଅ ପିନ୍ଧ୍‌ଲା ପାଟ୍ ମଠା ସମଲ୍‌ପୁରୀ ଶାଢ଼ୀ । ॥୬୧॥

ଠୋଲ୍ କରି ଗୁର୍‌ଅ ଗୋଲ୍ କରି ଲେଁଜେଁ ମୋର୍
ଅଧା ଉଲଗନ୍ ନାରୀକୁ ତାର୍ ଦେଖୁ ନାରୀ ଚୋର୍ । ॥୬୨॥

ହନୁ ଭାଲୁଛେ ଭାଗ୍‌ତା ତୁର୍‌ତି ସଲେଁ ଭାବ୍‌ଲା ବୁତା
ଗୁରାଲା କପଡ଼ା ଲତା ହେଲାନ ଘି ତେଲେଁ ବୁଥ୍ ବୁଥା । ॥୬୩॥

ଜୁଏ ଲଗାଲେ ଲେଁଜେଁ ଜଲି ଉଠ୍‌ଲା ଧଙ୍ଗ୍ ଧଙ୍ଗ୍
ଅସୁର୍‌ମାନେ ଅନ୍‌ସୁରିଆ ଭାଗ୍‌ଲେ ଭଙ୍ଗ୍ ଭଙ୍ଗ୍ । ॥୬୪॥

ହନୁ ଡ଼େଙ୍ଗେ ଘର୍ କେ ଘର୍ ଲଂକାର୍ ସବୁ ପାଖ୍
ସୁନାର୍ ଲଂକା ଚୂନା ହଇ ଘାଏକେଁ ହେଲା ରାଖ୍ । ॥୬୫॥

ଘର୍‌ପୁଡି ଦୁଖ୍ କାହାକେ ନୁହୁ ଭୁକ୍‌ତିଲା ଲୋକ୍ ଜାନ୍‌ଏ
ଜୀବନ୍ ହଏ ତହକ୍ ବିକଲ୍ ସୋର୍‌କେ ଯେ ଆନ୍‌ଏ । ॥୬୬॥

ଲଂକା ପୁଡେ, ତର୍‌ଲି ପର୍‌ଲିଁ ଯାଏ ହୀରା ନୀଲା ।
ଧନ ଦଉଲତ୍ ଜଲିଁ ହଲି ଗଲି ଛୁଆ ପିଲା । ॥୬୭॥

ପାଚ୍‌ଲା ଢ଼ବା ଫାଟେ କାହିଁ ଧସ୍‌କେ କନକ୍ କାଁଥ୍
ପିନ୍ଧନାନେ କାର୍ ଜୁଏ ଲାଗିଁ ଦେଖା ଦେଲାନ ଛାତିଁ । ॥୬୮॥

ଖୁଏଲ ମୁହେଁ ଗୁଏଲ୍ ଦିଏ ହନ୍‌ମାନ୍ କଲା ମୁହାଁ
ରଜାର୍ କାଯେଁ ଶଲା ସାରା ରାଏଜ୍ କଲା ଧୂଆଁ । ॥୬୯॥

ଜୁଏ ଜଲେ ଯେତ୍‌କି ତୁତେଁ ପବନ୍ ମାରେ ସେତ୍‌କି
ଇ ମୁଡ୍‌ର୍ ଜୁଏ ସେ ମୁଡ୍‌କେ ଘଡ୍‌କେଁ ଯାଏ ବଡ୍‌କି । ॥୭୦॥

ରାଜ୍ ମହଲେଁ ଜୁଏର୍ ରାଏଜ୍ ରାବଣ୍ ଦେଖି ଚମ୍‌କେ
ଅଚାନକ୍ ଇ ଆଚମ୍ପିତ୍ କଥା ଦେଖି ଭମ୍‌କେ । ॥୭୧॥

ଅଗ୍‌ନିକେ ପବନ୍ ସାହା ହଇଁ ସାଧନ୍ ଦାଉ
ଅମାନ୍‌ତି ହଏ ମୋର୍ ବିକ୍ରମ ଜୀବନ୍ ଥାଉଁ ଥାଉଁ । ॥୭୨॥

ଇ ପବନ୍ ଇ ଅଗ୍‌ନି ମୋର୍ ଅଧୀନେ ଥାଇ
ମୋହରି ବଶୁଁ ଉହୁରି ଆସନ୍ କା'ର୍ ଭର୍‌ସା ପାଇ । ॥୭୩॥

ଏତ୍ତା କଥା କେତ୍ତା ହେଲା ଢୁକାଏ ଦଶି ମଥାନେ
ସଁଥା ଦେଲେ ମେତାଲ୍ ଅଥା ହଏ ସୋକ୍ କଥାନେ । ॥୭୪॥

ଯେନ୍ ଜୁଏ ମୋର୍ ଗୋଡ୍ ତଲ୍ ତଲ୍ ଅନୁଖନୁ ହୁଏ
ସେକେଁ ପାନି ଲାଗିଁ ତେଙ୍କେଁ ଜଲେଁ ସହି ନୁହେ । ॥୭୫॥

ମନ୍ଦୋଦରୀ ଆସି କହେଲେ ମନ୍ ଦୁଖ୍ କରି ଅତି
ସଂକଟ୍‌କେ ତର୍‌କିଲ ନାଇଁ କେଭେଁ ଲଂକପତି । ।।୭୬।।

ସୀତା ସତୀଙ୍କୁ ବିନା ହାକେଁ କନ୍ଦାଲ ଦିନ୍ ରାଏତ୍
ଆଖିଁ ଝର୍‌ଲା ଲହ ହେଲା ଲହ୍ନି ଅଗ୍‌ନି ସାଏତ୍ । ।।୭୭।।

ଲହ ହଇଁ ସେ ହୁତାଶନ୍ କରେ ଦହନ୍ ଲଂକା
ତୁମର୍ ନାଁ ଗାଁ ଦହେବା ହଉଛେ ମନେ ଶଂଖା । ।।୭୮।।

ସୀତା-ଅୟସ୍କାନ୍ତ ମଣିକେ ରାମ୍ ରିଶ୍‌ମି ପଡ଼ି
ପୁର୍ ପୁର୍ କରି ଲଂକା ପୁର୍ ପୁଡ଼ାଏ ଇ ଘଡ଼ି । ।।୭୮।।

ସୀତାର୍ ଖର୍ ନିଶ୍ୱାସ୍ ଯେତେ ବୁହିଛେ ପର୍‌ଖର୍
ଆଏଜ୍ ସାହେଯ୍ କରେ ପବନ୍ ହଇଁ ଖର୍‌ଖର୍ । ।।୮୦।।

ଭଲ୍ କଥା କହେଁ ପତି ! ଯଦି ବେଶୀ ରାମ୍‌ନେଁ
ସଁପି ସୀତା ଚିନ୍ତା ଛାଡ଼ି ରହିଥିତାଁ ଆରାମ୍ ନେଁ । ।।୮୧।।

ଅନଲ୍ ଅନିଲ୍ ମିଶିଛନ୍ ଯାଇ ମାନ୍‌ବେ କା'ର୍ ବୋଲ୍
ନିମେଷ୍‌ଟାକେଁ ସୁନାର୍ ଦେଶ୍‌କେ କରିନେଲେ ନ ଗୋଲ୍ । ।।୮୨।।

ତୁମେ କହେସ ତୁମର୍ ଅଧୀନ୍ ଆ'ନ୍ ଅନିଲ୍ ଅନଲ୍
.ସେ ଅନଲ୍ ଅନିଲ୍ ଏତ୍‌କି ନୁହନ୍ ପର୍‌ବଲ୍ । ।।୮୩।।

କୁଏର୍ କୁଏ ଧୁକାର୍ ଧୁକା ଥାଏ ଯେନ୍ ଶକ୍ତି
ସେ ପରମ୍ ପୁରୁଷ୍ ରାମ୍‌ନେ ରଖ ଟିକେ ଭକ୍ତି । ।।୮୪।।

ଜୀବନ୍ କର ଆନନ୍ଦ ମଏ ସାଫୁଲ୍ କର ଜନମ୍
କାଁ କରି ସୋଇ୍ ଆଦ୍‌ରି ନିଅ ନରକ୍ ମୁହାଁ ମରନ୍ । ।।୮୫।।

ରାନୀର୍ କଥା ନାଇଁ ଶୁନି ବଢ଼େ ରାଜାର୍ ରିଶ୍
ଅଗ୍‌ନି ପବନ୍ ଭାବନ୍ ଏତ୍‌କେଁ ରଖିବା ଏକା କିଶ୍ । ।।୮୬।।

ବନ୍‌ଏ ନାଇଁ ଭାବି ଛନ୍‌ଏ ଗଲେ ଦବି ଦବି
କଥା ମାନ୍‌ଲେ ବଲିଁ ରାବଣ୍ ନେଲା ଅନୁଭବି । ॥୮୭॥

ହନୁ ଦେଖ୍‌ଲା ଲିଭ୍‌ଲା ଜୁଏ ପୁଡ୍‌ବାର୍ ନୁହେ ସ ରେ
ଅଗ୍‌ନି-ଦେବ୍‌ତା ଆଗ୍‌ଲୁଁ ତାର୍ କପାଲେଁ ଢେ଼ରା ଧରେ । ॥୮୮॥

ଲେଁଜ୍ ଘଁଷ୍‌ଲା କପାଲ୍ ଉପରେଁ ଜୁଏ ବାହାରେ ନୂଆଁ
ବ୍ରହ୍ମ-ଅଗ୍‌ ନି ଜଲ୍‌ଲା ସଫା ଦିଶେ ନାଇଁ ନ ଧୂଆଁ । ॥୮୯॥

ପାଏନ୍‌ରୁକ୍‌ଲେଁ ଆହୁରି ଜଲେ ତେଲ୍ ରୁକ୍‌ଲା ଲେଖେଁ
ଲିଭାଲା ଲୋକ୍ ଉଭା ରହି ନାଇଁ ପାର୍‌ନ୍ ତାର୍ ଦେଖେଁ । ॥୯୦॥

ଅଶୋକ୍ ବନ୍‌କେ ଫଟିକ୍ ଦିଶେ ଲଂକା ଗଡ଼୍‌ର୍ ଜୁଏ
ସୀତା ପଚ୍‌ରାନ୍ ସର୍‌ମା ଗୋ’ କା’ଣା ଇଟା ହୁଏ ? ॥୯୧॥

ସର୍‌ମା କହନ୍ ମା’ ଇଟା ଧର୍‌ମା ଧରମ୍ କଥା
ତମର୍ ସାଙ୍ଗେ ଥିଲା ମାକର୍ ମାର୍ ଖାଇଁ ହୁଏ ଅଥା । ॥୯୨॥

ତାହାର୍ ଲେଁଜେ ଲୁଗା ଗୁରେଇ ତେଲ୍ ରୁକ୍‌ଲେ ଆନି
ଜୁଏ ଲଗାଲେ ମର୍‌ବା ବଲି ପର୍ଚ୍ଛା ଜାନି ଜାନି । ॥୯୩॥

ଜୁଏ ଜାଲେ ଲଂକା ଯାକର୍ କାଁ ମର୍‌ତା ମାକର୍ ?
କାଏଁ ମାନ୍‌ତା ଜୁଏ ? ଆଏ କା’ର୍ ବୋଲ୍ ହାକର୍ ? ॥୯୪॥

ଜୁଏ ଧାସ୍‌କେ ଜଲି ପୁଡି ମାକର୍ ଯେତ୍‌କି ଢେ଼ଗୁଛେ
ସେତ୍‌କି ପୁଡେ ଲଂକା, ଦେଖ୍ ଛାଡ଼ି ଧରମ୍ ଭାଗୁଛେ । ॥୯୫॥

ଏମା’ ଇଟା କା’ଣା ହେଲା ? ସୀତା ହେଲେ ଭାଲି
ପଦମ୍-ଆଖୁଁ ଲହ ବୁନ୍ଦାଦୁ ତାର୍ ତାର୍ ହେଲା ଢାଲି । ॥୯୬॥

ମାରୁତିକେ ମୋର୍ ମାରି ନେସି ନ ଜଲ୍‌ତା ଜୁଏର୍ ଧାସ୍
ଅଗ୍‌ନି ଦେବ୍‌ତା ପାଶେଁ ଥାଇ ବି ନାଇଁ ଦିଅ ପରାସ୍ । ॥୯୭॥

ପବନ୍ ଦେବ୍ତା ! ବିନ୍ତି କରେଁ ପାଶେଁ ପାଶେଁ ଥାଇ
ଛୁଆକେ ମୋର୍ ବୁଆର୍ ଲେଖେଁ କାକ୍‌ରେଁ ଦିଅଛାଇ । ।।୯୮।।

ହନୁ ଜାନ୍‌ଏ ତାହାକେ ନାଇଁ ପାଏ କୁଏର୍ ତାପ୍
କାକର୍ ଲାଗେ ପାଶ୍ ଯାକର୍ ଭଲେ ଅନର୍ଯାପ୍ । ।।୯୯।।

ଉଲ୍‌ଟିଆ ଭାବେ ଅଶୋକ ବନ୍‌କେ ନାଇଁ ଲାଗେ ତ ଦାଁ
କଥା ଯିବା ସରି ଯଦ୍‌ରି ପୁଡନ୍ ମରି ମାଁ । ।।୧୦୦।।

ହନୁ ତୁର୍‌ତି କଲା ବିନ୍‌ତି ହେ ଅଗ୍ନି ଦେବ୍‌ତା
ନାଇଁ ଯିବ ଅଶୋକ୍ ବନ୍ ଅଛନ୍ ମାଁ ମାଏନ୍‌ତା । ।।୧୦୧।।

ତାକର୍ ପାଶେଁ ଅଛ ହେଲେଁ ପଲେଇଁ ଆସ ଟିକେ
ଲାଖେ ତେଜେଁ ଥିଲେଁ ବିନ୍‌ତି ହଇଁ ଯାଅ ଲିଖେ । ।।୧୦୨।।

ସବୁ ଆଡେଁ କୁଏ ଲିଭ୍‌ଲା ହେଲା ଅନୁମାନ୍
ଲେଁଇ୍ ବୁଥିଁ ସମୁଦର୍‌ନେ ଲିଭାଲା ହନୁମାନ୍ । ।।୧୦୩।।

ଅଶୋକ୍ ବନ୍‌କେ ଯାଇ ଦେଖ୍‌ଲା ସୀତା ଅଛନ୍ ଅଏନ୍
ଯାଉଛେଁ ମା' ଏତ୍‌କେଁ ବଲିଁ କହେଲା ଦେଇ ମାଏନ୍ । ।।୧୦୪।।

ସୀତା ଦେଖ୍‌ଲେ ହନୁର୍ ଦିହେଁ ଖଁଡ଼ିଆ, ଡଁଡ଼ିଆ ଚିହ୍ନା
ସୁଷ୍ଠାବାକେ କହେଲେ ଟିକେ ହଏରାନ୍ ହେଲୁ ସିନା । ।।୧୦୫।।

ମୋର୍ ଲାଗି ମୋର୍ ଜନମ୍ କଲା ପୁଓ ମେତାଲ୍ ବୁତା
କଲୁ, ତୋହର୍ କଥେଁ ଖାଲି ଦମ୍ ଧରିଛେଁ ପୁତା । ।।୧୦୬।।

କହେବୁ ବାବୁ ! ଟିଆ ସମିୟା ଅଛେନ ଦୁଇମାସ୍
ଜୀବନ୍ ଯିବା ଜୀବନ୍ ଦେବ୍‌ତା ନାଇଁ ଆଏଲେଁ ପାଶ୍ । ।।୧୦୭।।

ନିର୍‌ଭଏ ରହ ମାଗୋ ବଲିଁ କହେଲା ହନୁମାନ୍ ·
ରାବଣର୍ ପ୍ରାଣ୍ ନେମୁଁ ଆର୍ ନାଇଁ ହଁ ହଦ୍‌ମାନ୍ । ।।୧୦୮।।

ସାଗର୍ ଡ଼େଗି  ସୁବଲ୍ ଡ଼ଙ୍ଗର୍ ଉପ୍ରେ ରହେମୁଁ ଜମି
ଦେଖିବ ମାକର୍ କେତେ ବର୍‌କଷ୍ କେଡେ ପରାକ୍ରମୀ ।  ॥୧୦୯॥

ପାହେଁ ପରି ହନୁ ଉଡ଼ି ଆକାଶ୍ ମାର୍‌ଗେଁ ଭାଗେ
ସୀତାର୍ ଦିହ୍ ରହି ମନ୍ କପିର୍  ସାଙ୍ଗେଁ ଲାଗେ ।  ॥୧୧୦॥

ବାଲ୍ମିକୀ ମୁନି କହେଲେ ବେଲ୍‌ହଉ ଆସିଥିବ ତୁର୍‌ତି
ସୁନ୍ଦରା କାଁଡର୍ କଥା ଇନୁ ଇଆଦ୍ କର୍‌ମା ପୂର୍‌ତି ।  ॥୧୧୧॥

ରାମ୍ ଭଜନ୍ ଗାଇ ସଭେ ସଭା କଲେ ଭଙ୍ଗ
କୁଟୀର୍ ମାନ୍‌କୁଁ ଗଲେ ଯୁଲି ଯୁଲି ସଙ୍ଗ ସଙ୍ଗ ।  ॥୧୧୨॥

❑

# ପାଉଚ୍-୫

## ଲଂକାନୁ ଫିରିଁ ହନୁ ତାର୍ ଦଲ୍ ସାଙ୍ଗେ ମିଶ୍‌ବାର୍

ପଛିମ୍ ଦିଗ୍-ଢବା ଘର୍‌ର୍ ଦୁଆରେଁ ରହେ ଟାକି
ମାଆଁ-ମହାକାଶ୍ ସୂରୁଯ୍ ସୁରୁ ପୁଓକେ ଡ଼ାକି । ।।୧।।

ପୂରବ୍ ଦିଗୁଁ ଆସେ ତୁରୁଦ୍ ସୁରୁପୁଓ ତାର୍
ହୃରୁଦ୍ ଭରି ନେବା ଆନି ଆହାଲାଦ୍ ଅସୁମାର୍ । ।।୨।।

ବାଲ୍‌ମିକୀ ଆଶ୍ରମେ ରାମେଣ୍ ସଭା ଯମକ୍ ଧରିଛେ
ଲଂକା ପୁଡ଼ି ପରର୍ ପର୍‌ସଙ୍ଗ୍ ଇହାଦେ ପରିଛେ । ।।୩।।

ମୁନି କହୁଥିଲେ ରାବଣର୍ ମନର୍ ଦଶା
ଦୁଖ୍ ଦରଜର୍ ଜୁଏ ଜଳିଁ ଜାଲେ ବର୍‌କସା । ।।୪।।

ରାବ୍ କର୍‌ଲା ବାନର୍ ସବୁ ଦୁବାବ୍ ରାବଣର୍
ଦୁର୍ଦ୍ଦଶା ସାରିନିଏ ଶିରୀ ଲଂକା ଭୁବନର୍ । ।।୫।।

ରାବଣ୍ ମନେ ଘର୍ କରିଛେ ଅଘୋର୍ ଅନୁତାପ୍
ଗୋଟ୍ ଗୋଟ୍ ହଇଁ ଫଟିକ୍ ଦିଶେ ଯାହା କରିଛେ ପାପ୍ । ।।୬।।

ହନୁମାନ୍ ଶିଘ୍ ଧସ୍‌ଲା ମାନ୍ ସାନୁମାନର୍
କାହିଁ ବୁଝ୍‌ବା ରାବଣ୍ ବାହାର୍ ତାର୍ ଅନୁମାନର । ।।୭।।

ରାବଣ୍ ମନେ ଭାଲି ହଉଛେ ଜୀବନ୍‌ଟାକ ଜାଲି
ସୁଖର୍ ଆଶା -ଚରେ ପଟ୍‌କ୍ ସୋଜ୍ ଥିଲିଁ ପାଲି । ।।୮।।

ସୁଖର୍ ଚ଼ରେ ଶାନ୍ତି-ଗରା ପାର୍‌ବା ଅନୁଦିନ୍
ବଳିଁ ବଳର୍ ଲାଗିଁ ତପେଁ ଦିହ୍‌ଟା କଳିଁ କ୍ଷୀନ୍ । ।।୯।।

ନବ୍ ନିଧି ଗଦେଇଁ ହେଲା ଅଷ୍ଟରତନ୍ ସାଙ୍ଗେଁ
ସାରା ଜଗତର୍ ଜିବ୍, ହାତ୍‌କେ କେନ ଆଏଲା ବାଗେଁ ? ॥୧୦॥

ଶଂଖ୍ ମର୍‌ମର୍ ମୁର୍‌ନି ପଥର୍ ଘରେଁ ସୁନାର୍ ଛାଆନି
ବିଶ୍ୱକର୍ମାର୍ ବନା କେଭେଁ କିହେ ତ ନାଇଁ ବାଆନି । ॥୧୧॥

ସେ ଘରେଁ କାଏଁ ଶୁଇ ପାର୍‌ଲିଁ କେଭେଁ ସୁଖର୍ ନିଦ୍
ମୁଡ଼୍ ଉପରେ ମଁଡ଼୍‌ରି ରହେଲା ଅଶୁଭ୍ ଆଶାର୍ ଗିଧ୍ । ॥୧୨॥

ତପ୍ ଖଟ୍‌ଲିଁ ଏକନ୍ ଗୁଡ଼ି ଅନେକ୍ ଅନେକ୍ କାଲ୍
ମହା ସନ୍ତୋଷେଁ ବର୍ ଦେଲେ ମହାଦେବ୍ ମହାକାଲ୍ । ॥୧୩॥

ମରତ୍ ଜିତିଁ ସରଗ୍ ଜିତ୍‌ଲି ଜିତ୍‌ଲିଁ ପାତାଲ୍ ପୁରୀ
ଛନ୍‌ଏ ନାଇଁ ଦେଖ୍‌ଲିଁ ମନେ ଶାନ୍ତି ଥିବାର୍ ପୂରି । ॥୧୪॥

ଧନ୍ ଦଉଲତ୍ କ୍ଷେମ୍‌ତା ବଲ୍ ଯୋଗ୍ ଯାଗର୍ ସିଦ୍ଧି
ସୁଖ୍ ଶାନ୍ତି ନାଇଁଦିଏ ଆଠ୍‌ଯୋଗ୍ ନବ୍‌ନିଧି । ॥୧୫॥

ଆନନ୍ଦ ଘରେଁ କରେଇ ପାର୍‌ଲେଁ ମନର୍ ଛନ୍‌ଏ ବାସ୍
ଭ୍ରାନ୍ତି ଖେଦି ସୁଖ୍ ଶାନ୍ତି ନାଇଁ ଛାଡ଼୍‌ତେ ପାଶ୍ । ॥୧୬॥

ଆନନ୍ଦ ଥିତିର୍ ନାଆଁ ପରେ ପରମ୍ ପୁରୁଷ୍ ରାମ୍
ମୁନୁଷ୍ ଆଏ କାହିଁ ତାହିଁ ପୁର୍‌ବା ମନସ୍କାମ୍ । ॥୧୭॥

ସଉଭାଏଗ୍ ଆର୍ କ୍ଷେମ୍‌ତା ମାର୍‌ଗେଁ ମିଲ୍‌ବା ଶାନ୍ତି ସୁଖ୍
ଜାନି ମାନି ନେଲିଁ ତାହୁଁ ନାହିଁ ହେଲିଁ ବିମୁଖ୍ ? ॥୧୮॥

ସତର୍ ସାଙ୍ଗେଁ ଶାନ୍ତି ଆଏ ଭାବି ଆନ୍‌ଲିଁ ସତୀକେ
ଭଗ୍ ଭାବେଁ ଅଏଶ୍ୱର୍ଯ୍ୟକେ ଭଗାଲିଁ ଭଗ୍‌ବତୀକେ । ॥୧୯॥

ଭଗ୍‌ବତୀକେ ପାଇ ଭାଏଗ୍‌ବତୀ ଲଂକା ଦେଶ୍
ହେତା ସିନେ; ହୁତାଶନେ ଜଲିଁ ହେଲା ଶେଷ୍ । ॥୨୦॥

ବଲ୍ ବୀର୍ଯ୍ୟ ଧୀରୟ୍ ମୋର ଦେଖିବାକ୍ କେ କଷି
ସଏତାନ୍ ଆସି କଏ -ଗାନ୍ କଲା ବାହା ବର୍‌କଷି । ॥୨୧॥

ସୁନା ପୁର୍‌ନେଁ ଦୁନା ଉଜଲ୍ ହେସି ଅଛେ କଥା
ସୁନା ଲଂକାର୍ ତେଜ୍ ଊନା ନୁହି ଟେକ୍‌ବା ମଥା । ॥୨୨॥

ରାବଣ୍ ହାତୁଁ ଝରବା ଶରର୍ ଧାରା ଶରାବଣ୍
ରଣ୍ ଅବାରଣ୍ ରାବଣର୍ ପଣ୍ ନୁହେ ଅକାରଣ୍ । ॥୨୩॥

ସୁଖ ସଂଭୋଗ୍ ସାଙ୍ଗେ ଆଏବା ଆନନ୍ଦ ଶାନ୍ତି ଯୋଗ୍
ବାଟ୍ ରହେବା ମୁଇଁ ନେହେଲେଁ କିଏ ବି କର୍‌ବା ଭୋଗ୍ । ॥୨୪॥

ପହଁଚ୍‌ଲା ବାଟେଁ ଯିମି ହେଲେଁ ହେଉ ବୁଲା କିନ୍ଦରା
ଦୁନିଆଁ ତ କହେବା କହୁ ଅଗ୍‌ବା ଗୁପା ଗୁନ୍ଦଲା ॥୨୫॥

ଦଶମୁଖ୍ ସବ୍ କଥା ଦଶ୍‌ହି ଦିଗୁଁ କରେ ବିଚାର୍
ଦଶ୍ ମୁଡ଼ିଆର୍ ନାମେ ଅବେଶ୍ ହେସି ବେଶି ପ୍ରଚାର୍ । ॥୨୬॥

ସୁନାର୍ ତାର ଲଂକା ନଗର୍ ପୁର୍ଢିଁ ପଡ଼ିଛେ କଲା
କଲା ମୁହାଁ ମାକର୍ ଆସିଁ କେଡ଼େ କରମ୍ କଲା । ॥୨୭॥

ପାଠ୍ ପଢ଼ାଲା ମତେ, କେଭେଁ କହେ ନୁହନ୍ ସାନ୍
ଖାର୍ ପାଲ୍‌ଟେ ଅହେତୁକ୍ ବନ୍ଧ୍‌ଲେଁ ଅଭିମାନ୍ । ॥୨୮॥

ପୁଡ଼ଲା ଗଡ୍‌କେ ଘଡ୍‌କେଁ ଯୁଦ୍‌ଲେଁ କହେବେ ବି ତ ସୀତା
ଏନ୍ତା କଥାର ଲାଗି ଚିନ୍ତା ଦଶ୍‌ମଥାର୍ କାଏଁ ଥିତା । ॥୨୯॥

ଶିରୀ ବଲିଁ ଆଶ୍‌ରିଁ ତାକୁଁ ଲଂକା ଶିରୀହତ୍
ହେଲେଁ ମୋହୋରୁଁ ତାକର୍ କହ ଅଯଶ୍ ହେବା ସତ୍ । ॥୩୦॥

କାରୁ କର୍ମା ବିଶ୍ୱକର୍ମାକେ ଡାକି କହେ ତିଆରି
ଆଗର୍ ଠାନୁ ବି ଡ଼ଗର୍ କରି ନଗର୍ କର୍ ତିଆରି । ॥୩୧॥

ଚମ୍‌କିଁ ଉଠ୍‌ଲା ଲଂକା ଫେର୍ ଚମ୍‌କି ଉଠେ ରାବଣ୍
ଥରେକେଁ ହଦ୍‌ରେ ନାଇଁ ଅସୁର୍‌ପଣ୍ ଆଏ ଅବାରଣ୍ । ॥୩୨॥

ଇନ୍ଦ୍ରୁନ୍ ଇ ଦଶ୍ ଦିଗ୍ ପାଲ୍ ଅଗଣନ୍ ସବ୍ ଦେବତା
ଘୁଟେ ଅଧେ ବିପଦେଁ କାଏଁ ଲଂକା ରାଜନ୍ ଥେବ୍‌ତା ? ॥୩୩॥

ହନ୍‌ମାନ୍ ଟାକ ଗଲା କାହିଁ ? ନାଇଁ କଲି ଅନ୍‌ମାନ୍
ଲଂକା ପୁଡ଼େଇଁ ବୁଡ଼େଇ ନେଲା ଅସୁର୍ କର୍ ସନ୍‌ମାନ୍ । ॥୩୪॥

ନଗର୍ ପୁଡି ସାଙ୍ଗେ ମାକର୍ ଗଲା ଭାଏଲ ପୁଡି
ନେହେଲେଁ ମହା ସମୁଦର୍ କାଏଁ ପାରିଥିବା ଉଡ଼ି ? ॥୩୫॥

ଉଡ଼ିଥିଲେଁ ମଝା ଘାଟେଁ ବୁଡ଼ିଥିବା ଘାଏ
ଖବର୍ କାହିଁ ପାଏତେ ? ରାମ୍ ଆଉର୍ ତାର୍ ଭାଏ । ॥୩୬॥

ଭଲ୍ ହେଲା ବିଘ୍ନୋ ଆସି ଗଲା ତାର୍ ତାର୍ ଟଲି
ସବୁଦିନ୍‌କେ ଡ଼ର୍‌ଟେ ଗଲା ନଗର୍ ଯାଇଁ ଜଲି । ॥୩୭॥

ଉଶାସ୍ ମନେ ନିଶାସ୍ ନେଇ ଭାବୁଥିଲା ଭରିଆ
ପାଶେଁ ଆସି ଠିଆ ହେଲା ଗୁପତ୍ ଖବ୍‌ରିଆ । ॥୩୮॥

ହନ୍‌ମାନ୍ କଥା ତାହାକେ ପହେଲା ଦେଲା ପବ୍‌ରେଇ
ଶୁନେ ଆହୁରି ଆହୁରି ଗୋଟ୍ ଗୋଟ୍ କରି ଇଁବ୍‌ରେଇ । ॥୩୯॥

ଲଂକା ପୁଡ଼େଇ ସାରି ମାଙ୍କର୍ ଘୁଚ୍‌ଲା ଅଶୋକ୍ ବନ୍
ସୀତାର ଥିତିର ଲାଗିଁ ଘାଁଟି ହେଉଥିଲା ତାର୍ ମନ୍ । ॥୪୦॥

ବନ୍‌ଏ ଅଛନ୍ ଜନକ୍ କେମା ଜାନି ଅରିଷ୍ଟ ଡଂଗର୍
ଚଢ଼ି ଉଝାଲ୍ ମାରି ଡେଗିଗଲା ମହାନ୍ ସାଗର୍ । ॥୪୧॥

ଆରପାରି ମହେନ୍ଦର୍ ଗିରି ଉପ୍‌ରେଁ ହେଲା ଠିଆ
ସେ'ନେ ଥିଲେ ସାଙ୍ଗ ସର୍‌ସିଆ ଶୁଖେଇ ପଡ଼େଇ ହିଆ । ॥୪୨॥

ସାଗର୍ ଡ଼େଗି ଯାଇଛେ ହନୁ ପାରଲା ପୁହୁଁଚି କି ନି ?
ପୁହୁଁଚିଲା ଯଦି , ସୀତାକୁଁ ଭେଟି ପାରଲା କାଏଁ ଚିହ୍ନି ? । ।।୪୩।।

ସୀତା ସେନେ ଥିଲେ ହେଲେଁ ଜୀବନେ ଅଛନ୍ କାଏଁ ?
ଥିବାର୍ ଜାନଲେଁ ବାରବା କିଏ ? ପୁହୁଁଚିତାଁ ଧାଏଁ ଧାଏଁ । ।।୪୪।।

ରାବଣ୍ ଯଦ୍‌ରି ଭେଟିଥିବା ମୁରି ଥିବା ଢେଁଟୁ
ରାମ୍ ଆଏବାର୍ ଆଗୁଁ ତାର୍ ଦୂତର୍ ଚିହ୍ନା ମେଟୁ । ।।୪୫।।

ହନୁ ହେଲେଁ ଛାଡ଼ିଥିବା କାଏଁ ସହଜ୍ ଜନ୍ତୁ ନୁହେ
ଶରବନା ତାର୍ ଶୁଖେଇଥିବା ଯୁଝିଥିଲେଁ ଦୁହେ । ।।୪୬।।

ଭାଜୁର୍ କୁଟୁର୍ ହେଲା ବେଲେଁ ବଜରଙ୍ଗ ବଲୀ କପି
ହାଜର୍ ହେଲା କି ନି ସାରା ମହେନ୍ଦର୍ ଗଲା କଁପି । ।।୪୭।।

ଭାବ୍ ରଙ୍ଗୁଁ ସଭେ ଭାବଲେ ହଇଛେ ସୀତା ଥାବ୍
ଶୁନି ଜାନୁଛନ୍ ହନୁର୍ କୁହାଟ୍ ଅନର୍ଜାବ୍ । ।।୪୮।।

କିଏ ଡ଼େଗଲା ଚିତେ ଉପରୁଁ କିଏ ମାରେ ଶୂନ୍ ଚିତ୍
ଛାତିକେ ଛାତି ଯୁଝେଇ ଉଲସେଇ ନିଅନ୍ ନିଜର୍ ଚିତ୍ତ । ।।୪୯।।

କେଡେଗୁଛେ ଡାହି କେ ଡ଼ାହି ପଟ୍‌କିଁ ଯାଏ ଡାଲ୍
କିଏ ଉପଡ଼ାଏ ରେଙ୍ଗାଲ୍ ବିଜା କି ଏ ବର୍‌କଷ୍ ତାଲ୍ ।।୫୦।।

ପାଶେଁ ମଧୁବନ୍ ତାହିଁ ଦଧିମୁଖ୍ ଜଗୁଆଲ୍
ସୁଗ୍ରୀ ରଜାର୍ ବଗ୍‌ଚା କିହେ ନାଇଁନ ଭାଗୁଆଲ୍ । ।।୫୧।।

ସେନ୍‌କେ ପୁହୁଁଚି ଖାଇ ବସଲେ ଉଦୁର୍ମାତ୍ ଫଲ୍
ବେ ହିସାବ୍ ଖାଏବାର୍ କିଏ ବାଛେ ଅସାର୍ ଭଲ୍ । ।।୫୨।।

ବଛା ବଛା ମିଠା ମିଠା ଫଲ୍ ଗଛ୍ ଅଛେ ଭରି
ଫଲ୍ ଫଲିଛନ୍ ଅକଲନ୍ ଥିପନ୍ ପାଚି କରି । ।।୫୩।।

ଫୁଲ୍ ଫୁଟିଛନ୍ ଲାଲ୍ ଗୁଲ୍ ଗୁଲ୍ ନୀଲ୍ ହଲ୍‌ଦିଆ ରଙ୍ଗ
ମହୁମାଛି ଅହୋରାତର୍ ଗର୍‌ଜନ୍ ଭନ୍‌ଭନ୍ । ॥୫୪॥

ଛତା ଠାନୁ ତଲେଇ ଏଡ଼କି ମହ୍‌ଘରା ଠାନ୍ ଠାନ୍
କେ ଛିଇଁବା ଆ'ନ୍ ସବ୍ ରାଜ୍ ବଗ୍‌ଚାର ପ୍ରାନ୍ । ॥୫୫॥

ଫଲ୍‌ମୂଲ ମହରସ୍ ସବ୍ ଖାଏଲେ ମନ୍‌କେ ମନ୍
ମନା କଲେଁ ଜୁଗୁଆ ଆଉର୍-ଆଉର୍ ଉପ୍ରାତ୍ ହନ୍ । ॥୫୬॥

ଦଧିମୁଖ୍ ସବୁ କହେଲା ରାଜା ଆଗେଁ ଯାଇ
ଦକ୍ଷିଣ୍ ଯାଇଥିଲେ ଦଲ୍ ହଇଁ ଯାଇଛନ୍ ବାଇ । ॥୫୭॥

ସୋର୍ ମୋର୍ ନାଇଁ ମଧୁବନ୍ ଉଜ୍ରେଇଁ କଲେ ଶେଷ୍
ଫଲ୍ ମୂଲ ସାରି ନାଇଁ ରଖିଲେ କାହିଁ ମହୁର୍ ଲେଶ୍ । ॥୫୮॥

ଅଁଜ୍‌ନାର ପୁଓ ଯାଇଥିଲା ସମୁଦର୍ ସେ ପାର୍
ସେ ଆସି କା'ଣା କହେଲା ସୋର୍ ନାଏଁନ କାର୍ । ॥୫୯॥

ସୁଗ୍ରୀବ୍ କହେଲେ ଖାଇଦିଅ ଯାହା କର୍‌ବେ କରୁନ୍
ସୀତା ଥାବ୍ କରିଥିବେ ଗଲା ଚିନ୍ତା ଦାରୁନ୍ । ॥୬୦॥

କହିନେବ ରାମ୍ କହିଛନ୍ ଯ' ପରେ ତୁକ୍ତି
ଦର୍କାର୍ ହେଲେଁ କର୍‌ବେ ପଛେ ଟିକେ ଭୁର୍‌ତା ଭୁର୍‌ତି । ॥୬୧॥

ପାଶେଁ ଥିଲେ ରାମ୍ ଲକ୍ଷ୍ମଣ୍ ତାକର୍ ନିକେ ଯାଇ
କହେଲେ ମିତ ! ହନୁ ଫିରିଛେ ସୀତା ସନ୍ଦେଶ୍ ପାଇ । ॥୬୨॥

ଦକ୍ଷିଣ୍ ଦିଗ୍‌କେ ବର୍‌ଗା ହଇଥିଲେ ଯେନ୍ ଦଲ୍
ମଧୁବନ୍ ଉଜ୍ରେଇ ମହୁ ପିଅନ୍ ଖାଆନ୍ ଫଲ୍ । ॥୬୩॥

ଜନା ପରୁଛେ ଜାନ୍‌କୀ ଦେଖିଁ ଫିରିଥିବା ହନୁ
ମନା ନାଇଁ ମାନି ଫଲ୍ ଖାଆନ୍ ଉଷଦ୍ ମନୁ । ॥୬୪॥

ସଉମିତ୍ରୀ, ସତେଁ କାଏଁ ବଲି ପଚାରନ୍ ଜହ
ସୁଗ୍ରୀବ୍ କହନ୍ ସବୁ ଜାନ୍‌ମା ସେମାନେ ଆସୁନ୍ ରହ । ||୬୫||

ପୁହୁଁଚି ଆଏଲେ ଅଙ୍ଗଦ୍ ପଛେଁ ନଲ୍‌ନୀଲ୍ ହନ୍‌ମାନ୍
ସଁଖିଲି ସମ୍‌କୁଁ ଆଏଲା ଲେଖେଁ ଆସେ ଜାମ୍ବବାନ୍ । ||୬୬||

ରାମ୍ ଲକ୍ଷ୍ମଣ୍ ସୁଗ୍ରୀବ୍‌କୁଁ ସଭେ ଦିଅନ୍ ମାଏନ୍
ହୁରୁଦ୍ ଉଲ୍‌ଦିଁ ଆସେ ହନୁ ଆଖୁଁଝରେ ପାଏନ୍ । ||୬୭||

ରାମର୍ ହାତେଁ ମଥା ମଣି ପାଦେଁ ଦେଇ ମଥା
ଆଖିଁର୍ ଲହ କହେ ସବୁ ନାଇଁ ବାହାରେ କଥା । ||୬୮||

ମଥା ମଣି ସୀତାର୍ ଆଏ ଚିହ୍ନି ରଘୁମଣି
ଛାତିଁ ଜାକିଁ ଜାନ୍‌କୀ ପାଏଲା ଲେଖେଁ ନେଲେ ଗନି । ||୬୯||

କାହାରି ମୁହେଁ ଭାଷା ନାଇଁ ସମ୍‌କର୍ ଆଖିଁ ଲହ
ସମିଆ ଯାଏ ଯେତ୍‌କି ସେତ୍‌କି ବୁହେ ଜହଜହ । ||୭୦||

ଜାମ୍ବବାନ୍ ନାଇଁ ଟାକିଁ କହେଲା 'ହନୁମାନ୍' !
କା'ଣା ହେଲା କହନ ଡ଼ହକ୍ ବିକଲ୍ ହଏ ପ୍ରାନ୍ । ||୭୧||

କହି ନେଲା ଯାହା ହେଲା ସାଗର୍ ଡେଗା ବେଲେଁ
ସୁର୍‌ସାନୁ ସିଂହିକା ତକ୍ ମାଏଲା କେନ୍ତା ଖେଲେଁ । ||୭୨||

ମଏନାକ୍ ପର୍‌ବତ୍ ଡାକ୍‌ବାର୍ ଥାକ୍ ମାର୍‌ବାର୍ ଲାଗି
ମଝାପାନି ଥାକି ଉଝାଲ୍ ମାରି ପଲାବାର୍ ଭାଗି । ||୭୩||

ଲଂକାର ଶିରୀ ଲଂକେଶରୀ କେନ୍ତା ଛେଁକ୍‌ଲା ବାଟ୍
ଘୁମ୍‌କାଥିଁ ଘୁମ୍‌ସେଇ ଗଲା ପଲାଲା ଛାଟେଁ ଛାଟ୍ । ||୭୪||

ଇନ୍ଦ୍ରଜିତ୍‌ର ଶୁଇଲା ଘରୁଁ ରାବଣ୍ ମହଲ୍ ଯାଏ
ଗୋଟ୍ ଗୋଟ୍ କରି କହେଲା ଯାହା ଦେଖିଥିଲା ଯାଏ । ||୭୫||

ବିଭୀଷଣର୍ ପ୍ରଭୁ ଭକ୍ତି ତାର୍ ଝି ଆର୍ ନାରୀ
ଜାନି ନେଲା ସୀତାମାତାକର୍ ସେବାକରୀ । ॥୭୬॥

ତାକର୍ ସୁରେଁ ଆଏଲା ସିନା ଅଶୋକ୍ ବନ୍ ଭିତର୍
ମାତା ତାହିଁ ଦିନ୍ କାଟୁଛନ୍ ରାମ୍ ବିହୁନେ କାତର୍ । ॥୭୭॥

ଡ଼ର୍‌ଡ଼ରାନୀ ଅସୁରେନ୍ କେନ୍ତା ଅଛନ୍ ଜୁଗି
ସେନ୍‌କେ କେନ୍ତା ଆଏଲା ରାବଣ୍ ତ୍ରିପୁର୍ ଶାସନ୍ ଭୁଗୀ । ॥୭୮॥

ଭୁର୍‌ତା ଭୁର୍‌ତି ଡ଼ରା ଧମ୍‌କା କଲା ଯାହା ଯାହା
ସବୁ ଥିକେ ଗୁଟେ ଉତ୍ତର ରାମ୍ ନାମ୍ ଆହା ! । ॥୭୯॥

ଅଥା ହଇଁ ଦଶ୍‌ହି ମଥା ହଲେଇଁ କେନ୍ତା କହେଲା
ସଇ୍ କର୍ ମନ୍ ଜନକ୍ ଜେମା ଦୁଇମାସ ଟିଆ ରହେଲା । ॥୮୦॥

ରାବଣ୍ ଗଲା ଲହର୍ ଶ୍ରାବଣ୍ ମାଁର୍ ଆଖୁଁ ଝରେ
ଗଛ୍ ଉପରେଁ ଦିହ୍‌ଟା ମୋର୍ ରିଶ୍‌ମିଥିଁ ଥରେ । ॥୮୧॥

ଚାବିଁ ହଏ ଜୀବନ୍ ପ୍ରଭୁ ! ନାଇଁ ଥାଇଁ ଆଦେଶ୍
ରାବଣ୍ ମାରି ଟାଡ଼ି ଆନି ଥିତିଁ ତାର୍ ଦେଶ୍ । ॥୮୨॥

ସେ ଗଲା କି ଛିନା ହେଲା ସୀସମ୍ ଗଛ୍ ତଳ୍
ଚିହ୍ନାର୍ ଜନାର୍ ହେବାର୍ କାଯେଁ ଜୀବନ୍ କଲବଲ୍ । ॥୮୩॥

ଗଛ୍ ଉପରୁଁ ଗାଏଲିଁ ଯେବେଁ ତୁମର୍ ଚ଼ରିତ୍ ଗୀତ୍
କନ୍ଦା ବୁବା ଛାଡ଼ି ମାଁ -ଥମିତ୍ କଲେ ଚି଼ତ୍ତ । ॥୮୪॥

କହେଲେ କିଏ ଅ' ବାବୁ ? ଦିଅଟିକେ ଦେଖା
ମରନ୍-ମୁହାଁ ଜୀବ୍‌ନେ ମୋର୍ ଟାନ୍‌ଲ ଜୀବ୍‌ନ-ରେଖା । ॥୮୫॥

ତର୍‌ତରାନୁ ଉତ୍‌ରିଁ ଆଏଲିଁ ତଲେଁ ହେଲିଁ ଠିଆ
ସୀତା ମାତା ବଲିଁ ଜାନି ପୁଲ୍‌କିଁ ଉଠ଼ଲା ହିଆ । ॥୮୬॥

ଯତନ୍ କରି ରଖିଥିଲିଁ ତୁମର୍ ରତନ୍ ମୁଦି
ଧରାଲିଁ କି ପଚାରି ବସ୍‌ଲେ କେତେ ଖୁଦି ଖୁଦି । ।।୮୭।।

ରତନ୍ ମୁଦି ମୁଡେଁ ଠେଇ କେତେ କରି କାନ୍ଦ୍‌ଲେ
ଜୀବ୍‌ନେ ଜୀବନ୍ ପାଏଲିଁ ବଲିଁ କାନି ପନ୍‌ତେ ବାନ୍ଧ୍‌ଲେ । ।।୮୮।।

ପର୍‌ତେ ଗଲେ କଥା କେ ମୋର୍ ମତେ କଲେ ନିଜର୍
ବଏଲେ ବଜ୍‌ରଙ୍ଗ୍ ବଲୀ ? ମତେ କଲୁ କେତେ ବଜର୍ । ।।୮୯।।

କହେଲେ ଯା' କହେବୁ ମୋର୍ ଜୀବର୍ ଜୀବର୍ ଧନ୍ କୁଁ
ଜୀବ୍‌ନେ ଅଛେ ନୁହେ ଯାଏ, କହେବୁ ଲଏଖନ୍‌କୁଁ । ।।୯୦।।

କହେଲେ ବାବୁ ! ହନୁ ! କେନ୍ତା ଅଛନ୍ ଦୁହି ଭାଏ ?
ସୋର୍ କରିଛନ୍ ହେଲେଁ ମୋର୍ କର୍‌ବେ ଆରୁ ଘାଏ । ।।୯୧।।

ଇ ଠାନୁ ମୁଇଁ ଗଲା ଦିନୁ ନାଇଁ ଖାଇ ଥାଇଁ କିଛି
ମା'କୁ ଦେଖିଲା ପରେଁ ଭୁଖେଁ ଦିହ୍ ହଉଥାଏ ବିଛି । ।।୯୨।।

ମୋର୍ ଆଏବାର୍ ଜାନୁନ୍ ଚୋର୍ ଲେଖେଁ କାଏଁ ପଲାମି !
ଫଲେଁ ଛଲ୍‌କେ ଅଶୋକ୍ ବନ୍ ଜାନି କାଏଁ ହେଲାମି । ।।୯୩।।

ମା'କୁ କହି ଫଲ୍‌ମୂଲ ଖାଇ ବଗ୍‌ଚା କଲିଁ ଉଜେର୍
ଯେ ଆଏଲା ମାର୍ ଖାଏଲା ମୁର୍ଦ୍ଧାର୍ ହେଲେ ଢ଼େର୍ । ।।୯୪।।

ରାବଣର୍ ଗୁଟେ ପୁଓ ତାର ନାଁ ଅକ୍ଷୟକୁମାର୍
ଆସି ଜୀବନ୍ ଦେଲା ହେଲେ ଇ ମର୍‌ତୁଁ ପାର୍ । ।।୯୫।।

ମେଘନାଦ୍ ତାର୍ ପରୁହାଁ ପୁ ଓ ମେଘ୍ ମେତାଲ୍ ରଡ଼ି
ଆଏଲା ତାର୍ ସାଙ୍ଗେ ହେଲା ବନିହା ଲଡ଼ା ଲଡ଼ି । ।।୯୬।।

ବ୍ରହ୍ମ ଅସ୍ତର୍ ନାଗଫାଶ୍‌ନେ ବାନ୍ଧି ପକାଲା ମତେ
ମାନି ନେଲିଁ କି ଟାନି ନେଲା ତାର୍ ଇଚ୍ଛାମତେ । ।।୯୭।।

ରାଇଜ୍ ସଭାନେ ରାବଣ୍ ସାଙ୍ଗେ ହେଲା କଥାର୍ ଲଢ଼େଇ
ଜଁ କର୍ ମୁହେଁ ଭାଙ୍ଗ୍ ଦେଲା ଲେଖେଁ ଭାଙ୍ଗ୍ଲିଁ ବଡ଼େଇ । ॥୯୮॥

ଚାରି ଦିଗେଁ ଡିଙ୍ଗ୍ରା ପଡ଼େ ଡ଼ିଙ୍ଗର୍ ନାରୀ ଚୋର୍ !
ବନ୍ଦ୍ଏ ରାଏଜ୍‌ଟେ କରିଥିଲୁ ସୋଇ୍ ମାଏଲା ହୋର୍ । ॥୯୯॥

ସୀତା ଧରିଆ ସାଙ୍ଗେ ମଗେଇ ନେମି କ୍ଷେମା
ମୁକ୍ତି ଦେବେ ଉଷଦ୍ ହଇଁ ପାଏଲେଁ ଜନକ୍ ଜେମା । ॥୧୦୦॥

ରାଗ୍ ଜର୍ ଜର୍ ରାବଣ୍ କହେଲା ମାର ମାକର୍ ମରୁ '
କିଏ ଆଏ ? କାର୍ ଆଏ ? କାହିଁ ଆଇଛେ ସରୁ । ॥୧୦୧ ॥

ଆଏ ତାର୍ ଭାଏ ବିଭୀଷଣ୍ କହେଲା ଛେଁକି
"ଦୂତ୍ ମାର୍‌ସି ଉତ୍‌ପାତ୍ ଯେନ୍ ରଜା ଅବିବେକୀ । ॥୧୦୨॥

ଯାହା ହେଲା ନ ହେଲା ତାହାକେ ଛାଡ଼ିନିଅ ଯାଉ
ଯାହା କରବାର୍ କଲାଁନ ତ ଜୀବନ୍ ଟାକି ଥାଉ । ॥୧୦୩॥

ମଲା ମେଟାଲ୍ ପଡି ରହେଲିଁ କରି ଟିକେ ଛଲ୍
ରାତିର୍ ଲଂକା ଦିନେ ଦେଖ୍‌ମି ହେଲା କୁତୁହଲ୍ । ॥୧୦୪॥

କହେଲି ଏନ୍ତା ମାରେଁ ମୋର୍ ଜୀବନ୍ ନାଇଁ ଯାଏ
ଲେଞ୍ଜେଁ ଲୁଗା ଗୁରେଇ ଜୁଏ ଲେଛେଇ ନିଆଯାଏ । ॥୧୦୫॥

କପ୍‌ଡା ଗୁରେଇ ତେଲ୍ ରୁକ୍‌ଲେ ଲେଛେଇ ନେଲେ ଜୁଏ
ଧୁକା ଧୁକ୍‌ଲା ଭାଗ୍‌ଲେ ଅସୁର୍ ଅସହ ଯହୁଁ ହୁଏ । ॥୧୦୬॥

ଘର କେ ଘର୍ ଡେଗିଁ ଲଗାଲିଁ ଲଂକା ସାରା ନିଆଁ
ସୁନା ବି ଦିନ୍ଏ ଚୂନା ହେସି ଦେଖୁ ଇ ଦୁନିଆଁ । ॥୧୦୭॥

ଲେଁଜ୍ ବୁଥିଁ ସମୁଦର୍ ନେ ମାଁ କୁଁ କରି ଯୁହାର୍
ଭାଗିଁ ଆଏଲିଁ ଇ ପାର୍‌କେ ସାଗର୍ ହଇଁ ପାର୍ । ॥୧୦୮॥

ରାମ୍ କହେଲେ ବାବୁ ! ଯେନ୍ କାମ୍ କର୍‌ଲୁ ମୋର୍
ଆଉର୍ କିହେ କେଭେଁ କରିଥିବାର୍ ନାଇଁନ ସୋର୍ । ॥୧୦୯॥

ହନୁକେ ନେଇ ହର୍ଷେଁ ଲଗେଇ ନେଲେ ଛାତିଁ ନିଜର୍
କିହେ ପାଆନ୍ ନୁହେ ହନୁ ଯାହା ପାଏଲିଁ ଆଜର୍ । ॥୧୧୦॥

ବାନର୍ ଭାଲୁ ମନର୍ ଆନନ୍ଦ-ଇବ୍ ଡେଲ୍ ଅଙ୍ଗ
ରାମ୍ ଲକ୍ଷ୍ମଣ୍ ମନ୍-ମହାନଦୀ ମିଶ୍‌ଲେ ଭଙ୍ଗ ଭଙ୍ଗ । ॥୧୧୧॥

'ତୁର୍‌ତି ସାଜ ଦଲ୍' କହେଲା ଦଲ୍‌ପତିକୁଁ ସୁଗ୍ରୀବ୍
ଲଂକା ଯିମା ଇନେ କାଁ ଯେ ରହେମା ଉଦ୍‌ଗ୍ରୀବ୍ ? ॥୧୧୨॥

ରାବଣ୍ ମାରି ସୀତା ଆନ୍‌ଲେଁ ଯାଏକ୍ ଫିର୍‌ମା ଦେଶ୍
ନାଇଁ ଯାଉ ସେ ମନେ ଯା'ର୍ ଅଛେ ଡରର୍ ଲେଶ୍ । ॥୧୧୩॥

ଏତ୍‌କି ଶୁନୁନ୍ ମାକର୍ ଭାଲୁ ଦଲ୍ ଦଲ୍ ହଇଁ ଆସ୍‌ଲେ
ଝିଟ୍‌କା ଦଲ୍ ଲେଖେଁ ଯାହିଁ ପାର୍‌ଲେ ତାହିଁ ପଶ୍‌ଲେ । ॥୧୧୪॥

ଇ ଦେଶର୍ ସେ ମୁଡେଁ ମହାସମୁଦର୍ ଖଁଡିଁ
ଖୁଲା ଆକାଶ୍ ତଲେଁ ତାକର୍ 'ପଡ଼ଉ'ଅଛେ ପଡ଼ି । ॥୧୧୫॥

ରସଦ୍ ନାଇଁ ଲାଗେ ରସେଁ ଭରା ଫଲ୍ ମୂଲ୍ ଝାର୍
ମଗା ନାଇଁ ଲାଗେ ଖୁଲା ଅସରଁଦ୍ ଭଂଡାର୍ । ॥୧୧୬॥

ଖବ୍‌ରିଆନୁ ଶୁନି ରାବଣ୍ ବସି ପୁଷ୍ପକ୍ ଯାନେ
ଉପର୍ ଉଠି ଦେଖ୍‌ଲା ସତେଁ ଆସନ୍ କାଏ ସେମାନେ । ॥୧୧୮॥

ମୁନି କହେଲେ ରାମେନ୍ ଏତ୍‌କେଁ ଇନ ଏକା ଥାଉ
ସଂଧିଆ ଶଉଚ୍ ସାର୍‌ବାକେ ସମିୟା ନାଇଁ ଆଉ । ॥୧୧୯॥

ରାମ୍ ଭଜନ୍ ସାରି କରି ସଭା କଲେ ଶେଷ୍
ଅଁଧାର୍ ଆସେ ଅନାଧୁନ୍ ଆଶ୍ରମ୍-ଆକାଶ୍-ଦେଶ୍ । ॥୧୨୦॥

❑

# ଲଂକା-କାଁଡ୍

## ଲଂକା କାଂଡ୍ ଲେଖିବାର ଆଗୁଁ ପଦେ

ଲଂକା କାଂଡ୍ ଆରଂଭ୍ କର୍‌ବାର୍ କଥା ହେଲେଁ ମୋର୍ ସାହାସ୍ ସବୁବେଲେ ଅପୂର୍ ରହୁଛେ । ହନ୍‌ମାନ୍ ସମୁଦର୍ ଡେଗ୍‌ଲା ଲଂକାନେ ପୁହୁଁଚି ସୀତା ଥାବ୍ କରି ଫେରି ଆଏଲାନ । ମତେ ମାତର୍‌କ ଲଂକା କାଂଡ୍ ଟିକ ଜଜସମୁଦର୍ ଲେଖେଁ ଲାଗୁଛେ । ହନ୍‌ମାନ୍ ମେତାନ୍ ବଲ୍ ନାଇଁ କି ସାହାସ୍ ନାଇଁ । ତାର୍ କି ତାର୍ ପ୍ରଭୁର୍ ସାହେଯ୍ ମିଲ୍‌ଲେଁ ବି ପାର୍‌ହଇ ହେତାଯେ, କାଇଛେ? ସେମାନେ ମୋର୍ ମେତାଲ୍ ମୂରୁଖ୍ କରମ୍ ହୀନ୍ ଟାକେ ଅସ୍‌କଟାବେ ହିଁ ଅସ୍‌କଟାବେ । କାଁ କରି ହେଲେଁ ପସନ୍ଦ୍ କର୍‌ବେ ମତେ ? କା'ଣା ଅଛେ ମୋର୍ ଠାନେ ? ଅନେକ ରାମେଣ୍ ଦେଖୁଛେଁ । ସବୁ ଥିଁ ବଢ଼େ ବଢ଼େ ଲଢ଼େଇ, ବଢ଼େ ବଢ଼େ କଥା । ସେ ବଢ଼େ ବଢ଼େ କଥାକେ ବଢ଼େ ବଢ଼େ କବି ସାଧକ୍ ମାନେ ପାରିଛନ୍ । ମୁଇଁ ତ ଅଗ୍‌ବା ରଁଢ଼େଟେ ଆଏଁ, ମୋର୍ ହାତ୍ ଗୋଡ୍ କି ମନ୍ ବୁଦ୍ଧି କିଛି ନାଇଁ ପାଏବାର୍ । ଯେନ୍‌ମାନେ ଚାହୁଁଛନ୍ ଯେ ସମଲ୍‌ପୁରୀଥିଁ ରାମେଣ୍‌ଟେ ଲିଖା ହଉ, ସେମାନେ ପଚ଼ରଉଛନ୍ 'ନୁହେ ସରେ' ? ସର୍‌ବାର୍ ତ ନାଇଁ । ହେଲେଁ ଇ ରାମ୍-ରାହା ସର୍‌ବାର୍ ଆଗୁଁ ମୋର୍ ଜୀବନ୍ କାଲ୍ ସରି ନାଇଁ ଯାଏତ ? କେ ଜାନ୍‌ଏ ? ହର୍‌ବରାଲେ 'ହେଲେଁ ଲିଖି ହଉଛେ କାଏଁ ? ହଉ ଦେଖୁଛେଁ ଯାହା ହେବା । ଯେ ଲିଖଉଛେ ସେ ଜାନ୍‌ବା ବୁଆ । ମୋର କାଏଁ ଏତେ ଭାଲ୍‌ନି ।

❑

ହେମଚନ୍ଦ୍ର ଆଚାର୍ଯ୍ୟ

# ପାଉଚ୍-୧

## ରାବଣର୍ ରାମ୍‌ସେନା ଦେଖିବାର୍

ମହାକାଶର୍ କପାଲେଁ କିଏ ମଖାଏ ସେନ୍ଦୂର୍ ଟିକା ?
ନୀଲିଆ କାଗଜ୍ ଦିହେଁ କାହାର୍ ଲାଲିଆ ସେହିର୍ ଲିଖା । ।।୧।।

ଗୁହାଲ୍ କନ୍ନୁ ଲୁଇ ଦାମୁର୍ ପଚାରେ କିଏ ଆଏ ?
ତାର୍ ନାଁ କାଏଁ ? ଗଛର୍ ଚ଼ରେ ପାରୁ ପର୍‌ଯଁତ୍ ଗାଏ । ।।୨।।

ତାହାରି ଗୀତ୍ ବାହାରି ଆସେ ମୁନିର୍ କଲମ୍ ଗାରେଁ
ଛଲ୍‌କେ ତାର୍ ନାମ୍ ରସ୍ ରାମେନ୍-ଝର୍‌ନା ଧାରେଁ । ।।୩।।

ବେଦ୍ ଓଁ କାର୍ ସାଙ୍ଗେଁ ରାମ୍ ନାମ୍ ଝଂକାର୍ ଝରେ
ଆଶ୍ରମ୍ ଆକାଶ୍ ସାରା ଟଙ୍କୁଁ ଠୁଟୁଁ ଭରେ । ।।୪।।

ଋଷିର୍ ମନେ ଖୁସି, ମୁହେଁ ରାମେନ୍-ରସ୍ ଅମ୍ରୁତ୍
ଚ଼ରିତ୍ ମହୁ-ସରିତ୍ ଶୁନ୍‌ଲେଁ ଲାଗେ ସୁଆଦ୍ ସୁରୁତ୍ । ।।୫।।

କହେଲେ ଫୁଟିକରି ତୁମେ ସଭେ ଋଷିକୁମାର୍
ଇନ୍ନୁ ଇଆଡ଼୍ କଥାନେ ପର୍‌ବା ଲଢ଼େଇ ଅସୁମାର୍ । ।।୬।।

ଅହିଂସା ଆମର୍ ଜୀବନ୍ ଧରମ୍, ହିଂସାର୍ କଥା ଶୁନି
ହିଂସା ଖୋର୍ ହେଲେଁ ସୋଲ୍ ଲୋକ୍ ଦେବା ଖୁନି । ।।୭।।

ମାର୍ ମର୍‌ଦନ୍ ମରନ୍ ମାରନ୍ କଥା ଶୁନିକରି
ସେ ରଙ୍ଗେ ମନ୍ ରଙ୍ଗାଲେ ଭାଙ୍ଗିଯିବା ଜୀବନ୍-ତରୀ । ।।୮।।

ଇତରୀକେ ବାହି ଜାନ୍‌ଲେଁ ସଂସାର୍ ହଏ ସୁତର୍
ହିଂସା ପଶାଇ ନେସି ଗହେରୁ ଆଉର୍ ଗହେର୍ ତର୍ । ।।୯।।

ସୁନ୍ଦର୍ ଗୃହୀ ରାମ୍, ଆଉର୍ ସୁନ୍ଦର୍ ହଇଁ ଯତି
ପୁଓ ସୁନ୍ଦର୍ ରାମ୍‌ଚନ୍ଦ୍ର, ଅଏନ୍ ସୁନ୍ଦର୍ ପତି । ॥୧୦॥

ଏତ୍‌କି ଶୁନୁନ୍ ସୀତା ଆଁଖି ଛଲ୍‌କିଁ ଆଏଲା ପାଏନ୍
ଭାବନ୍ କେ'ନେ ଦେଇ ପାର୍‌ଲିଁ ଦିନ୍‌ଏ ପତିର୍ ମାଏନ୍ । ॥୧୧॥

ରେନ୍ଧ୍ ମତାଲିଁ ଦେଖି କେନ୍ ହରିନ୍ ସୁନାବରନ୍
ହରି ଛାଡ଼ିଁ ହରିନେ ରସ୍‌ଲା ଅଗ୍‌ବା ଅଗ୍‌ଲା ମନ୍ । ॥୧୨॥

କେତେ ଧିକ୍‌ରାଇ ନିକ୍‌ରାଇ ନେଲିଁ ପାଶେଁ ଥିଲେ ଲକ୍ଷ୍ମଣ୍
ଏକ୍‌ଲା ଥିବାର୍ ଫଲ୍ ପାଏଲିଁ ଅଶୋକ୍ ବନେ ସେକ୍ଷଣ୍ । ॥୧୩॥

ଲୋକ୍-ଆଏଁଖିକେ ଦିଶେ ଯାହା ନିଶୋକ୍ ଅଶୋକ୍ ବନ୍
ମୋର୍ ଲାଗିଁ ସେ ବନ୍ ହେଲା ଶୋକ୍ ଭରା-ଭବନ୍ । ॥୧୪॥

ସୀତା ମନର୍ ଭାବ୍‌ନା ଜାନି ଯତନ୍ କରି ଯତି
ଅଧା ଧିରୁଁ ସୁଧାରି ନେଲେ କଥା କହେବାର୍ ଗତି । ॥୧୫॥

କହେଲେ ରାମ୍ ମଏତର୍ ପଦେଁ ଅତି ଉତ୍ତମ୍ ଆ'ନ୍
ଭାଏ ହିସାବେଁ ମିଲ୍‌ବେ କାହିଁ ହେଁ ଭାଏ ମହାନ୍ ? ॥୧୬॥

ସତେଁ ଶତର କାହାରି ନୁହନ୍ ତ'ବି ଶତର ପନ୍
ଘେରେଇ ଆନ୍‌ଏ କେନ୍ତା କର୍‌ବେ ପୁହୁଁଚେ ସେ କ୍ଷଣ୍ । ॥୧୭॥

ରାବଣ୍ ଉପରେଁ ଉଠି ଦେଖିଲା ମହାସମ୍‌ଦର୍ କୂଲେଁ
ବାନର୍ ଭାଲୁର୍ ସମ୍‌ଦର୍ ଆସେ ପୂନି ଜୁଆର୍ ତୁଲେଁ । ॥୧୮॥

ସେ ଭିତରେଁ ନୁରି ଦେଖିଲା ରାମ୍ ଅଛେ କାହିଁ ?
କାହିଁ ପାଏତା ? ଦଶ୍‌ହି ଦିଗ୍‌ତ ସଏନ୍ ଅଛନ୍ ଛାଇ । ॥୧୯॥

ସ୍ତିରୀ ସୀତା ବିହୀନ୍ ରାମ୍ କେନ୍ତା ଦିଶୁଥିବା ?
ଶୁନିଥିଲା ସୀତା ଗଲେଁ ରାମର୍ ଜୀବନ୍ ଯିବା । ॥୨୦॥

ସୀତା ଅଶୋକ୍ ବନେ ରାମର୍ ବିଶୋକ୍ ସରଗ୍ ବାସ୍
ହେବା ବର୍ଲିଁ ଥିଲା ତାର୍ ବର୍‌କଷ୍ ବିଶ୍ୱାସ । ॥୨୧॥

ହେଲେଁ ରାମ୍‌ର୍ ଇସାରାନେ ହନୁ ଆଏଲା ଲଂକା
ବନ୍ ଉଜ୍‌ଡ଼େଇ ଭବନ୍ ପୁଡ଼େଇ ବଟେଇ ନେଲା ଶଂଖା । ॥୨୨॥

ଶୁନିଥିଲା ମୁନିକର୍‌ନୁ ଅଭିନ୍ ସୀତା ରାମ୍
ସୀତା ପରେ ଶାନ୍ତି, ରାମ୍ ଆଏ ଆନନ୍ଦ୍ ଧାମ୍ । ॥୨୩॥

ଅଭିନ ସୀତାରାମ୍‌କୁଁ ପରେ କର୍ଲିଁ ଭିନ୍ ଭିନ୍
କା'ଣା ହେବା ଜାନ୍‌ବାର୍‌କେ ଗନି ରହୁଛେଁ ଦିନ୍ । ॥୨୪॥

କରିଛେଁ ତ କବାର୍ ଗୁଟେ ଯାହା ହେବାର୍ ହଉ
କିଏ ରହିଛେ ଯେ ମୁଇଁ ରହେମି କଥା କାଲ୍‌କେ ରହୁ । ॥୨୫॥

ଉପରେଁ ଥାଇ ଜାନ୍‌ଲା ଯେବେଁ ଲଡ଼େଇ ନିଶ୍ଚେ ହେବା
ତିଆର୍ ତାର୍ ଚାଲେ ଯେନ୍ତା ମାନ୍ ମହତ୍ ରହେବା । ॥୨୬॥

ଅଶୋକ୍ ବନେ ଦିହ୍ ସୀତାର୍, ମନ୍ ରାମର୍ ଠାନେ
ତାକର୍ 'ଆସ ଆସ' ଡାକ୍ ବାଜେ ତାକର୍ କାନେ । ॥୨୭॥

ରାମର୍ ମନ୍ ଏଛନି ଦଉଡ଼ି ଯାଏତେ ସୀତାର୍ ପାର୍
ହେଲେଁ ମଝିଁ ବାଟ୍ କାଟୁଛେ ଅପାର୍ ପାରାବାର୍ । ॥୨୮॥

ପ୍ରଭୁ ପ୍ରାଣୀର୍ ଭିତ୍‌ରେଁ ସଂସାର୍-ସାଗର୍ ବାଗିର୍
ସତର୍ ସାଗର୍ ସେନ୍ତା ଆଏଜ୍ ରାମ୍ ସୀତା ଲାଗିର୍ । ॥୨୯॥

ଗର୍‌ଜି ଉଠେ ସାଗର୍ ଧରି ଡଂଗର୍ ଲେଖେଁ ଲହରୀ
ରାମ୍ ସାଙ୍ଗେ ବାକି ଲୁକର୍ ଉଛାହ୍ ଆସେ ଉହୁରି । ॥୩୦॥

ରାମ୍ କହେଲେ ମିତ ହୋ ! କେନ୍ତା କର୍‌ମା କହ
ସାଗର୍ କହେ ଲଂକାଯିବ କା'ଣା ? ଇନେ ରହ । ॥୩୧॥

ସୁଗ୍ରୀ ଭାବ୍‌ଲେ କାମ୍‌ନା କଲେଁ ହେସି ଯାର୍ କାମ୍
ସମୁଦର୍ ତର୍‌ବାକେ ଆଏଜ୍ ହଦ୍‌ରନ୍ ସେ ରାମ୍ । ||୩୨||

ସାଗରର୍ ଯେ ସାଗର୍‌ଆଏ ଦୟା ସାଗର୍ ରାମ୍
ମୁନୁଷ୍ ହଇଛନ୍ ଦେଖାବେ ତ ମୁନୁଷ୍ ମେତାଲ୍ କାମ୍ । ||୩୩||

କହେଲେ ମିତ ଆମର ବିତ ସଏନ୍ ଅପ୍ରମିତ୍
କେନ୍‌ସିକଥା ନାଇଁ ରହେ ହେବା ଆମର୍ ଜିତ୍ । ||୩୪||

ସାଗର୍ କୂଲେଁ ବସି ରାମ୍ କରି ବସ୍‌ଲେ ଚିନ୍ତା
ଆଗେଁ ସାଗର୍ ପଛେଁ ରାବଣ୍ ଦେହେରୁଁ ଯାଇ ସୀତା । ||୩୫||

ଆତ୍ମା ପୁରୁଷ ହଡ୍‌ମାନ୍ ହଇଁ ଡାକେ ସୀତା ସୀତା’
ଶହେ ସାଗର୍ ଲହଁକି ହେତା ସାଙ୍ଗେଁ ଯଦ୍‌ରି ଥିତା । ||୩୬||

ଭାବ୍‌ନା ଥିଲା ମୁନୁଷ୍ ଯାହା ପାର୍‌ବା କର୍‌ମି ମୁଇଁ
ଅଧା ମୁନୁଷ୍ ହେଲିଁ ଯେଭୁଁ ସୀତା ଗଲା ଗୁଇଁ । ||୩୭||

ଜଗତ୍ ଜିତା ସୀତା-ରୂପ-ମନ୍ -ଦପ୍‌ନେ ଭାସେ
ପାଶ୍‌ରି ନୁହେ ଆଶ୍‌ରିଯ୍ ଆଏ ଅନୁଖନୁ ଆସେ । ||୩୮||

ଯଜ୍ଞ ଭୂଇଁନେ ଜନକ୍ ରଜା କରୁଥିଲେ ହଲ୍
ହୁରୁଦ୍ ଚିରିଁ ଧର୍‌ତୀ ମାତା ଅର୍‌ପି ନେଲା ଫଲ୍ । ||୩୯||

ଧର୍‌ତୀର୍ ଫଲ୍ ବର୍‌ତିଁ ରହେବା ମୋର୍ ହାତେଁ ଭଲ୍
ଲୋକ୍-ପର୍‌ତଖେଁ ସଁପି ନେଲେ ପର୍‌ଖୁଁ ମୋର୍ ବଲ୍ । ||୪୦||

ଜଗତ୍ ଜାନ୍‌ବା, ନାଇଁ ପାର୍‌ଲିଁ ସଁଭାଲିଁ ସେ ଫଲ୍
ଲୁଟି ନାଇଁ ପାରି ଚୁରାଲ୍ଲା ଚୋର୍ କେନ୍ ହୀନ୍ ବଲ୍ । ||୪୧||

ଚୁରି ଜିନିଷର୍ ଥାବ୍ ହଇଛେ ଚିହ୍ନା ପରିଛେ ଚୋର୍
ନାଇଁ ପାର୍‌ଲେଁ ଆନି, କାଏଁ ମାନ୍ ରହେବା ମୋର୍ ? ||୪୨||

ହୀନ୍‌ବଲ୍ ଚୋର୍ କହେବା ନିଜ୍‌କେ ପ୍ରବଲ୍ ପରାକ୍ରମୀ
ଯୋର୍ ଯା’ର୍ ଜଗତ୍ ତାର୍ ଲୋକ୍ କହେବେ ଭର୍‌ମି । ।।୪୩।।

ଯାହା ହେଲେଁ ବି ମହାସମୁଦର୍ ଲହଁକିବାକେ ପର୍‌ବା
କର୍‌ବାକେ ହେବା ଯେନ୍ତା ମହାନ୍ ଚୋର୍ ମର୍‌ବା । ।।୪୪।।

ହନୁ ପାଶେଁ ଦେଖି, କହନ୍ ‘‘କହ ଲଂକାର୍ ଖବର୍
ସଏନ୍ ସାମଁତ୍ କେତେ ? ଲଢ଼େଇ କେତେ ଜବ୍‌ର ? ।।୪୫।।

କେନ୍ତା କରି ଲହଁକି ହେବା ସମୁଦର୍ କେ କହ
ତୋର୍ ବାଗିର୍ ଡେଗ୍‌ବାର୍ ଲୋକ୍ ଆମର୍ ନାଇଁ ଜହ । ।।୪୬।।

ଶ’ଶ’ ଯୋଜନ୍ ମହାନ୍ ସାଗର୍ କେତେ ପାର୍‌ବେ ପହଁରି ?
ମାଛ୍ ମଗର୍ କଥା ପଛେଁ,କେନ୍ତା କାଟ୍‌ବେ ଲହରୀ । ।।୪୭।।

ହାତ୍ ଯୁଡ଼ିଁ ହନୁ କହେଲା ମୋର୍ ସାଗର୍ ଡେଗ୍‌ବାର୍
ସେ କହେବା ଯେ ଜାନିଛେ ନିଜର୍ ଥିତି ଅଗ୍‌ବାର୍ । ।।୪୮।।

ମୁଇଁ ଡ଼େଗ୍‌ଲିଁ କି କେ ଡ଼େଗାଲା, ସେ ହିଁ ଖାଲି ଜାନ୍‌ଏ
ପର୍‌ମାଣୁ କେ ପରମ୍ ଶକ୍ତି ମନ୍ କଲେଁ ଯେ ସାନ୍‌ଏ । ।।୪୯।।

ଯେ ଡ଼େଗାଲା ସାଗର୍ ମତେ ସେ କର୍‌ବା ପାର୍
ଅଜାନ୍ ବାହୁ ବାହିନୀକେ ଅପାର୍ ପାରାବାର୍ । ।।୫୦।।

ଦେଖି ଆଇଛେଁ ବିକ୍ରମ୍ ସାଙ୍ଗେ ବିଜ୍ଞତା ବିଜ୍ଞାନ୍
ଜଲିଁ ଯାଉଛନ୍ ଅଗ୍‌ନିଁ ହଏ ଅହେତୁକ୍ ଅଭିମାନ୍ । ।।୫୧।।

ମହାଦଏତକେ ତିଆଗ୍ କର୍‌ବାର୍ ଲଗିଁ ଅଛନ୍ ତିଆର୍
ଦଏତାରୀ ଯବ୍ ପୁହୁଚିଁ ଯିବେ ଦୁରାଚାରୀର୍ ଦୁଆର୍ । ।।୫୨।।

ସୁଗ୍ରୀବ୍ କହେ କହେବେ ଯେ ସିଆନ୍ ସୁଜନ୍ ଜାମ୍ବବ୍
ସେ ଅନ୍‌ସାରେଁ କର୍‌ମା ଆମର୍ ବୁତେଁ ଯାହା ସମ୍ଭବ୍ । ।।୫୩ ।।

ଜାମ୍ବବାନ୍ କହେଲେ ଅମ୍ବୁ ଅଧିପତିର୍ ସତ୍ତା
ପୁରାଣ୍ କହେ ବରୁଣ୍, ଆମେ କହୁଁ ଜଲ୍‌ଦେବତା । ॥୫୪॥

କେତେ ଆକାର୍ ଆବ୍‌ରି ରହେ କେତ୍‌ନି କେତେ ଗହେର୍
ତାହାକୁଁ ଘାଏ ଜନେଇ ଦେଖୁଁ ଆମର୍ ହାଏର୍ ଗୁହେର୍ । ॥୫୫॥

ମନେଇ ପାର୍‌ଲେଁ ଦେତା ଭାଏଲ୍ ଚାଲ୍‌ବାର୍‌କେ ବାଟ୍
ସେଥିଁ ଯାଏତାଁ ଲଂକା ଧରିଁ ଆମର୍ ସବୁ ଥାଟ୍ । ॥୫୬॥

ଇ କଥାକେ ରାମ୍ ସାଙ୍ଗେଁ ସମ୍‌କର୍ ମନ୍ ପାଏଲା
ଭାଂଜ୍‌ରି କାଟ୍‌ଲେ କେତେ ଯାର୍ ମନକେ ନାଇଁ ଆଏଲା । ॥୫୭॥

କେ କହେଲା ଡ଼େଗିନେମା କାଁ ପରିଛେ ଡ଼ର୍ ?
ବାଟ୍ ନାଇଁ ଦେଲେଁ ଥାଉ ତାର୍ ଭାବେଁ ସମ୍‌ଦୁର୍ । ॥୫୮॥

କେ କହେଲେ ବସ ଘାଏ ସଭେ ଦେମା ଶୁଷି
ଚ଼ଲୁ କରି ଶୁଷିଥିଲେ ତ ଅଗସ୍ତି ମହାରଷି । ॥୫୯॥

କିଏ କହେଲେ ଝିଟି ନେମା ଢୁଡ଼ା ଝିଟ୍‌ଲା ମେତାଲ୍
ଶୁଖାଇନେମା ଦକ୍ ଦକ୍ ଦିଶୁଥିବା ପାତାଲ୍ । ॥୬୦॥

ସବୁ କଥା ଶୁନି ରାମ୍ କହେଲେ ବାବୁ ଲକ୍ଷ୍ମଣ୍ ।
ବରୁଣ୍ ପୂଜାର୍ ବେବସ୍ଥା କର୍ ବାଆରି ଅମୃତ୍ କ୍ଷଣ୍ । ॥୬୧॥

ଉପ୍‌ରେଁ ଥାଇଁ ବଦ୍‌ରେଁ ଦେଖୁଥିଲା ରଜା ରାବ୍‌ଣ
ଲଂକା ଫିରିଁ ଡ଼କାଇ ନେଲା ମନ୍ତ୍ରୀ ଶୁକ୍ ସାରଣ୍ ॥୬୨॥

କୁମ୍ଭ କର୍ଣ୍ଣ ବିଭୀଷଣ୍ ପ୍ରହସ୍ତ ମେଘ୍‌ନାଦ୍
ବନ୍‌ଏ ଲୋକ୍‌ନୁ ଜନ୍‌ଏକେ ବି ଦେଲା ନାଇଁ ବାଦ୍ । ॥୬୩॥

ଆଦର୍ କରି ବସେଇ ସମ୍‌କୁଁ ବତାଏ ଦେଶର ଥିତି
କହେଲା ତୁମ୍‌କୁଁ ଧରି ତିନ୍‌ହି ପୁର ପାର୍‌ଲିଁ ଜିତି । ॥୬୪॥

ଇହାଦେ ଲଂକା ପୁର୍ ଆସନ୍ ରାମ ଲକ୍ଷ୍ମଣ୍ ଦୁହେ
ସୁଗ୍ରୀବ୍ ସାଙ୍ଗେଁ ମାକର୍ ଭାଲୁ ସଏନ୍ ଗନି ନୁହେ । ॥୬୫॥

ତାହୁଁ ଜନ୍‌ଏ ହନ୍‌ମାନ୍ ଆସି କରିଛେ ହୀନ୍‌ମାନ୍
କେନ୍ତା କଲେଁ ରହେବା କହ ଦେଶର୍ ସନ୍‌ମାନ୍ । ॥୬୬॥

ମନ୍ତ୍ରୀମାନେ ଯେ ଯେନ୍ତା କହେଲେ ବଢ଼ି ବଢ଼ି
ଜନ୍‌ଏ କହେଲେଁ ପାଁଚ୍, ଆର୍‌କ ପନ୍ଦରକେ ଯାଏ ଚଢ଼ି । ॥୬୭॥

ଆଏବେ ଆସୁନ୍ ମୁନୁଷ୍ ସାଙ୍ଗେଁ ଭାଲୁ ଆଉର୍ ମାକର୍
ଗୁଟା ଗୁଟା ଗିଲ୍‌ମା ପତା ନାଇଁ ରହେବା ତାକର୍ । ॥୬୮॥

ତ୍ରିପୁର୍ ଜିତା ରାବଣ୍ ପୁରେଁ କେନ୍ କଥାକେ ପୂର୍‌ବେ
ହରେଇ ନେବେ ଜୀବନ୍ ଯାଇ ଜନମ୍ ଜନମ୍ ନୁର୍‌ବେ । ॥୬୯॥

ମେଘନାଦ୍ କହେଁ ବୋଦ୍ କରି ଯଦ୍‌ରି ଦେଖନ୍ ଯୁଝି
ସେତ୍‌କି ବେଲେଁ ମେଘ୍‌ନାଦ୍ କିଏ ଆଏ ପାର୍‌ବେ ବୁଝି । ॥୭୦॥

ଇନ୍ଦ୍ରଜିତ୍‌ର୍ ବଲର୍ କେନ୍ କରି ପାର୍‌ବେ ଅଁଦ୍
ଫୁଟେ ଫୁଟେ ହେବେ ଗୁଟେ ଶର୍‌କେ ତ ନିଅଁଟ୍ । ॥୭୧॥

ଭାଗ୍‌ବାର୍ ବାଟ୍ ନାଇଁନ ହାତେଁ ଅଛେ ନାଗ୍ ଫାଶ୍
ବେଲ୍ ନାଇଁ ଲାଗେ ପଠାମି ରାମ୍ ଦେବ୍‌ତାର୍ ପାଶ୍ । ॥୭୨॥

କୁମ୍ଭକର୍ଣ୍ଣ କହେଲୋ "ଦାଦା ସୀତା ଆନ୍‌ଲ ଚୁରେଇ
ଲୁଟି ଆନିଥିତ ପଛେଁ ତୁଛେଁ ମାଏଲ୍ ନୁରେଇ । ॥୭୩॥

ମାୟାକରି ବାବା ବେଶେଁ ଆନି ପାର୍‌ଲ ସୀତା
ସେ ମାୟାନେ ରାମ୍‌ର ବେଶ୍ ତ ଅବେଶ୍ ହଇଥିତା । ॥୭୪॥

ରାମ୍-ରୂପେଁ ଆରାମ୍‌ନେ ତ ସୀତା କରତ ଭୋଗ୍
ଯଦି ପାରୁଛ ଜଲ୍‌ଦି କର କାଏଁ ଯିବା ସୁଯୋଗ୍ । ॥୭୫॥

ରାବଣ୍ କହେ ହେଁ କଥା କାଏଁ  ନାଇଁ ଦେଖିଛେଁ କରି
ମନେ ମନେ ରାମ୍‌ର୍ ରୂପ୍ ଆନ୍‌ଲେଁ ଘାଏ ବରି । ॥୭୬॥

ବର୍‌ହମ୍ ପଦ୍ ବି ସର୍‌ମି ଯାଏସି ପର୍‌ନାରୀ କଥା
କେ'ନ୍ ଠାନ୍ ପାଏସି ନୁରିମଲେଁ ବି ଦଶ୍‌ମଥା । ॥୭୭॥

ହେନ୍ତା କଥା ଛାଡ଼୍, ଚିନ୍ତା କର ଲଢ଼େଇର୍ ବିଷେ
ମନ୍‌ରଖା ଛାଡ଼ି, ମାନ୍ ରଖା କଥା କହ ଯାହା ଦିଶେ । ॥୭୮॥

ସଭାର୍ ଭୂଷଣ୍ ବିଭୀଷଣ୍ କହନ୍ ଧୀର୍ ଗଂଭୀର୍
ନାରୀ ଚୁରାବାର୍ ଉଚିଦ୍ ନୁହେ ତୁମର୍ ବାଗିର୍ ବୀର୍ । ॥୭୯॥

ହେଲୁଆ ଥିଁ ମୂଲା ଆଙ୍ଗଠିଁ ଫିକେ ଦୁଂଦୁଭିର୍ ହାଡ଼୍
ଗୁଟେ ଶରେଁ ବେଧିଲା ଜାନ୍‌ଅ ସାତ୍‌ଟା ଶକତ୍ ତାଲ୍ । ॥୮୦॥

ଗୁଟେ ଶରେଁ ବାଲୀ ବୀରର୍ ଜୀବନ୍ ଗଲା ସରି
ରାଜ୍‌ପଗଡ଼ି ପାଇ ସୁଗ୍ରୀ ପାଦ୍‌କେ ଅଛେ ଧରି । ॥୮୧॥

ଖର୍ ଦୂଷଣ୍ ତିଶ୍‌ରା ସହିତ୍ ତାକର୍ ସାରା ସଏନ୍
ଶେଷ୍ କର୍‌ଲା ବୀର୍‌କେ ସଭେ କରନ୍ ଧଏନ୍ ଧଏନ୍ । ॥୮୨॥

ତାର୍ ସେନାନୁ ଜନ୍‌ଏ ପାର୍ କରି ମହାସାଗର୍
ଆସି ନାଶି ପାର୍‌ଲା ଲଂକା ଲେଖେଁ ଈ ନଗର୍ । ॥୮୩॥

ସୂପ୍‌ନଖୀକେ ଉଖି କରି ଦିହ୍ ଲଲ୍‌ହିଆ ପନ୍
ମେଟାବାକେ ସୀତା ଚୁରାଲ ଉଛନ୍-କରି ମନ୍ । ॥୮୪॥

କିଏ ପଚାରେ ବଲବାନ୍ କେ ? କିଏ ହେଲାଏ ଦୁର୍ବଲ୍ ?
ଦୁର୍ବାର୍ ଆଏ ପାଏବାର୍ ଟା କବାର୍ ଜାନି ଫଲ୍ । ॥୮୫॥

କଥା ନାଇଁ, କରମ୍ ଫଲ୍ ଏକ୍‌ଲା କଲେ ଭୋଗ୍
ଅସୁରକ୍ଷିତ୍ ଅସୁର୍ ହେବେ ଭୁଗିଁ ସେ ଦୁର୍ଯୋଗ୍ । ॥୮୬॥

ଯାହା ହେଲା, ହେଲା ଇହାଦେ ଅଛେ ଗୁଟେ ବାଟ୍
ସୀତା ସଁପି ପାଦେ ତାର୍ ପର ଲାଗ୍ ଛାଟ୍ । ।।୮୭।।

ଅଜାନ୍‌ତକେଁ ହେଲା ଦୋଷ୍ ବଲିଁ ଦିଅ ଜନେଇ
ସଭା ସମେତ୍ ସଭେ ଯାଉଁ ଦେଖୁଁ ପଛେ ମନେଇ । ।।୮୮।।

ରାକ୍ଷସ୍ କୁଲ୍ ରକ୍ଷା ପାଏବେ ଯିବା ସବୁ ଶଂଖା
ପୁହୁଁଚାଲେଁ ଯାଇ ବଅଁଚି ଯିବ ଠହରି ଯିବା ଲଂକା । ।।୮୯।।

କହି ବିଭୀଷଣ୍ ଧଏଲେ ବଡ଼୍‌ଖା ଦଦାର୍ ପାହା
ମହା ରିଶ୍‌ମି ରାବଣ୍ ବକ୍‌ଲା ଯାହା ପାର୍‌ଲା ତାହା । ।।୯୦।।

"ଗୁରୁବାଗିର୍ କଥା କହିଁ ହୁରୁଦ୍ ଭିତ୍‌ରେଁ ହୁରୁ
ସେନୁହେଁ ସରାଗ୍ ଅସଂକଟ୍ ଲାଗେ ଗାଏଲ୍ ଝଗର୍ ନୁରୁ । ।।୯୧।।

ଶିହ ଶିହ ଥିଲ୍ ସହଜାଉଛୁ ଶିହରର୍ ଗୁନ୍‌ଗ୍ରାମ୍
ବଡ଼୍‌ଭାଇ ମୁଇଁ ଭଗାରୀ ତୋର୍ ବାରଦିନିଆଁ ରାମ୍ ? ।।୯୨।।

ଖୁଏଇ ପିଏଇ ପଢ଼େଇ ବଢ଼େଇ ଛୁଆନୁ କଲିଁ ବଡ଼୍
ଆପଦ୍ କାଲେଁ ସାହା ନୁହି କରୁଛୁ ଗଡ଼୍‌ବଡ଼୍ । ।।୯୩।।

ମାନବ୍ ଛାର୍ ପାଦେଁ ଲୁହାବା ଦାନବ୍ ରାଜ୍ ମଥା
କେନ୍ ମୁହେଁ ତୁଇଁ କହି ପାର୍‌ଲୁ ଏଡେ ନିଲଜ୍ କଥା । ।।୯୪।।

ସୀତା ପରେ ଶିରୀ ଆଏ ବିଶ୍ୱ ବ୍ରହ୍ମାଣ୍ଡର୍
ସବୁଦିନ୍ କାଏଁ ଅଧୀନେ ଥିବା ମୁନୁଷ୍ ପାଷାଣ୍ଡର୍ । ।।୯୫।।

କାଏଁ ଦୋଷ୍ ? ଶକ୍ତି ସାହାସେଁ କଲି ହାତ୍ ପାତ୍
ତୋର୍ କହେଁ କାଏଁ ଫିରାମି ? ହେଲେଁ ହେବା ପ୍ରାଣ୍‌ପାତ୍ । ।।୯୬।।

ବୀର୍ ଆଏଁ ନିର୍‌ଭଏ୍ ରହି ମର୍‌ମି ଏଖେଇ ଥରେ
ଶ'ଶ' ଥର୍ ମରେ ଯେ ତୋର୍ ଲେଖେଁ ଡର୍‌ହେଁ ଥରେ । ।।୯୭।।

ସେ ଭୂଇଁର୍ ମାନ୍ ଭୁଲୁ ଯାହିଁ ଜନମ୍  ଜାତ୍
ଡ଼ର୍‌ହା ମର୍‌ହାର୍ ଠାନ୍ ନାଇଁ ବଲିଁ ମାଏଲା ଲାତ୍ । ॥୯୮॥

ଗଗନ୍ ପବନ୍ ଦୁହ୍‌ଲିଁ ଗଲା ପୁର୍‌ଥୀ ଗଲା ହଲି
ଭାଗ୍‌ଲେ ବିଭୀଷଣ୍ 'ଭଗବାନ୍! ତୋର୍ ଇଛା ବଲି । ॥୯୯॥

ସମିଆ ହେଲା ଶଉଚ୍ ସଂଧାର୍ ରାମେନ୍ ଇନେ ଥାଉ
ମୁନି କହେଲେ ବେଲ୍‌ହଉ ବସ୍‌ମା ଭଜନ୍ ସାର ଯାଉଁ । ॥୧୦୦॥

ରାମ୍ ଭଜନ୍ ସାରି ସଭେ ଉଠ୍‌ଲେ ଛାଡ଼ି ଆସନ୍
ରାମ୍- ରାସ୍‌କେ ରସିଁ ହସିଁ କୁରିଆ ମାନ୍‌ଙ୍କୁ ଆସନ୍ । ॥୧୦୧॥

❑

# ପାଉଚ୍-୨

## ନଲର୍ ଜନମ୍ ଆର୍ ସେତୁବଂଧ୍ ମୂଲ୍ କଥା

ଚ଼ରା ସାରି ହେର୍‌ନା କୁଟ୍‌ରା ଶୁଇ କରନ୍ କାପ୍‌ଲି
ବେଲ୍‌କେ ପାୟୀ କର୍‌ବା ପଛିମ ଆକାଶ୍ ଫାରେ ପାପ୍‌ଲି । ॥୧॥

ପଛିମ୍ ଆକାଶ୍ ଖାକେଁ ବେଲର୍ ହଁସି ଦେଖ୍‌ନୋର୍ ଆଏ
ଦିଗ୍-ବିଖ୍‌ରା ଖରାର୍ ଧାର୍ ଉହୁରିଁ ଉହୁରିଁ ଯାଏ । ॥୨ ॥

ଆଶ୍ରମର୍ ସେ ବେଦୀ ଉପ୍‌ରେଁ ରାମେନ୍ ସଭା ଚାଲିଛେ
ଜାନି ସୂରୁଯ୍ ଖରା ମୂରୁଯ୍ ଆଶିଷ୍ ମେତାଲ୍ ଢାଲିଛେ । ॥୩॥

ମୁନି କହୁଛନ୍ ଖୁଲି ତାକର୍ ଲେଖ୍‌ଲା ରାମେନ୍ ପୁଥୀ
ମିଠା ଲାଗେ କଥା ରାମ୍-ରସେଁ ହଇ ବୁଥି । ॥୪॥

ଲାଜ୍ ଖାଇ ସଭା ଛାଡ଼ି ଭାଗ୍‌ଲେ ବୀଭୀଷଣ୍
ତାକର୍ ସାଙ୍ଗ୍ ନାଇଁ ଛାଡ୍‌ଲେ ମନ୍ତ୍ରୀ ଚାଏର୍ ଜନ୍ ॥୫॥

ସାଗର୍ ଆର ପାର୍ ଯିବାକେ ଆକାଶେଁ ଗଲେ ଉଡ଼ି
ରାମ୍-ରସ୍-ରତନାକରେଁ ସଭେ ଥିଲେ ନ ବୁଡ଼ି । ॥୬॥

ରାବଣ୍ ଉପରେଁ ବିଭୀଷଣର୍ ଟିକେ ନାଇଁ ରାଗ୍
ତାର୍ ଧର୍‌ମୁଁ ରାମର୍ ଆଡେଁ ବଢ୍‌ଲା ଅନୁରାଗ୍ । ॥୭॥

ବିନ୍ କଷ୍ଟେଁ କାଏଁ ଇଷ୍ଟ ଦର୍ଶନ୍ ହେତା ସୋଜ୍ ସୋଜ୍
ରାବଣ୍ ଆଏଜ୍ କର୍‌ଲା ସିନା ଆନନ୍ଦ ମୂରତିର୍ ଖୋଜ୍ । ॥୮॥

ମୁଁକାରୀ ହେଲେଁ ବି ଦଦା ବଡ଼େ ଉପ୍‌କାରୀ
ରାମ୍‌ନିକେ ଯା' ବଲିଁ ଦେଲାତ ନିକାରି । ॥୯॥

ତିନ୍ ଭାଏନୁ ଜନ୍‌ଏ ହେଲେଁ ଧରୁଁ ମଏତର୍ ପନ୍
ରାମର୍ ସାଙ୍ଗେ ଶତ୍ରୁ ପନେ ରହେବେ ଦୁହିଜନ୍ । ॥୧୦॥

ଯେ ଯେନ୍‌ବାଟେଁ ଯାଉ ଯିବାର୍ ଠାନ୍ ତ ଗୁଟେ
ମନ୍ ତନ୍ ଆର୍ ସାଧନ୍ ଜାନି ବାଟ୍ ଆସି ଜୁଟେ । ॥୧୧॥

ସାଗର୍ ଖଁଡିଁ ବାନର୍ ଭାଲୁର୍ ଭାଲ୍ ବିଚାର୍ ଭିତ୍ରେଁ
ଅଙ୍ଗଦ୍ ହନୁ ପାଶେଁ ସୁଗ୍ରୀବ୍ ବସନ୍ ଗୁଟେ ପଥ୍ରେଁ । ॥୧୨॥

ଉପ୍ରୁଁ ଥାଇ କହେଲେ ବିଭୀଷଣ୍; ବାନର୍ ରାଜ୍ !
ରାମ୍ ଆଶ୍ରା କରି ଆଇଛେ ରାବଣ୍‌ର ଭାଏ ଆଜ୍ । ॥୧୩॥

ରାବଣର୍ ନାଁ ଶୁନି ମାକର୍ ଭାଲୁ ପର୍‌ଲେ ଉତ୍‌କି
କାଣା କଲି ପଟାରନ୍ ନାଇଁ ଶୁନି ପାର୍‌ଲେ ଯେତ୍‌କି । ॥୧୪॥

ପଚ୍‌ରା ଉଚ୍‌ରା ହୁଅନ୍ "କିଏ ଆଏ" ? "କିଏ ଆଏ ?"
କେ କହେ ଆୟ୍ ମହାଭାରୀ ନାରୀଚୋରର୍ ଭାଏ । ॥୧୫॥

କଥା ହୁଅନ୍ କେନ୍ତା ଆଇଛେ କେନ୍ ମାୟା ନେଇ
ଦଦା ଚୁରାଲା ସୀତା, ଭାଏ ରାମ୍ ନଭେ ଚୁରେଇ । ॥୧୬॥

ତାହାର୍ ଆଗୁଁ ବାହାର୍ କରି ଆନ୍‌ମା ଦିହୁଁ ପରାନ୍
ଅସୁର୍ ହୀନ୍‌ତି- ବିନ୍‌ତିର୍ କେନେ କାହିଁ ଥିସି ଧରାନ୍ । ॥୧୭॥

ଦାଁତ୍‌ରୀ ମାଏଝିର୍ ହଁସା କନ୍ଦା ଏକ୍ ଯେନ୍ତା ଦିଶେ
ଭଲ୍ ମନ୍ଦ ବେଭାର୍ ନେଇ ହେନ୍ତା ଅସୁର୍ ମିଶେ । ॥୧୮॥

ସୁଗ୍ରୀବ୍ କହେଲେ ଆସି ଯାହା ଭୁଲ୍ କଲ କଲ
ସେନାକୁଁ ନାଇଁ ସଁଭ୍‌ଲେଇ ହଏ ତୁର୍‌ତି ପଲ ପଲ" ॥୧୯॥

ପଲାବାକେ ନାଇଁ ଆସି' କହେଲେ ବୀଭୀଷଣ୍
ରାମ୍ ଶରଣେ ରହେମି ଆଇନ୍ଛେଁ ସେଠାନୁ କରି ପଣ୍ । ॥୨୦॥

ରାମ୍ ନିଜେଁ କହେଲେଁ ଯିମି , ରହେମି କହେଲେଁ ରହ
ତାକ୍‌ର ଦର୍ଶନ୍ କରେଇ ନିଅ ଜଦ୍‌ରି ନୁହେ ସହ । ॥୨୧॥

କିଏ? ବଲିଁ ସେନା ଭିତ୍‌ରୁଁ ବାହାରି ପର୍‌ଲେ ରାମ୍
ମୁଇଁ ପ୍ରଭୁ ଲଂକାର୍ ଜନ୍‌ଏ ବିଭୀଷଣ୍ ନାମ୍ । ॥୨୨॥

ଜଗତ୍ ଜୟୀ ଲଂକରାଜ୍ ରାବଣ୍ ସୀତା ଚୋର୍
ଦରଦ୍ ହଏ କହେବାକେ ଦଦା ଆଏ ସେ ମୋର । ॥୨୩॥

ସବୁ ପରାନୀର୍ ପରମ୍ ସଂପଦ୍ ଆନନ୍ଦ୍ ରସ୍ ତୁଇଁ
ପାଏମି ଥିପେ ବଲିଁ ଆଇଛେଁ ଦଉଡ଼ି ଧୁପି ମୁଇଁ । ॥୨୪॥

ଧନ୍ ବିକ୍ରମ୍ କ୍ଷେମ୍‌ତା ବାଟେଁ ଦଦା ମରେ ଧାଇଁ
ଦୁଖେଁ ନୁରେ ସୁଖ୍ ମୂରୁଖ୍ ଆନନ୍ଦ୍ ପାଏବା କାହିଁ ? ॥୨୫॥

ଆନନ୍ଦ୍ ଠାନୁ ଶାନ୍ତି ଆନ୍‌ଏ ସୂର୍‌ଯୁଁ ତେଜ୍ କୁରିଁ
ଆନ୍‌ଲେଁ ସେ ତେଜେଁ ନିଜ୍‌କେ ମାରେ କାଏଁ ଝୁରିଁ । ॥୨୬॥

ଜଗଦ୍-ଶିରୀ ସୀତା, ଜଗତ୍ ପତି ଆ'ନ୍ ରାମ୍
ଯା'ର୍‌ଟା ତାର୍‌ନେ ସଁପି ରହେମା ଆନନ୍ଦ୍‌ନେ ଆରାମ୍ । ॥୨୭॥

ମୋର୍ କଥା କାଏଁ ଶୁନ୍‌ତା ? ଭଲ୍‌ଟା ପିଠିଁ ମାଏଲା ଲାତ୍
କହେଲା 'ଅସୁର୍ କୁଲର୍, କଲଙ୍କ ଯ ।' ଭାଗ୍ ବଜ୍‌ଜାତ୍ '। ॥୨୮॥

ଧନ୍ କ୍ଷେମ୍‌ତା ହାତେଁ ପୁର୍ଥୀର୍ ଶାନ୍ତି ହେସି ଚୁରି
ପାର୍‌ଲା ଲୁକର୍ ମୁଲ୍‌କି ହଁସା ଅପାରୁ ମରେ ଝୁରି । ॥୨୯॥

କୁଲ୍ ଛାଡ଼ି ଗୁତର୍ ଛାଡ଼୍‌ଲିଁ ଛାଡ଼୍‌ଲିଁ ବି ରାଏଜ୍
ତୋର୍ ଛାଡ଼ି ମୋର୍ ବଲବାର୍ କିହେ ନାଏଁନ ଆଏଜ୍ । ॥୩୦॥

ସବୁ ଧରି ସେ ଆନନ୍ଦ୍ ଖୁଜେ, ମୁଇଁ ଖୁଜେଁ ସବ୍ ତେଜି
ହେଜା ଲେଖାର୍ ବେଜା ବୁଡେ ତତେ ଏକ୍‌ଲା ହେଜି । ॥୩୧॥

ଦଦା ମାଗେ ରଣ୍, ରଣଧୀର୍ ! ମୁଇଁ ମାଗେଁ ଶରଣ୍
ଯାହା ମାଗ୍‌ଲେଁ ଦଉ, ଜାନେ, ଦାନେ ଅବାରଣ୍ । ॥୩୨॥

ବାନର୍ ରାଜ୍ କହେଲେ ମିତ ! ନାଇଁ ପର୍‌ବ ଭୁଲେଁ
ଦୟା ସମୁଦର୍ ସରିଯିବା ଅସୁର୍-ମାୟାର୍ ଭୋଲେଁ । ॥୩୩॥

ଜହ ହେଲେଁ ଛାଡ଼, ଯାଉ ସଁଖ୍‌ଲି ନିଜର୍ ପ୍ରାଣ୍
ରାମ୍ କହେଲେ ପଚ଼ରଉଁ ତ ଜାନ୍‌ବା ହନୁମାନ୍ । ॥୩୪॥

ହନୁ ଆସି କହେଲା ଦେଖ୍ ''ଇ ଜନ୍‌କର୍ ଲାଗି
ରାବଣ୍ ହାତୁ ପରାଣ୍ ପାଇ ଆସି ପାର୍‌ଲି ଭାଗି । ॥୩୫॥

ରାତି ଶମିଥିଲି ଯେବେଁ ଇ ବୁପ୍‌ରାର୍ ପୁର୍
ହରିର୍ ନାମ ଧରି ଥାଏ ହେଲେଁ ବି ଅସୁର୍ । ॥୩୬॥

ଝି' ତିର୍ଜଟା, ଘର୍‌ନୀ ସୁରମା, ସୀତା ମାଆଁକେ
ବୋଧ୍ ଦେଇ ଜୀଆଁଇ ରଖନ୍ ଜୁଗୁଆ ହଇ ନାଆଁ 'କେ' । ॥୩୭॥

ରାମ୍ କହେଲେ ''ଶୁନ୍‌ଲ ତ ମହାତମାକର୍ କଥା
ସହଜେଁ ଜହ ଜାନି ପାରନ୍ ଆହଦ୍ ଆତ୍‌ମାର୍ ବଥା । ॥୩୮॥

ଯେ ବି ହଉ ଶରଣ୍ ମାଗ୍‌ଲେଁ କରି ନୁହେ ନାଇଁ
ନାଇଁ କର୍‌ଲା ଲୁକର୍ ତିନ୍‌ହିଁ ଲୁକେଁ ଠାବ୍ କାହିଁ ?'' ॥୩୯॥

''ତଥାପି ମିତ''! ସୁଗ୍ରୀ କହେଲେ ବିଷେ ନୁହେ ଉଶ୍ୱାସ୍
କହୁନ୍ ଆମର୍ ତାକର୍ ଉପ୍‌ରେଁ ଯେନ୍ତା ହେବା ବିଶ୍ୱାସ୍'' ॥୪୦॥

ବିଭୀଷଣ୍ ରାମ୍‌ର୍ ପାହା ଉପ୍‌ରେଁ ଦୁଇ ହାତ୍ ଥୁଇ
କହେଲେ ''କପଟ୍ ଥିଲେ ଇନ୍‌କେ ଆସି ପାର୍‌ତି ମୁହିଁ ? ॥୪୧॥

ବିଶ୍ୱାସ ଭଙ୍ଗ ହେଲେଁ ପ୍ରାଣୀର୍ ହେସି ଯେନ୍ ଥିତି
କେହେନି ଦୁର୍ଗତି ତାହାକେ କାହିଁ ପାର୍‌କା ଜିତି । ॥୪୨॥

ସେ ଭର୍‌କ ଜାନେ ଏତ୍‌କି କର ହୋ ବିଶ୍ୱାସ୍
ରାମ୍ ଅବିଶ୍ୱାସ୍ କର୍‌ବା ଜାନେ ନରକ୍ ବାସ୍ ।" ।।୪୩।।

ରାମ୍ କହେଲେ "ଥାଉ, ହାଁଡ଼ିର୍ ଭାତ୍ ଚିପ୍‌ସନ୍ ଏକ୍
ସାଗର୍ ପାନି ଆନି କରାଲେ ରାଜ୍‌ପଦେଁ ଅଭିଷେକ୍ । ।।୪୪।।

ମଏତର୍ ହେଲାଁ ଇଭାବ୍ ଯାଉ କାଲ୍ କାଲ୍ ବଏତର୍ "
ବିଭୀଷଣ୍ ଶୁନି ପାହେଁ ପର୍‌ଲେ ଥର୍‌କେ ଥର୍ । ।।୪୫।।

ସୁଗ୍ରୀ କହେଲେ "ବିଭୀଷଣ୍‌କୁଁ ଦେଲ ଲଂକା ରାଏଜ୍
କେନ୍ତା କର୍‌ବ ରାବଣ୍ ଯଦ୍‌ରି ଶରଣ୍ ପଶେ ଆଏଜ୍ । ।।୪୬।।

ତାହାକେ କେନ୍ ରାଏଜ୍ ଦେବ ଭାବିଛ କାଏଁ ଘାଏ
ଅବଧ୍ ଦେଇ ଦେମି ଝାରେଁ ଆମେ ଚାରି ଭାଏ । ।।୪୭।।

ଯାଇ ତାହିଁ ରାଏଜ୍ ବସାସୁ ଭାଲୁ ମାକର୍ ନେଇ
ପାଏବାର୍‌ନୁ ବେଶୀ ଆନନ୍ଦ୍ ମିଲେ, ପାର୍‌ଲେଁ ଦେଇ" । ।।୪୮।।

ସୁଗ୍ରୀବ୍ ବିଭୀଷଣ୍ ସାଙ୍ଗେ ଅଙ୍ଗଦ୍ ହନୁମାନ୍
ପାହେଁ ପରି କହେଲେ ତୁଇଁ ମହାନୁ ମହାନ୍ । ।।୪୯।।

ତୋର୍ ମୂର୍ତ୍ତି ସୁନ୍ଦର୍ ମନ୍ ଆଉର୍ ମନୋରମ୍
ତୋର୍ ଭାବ୍‌ନା ବନା କରେ ପାଶେଁ ଆଏଲେଁ ବି ଯମ୍ । ।।୫୦।।

ବିଭୀଷଣ୍‌କେ ରାମ୍ କହେଲେ କେନ୍ତା କର୍‌ମା କହ
ଗରବ୍ ଗର୍‌ଗର୍ ଆଗର୍ ସାଗର୍ ଲହଡ଼ା ମାରେ ଜହ । ।।୫୧।।

ସୁଦ୍ ଭାବେଁ ଯାହିଁ କବାର୍ ପଟେ, ବଳର୍ ପ୍ରୟୋଜନ୍
କରବାର୍ ଦରକାର୍ ନାଇଁ କହେଲେ ବିଭୀଷଣ୍ । ।।୫୨।।

ସଭେ ଜାନନ୍ ତୁମେ ସବୁ କଥାକେ ପାର୍‌ବାର୍
ଚାହେଁଲେ ଘଡ଼୍‌କେଁ ଶୁଖାଇ ପାର୍‌ବ ଅପାର୍ ପାରାବାର୍ । ।।୫୩।।

ରାମ୍ କହେଲେ ଜଲ୍‌ଦେବ୍‌ତାର୍ ଥିଲା ପୂଜା ବିଚାର୍
ଲକ୍ଷ୍ମଣ୍ ବି ଠୁଲେଇଥିବା ପୂଜାର ଉପଚାର୍ । ॥୫୪॥

ରାମ୍ ବସ୍‌ଲେ ପୂଜା ଆସ୍‌ନେ ବାକୀ ସଏନ୍ ବଲ୍
ଖାଇ ବସ୍‌ଲେ ହୁଦାକେ ହୁଦା ଝାରେଁ ଝାରି ଫଲ୍ । ॥୫୫॥

ତା'ର୍ ଆଗୁଁ ଶାର୍ଦ୍ଦୁଲ ନାମେ ରାକ୍ଷସ୍ କେ ରାବଣ୍
ପଠେଇ ଥିଲା ଦେଖିବା କେନ୍ତା କଲା ବିଭୀଷଣ୍ । ॥୫୬॥

ସେ ଫେରି କହେଲେ ହଇଥିଲା ଯାହା ଯାହା
ବିଭୀଷଣ୍ ଆଶ୍ରା କରି ନେବାର୍ ରାମ୍-ପାହା । ॥୫୭॥

ଶୁକ୍ ମନ୍ତ୍ରୀକେ ପଠାଲା ଯା' ବିଭୀଷଣ୍ କେ ମନାଇ
ଫିରେଇ ଆନ୍‌ବୁ, ଚେଷ୍ଟା କର୍‌ବୁ ଥିବା ବାଲୀର୍ ଭାଇ । ॥୫୮॥

ତାର ହେଲେଁ କା'ଣା କଲିଁ ? ତାର୍ ଦଦା ମୋର୍ ବଂଧୁ
ଭୁଲାଇ ଆନ୍‌ଲେଁ ଭଲ୍ ହେତା ରାମ୍‌ର୍ ଭିଲ୍ ମଧୁଁ । ॥୫୯॥

ଶୁନ୍‌ତେ ସାଏର୍ ଶୁକ ଗଲା ଉଡ଼ି ଆର୍ ପାର୍
ସୁଗ୍ରୀବ୍‌କେ ଶୁନାଲା ରଜାର୍ ଦେଲା ସମାଚାର୍ । ॥୬୦॥

ସୁଗ୍ରୀ କହେଲେ "ମୁଇଁ ନାଇଁ ଯାଏଁ, ରାବଣ୍ ମୋର୍ ବିଶ୍ୱାସ୍
ଆଏ ଯଦ୍‌ରି ଆସୁ ଇନ୍‌କେ, ଦୁଖ୍ ହେବା ଉଶ୍ୱାସ୍ । ॥୬୧॥

ସରଗ୍ ନାଇଁ ପାରେ ଚଡ଼ବରଗ୍ ସୁଲଭ୍ ଆଏ
ସତ୍ କି ମିଛ୍ ରାମ୍ ପାଦ୍‌କେ ଆଏଲେଁ ଜାନ୍‌ତା ଘାଏ ।" । ॥୬୨॥

ବିଭୀଷଣ୍‌କେ ଶୁନାଲା ଯହୁଁ ରାବଣ୍ କହେଲା କଥା
ସେ କହେଲେ ବିନା ହାକେଁ ଦଦା ହଉଛେ ଅଥା । ॥୬୩॥

କହେବୁ ଯା'ଗା ଶୁକ ! ଆଏବା ଜାନ୍‌କୀକୁଁ ଧରି
ଆମେ ସଭେ ଜହି ଲାଗ୍‌ମୁ ରାମୁ ରାମର୍ ପାଦେଁ ପରି । ॥୬୪॥

ରାମ୍‌ର୍ ପାଦେଁ କା'ଣା ମିଲ୍‌ସି  ଆଏଲେଁ ପାର୍‌ବା ଜାନି
କ୍ଷେମ୍‌ତା ଅଭିମାନୀ ଆସୁଥରେ କଥା ମାନି । ॥୬୫॥

ରାମର୍ ପାହା ତଲୁଁ ଆଉର୍ ନାଇଁ  ଖସ୍‌ରେଁ ତିଲେ
ଇନେ ଥିଲେଁ ନାଇଁନ ଦରବ୍ ଯ ।ହା ନାଇଁ ମିଲେ । ॥୬୬॥

ଚ଼ରେ ରୂପେଁ ଶୁକ ଆସି ଫିରେ ତତାପନା
ରାବଣର୍ ଖବ୍‌ରିଆ ବଲିଁ ପର୍‌ଲା ଯହୁଁ ଜନା ॥୬୭॥

ଆସିଥିଲା କଁଟ୍‌ବାକେ ଆମର୍ ସଏନ୍ ବଲ୍
ଉପ୍‌ରେଁ ଉପ୍‌ରେଁ ଛାପ୍‌କି ନେଲେ ଭାଲୁମାକର୍ ଦଲ । ॥୬୮॥

ରାମର୍ କହେଁ ନାଇଁ ମାର୍‌ଲେଁ ରଖିଲେ ଛାଂଦି ବାଂଧି
କେ ଶୁନୁଛେ କେତେ ରକ୍‌ମେ ଦେଖିଲେଁ ବି ସେ କାଂଦି । ॥୬୯॥

ରାମ୍ ଦେଖିଲେ ପୂଜା ପାଠେଁ ନାଇଁ ଫଲବାର୍ ଫଲ୍
ସାଗର୍ ଚାହେଁ ଦେଖିବାକେ ମୋର୍ ନିଜର ବଲ୍ । ॥୭୦॥

ବିଦ୍ୟା-ବୁଦ୍ଧି ହତିଆର୍‌ଥିଁ ଶୁଖିବା ସମୁଦର୍
ସମୁଦର୍ ସାଙ୍ଗେଁ ସମ୍‌ଦର ବାସୀର୍ ହେବା ନିରାଦର୍ । ॥୭୧॥

ସଂକଳ୍ପ ସାଙ୍ଗେଁ ବରୁଣ୍ ପୂଜା ବେଦ୍ ବର୍ଣ୍ଣିତ୍ ବିଧି
ନାଇଁ କଲେଁ ନାଇଁ ହଏ କେହେନି କାମ୍‌ସିଧି । ॥୭୨॥

କଲିଁ ସିନା ବଲିଁ ରାମ୍ ସାଗର୍ ଖଁଡ଼ିଁ ବସି
ଉପ୍‌ରେଁ ଦେଖୁଥିଲା ଜନ୍ ତରା ସଙ୍ଗେଁ ହଁସି । ॥୭୩॥

ହୁର୍ ହୁରିଆ ଧୁକା ମାରେ ଠିଆ ଫୁଲିଆ ରାଏତ୍
ସୀତା ଆଡ଼୍‌କେ ଦଉଡ଼େ ମନ୍ ଅମନା ଅନାଏତ୍ । ॥୭୪॥

ସମୁଦର୍ ତାର ଲହରୀ-ହାତେଁ ଧୁଏ ରାମ୍‌ର ପାଦ୍
ସେ ସେଥିଁ ଲହଡ଼ା ଆସିଁ ମାଗେ ଆଶୀର୍ବାଦ୍ । ॥୭୫॥

ରାମ୍ ଭାବ୍‌ଲେ ସାଗର୍ କାଏଁ ଶୁଖ୍‌ବା ମୋର୍ କାଯେଁ
ସୃଷ୍ଟି କରତାର୍ ଦୃଷ୍ଟିଥିଁ ପର୍‌ମି ନାଇଁ ଲାଜେଁ । ॥୭୬॥

ତାହାକୁଁ ଲାଗ୍‌ଲା ଗୁଲ୍ ଗୁଲା ହଇଁ କହେ ପାରାବାର୍
ଦୁର୍ଚ୍ଛନା ହେବା ଆଏବା ଦିନେ ରାମ୍-କର୍ -କାର୍‌ବାର୍ । ॥୭୭॥

ଚେ଼ରେଷ୍ଟା କଲେଁ ବନି ପାର୍‌ବା ପାନିର୍ ଉପ୍‌ରେଁ ବାଟ୍
ହେଇ ପାର୍‌ଲେଁ ନାଇଁ ଡ଼ରାତା ଇ ସମୁଦର୍ ବିରାଟ୍ । ॥୭୮॥

ଭାବି ଭାବି ସାଗର୍ କୂଲେଁ ସକାଲ୍ ଆସେ ପାହି
ପହ୍ ପହ୍‌ନୁ ଜମ୍ବୁବାନ୍ ପୁହୁଁଚିଁ ଗଲେ ଯାଇ । ॥୭୯॥

ରାମ୍ କହେଲେ ଜମ୍ବୁବାନ୍ ! ମନ୍‌ଟା ମୋର୍ ଗୁପେ
ସମୁଦର୍‌କେ ଲହଁକିବାକେ କର କିଛି ଉପେ ।'' ॥୮୦॥

ଜମ୍ବୁବାନ୍ କହନ୍ ''ପ୍ରଭୁ ! ନୁହେ ବଡ଼୍ କଥା
ଆମର୍ ଭିତ୍‌ରେଁ ଅଛନ୍ ଲୋକ୍ ସୋଜ୍ ନୁହୁଁ ଅଥା । ॥୮୧॥

ବିଶ୍ୱକର୍ମାର୍ ବୀର୍ଯ୍ୟେଁ ଜନମ୍ ଅଛେ ବୀର୍ ନଲ୍
ବାପର୍ ବାଗିର୍ ସବୁ କବାରେଁ ମହାନ୍ କାରିଗର୍ । ॥୮୨॥

ସେତୁ ବନ୍‌ବା ସାଗର୍ ଉପରେଁ ହେତୁ କରେଇ ନେଲେଁ
ନିଜର୍ ଶକ୍ତିର୍ ହେଜ୍ ନାଇଁ ଥାଏ ସୋଜ୍ ବେଲେଁ । ॥୮୩॥

ଏତ୍‌କି ଶୁନି କୁଶ କହେଲା ମୁନିର୍ ପାହେଁ ପରି
କହିଛନ୍‌ତ ନଲ୍ ନୀଲ୍ ବାନର୍ ଆନ୍ ବଲିଁ । ॥୮୪॥

''ବିଶ୍ୱକର୍ମାର୍ ପୁଓ ମହାନ୍ କାରିଗର୍ ଥାଏ
ନିଜର ଶକ୍ତି ପାଶ୍‌ରି ଥିସି ସୋର୍ କରାଲେଁ ଯାଏ'' । ॥୮୫॥

କଥା ନାଇଁ ବୁଝି ହେବାର୍ ଆମର୍ ଶୁନ୍‌ବାର୍ ଲାଏକ୍
ଆଏ ଯଦ୍‌ରି କହେତ ଆମର୍ ସଁଶ୍‌ଏ ଯିବାର୍ ଯାଏକ୍ । ॥୮୬॥

କଥା ଶୁନି କହେଲେ ମୁନି  ଶୁନ୍‌ଅ ସିନେ କହୁଛେଁ
ନଲର୍ ଜନମ କରମ୍ କଥା ଆଡ଼େକେ ସମକ୍ରୁଁ ନଉଛେଁ ।  ॥୮୭॥

କେଶରୀର୍ ସିଆନୀ ଅଁଜ୍‌ନାର୍ ଝି' ଇନ୍ଦୁମତୀ
ଯୁଆନ୍ ସମିୟା ରୂପ୍‌ଲାଏବାନେ ବିଶେ ସୁନ୍ଦର୍ ଅତି ।  ॥୮୮॥

ବିଶ୍ୱକର୍ମା ସେ ଖେତ୍‌ନେ ଲୁଭେଁ ବୁନ୍‌ଲେ ବୀଜ୍
ଜନମ୍ ନେଲା ନଲ୍ ତାହାକେ କଲେ ଅତି  ନିଜ୍ ।  ॥୮୯॥

ବନା-କରା କବାର୍ କଲା ଯାହା ଥିଲା ତାକର୍
ଶିଖେଇ ନେଲେ ନଲ୍‌କେ ହଇଥିଲେଁ ବି ସେ ମାକର୍ ।  ॥୯୦॥

ମାଁ ସାଙ୍ଗେଁ ବୁଲେ ନଲ୍ ଖେଲି ପିଲା କାଲେଁ
ଭଲ୍ ଲାଗେ ଖେଲ୍‌ବାର୍‌କେ ଯୁଗୀ ଯଜ୍ଞ-ଶାଲେଁ ।  ॥୯୧॥

ମୁନି ମାନ୍‌କର ପୂଜା ସାମାନ୍ ଯାହା ପାରେ ଧରେ
ପାନି ପିଂଙ୍କି ଉଷଦ୍ ମାରେଁ ଉଦ୍‌କା ଡେଗା କରେ  ॥୯୨॥

ଋଷିମାନେ ସାମାନ୍ ମାନ୍ ନୁରି ନୁରିଁ ଅଥା
ରିଶ୍‌ମି ନୁହନ୍ କାଁ କର୍‌ତେଁ  ଛୁଆଟାକର୍ କଥା ।  ॥୯୩॥

ଯୋଗ୍ ଶିଖାଲେ ସେ ଛୁଆକେ ତାର୍ ହାତୁଁ ଦରବ୍
ପାନି ପର୍‌ଲେଁ ବି ନାଇଁ ବୁଡି ଉପ୍‌ଲୁଥିବା ସରବ୍ ।  ॥୯୪॥

କୁଶ କହେଲା ଉଷଦ୍ ହଇଁ ଭଲ୍ କଥାଟେ ଶୁନାଲ
ଅଏନ୍  କଥାଟେ ଅଜନା ଥିଲା ଯାହା ହେଉ ଜନାଲ୍ ।  ॥୯୫॥

ତାହାର୍ ପରେଁ ସାଗର୍ ତୀରେଁ ଯାହା ହେଲା କହ
ରାମ୍ ଜାମ୍ବବ୍ କଥାବାର୍ତ୍ତା ଆର୍ ହେଲା କାଏଁ ଜହ?  ॥୯୬॥

ମୁନି କହେଲେ ରାମ୍ ଆଗେଁ କହେ ଜାମ୍ବବ୍ ମନ୍ତ୍ରୀ
ହେତୁ କରାମା ସେତୁ ବନାବା ନଲ୍ ଆଏ ମହାଯନ୍ତ୍ରୀ ।  ॥୯୭॥

ସକାଲ୍‌ପୁଆନୁ ସଭେ ଲାଗ୍‌ଲେ  ଉସୁନିଦ୍ରା ଅଖିଆ
ଦଲବଲ୍ ସବ୍ ଏକଯୁଟ୍ ହେଲେ ନଲ୍ ହେଲା ମୁଖିଆ । ॥୯୮॥

ଶହେ ଯୋଜନ୍ ସାଗର୍ ଉପରେଁ ଦିନ୍ ପାଁଚ୍‌ଟା ଭିତରେଁ
ବାଟ୍‌ଟେ ହେଲା ତଲେଁ ପାଏନ୍ ପଥର୍ ପଡ୍‌ଲା ଉପରେଁ । ॥୯୯॥

ପଥର୍ ଉପ୍‌ରର ଖାଲ୍‌ଢିପ୍ ହେବା ବଲିଁ ପାଟି
ଦୁହାରି ବସ୍‌ଲେ ସାଗର୍ ଖଁଡୁଁ ବାଏଲ୍ ରୁଗ୍‌ଡି ମାଟି । ॥୧୦୦॥

ଏତେ ବଡ୍ କବାର୍ ଭିତ୍‌ରେ ଦୁଖ୍ ନାଏଁନ କା'ର
ଯାହାକେ ଦେଖ୍‌ଲେଁ ଦିଶେ ଗୁଟେ ଆନନ୍ଦର୍ ଆକାର୍ । ॥୧୦୧॥

ତହଁକା ତହଁକି ହଇଁ ଯେ ଯାହା ପାର୍‌ଲା ବୁହୁଛେ
ମୁହେଁ ରାମ୍ ମନ୍ ଭିତରେଁ ଅନନ୍ଦ-ନଏଦ୍ ବୁହୁଛେ । ॥୧୦୨॥

ଥିଲା ଥିଲା ଗୁଞ୍ଚା ମୂଷା ନାଇଁ ପାର୍‌ଲା ଠହରି
ପଥର ବୁହି ନାଇଁ ପାରିଁ ତ ମନ୍ ଯାଉଥିଲା କୁହ୍‌ରି । ॥୧୦୩॥

ବାଏଲ୍ ଦୁହାରାର ଦେଖୁଁ ବୁଡି ନିଏ ଘାଏ ପାନି
ବାଲିଁ ବୁଥୁଁ ହଇଁ ଝାରିଁ ହଏ ଝୁନି ଝାନି । ॥୧୦୪॥

ନିଘା କରୁଥିଲେ ରାମ୍ ସାନ୍ ହେଲେଁ ବି ଜୀବ୍
ଭଲ୍ କବାରେଁ ସାହେଯ୍ କରେ ଇ କଥା ଅଜିବ୍ । ॥୧୦୫॥

କୁଡେଁ ଧରି ଗୁଞ୍ଚା ମୂଷା ସୁଆଁଲି ଆନ୍‌ଲେ ହାତେଁ
ପାଁଚ୍ ଆଙ୍ଗଠିର ଚିହ୍ନା ନୁହେଁ ମେଟେ ଏବ୍ ଯାକେଁ । ॥୧୦୬॥

ପୁରାନ୍ ପୁଥୀ ସଁଖ୍‌ଲି ସାରି ମୁନି କହେଲେ ହେଲା
ଇନେ ଥାଉ ରାମେନ୍; ହେଲା ସଂଧିଆ ଶଉଚ୍ ବେଲା । ॥୧୦୭॥

ରାମ୍ ନାମେ ଭଜନ୍ ସାରି ଉଠ୍‌ଲେ ସଭାର୍ ସଭେ
ବେଲ୍ ଯାଏ ବୁଡ଼ି ବିଲମ୍ କାଏଁ କର୍‌ତେ ଲବେ । ॥୧୦୮॥

❑

# ପାଉଚ୍-୩

## ସେତୁବନ୍ଧ୍ ବନ୍ଧା ଆର୍ ରାବଣର୍ ଛତର୍‌ଭଙ୍ଗ୍

ଦିଗ୍-ସୁନ୍ଦରୀ ସେନ୍ଦୂର୍ ମାଖିଁ ପୂରବ୍ ଆଡେଁ ହସୁଛେଁ
ଭର୍‌ତି ବୟସେଁ ଧର୍‌ତୀ ରାନୀ ଡ଼ଙ୍ଗର୍ ଶିଘେଁ ରସୁଛେ । ॥୧॥

ହଁସି ଧାରେ ଖଁସି ଆସେ କୁରେ ଗଛର୍ ଟିପିଁ
ଚନ୍ଦନ୍ ଛିଟ୍‌କା ଶାଗୁଆ ଦିହେଁ କିଏ ଦେଲା ଲିପିଁ । ॥୨॥

ଯୁଇ ଜାଇ ମଲୀର୍ ମୁହେଁ ମହୁମାଛିର ଗୀତ୍
ଗଞ୍ଜା ଗଛେଁ ଗୁଞ୍ଜରି ଖେଲେ ସୁରଙ୍ଗ୍ ଅପ୍ରମିତ୍ । ॥୩॥

ଡାଲିମ୍ ଗଛର୍ ରଙ୍ଗୀନ୍ ଫୁଲେଁ ଫୁଲ୍‌ଚୁହିଁ ଚିଇଁ ଚିଇଁ
ଅପୂରୁବ୍ ଗୀତ୍ ଗାଏ ସଁପୁର୍ ଠଁଟେଁ ଛିଇଁ ଛିଇଁ । ॥୪॥

ରଙ୍ଗ୍ ମାଖେଁ ଗଙ୍ ଶିଉଲୀ ଆଶ୍ରମ୍ ଧୂଲିଁ ଗରୁଛେ
ଝରା ବଜ୍‌ରି ଆସେ ଯେତେ ଧରାନେ ସେତେ ଝରୁଛେ । ॥୫॥

ଶୁନ୍‌ବାର୍ ଲୋକ୍ ସଭେ ଆଏଲେ ଆଏଲେ ନ ମୁନି
ପୂଜା ସରି ଭଜନ୍ ସରେ ନୁହେ ସରେ ହୁମ୍ ଧୁନି । ॥୬॥

ମୁନି ପେସ୍‌ରାଲେ ରାମେନ୍ ପୁଥି ରାମ୍‌ରସ୍‌ନେ ଭୋଲ୍
ସେ ରସେଁ ଭୋଲ୍ ଲବକୁଶ ବାଂଧି ବୀନାର୍ ସୋର୍ । ॥୭॥

ବିତାଲା ଦିନ୍‌କେ ହେତାଇ ହେତାଇ ମନେ ମନେ ସୀତା
ଅଶୋକ୍ ବନର୍ ଶୋକ୍ ସୁର୍‌ତା କରି ଲାଗେ ପିତା । ॥୮॥

ମୁନି କହେଲେ ରାମେନ୍ ଶୁନି ଗୁନି ପାର୍‌ଲେଁ ଘାଏ
ପାଶ୍‌ରି ହେସି ଘାଏକେ ଜୀବନ୍ ଯାକର୍ ହାଏ ହାଏ । ॥୯॥

ସାଗର୍ ଉପ୍ରେଁ ମାରଗ୍ ଫିଟେ ପର୍ଛା ସମାନ୍ ନିମାନ୍
ବଡ଼୍‌କଷ୍ଟ୍ ଅଛେ କିନି କଁଟି ଆଏଲା ହନୁମାନ୍ । ॥୧୦॥

ରାମ୍‌କୁଁ ଆସି କହେଲା ପ୍ରଭୁ ଏତ୍‌କେଁ ଗଲେଁ ଚ଼ଲ୍‌ବା
ଦେଖ୍‌ଲେଁ ସିନା ରାକ୍ଷସ୍ କର୍ କଲ୍‌ଜା ଭଁଡା ହଲ୍‌ବା ॥୧୧॥

ପିଲାଟୀ ଗାଏ ଛୁଆ ଥିଲା ନିକେ ଯାଏସି ଶମି
ମାଟି-ମାଆ ସେନ୍ତା ସୀତାର୍ ନିକେ ଗଲା ଲମି । ॥୧୨॥

ଏନ୍ତା ଭାବି କହେଲେ ରାମ୍ ଭଲ୍ କଥାଟେ ହେଲା
ଶୁଭର୍ କାମେ ଶିବର୍ ପୂଜାର୍ ନୁହୁନ ଅବ୍‌ହେଲା । ॥୧୩॥

ଲହଁକିବାକେ ଜୀବନ୍ ସାରା ସଂସ୍ାର ସମୁଦର୍
ଦର୍‌କାର୍ ଥାଏ ଜୀବର୍ ଲାଗି ଶିବ୍ ସଦ୍ର ଆଦର୍ । ॥୧୪॥

ଇଶ୍ୱର୍ ପୂଜା ହେବା ଥାପ ଶିବ୍ ଲିଙ୍ଗଟେ ଆନି
ଯାଉଛେଁ ବଲିଁ କହେଲା ହନୁ ରାମ୍ ମନ୍‌କେ ଜାନି । ॥୧୫॥

ସୋର୍ ପାଇ ଠୋଲ୍ ହେଲେ ସାଧୁ ସିଦ୍ଧ-ସାଧକ୍
ପୂଜାକେ ଯେନ୍ତା ନାଇଁ ହେବା ଉନିଆଁ କେହେନି ବାଧକ୍ । ॥୧୬॥

ଲକ୍ଷ୍ମଣ୍ ଜାନି ସଁଖ୍‌ଲି ରଖନ୍ ପୂଜାର୍ ଉପଚାର୍
ଗଏସ୍ ଦୁଧିରା ଫୁଲ୍ ବେଲ୍ ପତର୍ ଭାର୍ ଭାର୍ । ॥୧୭॥

ସଭେ ଯାକ ବାଟ୍ ଦେଖୁଛନ୍ ହନୁ ପୁହୁଁଚେ ନୁହେ
ବିନା ଲିଙ୍ଗେ କେନ୍ତା କରି ପୂଜା ହେଲେଁ ହୁଏ । ॥୧୮॥

ମହାକାଲର୍ ପୂଜା ହେବା କାଲର୍ ମହତ୍ ଭୁଲି
ରାମ୍ ଥାଉନ୍ ମହତ୍ କାଲ୍ ପଲେଇଁ ଯିବା ଢୁଲିଁ । ॥୧୯॥

ହାତେଁ କର୍‌ଲେ ବାଲିର୍ ଲିଙ୍ଗ କରି ବସ୍‌ଲେ ପୂଜା
ହନୁ ପୁହୁଁଚି ଆଏଲେ ଧରି ପଥର୍ ଲିଙ୍ଗ ଉଁଜା । ॥୨୦॥

ରାମ୍  ଥାପ୍‌ଲା ଲିଙ୍ଗ ବିଖ୍ୟାତ୍ ରାମେଶରର୍ ନାମେ
ହନୁ ଆନ୍‌ଲା ଲିଙ୍ଗ ବି ଥାପିତ୍ ରହେଲା ସେ ଠାନେ ।                ॥୨୧॥

ରଖିବାକେ ହନୁମାନ୍‌ର ମନ୍ ସାଙ୍ଗେ ମାନ୍
ସେ ଲିଙ୍ଗକେ କହେଲେ ହନୁମଦୀଶ୍ୱର୍ ରାମ୍ ।                ॥୨୨॥

ପୂଜା ସର୍‌ଲା ସେତୁବନ୍ଧ ଉପ୍‌ରେଁ ଲାଗ୍‌ଲା ଧାଡ଼ି
ରାମ୍ ଲକ୍ଷ୍ମଣ୍ ପଛେଁ ବାନର୍ ସଏନ୍ ଗଲେ ମାଡ଼ି ।                ॥୨୩॥

ସୁଗ୍ରୀବ୍ ବିଭୀଷଣ୍ ସାଙ୍ଗେ ଅଙ୍ଗଦ୍ ହନୁମାନ୍
ନଲ୍ ନୀଲ୍ ସୁଷେଣ୍ ତାକର୍ ଆଗେଁ ଜମ୍ବୁବାନ୍ ।                ॥୨୪॥

ତାର୍ ପଛାପଛ୍ ଧାର୍ ଧରିଛନ୍  ଭାଲୁ ମାକର୍ ଦଲ୍
ମୁନୁଷ୍ ପଛେଁ ଯୁଟନ୍ ଅସୁମାରି ପଶୁବଲ୍ ।                ॥୨୫॥

ଶୁଇନ୍ ଚିତ୍ ମାରି କେ ପରୁଛେ ଚିତେ ଉପ୍‌ରୁଁ ତଲ୍‌କେ
ଉଲ୍‌ଟା ମାକର୍ ଚି଼ତେଁ ଫେର୍ ଫିରେ ତାର୍ ଦଲ୍‌କେ ।                ॥୨୬॥

ଝାଏଁ କରି କେ ଝଁପେଇ ହଏ ସେତୁ ତଲର୍ ପାନି
ହାତେ ଲହଁପେଇ ସାଙ୍ଗର୍ ଜନ୍‌ଏ ବଂଧିକେ ଆନେଟାନି ।                ॥୨୭॥

ସମୁଦର୍ ମହା ସୁନ୍ଦର ଦିଶେ ଠିଆଡେଁ ଦେଖନ୍ ରାମ୍
ସେତୁର୍ ତଲେଁ ପାନିର୍ ଜଂତୁ ଜମା ରହିଛନ୍ ଜାମ୍ ।                ॥୨୮॥

ରାମ୍ ଦେଖୁଛନ୍ ଏକସ୍‌କଁଟି ଜଁତୁ ଟଲନ୍ ନାଇଁ
ରାମ୍ ଦିଶନ୍ ସୁନ୍ଦରେ କାଏଁ ସେ ସଭେ ରହନ୍ ଚାହିଁ ।                ॥୨୯॥

ସେତୁର ତଲେଁ ସେତୁର୍ ଛାଏ ମେଡାଲ୍ ଗୁଟେ ସେତୁ
ତାର୍ ତାର୍ ତିଆରି ହଏ ଜଁତୁ ଜମ୍‌ବାର୍ ହେତୁ ।                ॥୩୦॥

କେନ୍ ଉଦୁର୍ଚ୍ଛା ମେଡାଲ୍ ମାକର୍ ଜଲ୍ ଜଁତ୍ କର୍ ପିଠି ।
ଉଦ୍‌କି ଡେଗି ବତ୍‌କିଁ ଭାଗେଲେଁଜେଁ ପାଏନ୍ ପିଟିଁ ।                ॥୩୧॥

ଆକାଶ୍ ପୂରିଁ ଯାଏ ଜୟ ରାମ୍ ଶବ୍‌ଦର୍ ହୁରି
ଶର୍ ଲେଖେଁ ସେ ଶବଦ୍ ରାବଣ୍ ହୁର୍‌ଦେଁ ହଏ ହୁରି । ॥୩୨॥

ବଁଧା ଥିଲା ଶୁକ୍ ମନ୍ତ୍ରୀ ତାହାକେ ଦେଲେ ଢ଼ିଲି
ଅପଥି ପରେଁ ବେମାର୍ ବାଗିର୍ ଲଂକା ଗଲା ଫିରି । ॥୩୩॥

ରାବଣ୍ ଆଗେଁ କହେଲା ଯାଇ ରାମ୍‌ର୍ ଯାବତ୍ କଥା
ଶୁନ୍‌ବାର୍‌କେ ଆତୁର୍ ଥିଲା ଆଗତୁରୁଁ ଦଶ୍‌ମଥା । ॥୩୪॥

ରାମ୍‌ର୍ ଆଚାର୍ ବିଚାର୍ ଚାଲି ଚଲନ୍ କେଡେ ଅଏନ୍
ତାକର୍ ପଡ଼୍‌ଉଭିତ୍‌ରେଁ ପଡ଼ି ଲାଗ୍‌ଲା ମତେ ଧଏନ୍ । ॥୩୫॥

ମାକର୍ ମାନେ ମାରିଥିଲେ ନ ତାକର୍ କହେଁ ଜୀଇଁବାର୍
ରାବଣ୍‌କେ କାଏଁ ସୁଖ୍ ଲାଗ୍‌ତା ରାମର୍ ଗୁନ୍ ଗାଏବାର୍ । ॥୩୬॥

‘‘ପର୍‌ଶଁସା ତାର୍ ବନ୍ଦ୍ କର୍ ବୋ’’ କହେଲା ଦଶ୍‌ଶିର୍
‘‘ସଏନ୍ ସାଁମଁତ୍ କେତେ ଅଛନ୍ ? କେନ୍ତା ଅଛନ୍ ବୀର୍ ? ॥୩୭॥

‘ମତେ ଯିବାକେ ପର୍‌ବା କି ? ପିଲେ ପାର୍‌ବେ ଖେଦି ?
‘‘ଶଂକା ଅଛେ କାଏଁ ଲଂକା ଗଡ୍‌କେ ପାର୍‌ବେ ଭେଦି ? ॥୩୮॥

ଶୁକ କହେଲା ମହାରାଜ ହୋ ! ‘ରିଶ୍‌ମି ହେଲେଁ ହୁଅ
ସତ୍ କହୁଛେଁ ରାମ୍- ସଏନର୍ ସନ୍‌ଶିଆ କିହେ ନୁହ । ॥୩୯॥

ରାମ୍‌କୁଁ ଛାଡ଼୍, ରାମ୍‌ର୍ ଆଦେଶ୍ ଯାହାକେ ବି ମିଲ୍‌ବା
ତାର୍ ପର୍‌ତାପେଁ ଲଂକା ନଗର୍ ସାଗର୍ ପାନି ମିଲ୍‌ବା । ॥୪୦॥

ଇ ସବ୍ ଶୁନି ରାବଣ୍ ମନେ ଘର୍ କର୍‌ଲା ଡ଼ର୍
ସତ୍ ମିଛ୍ ସବୁ ବିଡ୍‌ବାକେ ପଠାଲା ଗୁପତ୍‌ଚର୍ । ॥୪୧॥

ରାମ୍‌ର୍ ଦଲ୍‌ବଲ୍ ସବୁ ସେତୁ ଉପ୍‌ରେଁ ଆସି
ସୁବଲ୍ ପର୍‌ବତେଁ ରହନ୍ ଦେଖନ୍ ଲଂକାବାସୀ । ॥୪୨॥

ସେ ପର୍‌ବତେଁ ଗଛ୍ ପତରର୍ କିଛି ଅଭାବ୍ ନାହିଁ
ଯାହାକେ ଯେତେ ଫଲ୍‌ମୂଲ୍ ଯେ ଚାହେଁବା ଯାହିଁ । ॥୪୩॥

ଚିକନ୍ ସୁନ୍ଦର୍ ପଥର୍‌ମାନେ ପିତା ଲେଖେଁ ପରିଛନ୍
ଝଁକ୍‌ଲା ପାଏନ୍ ନେଇଁ ଆଗୁଁ ଝର୍‌ନା ମାନେ ଝରିଛନ୍ । ॥୪୪॥

ହଜାର୍ ରକମ୍ ଫୁଲ୍ ଫୁଟିଛନ୍ ପାରିଜାତ୍ ନାଇଁ ପାରେ
ରାମର୍ ମନ୍ ଆକୁଲ୍ ବିକୁଲ୍ ସୀତା-ସୁର୍‌ତା ଘାରେ । ॥୪୫॥

ପଛେଁ ଗର୍‌ଜେ ମହା ସମୁଦର୍ ରତନ୍ ଭର୍‌ପୁର୍
ଆଗ୍ ଆଡେଁ ଠାଡ୍ ସାତ୍‌ପୁରିଆ କନକ୍ ଲଂକା ପୁର୍ । ॥୪୬॥

ଜହ୍ନ ବେଲ୍ ବି ନାଇଁ ଥିଲେଁ କାହିଁ ଆକାଶ୍ ସାରା
ନଗ୍‌ରେଁ ସଜା ରତନ୍‌ମାନ୍‌କୁଁ ଝରେ ଉକିଆର୍ ଧାରା । ॥୪୭॥

ଏଡ଼େ ସୁନ୍ଦର୍ ଠାନ୍‌ଟେ ଦେଖି ରାମ୍ ହେଲେ ମୋହିତ୍
କେନ୍ ମୋହ୍‌ନେ ପଡ଼ି ରାବଣ୍ ଡ଼ାକ୍‌ଲା ନିଜର୍ ଅହିତ୍ । ॥୪୮॥

ଇ ଭିତ୍‌ରେଁ କେନେ ଥିବା ସୀତା ଜୀବନ୍ ମୋର୍
ଠକି ନାରିଁ କେନ୍ତା କରି ରଖେ ନାରୀ ଚୋର୍ ? ॥୪୯॥

ମନର୍ କଥା ମନେ ରଖି ଡ଼ାକ୍‌ଲେ ବାବୁ ! ଲକ୍ଷ୍ମଣ୍ !
ହନୁ ସୁଗ୍ରୀବ୍ ଜାମ୍ବୁବାନ୍ ଅଙ୍ଗଦ୍ ବିଭୀଷଣ୍ । ॥୫୦॥

ନଲ୍ ନୀଲ୍ ସୁଷେଣ୍ ପନସ୍ ଶ୍ୱେତ୍ କୁମୁଦ୍ ବୀର୍
ସଭେ ଆସି ଠିଆ ରାମର୍ ଆଗେଁ ଲୁହାଇ ଶିର୍ । ॥୫୧॥

କହେଲେ, "ଭାଇ ! ଜାଗାଟିକ୍‌କ ସୁନ୍ଦର୍ ମୋର୍ ଆଖିଁ
କେଡ଼େ ସୁନ୍ଦର୍ ଆଁଶ୍ ପାଶ୍ ଦେଖ ଆଖି ପାଖି । ॥୫୨॥

ପଡ଼ଉ ପଡୁ ଇ ଠାନେ ନ ସଭେ ତାକି ତର୍‌କି
ରହ, ସୋଜ୍ କଥାଁ କେ ଯିବ ନାଇଁ ଭିର୍‌କି । ॥୫୩॥

ନଠି ଜାଗା ଦେଖି ରହୁନ୍ କଠିନ୍ ଜାନି ବୀର୍
କେତେବେଲେଁ କା'ଣା କର୍‌ବା କେ ଜାନ୍‌ଏ ? ଦଶ୍ ଶିର୍ । ॥୫୪॥

ମହାବୀର୍ ସବ୍ ମୁଦ୍ ଲୁହାଇ ମାନି ନେଲେ କଥା
ରାବଣ୍ ଶୁନି ସେ ଆଡେଁ ସବ୍ ରାଜ୍ ମହଲେଁ ଅଥା । ॥୫୫॥

ମନ୍ତ୍ରୀ ଦୂତ୍ ଗୁପତ୍‌ଚର୍ ଯେ' ଯେ' ଦେଖି ଫିରନ୍
ବନ୍‌ଏ ଗହେଲୁଁ ସହରେଇ କରି ରାମ୍‌ର କଥା ଯୁରନ୍ । ॥୫୬॥

ଗଡ଼୍‌ବଡ଼୍ ଥିବାର୍ ବଡ଼ା କଥାଟେ କହନ୍ ଖୁଲା ଖୁଲି
ରାଜ୍-ଭାଇ ବିଭୀଷଣ୍ ଅଛନ୍ ସେନ ନୁହେ ଭୁଲି । ॥୫୭॥

ଗଛର୍-ବେଁଟ୍ ଲାଗି କୁଢ଼େର୍ ପଶିଛେ ତ ଝାର୍‌କେ
ଗଛ ବଅଁଶ୍ କାଏଁ ରହେବା ? ନୁକୋ ରଖିଲେଁ ଧାର୍‌କେ । ॥୫୮॥

ଭିତ୍‌ରି ବାହାରି ସବୁ କଥା ବତାଇ ନେବା ରାମ୍‌କେ
ବତାବା ବି କିଏ କେନ୍ତା ଯିବା ମୁର୍‌ତୁ ଧାମ୍‌କେ । ॥୫୯॥

ଯାହା ହେଲେଁ ବି ରାମ୍‌କେ ଆଉର୍ ନାଇଁ ହଏ ନ ପାରି
ଦେଖୁନ୍ ଦେଖୁନ୍ ମହା ସମୁଦର୍ ହଇଁଗଲା ନ ପାରି । ॥୬୦॥

ଭଲ୍ ହେତା ଜଲ୍‌ଦି ସୀତା ଦେଲେଁ ସଁପି ସାରି
କେନ୍ ଛଟକେଁ ଖଡ଼୍‌ଗେଁ କେ ଟିଁଟି ଦେବା ସାରି । ॥୬୧॥

ଇ କଥା ମାନ୍ ଶୁନି ରାବଣ୍ ରାଗେଁ ଯାଏ ଜଲି
କହେ ତୁର୍‌ତି ବୀର୍ ମାନଙ୍କର୍ ସଭା ଡ଼ାକ ବଲି । ॥୬୨॥

ଅଗ୍‌ବିର୍ ବୀର୍‌ମାନେ ବସି କହନ୍ ବଢ଼ି ବଢ଼ି
ତ୍ରିପୁର୍ ଜିତା ରାବଣ୍ ଆଗେଁ ରହେବା କାହାର୍ ଧାଡି । ॥୬୩॥

ବେଙ୍ଗ୍ ଆଉଛନ୍ ସାଁପ୍‌ର୍ ସାଙ୍ଗେ ଲଢ଼େଇ କର୍‌ବେ ପରେ
ଗରୁଡ଼୍ ସାଙ୍ଗେ ଲଡ଼୍‌ବାକେ ସାଁପ୍ ଅସ୍ତର୍ ଧରେ । ॥୬୪॥

ମନ୍ତରଖା କଥା କହି  ଜାନିଛନ୍ ମାନୀର୍ ମନ୍ ମନେଇ
ଯେ ଯେନ୍ତା ଜାନିଥିଲେଁ ବି ଆଏଇ୍ ନୁହେଁ ଜନେଇ । ॥୬୫॥

ରାବଣ୍ କହେଲା ଆସୁନ୍ ଆସୁନ୍ ଆସିଁଗଲେ ନ ଥାଉନ୍
ଦିନ୍ ଦୁଇଟା ଭୁଖେଁ ଦୁଖେଁ ମରି ଫିରିଁ ଯାଉନ୍ । ॥୬୬॥

ଗଡ୍ ଦୁଆର୍ ସବୁ୍ ବନ୍ଦ୍ କର, କେ'ନୁ ପାଏବେ ଖାଏଦ୍
ଲୋକ୍ ପାଏବେ ଗୁଟା ଗୁଟା ଶବ୍ ମାର୍ଲା ସଏଦ୍ । ॥୬୭॥

ରାଜ୍ ଦୁଆର ବନ୍ଦ୍ ହେଲେଁ ଖୁଲା ଯମର୍ ଦୁଆର୍
ବାନର୍ ଭାଲୁ ଆଦ୍‌ମା ଆଏବେ ଯମ୍ ରହୁନ୍ ତିଆର୍ । ॥୬୮॥

ରାଜ୍ ମହଲ୍‌କେ ଗଲା ରାବଣର୍ ଚିନ୍ତାଗଲା ନାହିଁ
ରାମ୍ ଲକ୍ଷ୍ମଣ୍-ଦେଖିବାକେ ମନ୍ ପରୁଛେ ଧାଇଁ । ॥୬୯॥

ପର୍ କଥାଥିଁ ଡ଼ର୍ ବଢୁଛେ, ନିଜେଁ ଆସେଁ ଦେଖି
ଦୁଖାଲା ମନ୍‌କେ ଦେଖ୍‌ଲା ଦୁର୍‌ଶେଁ ନେସିଁ ଟିକେ ସେଁକି । ॥୭୦॥

ରତନ୍ ମୁକୁଟ୍  ଯତନ୍ କରି ବାଁଧି ବାହାରେ ମୁଣ୍ଡେଁ
ଉପ୍‌ରେଁ ଅସୁମାରି ଛତ୍‌ରେ ଧରାଏ ବନ୍ଏ ତୁଣ୍ଡେଁ । ॥୭୧॥

ପୁଷ୍ପକ୍ ବିମାନେ ଚଢ଼ି ମହାକାଶ୍‌କେ ଉଡ଼୍‌ଲା
ରାମ୍ ଦଲ୍ ବଲ୍ ସୁବଲ୍ ଗିରିଁ ଥିବାର୍ ନଜର୍ ପଡ୍‌ଲା । ॥୭୨॥

ଦେଖି ଆଶ୍‌ରିଯ୍ ସାଗର୍ ଖଁଡୁ କିସ୍‌କିଁଧିଆ ତକ୍ ସଏନ୍
ଆସୁଛନ୍ ଯେ ନାଇଁ ସର୍‌ବାର୍ ସୁଗ୍ରୀବ୍ ଧଏନ୍‌ଧଏନ୍ । ॥୭୩॥

ସୁବଲ୍ ଗିରି ଶିଘେଁ ରାମ୍-ସମର୍ ଛାଲେଁ ବସିଛେ
ସୁଗ୍ରୀର ଛାତିଁ ପିଠିକେ ଥାପିଁ ଅଭିନ୍ ଭାବେଁ ମିଶିଛେ । ॥୭୪॥

ଭୁଜ୍‌ନି ହାତ୍ ଅଙ୍ଗଦ୍ ଖନ୍ଦେଁ ଡ଼େବ୍‌ରି ପାହା ହନୁ
କୁରୁଦ୍ କୁରୁଦ୍ ହଏ ସୁଆଲିଁ କରି ଅନୁଖନୁ । ॥୭୫॥

ଧନୁ ଧରିଛେ ଢ଼େବ୍ରି ହାତେଁ ଶର୍ ହଇଛେ ଯୁଖି
ଯାହିଁ ଛାଡ଼୍‌ଲେ ତାହିଁ ପଲାବା ଦିଶେ ସରବ୍ ମୁଖୀ । ।।୭୬।।

ଏକେଁ ସୁବଲ୍ ଢ଼ଙ୍ଗର୍ ସୁନ୍ଦର୍ ତାହିଁ ସୁନ୍ଦର୍ ରାମ୍
ସୁନ୍ଦର୍ ପନ୍ ଆସିଁ ଇନେ ନେଇଛେ, ନିଏଁ ଆରାମ୍ । ।।୭୭।।

ଢ଼େବ୍ରି ଫାଲ୍‌କେ ଆବ୍ରି ବସେ ଗୁରାତକ୍‌ତକ୍ ଲକ୍ଷ୍ମଣ୍
ଲଂକା ଆଡ଼୍‌କେ ରିଶ୍ମି ନଜର୍ ନର୍‌ଦେ ନ ହର୍ ଷଣ୍ । ।।୭୮।।

ବିଭୀଷଣ୍ ବୀର୍ ବିଭିନ୍ କଥା କହେ ରାମର୍ କାନେ
ରାବଣ୍ ଭାବେ ମଙ୍ଗଲ୍ ନାଇଁ ଇଯେ ଥିଲେଁ ଜାନେ । ।।୭୯।।

ବେଲ୍ ଉଡ଼ାଲ୍ ହେଲା ରାବଣ୍ ଆର୍ ତାର୍ ବିମାନ୍
ଅଁଧାର୍ ହଉଁ ବିଭୀଷଣ୍ କେ ପଚାରି ଦେଖିଲେ ରାମ୍ । ।।୮୦।।

କା'ଣା ହେଲା କହ ମିତ, କିଏ ଅଛେ ଉପ୍‌ରେଁ
ବିଭୀଷଣ୍ କହେ ଲଂକେଶ୍ ଆଏ ସେନା କଲେ ବଦ୍‌ରେଁ । ।।୮୧।।

ବିଭୀଷଣର୍ ମୁହଁ ରାମ୍‌ର୍ କାନର୍ ପାଶେଁ ଦେଖି
ରିଶ୍‌ମିଥିଁ ଥର୍ ଥରାଲା ରାବଣ୍ ଗଦା ଟେକିଁ । ।।୮୨।।

ରାଗେଁ ଫିକିନେଲା ସୁତ୍‌ରେଁ ଦେଖି ବିଭୀଷଣ୍
ହନୁ ଉପ୍‌ରେଁ ଉପ୍‌ରେଁ ଛିନି ନେଲା ତତକ୍ଷଣ୍ । ।।୮୩।।

ନଲୀ ହାତେଁ ଦଁତାଇ ଗଦା ଭାଗେ କୁଶେର୍ ବାଗିର୍
ରାମ୍ କହେଲେ ବଅଁଚିଗଲ ସଖା ହନୁର୍ ଲାଗିର୍ । ।।୮୪।।

ରାମ୍ ହାତର୍ ଧୁନେ ଯୁଖା ହଇଥିଲା ଯେନ୍ ଶର୍
ରାବଣ୍ ଉପ୍‌ରେଁ ଟନା ଛତର୍ କାଟ୍‌ଲା ଚ଼ରଚ଼ର୍ । ।।୮୫।।

ସେ ସବୁ ତ ଖଣ୍ ଖଣ୍ ହଇଁ ଇନୁ ସେନୁ ପଡ଼୍‌ଲା
ଭୂଇଁ ପାନି ପଡ଼ିଁ କେତେ ପବ୍‌ନେ ବି ଉଡ଼୍‌ଲେ । ।।୮୬।।

ରାବଣ୍ ମନେ ଘର୍ କର୍‌ଲା  ଡର୍ ଜହ ଜହ
ରାମ୍‌ବାଣର୍ ସାଙ୍ଗେଁ ପହେଲା ପର୍‌ଚେ ହେଲା ତୟ୍ ।    ॥୮୭॥

ଛତର୍ ଥରେ ଛିନ୍ ଛତର୍ ହଇଁ ଅଶୋକ୍ ବନେ କିଛି
ପଡି ଉଡ଼ିଥିଲା ଯାହିଁ ତାହିଁ ହଇଁ ବିଛି ।    ॥୮୮॥

ସୀତାର୍ ନଜ୍‌ରେଁ ପଡୁଁ ଜାନ୍‌ଲେଁ ପଚ୍‌ରା ପଚ୍‌ରି କରି
ରାମ୍ ଆଏଲେ ନ ଲଂକା ତାକର୍ ଦଲ୍ ବଲ୍ ସବ୍ ଧରି ।    ॥୮୯॥

ଦୁଖ୍-ସମୁଦର୍ ଘଡ୍‌କର୍ ମାଏନ୍ ପରିଁଗଲା ଉଠା
ଭାବ୍‌ଲେ ଦିନ୍ ସରିଁ ଆଉଛେ ହେବାର୍ ହଟ୍ ହଟା ।    ॥୯୦॥

ରାମ୍-ରସ୍ ମଧୁର୍ ଲାଗେ ବାକୀ ସବୁ ପିତା
ମାଖି ଚାଖୀ କେ ଜାନିଛେ ? ଏଖେଇ ଜାନନ୍ ସୀତା ।    ॥୯୧॥

ଦୁଖ୍ ପାଇଁ ବି ଉଦ୍‌ରିଁ ଆଏଲେ ଅଭାଗିନୀର୍ ଲାଗି
କାଁ କର୍‌ତିଁ ? ପାଶ୍‌ରିଁ  ମତେ ପଲେଇଥିଲେଁ ଭାଗି ।    ॥୯୨॥

ହୀନ୍‌ମାନୀ ମୋର୍ ଲାଗିଁ ହେବା କେତେ ହନା କଟା
ଗୁଟେ ନାରୀ ଲାଗିଁ ହଜାର୍ ନାରୀର୍ କପାଲ୍ ଫଟା ।    ॥୯୩॥

ଗୁଟେ ଦୁଷୀର୍ ଲାଗି କେତେ ନିର୍ଦ୍ଦୋଷ୍ ଯମ୍ ଲୋକ୍
ଯିବେ ଯଦ୍‌ରି ସବୁ ନିନ୍ଦା ଦେବେ ମତେ ଲୋକ୍ ।    ॥୯୪॥

ରାମ୍ ଆଶ୍ରିତ୍ ଯିଏ ଦୁସ୍‌ରା ଆରେଁ ନାଇଁ ଜୀଏ
ବଲିଁ ଦୃଢ୍ କରି ମୂଡ଼ାଲେ କଡ଼ା କାମ୍‌କେ ସିଏ ।    ॥୯୫॥

ରାମ୍ ନୁ ନାଇଁ ଦୟାବାନ୍ ମୋହରୁଁ କରମ୍ ହୀନ୍
କେ ଅଛେ ବୁଝ୍‌ବା କେଭେଁ କାହିଁ କେହେନି ଦୀନ୍ ।    ॥୯୬॥

କା'ଣା ଭାବିଁ ଇ ବିପତ୍ତି ପଡି -ପରମେଶର୍
ଭିଆଇ କରନ୍ ତାର୍ ସମାଧାନ୍ ଭାବେଁ ଅଠିପର୍ ।    ॥୯୭॥

ଧୁକା ଗରେଲର୍ ଶୁଖା ପତର୍ ପର୍ଚ୍ଛା ଇଚ୍ଛାହୀନ୍
ଗଣତନ୍ତ୍ରର୍ ଗଅଁଲି-ପର୍‌ଜା ଲେଖେଁ ନିକୁଛ୍ ଦୀନ୍ । ॥୯୮॥

ତାକର୍ କଥାକେ ହଁ କର୍‌ମି ଯାହା ହେବାର୍ ହଉ
ହୀନ୍‌ମାନୀ ଲାଗିଁ ତାକର୍ ମାନ୍ କାଲ୍ କାଲ୍ କେ ରହୁ । ॥୯୯॥

ତାହାକୁଁ ଘାଏ ଦେଖା କର୍‌ତିଁ ହଉଛେ ମହାମନ୍
ମତେ ଝୁରିଁ ଝୁର୍‌ମୁରାଇ ଥିବା ତାକର୍ ତନ୍ । ॥୧୦୦॥

ନାଇଁ ନାଇଁ, କାଏଁ ଦେଖ୍‌ତିଁ ଝୁର୍‌ମୁରାଇ ଥିବା ରାମ୍‌କୁଁ ?
ସଦା ହରଷ୍ ହସ୍ ହସ୍ ମୁହଁ ଅସ୍‌ରା ଆନନ୍ଦ୍ ଧାମ୍‌କୁଁ । ॥୧୦୧॥

ଥାପି ରଖିଛେଁ ମନ୍-ଦଉଲେଁ ଡ଼ଉଲ୍ ଆସନ୍ ଦେଇ
ପରମ୍ ଦେବ୍‌ତା ନେଇ ରଖେଁ ପରାନ୍-ପାଏନ୍ ଛଡ଼େଇ । ॥୧୦୨॥

ସେ ମୂର୍‌ତି ସୁର୍‌ତା କଲେଁ ଅଁଧାର୍-ମନେ ମୋର୍
ଉକିଆ ଉଦେ ଜନ୍‌ବେଲ୍ ବି ନାଇଁ ପାଆନ୍ ସୋର୍ । ॥୧୦୩॥

ଜୀବନ୍-ଦେବର୍ ପାହା ଧୁଆ ପାଏନ୍ ମୁଇଁ ଛଡ଼ା ଫୁଲ୍
ଯାହିଁ ତାହିଁ ଫିକ୍‌ବେ କାଁଏ କରିଥିଲେଁ ଭି ଭୁଲ୍ । ॥୧୦୪॥

ଚ଼ମ୍‌କି ପଡ଼୍‌ଲେ ରାମ୍‌ର କଟା ମୁଡ଼୍ ଆଗେଁ ପଡ଼େ
ଅଚେ଼ତ୍ ହେଲେ ସୀତା, ଚେ,ତା ନାଇଁ ପାଏଲେ ଘଡେ । ॥୧୦୫॥

ସୁରମା ତିର୍ଜଟାର୍ ସେବା ନାଇଁ ଲଗାଲା ବେଲ୍
ଚେ଼ତା ପାଇ କହେଲେ ସୀତା ଧିକ୍ ରାବଣର୍ ଖେଲ୍ । ॥୧୦୬॥

ରାମ୍ ଛାଡ଼୍‌ବେ ଦିହ୍‌କାହୁଁ ଜୀଇଁ ଥାଉନ୍ ସୀତା
ତାକର୍ ମୁଡ଼୍ କାଟ୍‌ବାର ଲୋକ୍ କେନ କାହିଁ ଥିତା ? ॥୧୦୭॥

କହ ସୁରମା ! କେନ୍ତା ହେଲା ? କଟା ମୁଡ଼୍ କେ ଆନ୍‌ଲା ?
ରକତ୍ ଥିପେ ଥପ୍ ଥପ୍ କିଏ କାହାକେ ହାନ୍‌ଲା ? ॥୧୦୮॥

ତାକର୍ ଧନୁଶର୍ କେନୁ ପାଏଲା ? ଅଛେ ପକେଇ
ଇନ୍ଦ୍ରଜିତ୍ ଇନ୍ଦ୍ରଜାଲ୍ ଆନିଥିଲା କାଏଁ ଖକେଇଁ । ॥୧୦୯॥

ସର୍‌ମା କହେଲେ ''ମା ! ବିଦ୍ୟୁତ୍ ଜିଭ୍ ଅଛେ [illegible]ଏ
ମୂର୍ତ୍ତି କବାର୍ କାର୍‌ବାର୍‌କେ ପାର୍‌ବାର୍ ଆଏ ବନ୍‌ଏ । ॥୧୧୦॥

ଏନ୍ତା ଅଏନ୍ ନକଲ୍ କର୍‌ସି ଅଶଲ୍ ଯିବା ଲୁକି
ଯେଢ଼େ ଚିହ୍ନୁ ରା ହେଲେଁ ବି ଚିହ୍ନବାରେଁ ଯ ।ଏ ଚୁକି । ॥୧୧୧॥

ତାର୍-ହାତେଁ ତିଆର୍ କରାଇ ରାମ୍ ମୁଡ୍ ଧୁନ୍ ଶର୍
ପକାଲା ତୁମର୍ ଆଗେଁ ଶୁଖାବା ବଲିଁ ତୁମର୍ ସର୍ । ॥୧୧୨॥

କଟା ରାମ୍ ଶିର୍‌କେ ଦେଖି ତୁମେ ଯିବ ମରି
ସୀତା ଅନ୍ତେଁ ଲିଢ଼େଇର୍ ଅନ୍ତ୍ ରାମ୍ ବି ଯିବେ ସରି । ॥୧୧୩॥

ନାଇଁ ମରି ସେ ମାୟା ଦେଖି ବଅଁଚି ଯିବ ବାହାରି
କହେବେ ସେ ସୀତା ନୁହେ, ମୋର୍ ପ୍ରେମ୍-ଭଦ୍‌ରି । ॥୧୧୪॥

ସୀତା ଉପ୍‌ରେଁ ରାମ୍‌ର୍ ସେନ୍‌ହେ ଲଂକା ଲଢ଼େଇର୍ କାରଣ୍
ସ୍ନେହେ ଗଲେଁ ଲଢ଼େଇ ଗଲା ଭାବି ନେଲା ରାବଣ୍ । ॥୧୧୫॥

ହେଁଥିର୍ କାଯେଁ କଲା ଅଲାଜୁକ୍ ହୀନ୍ କବାର୍
କୂଟ୍‌ନୀତିକେ ପଟୁ ଆଏ, ନୁହେ ଅଗବାର୍ ଲବାର୍ । ॥୧୧୬॥

ରାମ୍-ନିଧନ୍ ତୁମେ ବିଶ୍ୱାସ୍ ନାଇଁ କର୍‌ବାର୍ ଜାନି
ଜାନ୍‌ଲା ଏତ୍‌କେଁ ତାର୍ କଉଶଲ୍ ପରିଁଗଲା ପାନି । ॥୧୧୭॥

ମୁଡ୍ ଉପର୍‌କେ ଆଏଲା ବେଲ୍ ଖରା ହେଲାଟାନ୍
ବେଲ୍‌ହଉ କସ୍‌ମା ଏଛନିର୍ ଲାଗି ସଭା ହଉ ସାଙ୍ଗ୍ । ॥୧୧୮॥

ହେ ରାମ୍ ! ହେ ରମା ପତି ! ଜଗତ୍ ନାଥ ୍ ରାମ୍
ଜଗତ୍‌କେ ମଙ୍ଗଲ୍ ଦିଅ ପ୍ରାଣୀକେ ଆରାମ୍ । ॥୧୧୯॥

ରାମ୍ ଭଜନ୍ ଚାଲ୍‌ଲା ଘାଏ ସଭା ହେଲା ଶେଷ୍
ଉଷତ୍ ମନେ ଉଠ୍‌ଲେ ନାଇଁ ଦୁଖ୍ କାହାରିର୍ ଲେଶ୍ । ॥୧୨୦॥

❑

# ପାଉଚ୍-୪

# ରାମ୍-ଅଙ୍ଗଦ୍ କଥାବାର୍ତ୍ତା ଆର୍ ରାବଣର୍ ମକୁଟ୍ ଆନିଦେବାର୍

କେନ୍ ପୁର୍ଥୀର ପୁରୁବ୍ ପଟ୍‌କେ ବାଟ୍ ନୁହୁଛେ ବେଲ୍
ଇ ପୁର୍ଥୀନେ ସୁନେଲି ଖରା ଝାଗିଁ ଦେଖାଏ ଖେଲ୍ । ।।୧।।

ଚରା ସାରି ଚ଼ରେର୍ ଦଲ୍ ଆଶ୍ରମ୍ ତରା ତରା
ଆଶ୍ରିଲେନ ଗଛ୍ ମାନ୍‌କେଁ ଚିହ୍ନି ନିଜର୍ ଘରା । ।।୨।।

ଫୁଟ୍‌ବେ ରାଏତ୍ ଫୁଟା ଫୁଲ୍ ରହେଲେ କହଡ଼ ସାଜି
କହରି ରହେବେ ପହର୍ ପହର୍ ଶୀତଲ୍ ପବନ୍ ବାଜି । ।।୩।।

ସଭେ ଆଏଲେ ଶୁନ୍‌ବାର୍‌କେ ରସାଲ୍ ରାମେନ୍ କଥା
ରହେବେ କାହିଁ ? ମନର୍ କାହିଁ ନାଇଁ ରହେ ବଥା । ।।୪।।

ରାମ୍ ଭଜନ୍ ସାରି ମୁନି ଲେଖା ପୁଥି ଫିଟେଇ
ବାଆଁଟିବାକେ ରାମ୍-କଥାର୍ ଭଁଡ଼ାର୍ ଦିଅନ୍ ହିଟେଇ । ।।୫।।

ଧନ୍ ଦଉଲତ୍ ବିହାର୍ ବଲ୍ କ୍ଷେମ୍‌ତା ସାଙ୍ଗେ ମିଶି
ଅହଁକାର୍‌କେ ସାକାର୍ କରେ ଚୋକ୍ କରି ନିଷିଁ । ।।୬।।

କ୍ଷିତି ଅପ୍ ତେଜ୍ ମରୁତ୍ ବ୍ୟୋମ୍ ପାଚ୍‌ହିଁ ଭୂତ୍
ଇ ସିର୍ଜନାର୍ ସଭେ ଆ'ନ୍ କିହେ ନୁହନ୍ ଦୂତ୍ । ।।୭।।

ସୃଷ୍ଟି ଥିଁ ଯେତେ ଅଛନ୍ ଚ଼େତନ୍ ହଉ କି ଜଡ଼
ଇ ସମ୍‌କୁଁ ନେଇ ଗଢ଼ନ୍ ନେହେଲେଁ ଗଡ଼ ବଡ଼୍ । ।।୮।।

ଦେବ୍‌ତା ଆନ୍, ଆ'ନ୍ ବର୍ଲି ସମ୍‌କର୍ ଉପ୍‌କାରୀ
ଅହଂକାରୀ ଯେ ଚାହେଁ ଏକ୍‌ଲା ହେତା ଅଧିକାରୀ । ||୯||

ଇ ସମ୍‌କୁଁ ହାତେଁ ପାତେଁ ରଖିଁ ସାଧିତା ଦାଉ
ନିଜର୍ ବନ୍‌ତି ବନୁ  ଯାର୍ ଯେତ୍‌କି ଯିବା  ଯାଉ । ||୧୦||

ରାବଣ୍ ହାତେଁ ହାତେଁ ରଖେ ଇ ସମ୍‌କର୍ ଚୁନ୍ଦି
ସୃଷ୍ଟିର୍ ସୁଖ୍-ସ୍ୱାଚ୍ଛନ୍ଦ୍-କେ ରଖିନେଇଛେ ରୁନ୍ଧି । ||୧୧||

କାହାରି ସାହାସ୍ ନାଇଁ ହଏ, କର୍‌ବା  ପ୍ରତିରୋଧ୍
ରାବଣ୍ ଆଗେଁ ଠିଆ ହେବାର୍ ଅସମ୍ଭବ୍ ହୁଏ ବୋଧ୍ । ||୧୨

ରାମ୍ ଆଇଛନ୍ ଶୂଇନ୍ ହାତେଁ ଅଯୋଧ୍ୟାନୁ ଝାର୍
ଅବଧର୍ ଧନ୍ ନାଇଁ ନାଇଁ ସେନାର୍‌ବି ସଂଭାର୍ । ||୧୩||

ମୁନୁଷ୍ ହଇଁ ଆସିଛନ୍ ସେ ମୁନୁଷ୍‌ର ବଲ୍ ନେଇ
ଅନ୍‌ମୁଷିଆର୍ ସାମ୍‌ନା କର୍‌ବେ ମନ୍ ତନ୍ ଦେଇ । ||୧୪||

ଏନ୍ତା ଜନ୍‌ଏ ସ୍ୱେଚ୍ଛାଚାରୀ କିସ୍‌କିଁ ଧିଆର୍ ବାଲୀ
ତାହାକେ ବାଟ୍ ବଟେଇ ଆଇଛନ୍ ଲଂକା ନିକେ ଜାଲି । ||୧୫||

ନାଇଁ ପୁହୁଁଚୁଁ ଲଂକା ତାକର୍ ଅଧା ଜୀବନ୍ ସୀତା
ଚୁରେଇ ଆନି ଦେଖେଇ ହେଲା ଆଏ ଜଗତ୍ ଜିତା । ||୧୬||

ରାମ୍‌ର୍ ଉଜନ୍ ଜାନ୍‌ବା କାହିଁ ? ନାଇଁ ପାର୍‌ଲା ଯୁଝି
ସାମ୍‌ନା କର୍‌ବାର୍ କାଯେଁ ତାହାକୁଁ ମିଲିଁଗଲା ଉଝି । ||୧୭||

ଭଲ୍ କାମ୍‌କେ ଡ଼ରା ମୁନୁଷ୍ ନାଇଁ କଲେଁ ବି ସାହେଯ୍
ଝଁପେଇ ପର୍‌ଲେ ଝାରର୍ ଜଂତ୍ ସାରା ଝାର୍ ରାଏଜ୍ । ||୧୮||

ସାଗର୍ ଲେଖେଁ ବାନର୍ ଭାଲୁ ସୁବଲ୍ ଡ଼ଙ୍ଗର୍ ଭର୍‌ଭର୍
ଲଂକା ଗଡ଼୍‌କେ ପଶ୍‌ବାର୍‌କେ ହଇଁଗଲେନ ହର୍‌ବର୍ । ||୧୯||

ସୁବଲ୍ ଗିରିଁ ଦେଖିଁ ଜବର୍ ସଏନ୍ ସମାବେଶ୍
ଘବ୍‌ରେଇଁ ଗଲା ଶଂକାନେ ସାରା ଲଂକା ଦେଶ୍ । ॥୨୦॥

ଅସୁରିଆ ସେ ଅସୁର ପୁରୀ କଥା ଅପୂରୁବ୍
ଲଢ଼େଇ ଠାଠିଁ ଉନିଆଁ ପୁର୍‌କେ ରାବଣ୍ ଯାଏ ଖୁବ୍ । ॥୨୧॥

ତାର୍ ପୁର୍‌କେ କେଭେଁ କିହେ ଲଢ଼େଇ କର୍‌ବାର୍ କାଯେଁ
ନାଇଁ ଆସି, ଆଏଜ୍ ଦେଖିଁ ସର୍‌ମି ଯାଏ ଲାଜେଁ । ॥୨୨॥

ଏକ୍‌ଲା ଜନଏ ଆସି ଲଂକା ଜଲେଇ ପୁଡ଼େଇ ପଲାଲା
ରାମ୍ ଜାନ୍‌ଏ ତାର୍ ମେତାଲ୍ ହଜାର୍ ହଜାର୍ ଠୁଲାଲା । ॥୨୩॥

ଝାରର୍ ଫଲ୍ ମୂଳେଁ ଚ଼ଲନ୍ ପିଇଁ ଝର୍‌ନାର୍ ପାନି
ଗଡ଼୍ ଦୁଆର୍ ସବ୍ ବନ୍ଦ୍ କଲେଁ ବି ତାକର୍ କାଏଁ ହାନି ? ॥୨୪॥

ଯେନ୍ତା କଲେଁ ଲଢ଼େଇ ହେବା ନାଇଁ ହଏନ ଟାଲି
ସୀତା ଫିରାଲେଁ ବନ୍ଦ୍ ହେତା ଯେ ପାର୍‌ମି କାଏଁ ପାଲି ? ॥୨୫॥

ଈ ରାମ୍ ପରେ ମହାପୁରୁ ଆଏ ମହାଲକ୍ଷ୍ମୀ ସୀତା
କଥିତ୍ ଜଗତ୍‌ନାଥ୍‌କେ ଜିତ୍‌ଲେଁ ହେତିଁ ଜଗତ୍ ଜିତା । ॥୨୬

ଜିତି ପାର୍‌ଲେଁ ଯଶ୍ ପଉରୁଷ୍ ମଲେଁ ମିଲ୍‌ତା ମୁକ୍ତି
ମୋର୍ ମୁହଁର୍ କଥା ନୁହେ, ବେଦ୍ ପୁରାନର୍ ଯୁକ୍ତି । ॥୨୭॥

ଦିହର୍ ବଲ୍ କେତେ ମୋର୍ ନିଜେଁ ଜାନ୍‌ଏଁ ନୁହେ
ଡହକ୍ ବିକଲ୍ ଦେବ୍‌ତା ଦଲ୍ ପାହାତଲ୍ ମୋର୍ ଛୁଏ । ॥୨୮॥

ରାମ୍‌ର୍ ନାମ୍ ଥିବା ତକ୍ ରାବଣ୍ ଥିବା ଜୀଇଁ
ରାମ୍ ଯଦର୍‌ପି ମହାପ୍ରୁ ତାର୍ ନାମ ଯିବା କାଏଁ ଜୀହିଁ ? ॥୨୯॥

ଦିନ୍‌ଏ ମରି ଅଗନା ଦିନ୍‌କେ ଜୀଇଁ ରହେମି ଯେଭେଁ
ଏନ୍ତା ମଉକା କାଲ୍ କାଲ୍‌ତକ୍ ପାଏମି ଆର୍ କେଭେଁ ? ॥୩୦॥

ଯେନ୍ତା ହେଲେଁ ଲଢ଼େଇ ହେବା ନାଇଁ ସଁପେଁ ସୀତା
ମନ୍ ଭିତ୍‌ରେଁ କିନ୍‌ତୁ ଆଉ ଶତ୍ରର ରାମର୍ ଚ଼ିନ୍ତା । ॥୩୧॥

ସଏନ୍ ସେନାପତି ମାନ୍‌କୁଁ ଡିଆରି  କହେଲା ଡ଼ାକି
ତାକର୍ ମନ୍‌କେ ଖାଏଦ୍ ଆଇଛନ୍ କାଏଁ ରଖ୍‌ମା ବାକି ? ॥୩୨॥

ମୁନୁଷ୍ ମାକର୍ ଭାଲୁ ହନ୍‌ମାନ୍ ଡ଼କା ହକା ହଇ
ଆସି ବଲୁଛନ୍ ଖ 'ଆମ୍‌କୁଁ  ଅଛୁଁ ଇ' ନେ ରହି । ॥୩୩॥

ମୋର୍ ରାଏଙ୍କେଁ ଭରି ରହିଛନ୍ ଯୋର୍‌ଦାର୍ ଶୁର୍‌ବୀର୍
ଯାହାର୍ ବଲେଁ ପାହାର୍ ତଲେଁ ରଖ୍‌ଲିଁ ସୁନାସୀର୍ ॥୩୪॥

ବାନର୍ ରାଜ୍ କହେଲେ ହାଜର୍ ହଇଁ ରାମର୍ ଆଗେଁ
ଆମର୍ ସଏନ୍ ସେନାପତି ଉଛନ୍ ଲଢ଼େଇ କାଯେଁ । ॥୩୫॥

ଅସୁର୍ ପୁରେଁ ଉଡ଼େ ଦେଖ ଶତ୍ରର ପକ୍ଷର୍ ଧଜା
ଡାବିଁ ଯାଉଛେ ତାକର୍ ଆଡୁଁ ଘୋର୍ ଲଢ଼େଇର୍ ବଜା । ॥୩୬॥

ଇ ସବୁକେ ଦେଖି୍‌ଶୁନି ଆମର୍ ସଏନ୍ ମାନେ
ଠହରି ପାର୍‌ବାର୍ ବାଗିର୍ ନାଇଁ ଲାଗେ ଅନ୍‌ମାନେ । ॥୩୭॥

ଆମର୍ ସଏନ୍ ଟାକି ରହିଛନ୍ ତୁମର୍ ମୁହଁର୍ ଆଦେଶ୍
ପାଏଲେଁ ସତେଁ  ଘାଏକେଁ କର୍‌ତେ ଶେଷ୍ ଲଂକା ଦେଶ୍ । ॥୩୮॥

ନଦ୍‌ଏମାନେ  ସମୁଦର୍‌କେ ଗଲା ବାଗିର୍ ଦଉଡ଼ି
ଶମ୍‌ବେ ଅସୁର୍ ଶମନ୍ ପୁରକେ ଘିଚେ଼ ଯମର୍ ଦଉଡ଼ି । ॥୩୯॥

ରାମ୍ କହେଲେ ସଭେ ଅଛ ବିଚାର୍ କରି ଟିକେ
ଲଢ଼େଇର୍ ଆଗୁଁ ଯାଉ ନି ଯେ ଜନ୍‌ଏ ରାବଣ୍ ନିକେ । ॥୪୦॥

ଜନ୍‌ଏ କରିଛେ ଦୋଷ୍ କେତେ ମର୍‌ବେ ଗନି ନୁହେ
ଆଗୁଁ ଚେ଼ଷ୍ଟା କରୁଁ ଯେନ୍ତା ଲଢ଼େଇ ନାଇଁ ହୁଏ । ॥୪୧॥

ଢନ୍‌ଏ ନାଇଁ ଜୀଆଁଇ ହଏ, ଲାଖ୍ ଲାଖ୍ କାଏଁ ମାର୍‌ମା
ଧର୍‌ମା-ଧରମ୍ ବା'ରି ଯାହା ଭଲ୍ ତାହା କର୍‌ମା ॥୪୨॥

କେ କହେ ଆମେ ଗଲେଁ କହେବା ରାମ୍ ଡ଼ରୁଛେ
ଆର୍‌କେ କହେ ଯାଉଁ ନିଯେ ହେଥିଁ କା'ଣା ସରୁଛେ ? ॥୪୩॥

କେ କହେଲା ନାରୀ ଚୋର୍‌ର୍ ପହେଲୁଁ ବୁଦ୍ଧି ମନ୍ଦ
ସୀତା ଚୁରାଲା ଦିନୁଁ ତାର୍ ବିବେକ୍-ଯନ୍ତର୍ ବନ୍ଦ । ॥୪୪॥

ଲଢ଼େଇର୍ ଆଗୁଁ ସନ୍ଧିର୍ ବିଚାର୍ ସବୁଦିନେ ଭଲ୍
ଲଢ଼େଇ ପାର୍‌ଲେଁ ଟାଳି ଦୁହି କୁଲ୍‌କେ ତ କୁଶଲ୍ । ॥୪୫॥

ବଅଁଚି ଯିବା ବନିହାଁ ଜୀବନ୍ ପୁହୁଁଚି ହେଲେଁ ସଂଧିକେ
କେତେ ଭଲ୍ ଖେଲାଇ ପାର୍‌ଲେଁ ଶାନ୍ତି, ଗଲି କଂଦିକେ । ॥୪୬॥

କେତେ ନାରୀ ବର୍‌ତିଁ ରହେବେ ଚୂରି ଲାଖ୍ ଧରି
ବନ୍ଦ୍ ହେବା କେତେ ମାଁର୍ କନ୍ଦନା ଦରଦ୍ ଭରି । ॥୪୭॥

କେତେ ବାପ୍ ଛେଁଉଣ୍ ପୁଓର୍ କନ୍ଦ କନ୍ଦନିଆଁ ଭାବ୍
ସୁର୍ତା କର କେନ୍ତା ହେବା ଲଢ଼େଇର୍ ପର୍‌ଭାବ୍ । ॥୪୮॥

କିଏ ମାର୍‌ବା ଅଗ୍‌ନି ଅସ୍ତର୍ କିଏ ବିଷାନ୍ ଶର୍
ବଜର୍ ମାରି କେ ଆକାଶ୍ କର୍‌ବା ବିଜ୍‌ଲି ସରସର୍ । ॥୪୯॥

ଲଢ଼େଇ ଠାନ୍ ବାହାରେଁ ବି ଲୋକ୍ ଜୀବନୁ ବାହାର୍
ହେବେ ଜାନି, ଲଢ଼େଇ ହଉ ମନ୍ କହେବା କାହାର୍ ? ॥୫୦॥

ରାମ୍‌କର୍ ଇ କଥା ପଦ୍‌ନୁ ଛିଇଁଲା ସମ୍‌କର୍ ହିଆ
ଜାମ୍ବବ୍ କହେଲେ ଅଙ୍ଗଦ୍ ଯାଉ ନାଇଁ ଫିରେ ମାହାଲିଆ । ॥୫୧॥

ରଜା ପାଖ୍‌କେ ରଜାପୁଓଟେ ଯିବାର୍ ଆଏ ଉଚିତ୍
ଦେଖୁଁ ଭାଏଲ୍ ସୁଧ୍‌ରିଁ ଯିବା ଦୁଷ୍ଟର୍ ଦୁସ୍‌ଚିତ୍ । ॥୫୨॥

ରାମ୍ କହେଲେ ଜମ୍ବୁବାନ୍ ! ଲେଖ ସିନେ ଚିଠି
ଡ଼ର୍ ନାଇଁ ଆମର୍ ଶାନ୍ତିଭାବ୍ ଥାଇ ଫିଟି । ।।୫୩।।

ଦୋଷ୍ କଲା ତ କଲା ନିଜେଁ ଆସି ମାଗୁ କ୍ଷେମା
ସମ୍‌କର୍ ସମକ୍ଷେଁ କହୁଁ ମାଁ 'ଜନକ୍ ଜେମା' । ।।୫୪।।

ଲଢ଼େଇ ହେଲେଁ ଆପ୍‌ନେ ମରି ମର୍‌ବେ ଅଶେଷ୍ ଜନ୍
ନିଜେଁ ମରିଁ ସାଙ୍ଗର୍ ସମ୍‌କୁଁ ମାର୍‌ସି ଦୁର୍ଜନ । ।।୫୫।।

ଅଙ୍ଗଦ୍ ଗଲା ଭଙ୍ଗ୍ ଭଙ୍ଗ୍ ଚିଠି ଧରି ଲଂକା
ବାଲୀର୍ ପିଲା, ଭାଲ୍‌ନି କା'ଣା ? କାହାକେ ନାଇଁ ଶଂଖା । ।।୫୬।।

ଗଡ଼୍‌କେ ପଶୁଁ ଯେତ୍‌କି ଦେଖ୍‌ଲେ ସାନ୍ ବଡ଼୍ ଅସୁର୍
ଡ଼ରେଁ ଛିଡ଼େଁ ପଟେଁ ଗଡ଼୍ ପୁଡ଼ି ନୁହେ ପାଶୁର୍ ।।୫୭।।

କେ କହେଲା ସେ ଘର୍‌ପୁଡ଼ା ଆସିଗଲା କାଏଁ ଦେଖ
ନାଇଁ ଦେଖ୍‌ବାର୍ ସଏଗୋ ସେତ୍ତା ଆଏ ରୂପ୍ ରେଖ । ।।୫୮।।

ରାବଣ୍ ରଜାର୍ ସଭା ଚାଲେ ମୁଖିଆ ସଭେ ବସି
ଜୁଗୁଆ ମାନଙ୍କୁ ଭକୁଆ ବନେଇଁ ଅଙ୍ଗଦ୍ ଗଲା ପଶି । ।।୫୯।।

ଦେଖି ସଭେ ଇଆଡ୍ ସେଆଡ୍ ରାବଣ୍ ଆଚମ୍ବିତ୍
କଥା ନାଇଁ କାହାରି ମୁହେଁ ସଭେ ତ ତମ୍ବୀତ୍ । ।।୬୦।।

ରାବଣ୍ କହେଲା କିଏ ତୁଇଁ ? କା'ଣା ତୋର୍ ନାଆଁ ?
କେନ୍ ଝାରୁଁ ତୁଇଁ ଖସ୍‌ରିଁ ଆଇଛୁ କିଏ ବାପ୍ ମାଆଁ ? ।।୬୧।।

ଦାଁ ଧଏଲା ଝାରେଁ କାଏଁ ତୋର୍ ? ଆଇଛୁ ଜୀବନ୍ ଧରି
ଅଙ୍ଗଦ୍ କହେ ନଗର୍ ସଙ୍ଗେ ନଜର୍ ଗଲା ଜଳି ? ।।୬୨।।

ମୋର୍ ବାପ୍‌କେ ସୋର୍ କଲେଁ ତୋର୍ ବାପ୍ ହେବା ପାଶ୍‌ରି
ଖାକେଁ ଯାର୍ ଅଧ୍ ନିଶାସୀ ପ୍ରାନ୍ ପାଏଲୁ ଖସ୍‌ରି । ।।୬୩।।

ରାବଣ୍ କହେଲା ବାଲୀର ପୁଓ ? ବାପ୍‌କେ ମାଏଲା ରାମ୍
ଲାଜ୍ ନାଇଁ ସେ ବାପ୍ ବଏରୀର୍ ପାଦେଁ ନଉ ଆରାମ୍ । ॥୬୪॥

ଅଙ୍ଗଦ୍ କହେ ବାପ୍ କଲିୟାର୍ ମଲେ ଗୁଟେ ଶରେଁ
ସାମ୍‌ନା ତାର୍ କର୍‌ବୁ କାହିଁ ସୀତା ଚୁରାଲୁ ଡ଼ରେଁ । ॥୬୫॥

ରାବଣ୍ କହେ ଲୁକିଁ ମାଏଲା ତାହାରୁଁ ନୁହେଁ ଡ଼ର୍‌ହା
ଅଙ୍ଗଦ୍ କହେ ଜୀଇଁଛୁ କହୁ ଆମର୍ ନଜରେଁ ମରା । ॥୬୬॥

ଅନାଚାରୀ ମାନେ କହେସନ୍ ମରନ୍ ନାଇଁ ତାକର୍
ଅଜାନ୍ ତକେଁ ମୁର୍‌ତୁ ଆସେ ଥାଏ ଆଖର୍ ପାଖର୍ । ॥୬୭॥

ସେ କଥାକେ ଜନାବା କେ ରାମ୍ ମାଏଲେ ଲୁକି
ସେ ଡ଼ର୍ କାଏଁ ମନେ ତୋର୍ ଜନ୍‌ମାଏ ଉକ୍‌ବୁକି । ॥୬୮॥

ସେ ସବୁ ଛାଡ଼୍ ସୀତା ନେଇ ଇ ଘଡ଼ି ଚାଲ୍ ଯିମା
ଦୋଷ୍ ମାଫି ମାଗି ଦେଇ ନେବୁ ରାମର୍ ଜିମା । ॥୬୯॥

ତୁଇଁ ବଅଁଚ୍‌ବୁ ଦେଶ୍ ବଅଁଚ୍‌ବା ବଅଁଚ୍‌ବା ପରିବେଶ୍
ଯୁଗ ଯୁଗ୍ ତୋର ନାଁ ବଅଁଚ୍‌ବା ବଅଁଚି ଲଂକା ଦେଶ୍ । ॥୭୦॥

ରିଶ୍‌ମିଥିଁ ଥର୍ ଥରାଇ କହେଲା ଦଶ୍‌ମଥା
କାଁ ଲାଜେଁ କହୁ, ମୁନୁଷ୍ ଆଗେଁ ମଥା ଲୁହାବାର୍ କଥା । ॥୭୧॥

ନାଇଁ ଜାନି କାଏଁ ପୁର୍‌ଥୀ ସାଙ୍ଗେଁ ଜିତ୍‌ଲି ତିନି ପୁର୍
ପୁରୁଷ୍ ପୁରୁଷ୍ ଧରି ରାମ୍ ମତେ ଆଏ ଅପୂର୍ । ॥୭୨॥

ଗିଆନ୍ ଧିଆନ୍ ଭନା ନାଇଁ ବେଦ୍ ପଢୁଛେଁ ରୋଜ୍
ଧନ୍ ସଂପଦ୍ ସବୁ ଭରିଛେ କେ ଜାନ୍‌ବା ସୋଜ୍ । ॥୭୩॥

ମୁଡ଼ିଆ ମାରୁ ଆନି ରାମ୍ ତାହାକେ ଯାଇ କହ
ଛାଡ଼ିନେମି ଗୁଲ୍‌ଗୁଲା ଆର୍ ନାଇଁ କରେଁନ ଜହ । ॥୭୪॥

ଅଙ୍ଗଦ୍ କହେ ରଙ୍ଗ୍ ଦେଖିଁ ତୋର୍ ମତେ ଲାଗେ ହଁସି
ଗିଆନୀ ଧନୀ  ବଲୀୟାନ୍ ଆଉ ତାର୍ ମନେ ବର୍‌କଷି । ॥୭୫॥

ସୀତା ଚୁରିନୁ ଜନା ପରୁଛେ ତୋର୍ ଗଭୀର୍ ଗିଆନ୍
ସହସ୍ରାର୍ଜୁନ୍ ବାଲୀ କହନ୍ କେଡ଼େ ବଲୀୟାନ୍ । ॥୭୬॥

ଧନୀ ତୁଇଁ ବର୍‌ହ୍ମା ଶିବର୍ ଆଗେଁ ମାଗୁ ଭିଖ୍
ଭାଏନୁ ହାଏ ଧନ୍ ଛଡ଼ାସୁ ଜୀବନ୍ ତୋର୍ ଧିକ୍ । ॥୭୭॥

ତୋର୍ ନେ ତୋର୍ ! କିଛି ନାଇଁ ନ ଅଛେ ଖାଲି 'ମୁଇଁ'
ଜୁହିଁ ଦେଖୁଛେ ରାମ୍‌ର୍ ଶରେଁ କେନ୍ତା ରହେବୁ ଶୁଇଁ । ॥୭୮॥

ଶୁନ୍ ଅଜ୍ଞାନ୍  ! ସବ୍ ଥାଇ ନାଇଁ ଥିଲେଁ ଟିକେ ଆନନ୍ଦ
ବନା ଲହ ମାଡ଼ି ଜୀବନ୍-ବାଟ୍ କର୍‌ସି ବନ୍ଦ । ॥୭୯॥

ଆନନ୍ଦ ଆଏ ମୁକ୍ତିର୍ ରୂପ୍ ଆନନ୍ଦ ଭଗବାନ୍
ଆନନ୍ଦ ନୁ ଇ ସଂସାରେଁ ଆର୍ ନାହିଁ ମହୀୟାନ୍ । ॥୮୦॥

ଦାନା ବାଂଧିଲେଁ ଆନନ୍ଦ ନେସି ମହାପୁରୁ-ମୂର୍‌ତି
ସେ ମୂର୍‌ତି ରାମ୍ ଆନ୍‌ରେ ଧାଇଁ ଟାଲ୍ ତୁର୍‌ତି । ॥୮୧॥

ଚେ଼ତ୍‌ନା-ରାଏଜ୍ ବାସୀ ଚି଼ହ୍ନନ୍ ପର୍‌ମାତ୍‌ମାର୍ ରୂପ୍
ମନ୍-ରାଏଜର୍ ରିପୁ ସବ୍ ତାକର୍ ଆଗେଁ ଚୁପ୍ । ॥୮୨॥

ଦୁରାତ୍ମା ରେ !, ଦୂରେଁ ରହି ସେ ମହାତ୍ମାର୍ ଠାନୁ
ଦୁର୍ ଦଶା-ଦୁଖ୍ ମୂଡ଼ାଇ ନେସୁ କଥାନାଇଁ ମାନୁ ! ॥୮୩॥

''କଥା ମନାଏ ମତେ ମାକର୍ ମଥାର୍ ନାଇଁନ ଡ଼ର୍
ଦନୁଜ୍ ରାଏଜ୍ ଛିନା ହେଲା କାଏଁ ଯେ ହଏ ବର୍‌ବର୍ । ॥୮୪॥

ଏତ୍‌କି ଶୁନି ଧାଇଁ ଆଏଲେ ଚାଏର୍‌ଟା ବଛା ବୀର୍
ଅଙ୍ଗଦ୍ ଦିହେଁ ଲଟ୍‌କି ପର୍‌ଲେ କାଟ୍‌ବେ ବଲିଁ ଶିର୍ । ॥୮୫॥

ସମ୍‌କୁଁ ଧରି ଢେ଼ଗ୍‌ଲା ଅଙ୍ଗଦ୍ ଢେ଼ଙ୍ଗ୍ ମହଲର୍ ଉପର୍
ଗୋଟ୍ ଗୋଟ୍ କରି ମେରୁ ମୁରିଁ ଫିକେ ଧର୍‌ତୀ ତଲ୍ । ||୮୬||

କା'ଣା ନେବା ରାମର୍ ପାଦର୍ ଲାଗିଁ ଉପହାର୍
ଭାବିଁ ରାବଣ୍ ମୁଣ୍ଡୁଁ କଲା ମୁକୁଟ୍‌କେ ବାହାର୍ । ||୮୭||

ଧରିଁ ଭାଗ୍‌ଲା ରାମ୍‌ର୍ ପାଦେଁ ଲୁହାଇ ନିଜର୍ ଶିର୍
ରାବଣ୍ ମୁଣ୍ଡ଼ର୍ ମୁକୁଟ୍ ଦେଲା ଅଙ୍ଗଦ୍ ମହାବୀର୍ । ||୮୮||

ହୁରି ପଡ୍‌ଲା ଚାରି ଆଡେଁ ରାମ୍ ସଏନ୍ ଆନନ୍ଦ୍
ଅଙ୍ଗଦ୍ କଲା କବାର୍ ବୁଝେ ଏକ୍‌ଲା ଦଶ୍ କନ୍ଧ୍ । ||୮୯||

ଜାନ୍‌ଲା ଲୋକ୍ କହେଲେ ଜାନ୍ ଯାଉଥିବାର୍ ବୁଗୀ
ଉଷୋ ଦେଲେଁ ଖାଏବାର୍ ଛାଡ଼, ନାଇଁ ଦେଖେ ବି ଡୁଙ୍ଗି । ||୯୦||

ରାମ୍ କହେଲେ ମିତ ମାନେ,! କାମ୍ ଆମର୍ ସର୍‌ଲା
ସୁଗ୍ରୀ କହେ ଦେଖ୍‌ବା ରାବଣ୍ ହେବା ଅର୍‌ଲା ସର୍‌ଲା । ||୯୧||

ହାଏ ! କରୁଛେ ଆହା ! ସେ ସାହାସ୍ ଧରେ ଧର୍‌ତୀ
ରାବଣ୍ ମାର୍‌ବାର୍ କବାର୍ ସାର ଦେଶ୍ ଫିର୍‌ମା ଚୁର୍‌ତି । ||୯୨||

'ଆମର୍ ଦେଖେ କାମ୍ କର୍‌ମା' କଥା ଶୁନି ରାମର୍
ବତ୍‌କି ବସ୍‌ଲେ ଉଦ୍‌କି ଢେ଼ଗି ସବୁ ଭାଲୁ ବାନର୍ । ||୯୩||

ଗଡ୍ ପାଚ୍‌ରୀ ଢେ଼ଗିଁ ଗଲେ ବଡ୍ ବଡ୍ ସବ୍ ବୀର୍
ରାମ୍ ଲକ୍ଷ୍ମଣ୍ ସାଙ୍ଗେ ରହେଲେ ସ୍ୱଭାବ୍ ଯାର୍ ଧୀର୍ । ||୯୪||

ରାବଣ୍ ଦେଖିଁ ଗଡ୍ ଭାଉଁରେ ଭାଲୁ ମାକର୍ ଚଢ଼ଉ
କହେଲା "ଅସୁର୍ ବୀରେ ! କର ପର୍‌ଛା ରାମ୍‌ର୍ ପଡ଼ଉ" ||୯୫||

ଲଢ଼ି ପଡ୍‌ଲେ ଧୂମ୍ ଧଡ୍‌କା ଦୁହି ପକ୍ଷେର୍ ସେନା
କାର୍ ଭାଙ୍ଗ୍‌ଲା ଗୋଡ୍ କାର୍ ଉଦ୍‌ରିଁ ଗଲା ଢେ଼ନା । ||୯୬||

କାହାର୍ ଫାଟେ ତାଲୁ ତାହୁଁ ବିଦ୍‌ରିଁ ଯାଏ ଗୁଦି
କା'ର୍ ଛାତି ରକତ୍ ଝୋଲ୍ ତିର୍ଶୂଲ୍ ହଇଁ ହୁଦି । ||୯୭||

ଅସୁର୍ କୁଲର୍ ବଛା ବଛା ସଏନ୍ ସେନାପତି
ମର୍‌ବାର୍ ଜାନି ରାକ୍ଷସ୍‌ର୍ ରାଇ୍ ଦୁଖ୍‌ମନା ହଏ ଅତି । ||୯୮||

ଅନୁଖନୁ ଧୁନ୍ ଚଲାଇ ବୀର ଇନ୍ଦ୍ରଜିତ୍
ନାଇଁ ପାର୍‌ଲା କରି କିଛି ଦଏତ୍ କୁଲର୍ ହିତ୍ । ||୯୯||

ରାବଣ୍ ଠାନେ ଭେଟ୍ ପଡ଼ନୁ, ସେ କହେ ଝିଙ୍ଗାସି
ତୁଇଁ ଥାଉଁ ଲଂକା ମୋର୍ ଅକାରନ୍ ଯାଏ ଭାସି । ||୧୦୦||

ଇନ୍ଦର୍ ଜିତା ବୀର୍‌ପନ୍ ପୁତା ! ଥୁଇ ରଖ୍‌ଲୁ କାହିଁ ?
ପର୍ଶୁବଲ୍‌ନେ ଆମର୍ ଦଲ୍ ହାର୍‌ଲେ ପର୍‌ତେ ନାଇଁ ? ||୧୦୧||

ତୋର୍ ଉପରେଁ ଆଶ୍‌ରା କରି ମୁଇଁ ରହେଲିଁ ଘରେ
କୁଟେଁ ପେହ୍ଲେଁ ହଉଥିତେ ମାକର୍ ମୋର୍ ଡ଼ରେଁ । ||୧୦୨||

ଇନ୍ଦ୍ରଜିତ୍ କହେଲା ବାପା , ଯାହା ହେବାର୍ ହେଲା,
କାଏଲ୍ ଦେଖ୍‌ବ ମାକର୍ ଭାଲୁର୍ ନାଇ ଥାଏ ଜେହେଲା । ||୧୦୩||

ସେ ସମ୍‌କୁଁ ମାରିଁ, ଧରି ଆନ୍‌ମି ରାମ୍ ଲକ୍ଷ୍ମଣ୍
ରାବଣ୍ କହେଲା ମତେ ପହେଲା ଦର୍କାର୍ ବିଭୀଷଣ୍ । ||୧୦୪||

ମୁଡ୍ ଲୁହାଇ ଇନ୍ଦ୍ରଜିତ୍ କହେଲା ହେବା ତାହା
କଥା ଟଲେଁ ନାଇଁ ପରେ ଥାଆତ୍‌କେଁ ଇ ବାହା । ||୧୦୫||

ବେଲ୍ ଗଲାନ ମାଁର୍ କୋଡ଼୍‌କେ କହେଲେ ମହାମୁନି
ଆମେ ଯିମା ଭଜନ୍ ସାର ରାମ୍ ଗୁନ୍‌କେ ଗୁନି । ||୧୦୬||

ହେ ପ୍ରଭୁ ! ହେ ଆନନ୍ଦ୍ ମୂର୍‌ତି ମେଘ୍ ବରନ୍-ରାମ୍
ପର୍ଶୁରାମ୍ ଦରପ୍‌ହରା ଖର୍ ଦୂଷଣର୍ ବାମ୍ । ||୧୦୭||

ହେ କରୁଣା ସାଗର୍ ! ଦୟା ନାଇଁ କର୍‌ବୁ ଉନା
ଦୁର୍ଗୁନ୍ ନେଇ ସୁଗୁନ୍ ପ୍ରଭୁ ! ଦେବୁ ଦଶ୍‌ଗୁନା । ॥୧୦୮॥

ରାମ୍ ଭଜନ୍ ଗଦ୍‌ଗଦାଲା ମୁନି -ଆଶ୍ରମ୍ ସାରା
ଆକାଶ୍ କନେ ଉଦିଆଉଛେ ମାଛି ଅନ୍ଧରିଆ ତାରା । ॥୧୦୯॥

ସଭାର୍ ସଭେ ଗଲେ ନିଜର୍ କୁରିଆ ବାଟ୍ ଧରି
ଜାନ୍‌କୀ ଦେବୀ ଯାଆନ୍ କହି ହେ ରାମ୍ ହେ ହରି । ॥୧୧୦॥

❑

# ପାଉଚ଼-୫

# କୁଂଭକରନର୍ ଲଢ଼େଇ ଭୂଇଁନେ ବିଭୀଷଣ୍ ସାଙ୍ଗେ ଭେଟ୍

ଦୂରିଆ ପୁରୁବ୍ ଆକାଶ୍ କନେ ଗୁରିଆ ବଚ୍ଛା ଛଟ୍‌କେ
ଲାଲିଆ ରଙ୍ଗେଁ ନୀଲିଆ ଆକାଶ୍ କେତେ ଝଟ୍ ଝଟ୍ କେ । ।।୧।।

ସିନ୍ଦୂର୍ ରଙ୍ଗର୍ ଉକିଆ ଆସେ ଦୂର୍ ଆକାଶୁଁ ଉତ୍‌ରି
ଦେଖା ନାଇଁ କିଏ ଦିଏ ଏଢ଼େ ସୁନ୍ଦର୍ ଚିତ୍‌ରି । ।।୨।।

ତରା ମାନଙ୍କୁଁ ପନ୍‌ତେ ଡ଼ାବି କିଏ ବୁନୁଛେ ଖରା
କାର୍ ଚୁମାକେ-ମୁହଁ ଦେଖାଏ ସୁନ୍ଦରୀ ନୂଜୀ ଧରା । ।।୩।।

କାକର୍ ମଖା ଘାଁସର୍ ଫୁଲ୍ ହଁସେ ମୁଲ୍ ମୁଲ୍
କିନ୍ଦ୍‌ରି କହେ ସିନ୍ଦ୍‌ରି ଖରା ଓସ୍ ଉର୍‌ନ୍‌ହା ଖୁଲ୍ । ।।୪।।

ମୁନି ନଜ୍‌ରେଁ ସବୁଠାନେ ରାମ୍ ଅଛନ୍ ପୁରି
କାଁ କରି ଲୋକ୍ ଯାହିଁ ତାହିଁ ମହାପ୍ରୁ ହେସନ୍ ନୁରି । ।।୫।।

ଲାଗେ ତାହାକୁଁ ରାମ୍ ଆଏଲେନ ଶୁନ୍‌ବେ ରାମାୟଣ୍
ପୁଥ୍ ଫିଟାଲେ କହି ଓମ୍ ରାମ୍ ନାରାୟଣ୍ । ।।୬।।

ଅନେକ୍ ଜାତିର୍ ବାନର୍ ଭିତ୍‌ରେଁ ଗରିଲା ଥିଲେ ଜହ
ଲୁକି ଲଢ଼େଇ ଲଢ଼ି ପାର୍‌ସନ୍ ଅଦେଖା ଅସହ । ।।୭।।

ଭାବ୍‌ଲେ ସଭେ ଅଁଧାର୍ ସର୍‌ପଟ୍ ପଶିଁଗଲେ ଗଡ୍
ଗଡ଼େଇ ନେମା ମୁର୍ଦ୍ଧାର୍ କରି ଅସୁର୍ ବଡ଼୍ ବଡ଼୍ । ।।୮।।

ହୁଁକାର୍ କରି ମୁଁକାର୍ ଛାଡ଼ି ରାମ୍‌କେ କରି କର୍ତା
ସୁଗ୍ରୀବେ ନେତା କରି ଲଡ଼୍‌ଲେ ରାଏତ୍ ସରତା । ।।୯।।

ରାତିଁ ବାନର୍ ଲଡ଼୍‌ବେ ସହଜେଁ ଥିଲେ ଅଗୋଚର୍
ତିଆର୍ ନାଇଁ ଥାଇ ଆଶ୍ରିୟ୍ ହେଲେ ନିଶାଚର୍ । ।।୧୦।।

ବନ୍‌ଚର୍ ନିଶାଚର୍ ଭିତ୍‌ରେଁ ନିଶାରାତିର୍ ଲଢ଼େଇ
କିଏ ଦେଖିଛେ ? ଲେଖି ହେବା ବଢ଼େଇ କି ଛିଡ଼େଇ । ।।୧୧।।

ଯାହା ହେଲେଁ ବି ଅସୁର୍ କୁଲ୍ ଅସୁରିଆନେ ଘାଏଲ୍
ହେବାର୍ ରାଜା ଯୁବ୍‌ରାଜ୍ ନାଇଁ ଜାନିଥାଇଁ ତାଏଲ୍ । ।।୧୨।।

ଜାନି ପାଏଲା ଇନ୍ଦ୍ରଜିତ୍ ଲଂକାର ଯୁବ୍‌ରାଜ
ରଥ ଧରିଁ କରି ବସ୍‌ଲା ଲଡ଼୍‌ବାର୍ ସଜ୍‌ବାଜ୍ । ।।୧୩।।

ନିଶାଚର୍‌କୁଁ ଦିନ୍ ମେତାଲ୍ ନିଶାନେ ଦିଶେ ସବ୍
ବାନର୍ ମାନ୍‌କର୍ ଲଢ଼େଇ ଥିଲା ଆଗୋନୁ ବି ଅଜବ୍ । ।।୧୪।।

ଇନ୍ଦ୍ରଜିତ୍ କିନ୍ଦ୍ରି କିନ୍ଦ୍ରି ମାରେ ରାମ୍ ସେନା
ରଥ୍ ଘୁଡାକର୍ ସାମ୍‌ରଥିନେ ସଥେଁ ଲାଗିଛେଁ ଡ଼େନା । ।।୧୫।।

ପର୍ଘଉଛେ ଶର୍ ମେଘ୍‌ନାଦ୍ ବାନର୍ ଭାଲୁ ଦଲ୍
ଘାଏକେଁ ମେଟେଇ ନେବା ମେତାଲ୍ ଦେଖାଏ ତାର୍ ବଲ୍ । ।।୧୬।।

ବାନର୍ ବୀର୍‌ମାନେ ନାଇଁ ପାର୍‌ବାର୍ ସଁଭାଲି
ଅଙ୍ଗଦ୍ ଦେଖିଁ, କେନ୍ତା ହେବା ? କାଁ କର୍‌ସି ଭାଲି ? ।।୧୭।।

ହର୍‌ବର୍‌କେ ବୁହି ପାର୍‌ଲା ଯେତେ ବଡ ପଥର୍
ହାପ୍‌ସି ନେଲା ଇନ୍ଦ୍ରଜିତର୍ ଚଲ୍‌ତା ରଥ୍ ଉପର୍ । ।।୧୮।।

ତର୍‌କିଁ ପଲାଏ ଇନ୍ଦ୍ରଜିତ୍ ରଥ୍ ଘୁଡ଼ା ନୁନ୍ ଚୂନ୍
ଭାଏଗ୍ ଧରି ଭାଗ୍‌ଲା ସଁଖିଲି ଖାଲି ଶର୍ ଧୁନ୍ । ।।୧୯।।

ହରା ମୁହଁକେ ନାଇଁ ଦେଖାଇ ବାପ୍ ହରିଆର୍ ଆଗେଁ
ଭାବୁଥିଲା ଦିନର୍ ବେଲା: ଯୁଝିବା କେନ୍ ବାଗେଁ ? ||୨୦||

ରାତିଁ ହାରି ରାଏତ୍ ଚରୀ ସବ୍ ସର୍‌ମେ ଯା'ନ୍ ସରି
ଦିନର୍ ବେଲେଁ ଲଢ଼୍‌ଲେ ନୂଆଁ ସାହାସ୍ ଶକ୍ତି ଧରି । ||୨୧||

କିନ୍ତରିଁ ଲଢ଼େ ଇନ୍ଦ୍ରଜିତ୍ ନାଇଁ ପାଆନ୍ କେ ଦେଖା
ତାର୍ ଶର୍‌ମାନେ ବାଜେ ଶତ୍ରର୍ କପାଲ୍ ଦେଖା ଦେଖା । ||୨୨||

ରାମ୍ ଲକ୍ଷ୍ମଣ୍ ଦେଖିଲେ ତାକର୍ ମାକର୍ ଦଲ୍ ହେଲଉଛନ୍
ଅଦେଖା ହାତର୍ ଶରର୍ ଡରେଁ ଆଖି ପାଖି ପଲଉଛନ୍ । ||୨୩||

ଆଗୁଁ ମେଘ୍‌ନାଦ୍ କହି ସାରିଛେ ବାପ୍ ରାବଣ୍ ଆଗେଁ
ବିଭୀଷଣ୍‌କେ ହାଜର୍ କର୍‌ବା କେନ୍‌ସି ବି ବାଗେଁ । ||୨୪||

ବିଭୀଷଣ୍ ଦିଶେ ନାଇଁ ରାମ୍ ସେନାର୍ ଭିତ୍‌ରେଁ
ଇନ୍ଦ୍ରଜିତ୍ ଫାଁକି ରହେ କେଭେଁ କେନ୍ ସୁତ୍‌ରେଁ । ||୨୫||

ବିଭୀଷଣ୍ ଦୁଇ ଭାଇକୁଁ କରିନେଲା ହୁସିଆର୍
ଲଢ଼୍‌ଲେଁ ଲଢ଼େଇ ନାଇଁ ଯିବେ ହଇଁ ନ ମୂଲିହାର୍ । ||୨୬||

ଆଏଜ୍ ମେଘନାଦ୍ ପର୍‌ଘାବା ନ କେବଲ୍ ବ୍ରହ୍ମଶର୍
ଅମର୍ ରଜା ଜିତା ତାର୍ କାହାକେ ନାଇଁ ଡ଼ର୍ । ||୨୭||

ଲୁକି ଛପି କରୁଥାଏ ସେ ଅଲୋକିତ୍ ସଂଗ୍ରାମ୍
ଯେତେ ବୀର୍ ହେଲେଁ ବି ହଏ ଅଗ୍‌ବିର୍ ଅକାମ୍ । ||୨୮||

ଅସୁର୍-ମାୟା ଅସୁର୍‌ମାନେ ଆଏଁଖ୍ ମୁଜା ବି ବୁଝ୍‌ସନ୍
ଅଦେଖା ଇନ୍ଦ୍ରଜିତ୍ ଆଏଁଖ୍‌କେ ଅଦେଖା ବିଭୀଷଣ୍ । ||୨୯||

ଇନ୍ଦ୍ରଜିତ୍ ଲଢ଼େଇ ଭିତ୍‌ରେଁ ନୁରେ ବିଭୀଷଣ୍
ବିଭୀଷଣ୍ ତ ନାଇଁ ଦେଖିଲା ରାମ୍ ଆଉ ଲକ୍ଷ୍ମଣ୍ । ||୩୦||

ଭାବ୍‌ଲା ରାମ୍-ଆଶ୍‌ରାନେ ପାଶେଁ ଥିବା ଲୁକି
ଅବ୍ୟର୍ଥ୍ ଶର୍ ମାର୍‌ମି  କାହିଁ ଯିବା ଘାଏ ଚୁକି । ||୩୧||

ହୀନ୍‌ମାନିଆଁ ବିଭୀଷଣ୍‌କେ ଅନ୍‌ମାନିଆଁ ଶର୍
ମାଏଲା ଦେଖିଁ ଲକ୍ଷ୍ମଣ୍ ହେଲେ ରିଷ୍ମି ଥର୍ ଥର୍ । ||୩୨||

ଲକ୍ଷ୍ମଣ୍ ମାଏଲେ ଶବଦ୍-ଭେଦୀ ଶର୍ କଷିଁ କଷିଁ
ଲୁକ୍‌ନିଆ ଥାଇଁ ଇନ୍ଦ୍ରଜିତର୍ ଚେହ୍‌ରା ଗଲା ବସି । ||୩୩||

ଭାବ୍‌ଲା ରାମ୍-ଲକ୍ଷ୍ମଣ୍‌କେ ଏନ୍ତା ପାରି ନୁହେ
ସବୁ ରକମର୍ ଦିହ୍‌ର ଦୁଖ୍‌କେ ଜିତିପାରିଛନ୍ ଦୁହେ । ||୩୪||

ସାଏଧ୍ କରିଁ ଆଏଦ୍ କରିଛେ ନାଗଫାଶ୍ ମହାଶର୍
ମାଏଲେଁ ହେତା ଘାଏଲା ଶରୀର୍ ବିଷାନ୍ ସର୍‌ସର୍ । ||୩୫||

ଉଠି ବସି ବି ନାଇଁ ପାରନ୍ ପାର୍‌ବେ କାହିଁ ପଲେଇ
ଜାନି ନାଇଁ ପାର୍‌ବେ ହାନି ଛାଲ୍ ଆନ୍‌ଲେଁ ଛଲେଇ । ||୩୬||

ନାଗର୍ ବିଷେଁ ସର୍‌ସର୍ ଶର୍ ମାଏଲା ଇନ୍ଦ୍ରଜିତ୍
ରାମ୍ ଲକ୍ଷ୍ମଣ୍ ଗଦେଇଁ ହେଲେ ଅଥର୍ବ୍ ଅନିଶ୍ଚିତ୍ । ||୩୭||

ତାହାକୁଁ ଦେଖି ବାନର୍ ଭାଲୁ ଭିଲ୍ ବାନ୍ଧିକାଂଦୁଛନ୍
ମନ୍ ଭିତ୍‌ରର୍ ଦୁଖ୍ ଦରଦ୍ ଆଖିର୍ ପାନି ସାନୁଛନ୍ । ||୩୮||

ଅଙ୍ଗଦ୍ କହେଲା କର୍‌ମା କା'ଣା ତୁର୍‌ତା ତୁରତି  କହ
ଘାଉଁ ଘାଏକେ ବିଷାନ୍ ଏକା ବଗ୍‌ରିଁ ଯିବା ଜହ । ||୩୯||

ବିଷ୍ ପଲାବା ନିମିଷ୍‌ଟା କେଁ ପୁହୁଁଚି ପାର୍‌ଲେଁ ଗରୁଡ୍
ବାକି କଥା ଛାଡ଼ିଁ ଇ କଥା କର ଦୁରୁଡ୍ । ||୪୦||

ପାଶେଁ ଅଁତ୍‌ରେ କେନ ପାଏବ ? ଥିବା ରମ୍ୟକ୍ ଦୀପେଁ
ଚ଼ରେ ରଜା ମଜା ପାଏସି ମନ୍‌ରଁଜା ସେ ଢ଼ିପେଁ । ||୪୧||

କେ ଯାଇ କରି କହି ଆଏଲେଁ ଆଏତା ଘଡ଼୍‌କେଁ ଉଡ଼ି
ଦେଖ ଦେଖ ଜଲ୍‌ଦି କର ଡ଼ଙ୍ଗା ଯାଉଛେ ବୁଡ଼ି । ॥୪୨॥

ଜମ୍ବୁବାନ୍ କହେଲା ସେ'ନେ ଗରୁଡ୍ ଗଛର୍ ଜଡ଼ି
ଅଛେ ଆନ୍‌ଲେଁ ନାଗର୍ ବିଷ୍‌କେ ତାହାରୁଁ ନାଇଁ ବଢ଼ି । ॥୪୩॥

ହନୁ କହେଲା ଥନ୍ ଥନେଇ ତାର୍ ମନର୍ କଥା
କଥା କଥାଥିଁ ବୁଥ୍ ବୁଥା କରି ହୁରୁଦ୍ ଭିତରର୍ ବଥା । ॥୪୪॥

ଉଭାଗର୍ ଯେ ଉଜାଗର୍ କରି ବ୍ରହ୍ମ ନିଜର୍ ଠାନେ
ନାଗର୍ ଗରେଁ ଘାରି ହେବା ? ମୋର୍ ମନ୍ ନାଇଁ ମାନେ । ॥୪୫॥

ଏ' ଦେ ଦେଖ ଦିହେଁ ଦିଶ୍‌ବା ଗରୁଡ୍ ଥିବାର୍ ଥିତି
ଚେତି ଉଠ୍‌ବେ ସତ୍‌ଚିତ୍ ଆନନ୍ଦ୍ ବିଷ୍‌କେ ଜିତି । ॥୪୬॥

ଆଧିଭଉତିକ୍ ଦୁଖର୍ ଚାଦର୍ ଆଦର୍ କରି ଉଢ଼ି
ଆନନ୍ଦ୍‌ମୟ୍ ନିରାନନ୍ଦେଁ ଥିଲେ କାଏଁ ଘାଏ ବୁଡ଼ି । ॥୪୭॥

ସତ୍‌କେ ସତ୍ ରାମ୍ ଲକ୍ଷ୍ମଣ୍ ଘଡ଼୍‌କେଁ ପଡ଼୍‌ଲେ ଜାଗି
ନି-ପନିଆଁ ମେଘର୍ ବେଗେଁ ମେଘନାଦ୍ ଗଲା ଭାଗି । ॥୪୮॥

ଉଛଲି କୁଦିଁ ଉଷଡ୍ କପି ଅସୁର୍ କରନ୍ ସୁହା
ବନ୍‌ଏ ବଛା ବଛା ବୀର୍‌ବି ହୁଅନ୍ ଅଚାବୁହା । ॥୪୯॥

ରାମ୍ ଲକ୍ଷ୍ମଣ୍ ଘାଏଲ୍ ଥିବାର୍ ରାବଣ୍ ଥିଲା ଶୁନି
ଦେଖ୍‌ଲା ଅସୁର୍ ନିପାତ୍ ତାହୁଁ ମାକର୍ ଉତ୍‌ପାତ୍ ଦୁନି । ॥୫୦॥

ପଚ୍‌ରା ଉଚ୍‌ରା କରି ଯେବେଁ ଜାନ୍‌ଲା ସବୁ କଥା
ଧର୍‌ବସା ଦିହ୍ ବିବଶ୍ ମନ୍ ହଇଁ ଗଲା ଦଶ୍‌ମଥା । ॥୫୧॥

ବଛା ବଛା ବୀର୍‌ମାନକୁଁ ପଠାଏ ଲଢ଼େଇ ଠାନ୍
ମଲା ଖବର୍ ଆସେ ନାଇଁ ଫିରେ କାହାର୍ ପ୍ରାଣ୍ । ॥୫୨॥

ମନ୍ଦୋଦରୀ କାନ୍ଦି କହେ ଇନ୍ଦ୍ରଜିତ୍‌ର ବା' !
ଗାଡ଼୍ ନାଇଁ କର କୁର୍‌କୁଡ଼ି ନିଜର୍ ନଖେଁ ଘା' । ।।୫୩।।

ପାର୍ କରେ ଯେ ବ୍ରହ୍ମଶର୍ ଆଏ କେଡେ ପାର୍‌ବାର୍
ବୀର୍ ଖାଲି ନୁହେ ବିରାଟ୍ ଶକ୍ତିର୍ ପାରାବାର୍ । ।।୫୪।।

ପାରାବାରେ ସୀତାର ଆଁଖିର୍ ଲହର୍ ଧାରେ ମିଶେ
କୁଡ଼େ ଆଖିଁ ବି ନାଇଁ ଦେଖ କେଡ଼େ ଅପାର୍ ଦିଶେ । ।।୫୫।।

ନାଇଁ ହ' ଆର୍ ଝଁପେଇ ସେ ପାରାବାରର୍ ମଝିଁ
ପଡ୍‌ତେ ସାଏର୍ ବୁଡ଼୍‌ବ କାହିଁ କାହିଁ ନାଇଁ ପାର ଅଲ୍‌ଝିଁ । ।।୫୬।।

ବିର୍‌କତ୍ ହଇଁ ରାବଣ୍ ବଏଲା ଜଗତ୍ ଜିତା ବୀର୍
ବିଧିର୍ ବଲେଁ ଡରେଁ କେଭେଁ ନାଇଁ ହଏ ଅଧୀର୍ ।।୫୭।।

ବୀରର୍ ଅଭାବ୍ ନାଇଁ ଦେଶେଁ ନାଇଁ ଶିରର୍ ଅଭାବ୍ ।
ଅଭାବ୍ କେବଲ୍ ତୁମର୍ ମନର୍ ସହଯୋଗୀ ସଭାବ୍ । ।।୫୮।।

ରାବଣ୍ ପାଟ୍‌ରାଣୀ ମେତାଲ୍ ନାଇଁ କହ କଥା ?
ରାମ୍-ଲଢ଼େଇନୁ ତୁମର୍ କଥା ଜହ କରେ ଅଥା । ।।୫୯।।

ଅସାଏମାନ୍ ମୁଇଁ ମାଏନ୍‌ତା ବୁତା କରେଁ ରହ ଦେଖି
ଯୁଗ୍ ଯୁଗ୍‌କେ ମୋହ୍‌ରି କଥା ଲୋକ୍ ରଖ୍‌ବେ ଲେଖି । ।।୬୦।।

ନାଇଁ ମାନେ ମୁଇଁ ଅନୁଖନୁ କାଏଁ କରୁଛ ମନା
ତୁମର୍ ମନା ଉଲଟିଆ ମତେ କର୍‌ସି ଆହ୍ଵନା । ।।୬୧।।

ତୁମର୍ ପନତ୍ କାନିଁ ମତେ ପାର୍‌ବା କାଏଁ ବାଂଧି ?
ସିଂହ୍ ଛୁଆକେ ପୁଆଲେଁ ଭାବି ଛଟାନେ ଦେବ ଛାଂଦି ? ।।୬୨।।

ଭବର୍ ସଥେଁ ମନ୍ଦ୍ ବଲିଁ ନାଆଁ ମନ୍ଦୋଦରୀ
ସିଦ୍ଧିମିଲେ ବୁଦ୍ଧିନେଇ ନିଜର୍ ଭାବ୍‌ନା ଧରି । ।।୬୩।।

ତୁମେ ଚାଲ ତୁମର୍ ବାଟେଁ ମୋର୍ ବାଟ୍‌ନାଇଁ ଛେଁକ
ମୋର୍ ଆଏଁଖ୍ ନାଇଁ ଛାପ୍‌କ ନିଜେଁ ନିଜର୍ ଆଖିଁ ଦେଖ । ॥୬୪॥

ଭାବ୍‌ନା ବନା ନାଇଁ କର ସୁଭାବିନି ! ବଲିଁ
ସୋଇ୍ ଥିତିନୁ ଭାବ୍‌ନା ସମୁଦର୍‌କେ ଗଲା ଢଲି ॥୬୫॥

ମୁଇଁ ଧର୍‌ତୀ ପତି , ସୀତା ଧର୍‌ତୀ ରାନୀର୍ ଛୁଆ
ହେ ଭାବେଁ ତ ଦେଖ୍‌ଲେଁ ଆଏଁ ବଇଦେହୀର୍ ବୁଆ । ॥୬୬॥

ଅଏବ୍ କରୁଛେ ମନ୍ଦୋଦରୀ ସୁନ୍ଦର୍‌ପନ୍ ତାର୍ ବଲ୍
ତାହାରୁଁ ଜିତା ସୁନ୍ଦରୀ ସୀତା ଜାନି ହଏ କଲ ବଲ୍ । ॥୬୭॥

ଗଡ୍ ଭିତରେଁ ବଡ୍ ବଡ୍ ବୀର୍ ଅଛନ୍ ଯେତେ ତେତେ
ସେମାନେ ଯାଇ ନାପି ଆସୁନ୍ କପି-ବଲ୍ କେତେ ? ॥୬୮॥

ସଂଗ୍ରାମ୍ ମୋର୍ ବାଟ୍ ସେ ବାଟେଁ ଭେଟ୍‌ମି ରାମ୍
ଡର୍‌ହେଁ ମର୍‌ହେଁ କେଭେଁ କା'ର୍ ପୂରେ ମନସ୍କାମ୍ ? ॥୬୯॥

ଲଢ଼େଇ ଭିଡ୍‌ରେଁ ଚିହ୍ନ୍ , ପର୍‌ଚେ ହେବା ରାମ୍‌ର୍ ସାଙ୍ଗେଁ
ବାହୁର୍ ବଲେଁ ଆଦେ (ଆଦାୟ) କର୍‌ମି ନାଇଁ ମିଲେ ଯା ମାଗେଁ । ॥୭୦॥

ଏତକି ଭାବିଁ ବଢ଼େ, ବଢ଼େ, ବୀର୍‌ମାନ୍‌କୁଁ ପଠେଇ
ଦେଖ୍‌ଲା କେ ମରେ ଯୁଝି କେ ମରେ ହଇଁ ଠଠେଁଇ । ॥୭୧॥

ବଜ୍ର ଦଂଷ୍ଟ୍ର ଧୂମ୍ରାକ୍ଷ ଆର୍ ପ୍ରହସ୍ତ ଅକଂମନ୍
ଜୀବନ ଗୁଆଁଇ କଁଟି ଦେଖ୍‌ଲେ ରାମର୍ ଲଢୁଆପନ୍ । ॥୭୨॥

ଦେବାନ୍ତକ୍ ନରାନ୍ତକ୍ ନିକୁମ୍ଭ ମହୋଦର୍
ଦେବ୍‌ଦନ୍ତ ବିରୂପାକ୍ଷ୍ ବୀର୍ କୁମ୍ଭ୍ ଭୟଂକର୍ । ॥୭୩॥

ସଭେ କଁଟି ଦେଖି ରାମ୍ ସେନାର୍ ବଲ୍ -ସାଗର୍
ମରିଁ ଯିବାର୍ ଖବର୍ ପୁହୁଁଚେ ଆସି ରାବଣ୍ ଆଗର୍ । ॥୭୪॥

ଭାଲ୍‌ନି-ଚାଲ୍‌ନି ଛାନି ଆସେ ରାବଣ୍ ମନ୍‌କେ ଭୟ୍
ଦୁର୍ବଲ୍ କରି ଦାନବ୍ ମନ୍ କରିଦିଏ ଅଥୟ୍ । ।।୭୫।।

ରାମ୍-ସମୁଦର୍ ଆଁ କରିଛେ ଯେ ଯାଏ ହଏ ହଜମ୍
ବଛା ବଛା ବୀର୍-ଝରନା ଶମି ସଭେ ସମ୍ । ।।୭୬।।

ଯେ ଗଲା ଆର୍ ନାଇଁ ଫିର୍‌ଲା ହଜେ ନାମ୍ ରୂପ୍
ଇନେ ଦିନ୍‌ଏ ଥିଲା ବୀର୍ ସେନ୍‌କେ ଯାଇ ଚୁପ୍ । ।।୭୭।।

ଆର୍‌କେ କେ ଅଛନ୍ ରାମ୍ ସାଙ୍ଗେ ପାର୍‌ବେ ଲଡି
ମନେ ପର୍‌ଲା କୁମ୍ଭକର୍‌ନ୍, ତାହାରୁଁ ନାଇଁ ବଢ଼ି । ।।୭୮।।

ଏଭେଁ ଶୁଇଛେ ଛ' ମାସେ'' ଯାଇ ଭାଙ୍ଗବା ତାର୍ ନିଦ୍
ଚେ଼ତାଇ ପାର୍‌ଲେଁ ଏଖେଇ ଘାଏକେଁ କବାର୍ ହେତା ସିଦ୍ । ।।୭୯।

ଯେନ୍ତା ହେଲେଁ କେନ୍ତା କରି ଚେ଼ତାଲେଁ ଯାଏକ୍ ଘାଏ
କାଁ ବଲ୍‌ବା ଯେ ବଲୁ ଆଏଜ ନିଜର୍ ପିଠିର୍ ଭାଏ । ।୮୦।।

ସେ ଥାଉଁ ଥାଉଁ ମୁଇଁ କାଁ ଯେଁ ହେମି ଘାଁଟି ସାନି
ଚ଼ଟୁ ଥାଉଁ କେ ନଙ୍ଗ୍‌ଲା ହାତେଁ ଅଙ୍ଗରା କାଢ଼୍‌ବା ଜାନି । ।।୮୧।।

କୁମ୍ଭକରନ୍‌କେ ଚେତାବାକେ ଲଗେଇନେଲା ଲୋକ୍
ଠୋଲ୍ କରାଲା ମଦ୍ ମାଉଁସ୍ ମେଟାବା ତାର୍ ଭୋକ୍ । ।।୮୨।।

ଝୁମ୍‌ରା ତାର୍ ଭାଙ୍ଗେ ନାଇଁ ଘୁମ୍‌ରି ଘୁମ୍‌ରି ଶୁଇଛେ
କାହିଁ ଜାନ୍‌ବା ମରନ୍ ଆସି ପର୍‌ନା ତଲେଁ ଜୁହିଛେ । ।।୮୩।।

ଯୋର୍ ଝୁମ୍‌ରା ଘାରି ରଖିଛେ ହଜିଁ ଯାଇଛେ ସୋର୍
ହେଜ୍‌କେ ଆଏବା ବଲିଁ ବାଜେ ବାଜ୍‌ନା ଯୋର୍ ସୋର୍ । ।।୮୪।।

ଜୀବନ୍-ଜଂଜାଲ୍ ଭିତ୍‌ରେଁ ଯେନ୍ତା ପ୍ରାଣୀ ରହେସି ଶୁଇଁ
ସୁଖର୍ ସପନ୍ ଦେଖିଁ ଦୁଖେଁ ଦିନ୍ ଯାଏସି ଗୁଇଁ । ।।୮୫।।

ଶୁଇଁ ଶୁଇଁ ଗୁଏଁଇ ନେସି ବର୍ଷକେଁ ଛ'ମାସ୍
ଚେ଼ଟିଁ ଦେଖସି ପକେଇଛେ କେ ଅକାଲେଁ କାଲ୍ -ପାଶ୍ । ।।୮୬।।

ଭର୍‌ଦର୍ ନିଦ୍ ପରି ଥିଲା ଦର୍ ନିଦିଆ ଉଠି
ରକତ୍ ଲାଲ୍ ଆଖିଁ ବିର୍‌କତ୍ ଭାବ୍ ଯାଉଛେ ଫୁଟି । ।।୮୭।।

ଗୁଟେ ସାହାସେଁ ପିଇନେଲା ମଠିଆ ମଠିଆ ମଦ୍
ଅଁଦ୍ ନାଇଁ ଜଁଦ୍ ଖାଇ କେତେ ହଏ ଗଦ୍ ଗଦ୍ । ।।୮୮।।

କହେଲା କିଏ ? କାଁ କାଯେଁ ? ଉଠାଲ ମତେ କହ
କହେଲା କାଏଁ ଦଦା ? ଦେଶ୍‌କେ ଦଶା ପର୍‌ଲା ଜହ ? ।।୮୯।।

ହାତ୍ ଯୁରି ଥରି ଥରି ଲୋକ୍ କହେଲେ ଡ଼ରି
ରଜାର୍ ଆଦେଶ୍ ବିନା କିଏ ଉଠାବା ସାହାସ୍ କରି ? ।।୯୦।।

ରଜା ଆଗ୍‌କେ ବିଜେ କଲେଁ ଜାନ୍‌ବ ସବୁ କଥା
ଆମେ କହେଲେଁ ସାନ୍ ସୁରୁକର୍ ରହେବା କାଏଁ ମଥା ? ।।୯୧।।

ହାଇ ମାର୍‌ତେଲ୍ ଭାଇର୍ ଆଗେଁ ଯାଇ ହେଲା ଠିଆ
ଭାଇ ଭାଇ ପୁଟ୍‌ଲା ଫୁଟ୍‌ଲେଁ ହଇଁ ମିଶାଲେ ହିଆ । ।।୯୨।।

ରାବଣ୍ କହେଲୋ ଗୋଟ୍ ଗୋଟ୍ କରି ଲଢ଼େଇର୍ ସବୁ କଥା
ଲଂକାର୍ ବୀର୍ ରାମ୍‌ସେନାନେ କେନ୍ତା ହୁଅନ୍ ଅଥା । ।।୯୩।।

ପଠାଲିଁ ଯେତେ ବଛା ବଛା ବୀର୍ ବନ୍‌ଏ ବନ୍‌ଏ
କିହେ ବି ଜନ୍‌ଏ ଠହରି ନାଇଁ ପାର୍‌ଲେକ ସେନେ ଛନ୍‌ଏ । ।।୯୪।।

ତୁଇଁ ଗଲେଁ କାଏଁ ସର୍‌ତା ଲଢ଼େଇ ? ହାତର୍ ହେତା ସୀତା
ମୋର୍ ତକ୍ ନାଇଁ ଆଏତା କଥା ହେତୁ ଜଗଜିତା । ।।୯୫।।

ଋଷି କହୁଛନ୍ ହୁସିଆର୍ ହଇଁ ଶୁନ୍‌ଅ ତତୁ କଥା
ଜୀବନ୍‌କେ ନାଇଁ ଜାନି ଲୋକ୍ ବନିହାଁ ବୁହନ୍ ବଥା । ।।୯୬।।

ହାଡ଼ ମାଉଁସର୍ ମଧେଁ ବହେ ରଁଚେ ମେତାଲ୍ ପବନ୍
ତାହାକେ କାଏଁ କହିହେବା ଅମ୍ରତ୍ ରସ ଜୀବନ୍ । ||୯୭||

ମନ୍ ମାଉଁସେଁ ଦିହ୍ ଉଷତ୍ ଆତ୍ମା ହେସି ଘାରି
ଯେ'ନୁ ଆଇଛେ ସେନ୍‌କେ ଯିବା କେ ପାର୍‌ବା ବାରି । ||୯୮||

ସମୁଦରର୍ ପାଏନ୍ ବର୍‌ଷିଁ ବୁହେ ନଏଦ୍ ନାଲ୍
ସେନ୍‌କେ ଫିର୍‌ବାର୍‌କେ ଜୀବନ୍ ଟାକ ଚାଲ୍ । ||୯୯||

କୁମ୍ଭକରନ୍‌କେ ଦିଶେ ଆନନ୍ଦ୍ ଡାକେ ହାତ୍ ଠାରି
ପାଏନ୍ ଡ଼ାକୁଛେ ଶୋଷ୍‌କେ ତାର୍ ଶୀତଲ୍ କୋଲ୍ ପାରି । ||୧୦୦||

ମରନ୍ ମୁହାଁ ଜୀବ୍‌କେ ଡ଼ାକେ ଆନନ୍ଦ୍-ଅମୃତ୍ ଧାର୍
ତଦ୍‌ଲା ବାଲିର୍ ମରୁ-ମରତ୍ ତୁର୍‌ତି ହେବୁ ପାର୍ । ||୧୦୧||

କୁମ୍ଭକରନ୍ କହେ କହେଲିଁ ତୁମ୍‌କୁଁ ସେତେବେଲେଁ
ଭଲ୍ ହେତା ବଇଦେହୀକୁଁ ରାମ୍‌ନେ ସଁପି ନେଲେଁ । ||୧୦୨

ମାଗିଁ ବୁହିଲ ବୁଦ୍‌କା ମୋର୍ କଥା ନାଇଁ ମାନି
ଏଛନି କହ ବୋଝ୍ କରୁଛେ ହଇଁ ଘାଁଟି ସାନି । ||୧୦୩||

ଯେନ୍‌ଟା ହେବାର୍ ଥିସି ହେସି ତୁମର୍ ଆଏତର୍ ନୁହେ
ଯାହାର୍ ଯାହା ପାଏବାର୍ ବିହି ଆଗୁଁ ଆନି ଥୁଏ । ||୧୦୪||

ମୋର୍ ପାଏବାର୍ ଚିଜ୍ ଟାକିଛେ ନେମି କରି ମାଏନ୍
ତମର୍ କେତେ ସେନ୍‌ହେ ମତେ, କରେଁ ଧଏନ୍ ଧଏନ୍ । ||୧୦୫||

ଯାଉଛେଁ ମୁଇଁ ପୁତ୍‌ଲା ମେତାଲ୍ ପୁତ୍‌ଲା-ନଚାର୍ ହାତେଁ
ଯେନ୍ତା ନଚାବା ସେନ୍ତା ନାଚ୍‌ମି ବାଁକେଁ ହଉ କି ଛାଟେଁ । ||୧୦୬||

ବାହାର୍ ହେଲା ଯୁହାର୍ କଲା ଦଦାର୍ ପାହା ଛିଇଁ
ଅଗ୍‌ବା ଲେଁକ୍‌ରା କରିଆକେତ, କାହିଁ ପାର୍‌ବା ସୀଇଁ । ||୧୦୭||

ରାମ୍ ସେନାନେ ଚ଼ହଲ୍ ପର୍‌ଲା ଆଇଛେ ଦାରୁ ଦଏତ୍
ତାହାକେ ଜବତ୍ କର୍‌ବାକେ ନାଇଁ କାହାରି ଆଏତ୍ । ॥୧୦୮॥

ଅଙ୍ଗଦ୍ ସୁଗ୍ରୀ ହନୁ ଜାମ୍ବବ୍ ସଭେ ଗଲେ ନ ହଦ୍‌ରି
ବାନର୍ ଭାଲୁର୍ ଦଲ୍ ଗୋଟ୍ ଗୋଟ୍ ସଭେ ଗଲେ ନ ବିଦ୍‌ରି । ॥୧୦୯॥

ଛିନ୍ ଛତର୍ ହଏ ବାନର୍ ସେନା ଲଢ଼େଇର୍ ଠାନ୍ ଛିନା
କୁମ୍ଭକରନ୍ କାଏଁ ଫିରେ ବିଭୀଷଣର୍ ଦେଖା ବିନା । ॥୧୧୦॥

କଥା ନାଇଁ ରହେଲା ବର୍ଲି ଦଦା ହେଲା ଦୁଷୀ
ରକ୍ତର ଡାକ୍ ପହେଇ କରି ପଲେଇ ଆଏଲା ଋଷି । ॥୧୧୧॥

ବେଢ଼ା ଆଏ ନାଇଁ ଦେଖିଲା ଦଦାର୍ ଠାନେ ରାମ୍‌କେ
ନାଇଁ ପାର୍‌ଲେ ଚ଼ିହ୍ନି ଦଦାର୍ ବାଟ୍ ଆନନ୍ଦ -ଧାମ୍‌କେ । ॥୧୧୨॥

କୁମ୍ଭକରନ୍‌କେ ଭେଟ୍ ନୁହିଁ ଆସିଥିଲା ପଲେଇ
ଦୁଷୀ ଭାବ୍‌ଟେ ବିଭୀଷଣ୍‌କେ ଦଉଥିଲା ହଲେଇ । ॥୧୧୩॥

ଆସିଛେତ ଏଛନି ହେଲେଁ ଭେଟ୍ ପର୍‌ବା ଘାଏ
ତୁମ୍ଭକ୍ ନିକେ ଲୁହାର୍ ଲେଖେଁ ଭାଏର୍ ପାଖ୍‌କେ ଯାଏ । ॥୧୧୪॥

ପାହେଁ ଯୁହାରି ଗୁହାରି କଲା ଦଦାର୍ ଅବିଚାର୍
ସଭା ଭିତରେଁ ଲାତ୍ ମାଏଲା ପିଠିଁ କେନ୍ତା ତାର୍ । ॥୧୧୫॥

"ରାମ୍ ଭଗଦ୍ ତ ଆଏଁ ପଲେଇ ଆଏଲିଁ ରାମର ପାଶ୍
ଦୟାର୍ ସମୁଦର୍ ରାମ୍ କରିନେଲେ ବି ଦାସ୍ । ॥୧୧୬॥

ସାଙ୍ଗେ ସାଙ୍ଗେ ଲଂକା ସିଂହାସନ ଦେଲେ ସଁପି"
କହେଲା କୁମ୍ଭ କରନ୍ ତାର୍ କଁଠ ଯାଏ କଁପି । ॥୧୧୭॥

ଜେଠ ଭାଏକେ ଡେଇଲା ଲୋକ୍‌କେ କରିନୁହେଁ ବିଶ୍ୱାସ୍
ଲୋଭ୍ ଲାଲ୍‌ଚେଁ ବାଂଧି ରାମ୍ ହଇଁ ଗଲା ଉଶ୍ୱାସ୍ । ॥୧୧୮॥

''ରାମ୍ ଭଗତ୍ କହୁ ନିଜ୍‌କେ କେଭେଁ ଯାହା ନୁହୁ
ବାଁଧେନ୍ ଗାଏ ବୁଝିଁ ବି ତୁଇଁ ନିଜେଁ ନିଜ୍‌କେ ଦୁହୁ । ॥୧୧୯॥

ନିଜ୍‌କେ ହରି-ଭକତ୍ ବଲିଁ ଯଦ୍‌ରି କହେ କିଏ
ନିଜର୍ ସାଂଗେଁ ହରି କେ ଭି ଘୋର୍ ଦୁର୍ନାମ ଦିଏ । ॥୧୨୦॥

ରାମ୍ ସାଗେଁ ମାହାର୍ସାଦ୍ ବସିଁ କରିଁ ତାର୍ ସେବା
ରାମ୍ ଭକ୍ତିତ ଶସ୍ତା ନୁହେ କାଁକରିକେ ହେବା ? ॥୧୨୧॥

ନିଜର୍ କାମେ ଯେ ଦେଖାଏ ରାମ୍‌ର୍ କଲା କାମ୍
ରାମ୍ ଭଗତ୍ ସଭେ କହେବେ, କହେବେ ବି ରାମ୍ । ॥୧୨୨॥

ବିମାତା ପୁଓ ଲକ୍ଷ୍ମଣ କେ ଛାଡ଼ନ୍ କାଏଁ ଘାଏ ?
ଛାଡ଼୍‌ଲୁ ପରେ ଦଦାକେ ତୁଇଁ ହଇଁ ପିଠିର୍ ଭାଏ । ॥୧୨୩॥

ବଡ୍ ଭାଏକେ ନୁରି ଦେଖିଥିତୁ ସିନେ ରାମ୍‌କେ
ନିଶ୍ଚେ ପାଇଥିତୁ ରାମ୍ ସାଙ୍ଗେ ଆନନ୍ଦ-ଧାମ୍‌କେ । ॥୧୨୪॥

ବିଭୀଷଣ୍ କହେଲା ଯେ ରାମ୍‌କୁଁ ଥରେ ପାଇଛେ
ତାହାର୍ ଲାଗିଁ ନାଇଁ ପାଏଲା ଜିନିଷ ଭାଏଲ୍ କାଇଛେ ? ॥୧୨୫॥

ତୋର୍ ବାଟେଁ ତୁଇଁ ଯା ଆମେ ଅଛୁଁ ଆମର୍ ବାଟ୍
ଆନନ୍ଦ-ଭୁଖା ଶୁଖା ଲଂକା ଧରି ବୁଲ୍ ହାଟ୍ ହାଟ୍ । ॥୧୨୬॥

ଏତ୍‌କି କହି କୁମ୍ଭ କରନ୍ ତାର୍ ଭାବେଁ ସେ ଫିରେ
ବିଭୀଷଣ୍ ବି ପଡ଼ଉ ଆଡ୍‌କେ ଲମ୍‌ଏ ଧୀରେ ଧୀରେ । ॥୧୨୭॥

କୁମ୍ଭ କରନ୍‌କେ କରି ନାଇଁ ପାର୍‌ଲେ ବଲିଁ ଜବଦ୍
ବେଲ୍ ବୁଡ଼ାକେ ରାମ୍ ପଡ଼ଉ ପଡିଥିଲା ତବଧ୍ । ॥୧୨୮॥

ମୁନି କହେଲେ ଶୁନି ବସ୍‌ଲେଁ ସମିଆ ହେବା ଆନ୍
ଯିମା ଚାଲ ଉବେଲ୍ ହଏ ସଂଧିଆ ଶଉଚ୍ ସ୍ନାନ୍ । ॥୧୨୯॥

❑

# ପାଉଚ୍-୬

# କୁମ୍ଭକରନ୍ ମାରନ୍

ଉହୁରି ଆସେ ଖରା ଯେତେ ଛଏରା ହୁଏ ଦୁହୁରି
ପଦ୍ମ ଫୁଲର୍ ନାରର୍ ତଲେଁ ଭଅଁର୍ ବଜାଏ ମୁହୁରି । ॥୧॥

ପାଟ୍ ବେହ୍ଲା ଗଛେଁ ଫୁଲ୍‌ର୍ ହାଟ୍ ଯାଉଛେ ଜମି
ବେଲର୍ ଖେଲ୍ ସାଙ୍ଗେ ଖରାର୍ ତେଜ୍ ଆଉଛେ କମି । ॥୨॥

ବେଦୀଶାଲେଁ ଭଜନ୍ ପୂଜନ୍ ସାରି ସଭା ଜମ୍‌ଲା
ଛାଡ଼୍‌ଲା ଠାନୁ ରାମେଣ୍ କଥା ମୁନି ମୁହଁନୁ ଲମ୍‌ଲା । ॥୩॥

ଅସୁର୍-ସେନା ପୁହୁଁଚି ଆଏଲେ କୁମ୍ଭକର୍‌ନର୍ ସାଙ୍ଗେଁ
ଭାଲୁ ମାକଡ୍ ଲଟ୍‌କିଁ ପର୍‌ଲେ ଅଙ୍ଗଦ୍ ଅଛନ୍ ଆଗେଁ । ॥୪॥

ନିଜର୍ ନିଜର୍ ବଡ଼େଇ କାହିଁ ଧୂମ୍‌ଧଡ଼କା ଲଡ଼େଇ
ଘାଉଁ ଘାଏକେ ବଢ଼ିଚାଲେ ନୁହନ୍ କିହେ ଅଁଡ଼େଇ । ॥୫॥

ସୁବଲ୍ ଗିରିର୍ ପଥର୍‌ଟାକେଁ ରାମ୍ ଦେଖୁଛନ୍ ବସି
ପାହାଡ଼ୁଁ ପଥର୍ ପଡ଼୍‌ଲା ଲେଖେଁ ମୁଡ଼୍ ପଡ଼ନ୍‌ଖସି । ॥୬॥

ହାତ୍ ଛିଡୁଛେ ମୁଡ୍ ଗଡୁଛେ କେତେ କଟୁଛେ ଗୋଡ୍
ମୁର୍‌ଦୁର୍ ଆଗେଁ ଜୀବନ୍‌ଧାରୀର୍ ଜୀବନ୍ ନେବାର୍ ତୋଡ଼୍ । ॥୭॥

'ମୁଇଁ'ର ହାଟ୍ ବାଗିର୍ ଦିଶେ ରାମ୍‌କୁଁ ରଣ୍-ଭୂଇଁ
ଅଶଲ୍ କର୍‌ଲାଲୋକ ହଁସେ ମଡ଼ା ଭିତ୍‌ରେଁ ଜୁହିଁ । ॥୮॥

କାହାରି ବି ଶକ୍ତି ନାହିଁ  ଜୀଆଁଇ ପାର୍‌ବାର ଜନ୍‌ଏ
ଅସଏଁଖ୍ ମାରି ପାର୍‌ଲାପନ୍ ଦେଖେଇ ହନ୍ ବନ୍‌ଏ । ॥୯॥

ଜୀବନ୍ ମୁର୍ତ୍ତିର୍ ଲୁକ୍ ଲୁକାନି ଖେଲ ଆଏ ସଂସାର୍
ଜନମ୍ ପରେ ମରନ୍, ମରନ୍ ପରେ ଜନ୍‌ମିବାର୍ । ॥୧୦॥

ଛିଡ୍‌ଲେଁ ଇ କଡ଼ି ପ୍ରାଣୀର୍ 'ମୁଇଁ' ଯାଏ ମରି
ଅଜବ୍ କଥା ଜୀବନ୍ ଚାହେଁସି ରହେବା 'ମୁଇଁ' କେ ଧରି । ॥୧୧॥

ଯଦ୍‌ରି, କେନ୍ ପ୍ରାଣୀ ଶକ୍ତି ଟିକେ ପାରେ ଅରଜି
'ମୁଇଁ'ର୍ ଧଜା ଉଡ଼େଇ ହେସି କେତେ ରକମେ ଗର୍‌ଜି । ॥୧୨॥

ସେ ଶକ୍ତିନେ କରି ପାର୍‌ଲେଁ ସୃଷ୍ଟିର୍ ଉପ୍‌କାର୍
ସରାଗ୍‌ସନ୍‌ଆ ସରଗ୍ ହେତା ଇ ସାରା ସଂସାର୍ । ॥୧୩॥

ଖରାପ୍ ନାଇଁ କର୍‌ତା ନାଇଁ କରି ପାର୍‌ଲେଁ ବି ଭଲ୍
ଉଲ୍‌ଟିଆ ଡ଼ରେଇ ଧପେଇ କରେ ସୃଷ୍ଟି କଲ୍‌ବଲ୍ । ॥୧୪॥

ପୁର୍ଥୀ ଡ଼ାକ୍‌ସି ସେ ତୁର୍‌ତି ରଖ୍ ହୋ ଭଗ୍‌ବାନ୍
ଭିତ୍‌ରେଁ ଥିବାର୍ ଭଗ୍‌ବାନ୍‌କେ ହେସି ଅସମ୍ମାନ୍ । ॥୧୫॥

ପ୍ରାଣୀ ଭିତ୍‌ରେଁ ଭଗବାନ୍ ସାଙ୍ଗେ ଥିସି ପଶୁଭାବ୍
ପଶୁର୍ ଭାବ୍ ଅସୁର୍ ଆବ୍‌ରେ ପ୍ରଭୁର୍ ନାଇଁ ଥାବ୍ । ॥୧୬॥

ହୁଁସୁଥିଲେଁ ପଶୁଭାବ୍ ଭଗବାନ୍ ଯାଏ ଲୁକି
ହିଂସାର୍ ଭାବ୍ ତାର୍ ସଂସାରେଁ ହେସି ଜହ ରୁକି । ॥୧୭॥

ଭାବ୍‌ନା ବନା ହେଲା ଯେଭେଁ ସୁଗ୍ରୀ ଆଏଲେ ପାଖେଁ
କହେବାର୍ କେତେକଥା ରଖି ରକତ୍ ଲାଲ୍ ଆଖେଁ । ॥୧୮॥

ଲହୁ-ସର୍ ସର୍ ଦିହ୍, ହାତେଁ ଛିଡ଼୍‌ଲା ନାକ୍ କାନ୍
କାହାର୍ ଆଏ ଯେ ଧରି ଆଇଛେ ରାମ୍ ବସ୍‌ଲା ଠାନ୍ । ॥୧୯॥

କହେଲା ଆଏ ରାବଣର୍ ଭାଏ ମହାନ୍ ବଲବାନ୍
କୁମ୍ଭ କରନ୍ ଆସି ଲଡ଼େଇ କରି କରେ ହଏରାନ୍ । ॥୨୦॥

ଆଏଇଜ୍ ତାହାକେ ମାର୍‌ବାକେ ଅଙ୍ଗଦ୍ ନଲ୍ ନୀଲ୍
ହନୁ ଜାମ୍ବବ୍ ସଭେ ଘେରାଲୁଁ ଧରି ସଏନ ଭିଲ୍ । ॥୨୧॥

ସମ୍ଙ୍କୁ? ହଟେଇ ମତେ ଖକେଇ ପଲଉଥିଲା ଲଂକା
ଦର୍‌ଚେ଼ତା ହଇ, ହଇଥିଲା ନ ଜୀବନ୍ ଯିବାର୍ ଶଂକା । ॥୨୨॥

ଚେ଼ତା ପାଇ ହେତାଇ ଦେଖ୍‌ଲିଁ କେନ୍ତା ଯିମି ମୁକ୍‌ଲି
ଛୋଟ୍ ରୂପ ଧରି ପଲେଇ ଆଏବାର୍ ଉପେ ଟାକ ଯୁଖ୍‌ଲିଁ । ॥୨୩॥

ହେନ୍ତା ଆଏଲେଁ କାଁ ବଲ୍‌ବେ ବଲି ବଏଲିଁ ସଖା !
ନାକ୍ କାନ୍ ତାର୍ ଛିଡ଼େଇ ଆନ୍‌ଲିଁ ହେଲା କଥାରଖା । ॥୨୪ ॥

ଡ଼ଙ୍ଗର୍ ଲେଖେଁ ନାକ୍ ତାର୍ ମଠିଆ ମେତାଲ୍ କାନ୍
ବଲ୍ ବପୁ ସେ କାଁଟେ କେନ୍ତା କର୍‌ବ ଅନୁମାନ୍ ? ॥୨୫॥

ମୋର୍ ପଛା ପଛ୍ ଆଇଛେ ଆମର୍ ସେନାବଲ୍
ଛିନ୍ ଛତର୍ କରି  କରେ କେତେ କରି କଲ୍ ବଲ୍ । ॥୨୬॥

ତୁମେ ଚାହେଁସ  ଯାହାର୍ ହାତେଁ ହେବା ଯେନ୍ କାମ୍
ସେ ହିଁ କରୁ ସେ କର୍‌ବାରେଁ ରହୁ ତାହାର୍ ନାମ୍ । ॥୨୭॥

ଠିକ୍‌ ଭାବ୍‌ସ ସବୁ କାମେ ନେଲେଁ ପଉରୁଷି
ଉନିଆଁ ମାନେ ହଡ଼ମାନ୍ ହଇଁ ବସ୍‌ବେ ନାଇଁ ରୁଷି ? ॥୨୮

ଲଡ଼େଇଠାନେ ଅଛନ୍ ଇଛନ୍ ଏକ୍‌ଲା ନ ଲକ୍ଷ୍ମଣ୍
ଅସଂଭାଲ୍ ସେ ଅସୁର୍ କର୍‌ବା କା'ଣା କେନ୍ କ୍ଷଣ୍ ? ॥୨୯॥

ବପୁ ଯେତ୍‌କି ବଡ଼୍ ତାର୍ ବପୁଁ ତାହାକୁଁ ଜିତି
ସବୁ ଆମର୍ ସେନା ବଲ୍‌କୁ ବର୍କସ୍ ତାର୍ ଥିତି । ॥୩୦॥

ବଲ୍ ବପୁର୍ ଅନୁରୂପ୍ ହତିଆର୍ ଭୟାଂକର୍
ତାହାକେ ବେଭାର୍ କର୍‌ବାର୍ ଢ଼ଙ୍ଗ୍ ଆହୁରି  ଚ଼ମ୍‌କ୍ରାର୍ । ॥୩୧॥

ଲଢ଼େଇନେ ତାର୍, ଆମର୍ ସେନା ବିଲ୍‌କୁଲ୍ ଅଥୟ୍
ଜନ୍‌ଏ ବି କେ ଛନ୍‌ଏ ହେଲେଁ ନାଇଁନ ନିର୍ଭୟ୍ । ।।୩୨।।

ରାମ୍ କହେଲେ ମିତ ଅସୁର୍ ମାତ୍‌ରେଁ ଭୟାଂକାର୍
ଦିହ୍ ଠାନୁ ବି ଡ଼ର୍ ଡ଼ରାନି ତାଂକର୍ ଅହଂକାର୍ । ।।୩୩।।

ଶତ୍‌ରୁ ଠାନୁ ବଡ଼୍ ଶତ୍‌ରୁ ଆଏ ମନର୍ ଡ଼ର୍
ଡ଼ର୍ ଯଦ୍‌ରି ମନେ କରେ ଘଡ଼େ ଅଧେ ଘର୍ । ।।୩୪।।

ରଶି ଦିଶେ ସାଁପ୍ ଲେଖେଁ ବାଘ୍ ଲେଖେଁ ବିଲେଇ
ସାହାସ୍ ସାଙ୍ଗେ ଶକ୍ତିଟିକ ତୁରତି ଯାଏ ପଲେଇ । ।।୩୫।।

ସୁଗ୍ରୀ କହନ୍ ଡ଼ର୍ ଆଏନ ମରନର୍ ମହା କାରଣ୍
ତୁମେ ଥିଲେଁ ହଏ ଡ଼ର୍‌କେ ବନ୍‌ଏ ଗୁଟେ ବାରଣ୍ । ।।୩୬।।

ତୁମେ ନାଇଁ ଥିଲେଁ ଯାହିଁ ଡ଼ର୍ କର୍‌ସି ରାଜ୍
କୁଲିହା ହେସି ବାଘ୍ ଗୁଲିହା ଚ଼ରେ ହେସି ବାଜ୍ । ।।୩୭।।

ତୁମେ ଥିଲେଁ ସାହାସ୍ ଥିସି ଶକ୍ତି ସାଙ୍ଗେଁ ଦମ୍
ତୁମର୍ ବିନା ଯେ ଥିଲେଁ ବି ସଭେଁ ହେସନ୍ କମ୍ । ।।୩୮।।

ହେଁ ଥିର୍ ଲାଗେଁ କହେଁ ମିତ ! ଚାଲ ଯିମା ଟିକେ
ହର୍‌ବର୍ ହଏ ଅସୁର୍ ଯିବାଲାଗି ଯମ୍‌ନିକେ । ।।୩୯।।

ଏକ୍ କେରିଆ ହଁ ସି ରାମ୍ କହେଲେ ଯିମା ଚାଲ
ଅସଂଭାଲ୍ କିହେ' ନୁହନ୍ କିଛିକେ ନାଇଁ ଭାଲ । ।।୪୦।।

ଉଦ୍‌ରି ଆଏଲେ ତର୍-ତରାନୁ ଧନୁ ଧରି ରାମ୍
ବାହାରି ଆଏଲା ସେନା ସାରାର୍ ମୁହେଁ ତାକର୍ ନାମ୍ । ।।୪୧।।

ଗୁଂଜ୍‌ରି ଗଲା ଆକାଶ୍ ସାରା ରାମ୍ ଜଏ ଜଏ
ଆନନ୍ଦ୍ ଆସି ସବୁ ମନେ ଭର୍‌ଲା ଅଭଏ । ।।୪୨।।

ହଁସି ଆଏଲା ସମ୍‌କର୍ ମୁହେଁ ସାହାସ୍ ଆଏଲା ଫିରି ।
ନଖେଁ ଦାତେଁ ଅସୁର୍ ସେନାର୍ ଶରୀର୍ ବସ୍‌ଲେ ଚିରି । ।।୪୩।।

ବିଭୀଷଣ୍ କହେଲେ ରାମ୍‌କୁ ଯୁଡ଼ି ଦୁଇ ହାତ୍
ଯେ ଆନ୍ ମୋର୍ ମଝିଆଁ ଦଦା ବୀର୍ ମଏଧେଁ ଖ୍ୟାତ୍ । ।।୪୪।।

କୁମ୍ଭକରନ୍ ନାମେ ଖୁବ୍ ବଲ୍ ପରାକ୍ରମ୍
ଲୁହାର୍ କଂପର୍ ଲେଖେଁ ପଶ୍‌ଲେଁ ଶତ୍ରୁ କରନ୍ ସମ୍ । ।।୪୫।।

ବଡ଼୍‌ଖା ଦଦା ଲଂକେଶ୍ୱର୍ ଇ ଭାଏକର୍ ବଲେଁ
ତିନ୍‌ହିଁ ପୁର୍‌କେ ଜିତ୍‌ଲେଁ କଲେଁ ବଲେଁ କଉଶଲେଁ । ।।୪୬।।

ଦଦାର୍ କଥା ଟାଲେ ନାଇଁ ମହାପ୍ରୁ ମେତାଲ୍ ମାନ୍‌ଏ
ଦଦା କହେଲେଁ ଘାଏକେଁ ଶତ୍ରର ପଁଥ୍ ଆନ୍‌ବା ଦାନ୍‌ଏ । ।।୪୭।।

ଗୁଟେ ଗୁଟେ ବାହାନେ ତାର୍ ଷାଠେ ଷଁଢ଼ର ବଲ୍
କାହାରି ଠାନୁ ହାରିଁ ଯିବାର୍ ନାଇଁନ ତାର୍ ଡ଼ର୍ । ।।୪୮

ଜନମ୍ ପରେଁ ହଜମ୍ କଲା ହଜାର୍ ହଜାର୍ ପ୍ରାନୀ
ଜୀଇଁଥିଲେଁ ସର୍‌ଜନା ସବ୍ ସାରି ନେବା ଜାନି । ।।୪୯।।

ବଜର୍ ମାଏଲେ ଇନ୍ଦର୍ ଦିହେଁ ପଡ଼ୁନ୍ ସାଏର୍ ବୁଥା
ସରଗ୍ ରଜାର୍ ଅସ୍ତର୍ ସବ୍‌ତ ସୋଲ୍ ଗଲା ବୃଥା । ।।୫୦।।

ହତିଆର୍ ନାଇଁ ହାତେଁ ଛୁଆ ଇଆଡ୍ ସେଆଡ୍ ନୁର୍‌ଲା
ଅଏରାବତର୍ କିଶା ଉପ୍‌ଡ଼େଇଁ ମାଲିକ୍ ଦିହେଁ ହୁର୍‌ଲା । ।।୫୧।।

ଆଶ୍ରିୟ୍ ହଇଁ ନିରଶ୍ ଭାବେଁ ସରଗ୍ ରଜା ଭାଗ୍‌ଲା
ସିର୍ଜନାକାରୀ ନିକେ ଯାଇ ତାକର୍ ପିଛା ଲାଗ୍‌ଲା । ।।୫୨।।

ସବୁ କଥା ଶୁନି ବ୍ରହ୍ମା ଦଏତ୍‌କେ ଦେଲେ ଶାପ୍
ମଲା ମେତାଲ୍ ଶୁଇ ରହେବା କହେଲେ କରି ସାଫ୍ । ।।୫୩।।

ରାବ୍‌ଣ ଶୁନି ବ୍ରହ୍ମା ପାଶେଁ ହେଲେ ଅତି ଆକୁଲ୍
ଇତାର୍ ଉର୍ଧେଁ ଠହରି ପାରିଥିତେ ଦାନ୍‌ବ୍ କୁଲ୍ । ||୫୪||

ଜନମ୍‌ଗୁଟେ ଦେଲ କେନ୍ତା କରମ୍ ନେଲ ଘୁଚେଇ
ଶାପର୍ ଖାଲେଁ ପକେଇନେଲ ଆନ୍‌ଅ ଟିକେ ଉଁଚେଇ । ||୫୫||

ବ୍ରହ୍ମା ଆଗେଁ ଦାନବ୍ ରାଜର୍ ଗୁଲ୍‌ଗୁଲା ନୁହେ ସହି
ହାଏ ! କର୍‌ଲେ 'ଛ' ମାସେଁ ଘାଏ ଝୁମ୍‌ରା ଭାଙ୍ଗବା' କହି । ||୫୬||

ଉଠ୍‌ଲା କି ଖାଏବା ପୁରା ଛ' ମାସର୍ ଖାଏଦ୍
କେନ୍‌ସି କାମେ କିହେବି ନାଇଁ ଉଠାନ୍ କରି ବାଏଧ୍ । ||୫୭||

ସେ ଦିନ୍‌ଟା ଯାହାକେ ଚାହେଁବା ତାହାକେ ପାର୍‌ବା ମାରି
କାହାରି ଠାନୁ ସେ ଦିନ୍ ନାଇଁ ଯାଏ ହାରି । ||୫୮

ଛ' ମାସ୍ ଆଗୁଁ ଉଠାଲେଁ ତାର୍ ଆୟୁ ଯିବା ସରି
ଜୀବନ୍ ମୂର୍ଚ୍ଛା ଲଡ଼୍‌ଲେଁ ବି ନାଇଁ ପାରେ ଜୀବନ୍ ଧରି । ||୫୯||

ଗୋଡ୍ କାଟ୍‌ଲେଁ ଚୋକ୍ ଶରେଁ ଭାଙ୍ଗବାର୍‌କେ ତୋଡ୍
ରଙ୍ଗି ଢୁଲ୍‌ଙ୍ଗି ଲଡ଼େଇ କଲା ନାଇଁ ଥିଲେଁ ବି ଗୋଡ୍ । ||୬୦||

ଦିହ୍‌ର୍ ମୁଣ୍ଡର୍ ସମ୍ବଂଧ୍ ନାଇଁ କଲେଁ ଛିନ୍ ଭିନ୍
ନାଇଁ ମରେ ନ ଅଜ୍ଞାନ୍ ଅସୁର୍ କୁମ୍ଭ୍ କରନ୍ ହୀନ୍ । ||୬୧||

ଭାବିଁ ରାମ୍ ଅଧା -ଚନ୍ଦର୍ ଶରେଁ କାଟ୍‌ଲେ ମୁଣ୍ଡ୍
ମୁଣ୍ଡ୍ ଉତ୍‌କେ ମୁଣ୍ଡେ ଉପର୍ ରକତ୍ ସୁଣ୍ଡ୍ ବୁଣ୍ଡ୍ । ||୬୨||

ମୁଣ୍ଡ୍ ଆଁକରି ଗଫେ କରେ ଗୁଟା ଗୁଟା ମାକର୍
ମନା କଲେ ରାମ୍ ସେନାକୁ ଯିବାକେ ତାର୍ ପାଖର୍ । ||୬୩||

ଶରୀର୍ ଚିର୍‌ଲେ କାଠ୍ ମେତାଲ୍ କରି ଟିକ୍ ଟିକ୍
ଶରୀର୍ ଶରେଁ ଚିରିନେଲେ ଦୁଇ ଫାଲ୍ କରି ଠିକ୍ । ||୬୪||

ଫାଲେ ପର୍ଲା ସାଗ୍ରେଁ ଯାଇଁ ପର୍ବୈତଁ ଆର ଫାଲ୍
ଅଦେଖା ଆଁକେ କୁଂଭ୍ କରନ୍‌କେ ଗିଲେ ମହାକାଲ୍ । ॥୬୫॥

ଅସୁର୍ ସେନା ଯାହା ଥିଲେ ବର୍‌ଡ଼ା ବାଂଧି ପଲାଲେ
ମାକ୍‌ର ଭାଲୁ ଅସୁର୍ ମଲା ଜାନି ଟିକେ ହେଲାଲେ । ॥୬୬॥

ରାମ୍ କହେଲେ ବିଭୀଷଣ୍‌କୁଁ ଦୁଖ୍ କର କାଏଁ ମନ୍
ମରନ୍ ନୁହେ ମୁର୍‌ଛି, ଯେତେ ଦିନ୍ ଅଛେ ତନ୍ । ॥୬୭॥

କାମ୍‌ନା ଥିଲେଁ ଦିହ୍ ଥିସି ଦିହ୍ ଥିଲେ ମରନ୍
ମରନ୍ ଥିଲେଁ ଜନମ୍ ଥିସି ଧରି ଦୁଖ୍ ଭରନ୍ । ॥୬୮॥

ତୁମର୍ ଦଦାର୍ କାମ୍‌ନା ଯେତେ ଥିଲା ସବୁ ସର୍‌ଲା
ସେ ସାଙ୍ଗେ ବି ଜନମ୍ ମୁର୍ତୁର୍ କଡ଼ି ଛିଡ଼ି ପର୍‌ଲା । ॥୬୯॥

ଦେହେନେ ଯେ ସେନ୍‌ହେ ସଁପି ଦେଖାଏ ବଡ଼୍‌ପନ୍
ନିଜ୍‌କେ ନିଜେ ଦେଖିବାର୍ କାଯେଁ ହଜାଏ ଦର୍‌ପନ୍ । ॥୭୦॥

ବଲ୍ ପାଏଲେଁ ଯେତେ, ସେତେ କଲେଁ ଜନତାର୍‌ଭଲ୍
ମଗା ନାଇଁ ଲାଗେ ମନ୍ ଜାନି ମିଲେ ଫଲ୍ । ॥୭୧॥

ମୋର୍‌ପନ୍‌ଟା ଜାଗ୍‌ବା ଯେତେ ଲାଗ୍‌ବା ସେତେ ଦୁଖ୍
ମମ୍‌ତା ନୁ ମୁକ୍‌ଲି ପାର୍‌ବାର୍ ନାଁ ଟା ଆଏ ସୁଖ୍ । ॥୭୨॥

ଭାବି ପାର୍‌ବ କେଭେଁ ଯଦ୍‌ରି ସାରା ସଂସାର୍ ମୋର୍
ତାର୍ ଅନ୍‌ଭଲ୍ ଯେ କର୍‌ବା ସେ ଶତ୍‌ର ଘୋର୍ । ॥୭୩॥

ଜଗତ୍ ହିତର୍ ଲାଗିଁ ଯାଏ ହେଲେଁ ତୁମର୍ ଭାଏ
ନାଇଁ କରି, ଶୁଇ ଶୁଇ ଦିନ୍ କାଟ୍‌ଲା ହାଏ । ॥୭୪॥

ସବୁଦିନ୍‌କେ ଶୁଆଇ ରଖ୍‌ଲା ଶୁଇବାର୍ ବଏସରା
ତୁମେ କାଁ ଯେଁ ମି ଛ୍ ମାହାଲିଆ ହେବ ହୁରୁଦ୍ ହରା । ॥୭୫॥

ପସ୍ତାଇ ସୋଜ୍ ଶସ୍ତା କର୍‌ବ ନିଜର୍ ବିଚାର୍ ବୁଧି
ଅନାମେଦ୍ ଶୋକ୍ ଛାଡ୍‌ବାର୍ ଟା ଆଏ ଆତମ୍ ଶୁଧି । ॥୭୬॥

ବିଭୀଷଣର୍ ହୂର୍‌ଦେଁ ଯେନ୍ ଥିଲା ଦରଦ୍ ଟିକେ
ରାମ୍ କଥାକେ ଭରିଁ ଗଲା ଯେନିଟା ସେନିକେ । ॥୭୭॥

ମୁନି କହେଲେ ଦେଖ ଏ' ଦେ ବେଲ୍ ଆସେ ବୁଡି
ପଛିମ୍ ଆଡୁଁ ରାଏଡ୍ ଆସେ ଅଂଧାର୍- ଉର୍‌ନହା ଉଢ଼ି । ॥୭୮॥

ରାମ୍ ଭଜନ୍ କର ଘାଏ ତମ୍‌ସା ନଏଦ୍ ଡ଼ାକେ
ସଂଧିଆ ଶଉଚ୍ ସ୍ନାନ୍ ବେଲା ହେଲା ବର୍ଲିଁ ହାକେ । ॥୭୯॥

ରାମ୍ ଭଜନ୍ ହେଲା ଯାହୁଁ ରାମେଣ୍ କଥା ରହେଲା
ଆଶ୍‌ରା ଚ଼ିହ୍ନି ଚାଲ ଚାଲ ଚ଼ରେ ଜଗଦ୍ କହେଲା । ॥୮୦॥

❑

# ପାଉଚ୍-୭

## ତରଣୀସେନ୍ ଆର୍ ବୀର୍‌ବାହୁ ମାରନ୍

ସବୁଦିନର୍ ଲେଖେଁ ଆଏଜ୍ ଉର୍ଦିଁ ଆଏଲା ବେଲ୍
ତରା ପଲାଲେ ଖେଲେ ଖରା ସବୁ ଦିନିଆଁ ଖେଲ୍ । ।।୧।।

ବତ୍‌ରେଁ ବତ୍‌ରେଁ ଉକିଆ ନାଚିଁଗଲେ ପତ୍‌ରେଁ ପତ୍‌ରେଁ
ତଲ୍‌କେ ଡାମ୍‌ଡି ଆନ୍‌ଏ ପତର୍ ଫାଁକର୍ ସୁତ୍‌ରେଁ । ।।୨।।

ଫୁଟ୍‌ଲା ଫୁଲର୍ କହର୍ ସବୁ ଧୁକାର୍ ସାଙ୍ଗେ ଛୁଟ୍‌ଲା
ମୁଡ୍ ହଲାଇ ମନା କଲେଁ ବି ମହୁ ଭଅଁର୍ ଲୁଟ୍‌ଲା । ।।୩।।

ଲବ କୁଶର୍ ବୀନାର୍ ସୁରେଁ ରାମ୍ ଭଜନ୍ ସର୍‌ଲା
ଆଶ୍ରମ୍‌ର୍ ଆକାଶ୍ ଜୟ-ରାମ୍ ଶବ୍‌ଦେଁ ଭର୍‌ଲା । ।।୪।।

ମୁନି ଥିଲେ ବନ୍‌ଏ ଘଡ଼େ ରାମ୍-ଭାବ୍-ନେ ବୁଡ଼ି
ଉତ୍‌ରିଁ ଆଏଲେ ଲଢ଼େଇ ବେଲର୍ ଲଂକା ଉପରୁଁ ଉଡ଼ି । ।।୫।।

'ହେ ରାମ୍' କହି ମୁଲ୍ କର୍‌ଲେ ରାମ୍‌ରାହାକେ ଚାଲି
ସୀତାରାମ୍ କହି ସଭାର୍ ସଭେ ଦେଲେ ତାଲି । ।।୬।।

କୁଂଭ୍ କର୍‌ନର୍ ମଲା ଖବର୍ ହଇଁଗଲା ଯାଜି
ରଦ୍‌ରଦାଲା ଦଏତ୍-ହୁରୁଦ୍-ଅସୁହା-ଶର୍ ବାଜି । ।।୭।।

କରିଥିଲା ଯେନ୍ ଆଶା ତାର୍ ଭାଏ ମହାବୀର୍
ଗଲେଁ ଘାଏକେଁ ଗଁଠେଇ ଆନ୍‌ବା ରାମ୍ ଲକ୍ଷ୍ମଣ୍ ଶିର୍ । ।।୮।।

ବାଂଧି ଆନ୍‌ବା ସୁଗ୍ରୀ ଅଙ୍ଗଦ୍ ସାଙ୍ଗେ ଜାମ୍ବବାନ୍
ଭାବୁଥିଲା କେନ୍ତା କର୍‌ବା ପାଏଲେଁ ହନୁମାନ୍ । ।।୯।।

ଜୀଇଁଥିବା ଯଦ୍‌ରି ବିଭୀଷଣ୍ ଆଏବା ସାଙ୍ଗେଁ
ପସ୍ତେଇ ଲାଗେ କହିଥିଲା ବର୍ଲି ଥରେ ରାଗେଁ । ॥୧୦॥

ପିଠ୍ ସୁଆଁଲି କହେବା ଆଉ ବର୍ଲି ସିନା ସାନ୍
ସୋର୍ ନାଇଁ କର୍ ଦେଲିଁ ଘୋର୍ ଅପମାନ୍ । ॥୧୧॥

କୁଂଭକରନ୍ କହେବା ଆମେ ଏକ୍ ତିନ୍‌ହି ଭାଏ
ଜୀବନ୍ ସାରା ରହେମା ଛଡ଼ା ଛଡ଼ି ନୁହୁଁ ଘାଏ । ॥୧୨॥

ଆଶା ସର୍‌ସର୍ ମନେ ବାଜ୍‌ଲା ନିରାଶ୍-ବିଷର୍ ଶର୍
ଯିବାର୍ ଉପରେଁ ରହେଲା ଜୀବନ୍ ଶୁଖି ଆଏଲା ସର୍ । ॥୧୩॥

ଭାବ୍-ରାଏଙ୍କୁଁ ଆଏଲା ଜଲ୍‌ଦି ସୋଜ୍ ଥିତିକେ ଫିରି ।
ରାମ୍ ଲକ୍ଷ୍ମଣ୍ ମାରିଁ ଆଏବା ରାଗେଁ ହେଲା ଭିରିଁ । ॥୧୪॥

ଜମିଗଲେ ନ ସେତ୍‌କି ବେଳେଁ ମନ୍ତ୍ରୀ ସେନାପତି
କେନ୍ତା କର୍‌ମା' ? କହନ୍ ଦୁଖ୍‌ମନା ହଇଁ ଅତି । ॥୧୫॥

ଗୋଡ୍ ତଲେଁ ପରି ମୁଡ୍ ଲୁହାଇ କହେ ତର୍‌ଣୀ ସେନ୍
ବିଦ୍ୱାନ୍ ତୁମେ ଜାନୁ ଥିବ ସବୁ ବିଧାତାର୍ ଦେନ୍ । ॥୧୬॥

ମଲା ଲୋକ୍ ତ ଫିରେ ନାଇଁ ଗଲା କଥା ଯାଉ
ସବୁ ଯାଇ କଥା ରହେ, କାଲ୍ କାଲ୍‌କେ ଥାଉ । ॥୧୭॥

ଭଲ୍ ହେଲେଁ ତ ଉଷତ୍ ହେମା, ମନ୍ଦ୍ ହେଲେଁ କାଏ ଦୁଖ୍ ?
ହରି ପର୍‌ସାଦ୍ ମାନି ନେଲେଁ ଭରି ଆଏସି ସୁଖ୍ । ॥୧୮॥

ପସ୍ତାବାର୍ ନୁ ହୀନସ୍ତା ନାଇଁ ସୁସ୍ତାଇ ରହି ଟିକେ
ଆରାମ୍ କର ଥିବାର୍ ତକ୍ ଯାଉଛେଁ ରାମ୍ ନିକେ । ॥୧୯॥

ରାବଣ୍ କହେ ଜୀବନ୍ ଆଏ ଅନୁଖନୁ ଲଢ଼େଇ
ଦେଖେଁ ମୁଇଁ ଯେତେ ଜଲ୍‌ଦି ହେବା ଦେମି ଛଡ଼େଇ । ॥୨୦॥

କେତେ ବି ନୁ ଛିଡ଼୍ ତା ନ ଯେ ରାମ୍ ଦଉଛେ ଲମେଇ
ପୁଓ ପୁତ୍‌ରା  ଭାଗେଁ ପଡ଼େ, ମୋର୍ ଭାଏଗର୍ କମେଇ ।   ॥୨୧

ତୁଇଁ କାଁ କରି ଝଁପେଇ ହେବୁ ଲଢ଼େଇ-କୁଏ ଜଲୁଛେ
ତୋର୍ ବାପ୍ ତ ନିଜର୍ ହାତେଁ ଘି ଆନିକରି ଢ଼ାଲୁଛେ ।   ॥୨୨॥

ମୁଇଁ  ଯାଉଛେଁ ଲିଭେଇ ନେମି ସେ କୁଏକେ ଆଏଜ୍
ଶଂକା ଯିବା ସବୁ ଦିଗୁଁ  ରହେବା ଲଂକା ରାଏଜ୍  ।   ॥୨୩॥

ତରଣୀ କହେ ତରସ୍ତ ନୁହ ମୁଇଁ ଥାଉଁ ଥାଉଁ ବାବା
ଯାଉଛେଁ ମୁଇଁ  ଯାହା କର୍‌ମି ରାମ୍‌ବି ହେବା କାବା ।   ॥୨୪॥

ଜନ୍‌ମୁଁ ଜାନେ ଜୀବନ୍ ଆଏ ବନ୍‌ଏ ଗୁଟେ ଖେଲ୍
ଖେଲି ଆଏମି ନାଇଁ ଛେଁକ ହଇଁ ଗଲାନ ବେଲ୍ ।   ॥୨୫॥

ନାଇଁ ବଲୁଛୁ ବଏଲେଁ ବାବୁ ! ଯା’ କହେଲା ରାବଣ୍
ପୁଓ ପର୍‌ଭୁର୍ ଲଢ଼େଇ ଦେଖୁ ପିତା  ବିଭୀଷଣ୍ ।   ॥୨୬॥

ବର୍‌ଗିଁ କହେଲା କେ ଅଙ୍ଗରେ କବଚ୍ ଦିଅ ପିଂଧେଇ
ଭଲ୍ ଅସ୍ତର୍ ଶସ୍ତର୍ ଦେଇ ରଥ୍‌ଟେ ଦିଅ  ଫନ୍ଦେଇ ।   ॥୨୭॥

ତର୍‌ତରାନୁ ଉଦ୍‌ରେଇ କରି ଦିହୁଁ ତାର୍ ଉତ୍ତ୍‌ନି
ଦେଖ କେତେ ଅଭେଦ୍ କବଚ୍ ଅଛେ କହେ ତର୍‌ନୀ ।   ॥୨୮॥

ରାବଣ୍ ଦେଖେ ଦିହେଁ ଲେଖା ଅସଏଁଖ୍ ରାମ୍ ନାମ୍
ହଁସି କହେ କରେ କୁମାର୍ ବନ୍‌ଏ  ହୁସିଆର୍ କାମ୍ ।   ॥୨୯॥

ଯୋଦ୍ଧା ହେଲେଁ ଆଏ ପରେ ଦାନବ୍ କୁଲର୍ ଖୁଁଟି
ଅନାୟାସେଁ ମାୟା-ଭଂଡ଼ାର୍ କେଭୁଁ ସାରିଛେ ଲୁଟି ।   ॥୩୦॥

ରାମ୍ ନାମ୍‌କେ ରାମ୍-ସେନାର୍ କାହିଁ ପଡ଼୍‌ବା ଶର୍
ରାମ୍‌ର ବି ତ ତାର୍ ନାମ୍‌କେ ଥିବା କିଛି ଡ଼ର୍   ॥୩୧॥

କଏଲାଣ୍ କରି କହେଲା ବାବୁ ! ଯା' ବେଟା ତୁର୍ତି
ପ୍ରଭୁଁ ଆଗେଁ ପୁଓକେ ଦେଖି ବାପ୍ ହଉ କର୍ତି । ॥୩୨॥

ତରଣୀ ଗଲା ରଣ୍-ଭୂଇଁକେ ରାମ୍-ଦଲ୍-ବଲ୍
ତାର୍ ବଲ୍ କଲି ନାଇଁ ପାରି ହେଲେ କଲ୍ବଲ୍ । ॥୩୩॥

ରଥେଁ ବଂଧା ଧଜା ଲେଖା ତାହିଁ ରାମ୍ ନାମ୍
ରାମ୍ ନଂଦିଆ ଚିତା ମୁଡ଼େଁ ଦିହେଁ ରାମ୍ ରାମ୍ । ॥୩୪॥

ଦେଖି କହେଲେ ମାକର୍ ଭାଲୁ ଅସୁର୍ ମାୟା ଦେଖ
ଭକ୍ତିଶସ୍ତା ରାମ୍ ଜାନି ଧରେ ଭକ୍ତର୍ ଭେଖ । ॥୩୫॥

କାଁ କର୍ବେ ନାଇଁ ପାର୍ଲେ ଛେଁକି ତାହାକେ ବାଟେଁ
ସମୁଦର୍-ମୁହଁ ନଏଦ୍କେ କିଏ ଛେଁକି ରଖ୍ବା ହାତେଁ । ॥୩୬॥

ରାମ୍ ପାଶ୍କେ ଆସି ଯୁହାରେ ପାହାକେ ପେଶି ଶର୍
ବିଭୀଷଣ୍ ଦେଖିଁ ଆଏଁଖ୍ ଲହ ସର୍ ସର୍ । ॥୩୭॥

ବାହାରିଆ ତପେଁ କା'ଣା ଥିସି ? ତାର୍ ଭିତ୍ରର୍ ଭାବ୍
ରାମ୍ ଜାନିକରି କହେଲେ ବାବୁ ! ଯାହା ମାଗ୍ବୁ ମାଗ୍ । ॥୩୮॥

ତରଣୀ କହେ ତର୍ମି ବଲିଁ ସଂସାର୍ -ସମୁଦର୍
ଆସିଛେଁ ମୋର୍ ଆଶାର୍ ନାଇଁ ହଉ ନିରାଦର୍ । ॥୩୯॥

ସଂସାର୍ କାମ୍ନାର୍ ଘର କାମ୍ନା ନେଇ ଜବାର୍
କବାର୍ କାଯେଁ ଜନମ୍ ତାର୍ ପଛା ପଛ୍ ମର୍ବାର୍ । ॥୪୦॥

କାମ୍ନାର୍ ମୂଲ୍ ପରାନୀର୍ ପାଏବା କେ ଆନନ୍ଦ
ସେ ଟିକ୍କର୍ ଲାଗିଁ ସମ୍କର୍ ସବୁ ଲନ୍ଦ୍ ଫନ୍ଦ୍ । ॥୪୧॥

ତୁଇଁ ରାମ୍ ସତ୍ ସୁନ୍ଦର୍ ଚିତ୍ ଆନନ୍ଦ ଧାମ୍
ଚାହେଁ ଆନନ୍ଦ ଭିତ୍ରେଁ ସବୁ ଜୀବନ୍ର ସଂଗ୍ରାମ୍ । ॥୪୨॥

ଲଢୁଆ ମୁଇଁ ଲଢି, ଆଇଛେଁ ଲଢ଼େଇ ମୋର୍ ଦର୍କାର୍
ଆନନ୍ଦ୍ ଲାଗିଁ କାଏଁ ରହେବା ଜନମ୍ ମରନ୍ ବାରବାର୍ । ।।୪୩।।

ବଡ୍ ବା'ର୍ ବଡ୍ ଆଶା ନେଇ ଆଇଛେଁ କର୍‌ମି ଲଢ଼େଇ
ଜୀବନ୍ ଦେଇ ବଅଁଚାମି ତାର୍ ଜୀବନ୍ ଆଉର୍ ବଢ଼େଇ । ।।୪୪।।

ସେତେବେଲେଁ ବିଭୀଷଣ୍‌କେ କହୁଥାଆନ୍-ରାମ୍
ମିତର୍ ପୁଅ ଆଏତ ଆଏ ମୋର୍ ପୁଓ ସମାନ୍ । ।।୪୫।।

ଯା'ରେ ବାପା ! ଫିରିଁଯାଇ ବଡ୍‌ବାପା କେ କହ
ଏଛନି ବି ସମିୟା ଅଛେ ବିଲମ୍ ନୁହେ-ଜହ । ।।୪୬।।

ଶରଣ୍ ପଶି ସୀତା ସଁପି ମାଗି ନଉ ଦୋଷ୍
ବଲ୍ ପରାକ୍ରମ୍ ଥାଇ ବି ବେହୁସିଆର୍ ବେହୋସ୍ । ।।୪୭।।

ପୁଓ ପଠେଇ ରଣ୍ ଭୂଇଁକେ ନିଜେ ଅଛେ ଘରେଁ
ଭାବେ ସଭେ ମରୁନ୍ ମୁଇଁ କେଭେ ନାଇଁ ମରେଁ । ।।୪୮।।

ଲଢ଼େଇ ପଛେ ଇନେ ଥାଉ ତତେ ନାଇଁ ମାରେଁ
ସୀତା ହାରି ପାର୍‌ମି ତତେ ମାରି ନାଇଁ ପାରେଁ । ।।୪୯।।

ଜୀବନ୍ ନେଇ ଯା'ରେ ଧନ୍ ନାଇଁ କରା ବଦ୍‌ନାମ୍
ନିଜର୍ ସ୍ୱାର୍ଥର୍ ଲାଗି ପୁଓକେ ମାରିପାରେ ବି ରାମ୍ । ।।୫୦।।

ତରଣୀ କହେ ସୁତର୍ ଭାବେଁ ନୁହେଁ ଜୀବନ୍-ଭୁଖା
ଜୀବନ୍-ହଦେଁ ବୁଟ୍‌ବୁଟ୍‌ଉଛେଁ ବିନ୍‌ତି କରେଁ ଶୁଖା । ।।୫୧।।

ବିନ୍-ମାଗେଁ ଦଉ ବାପ୍‌କେ ଲଂକା ପୁଓକେ ଦେଲେଁ ଜୀବନ୍
ଦୁହି ବାପ୍ ପୁଓ ଦୟା-ଦରିଦ୍ରା କହେବା ତ୍ରିଭୁବନ୍ । ।।୫୨।।

ମୋର୍ ନିନ୍ଦା ମୁଇଁ ସହିନେମି ତୋର୍ ହେଲେଁ ବଦ୍‌ନାମ୍
କେନ୍-ଘାଟର୍ ପାଏନ୍ ଖାଇହେବା ତୁମେ କହନ ରାମ୍ ! ।।୫୩।।

ଲଢ଼େଇ-ଯଜ୍ଞେ ଘରର ଘି' ନାଇଁ ଦେଇ ଆହୁତି
ଚ଼ରୁ ରୁକ୍‌ଲେଁ କା'ଣା ହେବା ? ଅସୁର୍ ଘରୁଁ ସାଉଁଟି । ।।୫୪।।

ଜୀବନ୍ ନେଇ ଫିର୍‌ଲେଁ କହେବେ ଦାନ୍‌ବ୍-ରାଜ୍ ରାବଣ୍
ବାପ୍ ଦେଇଛେ ଧୋକା ପୁଓ ତାହାରୁଁ କାଏଁ କମ୍ ? ।।୫୫।।

ଯଦର୍‌ପି ଫିର୍‌ବାକେ ପରେ ମତେ ଲଂକା ଭୁବନ୍
ଜୀବନ୍ ଦେମି ନିଜର୍ ନେହେଁ ତ ତୁମର୍ ନେମି ଜୀବନ୍ । ।।୫୬।।

ଦେହର୍ ଖୋଲେଁ ଆତ୍‌ମା କେଭେଁ ନାଇଁରହେ ଲୁକି
ପର୍‌ମାତ୍‌ମାକେ ପାଏଲେଁ କିଏ ପାର୍‌ବା ତାହାକେ ରୁକି । ।।୫୭।।

ନାଇଁ ମାରିପାର ହେଲେଁ ମୁଇଁ ମାରୁଛେଁ ଶର୍
ବଅଁଚ଼ିବାକେ ଚାହଁ ଯଦ୍‌ରି ବାହାର୍ ଧନୁର୍ଦ୍ଧର୍ ! ।।୫୮।।

ବିଭୀଷଣ୍ କହେଲେ'ସଖା ନାଇଁ ଧରି ହଏ ଦମ୍
ଭକତ୍ ହେଲେଁ ବି କମ୍ ନୁହେ ତାର୍ ବଲ୍ ପରାକ୍ରମ୍ । ।।୫୯।।

ତୁନ୍ ପରିଛେ ଦାନବ୍ ଶକ୍ତି, ତର୍‌ଣୀ ଅଛେ ଭାବେଁ
ଇ ସମିୟା ଟଲି ଗଲେଁ ନାଇଁ ରହେ ଆର୍ ଥାବେଁ ।।୬୦।।

ଏତ୍‌କି ବେଲେଁ ଜୀବନ୍ ଆତ୍‌ମା ଦିହୁଁ ଯାଉ ବାହାରି
ଇ ବେଲା ଘଡ଼ି ଗଡ଼ିଗଲେଁ ନାଇଁ ହୁଏ ସେ କାହାରି । ।।୬୧।।

ତେତ୍‌କେଁ ତାର୍ ଆତ୍ମା ରହେବା ସବ୍ ଦିନ୍‌କେ ଅଶାନ୍ତ
ଆଜିର୍ ଭକତ୍ କାଲିର୍ ହେବା ଜଗତ୍ ଲାଗି ଦୁର୍ଦ୍ଦାନ୍ତ । ।।୬୨।।

ରାମ୍ ତରଣୀର୍ ଲଢ଼େଇ ହେଲା ଘାଏକେଁ ଘନ୍ ଘୋର୍
ପର୍ଭୁ ଭଗତ୍ କାହାରି ହେଲେଁ ନାଇଁ ରହେଲା ସୋର୍ । ।।୬୩।।

ଦୁହି ପକ୍ଷର୍ ସଏନ୍ ସାମଁତ୍ ହେଲେ ଦେଖନ୍‌ହାରୀ
ତରଣୀ ରହେଲା କାଲ୍ କାଲ୍‌କେ ସେନେ ଜୀବନ୍ ହାରି । ।।୬୪।।

ରାମ୍ କହେଲେ ବିଭୀଷଣଙ୍କୁଁ ମହାନ୍ ତୁମେ ସଖା !
ପୁଓ ମରାବାର୍ କବାର୍ କରି କର୍ଲ କଥା ରଖା । ।।୬୫।।

ବିଭୀଷଣ୍ କହନ୍ ନୁହେ ମୋହର୍ ବାହାଦୁରି
ତୁମର୍ ଅନୁରାଗ୍ ନେସି ମୂଲ୍ଁ ମମ୍ତା ଚୁରି । ।।୬୬।।

ରାମ୍ ଆନନ୍ଦ୍ ଧାମ୍ନେ ଅଛନ୍ କେନ୍ ବଂଧ୍ନେ ବାଂଧି
ପୁଓ ମଲେଁ ବି ବିଭୀଷଣ୍ ନାଇଁ ପାର୍ବାର୍ କାଂଦି । ।।୬୭।।

ମନ୍-ସମୁଦର୍ ଉପ୍ରେଁ ଛାଇ ରହିଛେ ଆନନ୍ଦ-ସର୍
ଦୁଖ୍ କେନ୍‌ସି ମିତ୍‌ରେଁ ପଶ୍‌ବାର୍ ନାଏଁନ ଅବ୍‌ସର୍ । ।।୬୮।।

ଦେଖ୍ଲେ ଲଢ଼େଇ ଠାନ୍‌କେ ଆସେ ନୂଆ ଗୁଟେ ରଥ୍
ଭସ୍ମଲୋଚ୍‌ନ୍ ମାର୍କାର୍‌କେ ମହାନ୍  ସାମ୍‌ରଥ୍ । ।।୬୯।।

ରାମ୍‌କୁଁ କହେଲେ ମିତ ! ଗୁଟେ ବଢ଼େ ବିପଦ୍ ଆଏଲା
ଆମ୍‌କୁଁ ସମ୍‌କୁଁ କରିନେବା ଏଖେଇ ଘାଏକେଁ କାଏଲା । ।।୭୦।।

ପଦ୍ମଲୋଚ୍‌ନ୍ ! ଶୁନଅ ଇୟେ ଅସୁର୍ ଭସ୍ମଲୋଚ୍‌ନ୍
ଦେଖ୍ଲେଁ ଲୋକ୍ ହେବେ ଖାର୍ ଆମର୍ ଯେତେ ଅଛନ୍ । ।।୭୧।।

ସାଧ୍‌ନା କରି ପାଇଛେ ବନ୍‌ଏ ତେଜୀୟାନ୍ ଗୁଟେ ଦୃଷ୍ଟି
ଦେଖ୍ଲେଁ ଦଏତ୍ ଜଲିଁ ଖାର୍ ହେବା ସାରା ସୃଷ୍ଟି । ।।୭୨।।

ହେଁ ଥିର୍ ଲାଗି ଚ୍‌ମ୍‌ଡ଼ା ଢ଼ାପିଁ ରଖେ ଆଏଁଖ୍ ତାର୍
ଅଲଗାଇ ଦେଖ୍ଲେଁ କାହାର୍ କାଇଛେ ନିସ୍ତାର୍ । ।।୭୩।।

ରାମ୍ ପଚାରନ୍ ଜାନିଛ କାଏଁ ? କହ ପ୍ରତିକାର୍
ବିଭୀଷଣ୍ କହନ୍ ଦେଖୁ ନିଜେଁ ସ୍ୱରୂପ୍ ତାର୍ । ।।୭୪।।

ଠିକ୍ କହୁଛ ବଲିଁ ରାମ୍ ପେଷ୍ଲେ ଦର୍ପନ୍ ଶର୍
ଢାପ୍‌ନି ଖୁଲୁନ୍ ଭସ୍ମଲୋଚ୍‌ନ ଜଲେ ସର୍ ସର୍ । ।।୭୫।।

ରାମ୍ ସେନା -ସମୁଦର୍‌ନେ ଉଠେ ଆନନ୍ଦ-ଲହରୀ
ଉଦ୍‌କା ଡ଼େଗା କେତେ ସଭେ ଏକା ସାଙ୍ଗେ ପହଁରି । ॥୭୬॥

ଲଢ଼େଇ ଖବର୍ ବଢ଼େଇ ଛଡ଼େଇ ଅସୁର୍ ମୁହୁଁ ଶୁନି
ରାବଣ୍ ମନେ ଦୁଖ୍, ରାଗେଁ ରାଗେଁ ହେଲା ଝୁନି । ॥୭୭॥

ମନ୍ତ୍ରୀ ସଭାସଦ୍-ସବୁ ପାଶେଁ ଥିଲେ ବସି
କହେ କେନ୍ତା କର୍‌ମା ବିପଦ୍ -ଗହନେ ଗଲିଁ ଫଶି । ॥୭୮॥

ଦିନୁ ଦିନ୍‌କେ ଲଂକା ନଗରୁଁ ସରି ଆସୁଛନ୍ ବୀର୍
କିଏ ଜାନେ ତରଣୀସେନ୍ ସେନେ ଦେବା ଶିର୍ । ॥୭୯॥

ଖଏତ୍ ହଏ ଦଏତ୍ କୁଲର୍ ଯଶ୍ ପଉରୁଷ୍ ଶିରୀ
ଯେବି ଯାଏ ରାମର୍ ହାତୁଁ ନାଇଁ ପାରେ ଫିରି । ॥୮୦॥

କାହାକେ ପଠାମି ଲଂକା ଗଡ୍ ହଇ ଆସେ ଛିନା
ଦାନବ୍ ରକତ୍ ଧାରେଁ ଜାନ୍‌କୀ ନାଇଁ ହୁଅନ୍ ଘିନା । ॥୮୧॥

ଝୁରି ହଇଁ ମୋର୍ ସଂଶିଆ ପାଏଲେଁ କେଭେଁ ଜନ୍‌ଏ
ମନ୍‌ମନା ଘାଏ ଲଢ଼େଇ କଲେଁ ଲାଗ୍‌ତା ଭାଏଲ ବନ୍‌ଏ । ॥୮୨॥

କଲ୍‌ପନା ଜାନି କରମ୍ ହଏ କରମ୍ ଜାନି ଫଲ୍
ସେ ଦିନ୍ କାଏଁ ପହୁଁଚି ଆଏଲା କର୍‌ବା କଲ୍‌ବଲ୍ । ॥୮୩॥

ରଜା ମନର୍ ଥିତି ଜାନି କହେ ସଭାର୍ ଜନ୍‌ଏ
ଚିତ୍ରଙ୍ଗଦାର୍ ଗର୍ଭୁଁ ଜାତ୍ ବୀର୍‌ବାହୁ ବୀର୍ ବନ୍‌ଏ । ॥୮୪॥

କଏଲାସ୍ ପର୍‌ବତେଁ ଯାଇ ତପ୍ ଖଟୁଛେ ବୀର୍
ସଭାବ୍ ସୁତର୍ ହରି ଭକ୍ତର୍ ଚାଲ୍ ଚ଼ଲନ୍ ଧୀର୍ । ॥୮୫॥

କେନ୍ ରକ୍‌ମେ ତାହାକେ ଯଦି ପାର୍‌ଲେଁ ଥରେ ଆନି
ପାର୍‌ଙ୍ଗମ୍, ସେହିଁ ପାର୍‌ବା ରାମ୍ ଲକ୍ଷ୍ମଣ୍ ହାନି । ॥୮୬॥

ବୀର୍‌ବାହୁକେ ଆନ୍‌ଲେ ଯାଇ ସେ ତୁର୍‌ତି ଡାକି
ଅଂଶେଁ ବଂଶେଁ ଲେତା ଗୁତା ନାଇଁ ରହନ୍ ବାକି । ।।୮୭।।

ନାଇଁ ମିଲ୍‌ବାର୍ ଚିଜ୍ ମିଲେ କୁଟ୍‌ମର୍ ଯେ ମୁଖିଆ
ସମକୁଁ ନାଇଁ ଖୁଆଲେଁ ନାଇଁ ଖାଏ ହୁର୍‌ମୁଖିଆ । ।।୮୮।।

ମୂଷ୍‌ଲି ଚେର୍‌କେ ରଖୁଁ କାଲ୍ ଢାଲେ ମହାଦାରୁ
ଶାଖା ଚେର୍‌କୁଁ ନୁରି କାଟେ ଉପ୍‌ରେ କେ ତାର୍ ଧାରୁଁ । ।।୮୯।।

ବୀର୍‌ବାହୁ ଯାଇ ଧୀରଯ୍ ରଖୁଁ କଲା ଲଢ଼େଇ ଘୋର୍
ଘାଏକେଁ ବୁଡ଼ାଇ ନେଲା ସେନା ସେନାପତିକର୍ ସୋର୍ । ।।୯୦।।

ସଉମିତ୍ରୀ ଲହୁନ୍ ହେଲେ ମୂର୍ଚ୍ଛିତ୍ ତାର୍ ଶରେଁ
ଅଙ୍ଗଦ୍ ଜାମ୍ବବ୍ ନଲ୍ ନୀଲ୍ ବି ଘୁଚି ବସନ୍ ଡ଼ରେଁ । ।।୯୧।।

ବିଭୀଷଣ୍‌ନୁ ରାମ୍ ଜାନ୍‌ଲେ ବୀର୍‌ବାହୁର୍ କଥା
ଭକତ୍ ଆଏ କେନ୍ତେଇ ହେଲେଁ କାଟ୍‌ବେ ତାର୍ ମଥା । ।।୯୨।।

ମୂର୍ଚ୍ଛା ଭାଙ୍ଗୁନ୍ ସଉମିତ୍ରୀ ଫେର୍ ବସ୍‌ଲେ ଲଢ଼ି,
ନିର୍‌ଭଏ ବୀର୍‌ବାହୁ ମାରେ ଶର୍ ବଢ଼ି ବଢ଼ି । ।।୯୩।।

ଦୁର୍ଜ୍ଜଏ ଗୁଟେ ଶକ୍ତି ପେଶ୍‌ଲା ଲକ୍ଷ୍ମଣ୍‌କେ ଦଏତ୍
ରାମ୍ ଦେଖ୍‌ଲେ ନାଇଁ କାଟ୍‌ଲେଁ ସବୁ ଯିବା ଖଏତ୍ । ।।୯୪।।

ଉପ୍‌ରି ନାଇଁ ପାର୍‌ବେ ସେନୁ ବୀର୍ ସଉମିତ୍‌ରୀ
କିଛି କାଣା ହେଲେଁ ସେ ନୁକ୍‌ସାନ୍ ସବୁ ମିତ୍‌ରି । ।।୯୫।।

ସେ ତୁରିତ୍ ରାମ୍ କାଟ୍‌ଲେ ପେଶିଁ ଉଚିତ୍ ଶର୍
ଦେଖୁଁ ବୀରବାହୁ କହେ ନିଏର୍ ଲଢ଼େଇ କର୍ । ।।୯୬।।

ଜନ୍ଏ ଜନ୍‌କର ସାଙ୍ଗେ ଲଢ଼୍‌ବାର୍ ଧରମ୍ ଯୁଦ୍ଧ୍ ଭୁଲିଁ
ଲକ୍ଷ୍ମଣ୍ ସାଙ୍ଗେ ଲଢୁଥିଲିଁ ରାମ୍ ମାରନ୍ ଯୁଲି । ।।୯୭।।

ରାମ୍ କହେଲେ ଲକ୍ଷ୍ମଣ୍ ସାଙ୍ଗେ ରାମର୍ ନାଇଁ ଭେଦ୍
ଅସୁର୍ କହେ 'କା'ର୍ ନୁ ବି ଭେଦ୍ ନାଇଁ ନ କହେ ବେଦ୍ । ||୯୮||

ଲଜେଇଁ କହେଲେ ରାମ୍ 'କହୁ କଥାଟାକ ବନ୍‌ଏ
ଧରମ୍ ଯୁଦ୍ଧ କାଏଁ ସାହେୟ୍ କରେ ଅଧର୍ମୀ ଜାନି ଜନ୍‌ଏ । ||୯୯||

ବିଚାର୍ ଛାଡ଼ି ଲଢୁ ତୁଇଁ ତାର୍ ପକ୍ଷିଆ ହଇଁ
ତୁଇଁ କେନ୍ ଧର୍‌ମୀ କର୍‌ମୀ ହଇଁ ଅଛୁ ରହିଁ । ||୧୦୦||

ତଥାପି  ତତେ ମାର୍‌ବାକେ ନାଇଁ ହେବାର୍ ମନ୍
ସୀତା ପଛେଁ ଥାଉ, ଥାଉ ଇନୁ ଇ ଆଡ଼୍ ରଣ୍ । ||୧୦୧||

ବୀରବାହୁ କହେ ଧୀର୍ ଥିର୍ ଚିତ୍-ଶିଖ୍‌ରେଁ ବସି
ଯାହାକେ ନୁରୁଥିଲି ମହା ତପ୍-ସାଗ୍‌ରେ ପଶି । ||୧୦୨||

ସେ'ତ ଆସି ଲଂକା ଗଡେଁ ପାଶେଁ ଶଗଡ଼୍ ଢିଲିଛେ
ସୁର୍ ମୁନିକୁଁ ଅଦୃଶ୍ ଆଏଛ୍ ଅସୁର୍ ଛୁଆକେ ମିଲିଛେ । ||୧୦୩||

କହେସି କଷି କଷି ମାର୍ ହସି  ହସି ମର୍‌ମି
ଦୁଖ୍-ସାଗ୍‌ରେଁ ସୁଖର୍ ଡଂଗା ପାଇଛେଁ ଆଏଛ୍ ତର୍‌ମି । ||୧୦୪||

ମୁଇଁ ଜାନେଁ ମତେ ମାରି ପାରେ କେବଲ୍ ଭଗବାନ୍
ଆନନ୍ଦ୍ ଧାମ୍ ଭଗବାନ୍ ଛାଡ଼ି ତୁଇଁ ଆଉ କାଏଁ ଆନ୍ ? ||୧୦୫||

ନୁହୁ ହେଲେଁ, ସରିସ ମ୍ ନୁହୁ ଯା' ଅପ୍‌ସରି
ତତେ ମାରିନେମି ଇନୁ ଲଢ଼େଇ ଯିବା ସରି । ||୧୦୬||

ବାପର୍ ମନର୍  ରାଗ୍ ଉସ୍‌ରୁ ସେ ହଉନ୍ ଉଶ୍ୱାସ୍
ବଢ଼ି ନାଇଁ କହେଁ ଲଢ଼ି ଦେଖି କର୍‌ବୁ ବିଶ୍ୱାସ୍ । ||୧୦୭||

ସଉମିତ୍ରୀ କହନ୍ ଇଏ ମାୟାବୀ ଆଏ ମହାନ୍
ଘାଏକେଁ ହଏ ହରି ଭକତ୍ ଘଡ଼୍‌କେଁ ବଲୀୟାନ୍ । ||୧୦୮||

ଧୀର୍ ହଉକି ବୀର୍ ହଉ ରାବଣ୍ ଅଂଶେ ଜାତ୍
ଉଧ୍‌ଲେଇ ନେବା ଜଗତ୍ ଉନ୍ଦୁର୍-କୁଲିଆ ଉତ୍‌ପାତ୍ । ॥୧୦୯॥

'ମାଏଲେଁ ଯାଇ' କହି ରାମ୍ ବଇଷ୍ଣବୀ ତୀର୍
ବହରାଇ ସେ ବାହାର୍ କଲେ ବୀର୍‌ବାହୁ ଦିହୁଁ ଶିର୍ । ॥୧୧୦॥

ସେ ଦିନର୍ ଲଢ଼େଇ ସେ ଠାନେ ନ ହିଁ ସର୍‌ଲା
ରାବଣ୍ ଭାଲେ ଜାନ୍‌ଲା ଯହୁଁ ବୀର୍‌ବାହୁ ତାର୍ ମର୍‌ଲା । ॥୧୧୧॥

ମୁନି କହେଲେ ମୁଡ୍ ଉପ୍ରୁଁ ବେଲ୍ ଯାଉଛେ ଟଲି
ରାମ୍ ରାହାକେ ସେନେ ରଖିଲେ ଯିମା ଚାଲ ବଲି । ॥୧୧୨॥

ରାମ୍‌ର୍ ନାମେ ଭଜନ୍ ଚାଲ୍‌ଲା ବୀନା ଖଁଜ୍‌ନି ବାଜେ
ତମ୍‌ସା ଜାନି ପାନିର୍ ଦିହ୍ ଖରା ସାନି ମାଜେ । ॥୧୧୩॥

❑

# ପାଉଚ୍‌-୮

# ନିକୁଂଭିଲା ଯଜ୍ଞ ଆର୍ ମେଘନାଦ୍ ମାରନ୍

ତପ୍‌ତି-ହରା ଖରା ଅଁଟେ ଧର୍‌ତୀ  ରାନୀ ଧରି
ପଛିମ୍ ଆକାଶ୍ ଉଠେଁ ହଁସିର୍ ଝର୍‌ନା ଯାଏ ଝରି । ।।୧।।

ଭୁରୁତାଉଛେ ସୂରୁଯ୍ ଦେବ୍‌ତା ତୁର୍‌ତି  ଆସ ବଲି
ଦିନ୍ ଆଙ୍କଟେଁ ନିଜର୍ କଁଟେଁ ସୂରୁଯ୍ ଯାଏ ଚ଼ଲି । ।।୨।।

ହେର୍ଣ୍ଡା ଚ଼ିଥଲ୍ ସମ୍‌ର୍ ଛୁଆ କାପ୍‌ଲି କରି କରି
ମାଁ ମାନ୍‌କର୍ ବାଟ୍ ଦେଖ୍‌ବାର୍ ବେଲ୍ ଯାଉଛେ ସରି । ।।୩।।

ହାଲ୍ କଅଁଲାଲା କୁର୍‌ରି ତାର୍ ଛୁଆ ପିଆଲା ଆସି
କହଡ଼ ମାନ୍‌କର୍ ମୁହଁ ଖୁଲୁଛନ୍ ଫୁଲ୍ ବାରମାସୀ । ।।୪।।

ଆଶ୍ରମର୍ ସେ ବେଦୀ ଉପ୍‌ରେଁ ରାମ୍ ଭଜନ୍-ସର୍‌ଲା
ରାମ୍-ରାହାର୍ ପର୍‌ସଂଗ୍‌ନେ ମେଘନାଦ୍ ବଧ୍ ପର୍‌ଲା । ।।୫।।

ମୁନି କହେଲେ ଶୁନିଥିଲ ବନ୍‌ଏ ସବୁ ବୀର୍
ଲଂକା ଲଢ଼େଇ ଭିତ୍‌ରେଁ ଦେଇ ଦେଇ ଆଏଲେ ଶିର୍ । ।।୬।।

କେନ୍ତା କର୍‌ବା ଇନୁ ଇ ଆଡ଼୍ ଚିନ୍ତା କରେ ଦଏତ୍
ଦେଖୁନ୍ ଦେଖୁନ୍ ବଅଁଶର୍ ବଡ଼୍ ଭାଗୀ ହେଲେ ଖଏତ୍ । ।।୭।।

ସାନ୍ ସୁରୁ ଚ଼େର୍ ଗଛର୍ ଖାଏଲେଁ କୁଢେର୍ ଧାର୍
ମୂଷ୍‌ଲୀ ଚ଼େରର୍ ଉପ୍‌ରେଁ ଯେନ୍ତା ପଡ଼େ ଗଛର୍ ଭାର୍ । ।।୮।।

ସେନ୍ତା ମେତାଲ୍ ଇନ୍ଦ୍ରଜିତର୍ ଉପ୍‌ରେଁ ଆଶା ଉଲ୍‌ଦି
କହେଲା ବାବୁ ତୁଇଁନ ଅଛୁ ଯା' ବାପା ! ଜଲ୍‌ଦି । ।।୯।।

କଲ୍ କଉଶଲ୍ ବଲ୍ ବୁଦ୍ଧି ତୋର୍ ବେଶୀ
ଦେବ୍‌ତା ସମକ୍କୁଁ ଦେଖ୍‌ତେ ସାଏର୍ ଘାଏକେଁ ଦବେଇ ନେସି । ॥୧୦॥

ରାମ୍-ସମୁଦର୍ ମାଡି ଆଉଛେ ପୂନି-ଜୁଆର୍ ଧରିଁ
ତୁଇଁ ଜାନ୍‌ବୁ କେନ୍ ଉପେନେ ତାହାକେ ହେବା ତରି । ॥୧୧॥

ଇନ୍ଦ୍ରଜିତ୍ କହେଲା ବାପା ନାଇଁ କର ଆର୍ ଭାବ୍‌ନା
ସିଂହ୍ ଦେଖି ହାତୀ ହେଲେଁବି ହେସି ନ ବାଟ୍‌ବନା । ॥୧୨॥

ରାମ୍ ଲକ୍ଷଣ୍ ଗଲେ ଜାନ୍‌ଅ ଲଂକା ସୀମା ଛାଡ଼ି
ପାର୍‌ମି ହେଲେଁ ଯିବାର୍ ଆଗୁଁ ଜୀବନ୍ ଆନ୍‌ମି କାଢ଼ି । ॥୧୩॥

ମେଘ୍‌ନାଦ୍ ଗଲା ଲଢ଼େଇକେ ଚଢ଼ି ବେଗ୍‌ବାନ୍ ରଥ୍
ସଭେ କହେଲେ ସଙ୍ଗେ ସୀତା ଅଛନ୍ ସତ୍‌କେ ସତ୍ । ॥୧୪॥

ସେ ମୁହଁକାନ୍ ସେ ଚେହେରା ସଏଗୋ ସୀତା ମେତାଲ୍
ସୀତା ବଲି ଧରିନେଲେ କେ କରେ ପର୍‌ତାଲ୍ । ॥୧୫॥

ହର୍ଲା ହେଲା ରାମ୍ ସେନାକେ ସର୍ଲା ସବୁ କଥା
ସୀତା ଧରିଁ ଲଢ଼େଇ କର୍‌ସି ମେଘନାଦ୍ ମହାରଥୀ । ॥୧୬॥

ସୀତା କେନ୍ତା ହେଲେ ଇନ୍ଦ୍ରଜିତ୍‌ର କର୍‌ଗତ୍
କେନ୍ ଲାଜେଁ ଜୀଇଁମା ହେଲେଁ ସଭେ ହେଉଁ ହତ୍ । ॥୧୭॥

ଯାର୍ ଲାଗି ଖାଗ୍ ଖର୍‌ଡ଼ା ସେ ତ ଦୁଆନ୍ ସାଙ୍ଗେଁ
କେନ୍ ଲାଜେଁ କହି ହେବା ଯାଇ ରାମର୍ ଆଗେଁ । ॥୧୮॥

ହନୁ ଭାବେ ଅସମ୍ଭବ୍ ହଏ ନାଇଁ ବିଶ୍ୱାସ୍
ଯାହା ହେଉ ଯୁଝ୍‌ମି ବୁହୁଥିବାର୍ ତକ୍ ଇ ନିଶ୍ୱାସ୍ । ॥୧୯॥

ହନୁର୍ ଦମେଁ ଆଉର୍ ମାନେ ଜୀବନ୍ ଛଡ଼ା ଲଡ଼୍‌ଲେ
ଇନ୍ଦ୍ରଜିତ୍‌ର ଛାଡ୍‌ଲା ଛକା ଯଦିଓ କିଛି ପଡ୍‌ଲେ । ॥୨୦॥

ଘିଚି ଉଲ୍ଛି ବାର ପର୍ପଂଚ୍ କରି ବସ୍ଲା ଅସୁର୍
ରଥେଁ ଥିବାର ସୀତା ମୂର୍ତ୍ତିକୁଁ କହେ ରାମ୍‌କେ ପାଶୁର୍ । ।।୨୧।।

ତୋର୍ ଲାଗି ମୋର୍ ସୁନାର ଲଂକା ଶିରୀଚୁଡ୍ ହେଲା
ତୋହର୍ କାଯେଁ ଲୋକ୍ ଭର୍ପୁର୍ ଲଂକା ଦିଶେ ମେଲା । ।।୨୨।।

ତୋର୍ ଦିନ୍‌ଏ କି ମୋର୍ ଦିନ୍‌ଏ ଆଏଜ୍ ଯିବୁ ଯମ୍‌ପୁର୍
ତୋର୍ ବିନା ରାମ୍ ବି ଯିବା ତାର୍ ରାଏଜ୍ ଟୁର୍ ଟୁର୍ । ।।୨୩।।

ଘାଏକେ ଘାଏ ଝୁଲେଇ ରଖେ ମୁଡ଼ର୍ ଛୁନ୍ଦି ଧରି
ସୀତା ମୂର୍ତ୍ତି କାନ୍ଦେ ଦଏତ୍‌କୁଁ ଶଁପିକାଟି କରି । ।।୨୪।।

ନାରୀ ମୂର୍ତ୍ତି ଉପରେଁ ହେଲା ଭାରୀ ଅତ୍ୟାଚାର୍
ନାରୀର୍ କାନ୍ଦି ସାଙ୍ଗେ ଜାରି ରହେଲା ହାହା କାର୍ । ।।୨୫।।

ନାରୀ କହେ ହନୁ ! ନାଇଁ ଦେଖୁ ଦଶା ମୋର୍
ରାମ୍ ଲକ୍ଷ୍ମଣ୍ କାହିଁ ? ନୁହେ ପାଆନ୍ କାଏଁ ସୋର୍ ? ।।୨୬।।

ବହଁକି ଉଠ୍‌ଲେ ବାନ୍‌ର ଭାଲୁ ତହଁକି ତହଁକି ଲଢ଼୍‌ଲେ
ବନ୍‌ଏ ବନ୍‌ଏ ଦାନବ୍ ବୀର୍ ଛନ୍‌ଏ ଛନ୍‌ଏ କେ ପଡ୍‌ଲେ । ।।୨୭।।

ଇନ୍ଦ୍ରାରିକେ ଘାରି ଆନ୍‌ଲା ହାରି ଯିବାର୍ ଡର୍
ଉହୁରି ଆଏଲା ନୂଆଁ କରି ସାଜ୍‌ଲା ଆଡ଼ମ୍ବର୍ । ।।୨୮।।

କହେଲା ସୀତାର୍ ଲାଗି ରାମ୍‌ର୍ ଅହେତୁକ୍ ବଢ଼େଇ
ସୀତାର୍ ଲାଗିଁ ସିନା ହଏ ଏତେ ବଡ୍ ଲଢ଼େଇ । ।।୨୯।।

ସୀତାର୍ କାଯେଁ ପିତା ଦେଲେ ସୁନାର୍ ଗଡ୍ ଗଢ଼େଇ
ସେ ସୀତାକେ ରଣ୍‌ଦେବୀନେ ଦେମି ପାଏନ୍ ଛଡ଼େଇ । ।।୩୦।।

ଦେଖୁନ୍ ଦେଖୁନ୍ ଖଁଡା ଧରି ସୀତା ଦେଲା ହାନି
ଉଡ୍‌କି ଉଠ୍‌ଲେ ଦଏତ୍, ରାମ୍ ସେନାର୍ ଆଖିଁ ପାନି । ।।୩୧।।

ଅଙ୍ଗଦ୍ କାଂଦେ ମା' ମା' ବଲିଁ ଆଖୁଁ ପୁଛେ ଲହ
ଯାହାକେ ଦେଖିଲେଁ ତାହାର୍ ଦଶା ବିଶେ ସମ୍‌କରୁଁ ଜହ । ॥୩୨॥

ହାଏ ! ହାଏ ! ମାଁ ବଲିଁ ହଜେ ହନୁର ଚେତା
ଅସୁର୍ ଛଡ଼ା ଅସୁରିଆ ସବ୍ ପାଏନ୍ ତୁକେ କେ ଦେତା ? ॥୩୩॥

ଛିନା ଜାନି ଇନ୍ଦ୍ରଜିତ୍ ଭାଗ୍‌ଲା ଛିନ୍ ଛାନ୍
ଭାବ୍‌ଲା ଇତାର୍ ପର୍‌ର୍ ଲଢ଼େଇ ହେବା ମହାନ୍ ଟାନ୍ । ॥୩୪॥

ନିକୁଂଭିଲା ଯଜ୍ଞ ଶାଲୁଁ ଆଏମି ଯଜ୍ଞ ସାରି
ଦେହେଁରୁ ଯାଇ ରାମ୍ ଲକ୍ଷ୍ମଣ୍ ସହଜେଁ ହେବା ମାରି । ॥୩୫॥

ସୀତା ମର୍‌ଲା ଜାନି ଇଛନ୍ ଚାଲ୍‌ବା ଭାଲ୍ ବିଚାର୍
ଯଜ୍ଞ କଥା କେ ଜାନ୍‌ବା ? କେ ଥିବା ଇ ପାର୍ ? ॥୩୬॥

ଇ ବତ୍‌ରେଁ ଯଜ୍ଞ କବାର୍ ବିନ୍ ବାଧାନେ ସର୍‌ବା
ସର୍‌ବା ଲଢ଼େଇ, ଇନ୍ଦ୍ରଜିତର୍ ହାତେଁ ରାମ୍ ମର୍‌ବା । ॥୩୭॥

ଇନ୍ଦ୍ରଜିତ୍‌ର୍ ପଛାପଛ୍ ଅସୁର୍ ସେନା ଭାଗ୍‌ଲେ
ଜନ୍ ଜନ୍ କରି ରାମ୍ -ସେନା ଧୀରେ ଧୀରେ ଜାଗ୍‌ଲେ । ॥୩୮॥

ରାମ୍ ଲକ୍ଷ୍ମଣ୍ ବିଭୀଷଣ୍ ନାଇଁ ଜାନି ଇ କଥା
ସୀତାର୍ ଦିହୁଁ ଇନ୍ଦ୍ରଜିତ୍ ଅଲ୍‌ଗା କର୍‌ବାର୍ ମଥା । ॥୩୯॥

ଜନାବାକେ ଜମ୍ବୁ'କୁଁ ନେଇ ଯାଏ ହନୁମାନ୍
ଧାଇଁଗଲେ ଯାହିଁ ଅଛନ୍ ଲକ୍ଷ୍ମଣ୍ ସାଙ୍ଗେ ରାମ୍ । ॥୪୦॥

ପୁହୁଁଚି ଗଲେ ହନୁ ଅଙ୍ଗଦ୍, ଜମ୍ବୁବାନ୍ ସମେତ୍
ଲକ୍ଷ୍ମଣ୍ ଶୁନି ସେ କ୍ଷଣ୍ ନ ହଇଁଗଲେ ଅଚେତ୍ । ॥୪୧॥

ଗଲା ଲୁକର୍ ମୁହଁ ମାନ୍‌କୁଁ ଦେଖି ରାମ୍ କାବା !
ସୀତା ହତ୍ ହେବାର୍ ଇଟା କା'ଣା ହେଲା ବାବା । ॥୪୨॥

ସୀତା ହତ୍ ହେବାର୍ ସତ୍ ନୁହେ ହନୁ ! କହ
କା'ଣା କହେତା ? ହନୁ ଖାଲି ଆଖୁଁ ପୁଛେ ଲହ । ॥୪୩॥

କହନ୍ ବିଭୀଷଣ୍ ଅସୁର୍ କବାର୍ ନୁହେ ବୁଝି
ସେନ୍‌କେ ଚାଲ ସୀତା ଶବ୍ ଅଛେ ଯାହିଁ ଖୁଜି । ॥୪୪॥

ଲକ୍ଷ୍ମଣକୁଁ ଚେତ୍ କରାଇ ହନୁ ଧଏଲେ ହାତ୍
ସଭେ ଗଲେ ଯାହିଁ ହଇଛେ ସୀତା-ଶରୀର୍-ପାତ୍ । ॥୪୫॥

ସବ୍-କହେଲେ ଦେଖୁଁ ଶବ୍ ସୀତା ମେତାଲ୍ ଦିଶୁଛେ
ରାମ୍ କହେଲ ନୁହେସେ ନ ଚେ଼ହେରାଟିକେ ମିଶୁଛେ । ॥୪୬॥

ଜାନ୍‌କୀକୁଁ ନାଇଁ ଜାନି ନାଇଁ ଦେଖି ଘାଏ
ବିଭୀଷଣ୍ କହନ୍ "ନୁହନ୍ ସୀତା" ସତ୍ ଆଏ । ॥୪୭॥

ଜଂବୁମାଲୀର୍ ଝିଟେ ଥିଲା ସୁକାନ୍ତି ନାଁ ତାର୍
ନାଆଁନେ ଖାଲି ନୁହେ କାନ୍ତି ଆଏ ବି ଅପାର୍ । ॥୪୮॥

ତାର୍ ଉପରେଁ ନିଜ୍‌କେ ଯେନ୍ତା ରକ୍‌ମେ ପାରେ ସାଜି
ତାର୍ କଲାର୍ କରାମତି ଲଂକା ଯାକ ଯାଜି । ॥୪୯॥

ଯେତେବେଲେଁ ଯେନ୍ତା ଚାହେଁବା ସେନ୍ତା ପାର୍‌ବା ହଇ
କଲ୍ କଉଶଲ୍ ବଲ୍ ଗଲା କଲା ଥିତା ରହି । ॥୫୦॥

ରାମ୍‌କୁଁ ଦେଖି କହେଲେ ମିତ, ବିଧାତା ବଡ଼୍‌ଲୋକ୍
ମେଘନାଦର୍ ସାଧନା ନାଇଁ, ନାଇଁ ଯାଏ ଯମ୍‌ଲୋକ୍ । ॥୫୧॥

ପୁତ୍‌ରା ବହୁ ପ୍ରମିଲା ଆମର୍ ସତୀ ପତି ବର୍‌ତୀ
ତାର୍ ଧରମ୍‌ଁ ଇନ୍ଦ୍ରଜିତ୍ ରହିଥିଲା ବର୍‌ତି । ॥୫୨॥

ବାଟ୍ କଢ଼ାଲା ଧାତା ପୁରୁଷ୍ ସଧ୍‌ବା ନାରୀ ମାରି
ମର୍‌ବାର୍ ବାଟ୍ ସାଫ୍ କର୍‌ଲା ତାର୍ ତାର୍ ଇନ୍ଦ୍ରାରି । ॥୫୩॥

ସୁକାନ୍ତି ତ ମକରାକ୍ଷର୍ ବିହେଇ କିନିଆଁ ଆଏ
ସୀତା କରି ଆନିଥିବା ଭୁର୍‌ତେଇ କରି ଘାଏ ।		॥୫୪॥

ତାହାକେ ମାରି ଅର୍‌ଜି-ଆନ୍‌ଲା ଯେନ୍ ଗୁରୁପାପ୍
ସତୀ ପ୍ରମିଲାର୍ ପତି ଧରମ୍ ଆପେଁ ହେଲା ସାଫ୍ ।		॥୫୫॥

ଇଛନ୍ ଥିବା ନିଂକୁଭିଲା ଯଜ୍ଞଶାଲେଁ ଦାନବ୍
ଅଗ୍ନି ଅସ୍ତର୍ ଅଜିତା ରଥ୍ ପାଏବା ସେନୁ ସବ୍ ।		॥୫୬॥

ସେ'ନୁ ବାହାରି ଲଢ଼େଇ ଯଦ୍‌ରି କର୍‌ବା ମେଘନାଦ୍
ତିନି ପୁରେଁ କାହିଁ କର୍‌ବା ତାର୍ ସଙ୍ଗେ ବିବାଦ୍ ।		॥୫୭॥

ଇଟା ନ ସମିଆ ଆଏ ଭଗ୍‌ନଶ୍ କଲେଁ ଯାଇ
ନିର୍‌ବିଘ୍‌ନେ ଯଜ୍ଞ ସର୍‌ଲେଁ ଜିତ୍‌ହେବା କାହିଁ ?		॥୫୮॥

ଯେ ନୁହେ ସୀତା, ରାବଣ୍ ବିନା ପୁରୁଷ୍ ପିଲା
ସୀତା ନାଇଁ ଦେଖି ପାରନ୍ ତାର୍ ବେଉଁତ୍ ଥିଲା ।		॥୫୯॥

ଜୀବନ୍ ଜିତା ଜହ ଯତ୍‌ନେ ରଖିଥିଲା ସୀତା
ସୀତାର୍ ସବୁ ସୁଖର୍ ଲାଗିଁ ଥିଲା ତାର୍ ଚିଂତା ।		॥୬୦॥

ସୀତାର୍ ଛଏରା ମାଡ଼୍‌ବା ଇନ୍ଦ୍ରଜିତର୍ କାଏଁ ଶକ୍‌ତି ?
ସେ ପାଶ୍ ପାଶ୍ ପୁହୁଁଚେ ଯାର୍ ଅଖଣ୍ ଆଏ ଭକ୍‌ତି ।		॥୬୧॥

ସୀତା ନାଇଁ ମରି ବୁଥା ନାଇଁ ହୁଅ ଘାଁଟି
ସେଥିଁ, ଲାଗ ଅଛେ ଇଛନି ଜୀବନ୍ ମରଣ୍ ଘାଟି ।		॥୬୨॥

ଇନ୍ଦ୍ରଜିତର୍ ଯଜ୍ଞ ଭାଙ୍ଗ ପୂର୍ଣ୍ଣାହୁତିର୍ ଆଗୁଁ
ମେଘନାଦ୍ ଯଦି ଫିରେ ପାଇ ରଥଟେ ସେ ଯାଗୁଁ ।		॥୬୩॥

ସେ ରଥ୍ ଧରି ଲଢ଼େଇ କଲେଁ ସରଗ୍ ମଂର୍ ପାତାଲ୍
ନୁର୍‌ଲେଁ ନାଇଁ ଲଢୁଆ କାହିଁ ବୀର୍ ତାର୍ ମେତାଲ୍ ।		॥୬୪॥

ରାମ୍ କହେଲେ ଯାଉଛେଁ ମିତ ! ଭାଙ୍ଗି ଆଏମି ଯାଗ୍
ବିପଦ୍ ଜାଗା କିଏ ଯିବା ମୁଇଁ ନାଇଁ ଗଲେଁ ଆଗ୍ । ॥୬୫॥

ହଁ ସି କହେଲେ ବିଭୀଷଣ୍ ଭାବିଁ ମନେ ; ରାମ୍
ଯଜ୍ଞ ଭାଂଗ୍‌ବେ ? ଯଜ୍ଞ ରକ୍ଷା କର୍‌ବାର୍ ଯାର୍ କାମ୍ । ॥୬୬॥

ଇ କାମ୍ ନାଇଁ ହଏ ତାର୍ ହାତେଁ ବଲିଁ କେ ?
କହେବା ସବୁ କାମର୍ କର୍‌ତା ମହାବଲୀ କେ । ॥୬୭॥

କିଂତ୍ରେଇ କରି କହେଲେ କଥା ଇଂଦ୍ରଜିତ୍‌ର୍ ସାଧନା
ବାର ବରଷ୍ ଖିଆ, ଶୁଆ, ସାଂଗେଁ ନାଇଁ ନାରୀ କାମନା । ॥୬୮॥

ଛାଡ଼ିଁ ତପ୍ ସାଧିଁ ତୋଷ୍ କରିଥିଲା ବ୍ରହ୍ମା
ମନ୍ତର୍ ଦେଇଁ ଦେଲେ ବର୍ ହେବୁ ଅଦ୍ଭୁତ କର୍ମା । ॥୬୯

ଯଏଖ୍ ନାଗ୍ ଦେବ୍ ଗନ୍ଧର୍ବ୍ ନାଇଁ ପାର୍‌ବେ ମାରି
ଦେଲା ମନ୍ତରେଁ ଯଜ୍ଞ ଯଦ୍‌ରି ପାର୍‌ବୁ ତୁଇଁ ସାରି । ॥୭୦॥

ସେ ଯଜ୍ଞ ଯଦ୍‌ରି କେ ଭାଂଗି ପାର୍‌ବା ତୋର୍
ମୁନୁଷ୍ ହଇଥିଲେ ମାର୍‌ବା କରି ଲଢ଼େଇ ଘୋର୍ । ॥୭୧॥

ତଥାପି ସେ ଖିଆ, ଶୁଆ, ନାରୀ ସହବାସ୍
ଛାଡ଼ି ବାର୍ ବରଷ୍ ସାହାସ୍ କରି ଆଏଲେଁ ପାଶ୍ । ॥୭୨॥

ତୁମେ କାହିଁ ପାର୍‌ବ ? ଯଜ୍ଞ ଭଂଗା ନାଇଁ ଅଭ୍ୟାସ୍
ତୁମେ ଗଲେ ''ସୋଜ୍ ଲୋକ୍ ବି କରି ନେବେ ଖିଆସ । ॥୭୩

ରାମ୍ କହେଲେ ବାର୍ ବରଷ୍ ନାଇଁ ଶୁଇ ନାଇଁ ଖାଇ
କିଏ ଅଛେ ? ଭିତ୍‌ରେଁ ନାରୀ ସଂଗ୍ କରି ନାଇଁ । ॥୭୪॥

ମେଘ୍‌ନାଦର୍  ମରନ୍ ନାଇଁ, ରହେଲା ଇନେ ଲଢ଼େଇ
ଅଶୋକ୍ ବନେ ରହେଲେ ସୀତା ରହେଲା ଅସୁର୍ ବଢ଼େଇ । ॥୭୫॥

ସଡ଼କ୍ ଦମ୍ ସଭେ ଦେଖି ରାମ୍ ହେବାର୍ ହତାଶ୍
ଜାମ୍ବବ୍‌କୁଁ ପଚାରନ୍ ଯାଇ ସୁଗ୍ରୀବ୍ ବଡ଼୍ ଉଦାସ୍ । ॥୭୬॥

କହ ମନ୍ତ୍ରୀ ! ଆମର୍ ଭିତରେଁ ଏନ୍ତା ଅଛେ କିଏ ?
ବାର ବରଷେଁ ଗରସେ କେଭେଁ ମୁହଁକେ ନୁହେ ନିଏ । ॥୭୭॥

ହେତ୍‌କି କାଲ୍‌ବି କିଏ ନାଇଁ ଶୁଇଁ ନିଦେ ହେଲେଁ
ନାରୀର୍ ମୁହଁ ଦେଖିନାହିଁ ଥରେ କେତେବେଲେଁ । ॥୭୮॥

ମନ୍ତ୍ରୀ କହେଲେ ମୋର୍ ଜାନ୍‌ତକେଁ ସଉମିତ୍ରୀ ଜନ୍‌ଏ
ଆଖିଆ ଅଶୁଆ ନାରୀ ସହବାସ୍ ନାଇଁ ନ, ଜାନେ ବନ୍‌ଏ । ॥୭୯॥

ଅବଧ୍ ଛାଡ଼୍‌ଲା ଦିନୁ ଖାଏବାର୍ ଶୁଇବାର୍ ବି ଛାଡ଼ିଛନ୍
ନାରୀ ସହବାସ୍ ହେବା କାହୁଁ ? ରାମ୍ ପାଶେ ତ ପଡିଛନ୍ । ॥୮୦॥

ଏତ୍‌କି ଶୁନି ଆଶ୍ରିଯ୍ ରାମ୍ ଲକ୍ଷ୍ମଣ୍ କୁଁ ଦେଖିଲେ
ଗୁଟା ରଂଗୁଁ ପାୟୀ କରି ମୁଡ଼େ ଉପର୍ ଟେକ୍‌ଲେ । ॥୮୧॥

ରଜା ଘରେଁ ଜନମ୍ ନେଇଁ ଆଉ କେତେ ତପୀ
ଦୁଖ୍ ଦର୍‌ଦର୍ ଦାହ୍ ଭିତ୍‌ରେଁ ନାଇଁ ଯାଉ ତପିଁ । ॥୮୨॥

ଅମର୍‌କେ ମାର୍‌ବୁ କରି ଅସଂଭବ କେ ସଂଭବ୍
କିଏ ଜାନ୍‌ଏ ତୋର୍ ଏତେ ଗୁନ୍ କହେଲେ ସିନେ ଜାମ୍ବବ୍ । ॥୮୩॥

ସବୁ ଛାଡ଼ି ତତାପନା ଯଜ୍ଞ ଶାଲ୍‌କେ ଲକ୍ଷ୍ମଣ୍
ଭାଗ୍‌ଲେ ସାଂଗେଁ ହନୁ ଅଂଗଦ୍ ଜାମ୍ବବ୍ ବିଭୀଷଣ୍ । ॥୮୪॥

ଯଜ୍ଞ ଶାଲେଁ ହେଲା ଲଢ଼େଇ ମେଘନାଦ୍ ଆଶ୍ରିଯ୍
ଲକ୍ଷ୍ମଣ୍ କଲା କ୍ଷଣ୍ କ୍ଷଣ୍ କେଁ ଅସୁର୍ ଦଶା କଦ୍ରିଯ୍ । ॥୮୫॥

ଇନ୍ଦ୍ରଜିତର୍ ଅଗ୍‌ନି ଅସ୍ତର ମାୟାର୍ ରଣ୍ ନୀତି
ପାଏନ୍ ଫାଟ୍‌ଲା ଘାଏକେଁ ସଉମିତ୍ରୀ ଯା'ନ୍ ଜିତି । ॥୮୬॥

ଇନ୍ଦ୍ର ଅସ୍ତ୍ରେଁ ଧରମ୍ ଛଡ଼ା ଇନ୍ଦ୍ରଜିତ୍‌ର ନାଶ୍
ଖବର୍ ତୁର୍‌ତି ପୁହୁଁଚି ଗଲା ରାମ୍ ରାବଣ୍ ପାଶ୍ । ॥୮୭॥

ରାମ୍ ଛାଉନିନେ ଖେଲି ବୁଲ୍ଲା ହଁସି ଖୁସିର୍ ଲହର୍
ଲଂକା ଗଡେଁ ଘଡ୍‌କେଁ ଆଏଲା ବଏଢ୍ ଆଖିଁ ଲହର୍ । ॥୮୮॥

ବଏଢ୍ ମାଡ଼ି ଆଏଲା ରାଣୀ ଅନ୍ତପୁର୍
ମନ୍ଦୋଦରୀ ସାଙ୍ଗେଁ ନାରୀ ପଡ଼ନ୍ ଦୁର୍‌ଦୁର୍ । ॥୮୯॥

ଡାହି ପଖ୍‌ରା ବଢ଼ିର୍ ପାନି ପଡ଼ିଛେ ଧରି ଗଏଣ
ଚେ଼ରେଁ ଜାବ୍‌ଡି ଧରିଁ ଅଟ୍‌କେ ନାଇଁ ଛାଡେ ଖଏଣ୍ । ॥୯୦॥

ଜୀବର୍ ଧନ୍ ଗଲେଁ ବି ମୋର୍ ଜୀବନ୍ ନାଇଁ ଯାଏ
ଛାତି ପିଟେ ମନ୍ଦୋଦରୀ କାନ୍ଦିଁ ହାଏ ! ହାଏ ! ॥୯୧॥

ପର୍‌ମିଲା-ପାରିଜାତ୍ ନାଇଁ ହଇଁ ପାରିଁ, ପାରି
ବଏଢ୍ ଧାରେଁ ଉହୁଲି ବହେ ହାଡ୍ ଗୋଡ଼ କେ ପାରି । ॥୯୨॥

ଗୁଲିଆ ହଉ କି ନୀଲିଆ ହଉ ଗରମ୍ ହଉକି ଶୀତଲ୍
ନଏଦ୍ ନର୍‌ଦିଁ ମିଶନ୍ ଯେନ୍ତା ମହା ସମୁଦର୍ ଜଲ୍ । ॥୯୩॥

ସେନ୍ତା ଆନନ୍ଦ-ଧାମ୍-ରାମ୍-ସମୁଦର୍ କେ ଧାଇଁ
ପର୍‌ମିଲାର୍ ସବାରି ସେନ୍‌କେ ପୁହୁଁଚି ଗଲା ଯାଇ । ॥୯୪॥

ରାମ୍ ଦେଖ୍‌ଲେ ସୁନା ପୁତ୍‌ଲି ଇନ୍ଦ୍ରଜିତର୍ ନାରୀ
ସତୀ ସାଧ୍‌ବୀ ବାଆରିଁ ହେଲେ ଛାଡୁନ୍ ସାଏର୍ ସବାରି । ॥୯୫॥

ନାରୀ ମୁହ୍ଁ ଦେଖ୍‌ବାର୍‌କେ ନାଇଁ ନ ବଏସରା
ସତୀର୍ ତେଜେଁ ସୀତା ପତି ହେଲେ ଆତମ୍‌ହରା । ॥୯୬॥

ରଣ୍ ଭୂଇଁର୍ ଇ ମରଣ୍ ଭିତ୍‌ରେଁ ସୁନ୍ଦର୍ ପନର୍ ମୂର୍‌ତି
ନେଇ ଆଏଲା କାହାର୍ ନିକେ କାଏଁ କାଯେଁ ତୁର୍‌ତି । ॥୯୭॥

କହ ସଖା ! କିଏ ଆ'ନ୍ ? କେନ୍ ଅମରାର୍ ନାରୀ
ଜୀବନ୍ ମାଗ୍‌ଲେଁ ଦେମି ମୋର୍ ଦିହ-ପସ୍‌ରା ଫାରି । ॥୯୮॥

ମୁଡେଁ ସେନ୍ଦୁର୍ ଆଁଖିଁ କଜଲ୍ ସୁନ୍ଦର୍ ବେଶ୍‌ଭୂଷା
ଅଂଧାର୍ ଖେଦି ଆଏଲା କାଏଁ ମଂଦାର୍ ମୁହିଁ-ଉଷା । ॥୯୯॥

ଆସି କହେଲା ଦାସୀ ଗୁଟେ ଛିଇଁ ରାମ୍‌ର୍ ପାହା
ଯୁବ୍‌ରାନୀକର୍ ଯୁହାର୍ ଛିନ୍‌ଅ ଜନକ୍-ଜେମା-ନାହା । ॥୧୦୦॥

ସେ ଆଇଛନ୍ ପତିର୍ ପରାଣ୍-ହୀନ ଶରୀର୍ ଲାଗି
ଦେବ ହେଲେଁ ସେତ୍‌କି ନ ଆଇଛନ୍ ସେ ମାଗି । ॥୧୦୧॥

ଜୀବନ୍ ନାଇଁ ମାଗି ଜୀବନ୍ ନାଇଁ ଥିବାର୍ ଶରୀର୍
କାଁ କର୍‌ବେ ଯେ ମଗା ଯଚା ଲାଗେ ସେଥିର୍ ଲାଗିର୍ । ॥୧୦୨॥

ପତିର୍ ପ୍ରାଣ୍ ଛାଡ଼ି ମୋର୍ ନିଜର୍ ପ୍ରାଣ୍ ସତୀ
ମାଗ୍‌ଲେଁ ଦେତିଁ ସତୀ ମା' କେ ମାଏନ୍ ମୋର୍‌ଅତି । ॥୧୦୩॥

ଏତ୍‌କି ଶୁନି ମୁହଁ ଫୁଟାଲେ ପର୍‌ମିଳା ଯୁବ୍‌ରାନୀ
ଦିହ୍‌କେ ଦିହ୍ ଭଲ ପାଉଥିଲା ଦିହ୍‌କେ ଦିଅ ଆନି । ॥୧୦୪॥

ଦିହ୍‌କେ ନେଇ ଦିହ୍‌ଟା ଯାଇ ଆତ୍‌ମା ରହୁ ଘୁରି
ପତିର୍ ଆତ୍‌ମା ଟାକି ଥିବେ ଈ ଆତ୍‌ମାକେ ନୁରି । ॥୧୦୫॥

ଦୁହିକର୍ ଭେଟ୍ ହେଲେଁ ନୁର୍‌ବେ ପର୍‌ମ୍ ଧାମ୍‌ର ବାଟ୍
କିନ୍ଦ୍‌ରା ବୁଲା ନାଇଁ ଲାଗେ ତେତ୍‌କେଁ ପର୍‌ବା ଛାଟ୍ । ॥୧୦୬॥

କଥା ପଦ୍‌କ ରାମ୍‌କୁଁ ଲାଗ୍‌ଲା ହାରର୍ ପଦକ୍ ଲେଖେଁ
ମନ୍ ଲାଗ୍‌ଲା ଉଲେଇ ରଖ୍‌ତେ ସବୁଦିନ୍‌କେ ବେକେଁ । ॥୧୦୭॥

ଇସାରା ପାଇ ଘାଏକେଁ ଆଏଲା ଇନ୍ଦ୍ରଜିତର୍ ଶିବ୍
ପର୍‌ମିଳା ମିଳାଏ ନିଜ୍‌କେ ଚାହିଁ ରହେଲେ ସବ୍ । ॥୧୦୮॥

ପରମିଲାର୍ ପ୍ରାଣ୍ ପଳାଲା ପାଇ ପତିର୍ ମଲାତନ୍
ରାମ୍ କହେଲେ ଦେଖ୍‌ଲ ତ ସଖା ବିଭୀଷଣ୍ । ॥୧୦୯॥

ଦୁହି ଶବ୍‌କେ ଗୁଟେ ଚିତା ସଜାଡ଼ି କର୍ ସକାର୍
ଦୁଇଟା ଆତ୍ମାର୍ ଏକାତ୍ମା ତାକେଁ ଦିହେଁ ଜଗାଏ ସୀତ୍‌କାର୍ । ॥୧୧୦॥

ଯେନ୍ତା ଚାହେଁଲେ ରାମ୍ ସେନ୍ତା ହେଲା ସବୁ ବିଷେ
ସମ୍‌କର୍ ଆଁଖି ଲହ, କାହାକେ କିଛି ନାଇଁ ଦିଶେ । ॥୧୧୧॥

ଅସୁର୍ ସେନା ଆଗୁଁ ଛାଡ଼ିଥିଲେ ରଣ୍-ଭୂଇଁ
ରାମ୍ ସେନା ବି ଗଲେ ରାମ୍ ପାଦ୍ ଛୁଇଁ ଛୁଇଁ । ॥୧୧୨॥

ମୁନି କହେଲେ ଇନେ ଆଏଲ୍ ରହୁ ରାମ୍-ରାହା
କାଏଲ୍ କହେମା ଇତାର୍ ପରେ ହେଲା ଯାହା ଯାହା । ॥୧୧୩॥

❑

# ପାଉଚ୍‌-୯

# ଲକ୍ଷ୍ମଣ୍‌କୁଁ ଶକ୍ତିଭେଦ୍‌

ସକାଲ୍‌ ଆସେ ପାହି ପାହି ଫୁଲ୍‌ ଆସନ୍‌ ଫୁଟି
କହୁନ୍‌ କହୁନ୍‌ ମହୁମାଛି ମହୁ ନିଅନ୍‌ ଲୁଟି । ॥୧॥

ପାରା ପଣ୍ଡ୍‌କା ସାରା ଆଶ୍ରମ୍‌ ଡ଼େନା ଝାରି ଉଡ଼୍‌ଲେ
ପାଏନ୍‌ ଚ଼ରେ ସବ୍‌ ତମ୍‌ସା ପାନି ଅଏନ୍‌ ଖେଲି ବୁଡ଼୍‌ଲେ । ॥୨॥

କୁଆ ଡ଼ାକେ କା' କା' କାହାକେ ଜନ୍‌ଏ ଜାନନ୍‌
ନିଜର୍‌ ଥିତିର୍‌ ବାହାରେଁ ଆର୍‌ କା'ର୍‌ ଥିତିଟେ ମାନନ୍‌ । ॥୩॥

ସିନାନ୍‌ ଶଉଚ୍‌ ସଂଧ୍ୟା ସାରି ତମ୍‌ସା ନଦୀର୍‌ ଧାରୁଁ
ଫିରି ଆଏଲେନ ଋଷି ଗୁହୁଡ଼ି ଖରା ଛିଙ୍ଗ୍‌ଲେ ଝାରୁଁ । ॥୪॥

ବେଦୀ ଉପରର୍‌ ଆକାଶ୍‌ ଭେଦି ଉଠେ ଉଚ୍ଚ ଓଁକାର୍‌
ରାମ୍‌ ଭଜନର୍‌  ଗୀତ୍‌ ଶୁଭେ ଧରି ବୀନାର୍‌ ଝଁକାର୍‌ । ॥୫॥

ରାମ୍‌-ରାହାନେ ଚାଲି ଚାଲି ନୂଆଁ ନୂଆଁ ଠାନ୍‌
ଦେଖି ଦେଖାନ୍‌ ଉନିଆଁ ମାନ୍‌କୁଁ ମୁନି ମତିମାନ୍‌ । ॥୬॥

ମେଘନାଦର୍‌ ଅନ୍ତେଁ । ସଭେ କରନ୍‌ ହାଏ ହାଏ
ଗୁନ୍‌ ସୁମ୍‌ରି କାନ୍ଦନ୍‌  କେତେ ପରନ୍‌ ଝାଏ ଝାଏ । ॥୭॥

ମନ୍ଦୋଦରୀର୍‌ ମନର୍‌ ଦଶା କେ ପାର୍‌ବା କହି ?
ପୁଓର୍‌ ମରନ୍‌ ମା'ର୍‌ ମରମ୍‌ କେନ୍ତା ଦେସି ଦହି ? ॥୮॥

ଉର୍‌ମିଳା ତାରି ପତିର୍‌ ସାଙ୍ଗେଁ ନିଜର୍‌ କଲା ସତ୍‌କାର୍‌
ଜୀଇଁ ରହି କେତେ କର୍‌ତା ଜୀବନ୍‌ ଜଲା ଚିତ୍କାର୍‌ । ॥୯॥

ରାବଣ୍ କେ ଆଏଲ୍ ଅସୁହା ଦୁଖ୍ ଯାଏ ସିନା ଅଁଟି
କହେ ପୁଓରେ କାହିଁ ଗଲୁ ? ବାପ୍‌କେ ଦେଲୁ ଜଟି । ॥୧୦॥

ଜଟିଆ ହାତେଁ ଜୀବନ୍ ଦେଲୁ ସ୍ୱରଗ୍-ଜିତା ବୀର୍
ନାଇଁ ଭାବ୍‌ଲୁ କେନ୍ତା କର୍‌ବା ଅଭାଗା ଦଶ୍ ଶିର୍ । ॥୧୧॥

ଆନନ୍ଦ୍ ଲାଗିଁ ଆଏତ ଇ ଜୀବନର୍ ସଂଗ୍ରାମ୍
ସଂଗ୍ରାମ୍ ପଛେ ସରେ ଶୁଭେ ନାଇଁ ଆନନ୍ଦ୍ ନାମ୍ । ॥୧୨॥

ଆନନ୍ଦ୍ ଦେବା ବଲିଁ ପୁଓର୍ ନାଁ ପରେ ନନ୍ଦନ୍
ଇନ୍ଦ୍ରଜିତ୍‌କୁ ଜାନ୍‌ଲିଁ ଆଏ ଖାଲି ମମ୍‌ତା ବନ୍ଧନ୍ । ॥୧୩॥

ଫାଂସ୍‌ସି କେ ଦୁଖୁଁ ଯେତେ ଯାହା ହାପ୍‌ସି ହେଲେଁ
କାହାର୍ ଦୁଖ୍ କାହାରି ନିକେ ଯାଏସି କାଏଁ ନେଲେଁ । ॥୧୪॥

ସଭେ ଜମି ସଭା ବସ୍‌ଲା ରାବଣ୍ ଦଶା ଦେଖି
କିଏ କହେ କପାଲେଁ କା'ଣା ବିହି ଥିସି ଲେଖି । ॥୧୫॥

ରାବଣ୍ କହେଲା ଗଲା ଦିନର୍ କଲା କରମ୍ ମାନ୍
ଥୁଆ ଥିସି ଆଗତ୍ ଦିନ୍‌କେ ହେସି ଭୁକତ୍ ମାନ୍ । ॥୧୬॥

ଯେଭେଁ ଯାହା ହେବାର୍ କଥା ସେତେବେଲେଁ ନ ହେସି
ଭାବି ବସ୍‌ଲେଁ କେ'ନ ହେଲେଁ ହେସି କମ୍ ବେଶୀ । ॥୧୭॥

ଦେବାନ୍ତକ୍ ନରାନ୍ତକ୍ ନିକୁଂଭ୍ ମହୋଦର୍
ବେଦ୍‌ଦନ୍ତ୍ ବିରୂପାକ୍ଷ୍ ବୀରକୁଂଭ୍ ଭୟଂକର୍ । ॥୧୮॥

ସଭେଁ କଁଟି ଦେଖି ରାମ୍ ସେନା-ବଲ୍ -ସାଗର୍
ବୁଡ଼ି ଯିବାର୍ ଖବର୍ ପୁହୁଁଚେ ଆସି ରାବଣ୍ ଆଗର୍ । ॥୧୯॥

ଶୁନ୍‌ଏ ସମକର୍ ମରନ୍ ବାଟ୍ କହେ ବିଭୀଷଣ୍
ନାଇଁ ଫିରନ୍ କହେ ସେ ବାଟ୍ ଧରନ୍ ଝନ୍ ଝନ୍ । ॥୨୦॥

ରିଶ୍‌ମି ହଇଁ ରାବଣ୍ କହେ ଲଢ଼େଇକେ ଆଏଜ୍ ପଶ୍‌ମି
ବିଭୀଷଣ୍‌କେ ଶେଷ୍ କରି ରାମର୍ ବଲ୍ କଷ୍‌ମି । ।।୨୧।।

ଏନ୍ତା ଭାବିଁ ଲଢ଼େଇ କରି ବାହାରିଲା ଦଶ୍‌ଶିର୍
ତାର୍ ପଛା ପଛ୍ ଲମି ଗଲେ ବଛା ବଛା ବୀର୍ । ।।୨୨।।

ରଥେଁ ଚଢ଼ି କେ ଯାଉଛେ କିଏ ଘୁଡ଼ା ହାତୀ
କିଏ ମୁରୁ ଛେ ମେଛା କିଏ ଫୁଲେଇ ଢ଼େରେ ଛାତି । ।।୨୩।।

ଧୁମ୍ ଧଡ଼୍‌କା ଲାଗେ ଲଢ଼େଇ କିଏ ବର୍‌ଷାଏ ଶର୍
କିଏ ଖେଲାଏ ଖଁଡା କିଏ ତିର୍ଶୂଲ୍ ମୁଦ୍‌ଗର୍ । ।।୨୪।।

ରାମ୍‌ସେନା ଗଛ୍ ପଥର୍ କରନ୍ ହତିଆର୍
ନଖେଁ ଦାତେଁ ଚବା ଅଁପ୍‌ରା ବୁହାନ୍ ରକତ୍ ଧାର୍ । ।।୨୫।।

ରାମ୍ ରାବଣ୍ ମୁହାଁ ମୁହିଁ ହୁଅନ୍ ଘାଏ ଘାଏ
ଦୁହି ପକ୍ଷେଁ ଖଁଡ଼ିଆ ଖାବ୍‌ରା ଶୁଭେ ହାଏ ହାଏ । ।।୨୬।।

ରାମ୍‌କୁଁ ଦେଖିଁ ରାବଣ୍ ସୁନ୍ଦର୍‌ପନେ ହେଲା ଭୋଲ୍
ଆଗୁଁ ଦେଖିଥିଲେଁ କାଏଁ କରିଥିତା ଇ ଗୋଲ୍ । ।।୨୭।।

ସୀତାଁ ନାଇଁ ଚୁରେଇ ରାମ୍‌କୁଁ ଆନି ଦେଖିଥିତା
ନାଇଁ ପାରିଥିଲେଁ ପଛେଁ ମାଖି ଚନ୍ଦନ୍ ଚିତା ।।୨୮।।

ଗେରୁଆ କରିଆ ପିଂଧି ରାମ୍‌ର୍ ହଇଥିତା ଚେଲା
ସୁନ୍ଦର୍ ମୁର୍‌ତି ଦେଖୁଥିତା ହୁରୁଦ୍ କରି ମେଲା । ।।୨୯।।

କାଁ କରି ହେଲେଁ ପାଲ୍‌ଟିଥିତା ଯୁଗୀ ବେଶ୍‌କେ ଆର୍
ପାଶ୍‌ରିଥିତା ସଂସାର୍ ଇ ରୂପ୍‌କେ କରି ସାର୍ । ।।୩୦।।

ସୂରୁଯ୍ ବାଗିର୍ ତେଜ୍ ଜର୍ ଜର୍ ରାବଣ୍ ଦେଖି ରାମ୍
ବିଭୀଷଣ୍‌କୁଁ କହନ୍ ସଖା, କା'ଣା ଇତାର୍ ନାମ୍ ? ।।୩୧।।

କେତେ ଯୁଗୁଁ ଅର୍‌ଜି ରଖେ କେତେ ତପର୍ ସିଧି
ବିଶ୍ୱ-ପାରାବାରେଁ ଈଶ୍ୱର୍ ସର୍‌ଜେ ନୂଆଁ ନିଧି । ॥୩୨॥

ଶିବ୍-ଭକ୍ତିର୍ ଚିହ୍ନା ଦିହେଁ ଦିଶେ ତେଜୀୟାନ୍
ଅଦ୍ଭୂତ୍ ରୂପ୍ ଭିତରେଁ କାଏଁ ସେ ଭୂତ୍‌ନାଥ୍ ଆ’ନ୍ । ॥୩୩॥

ବିଭୀଷଣ୍ କହନ୍ତ୍ ବିଭୁ ! ଧନେଇ ନାଇଁ ମାର
ନିଜେ ଚିହ୍ନାନାଇଁ ପର ଯେ ଚିହ୍ନି ବି ନାଇଁ ପାର । ॥୩୪ ॥

ତୁମେ ମହାନ୍ ଉଦାର୍ ସଖା ! ଶୁଭ୍ ସୁନ୍ଦର୍ ଦୃଷ୍ଟି
ତୁମର୍ ଆଁଖୁଁ ମନୋରମ୍ ଦିଶେ ସାରା ସୃଷ୍ଟି । ॥୩୫॥

ଶତ୍ରୁ ବି ତୁମର୍ ନେତ୍‌ରେଁ ଦିଶେ ତେଜୀଆନ୍
ମହାନ୍ ତୁମେ ମହାପ୍ରଭୁ ହୋ ! ମନ୍ ଆଏ ମହୀଆନ୍ । ॥୩୬॥

ତୁମେ କାଏଁ ଚିହ୍ନ ନାଇଁ ଦେମି ଇତାର୍ ପର୍‌ତେ
ବାହୁବଲ୍ ତ ବହୁତ୍ ଭଲ୍ ବୁଦ୍ଧି ନାଇଁ ରତେ । ॥୩୭॥

ତପ୍ ଖଟିଛେ କେତ୍‌ନି ହେଲେଁ ଲୋକ୍‌କୁଁ ଦେଇଛେ ତାପ୍
ନିଜେଁ ନାଇଁ ଜାନି ପାରେ କେତେ କରିଛେ ପାପ୍ । ॥୩୮॥

ଶିବ୍ ସାଧନା କରେ ଖାଲି ଅଶିବ୍ କର୍‌ବାର୍ ଲାଗି
ଭୁଲାଇ ବ୍ରହ୍ମା ଭୂତ୍‌ନାଥନୁ ବର୍ ପାଇଛେ ମାଗି । ॥୩୯॥

ମୁନୁଷ୍ ମାକର୍ ଛାଡ଼ିଁ କାହାରି ହାତେଁ ନାଇଁ ମରେ
ତାହାକୁଁ ତ ଆହାର୍ ଭାବେ କାହାକେ ନାଇଁ ଡ଼ରେ । ॥୪୦॥

ବାହାରେ ଯେନ୍ତା ଦିଶେ ତାହାର୍ ଭିତର୍ ସେନ୍ତା ନୁହେ
ଗିଆନ୍ ଧିଆନ୍ ଯାହା ମାନ୍-ଖତ୍ ଗାଡ୍‌ନେ କୁହେ । ॥୪୧॥

ବାହା ବଲ୍ ଧନ୍ ଦଉଲତ୍ ଅଛେ ଅପ୍ରମିତ୍
ସେ ସବୁର୍ ବେଭାର୍ କରେ ଅଂସଗତ୍ ଅନୁଚିତ୍ । ॥୪୨॥

ଶାନ୍ତି ରାଏଙ୍କେଁ ପର୍ଲେ ଆନ୍‌ଏ ଆନନ୍ଦ୍ ଅର୍ଲା ସର୍ଲା
କହେବାକେ ତ କିହେ ନାଇଁ  ଯାହା ପାର୍‌ଲା କର୍‌ଲା । ।।୪୩।।

ଅନାମେତ୍ ଆଏ ଅନାଚାରୀ ରାବଣ୍ ନାରୀ ଚୋର୍
ଆଇଛେ ପରେ ତମର୍ ସଙ୍ଗେ ସମର୍ କର୍‌ବା ଘୋର୍ । ।।୪୪।।

ସୋଜ୍ ଥିତିକେ ଆଏଲେ ରାମ୍ ଶୁନି ସବୁ କଥା
ଘାରି ପକାଲା ହୁରୁଦ୍ ସାରା ସୀତା ହାର୍‌ବାର୍ ବଥା । ।।୪୫।।

ରିଶ୍‌ମିନେ ନୁରନ୍ ରାବଣ୍ ହଇଁ ଜାଜର୍ ମାନ୍
ତାହାକେ’ ଘେରେଇ କର୍‌ଖେଇ ନେଲେ ଅଙ୍ଗଦ୍ ହନ୍‌ମାନ୍ । ।।୪୬।।

ଦ୍ୱିବିଜ୍ ମଇନ୍ଦ୍ ଗବାକ୍ଷ୍ ସାଙ୍ଗେ ଜୁଟ୍‌ଲେ ନଲ୍ ନୀଲ୍
ସବୁ ମିଡ୍‌ରେଁ ଲଢ଼ି ବସ୍‌ଲେ ସଭେ ବାଂଧି ଭିଲ୍ । ।।୪୭।।

ବାନର୍  ସେନାପତିମାନ୍‌ଙ୍କୁ କାହିଁ ରାବଣର୍ ଖାତିର୍ ?
ଅଚେତ୍ ଅଚ୍‌ଲ୍ ହେଲେ ଶର୍ ବାଜି ଦଏତର୍ । ।।୪୮।।

ଦେଖୁନ୍ ଦେଖୁନ୍ ପୁହୁଁଚି ଆଏଲେ ସେ ନିକେ ସେ କ୍ଷଣ୍
ଲକ୍ଷେ ସିଂହର୍ ବଲ୍ ନେଇ ଲଏଖ୍ ଭେଦୀ ଲକ୍ଷ୍ମଣ୍ । ।।୪୯।।

ଲଢ଼େଇ ଥିଲା ଏକ୍ ତର୍‌ଫା ରାବଣ୍ କରେ ବଢ଼େଇ
ରାମାନୁଜ୍ ରାମ୍ ସେନାର୍ ସାହାସ୍ ଦେଲେ ବଢ଼େଇ । ।।୫୦।।

ରାବଣ୍ ଦେଖି ରାମାନୁଜର୍ ଚେହେରା ଚ଼ମତ୍କାର୍
ଏଡ଼େ ସୁନ୍ଦର୍ ପିଲା ମାର୍‌ବାର୍ ହାତ୍ ଚ଼ଲ୍‌ବା କାର୍ । ।।୫୧।।

କହେଲା ବାବୁ ! ଫିରି ଯା ରେ ! ଛାଡ଼ି ନଉଛେଁ ଘାଏ
ଛାତି ମୋର୍ କର୍‌ତିଁ ହେବା ତୁଇ କଲେଁ ହାଏ ! ହାଏ । ।। ୫୨।।

ତୋର୍ ମେତାଲ୍ କଅଁଲ୍ ଦିହ୍‌କେ ମାର୍‌ବାର୍‌କେ ଶର୍
ନାଇଁ ନ ଗୁଠେ ନୁରି ଦେଖୁଛେଁ ତୁଣୀର୍ ଭର୍ ଭର୍ । ।।୫୩।।

ଯେନ୍ ଶର୍ ଅଛେ ମାଏଲେଁ ନାଇଁ ରହେ ଚିହ୍ନା ବନା
ନୁର୍‌ଲେଁ ନାଇଁ ପାଇ ରାମ୍ ହେବା ତନା ବନା । ।।୫୪।।

ତୁଇଁ ଯୁଆନ୍ ! କାଟ୍‌ଲୁ ମୋର୍ ବହନିର୍ ନାକ୍ କାନ
ତ'ବି ମାର୍‌ବାର୍ ମନ୍ ନାଇଁ ମୂର୍‌ତି ଦେଖି ସାନ୍ । ।।୫୫।।

ଲକ୍ଷ୍ମଣ୍ କହନ୍ ସୋଜ୍ କାଁକରି ବଡ୍ ବତାସୁ ଅସୁର୍
ହାତ୍ ନାଇଁ ଶୁଙ୍ଘ୍ କେଭେଁ ଘି' ଖାଇଥିଲୁ ପାଶୁର୍ । ।।୫୬।।

ନାରୀ ଚୋର୍ ନୁହୁରେ । ଖାଲି ଆଉ ଲଢ଼େଇ ଚୋର୍
ଲଢୁଆ ଦେଖି ଅଡୁଆ ଲାଗେ ବୁଡ଼ି ଯାଏ ତୋର୍ ସୋର୍ । ।।୫୭।।

ଦଶ୍‌ଟା ମୁହଁ ଥାଇ ଗୁ ଟେ ମୁହେଁ ବି ନାଇଁ ଲାଜ୍
ନାରୀ ଚୋର୍ ବଲିଁ ଜାରି ଅଲାଜୁଗ୍ କରୁ ରାଜ୍ । ।।୫୮।।

ବୁଡି ମର୍‌ବାକେ ମହାସମୁଦର୍ ନାଇଁ ଦିଏ କାଏଁ ଠାନ୍
ଅସ୍‌କଟାସି ଦେଖି ବିକଟ୍ ପାପୀ ଚୋର୍ ମହାନ୍ । ।।୫୯।।

ଏଡ଼େ ପାପୀର୍ ମୁହଁ ଦେଖ୍‌ବାର୍ ନୁହେ କେଭେଁ ବନ୍ଏ
ନାଇଁ ଦେଖି ବି ଶର୍ ମାରୁଛେଁ ସଂଭ୍‌ଲେଇ ଦେଖ୍‌ଛନ୍ଏ । ।।୬୦।।

ଅସୁର୍ ଦିହେଁ ଛାଇ ହେଲେ ଲକ୍ଷ୍ମଣର୍ ଚୋକ୍ ଶର୍
ମନ୍‌ଟା ହେଲା ରାଗ୍‌ଜର୍‌ଜର୍ ଦିହ ଲହୁ ସର୍ ସର୍ । ।।୬୧।।

ଦୁହି ଲଢୁଆ ସମାନ୍ ନିମାନ୍ ଲଢ଼େଇ ହଏ ଟାନ୍
ରାବଣ୍ ଜାନ୍‌ଲା ମହାନ୍ ବୀର୍ ଦେଖ୍‌ଲେଁ ଦିଶେ ସାନ୍ । ।।୬୨।।

ରାମାନୁଜ୍‌ର ଶରେଁ ରାବଣ୍ ପଡ଼୍‌ଲା ହଇଁ ଘାଏଲ୍
ଲକ୍ଷ୍ମଣର୍ ତେଜ୍ ରାବଣ୍ ନାଇଁ ଜାନିଥାଇ ତାଏଲ୍ । ।।୬୩।।

ଏନ୍ତା ଶର୍‌ଟେ ଆଏବା ରାବଣ୍ ନାଇଁ ଥାଇଁ ତର୍‌କି
ଚେତ୍ ଭୂତ୍ ସେ ଶରେଁ ଶରୀରୁଁ ସାଏଁନୁ ଗଲା ସର୍‌କି । ।।୬୪।।

ଦୂରିଆନୁ ଦେଖୁଥିଲେ ବିଭୀଷଣ୍ ଇ ଲଢ଼େଇ
ରାମର୍ ଠାନୁ ଲକ୍ଷ୍ମଣ୍ ଯୁଝ୍‌ଲା ଠାନ୍‌କେ ଆଏଲେ ପଲେଇ । ।।୬୫।।

ରାମାନୁଜର୍ ଶରେଁ ରାବଣର୍ ନାଇଁ ଯାଏ ଜାନ୍
ସେ ଜାନିଛନ୍ ରାବଣ୍ ଚେଡ୍‌ଲେଁ ପର୍ଘୋବା ଯେନ୍ ବାଣ୍ । ॥୬୬॥

ସେଥିଁ ଲକ୍ଷ୍ମଣ୍ ଉଚିବାର୍‌ଟା ନୁହେ ସହଜ୍ କଥା
ରହେଲେ ପାଶେଁ ଥିବେ ବଲି ବାଏର୍‌କେ ହଇଁ ବତା । ॥୬୭॥

ରାବଣ୍ ଆଗୋ ଚେତି ଦେଖ୍‌ଲା ବିଭୀଷଣର୍ ମୂର୍‌ତି
ସଂଭ୍‌ଲେଇ ନାଇଁ ହେବାର ବ୍ରହ୍ମ ଶକ୍‌ତି ମାଏଲା ତୁର୍‌ତି । ॥୬୮॥

ଘୋର ଗର୍ଜନ୍ ଶୁନି ଶକ୍ତିର୍ ସୋର୍ ପାଏଲେ ଲକ୍ଷ୍ମଣ୍
ରାମ୍ ଆଶ୍ରିତ୍ ବିଭୀଷଣ୍ ତ ବିଦ୍‌ରି ଯିବା ଇ କ୍ଷଣ୍ । ॥୬୯॥

ଭାବି ଆଗ୍‌କେ ଆସି ବିଭୀଷଣ୍ କେ କଲେ ଉଢ଼ାଲ୍
ଶକ୍ତି ଶମିଗଲା ଲକ୍ଷ୍ମଣ ଛାତି ପାଇ ସୁଢ଼ାଲ୍ । ॥୭୦॥

ରାମାନୁଜର୍ ହଜ୍‌ଲା ଚେତା ସୋର୍ ଶବ୍ଦ ନାଇଁ
ବିଭୀଷଣ୍ ଥଥୋ ମଥୋ ରାବଣ୍ ଆଏଲା ଧାଇଁ । ॥୭୧॥

ଚେ଼ରେଷ୍ଟା କଲା ଲକ୍ଷ୍ମଣକେ ବୁହିଁ ଭାଗ୍‌ବା ଗଡ୍
ନାଇଁ ପାର୍‌ଲା, ସୁରୁ ଲକ୍ଷ୍ମଣ୍ ହେଲେ ଗୁରୁ ବଡ୍ । ॥୭୨॥

ଟେକା ଟେକି କରି ହେଲା ହାପ୍‌ସି କତ୍‌ରେଇ କେତେ
ଟକ୍ ଟଲେଇ ନାଇଁ ପାର୍‌ଲା ଉଜନ୍ ଯେତେତେତେ । ॥୭୩॥

କେନ୍ତୁ ଆଏଲା ହନୁ ମାଏଲା ବିଧା ଗଲା କପ୍‌ସି
ଛାତିର୍ ଭାରେଁ ପର୍‌ଲା ତଲେଁ ଅଁଟା ଗଲା ଲେପ୍‌ସି । ॥୭୪॥

ମୁନି କହେଲେ ଇନୁ ଇଆଡ଼େ କଥା ହେଲା ଯାହା
ବେଲ୍‌ହଉ କଥା ହେମା ଛାଡ଼ି ନୁହେ ରାମ୍-ରାହା । ॥୭୫॥

'ବେଲ୍ ଟଲ୍‌ଲା ମୁଡ୍ ଉପରୁଁ ଉଜନ୍ ସାର ଯିମା
ରାମ୍ ରାହାନେ ଚାଲିଥାଉଁ ରାମଜିକେ ପୁଚ୍ଛିମା । ॥୭୬॥

❑

# ପାଉଚ୍- ୧୦

## ହନୁ ବିଶଲ୍ୟକରଣୀ ନେଇଯିବାର୍

ନିଜର୍ ତପେଁ ତପି ଗାଧିବାର୍ ହଇଁ ହର୍‌ବର୍
ଉଦ୍‌ରେ ସୂରୁଯ୍ ପଶ୍ଚିମ୍ ଦିଗ୍ ତଲର୍ ସରୋବର୍ । ॥୧॥

ସୁନେଲି ରଙ୍ଗେ ଚୁନେଇ ନେଇ କାଥିଁ କୋଡ୍ ଲିପେ
ରାଏତ୍ ଆଏବା ରାଏତ୍‌ଚରୀକର୍ ଆନଂଦ୍ ରସ୍ ଥିପେ । ॥୨॥

ଋଷି କହୁଛନ୍ ଖୁସି ମନେ ହୁସିଆର୍ ହଇ ଶୁନ୍‌ଅ
ତତ୍ତ୍ୱଯାହା ହେତୁ କରି ରାମ୍-ମହିମା ଗୁନ୍‌ଅ । ॥୩॥

ଆନଂଦ୍ ମୂରତି ରାମ୍ ଚରିତେଁ ନିରାନଂଦ୍ ଭାବ୍‌ନା
ନେଇ ନାଇଁ ହୁଅ ଘାଏକେ କଥାର୍ ବାଟେଁ ବନା । ॥୪॥

ସୂରୁଯ୍ ବୁଡ୍‌ବାର୍ ଆଗୁଁ ସୂରୁଯ୍ ବଅଁଶ୍-ବିଭୂଷଣ୍
ବୁଡ଼ି ଯାଏସିନ ବଲିଁ ଡ଼ରେଁ କାନ୍ଦନ୍ ବିଭୀଷଣ୍ । ॥୫॥

ଦନୁଜ୍-ରାଜ୍ ପାଇ ହନୁର୍ ଜୀବନ୍-ନିଆ ବିଧା
ଧଡ୍‌ପଡ୍ ହଇଁ ରଥେଁ ବସି ଗଡ୍‌କେ ଗଲା ସିଧା । ॥୬॥

ରାବଣ ନାଇଁ ପାର୍‌ଲା ଯାହା ହନୁ ପକେଇ ଖଂଦେଁ
ନେଲା, ଫଲ୍ ଭଲ୍‌କେ ଭଲ୍ ହେସି ମନ୍ଦ୍ ମନ୍ଦେଁ । ॥୭॥

ବେଲ୍ ବୁଡ଼ି ଅଂଧାର୍ ହେଲା ସବ୍ ଆଏଲେ ଫିରି
କାହିଁ ରହେଲା ନାଇଁ ଆଏଲା ସୂରୁଯ୍ କୁଲର୍ ଶିରୀ । ॥୮॥

ପଡ୍‌ଉ ଭିତ୍‌ରେଁ ଘବ୍‌ଡ଼ଉଛନ୍ ରାମ୍ ଅଥା ଅଥିର୍
ଲକ୍ଷ୍ମଣକୁଁ ଖଂଦେଁ ଧରି ପୁହୁଁଚେ ହନୁ ବୀର୍ । ॥୯॥

ତଲେଁ ଥୁଉନ୍ ଥୁଉନ୍ କହିନେଲା ସବୁ କଥା
ହାତ୍ ଗୋଡ଼ ସବ୍ ବସିଁଗଲା ରାମ୍ ଶୁନି ଅଥା । ॥୧୦॥

ବିଭୀଷଣ୍ ତ ଥିଲେ ସାଙ୍ଗେଁ ସୁଗ୍ରୀ ଆଏଲେ ଧାଇଁ
ନଲ୍ ନୀଲ୍ ଅଂଗଦ୍ ଜାଂବବ୍ ଯେ ଯେ ଥିଲେ ଯାହିଁ । ॥୧୧॥

କେ ଆନ୍‌ଲା ହୁଲା ଜାଲି କିଏ ପୁଛେ ଝାଲ୍
ଗୋଡ୍ ହାତ୍ କେ ଚିପେ କିଏ ସଂଖ୍‌ଲେ ମୁଡ଼ର୍ ବାଲ୍ । ॥୧୨॥

ରକତ୍ ଦେଖିଁ କହେ କିଏ ବଢେ ଶକତ୍ ଆଘାତ୍
ଲକ୍ଷ୍ମଣ ବଲିଁ ଅଛନ୍ ଦୁସ୍‌ରା ହେତା ନ ତ ନିପାତ୍ । ॥୧୩॥

ଲକ୍ଷ୍ମଣ୍ ଦିହୁଁ ଲହୁ ଯେତେ; ତାର୍ ଶହେଗୁନ୍ ଲହ
ରାମ୍‌ର୍ ଆଖିଁ ଝରେ ଦେଖି ନାଇଁ ହୁଏ ସହ । ॥୧୪॥

ରାମ୍ କହେଲେ କହ ମିତ ଅଙ୍ଗଦ୍ ! ବିଭୀଷଣ୍ !
ବଅଁଚିବା କି ନାଇଁ ମୋର୍ ପ୍ରାଣ୍ ସମାନ୍ ଲକ୍ଷ୍ମଣ୍ । ॥୧୫॥

ବିଚାର୍ ଚାଲ୍‌ଲା ଛାଉନି ଭିତରେଁ କେତେ ଗୁତା ଉଚାର୍
ଯାହା ହଉ କର୍‌ଲେଁ ଯାଇ ତୁର୍‌ତି ଉପଚାର୍ । ॥୧୬॥

ବିଭୀଷଣ୍ ବଏଲେ ଲଂକା ଗଡ଼େଁ ସୁଷେଣ୍ ସଏଦ୍
ଏଇ ଘାତ୍‌କେ ଉପ୍‌ଚାର୍ ଲାଗି ଧଁନ୍ତରୀ ଆଏ ସଏଦ୍ । ॥୧୭॥

ସୁଗ୍ରୀ କହେଲେ ଆଏବା ଭାଏଲ୍ ଆସି ଦେବା ? ରାବଣ୍
ହନୁ କହେଲା ଯାଇ ଦେଖେଁ କେ କର୍‌ବା ବାରଣ୍ ? ॥୧୮॥

ଦନୁଜ୍ ପୁରୁଁ ହନୁ ଫିର୍‌ଲା ସୁଷେଣ୍ ଧରି ସାଂଗେ
ରାମ୍‌ର୍ ପାହେଁ ପର୍‌ଲା ହାତ୍ ଯୁର୍‌ଲା ରାମ୍ ଆଗେଁ । ॥୧୯॥

ଆଘାତ୍ ଦେଖିଁ ନାଡ଼୍ ଦେଖ୍‌ଲା କରି ଟିକେ ବିଚାର୍
ସୁଷେଣ୍ କହେଲା, ବେଲ୍ ଉଦା ଆଗୁଁ କଲେଁ ଉପଚାର୍ । ॥୨୦॥

ବଅଁଚି ଯାଏତା ମଲୁ ହେଲେଁ ଉଷୋ ନାଇଁ ପାଶେଁ
ହିମାଚ଼ଲୁଁ ଆନ୍‌ଲେ ବେଲ୍ ନାଇଁ ଆସୁ ଆକାଶେଁ ।।୨୧।।

ବେଲ୍ ଉଦ୍‌ଲେଁ ଜୀବନ୍ ନାଇଁ ଥିବା ସେତେବେଳେଁ
ବିନ୍ ଜୀବନର୍ ଦିହେଁ କା'ଣା ହେବା ଉଷୋ ଦେଲେଁ । ।।୨୨।।

ନୁହିଲା କଥା ଛାଡ଼ି, ବିହିର୍ ହାତେଁ ଛାଡ଼ ଫଲ୍
ଗୁଲ୍ ଗୁଲା ରାମ୍ ଦେଖନ୍-ହନୁର୍ ମୁହଁକେ ବଲ୍ ବଲ୍ । ।।୨୩।।

କେ ବୁଝ୍‌ବା ସେ ଦେଖାଥିଁ କା'ଣା ଥିଲା ଲେଖା ?
ନାଇଁ ବୁଝ୍‌ତା, ଦୁସ୍‌ରା କିଏ ହନୁ ବୁ ଝ୍‌ଲା ଏକା । ।।୨୪।।

ଆତ୍‌ମା ବୁଝିପାରେ ସିନା ଆତ୍ମା-ପୁରୁଷର୍ କଥା
ଆତ୍‌ମାର୍ ଦୁଖ୍ ଫୁଟେ ନୁହେ ଦିହର୍ ଖାଲି ବଥା । ।।୨୫।।

ନିରାନନ୍ଦର୍ ନିହୁଁ ଉଠି ଆନନ୍ଦ-ଆତ୍‌ମା -ରାମ୍
ଦୁଖ୍-ଦରିଆ ଦରାଁଡି ନୁରେ ସୁଖ୍ ଶାଂତି ଧାମ୍ । ।।୨୬।।

ହେ ରାମ୍ ! କହିଁ ଉତ୍‌କି ପଡ଼୍‌ଲା ହନୁଛାଡ଼ି ହୁଂକାର୍
,କାଲର୍ ମା ବୁଝ୍‌ଲା କାଏଁ କାଲେଁ କାଲର୍ ଠାର୍ । ।।୨୭।।

ବଏଦ୍ ବତାଲା ବାଟ୍ ବା'ରି ବାହାରେ ହନୁ ଉଡ଼ି
ଧର୍‌ତୀର୍ ଟାନି ଧରା-ଶକ୍ତି ଲେଁଜେଁ ରଖ୍‌ଲା ମୁଡ଼ି । ।।୨୮।।

ଇ ସବୁକେ ରାବଣ୍ କାନେ ଦେଲାନ କେ ଫୁଡ଼ି
ଯୁଡ଼ି ଦେଖ୍‌ଲା ଉପେ, ହନୁ ବାଟ୍ ରହେବା ହୁଡ଼ି । ।।୨୯।।

ତତ୍‌କାଲ୍ ଯାଇ କାଲ୍‌ନେମୀକେ କହେଲା ପାର୍‌ବୁ ତୁଇଁ
ହନୁ ଚାଲେ ହିମାଚଲ୍ ବାଟୁଁ ଯାଉ ନ ଗୁଇଁ । ।।୩୦।।

ନାଇଁ ପୁହୁଁଚୁ ହିମାଚଲ୍ ନାଇଁ ପାଉ ସେ ଜଡ଼ି
ଏନ୍ତା ମାୟା ଭିଆଇନେ ଯେ ତାହିଁରହୁ ନ ଜଡ଼ି । ।।୩୧।।

ଭାବି ଚିନ୍ତି କରି ଦେଖିଲା ତାର୍ ଆଏଦ୍ ଉପେ
ଗହନ୍ ମାୟାର୍ ଗଁଥିଲା ଥୁପି ହନୁର୍ ବାଟେଁ ଥୁପେ ।   ॥୩୨॥

ଗନ୍ଧକାଲୀ ବନ୍ଧ୍ ସୁନ୍ଦର୍ ଗନ୍ଧ୍ ମାର୍ଦ୍ଦନ୍ ତଲେଁ
ଝଲି ଦଉଛେ ଭଁଅରି ଭଅଁର୍-କଲା  ମିସ୍ ମିସ୍ ଜଲେଁ ।   ॥୩୩॥

କଏଁ ଫୁଲ୍ ଆର୍ ପଦୁଁ ଫୁଟେ କେତେ ରଙ୍ଗ୍ ଢଙ୍ଗର୍
ପାଏନ୍ ତରେଁ ଗଛ୍ ପତର୍ କେତେ ଡେଙ୍ଗ୍ ବାଙ୍ଗର୍ ।   ॥୩୪॥

ଲହ କେତେ ଗଛ ଉପରୁଁ ପାଏନ୍ କେ ଆସନ୍ ଲହଁପି
ପାଏନ୍ ଭିତ୍ରୁଁ ଟଗର୍ ଜଗଲ୍ ତରୁଁ ଯାଆନ୍ ଦହଁପି ।   ॥୩୫॥

ମାଏନ୍ ମନ୍‌ସା ଫୁଲ୍ ଫୁଟିଛେ ଗଛର୍ ଡାଲେଁ ଡାଲେଁ
ବହଲ୍ କହର୍ ଲହର୍ ଖେଲେ ପବନ୍ ତାଲେଁ ତାଲେଁ ।   ॥୩୬॥

ତାହିଁ ରିତାଏ ମଗ୍‌ରେନ୍‌ଟେ ମହାନ୍ ଭୟାଂକାର୍
ତାର୍ ହାବ୍‌ଡେଁ ଯେ ପଡ୍‌ଲେଁ ନାଇଁ ପାଏ ନିସ୍ତାର୍ ।   ॥୩୭॥

ଖଁଡିଁ ଅଛେ ଦଉଲ୍, ଦଉଲ୍ ଆଗେଁ ଚକା ମାରି
ବସେ କାଲ୍‌କେମୀ ଧରିଁ ବେଶ୍ ବ୍ରହ୍ମଚାରୀ ।   ॥୩୮॥

ଉପର୍ ଆଡ୍‌କେ ଅଛେ ନିଘା ନିଝାର୍ ପରେ ରାଏତ୍
ଉଡ଼ି ଯାଉଛେ ଜନ୍‌ଏ ଜାନ୍‌ଲା ହନୁ ଆଏ ସାଏତ୍ ?   ॥୩୯॥

ଡାକ୍‌ଲା ରାମ୍ ସେବକ୍ ବାବୁ ! ଉତ୍ରୁର୍ ନି ଯେ ଘାଏ
ହୁରୁଁ ଆଉଛୁ ହୁର୍‌କେ ଯିବୁ ସୁସ୍ତା ଘଡ଼େ ଯାଏ ।   ॥୪୦॥

ରାମସେବକ୍ ତ ବଲୁଛେ ଯିବା ଆଏବାର୍ ଜାନ୍‌ଏ
ଜାନ୍ ବାରି ବି ବ୍ରହ୍ମଚାରୀ ବେଶ୍‌କେ ପୂରା ମାନ୍‌ଏ ।   ॥୪୧॥

ହେବା ଭାଏଲ୍ ସିଦ୍ଧ୍ ସାଧକ୍ ନାଇଁ ମାନ୍‌ଲେଁ କଥା
ଅଭିଶାପ୍ ଦେଇ ଅଥା କରିପାରେ ଅଯଥା ।   ॥୪୨॥

ଯୁହାର୍ କରି କହେ ହନୁ ଅଛେ ହର୍‌ବର୍
କାଲ୍‌ନେମୀ କହେ ଜାନେ ଦେମି କାମ୍ ସିଦ୍ଧିର୍ ବର୍ । ।।୪୩।।

ବନ୍ଧୁକେ ଦେଖେଇ କହେଲା ପହେଲା ଆ' ଗାଧି ବୁଡ଼ି
ମନ୍ତର୍ ଦେମି ଯିବାର୍ ଠାନ୍‌କେ ଯିବୁ ଲହତର୍ ଉଡ଼ି । ।।୪୪।।

ଅସୁର୍ କହେଁ ପାଏନ୍‌କେ ପଶୁନ୍ ଧଏଲା ନ କେ ଗୋଡ୍
ଘିଚି ଦେଖ୍‌ଲା ଲଗେଇ ତାର୍ ଯାହା ଥିଲା ତୋଡ୍ । ।।୪୫।।

ହନୁ କହେଲା ହେଲା କା'ର୍ ? ଜୀବନ୍ ଯିବାର୍ ବେଲା
କିଏ ଆଏ ଯେ ? ରାମ୍ କବାରେଁ ବନ୍‌ଏ ବାଧା ଦେଲା । ।।୪୬।।

ଗୋଡ଼ର୍ ସାଙ୍ଗେଁ ମଗ୍‌ରେନ୍‌କେ ଘିଚିଁ ପକାଲା ଖଁଡି
ମୁହଁକେ ଫାଡ଼ି ଚିରିନେଲା ପଡ଼ି ରହେଲା ଗଁଡି । ।।୪୭।।

ଜୀବ୍ ଆତ୍‌ମା ଯିବାର୍ ସୁରେଁ ଅପ୍‌ସରୀ ରୂପ୍ ଧରି
କହେ ମହାମନା ! ତୁମର୍ ଲାଗିଁ ଗଲିଁ ତରି । ।।୪୮।।

''ବାବା ନୁହେ କାବା ହେବ'' କହେ ''ଆଏ ସେ ଅସୁର୍''
''ବେଶ୍ ବ୍ରହ୍ମଚାରୀ ବିଚାର୍ ଅନାଚାରୀ ପଶୁର୍'' । ।।୪୯।।

''ତୁମର୍ ବାଟେଁ ତୁମେ ଯ' ମୁଇଁ ଗଲିଁ ତ ଫାବି''
ହନୁ ଆଏଲା ବାବା ନିକେ ଦାଁତ୍ ମୁଡ୍‌କେ ଚାବି । ।।୫୦।।

କାଲ୍‌ନଅମୀର୍ ଭାଲ୍ ବିଚାର୍ ଭାଲା ରଙ୍ଗ୍ ଧରିଛେ
ସିଂହ୍‌କେ ଆନି ଫିଜ୍‌ରା ଭିତ୍‌ରେଁ ବନ୍‌ଏ ବତ୍‌ରେଁ ଭରିଛେ । ।।୫୧।।

ମଗ୍‌ରେନ୍ ମୁହେଁ ମହାନ୍ ମାକର୍ ଯାଇଥିବା ନ ଯମ୍‌ଘର
ରାବଣ୍‌କେ ଯାଇ ମାଗ୍‌ମି ଧନ୍ ସଂପଦ୍ ମନ୍ ଭର୍ । ।।୫୨।।

ଲେହେଁଟି ଦେଖ୍‌ଲା ବନ୍ଧୁ ଆତ୍‌ନେ ରାଗେଁ ଆଏଁଖ୍ ଲାଲ୍
ହନୁ ଆଉଛେ କାଲ୍‌ନେମୀକେ ଲାଗେ ଆଉଛେ କାଲ୍ । ।।୫୩।।

''ମନ୍ତର୍ ଆଗୁଁ ଦକ୍ଷିଣାଟା ନେଇଁ ଯ' ହୋ ଗୁରୁ
ବାର୍ତ୍ତା ପଠ' ଭଞ୍ଜାନିକେ ବାଟ୍ ଚାହୁଁଥିବା ଦୂରୁ'' । ।।୫୪।।

ଏତ୍‌କି କହି ଚଟ୍‌କନ୍‌କେଁ ପଟ୍ ପକାଲା ବୀର୍
ଲେଞ୍ଜେଁ ଗୁରେଇ ଫିକ୍‌ଲା ଲଂକାର୍ ଯେନେ ଲୋକ୍ ଭିଡ୍ । ।।୫୫।।

କେନ୍ତା ହେଲା ଚିନ୍ତା କଲା ହନୁ ମନେ ଘାଏ
ମରୁଁ ମରୁଁ ବଅଁଚି ଗଲିଁ ରାମର୍ ଦୟା ଆଏ । ।।୫୬।।

ରାମର୍ କାମ୍ ଅଲଗା ନୁହେ ଆଏ ଆମର୍ କାମ୍
ରାମ୍‌କେ ଛାଡ଼ି ଉନିଆଁ କା'ର୍ କାହିଁ ମନସ୍କାମ୍ ? ।।୫୭।।

ଚରମ୍ ଆନନ୍ଦ୍ ଥିତି ରାମ୍ ପରମ୍ ଆନନ୍ଦ୍ ରୂପ୍
ସେ'ନୁ ସେ ଆତ୍ ଭାବ୍‌ଲେଁ ତେତ୍‌କେଁ ଚେତନ୍ ଆତ୍‌ମା ଚୁପ୍ । ।।୫୮।।

ଦେହେ ସର୍‌ବସ ଲଗେଇ ରାମ ! ଆଏଁ ତୋର୍ ଦାସ୍
ଜୀବନ୍ ତୋର୍ ମହାନ୍ ଅଂଶୁଁ ଅଂଶେ ଆଏ ବିଶ୍ୱାସ । ।।୫୯।।

ସତେଁ ସତ୍ କହେଲେଁ ତୋର୍ ମୋର୍ ନାଇଁ ଭେଦ୍
ତୁଇଁ କହେସୁ ମୁଇଁ କହୁଛେଁ କହନ୍ ପୁରାଣ୍ ବେଦ୍ । ।।୬୦।।

କାମ୍‌କେ ଦେଖ୍‌ଲେଁ ତୋହରି କାମ୍ ନିଜର୍ କାମ୍ ଆଏ
ସୁର୍‌ତା କଲା ତୁର୍‌ତା ତୁର୍‌ତି ଲଂକା ଫିର୍‌ଲେଁ ଯାଏ । ।।୬୧।।

ରାଏତ୍‌ତ ଗଡ଼େ ସତ୍, ପର୍‌ବତ୍ କାଏଁ ଭିତ ଗଡ଼େ ?
କେତେ ତୁର୍‌ତି ପୁହୁଁଚି ପାର୍‌ତିଁ ନୁକ୍‌ସାନ୍ ନୁହୁ ଘଡ଼େ । ।।୬୨।।

କହୁନ୍ କହୁନ୍ ପୁହୁଁଚି ଗଲା ଗଂଧ୍‌ମାର୍ଦ୍ଦନ୍ ପାଶ୍
ଅବଶୋଷ୍ ଗଲା ପାଇ ଉଷୋ ଗଛ୍ ପତରର୍ ବାସ୍ । ।।୬୩।।

କେତେ ଦୂରୁଁ ଆସି ଲାଗୁଥିଲା ଅଥା ବିଥା
ଗନ୍ଧଗିରିର୍ ପାଏନ୍ ପବନ୍ ଦୁଖ୍ ଦରଦ୍ ଜିତା । ।।୬୪।।

ବଡେଇ ଥିଲା ବିଶଏଲ୍ କର୍‌ନି ଗଛ୍ ସୁଷେଣ୍ ବଏଦ୍
କାହିଁ ଚିହ୍ନତା ? କେଭେଁ ଆଁଖିଁ ଦେଖିଥିଲେଁ ତ ସଏଦ୍ । ॥୬୫॥

ନୁରି ନୁରି ସମିୟା ଯାଏ ଉଦିଁ ଆଏଲେଁ ବେଲ୍
ସାନ୍ ମହାପୁରୁ ସଉମିତ୍ରୀର୍ ସରିଁ ଯିବା ଖେଲ୍ । ॥୬୬॥

ଗଛ୍ ପତର୍ ସହିତ୍ ଗନ୍ଧଗିରି ଧଏଲା ଟାଡ଼ି
ପବନ୍ ବେଗେଁ ପବନ୍ ପୁଓ ଆକାଶେଁ ଆସେ ମାଡ଼ି । ॥୬୭॥

ଲଂକାକେ ସଲ୍‌ଖାଲା ବାଟ୍ ସିଧା ଛାଟେଁ ଛାଟ୍
ବିରାଟ୍ ଦିହେଁ ବିରାଟ୍ ଗିରି ମନେ ରାମ୍ ବିରାଟ୍ । ॥୬୮॥

ଆସୁନ୍ ଆସୁନ୍ ହଠାତ୍ ଚଟାତ୍ ବାଟେଁ ବାଜି ବାଟ୍‌ଲି
ଗିରି ସାଙ୍ଗେଁ ଶିରୀ ହନୁମାନ୍ ଆକାଶୁଁ ପରେ ନଥିରି । ॥୬୯॥

କହେ ହନୁ, ‘‘ଏ ବୁଆ ! ଇ ଟା କା’ଣା ହେଲା ରାମ୍ !
କେତେ ଆପ୍‌ଦେଁ ଛାନି ନେସୁ ତୋର୍‌ଲାଗିଁ କଲାକାମ୍ । ॥୭୦॥

ତୋହରି ବିନୁ ଦୁସ୍‌ରା ମୋର୍ କିଏ ଅଛେ ଆଶ୍ରା
ରଖ୍ ହୋଇ ରାମ୍ ! ବେଢ଼ି ନେଲାନ ବଢ଼େ ବିପଦ୍-ପସ୍‌ରା । ॥୭୧॥

କେନ୍ ଠାନେ ମୁଇଁ ପଡ଼୍‌ଲିଁ ରାମ୍ !, କେନ୍ ଦେଶ୍ ଇଟା ଆଏ ?
ମୁଇଁ ପଛେଁ ମରେଁ ଲକ୍ଷ୍ମଣ୍ ବର୍ତ୍ତି ଯାଉଁନ୍ ଘାଏ । ॥୭୨॥

ଲକ୍ଷ୍ମଣକୁଁ ଜୀଆଁମି ବଲିଁ ମନେ ଥିଲା ମାନ୍
ପର୍‌ବତ୍ ବୁହି ଆକାଶ୍ ବାହି ପାର୍‌ସି ହନୁମାନ୍ । ॥୭୩॥

ମନ୍ ଭିତ୍‌ରେଁ ଗୁର୍‌ଂଖାଏଲିଁ କେନ୍ତା ପାଏଲୁ ସୋର୍
କାନ୍‌ଟିକେ ପଛେଁ ମୁରି ନେଇଥିତୁ ବିଧା ପକାଲୁ ଯୋର୍ । ॥୭୪॥

ନାଇଁ ପାରେଁନ  ଉଠି ଭେଟି ନାଇଁ ପାରେଁନ ଆଉ
ଯିବାର୍ ଜିନିଷ୍ ଜୀବନ୍ ଯାଉ, ମନ୍ ତୋର୍‌ନେ ଥାଉ । ॥୭୫॥

ହେ ରାମ୍ ! ହେ ଆନନ୍ଦ୍ ଧାମ୍ ! ରାଘବ୍ ଦାଶରଥୀ
ଜୀବନ୍-ରଥ୍ ମୋର୍ ଛଡା ମାରେ ଛେଁକି ରଖ୍ ମହାରଥୀ । ॥୭୬॥

ରମିଗଲେ ଭରତ୍ ଶୁନି ରାମ୍ ନାମ୍ ମନୋରମ୍
ଶମିଗଲେ ରାମ୍-ଭାବ୍‌ନା-ରାଏଇ୍ ପାଇ ସମ୍ । ॥୭୭॥

ପାଶ୍‌କେ ପୁହୁଁଚି ପଚାରନ୍ ମହାତମା ! ତମେ କିଏ ?
ଛୁକ୍‌ଲ ରାମ୍-ନାମ୍-ଅମ୍ରିତ୍ ମତେ ଉହୁଲେଇ ନିଏ । ॥୭୮॥

କେନୁ ଆସି କେନ୍‌କେ ଯାଅ କା'ଣା ଆଏ କାମ୍ ?
କେନ୍ ସୁକ୍ରୁତ୍ ବଲେଁ ମୁହେଁ ଅମ୍ରୁତ୍ ରାମ୍ ନାମ୍ । ॥୭୯॥

କେନେ ବାଇ୍‌ଲା ବାଟ୍‌ଲି ନିହେଁ ନାଇଁ ହଇଁ ତ କିଛି ?
କରତବ୍ ମାନି କରିଗଲିଁ ନାଇଁ କର ଛି' ଛି' । ॥୮୦॥

ଅଯୋଧିଆ ଯୁଦ୍ଧ୍ ନାଇଁ ବଧ୍ ନାଇଁ ଆଏ ଅବଧ୍
ଶର୍ ମାଏଲିଁ ଫର୍‌ନାଇଁ ହେବା କାଲେଁ ବଧ୍ । ॥୮୧॥

ଇନିର୍ ଆଏଁ ନଉକର୍ ମୁଇଁ ନାଇଁ ନ କିଛି ଉକର୍
ରଜାର୍ କହେଁ ଜଗା ରଖା କରେଁ ଦାସ୍ ତାହାକର୍ । ॥୮୨॥

ଇ ରାଏଜର୍ ଆକାଶ୍ ମାର୍‌ଗ ଛାଡ଼ି ଦେଲେଁ ଅବାଧ୍
ପଦେ ପଦ୍‌କେଁ ବିପଦ୍ ମାଡ଼ିଆଏବା ତ ଅଗାଧ୍ । ॥୮୩॥

ରାତିଁ ଯାଏ କିଏ ବଲିଁ ମନ୍ ଲାଗ୍‌ଲା ଅବୋଧ୍
କାଁ କର୍‌ତିଁ ? ନାଁ କେ ତଲୁଁ କରି ଦେଖ୍‌ଲି ରୋଧ୍ । ॥୮୪॥

ରାମ୍ ରଜାର୍ ସେବକ୍ ମୁଇଁ ନାଆଁ ଭରତ୍ ଆଏ
ରୋଷ୍ ନାଇଁ କରି ଦୋଷ୍ ମାଫ୍ କର ଘାଏ । ॥୮୫॥

ଭରତ୍ ନାଆଁ ଶୁନି ଭଗତ୍ ହନୁର୍ ଲହ୍‌ଧାର୍
ଲୁକି ହେବାର୍ ଦେଖୁଥିଲା ରାତିର୍ ସେ ଅଁଧାର୍ । ॥୮୬॥

ଯୁହାର୍ କରି ଶ' ଶ' ଥର୍ ବାଏଲ୍ ମାଖି ପାହାର୍
ସେ ଭରତ୍ ପ୍ରଭୁର୍ ମୁହେଁ ନାଁ ହର୍‌ମେଷ ଯାହାର୍ । ॥୮୭॥

ରାଜା ନୁହି ରାଏଇ୍ ପାଲେ ଘରେଁ ବନ୍‌ବାସୀ
ରାମ୍ ନାଇଁ ପାଶେଁ ରାମ୍-ରସେଁ ଯାଏ ଭାସି । ॥୮୮॥

ଆରାମ୍ ନାହିଁ ରାମର୍ କାମେ ରାମର୍ ପ୍ରତିନିଧି
ଶାସନ୍-ଇତିହାସ୍-ସାଗ୍‌ରେଁ ଅପୂରନ୍ ନିଧି । ॥୮୯॥

ଦିନ୍ ସାରିଁ ଯେ ରାଏତ୍ ସର୍‌ତା ରାମର୍ ରାଏଙ୍କ୍ ଜୁଗେ
ପୁର୍‌ଥୀ ଏନ୍ତା ପୁଓ ପାଏବାର୍ ଲାଗିଁ ଲାଗେ ଯୁଗେ । ॥୯୦॥

କାଂଦେ ହନୁ କାଂଦେ ଭରତ୍ ରାତିର୍ ଅଂଧାର୍ କାନ୍ଦେ
କରୁଣ୍ ରସର୍ ସ୍ୱର୍ ଲିପିଟେ କେନ୍ ଗୀତ୍‌କାର୍ ବାନ୍ଧେ । ॥୯୧॥

ମୂର୍ଚ୍ଛନା କାଏଁ ମୂର୍ଚ୍ଛି ପାର୍‌ତା ଅବଧି ଅନ୍ତପୁର୍
ପୁର୍‌ପୁର୍ କରି ପଶିଁ ଗଲା ପର୍‌ଶିଁ କରୁଣ୍ ସୁର୍ । ॥୯୨॥

ତିନ୍ ରାନୀ ତିନ୍ ଯୁବ୍‌ରାନୀ ଉଠିଁ ଆଏଲେ ତୁର୍‌ତି
ରାମ୍ ଗଲା ଦିନୁ ନିଦ୍ ନାଇଁ ଥାଇଁ ଈ ପୁର୍‌ଥୀ । ॥୯୩॥

ସଭେ ଆସି ଠୋଲ୍ ହେଲେ ଶୁଭେ କାନ୍ଦିର୍ ରୋଲ୍
କିହେ କାହାକେ ନାଇଁ ପଚରାନ୍ କାନ୍ଦ୍‌ବାରେଁ ସବ୍ ଭୋଲ୍ । ॥୯୪॥

କୋହର୍ ଗହ୍ ଗହ୍ ଭିତ୍‌ରେଁ ହଏ ପହପହ
ସହି ନୁହେ କହେ ସମିୟା ନାଇଁ ଜହ । ॥୯୫॥

ଦାସୀ ଆସିସାରିଥିଲେ ମଶାଲ୍ ଉକିଆ ଧରି
ଭରତ୍ ଠାନେ ହନୁ କହନ୍ ସବ୍ ଗୋଟ୍ ଗୋଟ୍ କରି । ॥୯୬॥

ସୀତା ହରାବାର୍ ଠାନୁ ଲାକ୍ଷ୍ମଣ୍ ଚେତା ହରାବାର୍ ଯାଏ
କହି ଚାଲେ କାନ୍ଦନ୍ ସଭେ କରିଁ ହାଏ ! ହାଏ ! ॥୯୭॥

ସୁମିତ୍ରାର ଲହ୍ ନାଇଁ କାହାକେ ନୁର୍‌ଲା ଲେଖେଁ
ଦେଖି ବଡ଼ରାନୀ କହନ୍ ଜୁଖେଇ ହେଲୁ ଦେଖେଁ । ॥୯୮॥

ନାଇଁ ଶୁନୁ ? ଲକ୍ଷ୍ମଣ୍‌କେ ହଇଛେ ଶକ୍ତି ଭେଦ୍
ଆଖିଁ ନାଇଁ ଲହ, ମନେ ନାଇଁ ତ ରଁଚେ ଖେଦ୍ । ॥୯୯॥

ବେଢ଼ୀ ନୁହେଁ କି ଜଖେଇ ନୁହେଁ ଶୁନୁଛେଁ ବଡ୍ ନାନି !
ରାମ୍ ସେବାନେ ସୀତା ନାଇଁ କି ଲକ୍ଷ୍ମଣ୍ ନାଇଁ ଜାନି । ॥୧୦୦॥

ଇ ଭିତ୍‌ରେଁ ଶତ୍‌ରଘନ୍‌କେ ପାଏମି କାଏଁ ନୁରେଁ
କାଁ କର୍‌ବା ରାମ୍, ସୀତା ସଉମିତ୍ରୀ ଦୂରେଁ । ॥୧୦୧॥

ସବୁ ଛାଡ଼ି ଶତ୍‌ରଘନ୍ ଇଛନ୍ ଯାଉ ଧାଇଁ,
ରାମ୍ ସେବା ନାଇଁ, ଇନେ କାଁ କର୍‌ବା ଥାଇଁ ? ॥୧୦୨॥

ଗନ୍ଧମାର୍‌ଦନ୍ ଉଢ଼ାଲେଁ ଥାଇ ଉର୍ମିଳା ଯୁବ୍‌ରାନୀ ।
ଆଁଖିଁ ନାଇଁ ପାନି ଉଲ୍‌ଟିଆ ହଁସି ହଏ ସାନି । ॥୧୦୩॥

ସଭେ ଦେଖିଁ କହନ୍ ମହା ଆକାଭୂତ୍ ଇ କଥା
ଚିନ୍ତ୍ ବିଚଳିତ୍ ଖବର୍ ଦିଏ ଦାରୁନ୍ ବଥା । ॥୧୦୪॥

ଭର୍‌ମି ଯାଅ ସଭେ କାଏଁ ? କହେ ଉର୍ମିଲା ଧୀର୍
ତାହାକୁଁ ଶୁଇ ଦିଅନ୍ ରାମ୍ ନାଇଁ ଶୁଇଁ ବଲି ବୀର୍ । ॥୧୦୫॥

ଖୁଜି ଦେଖିଛେଁ ମୋର୍ ପତିକର୍ ଦିହ୍ ଆଉର୍ ମନ୍
ରାମ୍ ନାଇଁ ଥିବାର୍ ଠାନ୍ ନାହିଁ କେହେନି କନ୍ । ॥୧୦୬॥

ସେ ଦିହେଁ ପର୍‌ଲା ଶକ୍ତି ରାମକୁଁ ଥିବା ଭେଦି
ଶକ୍ତି-ଆଧାର୍ ରାମକୁଁ କାଏଁ ସହଜେଁ ପାର୍‌ବା ଛେଦି । ॥୧୦୭॥

ଆନନ୍ଦମୟ୍ ରାମ୍ ନିକେ ଦୁଖି ଯିବା କାଏଁ ପଶି
ନାଇଁ ଜାନି କାନ୍ଦ ସଭେ ଦେଖି ଆସେ ହଁସି । ॥୧୦୮॥

ସାନ୍ ରାନୀକର୍ କଥା ଶୁନି ଭାବେ ହନୁମାନ୍
ଏନ୍ତା ମାଆଁ ସିନେ ଲକ୍ଷ୍ମଣ୍ ପୁଓ ଜନ୍‌ମାନ୍ । ।।୧୦୯।।

ଉର୍ମିଲା କଥା ଶୁନି ଭାବେ ଧଏନ୍ ଧଏନ୍ ଇ ନାରୀ
ସଉମିତ୍ରୀ କାଏଁ ଇନୁ ନିଅନ୍ ଭକ୍ତି ରସ୍ ଝାରି । ।।୧୧୦।।

କେ କହେବା ଇ କୁଟ୍‌ମେ କିଏ ବଡ୍ କେ ସାନ୍ ?
ରାମ୍ ଲେଖେଁ ସୁନ୍ଦର୍ ସୁତର୍ ସମ୍‌ଧରମୀ ଆନ୍ । ।।୧୧୧।।

କଥା ଶୁନ୍‌ଲେଁ ଅଠାଲାଗ୍‌ବା ନାଇଁ ପାରେଁ ନ ଯାଇ ?
କାଂଦୁଥିବେ ରାମ୍ ଧରି ସଉମିତ୍ରୀ ଭାଇ । ।।୧୧୨।।

କହେ ଦେରି ହଏ ପ୍ରଭୁ ଦେଖୁଥିବେ ବାଟ୍
ରାବଣ୍ ଦଉଥିବା ସଜ୍ ଲଗାବାକେ ନାଟ୍ । ।।୧୧୩।।

ଭରତ୍ କହନ୍ ଭକତ୍ ! ନିଂଦା ପାଉଛେଁ ତ ଏକେଁ
ମୋର୍ ଲାଗି ପ୍ରଭୁ ବନ୍‌ବାସ୍ ଗଲେ ମାଁର୍ ଟେକେଁ । ।।୧୧୪।।

ଏହ୍‌ନି ତୁମର୍ ବାଟ୍ ଛେଁକି ନୁକ୍‌ସାନ୍ କର୍‌ଲିଁ ବେଲା
ଯାହା ଥିଲା ନିଂଦା, ଏତ୍‌କେଁ ଶହେଗୁନ୍ ହେଲା । ।।୧୧୫।।

ପରବତ୍ ଧରି ଶରେଁ ବସ ମାର୍‌ମି ଧୁନେ କଷି
ପୁହୁଁଚି ଯିବ ଚାହେଁଲା ଜାଗା ବେଲ୍ ନାଇଁପାରେ ହଁସି । ।।୧୧୬।।

ହଁସି କହେ ହନୁ ମୋର୍‌ନେ ଅଛେ ବେଗ୍‌ବାନ୍ ଯାନ୍
ତାର୍ ଆଗୁଁ ପୁହୁଁଚେଇ ନେବା ମୋର୍ ଚାହେଁଲା ଠାନ୍ । ।।୧୧୭।।

ସରଗ୍ କେ ବି ପୁହୁଁଚିବାକେ ଲାଗେ ଗୁଟେ ନିମେଷ୍
ବାହାରିଲିଁ କି ଏ'ଦେ ପୁହୁଁଚି ଯିମି ଲଂକା ଦେଶ୍ । ।।୧୧୮।।

ଆଶ୍ରିଯ୍ ହଇଁ କହେଲେ ଭରତ୍ କାହିଁ ଅଛେ ଯାନ୍ ?
ହନୁ କହେଲେ ମୁହେଁ ଅଛେ ମନୋରମ୍ ରାମ୍ ନାମ୍ । ।।୧୧୯।।

ହେ ରାମ୍ ! କହି ଉଡ୍‌ଲେ ହନୁ ଗନ୍ଧ ମାର୍ଦ୍ଦନ୍ ମୁଡେଁ
ହଲେ ହାଦ୍ ଗୋଡ୍ ଶୂନ୍ୟେ ରାମ୍ ନାମ୍ ଟୁଡେଁ । ॥୧୨୦॥

ବେଲ୍ ବୁଡ଼ିଁ ଅଂଧାର୍ ଆସେ ସଂଧ୍ୟା ବେଲା ହଏ
ମୁନି କହନ୍ ଯିମା ଚାଲ ବଲ ସୀତା ରାମ୍ ଜଏ । ॥୧୨୧॥

❑

# ପାଉଚ୍-୧୧

# ମହୀରାବଣ୍ ମାରନ୍

ସୁରୁଯ୍ ହଁସେ ପୁରୁବ୍-ଦିଗର୍ ହୃଦୁଦ୍-ଆକାଶ୍ ଖୁଲିଁ
ଖରାର୍ ଛରା ଦେଇ ଦେଇ ଆଶ୍ରମ୍-ଡାଁଡ୍ ଖୁଲିଁ । ॥୧॥

ଫୁଲ୍‌ଗଛ୍ ମାନେ ମୁଲୁକି ହସିଁ ଡାକନ୍ ଆ' ଆ'
ରାଏତ୍-ରାନୀକେ ଯା' ଯା' କହେ କୁଆର୍ କା'କା' । ॥୨॥

କୁଲ୍‌ଦେବତାକୁ ସୁହାରି ସୀତା ସୁରୁଯ୍ କୁଲ୍-ରାନୀ
ହୃଦୁଦ୍ ଅର୍ପିଁ ନିଅନ୍ ଉଁଝ୍‌ଲା ଭରି ତମ୍‌ସା ପାନି । ॥୩॥

ହିରନ୍ ଛୁଆ କାପ୍‌ଲି କରି ଆବ୍‌ରି କଅଁଲି ଖରା
ମାଁ ମାନ୍‌କର୍ ନିଘା ଥାଏ ଚରିଁ ତରା ତରା । ॥୪॥

ଆଶ୍ରମର୍ ସେ ବେଦୀଟିକ ବର୍‌ହ୍ନା ଚତ୍‌ରା ହେଲା
ଜେହେଲା ଜନା ପର୍‌ଲା ଆସିଁ ଜମ୍‌ଲେ ମୁନି ଚେଲା । ॥୫॥

ରାମ୍ ଭଜନ୍ ହେବାର୍ ଆଗୁଁ ପୁହୁଁଚି ଗଲେ ଋଷି
ହାତେଁ ଲେଖା ରାମେଣ୍ ପୁଥି ମୁହେଁ ଖେଲେ ଖୁସି । ॥୬॥

ବସ୍‌ଲେ ସଭେ ନିଜର୍ ନିଜର୍ ଆସନ୍ ମାନେ ପକେଇ
ଆଗ୍ ପଛ୍ ବସଦ୍ ପଛର୍ ନଜର୍ ମାନ୍‌କୁଁ ଫକେଇ । ॥୭॥

ଓଁ ରାମ୍ ଓଁ ରାମ୍ କରି ମୁନି କଲେ ଭଜନ୍
ଡୁମ୍‌ରୁ ସାର୍‌ଙ୍ଗୀ ଖଂଜ୍‌ନି ମନ୍ ରଂଜେଇ ବାଜନ୍ । ॥୮॥

ମୁନି କହେଲେ ହନୁ ଆଏବାର୍ ବାଟ୍‌କେ ଚାହିଁ ଚାହିଁ
ଆକାଶ୍ ଆଡ୍ ଦେଖି ଦେଖି ଝୁମ୍‌ରା କା'ର୍ ନାହିଁ । ॥୯॥

ସୁଗ୍ରୀ ବିଭୀଷଣ୍ ଜାମ୍ବବ୍ ସାଙ୍ଗେଁ ରାମ୍ ବସି
ଭାଲନ୍ ହନୁ ନୁହେ ଆସେ ବେଲ୍ ଆଏବା ହଁସି । ||୧୦||

ଉହାଟି ଦେଖନ୍ ରାଏତ୍, ନୁହେ ଉଦେ ପହଟିଆ
ହନୁ ନାଇଁ ରହେ କାହିଁ ନୁହେ ଅବାଟିଆ ? ||୧୧||

ଗୁଡା ଉଚାର୍ ହଉନ୍ ହଉନ୍ ଧରି ଗୁଟା ଗିରି
ଫିରି ଆଏଲା ହନୁ ସମ୍‌କର୍ ପ୍ରାନ୍ ଆଏଲା ଫିରି । ||୧୨||

''ଉଷୋ ଚିହ୍ନି ନାଇଁ ପାର୍‌ଲିଁ'' କହେଲା କାଁ କର୍‌ତିଁ ?
ସକାଲ୍ ପାହିଁ ଯାଇଥିତା କାଁ କରି ହେଲେଁ ନୁର୍‌ତିଁ । ||୧୩||

ଉପ୍‌ଡାଲିଁ ଧରି ଗୁଟା ଗୋଟ୍ ଗନ୍ଧ ମାର୍‌ଦନ୍ ଗିରି
ଟଲ୍ ଟଲାତା କାହିଁ ରାମ୍ ନାମ୍ ଦେଲି ଭିରି । ||୧୪||

ଥୁଇତେ ସାଏର୍ ସୁଷେଣ୍ ବଏଦ୍ ଚିହ୍ନି ଆନ୍‌ଲେ ଗଛ୍
ଉପ୍‌ଚାର କଲେ ଆଗେ, ସବୁ ବିଷେ କରି ପଛ୍ । ||୧୫||

ଶୁଇଲା ଶେଯୁଁ ଉଠ୍‌ଲା ଲେଖେଁ ଲକ୍ଷ୍ମଣ୍ ଗଲେ ଚେତି
ଘାଏ ଘାଏକେଁ ହାଇ ମାରି ଆଏଁଖ୍ ମାନ୍‌କୁଁ ରେଁଡି । ||୧୬||

କହେଲେ କା'ଣା ହେଲା ? ସଭେ କେନ୍ତା ଦୁଖ୍ ମନା ?
ରାମ୍ କୁଁ ଯୁହାର୍ କରି, ଜାନ୍‌ବାର ଲାଗିଁ ତତା ପନା । ||୧୭||

ସଉମିତ୍ରୀ ସବୁ ଶୁନି କହେଲେ ପ୍ରଭୁର୍ ସେନ୍‌ହେ
ଶୁଝି ନାଇଁ ହଏ କେଭେଁ କେନ୍ କନୁ ବି କନ୍‌ଏ । ||୧୮||

ଦାସ୍‌କେ ଆଦେଶ୍ କର ରଘୁକୁଲ୍ ଦିବାକର୍
ସବଅଁଶେଁ ରାବଣ୍ ମାର୍‌ମି ତେଭେଁ ଫିର୍‌ମି ଘର୍ । ||୧୯||

ପ୍ରଭୁ ! ଆରାମ୍ କର୍ ଶୁଇନାଇଁ ରାଏତ୍ ସାରା
ଉଡ୍ରେଇ ଦେମି ତୁର୍‌ତି ଦଏତ୍ କୁଲର୍ ପୂରା ପାରା । ||୨୦||

ରାମ୍ କହେଲେ ଲକ୍ଷ୍ମଣ୍ ! ନାଇଁ ହେଲେଁ କିଛି ନୁହୁ
ତତେ ଛାଡ଼ିଁ କାହାକେ ମୁଇଁ ଦେଖେଇ ପାର୍‌ମି ମୁହୁଁ । ।।୨୧।।

ଏକ୍‌ଲା ମତେ ରାବଣ୍ ବଅଁଶ୍ ଅପୂର୍ ପୂରାପୁରି
ଯାହିଁ ଲୁକ୍‌ଲେଁ ବଅଁଚୁତ୍ ନାଇଁ ମାର୍‌ମି ନୁରି ନୁରି । ।।୨୨।।

ନାଇଁ ପଠାଏଁ ଆଉର୍ ତତେ କେବେଁ ଲଢ଼େଇର୍ ପାଶ୍
ଆଖିର୍ ପୁତ୍‌ଲା ଲେଖେଁ ଥା ନେଁ ପାଆ ଦୁଖର୍ ଧାସ୍ । ।।୨୩।।

ମେଘ୍‌ନାଦର୍ ମରନ୍ ଠାନୁ ଲକ୍ଷ୍ମଣର୍ ଇ ଖବର୍
ଲଂକା ଗଡ୍‌କେ ଶଂଖାନେ ପକେଇ ନେଲା ଜବର୍ । ।।୨୪।।

ମନ୍-ମହା ସାଗରେଁ ତାର୍ ଉଠ୍‌ଲା ଲଘୁଚାପ୍
ତୁଫାନ୍ ଫାନେଁ ପର୍‌ଲା କାହିଁ ରହେତା ଚୁପ୍‌ଚାପ୍ । ।।୨୫।।

ରାଗ୍ ରିଷ୍ଟିର୍ ଗର୍ଡ଼ି ଆଏଲା ଧୀରଯ୍ ଗଛ୍ ତଳେଁ
ବେଁକ୍‌କେ ମୁରି ବିବେକ୍ ପର୍‌ଲା ପାଦେ ନାଇଁ ଚଲେ । ।।୨୬।।

ଗିଆନ୍ ଧିଆନ୍ ଉହୁଲିଁ ଯାଏ ଦୁଖ୍-ନଦୀର୍ ଧାରେଁ
ଖଏଣ୍ କାହିଁ ଦିଶେ ନାଇଁ, ନଦୀର୍ ଆର ପାରେଁ । ।।୨୭।।

ପୁଓ ନାତି ସେନାପତି ବୀର୍ ସବୁ ବଡ୍ ବଡ୍
ସରିଁଗଲେ ନ ଛିନା ଲାଗେ ସୁନାର୍ ଲଂକା ଗଡ୍ । ।।୨୮।।

ଆର୍ କେ ଯିବା ? କହ ମନ୍ତ୍ରୀ ଶୁକ୍ ସାରଣ୍
କହି ରହି-ଦହି-ମନେ ବସି ରହେଲା ରାବଣ୍ । ।।୨୯।।

ମାଁ ନିକ୍‌ଷା ଆସେ ଆଖୁଁ ରୁକି ହଏ ଲହ
ପୁଓ ନାତି ସଭେ ମଲେ କେ କର୍‌ବା ସହ ? ।।୩୦।।

କହେ ''ନିଜର୍ ଅର୍‌ଜିତ୍ ନିଜେଁ ଭୁଗ୍‌ବୁ କିଏ ନେବା ?
ନାଇଁ କର୍ବାର୍ କବାର୍ କଲୁ ନାଇଁ ହେଲା ଦୁଖ୍ ହେବା । ।।୩୧।।

ସାଙ୍ଗେ ଥିଲେଁ ଭାଇ ସୁଖେଁ ଦୁଖେଁ ନେସି ଭାଗ୍
ଭଗାରି କଲୁ ଭାଇ ଗୁଟେକେ କହେଲୁ ଇନୁ ଭାଗ୍ । ॥୩୨॥

ଆଉ ଜନ୍କ ଜନକ୍ ଜେମାର୍ ଯଞ୍ଜେ ହେଲା ବଲି
ପଛାପଛ ପୁଓ ପୁତ୍‌ରା ଗୋଟ୍ ଗୋଟ୍ ଗଲେ ଗଲି । ॥୩୩॥

ତୁଇଁ ଥିଲେଁ ସବୁ ଥିତା ଯେ ନାଇଁ ମାନୁ କଥା
ଇ ଯୁଦ୍ଧେଁ ଜିଦ୍ ନାଇଁ ଛାଡ଼ି ହଉ ଅଥା । ॥୩୪॥

ହତାଶି ହେଲେଁ ଲାଭ୍ ନାଇଁ, ନାଇଁ ହ’ ହତମାନ୍
ଏଛ୍‌ନି ବି ଅଛେ ଜନ୍‌ଏ ମାୟାବୀ ବଲ୍‌ବାନ୍ । ॥୩୫॥

ସେ ଆଏଲେଁ ଫିରେଇ ପାର୍‌ତା ଗୁରୁ ଗଉରବ୍ ତୋର୍
ଘୋର୍ ମାୟାବୀ ସାଙ୍ଗେ ଆଏ ଜବର୍ ଜାଙ୍ଗଲ୍ ଯୋର୍ । ॥୩୬॥

କେନୁ ଆନି ରାମ୍ ଲକ୍ଷ୍ମଣ୍ କେନେ ଦେବା ଥୁଇ
ମାୟାଧର୍ ବି ମାୟାର୍ ଛଏରା ନାଇଁ ପାରେ ଛୁଇ । ॥୩୭॥

ନାଗ୍ ଲୋକ୍‌ନେ ନାଗ୍‌ବାଲୀ ବିହା ହଇଥିଲୁ ଥରେ
ତାର୍ ଗର୍ଭର୍ ପୁଓ ମହୀରାବଣ୍ ନାମ୍ ଧରେ । ॥୩୮॥

ସେ ଦୁର୍‌ତି ସୁର୍‌ତା କରୁଁ ମହୀରାବଣ୍‌ରେ ନାମ୍
ପୁହୁଁଚି ପୁଓ ବାପର୍ ପାହେଁ କଲା ପର୍‌ନାମ୍ । ॥୩୯॥

ପୁଓ ହରା ବାପ୍ ପୁଓ ପାଇଁ ଆତମ୍-ହରା
ବାପ୍ ପୁଓର ଲାଗେ କଥା ସେନ୍‌ହେ-ସରାଗ୍-ଭରା । ॥୪୦॥

ମହୀ ରାବଣ୍ କହି କହି ନିଜର୍ ସବୁ କଥା
ପଚାରେ ବାପା ! କାଣା ହେଲା ? ସୋଜ୍ ହୁଅ ଅଥା । ॥୪୧॥

ଛୁଆନୁ ଯୁଆନ୍ ହେଲିଁ କେଭେଁ ନାଇଁ ପଚ୍‌ରେଇ ଘାଏ
ମୋର୍ ଜନମ୍ ପରେଁ, ପୁରେଁ ନାଇଁ ପଡ଼ିଁ ତ ଛାଏ । ॥୪୨॥

ଆଏଇ୍ କାଁ କରି ସୁର୍‌ତା କଲ କା'ଣା ଦର୍‌କାର ?
କହେଲେଁ ପୂରଣ୍ କରି ନେବି କେନ୍‌ସି ପର୍କାର । ॥୪୩॥

ରାବଣ୍ କହେଲା ମୁଇଁ ଶେଷତକ୍ ସବ୍ ଗୋଟ୍‌ଗୋଟ୍ କରି
ଯେନ୍ କିସ୍‌ମେ ବେଶ୍ ବଦ୍‌ଲେଇଁ ସୀତା ଆନ୍‌ଲା ହରି । ॥୪୪॥

ଲଂକା ପୁଡ଼ି ସେତୁ ବଂଧ୍ ପରେଁ ଲଢ଼େଇ ଲାଗ୍‌ବାର୍
ବୀର ମହାବୀର୍ ସଭେ ମରି, ଥିବାର୍ ନିଜେଁ ଅଗ୍‌ବାର୍ । ॥୪୫॥

ମହୀ ରାବଣ୍ କହେଲା ଯେବେଁ ସୀତା କଲ ଚୁରି
ଥିଇ ଜାନିଥିଲେଁ କେ'ନ ପାଏତେ ହେଲେଁ ନୁରି । ॥୪୬॥

ତୁମେ ଚୁରାଲ ସୀତା, ପିତା ! ମୁଇଁ ଚୁରାମି ରାମ୍
ସକାଲ୍‌କେ କାଲ୍ କବ୍‌ଲଉଥିବା ଦୁହି ଭାଇକର୍ ପ୍ରାଣ୍ । ॥୪୭॥

ନିର୍‌ଭୟେ ନେ ଲଂକା ଗଢ଼େଁ କର୍‌ବ ରାଜ୍‌ପଦ୍
ସୁନାର୍ ଲଂକା ସେନ୍ତା ଭର୍‌ପୁର୍ ହେବା ଧନ୍ ଜନ୍‌ା ॥୪୮॥

ପାତାଲ୍ ଭଏରବୀ, କାଲୀ ମାଗେ ମୁନୁଷ୍ ବଲି
ମନେ ମନେ ଭାବୁଥିଲିଁ କାହିଁ ପାଏସିଁ ବଲିଁ । ॥୪୯॥

ତୁମେ ବାପା ! ଯୁଟେଇ ନେଲ ତୁମ୍‌କୁଁ ଧଏନ୍ ଧଏନ୍
ନାଇଁ ନୁରିଁ ବି ମିଲିଁଗଲା ଅପୂର୍ବ୍ ବଲି ଅଏନ୍ । ॥୫୦॥

ରାଏତ୍ ଚାଏର୍ ପହର୍ ଟାକ ମୋହର୍ କରାମତି
କଲ୍‌ପନା କାହିଁ କରିପାର୍‌ବା ମୁନୁଷ୍ ଅଲପ୍‌ମତି । ॥୫୧॥

ତାର୍‌କାନୁ ତାର୍କାନ୍ ହଇଁ ବିଭୀଷଣର୍ କାନ୍‌କେ
ଗଲା କଥା, କହେ ଅଂଗଦ୍ ସୁଗ୍ରୀବ୍ ହନୁମାନ୍ କେ । ॥୫୨॥

କେନ୍ତା କର୍‌ମା ବଲିଁ ଭାଲି ହଇ ବିଭୀଷଣ୍
କହେଲେ କାହିଁ ଲୁକାମା ନେଇ ରାମ୍ ଆର୍ ଲକ୍ଷ୍ମଣ୍ । ॥୫୩॥

ଜାଂବବ୍ କହେ ନାଇଁ ଘବ୍ରାଅ ଯାହା ସମ୍ଭବ୍ କର୍‌ମା
ଜୁଗି ରହେଲେଁ ଯେ ବି ହଉ ଯେନ୍ତା କଲେଁ ଧରମା । ।।୫୪।।

ହନ୍‌ମାନ୍ ତାର୍ ଲେଁଇ୍ ଗୁରେଇ କରୁ ଗୁଟେ ଗଡ୍
ଦଶି ଦିଗେଁ ବସି ରହୁନ୍ ଦଲ୍‌ପତି ବଡ୍ ବଡ୍ । ।।୫୫।।

ଅଂଗଦ୍ କୁଡେଁ ଲକ୍ଷ୍ମଣ୍ ଥାଉନ୍ ସୁଗ୍ରୀ କୁଡେଁ ରାମ୍
ବିଭୀଷଣ୍ ବି ବାହାରେଁ ପହରା ଦଉନ୍ ଅବିରାମ୍ । ।।୫୬।।

ବିଭୀଷଣ୍ କହେଲେ, ମନ୍ତ୍ରୀ କହେଲେ କଥା ବନ୍‌ଏ
ହନ୍‌ମାନ୍ ଥାଉ ବାଟ୍ ଦୁଆରେଁ ନାଇଁ ଛାଡ୍‌ବା ଝନ୍‌ଏ । ।।୫୭।।

ନାଇଁ ପଚାରିଁ ମତେ କାହାକେ ଛାଡ୍‌ବେ ନାଇଁ ଦେଖ
ଅସୁର୍ ଠାନେ ଥାଏ ତାର୍ ମନ୍ ମାନା ରୂପ୍ ରେଖ । ।।୫୮।।

ସକାଲ୍ ପାଏଲେଁ କାଲ୍‌ର ଜିମା ଦେମା ମହୀ ରାବଣ୍‌କେ
ଲଂକା ଭୁବନ୍‌ନୁ ପଠେଇନେମା ସିଧା ଯମ୍ ଭବନ୍‌କେ । ।।୫୯।।

ନିଶା ଗର୍‌ଜେ ନିଶାଚର୍‌କର୍ ପାଗ୍ ଆସେ ବଡ୍‌ରି
ବର୍‌ଗା ହଇଥିଲା ଯେନ୍ତା ରହିଁଗଲେ ସେ ମିଡ୍‌ରି । ।।୬୦।।

ଲେଁଜେଁ ଅହେଁରା ମାରି ହନୁ ଗଢେ ଗୁଟେ ଗଡ୍
ଚାଁଟି ଗଲ୍‌ବାର୍ ବାଟ୍ ନାଇଁ ନାଇଁ ଗଡ୍ ବଡ୍ । ।।୬୧।।

ଡେଂଗ୍ ପାଚ୍‌ରୀ ଡେଗ୍‌ବାର୍‌କେ ନାଇଁ କାହାରିର୍ ଦମ୍
ବାଟ୍ ଦୁଆରେଁ ହନୁ, ପଶି ନାଇଁ ପାରେ ବି ଯମ୍ । ।।୬୨।।

ଅଁଧାରେଁ ଆଏଲା ମହୀରାବଣ୍ ଅଁଧାର୍ କଲା ରୂପ୍
କିନ୍ଦ୍‌ରିଁ ଆଏଲା ଗଡ୍ ଭାଉଁରେ ଛପିଁ ଚୁପ୍ ଚୁପ୍ । ।।୬୩।।

ଦଶି ଦିଗୁଁ ଗୁଟେ ବି ଦିଗ୍ ନାଇଁ କାହିଁ ଛିନା
ତାର୍ ଭାଏଗେଁ କାହାରି ଆଗେଁ ନାଇଁ ପଡ୍‌ଲା ଚିହ୍ନା । ।।୬୪।।

ଆଏଁଖି ମିଟ୍ ମିଟ୍ କରି ହନୁ ବାଟ୍ ଦୁଆରେଁ ବସିଛେ
ପଦା ଆଡ଼୍‌କେ ନିଘା କରି ଗଦା ହାତେଁ କଷିଛେ । ॥୬୫॥

କଉଶଲ୍ୟାର୍ ରୂପ୍‌ଥରେ ଦଶ୍‌ରଥ୍ ହଏ ଘାଏ
ଠଗେଁ ନାଇଁ ପରେ ହନୁ, ଫିରିଫିରିଁ ଯାଏ । ॥୬୬॥

କେତେବେଲେଁ ଜନକ୍ ରଷି ଭରତ୍ କେତେବେଲେଁ
ହଇଁ ଆଏଲେଁ ହନୁ ନାଇଁ ଛାଡ଼େ ଯାହା ହେଲେଁ । ॥୬୭॥

ଘାଏକେ ଘାଏ ବିଭୀଷଣ୍ ଆସି ସବୁ ଜାନନ୍
ହୁସିଆର୍ ଆଏ ହନୁଁ ବଲିଁ ମନେ ମନେ ମାନନ୍ । ॥୬୮॥

ମହୀ ଜାନ୍‌ଲା ବିଭୀଷଣ୍‌କେ ଅଛେ ହନୁର୍ ବିଶ୍ୱାସ୍
ଏତ୍‌କେଁ ପାର୍‌ବା ପଶି ମନେ ମନେ ହେଲା ଉଶ୍ୱାସ । ॥୬୯॥

ମହୀରାବଣ୍ ଆଏଲା ଧରି ବିଭୀଷଣର ବେଶ୍
ହନୁମାନର୍ ହେଲେଁ ହେତା କେନ୍ତା ସଁଶ୍ଏ ଲେଶ୍ । ॥୭୦॥

ଆର୍ କେ ଭାଏଲ୍ ଆସିଥିଲା ? ନକ୍‌ଲି ବିଭୀଷଣ୍
ପଚାରି ବୁଝିଁ କହେଲା ଭିତ୍‌ରୁଁ ଆଏସିଁ ଇକ୍ଷଣ୍ । ॥୭୧॥

ରକ୍ଷା କବଚ୍ ଦୁହି ଭାଇକୁଁ ପିଂଧେଇ ଆଏସି ଘାଏ
ଯେ ଆଏଲେଁ ଚିନ୍ତା ନାଇଁ ରହେମା କରି ହାଏ । ॥୭୨॥

ଘଡ଼େ ନୁହେ ଯାଉଁ, ଯାଏ ବିଭୀଷଣ୍ ସତର୍
ଦେଖିଁ ହନୁର୍ ମନ୍ ହଏ ଛିନ୍ ଛତର୍ । ॥୭୩॥

ହନୁ କହେ ଦଏତ୍ ରାଜ୍ ! ଇଛନ୍ ଯାଇ ଭିତର୍‌କେ
କେନ୍ତୁ ଫେର୍ ଆଏଲ ନୁହତ ତାକର୍ ଛଡ଼ା ଇତର୍‌କେ । ॥୭୪॥

ଆଶ୍‌ରିଯ୍ ହେଲେ ବିଭୀଷଣ୍ ଶୁନି ହନୁର୍ କଥା
ମହୀ ରାବଣ୍ ଠକି ନେଲାନ ଜାନି ହେଲେ ଅଥା । ॥୭୫॥

ମୁଇଁ ତ ନୁହେଁ ହନୁମାନ୍ !-ଦଏତ୍ ମୋର ବେଶେଁ
ଆସି ପଶିଁଗଲା ଗଡ୍‌କେ ଠକି ଦେଲା ଶେଷେଁ । ॥୭୬॥

ଚାଲି ଦେଖ୍‌ମା ବଲିଁ ଦୁହେ ପଶିଁ ଗଲେ ଭିତର୍
ସୁଗ୍ରୀବ୍ ଅଂଗଦ୍ ନିଜର୍ ମାରେଁ ନାଇଁ ସୋର୍ ସୁତର୍ । ॥୭୭॥

ରାମ୍ ଲକ୍ଷ୍ମଣ୍ ନାଇଁ ତାହିଁ ବିବର୍ ଗୁଟେ ଫୁଟିଛେ
ରାମ୍ ଲକ୍ଷ୍ମଣ୍ ଧରି ଅସୁର୍ ସେ ବାଟେଁ ନ ଛୁଟିଛେ । ॥୭୮॥

ଅନୁମାନ୍ କଲେ ହନୁମାନ୍ ଆର୍ ବିଭୀଷଣ୍ ଦୁହେ
ମହୀତଲ୍‌କେ ନେଲା ମହୀରାବଣ୍ ଉନିଆଁ ନୁହେ । ॥୭୯॥

ସେ ସୁରେଁ ପୁହୁଁଚେ ହନୁ ମହୀରାବଣର୍ ପୁର୍
ଲଂକା ପୁରୁଁ ସୁନ୍ଦର୍ ଯେତେ ତାହୁଁ ଅଏଧିକା ଧୂର୍ । ॥୮୦॥

ବାଟ୍ ଜୁଗୁଆ ଫଠାୟୁଆନ୍ ଅସାଧାରଣ୍ ଜୀବ୍
ମକର୍ ମାକର୍ ମେଶା ଆକାର୍ ଦେଖ୍‌ବାକେ ଅଜିବ୍ । ॥୮୧॥

ଖାତିର୍ ନାଇଁ ହନୁର୍ ପକାଏ ହାତୀର୍ ମେତାଲ୍ ପାହା
କେନ୍‌କେ ଯିବୁ ? ବଲି ଜୁଗୁଆ ପକ୍‌ଡି ପକାଏଁ ବାହା । ॥୮୨॥

ଲଡିଁ ପଡ୍‌ଲେ ଦୁଇକି ଦୁଆ କେ ଉପର୍ କେ ତଲ୍
ଲଟ୍‌କା ଚିଟ୍‌କା ମସ୍‌କା ଧରା ଠାନ୍ ହେଲା ସମ୍‌ତଲ୍ । ॥୮୩॥

ବଲ୍‌ବଫୁ କିହେ କାହାର୍ ନାଇଁ ପାର୍‌ବାର୍ କଁଟି
ଉପରେଁ ସଙ୍ଗେଁ ରହି ହନୁ ଧଏଲା ଜୁଗୁଆର ଟଁଟି । ॥୮୪॥

ହନୁ କହେ ଜୀବନ୍ ଆଶା ମନୁ ଦେ'ନ ମେଟେଇ
ସୁରତା କର୍ ଇଷ୍ଟ୍ ଦେବ୍‌ତା ମୁରତୁ ନୁ ନଉ ଗୁଟେଇ । ॥୮୫॥

ମହୀ ରାବଣ୍‌କେ ଡାକ୍‌ତୁ ହେଲେଁ ଆଏତା ଯଦ୍‌ରି ଭୁଲେଁ
ସାଙ୍ଗ୍ ସାଙ୍ଗ୍ ହଇ ଦୁହେ ଯାଏତ ମୁରତୁ-ରାନୀର କୁଲେଁ । ॥୮୬॥

ଜୁଗୁଆ ଜାନ୍‌ଲା ଜୀବନ୍‌ଟା ତାର୍ ଯିବାର୍ ଯିବାର୍ ହେଲା ନ
ମୁହୁଁ ବାହାରି ପର୍‌ଲା କଥା ଅଜାନତେଁ ଅବ୍‌ହେଲାନ । ॥୮୭॥

ପବନ୍-ପୁଓର୍ ପୁଓ ମୁଇଁ ସେ ଆନ୍ ଇଷ୍ଟ ମୋର୍
ସେ ଆଏଲେଁ ତୋର୍ ବି ବୁଡ଼ିଯାଏତା ଘାଏକେଁ ସୋର୍ । ॥୮୮॥

କାଁ କର୍‌ବୁ ନାଇଁ ହେଲେଁ ସେ ନାଇଁ ଚଲନ୍ ରାମ୍
ଉସ୍ତାର କାହିଁ ତାର୍ ? ଯେ ଭି କରେ ରାମର୍ କାମ୍ । ॥୮୯॥

ଆଶ୍ରିଯ୍ ହଇଁ କହେଲେ ହନୁ ମୁଇଁ ତ ବ୍ରହ୍ମଚାରୀ
ମୋର କେନ୍‌ନୁ ପୁଓ ଆଏଲା ବଦ୍‌ନାମ୍ କଲୁ ଭାରି । ॥୯୦॥

ସତେଁ ସତ୍ କହତ ତୋର୍ କିଏ ଆନ୍ ମାଁ ବୁଆ
ଷାଠେ ଶୁଲକ୍ ପଡୁଥିଲୁ ଏହ୍‌ନି ଅଚାବୁହାଁ । ॥୯୧॥

ହନ୍‌ମାନ୍ ଆ'ନ୍ ଜନମ୍ ଦାତା ମାଛ୍ ମୋର୍ ମାଆଁ
ମହୀରାବଣର୍ ଉଧେଁ ବଢ଼େଁ ମକର୍ ଧଜ୍ ନାଆଁ । ॥୯୨॥

ଲଂକା ପୁଡ଼ିର୍ ପରେଁ ପବନ୍-ପୁଓର୍ ଦେହର୍ ଝାଳ
ଥିପି ପର୍‌ଲା ସାଗର ଜଲେଁ ମାଛ ଖାଇଁ ତତ୍‌କାଲ୍ । ॥୯୩॥

ଗର୍ଭେଁ ହେଲା ପୁଓ ରଜା ଘର୍‌କେ ଗଲା ମାଛ୍
ପୁଓ ପାଇ ପାଲେ ରଜା ଦଏବୀର୍ କାଟ୍ ବାଛ୍ । ॥୯୪॥

ଶୁଦ୍ଧ୍ ବ୍ରହ୍ମଚାରୀ ଦିହର୍ ଝାଲ୍ ମଏଲ୍ ଠାନୁ
ପୁଓ ଜନ୍‌ମାଏ ସତ୍ ଆଏ କେ ମାନୁ ନାଇଁ ମାନୁ । ॥୯୫॥

ହନୁ ଭାବ୍‌ଲେ ଆଏ ଇଟା ଜାଏତ୍ ଶଙ୍କରର୍ ଦେଶ୍
ସେଥିର୍ ଲାଗି ନାଇଁନ କାହିଁ ଦୁର୍ବଲତାର୍ ଲେଶ୍ । ॥୯୬॥

ନାଗ୍‌ମାତା ଅସୁର୍ ପିତାର୍ ପୁଓ ମହୀରାବଣ୍
ବାନର୍ ବାପର୍ ଅଉରସ୍‌ନୁ ମାଛୁଁ ପୁଅର୍ ଜନମ୍ । ॥୯୭॥

ପୁଓ ନେଇ କାମ୍ ହେବା ରାମ୍-ଇଚ୍ଛା ଆଏ
ଇତାର୍ ସାହେଯ୍ ନେଇ ରାମ୍-ଇଚ୍ଛା ପୂର୍‌ବା ଘାଏ । ॥୯୮॥

ମାନବ୍ ଶରୀର୍ ନିଅନ୍ ପ୍ରଭୁ ନାଇଁ ଟଲନ୍ ରଁଚେ
ମାନବ୍-ଉଚିତ୍ କାମ କର୍‌ବେ ଯାହା ବି ହଉ ପଛେ । ॥୯୯॥

ପୁଓ କଥାକେ ପର୍‌ତେ କରି ଦେଲେ ବାପର୍ ଆଦର୍
ଶୁନ୍‌ଲେ ଦୁଇଟା ଯୁଆନ ରଖେ ପଥର ଭିତର୍ ଘର୍ । ॥୧୦୦॥

ରଜା ସକାଲୁଁ ବଲି ଦେବା ବଲିଁ ଦେବୀର୍ ଠାନେ
ଶୁନି ହନୁ ସରମ୍ ପାଏଲା ହତାଶ୍-ହରା-ପ୍ରାନେ । ॥୧୦୧॥

କେନ୍‌ସି ମିତ୍‌ରେଁ ଯାଇ କହେଲେ ରାମ୍ ଲକ୍ଷ୍ମଣ୍ କାନେ
ହାଜର୍ କରାବା ତୁମ୍‌କୁଁ ନେଇ ରଜା ଦେବୀର୍ ଠାନେ । ॥୧୦୨॥

କହେବା ଯେବେଁ କର୍‌ବାକେ ସାଷ୍ଟାଙ୍ଗ ପ୍ରଣିପାତ୍
କହେବ କାହିଁ ଜାନ୍‌ମୁ ? ରଜାଘରେଁ ହଇନୁଁ ଜାତ୍ । ॥୧୦୩॥

କେନ୍ତା କରନ୍ ବତେଇ ନେଲେଁ ତାହାର୍ ପରେଁ କର୍‌ମୁ
ବତାବା ହେଲେଁ ବଅଁଚି ଯିବ ନିଜର୍ ନିଜର୍ ଧର୍‌ମୁ । ॥୧୦୪॥

ଠିକ୍ ସେନ୍ତା ହେଲା ହନୁ ଦେବୀର୍ ଅଢୁଆଲେଁ
ଥିଲେ, ଦେବୀର୍ କଟ୍‌ରା ଧରି ଦେବୀର୍ କୁଠି ଶାଲେଁ । ॥୧୦୫॥

ମହୀ ରାବଣ୍‌କେ ବଲି ଦେଇଁ ରାମ୍ ଲକ୍ଷ୍ମଣ୍ ସାଙ୍ଗେ
ଉଡ଼ି ଆସିଁ ଉଭା ହେଲେ ରାମ୍-ସେନାକର୍ ଆଗେଁ । ॥୧୦୬॥

ସମ୍‌କର୍ ମନ୍ ଉଷତ୍-ଆନନ୍ଦ୍ ସମ୍‌କର୍ ମୁହେଁ ରାମ୍
ରାମର୍ ଜଏ ଗାଇ କହନ୍ ଧଏନ୍ ହନୁମାନ୍ । ॥୧୦୭॥

ଲଂକା ପୁର୍‌କେ ପୁହୁଁଚେ କଥା ରାବଣ୍ ସବୁ ଶୁନି
ଆଶ୍‌ଦେଲା ଲୋକ୍ ନାଶ୍ ଗଲା ନ ହେଲା ସେ ହୁର୍‌ଗୁନି । ॥୧୦୮॥

ମୁନି କହନ୍ ମଏଧାନ୍ ହେଲା ଶଉତ୍ ସଂଧିଆ ବେଲା
ରାମ୍ ମହାପ୍ରୁର ଭଜନ୍ ସାର ଯିବାର୍ ସମିୟା ହେଲା । ॥୧୦୯॥

❑

# ପାଉଚ୍-୧୨

# ଶୁକ୍ର ଋଷିକର୍ କହେଁ ରାବଣ୍‌ର ଯୋଗଯଜ୍ଞ

ମଝ୍ ଆକାଶୁଁ ବେଲ୍ ଯାଉଛେ ପଛିମ୍ ଆକାଶ୍ ତଲ୍‌କେ
ଛଏରା ସାରା ପଶ୍ଚିମନୁ ପୂରୁବ୍ ଆଡ୍‌କେ ଢଲ୍‌କେ । ।।୧।।

ତମ୍‌ସା ପାନି ଉହୁରା ଖରା ପରିଁ ଦଉଛେ ଝଲି
ମାତିଥିବାର୍ ହାତୀ ଗୁହୁଡ଼ା ଗାଧିଁ ଫିରନ୍ ଢଳିଁ । ।।୨।।

ସକାଲ୍-ଫୁଟା ଫୁଲ୍-ପୁର୍ଥୀ ମଏଲେନ୍ ପରି ଆଏଲାନ
ଭଅଁଲ୍ ରଙ୍ଗେ ଡାହି ପଖ୍‌ରା ମହୁଖାଇ ସାଏଲାନ । ।।୩।।

ରାମର୍ ଭଜନ୍ ସରେ ବେଦୀନେ ବୀନା ଝଂକାର୍ ଝରେ
ସାର୍‌ଙ୍ଗୀର୍ ସୁରେଁ ରାମେନ୍-ସୁର୍ ଅଶଲ୍ ରଙ୍ଗ୍ ଧରେ । ।।୪।।

ମୁନିର୍ ମୁହୁଁ ରାମେଣ୍ ରସ୍ ଥପ୍ ଥପ୍ ଥିପେ
ଶୁନ୍‌ଲା ଲୁକର୍ ହୁରୁଦ୍ ଭିତର୍ ଯାକ ତୁରୁତ୍ ଲିପେ । ।।୫।।

ମହୀରାବଣର୍ ମଲା ଖବର୍ ରାବଣ୍ ମହୀପତିକେ
ଅନାଏତ୍ କଲା କେ'ନ ପାର୍‌ତା ଟାଲି ସେ ବିପତ୍ତିକେ । ।।୬।।

ରାବଣ୍‌ଠାନୁ ମହୀରାବଣ୍ ମହୀକେ ଥିଲା ବୋଝ୍
ଜାନିଥିଲାକେ ଏତେ ସହଜେଁ ଜୀବନ୍ ନେବା ସୋଜ୍ । ।।୭।।

ମୁନି କହନ୍ ଶୁନି ରାବଣର୍ ଶେଷ୍ ଆଶା ସର୍‌ଲା
ଯେନ୍ ଗଛ୍ ତଲ୍ ଆଶ୍‌ରିଥିଲା ସେ'ଟା ଢଲି ପର୍‌ଲା । ।।୮।।

କାଁ କର୍‌ବା କାହାକେ କହେବା କାହିଁ ରହେବା ଯାଇ
କହେବାର୍ କାଯେଁ ଲଂକା ରାଏଜେଁ ଲୋକ୍ ହେଲେଁ କାହିଁ ? ।।୯।।

ମନ୍ଦ ହେଲା ମନ୍ଦୋଦରୀ ଛାଡ଼େ ନାଇଁ ପାଶ୍
ଭଲ ମନ୍ତ୍ରି କହେ ନାଇଁ କରନ୍ କେ ବିଶ୍ୱାସ୍ । ।।୧୦।।

ଦେହ ତଥା ମୁଣ୍ଡ ବଥା ଲେଖେଁ ଆଏ ଦୁହିଙ୍କର୍ ସମନ୍ଧ୍
ଜନ୍ମଏ ଆଏଲେଁ ଆର୍‌କର୍ ଆଏବାର୍ ନୁହେ ବନ୍ଧ । ।।୧୧।।

ରାଣୀ କହେଲା କହେଲିଁ ପହେଲା ନାଇଁ ମାନ୍‌ଲ କଥା
ହିତାହିତ୍ ଛାଡ଼ି ସୀତାନେ ବାଏ ହଇଁ ହେଲ ଅଥା । ।।୧୨।।

ମୋର୍ କଥା ମିଛ୍ ହେଲେ ଡାକ ଦଏତ୍ ଗୁରୁ
ଶୁକ୍ର କହେବେ ଯାହା କଲ ଗୁରୁତର୍ କି ସୁରୁ ? ।।୧୩।।

ଦଏତ୍ ଗୁରୁ ଆସିଁ କହେଲେ ଲଂକା ଗଲା ଖଏତ୍
ଅସୁର୍ ରାଜ୍‌କେ ଅସ୍‌ରା ସଂପଦ୍ ଅସୋର୍ କଲା ସାଏତ୍ । ।।୧୪।।

କହେଲେ ରାଜନ୍ ! ବିଦ୍ୱାନ୍ ଆଉ ବେଦ୍ ପଢୁ ରୋଜ୍
ମୂର୍‌ଖାମି କରି ପୁର୍‌ଆଟାକ ନାନାଖାନ୍ କଲୁ ସୋଜ୍ । ।।୧୫।।

କାମ୍‌କେ ଅତିକ୍ରମ୍ କରି ପାଇଛେ ଆତ୍‌ମା ନାମ୍
କର୍‌ତାକେ ତୋର୍ ସୁର୍‌ତା କରି ଗୁନ୍‌ବୁ କଲା କାମ୍ । ।।୧୬।।

ପର୍‌ନାରୀକେ ଘର୍‌କେ ଆନ୍‌ବାର୍ କେ ଶିଖାଲା ବୁଦ୍ଧି
ଆତମ୍ ଗିଆନ୍ ଗୁଆଁଲୁ ନାଇଁ ନିଜର୍ ଆତମ୍ ଶୁଦ୍ଧି । ।।୧୭।।

ଭଲ୍ ଧର୍‌ବୁ ଭୁଲ୍ ଛାଡ଼୍‌ବୁ କର୍‌ମେ ହେବା ବୁଦ୍ଧି
ଆତ୍‌ମା ହେବା ପର୍‌ମାତ୍‌ମା ହେଲେଁ ଆତମ୍ ଶୁଦ୍ଧି । ।।୧୮।।

ସୋର୍ କର୍ ତ ସେ ସର୍‌ଜନାକାରୀ ବର୍‌ହ୍ମା ଦିନ୍‌ଏ
ଦଶି ମୁଡ୍‌କେ ବସି କାଟୁ ଥାଉ ଯେ ସେ ଛିନ୍‌ଏ । ।।୧୯।।

ଦଶ୍ ଇନ୍ଦ୍ରିୟର୍ କର୍‌ତା ପଣିଆଁ 'ମୁଇଁ' ମାନ୍‌କୁଁ ନେଇ
ଧୀର୍‌ଭାବେ ତୋର୍ ଶିର୍ ମାନ୍‌କୁଁ ତାହାର ହାତେଁ ଦେଇ । ।।୨୦।।

ଅଭିଲାଷ୍-ହୀନ୍-ଆତ୍ମା ହେଲୁ ହଇ ଅଭିମାନ୍-ହୀନ୍
କିହେ ମାରିନାଇଁ ପାରନ୍ ଅଭିମାନୁ ଯେ ସ୍ୱାଧୀନ୍ । ॥୨୧॥

ଯେନ୍ ମୁନ୍‌ଷର୍ ମନେ ନାଇଁଥିବା ମୁଇଁ ର୍ ଠାନ୍
ତାର ହାବ୍‌ଡେଁ ପଡ଼୍‌ଲେଁ କେଭେଁ ନାଇଁ ରହେ ପ୍ରାନ୍ । ॥୨୨॥

ଶିର୍ ଦେଇ ଦେଖାଲୁ ଧୀର୍ ମନର୍ ଭୋକ୍ ନାଇଁ
ଦିହର୍ ଭୁଖେଁ କେଭେଁ ଦିହ୍‌କେ ନାଇଁ କର୍‌ବୁ ବାଇ । ॥୨୩॥

ନାରୀ ରହେ ଜନ୍‌କର୍ ସାଙ୍ଗେ ନିଜ୍‌କେ ସଂପି ସାରି
ତାହାକେ ଇଆଡ଼୍ ସେଆଡ଼୍ କଲେଁ ଅଧରମ୍ ହୁଏ ଭାରୀ । ॥୨୪॥

ଇ କଥାନେ ଜୁଗିଥିଲେଁ ଯୁଗ୍ ଯୁଗ୍ ଥିବୁ ଜୀଇଁ
ନେହେଲେଁ ସେଥିଁ ରେତିଁ ହଇଁ ତୁର୍‌ତି ଯିବୁ ଜୀହିଁ । ॥୨୫॥

ସେ କଥାକେ ପାଶ୍‌ରିଁ ଗଲୁ ଅଶଲ୍ ବାଟୁଁ ଖସ୍‌ରି
ମସ୍‌ରିଁ ଗଲା ଧନ୍ ଜନ୍ ମନ୍ ଗଲା ଘେଁସ୍‌ରି । ॥୨୬॥

ଜପ୍ କର୍‌ଲୁ ତପ୍ କର୍‌ଲୁ କର୍‌ଲୁ ସାଧନା ଘୋର୍
ନାରୀ କହେଲା ନାରୀର୍ କଥା ତହିଁହେଲୁ ଭୋଲ୍ । ॥୨୭॥

ନିଜ୍‌କେ ନାଇଁ ଜିତି କହେଲୁ ହେଲିଁ ଜଗତ୍ ଜିତା
ହୁର୍‌ଥେଇ ଆନ୍‌ଏ ମରନ୍-ଖାଁଚ୍‌କେ ପୁର୍‌ଥୀର୍ ଝି ସୀତା । ॥୨୮॥

ଏଛନି ଆର୍ କାଁ କର୍‌ବୁ ଲିଭିଁ ଆସେ ବଏଠା
ତେଲ୍ ଚୁକ୍‌ଲେଁ କାଣା ହେବା ସରି ଆସେ ସଏଲ୍‌ତା । ॥୨୯॥

ଚୋର୍ ଗଲାନ ସୁନାରି ଶାଲ୍‌କେ ସୁନା ଗହନା ନେଇ
କାଁ କର୍‌ବୁ ଦୁହୁରି ଶିଁକ୍‌ଲା ତିହ୍‌ରି ତାଲା ଦେଇ । ॥୩୦॥

କେନ୍ ଚରା କେନ୍ ମାଛେଁ ଲାଗ୍‌ବା ଜାନ୍‌ଏ ସିନା ଧୀବର୍
ସୀତା ଚରାନେ ଜାନ୍‌ଏ ପର୍‌ବା ରାବଣ୍-ମାଛ-ଜବର୍ । ॥୩୧॥

ଚରା ଗିଲିଛୁ ଧରା ପର୍‌ବୁ ନୁହେ ନୂଆଁ କଥା
ଗୁଟେ ମୁଦ୍ କାମ୍ ନାଇଁ କଲା ଥାଇ ଦଶ୍‌ମଥା । ॥୩୨॥

ରାବଣ୍ କହେଲା ଗୁରୁ କଥାକେ ପୂରା ଦେଇ ମାଏନ୍
ମୋର୍ ଭଲ୍‌କେ କହ, ତୁମକୁଁ କରେଁ ଧଏନ୍ ଧଏନ୍ । ॥୩୩॥

ଦନୁଜ୍-ଗୁରୁ ! କହେଲ ଆଏ ମନୁଜ୍ କୁଲର୍ ରୀତି
ମୁଇଁ ଚାହିଁଛେଁ ବଅଁଚାବାକେ ଦାନବ୍ ମାନ୍‌କର ଥିତି । ॥୩୪॥

ତ୍ରିପୁରାରି ତପେଁ ସେବି ତ୍ରିପୁର୍ ପାର୍‌ଲିଁ ଜିତି
ତ୍ରିପୁର୍‌ଜିତାର୍ ରହେତା କାଏଁ ପାପ୍ ପୁଇନର୍ ଭୀତି । ॥୩୫॥

ହେବାର୍ ଯାହା ଥିଲା ହେଲା ଗଲା କଥା ଯାଉ
ଏଛନି କାଣା କରି ହେବା କହ, ସବୁ ଥାଉ । ॥୩୬॥

ଗୁରୁ କହେଲେ ''ପୁର୍‌ଥୀ କହେବା ତତେ ସୀତାର୍ ଲୋଭ୍
ଘେରେଇ ରଖିଲା ତ ବି ଦିନ୍‌ଏ ନାଇଁ ହେଲା କ୍ଷୋଭ । ॥୩୭॥

ସୀତାନେ ତୋର୍ ଲୋଭ୍ ନାଇଁ ନାଇଁ କାହାରିନେ ମମ୍‌ତା
ମହାନ୍ ଆତ୍ମାର ଲେଖେଁ ଯଦ୍‌ରି ସବୁ ଆତ୍ମାନେ ସମ୍‌ତା । ॥୩୮॥

ଦେଖେଇ ପାର୍‌ଲେଁ ସଭେ ସୋର୍ ରଖିବେ ତୋର୍ ସମର୍
ଯେ ମାଏଲେ ବି ନାଇଁ ମରୁ, ମରିହେବୁ ଅମର୍ । ॥୩୯॥

ସେ ଟିକ୍‌କ ସଂଭବ୍ ହେବା ଯୋଗ୍-ଯଜ୍ଞ କଲେଁ
ପକାଲେଁ ନିଜର୍ 'ମୁଇଁ' କେ ମହାନ୍ 'ମୁଇଁ' ର ଅର୍‌କଲେଁ । ॥୪୦॥

ଯାହା ହେଲେଁ ବି ସେ ଯୋଗ୍‌ନୁ ନାଇଁ ହେଲେଁ ବିଯୋଗ୍
ନାଇଁ ମରୁ ସେଥିର୍ କାଯେଁ ବନ୍‌ଏ ଦର୍‌କାର୍ ଇଯୋଗ୍ । ॥୪୧॥

ମୁନିର୍ କଥା ରାବଣ୍ ମନ୍‌କେ ପାଏଲା ଆଏଲା ଚାଲି
ଯୋଗ୍ ଯାଗ୍ ନେ ବସ୍‌ଲା ଆଉର୍ କିଛି ନାଇଁ ଭାଲି । ॥୪୨॥

ବସ୍‌ଲା ଯୋଗାସନେ କଷ୍‌ଲା ମନ୍ ଏକାନ୍ତ କରି
ଚଏତନ୍-ଖମେଁ ବାଂଧ୍‌ଲା ନେଇ ଚୁଟ୍‌ମୁଟ୍‌ଲୁ ଧରି । ।।୪୩।।

ଯାହା କଲେଁ କେନ୍‌ସି ମିତ୍‌ରେଁ ଆନ୍ ନୁହେ ଧିଆନ୍
ମଲ୍ ମଲିଆ ମନ୍ ବସିଛେ ସତେଁ ମହା ସିଆନ୍ । ।।୪୪।।

ସବୁକଥା ଚହଲିଁ ପ୍ରହୁଁଚିଗଲା ରାମ୍-ଛାଉନି
ବିଭୀଷଣ୍ କହନ୍ ରାବଣ୍ ଚେରେଷ୍ଟା ନୁହେ ବାଉନି । ।।୪୫।।

ଯୋଗ୍-ଯଞ୍ଜେ ବସ୍‌ଲା ଗୁରୁ ଶୁକ୍ରାଚାର୍ଯ୍ୟର୍ କଥାନେ
ଭିତ୍‌ରେଁ କରେ ଯୋଗ୍ ସାଧ୍‌ନା ଲୋକ୍ ଜୁଗନ୍ ଭଠାନେ । ।।୪୬।।

ଇ ସାଧ୍‌ନା ପରେଁ ପାଏବା ସରବ୍ ଜୟୀ ରଥ୍
ସେ ରଥେଁ ସେ ଥିଲେଁ ହରାବାର୍ କିଏ ସାମ୍‌ରଥ ? ।।୪୭।।

ଦିହର୍ ଭୁଖା ନୁହେ ଦିହ୍ ତାର୍ ମନ୍ ମମ୍‌ତା-ହୀନ୍
ଦେଖେଇ ସବୁ ଯୁଦ୍ଧେଁ କର୍‌ବା ବିଜୟକେ ଅଧୀନ୍ । ।।୪୮।।

ଯୋଗ୍-ଯାଗନ୍ନୁ ଦଏତ୍ ରାଜ୍‌କେ କଲେଁ ଯାଇ ବିଯୋଗ୍
ସରବ୍ ଜୟୀ ରଥ୍ ପାଏବାର୍ ନାଇଁ ପାଏଲେଁ ସୁଯୋଗ୍ । ।।୪୯।।

କଥା ଶୁନି ହନୁ ଜାଂବବ୍ ଅଂଗଦ୍ ନଲ୍ ନୀଲ୍
ଯାଗ୍ ଭାଙ୍ଗ୍‌ବାର୍ ଲାଗି ଦଉଡ଼ନ୍ ଗଡ଼୍‌କେ ବାଂଧି ଭିଲ୍ । ।।୫୦।।

ରାବଣ୍ ବସି ଯୋଗ୍‌ଆସନେ ନୁହେ ହଲ୍‌ଚଲ୍
ମନ୍ ରଖିଛେ ଏକ୍ ଧିଆନେ ନାହିଁ କାହିଁ କଲ୍‌କଲ୍ । ।।୫୧।।

ରାମ୍ ସେନା ଉପ୍ରାଦ୍ କଲେ ଅଟଲ୍ ସେ ତଥାପି
ଇଆଡ଼୍ ସେଆଡ଼୍ ନୁହେ ମନ୍ ଯାହିଁ ରଖିଛେ ଥାପି । ।।୫୨।।

ଦିହେଁ ମନେ କରିଦେଖିଲେ ଆଘାତ୍ ଯେତେ ରକମ୍
ମାଏଟ୍ ମୁଡ଼ା କଲା ଦିହ ମନ୍ ପଥରର୍ ଖମ୍ । ।।୫୩।।

ଦିହେଁ ନାଇଁ ସଁଶ୍ଏ କାହାରି ଠାନେ ମମ୍‌ତା ନାଇଁ
ଯୋଗେଁ ଅଟଲ୍ ରହେଲେଁ କହନ୍ ଆମର୍ ରକ୍ଷା କାହିଁ ? ॥୫୪॥

ମମ୍‌ତା ନାଇଁ କେନ୍ତା ? ଧରି ଆନ୍‌ଅ ମନ୍ଦୋଦରୀ
ଦେଖ୍‌ମା କେନ୍ତା ରହେ ରାବଣ୍ ନିର୍ମମ୍ ଦମ୍ ଧରି ? ॥୫୫॥

ପର୍‌ନାରୀ ଦିହେଁ ହାତ୍ ଦେବାକେ ହାତ୍ ଚଲ୍‌ବା କା'ର୍?
ବିବେକ୍ ହଏ ଆଲ୍‌ଟି ମୁରି କର୍‌ବାକେ ଇ କବାର୍ । ॥୫୬॥

ହନୁ କହେ ଜାନ୍‌ଉ ରାବଣ୍ ପର୍‌ନାରୀ ଦିହେଁ ହାତ୍
ଦେଲେଁ କେନ୍ତା ଲାଗ୍‌ସି କେନ୍ତା ରିଶ୍‌ମି ହେସି ଜାତ୍ । ॥୫୭॥

ଘାଏ ନୁହନୁ ହନୁର୍ ହାତେଁ ଦନୁଜ୍ ପାଟ୍‌ରାନୀ
ଅସହ୍ ଦୁଖେଁ ଲହ ପୁଛନ୍ ପିଂଧିଲା ପାଟର୍ କାନି । ॥୫୮॥

ହନୁର୍ ଉଲ୍‌ଟା ଘିଚା ଦେଖେଁ ମହାରାନୀର୍ କାନ୍ଦି
ରାବଣ୍‌କେ ତାର୍ ଯୋଗ୍-ଯାଗ୍ ନାଇଁ ପାର୍‌ଲା ବାନ୍ଧି । ॥୫୯॥

ଛିଡ଼ିଥିଲା ମମ୍‌ତା ଡୋର୍ ତୁର୍‌ତି ହେଲା ଯୁଡ଼ି
ସମ୍‌ତା ଆକାଶ୍ ଛାଡ଼ି ମମ୍‌ତା ରାଏଜ୍‌କେ ଆଏଲା ଉଡ଼ି । ॥୬୦॥

କଁକ୍‌ଡ଼ୋ କନ୍ଦା ପଡ଼ିଥିଲା ରଠ୍ ଖରାନେ କାହିଁ
ପାଆଁଲି ଆଏଲା ବର୍ଷାନକ୍ଷତର୍ ଆସନ୍ନ ଧାଇଁ । ॥୬୧॥

ମମ୍‌ତା ଲହ କଅଁଲି ଉଠି ଛନ୍ଦଲେଇ ନେଲା ରାବଣ୍‌କେ
ବର୍ଷାତି ମେଘ୍ ଘେରେଇ ଆନ୍‌ଲା ଲେଖେଁ ଚଉଠି ଶ୍ରାବଣ୍‌କେ । ॥୬୨॥

ମନ୍ଦୋଦରୀର୍ ଦଶା ଦେଖିଁ ରାବଣ୍ ଭାବେ ମନେ
ଜୀବନ୍-ଘରା ଚାହାଁଲି ମତେ କରେ ଅନେବନେ । ॥୬୩॥

ପ୍ରେମ୍-ଉଦ୍‌ରି-ମନ୍ଦୋଦରୀର ମର୍‌ଯାଦା କରି କ୍ଷଏ
କାଁ କରମି ? ପାଇ କେନ୍ ସିଦ୍ଧି ସରବ୍ ଜଏ । ॥୬୪॥

ରିଶ୍ବିର୍ ମାରେଁ ଲାଲ୍ ପୁଆଲ୍, କରି ଗରଜନ୍
ଦଉଡ଼େ ହନୁ ଆଡ଼୍‌କେ ଦନୁଜ୍ ଦଉଡ଼ନ୍ ପରିଜନ୍ । ॥୬୫॥

ହନୁ ପଲାଲା ଜିରିବ୍ ଛାଡ଼ି ଯାଗର୍ ସାଜୋ ପାତି
ଇ ଆଡ଼୍ ସେ ଆଡ଼୍ କଲେ ଥିଲେ ହନୁ ମାକର୍ ପାତି । ॥୬୬॥

ରାବଣ୍ ଗଲା ରାନୀ ବାସ୍ ପାଟରାନୀ କେ ଧରି
ବୁଝାଲା ଯେନ୍ ମଧୁର୍ ଭାଷେଁ ଅମ୍‌ରତ୍ ନୁହେଁ ସରି । ॥୬୭॥

ତ୍ରିପୁର୍‌ଜୟୀ ରାବଣ୍ ଅନ୍ତପୁର୍‌କେ ଆସି ପଶି
ରାନୀର୍‌ମାନ୍ ହାନି କଲା ଏକ ଆସି ବର୍‌କଷି ? ॥୬୮॥

ଶୁନ୍‌ଲେଁ କେ ସତ୍ କର୍‌ବା ? ହେଲେଁ ଆଏ ସତ୍
ତୁମର୍ କିଛି ନୁହେ ରାନୀ ? ମୋର୍ ଗଲା ସବ୍ ମହତ୍ । ॥୬୯॥

ଆଏଜ୍ ଜାନ୍‌ଲିଁ ତୁମର୍ ମୋର୍ ଗୁଟେ ଜୀବନ୍ ଆଏ
ମୋର୍ କର୍‌ଲା କରମ୍ ଫଲ୍ ତୁମ୍‌କୁ ମିଲିଁ ଯାଏ । ॥୭୦॥

ମତେ ପଡ଼୍‌ଲେଁ ଥାପଡ୍ ତୁମର୍ ଦିହେଁ ଉପ୍‌କେ ଲୁଲା
ମୁଇଁ ଆନ୍‌ଲି ରାମ୍ ଘର୍‌ନୀ ତୁମେ ତ ଗୁଲ୍‌ଗୁଲା । ॥୭୧॥

ଦୁହେ ଭାବ୍-ଭାଷା ଆଉଁ ଗୁଟେ ଜୀବନ୍ ଗୀତର୍
ଅଲ୍‌ଗା ଅଲ୍‌ଗା ଗାଏଲେଁ ବି ରାଗ୍ ଗୁଟେ ଗତର୍ । ॥୭୨॥

ଅପ୍‌ଶକୁନ୍ ଆଏ ମୋର୍ ଲାଗିଁ ତୁମର୍ ଅପମାନ୍
ଚାଁଟି ହଇଁ ମାଟିଁ ମେଶାଲା ଲଂକାର୍ ସନ୍‌ମାନ୍ । ॥୭୩॥

ଲଂକା ପୁଡ଼ାଲା ନାଇଁ ଚିଆଇଁ ହୁରୁଦ୍ ପୁଡ଼ାଇଁ ଗଲା
କଲା ମୁହାଁ ଘଷିଁ ନେଲା ମୋର୍ ମୁହେଁ ବି କଲା । ॥୭୪॥

ଯୋଗ୍-ଦର୍ଶ୍‌ନା ଦଶେଇଁ ବନିହାଁ ଘଡ଼େ ଥିଲା ଶୁଇ
କର୍ ଲେହେଁଟି ଉଠି ପର୍‌ଲା ମନ୍‌କେ ଧରି ମୁଇଁ । ॥୭୫॥

ଜୀବନର୍ ସେ ଦନୁଜ୍ ରୂପ୍ ଫେର୍ ଉଠିଲା ଚେତି
ରିଶ୍ମି-ପିଠଉ ଫନ୍ ଫନାଇଲା ଯେନ୍ତା ଦେଲା ଫେଟିଁ । ॥୭୬॥

କହେଲା ଦେଖିବ ସକାଲ୍‌ପାହୁ ରାବଣ୍ କେନ୍ତା ଆଏ
ଖଣ୍ ଖଣ୍ କରି ଚୁନ୍‌ମି ସୀତା ମୋର୍ କାଣାଥାଏ । ॥୭୭॥

ସୀତା ଗଲେଁ ଛିଟା ଯିବା ଯିବା ଜଟାଧାରୀ
ସମର୍ ସରିବା ରାମର୍ ଗରବ୍ ଗରିବା ସୀତା ହାରିଁ । ॥୭୮॥

ଲଢ଼ିବା ଯଦିରି ମରିବା ସଥେଁ କଥା ନୁହେ ଆନ୍
ଅବଧି ନାଇଁ ଗଲେଁ ଯମାଲୟେଁ ଅଛେ ଠାନ୍ । ॥୭୯॥

କନ୍ଦ କନ୍ଦନିଆଁ କହନ୍ ମନ୍ଦୋଦରୀ ମହାରାନୀ
ସବୁ ସରିଲେଁ ବି ନାଇଁ ସରେ କେଭେଁ ମୂରିଖାମି । ॥୮୦॥

ବାଛି ବାଛି ଆନିଥିଲ କେତେ ରାଜ୍ କନିଆଁ
ସଭେ ଆଏଇ୍ ଦିଶନ୍ କାଏଁ ସେନ୍ତା ଛନ୍ ଛନିଆଁ ? ॥୮୧॥

ବଏସ୍ ଗଲେଁ ଚେହେରା ଯାଏ ଯାଏ ତାହାରି ନିଶା
ତୁମେ ଭାବିସ ତୁମର୍ ସବୁ ଥିବା ହରୁ ମିଶା । ॥୮୨॥

ସୀତା ଆନ୍‌ଲା ଦିନୁ ମିଠା ଜୀବନୁ ଗଲା ଉଦ୍‌ରି
ଶିଠା ପରାନେ ହଟ୍ ହଟା ହେଇ ହୁଅ ଖାଲି ଗେଁଦ୍‌ରି । ॥୮୩॥

ରାମ୍ ଲକ୍ଷ୍ମଣ୍ ମାରିବାର୍ କଥା କହୁଛ ଅବ୍‌ତକ୍
ସୀତା ମାରିବାର୍ କଥା କହି ଫିକ ହୁର୍ଦର୍ ଦକ୍ । ॥୮୪॥

ତୁମର୍‌ମାରେଁ କିଏ ମରିବା ? ମାରିବାର୍ ଲୋକ ଭିନ୍‌ଏ
ତୁମର୍ ଦିନ୍ ଥିଲା ଗଲା ସମ୍‌କେର୍ ଥାଏ ଦିନ୍‌ଏ । ॥୮୫॥

ଏଭଳି ହେଲେଁ ଫିରେଇ ନିଅ ମାହାଲକ୍ଷ୍ମୀ ସୀତା
ଜଗଦ୍ ଗତି ମାନି ସିନା ହେତ ଜଗଦ୍‌ଜିତା । ॥୮୬॥

ରାବଣ୍ କହେଲା ସୀତା ଫିରାବାର୍ କଥା ମହାରାନୀ
ନାଇଁ କହ, ଫିରାବାର୍ ଥିଲେଁ ଥିତିଁ କାହିଁ ଆନି । ॥୮୭॥

ଜିତେଁ ହାରେଁ ସୀତା ନୁହେ, ଜୀବନ୍ ହାର୍‌ମି ପଛେ
ମୋର୍ ଜୀବ୍‌ନେ ଜନକ୍ ଜେମା ଯୁରିଁ ହଇଅଛେ । ॥୮୮॥

କାଏଲ୍ ସକାଳେଁ କାଲ୍-କବ୍‌ଲେଁ ପଡ୍‌ମୁଁ ନ ଜନ୍‌ଏ
ରାମ୍ ରାବଣ୍ ଗୁଟେ ଠାନେ କାହିଁ ରହେବେ ଛନ୍‌ଏ । ॥୮୯॥

ଏତ୍‌କି କହି ରାବଣ୍ ଗଲା ସଭା ଘର୍‌କେ ଚାଲି
ସମାଗତ୍ ସବ୍ ରାନୀ ସମାଜ୍ ରହେଲେ ଭାଲିଭାଲି । ॥୯୦॥

ମୁନି କହେଲେ ଶୁନି ବସ୍‌ଲେଁ ଏଛନି ନାଇଁ ସରେ
ସଂଧିଆ ଶଉଦ୍ ଲାଗି ଯିମା ବେଲ୍ ବୁଡ୍‌ଲା ପରେ । ॥୯୧॥

❑

# ପାଉଟ୍‌-୧୩

# ରାମ୍ ରାବଣ୍ ଲଢ଼େଇ ଆଉ୍ ରାବଣ୍‌ର ନିର୍ବାଣ୍

ଲାଲିଆ ଓଠେଁ ଚୁମା ଦିଏ କେ ପୁରୁବ୍ ଆକାଶ୍ ଭାଲେଁ
ଦେଖି ପିଚ୍‌କି ପରେ ଖରାଉ୍ ହଁସି ପୁର୍ଥୀର୍ ଗାଲେଁ । ॥୧॥

ପାରା ପଣ୍‌କା ରାମି ମଏନା ଶୁଆ ଶାରୀ କୁଆ
କଥା ହୁଅନ୍ ଉଠରେ ଉଠ ହେଲା ସକାଲ୍ ପୁଆ । ॥୨॥

କହର୍ କଏଦ୍ କରିଥିବା କହଡ଼ କାନେ କାନେ
ଭଁଅଁର୍ କହେ ହଁସିନେ କୁତ୍‌କୁତାମି ଅଠାନେ । ॥୩॥

ଗଦ୍‌ଗଦାଏ ସଜ୍ ହଇଁ ଆଶ୍ରମର୍ ସେ ବେଦୀ
ବୀଣାର୍ ସୁରେଁ ରାମ୍ ଭଜନ୍ ଉଠେ ଆକାଶ୍ ଭେଦି । ॥୪॥

ଋଷିର୍ ଆଖିଁ ପାଏନ୍ ଛଲ୍‌କେ ଭାବ୍ ଛଲ୍‌କେ ମନେ
କାନ୍ ପାତିଁ ଧ୍ୟାନ୍ ରଖନ୍ ସବୁ ଜାନ୍‌ଲା ଶୁନ୍‌ଲା ଜନେ । ॥୫॥

ଜଏ ଜଏ ରାମ୍ ! ଆନନ୍ଦ୍ ଧାମ୍ ! କହି କହେଲେ ମୁନି
ସମ୍‌କର୍ ମୁହେଁ ରାମର୍ ଜଏ ବାହାରି ହେଲା ଝୁନି । ॥୬॥

ରାଗ୍ ବିରାଗ୍ ସତ୍ ମିଛ୍ ଆନନ୍ଦ୍ ନିରାନନ୍ଦ୍
ଅନୁଖନୁ ଲଢ଼ନ୍ ମୂଲ୍ ଦିନୁ ନୁହେ ବନ୍ଦ୍ । ॥୭॥

ନିୟେ ଅନିୟେ ପାପ୍ ପୁଇନର୍ ସବୁଦିନିଆଁ ଲଢ଼େଇ
କିହେ କାହାକେ ଘୁଚନ୍ ନାଇଁ, କିହେ ନୁହଁନ୍ ଛଡ଼େଇ । ॥୮॥

ରାମ୍ ରାବଣ୍‌ର ଲଢ଼େଇ ସେନ୍ତା ଲାଗେ ଘମାଘୋଟ୍
ଦୁହେ ପଡ଼ିଛନ୍ ସମାନ୍ ନିମାନ୍ ବଡ଼୍ ନୁହନ୍ କି ଛୋଟ୍ । ॥୯॥

ବଲ୍ ଯେତ୍‌କି କଲ୍ କଉଶଲ୍ ଆହୁରି ଶହେ ଗୁନ୍
ଅରଜି ରଖେ କେଭୁଁ ରାବଣ୍ କାଏଁ ପଡ଼୍‌ବା ତୁନ୍ । ॥୧୦॥

ବିଡ଼ି ରଖିଛେ ବନେଇ କେତେ ଅଗନା ଅଗ୍ନି ଅସ୍ତର୍
ଦେବ୍‌ତା ଡାକନ୍ ତ୍ରାହି, ମୁନୁଷ୍ ମାକର୍ କେତେ ମାତର୍ । ॥୧୧॥

ମୁନୁଷ୍ ଟାକର୍ ଶକ୍ତି ହଇ ପାର୍‌ବା ଯେତେ ବେଶୀ
ତାର ଦଶ୍‌ଗୁଣ୍ ଶକ୍ତି ଏକ୍‌ଲା ରାବଣ୍ ଠାନେ ହେସି । ॥୧୨॥

ଶିର୍ ଦେଲେଁ ବି, ବନ୍‌ଏ ବନ୍‌ଏ ବୀର୍, ନାଇଁନ କମ୍
ଲେଁଜ୍ ଟିପି ଟିକେ ଛିଡ଼୍‌ଲେଁ ବି ଅହିରାଜ୍ ରହେ ଲମ୍ । ॥୧୩॥

ରାମ୍ ରାବଣ୍‌ର ଲଢ଼େଇ କଥା ନୁହେ ବର୍ନିବାର୍
ସଭେ ଭୁକ୍‌ତୁଁ ନିଜର୍ ନିଜର୍ ଦିହେଁ ଅନେକ୍ ବାର୍ । ॥୧୪॥

ଗୁଟେ ଆଡ୍ଡେଁ ଦାନବ୍ ଶକ୍ତି ଦୁର୍ନିବାର୍ ଦୁସ୍ତର୍
ହାତେଁ ରଖେ ଜଗତ୍ ଜାଲିନେବାର୍ କେତେ ଶସ୍ତର୍ । ॥୧୫॥

ଆରଆଡ୍ଡେଁ ମୁନୁଷ୍ ସାଙ୍ଗେ ଭାଲୁ ମାକର୍ ଦଲ୍
ଯୋଟ୍ ଖାଇଛନ୍ ସାହସ୍ ନେଇ ଯୁଟେଇ ମନର୍ ବଲ୍ । ॥୧୬॥

ସତ୍ ଅଛେ ଧରମ୍ ଅଛେ ଅଛେ ନୀତି ନିଏ
ହର୍‌ମେଷ୍ ଯେ ହର୍ ପ୍ରାଣୀକେ ଠିକ୍ ଧର୍ସେଇ ନିଏ । ॥୧୭॥

ହତିଆର୍ କର୍ ବାଦି ଲାଗେ ନାଦି ଉଠେ ସଂଗ୍ରାମ୍
ଶର୍ ସହିତେଁ ରାବଣ୍ ନୁରେ କାହିଁ ରାମ୍ ? କାହିଁ ରାମ୍ ? ॥୧୮॥

ରାବଣ୍-ଜଲେ ଅହଂକାରର୍ ନିଶା ଅଂଧକାର୍
ସେ ନିଶାନେ ଚରାବୁଲା ସୋର୍ ନାଇଁନକା'ର । ॥୧୯॥

ହନା କଟାର୍ ସନା ଘଁଟାକେ ସଭେ ହୁଅନ୍ ଗୁଲେଇ
ଅସୁରେଁ ଥାଇ ଅସୁର୍ କୁଲ୍ ମୁର୍‌ତୁ ନିଅନ୍ ମୂଲେଇ । ॥୨୦॥

ରାବଣ୍ ମାରେ ବାଛି ବାଛି ମରଣ୍ ମୂର୍ଚ୍ଛା ଶର୍
ପ୍ରତି ଶର୍‌ନେ ସୀତାପତି ତତ୍‌ପର୍ ଅଠିପର୍ । ॥୨୧॥

ରାମ୍ ଶର୍‌କେ ରାବଣ୍ ମରି, ମରି ନାହିଁ ପାରେ
ଆହୁରି ଜହରୀ ଶର୍ ଲାଗି ଶର୍ ପୁରୁଗ୍ ଫାରେ । ॥୨୨॥

ରାମ୍ କାଟ୍‌ଲେଁ ମୁଡ୍‌ମାନେ ଘଡ୍‌କେଁ ଉଠନ୍ ପାଆଁଲି
ରାବଣ୍ କହେ ସୋଇ୍ ରାମ୍ ! କାଏଁ ହଉଛୁ ଚାହାଁଲି । ॥୨୩॥

ପଚ୍‌ରାଲା ଆଏଁଖ୍ ନେଇ ରାମ୍ ବିଭୀଷଣ୍ କୁଁ ଦେଖନ୍
କାଣା ହେଲା ? ଜନା ନାଇଁ ମନେ ମନେ ଲେଖନ୍ । ॥୨୪॥

ବିଭୀଷଣ୍ କହନ୍ ସଖା ! ମୁଡ୍ କାଟ୍‌ଲେଁ ମରଣ୍
ନାଇଁ ହୁଏ ବର୍ଲି ପରେ ଜନେଇ ନିଏ ରାବଣ୍ । ॥୨୫॥

ପ୍ରାଣୀର ମୁର୍ତ୍ତୁ ସାଙ୍ଗେଁ ଭାବ୍‌ନା ଯାଏ କାଏଁ ମରି
କାଲ୍ ସାଙ୍ଗେଁ କଲ୍‌ପନା କାର୍ କେ'ନ ଯାଏ ସରି । ॥୨୬॥

ଜୀବନ୍ ଯିବାର୍ ସାଙ୍ଗେ ଜୀବର୍ କାମ୍‌ନା ନାଇଁ ଯାଏ
କେନ୍‌ସି ମିତ୍‌ରେଁ ରହେସି କାମ୍‌ନା ପୂରଣ୍ କର୍‌ବା ଘାଏ । ॥୨୭॥

ଜୀବନ୍ ସିନେ ଗୁଟେ କାମନା ଥାଏ ଯେତେ ତେତେ
ଦିହ୍‌ଟେ ଛାଡ଼ି ଦେହୀ ଦୁସ୍‌ରା ଦିହ୍ ଦୁର୍‌ସି ସତେ । ॥୨୮॥

ବାହାର୍ ଦିହ୍ ଛାଡ଼ି ସଁପୁର୍ ଦିହ୍ ତାର୍ ତଲେଁ
ତାର୍ ତଲେଁ ଫେର୍ କାରଣ୍ ଶରୀର ଥିସି କଲେଁ କଲେଁ । ॥୨୯॥

ତିନ୍‌ହି ଦିହ୍ ଥିବାର୍ ତଳ୍ ଆତ୍ମା ଥିସି ଜୀବ୍
ତନ୍‌ହି ଦିହୁଁ ମୁକ୍‌ଲି ପାର୍‌ଲେଁ ପରମ୍ ଚିରଂଜୀବ୍ । ॥୩୦॥

ଗୁଟେ ଶରୀରୁଁ ଜୀବନ୍ ଗଲେଁ ମଲାକେ ନାଇଁ ପାଏ
ଦିହ୍‌ଟେ ପାଇ ଆତ୍ମା ନାଇଁ ମରି ରହିଁ ଯାଏ । ॥୩୧॥

ନାଇଁ ଚାହେଁ ରାବଣ୍ କେଭେଁ ଅଧ୍ କେନିଆଁ ମରନ୍
ଏନ୍ତା ମର୍‌ବା ମଲା ପରେଁ ନାଇଁ ଥିବା ଜନମ୍ ।  ।।୩୨।।

ହୁର୍‌ଦେଁ ତ ରଦ୍ ରଦାସି ଦରଦ୍ ଜନମ୍ ମୁର୍ତୁର୍
ଦିହ୍-ପିଂଜ୍‌ରା ଉଜ୍‌ରାବାକେ ଅନବରତ୍ ଆତୁର୍ ।  ।।୩୩।।

ଦୁର୍ ମୁଖିଆ ସୁଖର୍ ଆଶା ଚ଼ରା ହଇଁ ଲୁଭାଏ
ସବୁ ଦିନିଆଁ ଆନନ୍ଦ୍ ହେଲେଁ ଘାଏକେ ଉଖ୍‌ଲି ଯାଏ ।  ।।୩୪।।

ସେ ପିଂଜ୍‌ରା ଭାଂଗ୍‌ବାକେ ପାରଗ୍ ଶର୍ ତୁମର୍
ତାର୍‌ପରେଁ  ମରି ବି ଜୀବ୍ ରହେସି ହଇଁ ଅମର୍ ।  ।।୩୫।।

ପରମ୍ ଆତ୍ମା ସାଙ୍ଗେ ମିଶି ଚରମ୍ ଥିତି ପାଏ
ଯେନ୍ ଥିତିକେ ଚିନ୍ତି ଚିନ୍ତି ଜନମ୍ ବିତିଁ ଯାଏ ।  ।।୩୬।।

ରାମ୍ କହେଲେ କେତେ ମାର୍‌ମି କାହିଁ ମାର୍‌ମି କହ
ମାର୍ ଅସୁମାର୍ ପାର୍ କରି ସେ ଉଦୁର୍‌ମାତ୍ ଜହ ।  ।।୩୭।।

ଦାନ୍‌ବୀ ଶକ୍ତି ଆନ୍‌କି ନୁହେ ଆବ୍‌ରି ରଖେ ଧରି
ହାନ୍‌ଲେଁ ଜାନ୍ ଯାଏ ନାଇଁ ଶର୍ ଯାଆନ୍ ସରି ।  ।।୩୮।।

ଅକ୍ତିଆର୍ କରେ ଶକ୍ତି ତନ୍‌ମନ୍ ସବ୍ ଭରି
ଶକ୍ତି ହଇଁ ମୂର୍ତ୍ତିମତୀ ରଖିଛେ କୋଲ୍ କରି ।  ।।୩୯।।

ରାବଣ୍ ନାଇଁ ମରେ ସହଜେଁ କେନ୍ତା କରି ହେବା ?
କେନ୍ ଆଷ୍ଟେଁ ମର୍‌ବା କହ କେନ୍ ମନ୍ତର୍ ଲହେବା ।  ।।୪୦।।

ସମ୍‌କୁଁ ଶୁନେଇ ରାମ୍‌କୁ ଅନେଇ କହନ୍ ବିଭୀଷଣ୍
ରାବଣ୍ ଦିନ୍‌ଏ ଥିଲା ସଖା ! ଶକ୍ତି-ବିଭୂଷଣ୍ ।  ।।୪୧।।

ପୃଥ୍ୱୀ ଆନ୍ ମହାଶକ୍ତି ତାକର୍ ଝି' ସୀତା
ତାକର୍ ହାବ୍‌ଡେଁ ପଡ଼୍‌ଲା ଯେଭେଁ ଲୁଭେଁ ଜଗଜିତା ।  ।।୪୨।।

ଅଧା ଶକ୍ତି ଶୁଷିନେଲେ ସୀତା ଶକ୍ତିମୟୀ
ବର୍ତ୍ତିରହେ ପୃଥ୍ୱୀପତି ଶକ୍ତି ହରା ହଇ । ॥୪୩॥

ହୁରୁଦ୍ ଦେଖା ବ୍ରହ୍ମଶର୍ ମାର ବ୍ରହ୍ମବିତ୍
ତିନ୍‌ହି ଦିହ୍ ପାଁଚି ପରାନ୍ ସାଙ୍ଗେଁ ସବୁ ଚିତ୍ । ॥୪୪॥

ତାହାରି ସାଙ୍ଗେଁ ସରିଁ ଯାଉ ଲଢ଼େଇର୍ ପର୍‌ପଂଚ୍
ସୀତା ବିଜେ କରୁନ୍ ଅବଧ୍‌ପତି ଅଂଗ୍-ମଂଚ୍ । ॥୪୫॥

ନାଇଁ ସର୍‌ନୁ ସଖାର୍ କଥା ରାମ୍ ମାଏଲେ ଶର୍
ସରଗ୍ ମରତ୍ ପାତାଲ୍ ଦୁଲ୍‌କି ଉଠ୍‌ଲା ଥର୍‌ଥର୍ । ॥୪୬॥

ଥର୍ ଥରାନୁ ଫୁଲ ବିମାନୁ ରାବଣ୍ ପଡ଼୍‌ଲା ତଲେଁ
'ରାମ୍' ନୁରୁଛେ ଆଏଁଖ୍ 'ରାମ୍' ଶୁଭେ କଲେଁ କଲେଁ । ॥୪୭॥

ଅସୁର୍ ବାନର୍ ଜମା ହେଲେ ପଡ଼୍‌ଲା ରାବଣ୍ ଘେରି
ଥୁଇନେଲେ ହାତ୍ ହତିଆର୍ ହଇଁଗଲା ଢେରି । ॥୪୮॥

ଯଜ୍‌ବଜ୍ ଥାଇ ଧନ୍ ସଂପଦ୍ ହୁର୍‌ଦେଁ ନିରାନନ୍ଦ
ଘାରିରଖେ କେଭେଁ କା'ର୍ ହାତେଁ ମର୍‌ବାର୍ ଦ୍ୱନ୍ଦ୍ । ॥୪୯॥

ଅଶାଂତିର୍ ଅଂଗ୍‌ରା ଭରା ହୁରୁଦ୍ ଉହ୍ଲେଇ ଡହ୍‌କେ
ସୁଖର୍ ଆଶା କିରା ହଇଁ ସେ ଭିତର୍‌କେ ଦହଁପେ । ॥୫୦॥

ସେ ଭିତ୍‌ରେଁ ପୁଡ଼ିଁ ଜଲିଁ ବି ଅନ୍ତ ନୁହେ ଆଶାର୍
ହରୁ ହର୍‌ଦମ୍ ଦୁଖ୍ ଆଦ୍‌ରିଁ ଜୀବନ୍ କରେ ଅସାର୍ । ॥୫୧॥

ଆନନ୍ଦ-ଘରୁଁ ଆସିଥିଲିଁ ଆନନ୍ଦ ନୁରି ନୁରି
ନିରାଶ୍ ହେଲିଁ ନିରାନନ୍ଦ ଭିତ୍‌ରେଁ ଘୁରିଘୁରି । ॥୫୨॥

ଆଏଲାଠାନୁ ଫିର୍‌ବାର୍‌କେ ନାଇଁ ପାଉଥାଇଁ ବାଟ୍
ଜୀବନ୍ ଲାଗୁଥିଲା ନିହାତ୍ ନୀରସ୍ ନିରାଶ୍ ନିରାଟ୍ । ॥୫୩॥

ଭାବୁଥିଲି ମତେ ମାର୍‌ବାର୍ ନାଇଁନ କିହେ ଶକତ୍
ତିନ୍‌ପୁର୍‌କେ ଦହଲାବାକେ ଥିଲା ମୋର୍ ତାକତ୍ । ।।୫୪।।

ଦେବ୍ ଦାନବ୍ କାହାରି ହେଲେଁ ସାହସ୍ ନାଇଁ ଥାଇ
ମୋର୍ ବିରୋଧ୍ କର୍‌ବାକେ ମୋର୍ ଦୁର୍ନାମ୍ ଗାଇ । ।।୫୫।।

କା ପୁରୁଷ କରି ଦେଖିଲି ମୁଇଁ ଇ ସାରା ସଂସାର
ପରମ୍ ପୁରୁଷ୍ ଆଏଲା ଧରି ପୂରା ପୁରୁଷ୍ କାର୍ । ।।୫୬।।

ଡର୍‌ଭଏ ନାଇଁନ କିଛି ନାଇଁ ଅହଂକାର୍
ସବୁ 'ମୁଇଁ' ଶୁଇ ପରନ୍ 'ମୁଇଁ' ର ନାଇଁ ପାର୍ । ।।୫୭।।

ଅଯୋଧ୍ୟାନୁ ଆଏଲା, ସାଙ୍ଗେଁ ସଏନ୍ ନାଇଁ ଜନ୍‌ଏ
ବାଲି ରାବଣ୍ ମଲେ କାହିଁ ନାଇଁ ସରିଁ ପନ୍‌ଏ । ।।୫୮।।

ମୁନୁଷ୍-ଶରୀର ମୁନୁଷ୍ ବିଚାର୍ ମୁନୁଷ୍ ଶକ୍‌ତି ନେଇ
ଅତିମାନବ୍ ଶକ୍ତି ହେତେଇ ଇଶ୍ୱର୍ ଦେଲା ଚେତେଇ । ।।୫୯।।

ଇ ଶରୀରେଁ ଦେବ୍‌ତା ଅସୁର୍ ଇ ଶରୀରେଁ ଇଶ୍ୱର୍
ଯେ ଯେନ୍‌ଟା ଚେତାଲା ସେଟା ନିୟମ୍ ଆଏ ବିଶ୍ୱର । ।।୬୦।।

ସୀତାର୍ ଲୁଭେଁ ରାବଣ୍ ମଲା କର୍‌ବେ ବଦ୍‌ନାମ୍
କେ ଜାନ୍‌ଏ ଭାଏଲ୍ ସେ କଥା ବି କହେବେ କାଏଁ ରାମ୍ ? ।।୬୧।।

ମୋର୍ ଠାନୁ ତ ସୀତାର୍ ଲୋଭ୍ ରାମର୍ ଜହ ଥିଲା
ସୀତାର୍ ପଛାପଛ୍ ଲମି ଆଏଲେ ଦୁହି ପିଲା । ।।୬୨।।

କାହିଁ ଲଂକା କାହିଁ ରାମ୍, ନାଇଁଥିଲେଁ ସୀତା
କାଁ କରି ହେଲେଁ ରାମ୍ ଇନ୍‌କେ ଆସିଥିତା । ।।୬୩।।

ସୀତା ରାମ୍ ଗୁଟେ ଗଛର୍ ଅଲଗ୍ ଅଲଗ୍ କାନି
ଛାଡ଼ିଁ ଜନ୍‌ଏକେ ଆର୍ କ ନାଇଁ ରହିପାରେ ଜାନି । ।।୬୪।।

ପର୍କୃତିକେ ଛାଡ଼ି ପୁରୁଷ୍ ନୁହେ କାମ୍‌ଦାର୍
ଜନାଇଁ ଇ କଥା ଜାନ୍‌ଭ ଦୁନିଆଁ ଅଜାନ୍‌ବାର୍ । ॥୬୫॥

ସବୁଠାନୁ ଉଜାଲା ଠାନେ ରହେବାର୍ ଲୋକ୍ ମୁଇଁ
ନିଶାଚର୍ ସଭାବ୍ ନିଶା ଅଂଧାରେଁ ଗଲିଁ ଗୁଇଁ । ॥୬୬॥

ଆଏଜ୍ ପାଏଲିଁ ଉକିଆ ମତେ ବାଟ୍ ଦିଶେ ଫଟିକ୍
ଇନୁ ସେନୁ ହଉଥିଲିଁ ବାଟ୍ ପାଏଲିଁ ସଠିକ୍ । ॥୬୭॥

କବାର୍ ସୁନ୍ଦର୍ ବେଭାର୍ ସୁନ୍ଦର୍ ସୁନ୍ଦର୍ ନାମ୍ ରୂପ୍
ନିର୍ଦ୍ୱନ୍ଦ୍ ନିର୍ମୂଲ୍ ସେନେ ନିରାନନ୍ଦ୍ ଚୁପ୍ । ॥୬୮॥

ଯେ'ନୁ ଆଏଲିଁ ସେନ୍‌କେ ଯିମି ବଲି ପର୍‌ଲା ତୁନ୍
ରାନୀମାନେ ପୁହୁଁଚି କାନ୍ଦି ବସ୍‌ଲେ ଗାଇ ଗୁନ୍ । ॥୬୯॥

ରାମ୍ ମୂର୍‌ତି ଆଗ୍ ମୁଡେଁ ତାର୍ ଆଗୁଁ ଥିଲେ ଠିଆ
ରାବଣ୍ ଆଏଁଖ୍ ବାଟେଁ ଆନି ପୂରଉଥିଲା ହିଆ । ॥୭୦॥

ବିଭୀଷଣ୍ ବି ଆଖିଁ ଲହ୍ ହୁଦେଁ ବଥା ଭରି
ଦୁଖର୍ ଧାରେଁ ଉହୁଲୁ ଥିଲେ ଦଦାର୍ ପାହା ଧରି । ॥୭୧॥

ରାମ୍ କହେଲେ ଗଲା କଥା ମଲା ଲୋକର୍ ସୋର୍
କର୍‌ଲେଁ ଲାଭ୍ ତ ନୁହେଁ ହଏ ଦରଦ୍ ଯୋର୍ ସୋର୍ । ॥୭୨॥

ଯେ ମଲା ସେ ଗଲା, ଦିହ୍‌କେ ନେଇ କାଏଁ ଭାଲ୍‌ନି
ନିର୍ଜୀବ୍ ଦିହର୍ ତୁରୁଡ୍ ସତ୍‌କାର୍ ଆଏ ଲୋକ୍ ଚଲ୍‌ନି । ॥୭୩॥

ରାଜ୍ ଉପ୍‌ଚାର୍ ସାଙ୍ଗେ କୁଲାଚାରେଁ କର ସତ୍କାର୍
ରାମ୍ କଥା କାଏଁ ମାର୍ ଯାଏତା ପାଳିତ୍ ହେଲା ତତ୍କାଲ । ॥୭୪॥

ଶବ୍ ସତ୍କାର ସାରି ଗାଧି ବୁଡ଼ି ତିଲ୍ ତର୍ପନ୍
କରି ଆଏଲେ ସଭେ ରାମକୁ କର୍‌ବାକେ ଦର୍ଶନ୍ । ॥୭୫॥

ପାହେଁ ପଡ଼ନ୍ତୁ ମନ୍ଦୋଦରୀ ରାମ୍ ଆଶୀର୍ବାଦ୍
"ସଉଭାଗ୍ୟବତୀ ହୁଅ" ଝରେ ନିର୍ବିବାଦ୍ । ॥୭୬॥

କେନ୍ତା କହେଲ ? ବଲିଁ ରାନୀର୍ ଆଖୁଁ ଝରେ ଲହ
ସଏଦ୍ ସ୍ୱାମୀ ହରାକେ ଗୋ ଭାଏଗ୍‌ବତୀ କହ । ॥୭୭॥

ରାମ୍ କହେଲେ ମଏ ଦାନବର୍ ଝିଁ' ତୁମର ଜଏ
ସକାଳୁଁ ଉଠି କର୍‌ବେ ଲୋକ ଖେଦ୍‌ବେ ପାତକ୍ ଭଏ । ॥୭୮॥

ଜଗତ୍ ପତି ଲେଖେଁ ମାନ୍‌ଅ ଯେ ହେଲେଁ ବି ପତି
ସତୀର୍ ଗତି ଅଛେ ମିଲ୍‌ବା ସବ୍‌ଦିନ୍ ସଦ୍‌ଗତି । ॥୭୯॥

ବିଭୀଷଣ୍ ତ ବୁହି ସାରିଛନ୍ ଲଂକା ରାଏଜ୍-ଭାର୍
ରାଜ୍‌ଲକ୍ଷ୍ମୀ ଅଲ୍‌ଗା ରହେଲେଁ ହେବା ଅବେଭାର୍ । ॥୮୦॥

ରାଜ୍‌ଲକ୍ଷ୍ମୀ ତୁମେ ଲଂକା ରାଏଜ୍ ପାଟ୍‌ରାନୀ
ବିଭୀଷଣ୍‌କୁଁ ଢ଼ାପି ରଖ ପିଂଧିଲା ପାଟର୍ କାନି । ॥୮୧॥

ରାନୀ ଗଲେ ରାନୀବାସ୍‌କେ ବିଭୀଷଣ୍‌କୁଁ ଧରି
ରାମ୍ ଲକ୍ଷ୍ମଣ ସୁଗ୍ରୀ ରହେଲେ ହୁର୍‌ଦେଁ ଆନନ୍ଦ୍ ଭରି । ॥୮୨॥

ହନୁ ଆସି ଯୁହାର୍ କଲେ ଛିଇ ରାମର୍ ପାହା
କହେଲେ ମାଁ କେନ୍ତା ଥିବେ ଅଶୋକ୍ ବନେ ଆହା । ॥୮୩॥

ରଣ୍ ସର୍‌ଲା ରାବଣ୍ ମର୍‌ଲା ନାଇଁ ଆଏଲେ ରାମ୍
ରାମ୍ ବିନା କାଏଁ ହତାଶିଆ ପ୍ରାଣ୍ ପାଏ ଆରାମ୍ । ॥୮୪॥

ଜନକ୍-ଜେମା ମୁହେଁ କଏଁ -ଫୁଲ୍ ରାମ୍-ଚନ୍ଦ୍ର ବିନେ
କେନ୍ତା ରହେବା ନାଇଁ ଦେଖିଲେଁ ପୁନି ଅସ୍ ଦିନେ । ॥୮୫॥

ସୀତା କଥା ଶୁନି ଉଦା ରାମର୍ ଆଁଖି ପତା
କଇଁପାଖ୍‌ଡ଼ାର୍ ରାତିର୍ ଓସ୍ ବକ୍‌ତେ ଛାତିର୍ ବଥା । ॥୮୬॥

ସୀତା କାଯେଁ ହିତାହିତ୍ ଗିଆନ୍ ଗୁଆଁଲା ରାବଣ୍
ସରବସ ତାର ଗୁଆଇଁ ଶେଷେଁ ଆବ୍‌ରି ନେଲା ମରଣ୍ । ॥୮୭॥

ଜାନ୍‌କୀ ଲାଗିଁ ଜାନ୍ ରହିଛେ ଜାନୁଛ ତ ହନୁ
ଦିହ୍ ସିନେ ଅଲ୍‌ଗା ଅଛେ ଅଲ୍‌ଗେଇ ନୁହେ ମନୁ । ॥୮୮॥

ରଣ୍ ସର୍‌ଲା ରାବଣ୍ ମର୍‌ଲା କହିଁ ଆସ ଯାଇ
ଇତାର୍ ପରେଁକର୍‌ମା ତାକର୍ ଇଛା ଅନୁଯାଇ । ॥୮୯॥

ମାରୁତି ଗଲା ସେ ତୁର୍‌ତି ସିଂଶ୍‌ପା ଗଛ୍ ତଲ୍‌କେ
ସେ ଛଁଚେନ ସୀତା ବସିଛନ୍ ଆଁଖି ପାଏନ୍ ଛଲ୍‌କେ । ॥୯୦॥

ପାହେଁ ପରି ଯାହା ଯାହା ହଇଥିଲା କହେଲା
ସୀତା କହେଲେ ଉଡ଼ି ଯାଉଥିଲା ଜୀବନ୍ ରହେଲା । ॥୯୧॥

କହ କା'ଣା ଦେଇ ପାର୍‌ମି କଲୁ ଯେନ୍ କବାର୍
ଘୁଚେଁ ନାଇଁ ଦର୍କାର୍ ହେଲେଁ ଜୀବନ୍ ଦେଇ ଦେବାର୍ । ॥୯୨॥

ଇଆଡ୍ ସେଆଡ୍ ହଏ ପରାଣ୍ ପରାଣ୍-ପତିବିନା
'ମୁଇଁ' ବଲି ମୋର ନାଇଁନ କିଛି ସବୁ ସିଏ ସିନା । ॥୯୩॥

ତାହାକୁଁ ପାଏବାର ଆଶା ରଖି ଅଛେଁ ସିନା ବଅଁଚି
ତାକର୍ ପାହାତଲ୍‌କେ ପାର୍‌ସି କିନି ଯାଏ ପହଁଚି । ॥୯୪॥

ହନୁ କହେଲେ ଯାଉଛେଁ ମା' କହେମି ପ୍ରଭୁ ପାଶେଁ
କହି ଉଡ଼ି ଆଏଲେ ହନୁ ଏଖେଇ ଗୁଟେ ସାହାସେଁ । ॥୯୫॥

ମୁନି କହେଲେ ଶୁନି ବସ୍‌ଲେଁ ଟଲିଁ ଯିବା ବେଲା
ଭଜନ୍ ସାର ଯିମା ସଂଧିଆ ଶଉବ୍ ସମିୟା ହେଲା । ॥୯୬॥

❑

# ପାଉଚ୍-୧୪

## ସୀତା-ରାମ୍ ଭେଟ୍ -ଅଗ୍ନିପରୀକ୍ଷା

ବେଲ୍ ଉହୁରି ଆସେ ଖେଲେ ସୁନା ରଙ୍ଗର୍ ଖରା
ଗଛ୍ ଗୁହୁଡ଼ା ଛଏରାଁ କଁଟେଁ ନାପି ବସନ୍ ଧରା । ।।୧।।

ଚରେ ଦଲର୍ ଚରା ଠୁକ୍‌ବାର୍ ସରି ଆସେ ମନ୍
ବେଦୀ ଉପ୍‌ରେଁ ଶୁଭେ ସୁରୁଦ୍ ଅମରଦ୍ ରାମ୍ ଭଜନ୍ । ।।୨।।

ଭଜନ୍ ସାରି ମୁନି ମହାରାଜ୍ ଧଏଲେ ରାମ୍-ରାହା
କହେଲେ ରାମ୍ ସୀତାର୍ ମିଲନ୍ ବିଷେ ହେଲା ଯାହା । ।।୩।।

ରାମର୍ କହେଁ ବିଭୀଷଣ୍ ଜାନ୍‌କୀ ଗଲେ ଡାକି
ଆଏବାର୍ ବାଟ୍ ସେନେ ସଭେ ରହି ବସ୍‌ଲେ ଟାକି । ।।୪।।

ସୀତା ଆସନ୍ ସବାରୀ ଚଢ଼ି ପାଶେଁ ଲୋକ୍ ହୁଦା
ଦେଖ୍‌ବାର୍‌କେ ସମ୍‌କର୍ ମନେ ଲାଗେ ଉଦ୍‌ମୁଦା । ।।୫।।

ଦେଖନ୍‌ହାରୀ ନର୍ ନାରୀ ପିଲାଛୁଆ ଯୁଆନ୍
ଯେନ୍ ଆଡ୍‌କେ ସବାରୀ ଯାଏ ସେ ଆଡ୍‌କେ ମୁହାଁନ୍ । ।।୬।।

ପେଟର୍ ଭୋକ୍ ଆଁଖିଁ ବସା ବାଂଧି କରେ କାଏଲା
ସୀତା ଦେଖା ନିଶା ହରୁ ମେଷା କରେ ଘାଏଲା । ।।୭।।

ରାମ୍ ଦେଖ୍‌ଲେ ଦେଖନ୍ ହାରୀ ବନିହାଁ ରୁଣ୍‌ଫୁଣ୍
କେ ବଖାନ୍‌ଏ ସୀତାର୍ ରୂପ୍ କିଏ ଗାଏ ଗୁଣ୍ । ।।୮।।

ସେ ତୁର୍‌ତି ରାମ୍ ଦେଲେ ବିଭୀଷଣ୍‌କୁଁ ଖବର୍
ସୀତା ଦେଖ୍‌ବାର୍ ଲାଗି ଭିଡ୍ ଲାଗି ରହିଛେ ଜବର୍ । ।।୯।।

ପାଲ୍‌କି ଛାଡ଼ି ପାଦେ ଚାଲୁନ୍ ଜନକ୍ ରାଜ୍ କୁମାରୀ
ଲୁଭ୍ ଲୁଭାନି ଶୋଭା ମୂର୍‌ତିର୍ ହଉ ହେଲେ ସୁମାରି । ॥୧୦॥

ପୁରୁଷ୍ ଯେତ୍‌କି ସୁନ୍ଦର୍ ହଇପାରେ ଉଭା ଫାଲେ
ନାରୀର୍ ଭାରି ସୁନ୍ଦରପନ୍ ଆର ଫାଲେଁ ଚାଲେ । ॥୧୧॥

ମୁହାଁ ମୁହିଁ ଦୁହି ମୂର୍‌ତି ଜଗତ୍ ଆଚମ୍ବିତ୍
ଦେଖନ୍ ହାରୀ ଗିଆନ୍ ହାରି ଥାବେଁ ନାଇଁଚିତ୍ । ॥୧୨॥

ଦୁହେ ଦୁହିଙ୍କୁଁ ଦେଖ୍‌ବେ ବଲିଁ ଉଛନ୍ ଥିଲା ମତି
ନାଇଁ ପାର୍‌ଲେ କିହେ କାହାକେ ଦେଖି ଦୁଖ୍ ଅତି । ॥୧୩॥

ଲହ ଆସି ଆଏଁଖି ମାନ୍‌କୁଁ ଘାଏକେଁ ଦେଲା ଡାବି
ଏନ୍ତା ହେବା ବଲିଁ ଦୁହେ କେ ନ ଥିଲେ ଭାବି । ॥୧୪॥

ମନ୍-ଭିତ୍‌ରେଁ ଯେନ୍ ମୂର୍‌ତି ସୀତା ଥିଲେ ଥାପି
ଯାର୍ ଆଶ୍ରାନେ ଏତେ ଦିନ୍ ପାରିଥିଲେ ଯାପି । ॥୧୫॥

ସେ ମୂର୍‌ତିର୍ ପାହାତଲେଁ ତୁର୍‌ତି ନେବେ ଆଶ୍‌ରା
ରାମ୍-ଆଖିଁ ଧର୍‌ତୀ ଦିଶେ ଧର୍‌ତୀ ଝି'ର୍ ପସ୍‌ରା । ॥୧୬॥

ଭାଉଁରେ ଦେଖି ଲୋକର୍ ଭିଡ୍ ସୀତା ଅକର୍‌ତବ୍
କା'ଣା କର୍‌ତେ ସେ ଜାନୁଛନ୍ ଏକ୍‌ଲା ଥିତେ ଯବ୍ । ॥୧୭॥

ତ'ବି ଆଏଲେ ପାହାତଲ୍‌କେ ପଡ଼୍‌ବେ ଗୋଡ଼୍ ଶାଲେଁ
ରାମ୍ କହେଲେ ଜାନ୍‌କୀ ! ଜାନ୍‌ଅ ନାଇଁ ଇ କପାଲେଁ । ॥୧୮॥

ବଁଧେଁ ପାଏନ୍ ଥିବାର୍ ତକ୍ ଥିସି ତାର୍ ମାଏନ୍
ମଠିଆ ମଟ୍‌କେ ଆଏଲେଁ ଅଛିଆ ହଇଁ ଯାଏସି ପାଏନ୍ । ॥୧୯॥

ଅସୁର୍ ମନେଅଶୋକ୍ ବନେ ଥିଲଁ ଏତେ ଦିନ୍
ସୀତା ଆର୍‌କାଏଁ ନୁକୋଥିତା ଲୋକ୍‌ଭାବ୍‌ବେ ଭିନ୍ । ॥୨୦॥

ଏତ୍‌କି ଶୁନି ରଙ୍‌ରଙ୍ଖାନୁ ସୀତା ପର୍‌ଲେ ଭୂଇଁ
ଜୁଏ ଜାଲ ହୋ ଲକ୍ଷ୍ମଣ୍ ଆର୍ କାଁ ଯେଁ ଥିମି ମୁଇଁ । ॥୨୧॥

ରାମର୍ କାଯେଁ ନାଇଁ ଲାଗ୍‌ଲା ଦିହ୍ କାଁ କରି ରଖ୍‌ମି ?
ଜୀବନ୍ ଯିବା ବଲିଁ କାଏଁ ବିଷ୍ ମହରା ଭଖ୍‌ମି । ॥୨୨॥

ପାଁଚି ଭୂତେଁ ଗଢ଼ା ଦିହ୍ ଗୁଟେ ଭୂତେଁ ଯାଉ
ଅଭିଭୂତ୍ ଇ ମନ୍‌ଟା ଅଭୂତ୍ ରାମର୍ ପାଦେଁ ଥାଉ । ॥୨୩॥

ସୀତା କଥାକେ କଲେ ହାଏ ! ହାଏ ! ସବୁ ସଏନ୍
ସୁଗ୍ରୀ ବିଭୀଷଣ୍ ହନୁ କହନ୍ ଧଏନ୍ ଧଏନ୍ । ॥୨୪॥

ସୀତାର୍ କହେଁ ଜଲ୍‌ଲା ଜୁଏ କଥାର୍ ସୁରେଁ ସୀତା
ପଶିଁଗଲେ ଦିଶେ ରୂପ୍ ତିନ୍‌ହି ପୁର୍‌ଜିତା । ॥୨୫॥

କହେଲେ ଅଗ୍‌ନି ଦେବ୍‌ତା ! ଗନି ଦେଖ ଅଙ୍ଗଅଙ୍ଗ
ଯଦ୍‌ରି କାହିଁ ହଇଛେ କେନ୍ ମହତ୍ ଟିକେ ଭଙ୍ଗ । ॥୨୬॥

ସାରା ଶରୀର୍ ସେଥିର୍ କାଯେଁ ହଇଥିବା ମାରା
ଦିଅ ଜାଲି ହେବା କାହିଁ ମୋର୍ ମାଁକେ ଭରା । ॥୨୭॥

ଧଙ୍ଗ୍ ଧଙ୍ଗ୍ ଜଲ୍‌ଲା ଜୁଏ ଲାଲ୍ ଜର୍ ଜର୍ ହଇ
ସୀତ୍ ପତା ନାଇଁ ମିଲ୍‌ଲା କେନେ ଗଲେ ରହି । ॥୨୮॥

ଜଲ୍‌ତା ଜୁଏ ହଲ୍‌କା ହେଲା ଅଙ୍ଗ୍‌ରା ଡ଼ାଓ ଡ଼ାଓ
ଜନକ୍ ଜେମା କନକ୍ ମେତାଲ୍ ଦିଶନ୍ ହାଓ ହାଓ । ॥୨୯॥

କାଂଦୁଥିଲେ ରାମ୍ ସଏନ୍ କଲେ ଧଏନ୍ ଧଏନ୍
ସୀତାମାତା ସତେଁ କେତେ ନୁକୋ କେଡ଼େ ଅଏନ୍ । ॥୩୦॥

ରାମ୍ ପେସ୍‌ରାଲେ ଅଙ୍ଗ-ପସ୍‌ରା ସୀତା ହେଲେ ଝଁପେଇ
ଦେଖନ୍‌ହାରୀ ସୀତାରାମ୍ ଶବ୍‌ଦେଁ ଦେଲେ କଁପେଇ । ॥୩୧॥

ସେନା ସେନାପତି ସୀତାରାମଙ୍କୁଁ ଦେଲେ ଘେରେଇ
ରାମ୍ କହେଲେ "ତୁମର୍ ବଲେଁ ସୀତା ପାଇଲିଁ ଫିରେଇ । ॥୩୨॥

ଯାହା କରିଛ ଶୁଝି ନୁହେ ଯାହା କଲେଁ ମୁହିଁ
ମୋର୍ ସାଙ୍ଗ ଯବ୍ ଧଏଲ ସବ୍ ନାଇଁଖାଇ ଶୁଇଁ । ॥୩୩॥

ସେ ଦିନ୍ ଠାନୁ ଆଏଇ୍ ଦିନ୍ ତକ୍ କରୁଛ ଯେ କରୁଛ
ଲାଗୁଆ ଭିତ୍ରେଁ ଆଗୁଆ କରି ମୋର୍ ନାଁ କେ ଭରୁଛ । ॥୩୪॥

ମୋର୍ ଅଭାବେଁ ଅସୋର୍ ଥିବା ଆରତ୍-ଭରତ୍ ଭାଇ
ତୁମର୍ ଭାବେଁ ତମେ ରହ ମତେ ଦିଅ ନ ଯାଇ । ॥୩୫॥

ଚଉଦ୍ ବରଷ୍ ଟିଆ ଦେଇଛେ ଡେଗ୍‌ଲେଁ ଦେବା ପ୍ରାଣ୍
ମୋର୍ ନୁ କେତେ ବଡ଼୍ ଆଏ ସେ ବଏସେଁ ସିନା ସାନ୍ । ॥୩୬॥

ମିତର୍ କହେଁ ପୁଷ୍ପକ୍ ରଥ ଆସି ହେଲା ନ ଠିଆ
ତମ୍‌କୁଁ ସମ୍‌କୁ ଛାଡ଼ି ଯିବାକେ କାଂଦି ଉଠେ ହିଆ । ॥୩୭॥

ସଭେ କହେଲେ ଲବେ ହେଲେଁ ଛାଡ଼ିନୁହେ ଯାହାକୁଁ
ସବୁ ଦିନ୍‌କେ ଛାଡ଼ିହେବା କେନ୍ତା କରି ତାହାକୁଁ । ॥୩୮॥

ସୁଗ୍ରୀ ବିଭୀଷଣ୍ କହେଲେ ସାଙ୍ଗେ ଯିମୁ ତମର୍
ମାଁ ଦର୍ଶନ୍ କର୍‌ବାର୍ ମନ୍ ନାଇଁ ମାର ଆମର୍ । ॥୩୯॥

ତାହିଁ ଥିବେ ଦୁହିଭାଇ ଭରତ୍ ଶତ୍ରୁଘନ୍
ଦେଖି ଆଏମୁଁ ଆ'ନ୍ ପରେ ରାମ୍ ସ୍ନେହର୍ ଧନ୍ । ॥୪୦॥

ହନୁ କହେଲେ ଆଁଠୁମାଡ଼ି ରାମର୍ ପାଦେଁ ହାତ୍
ଜୀବନ୍ ଥିବାର୍ ତକ୍ ଥିବା ରାମ୍ ପାହାନେ ମାଥ୍ । ॥୪୧॥

ନାଇଁ ମାଗ୍‌ବାର୍ ଯୋଗ୍-ସିଦ୍ଧି, ନାଇଁ, ମାଗେଁ ମୁକ୍ତି
ତୁମର୍ ଦୟାର୍ ବୋଝ୍ ବୁହିବାର୍ ନାଇଁନ ବି ଶକ୍ତି । ॥୪୨॥

ଛାତି ତଳେଁ ରାତିଦିନ୍ ତୁମର୍ ମୂର୍ତି ଧରି
ଯେତେ ଜନମ୍ ମିଲ୍‌ବା ସବୁ ସେଥିଁ ଯାଉ ସରି । ।।୪୩।।

ଅଲପ୍ ହଁସି ରାମ୍ କହେଲେ କାହାକେ କର୍‌ମି ମନା
ମହାନ୍ ସାହେୟ୍‌କାରୀ ମୋର୍ ସଭେ ମହାମନା । ।।୪୪।।

ରାମ୍ ବସ୍‌ଲେ ବସ୍‌ଲେ ଆଯୋ ବାଯୋ ସୀତା ଲକ୍ଷ୍ମଣ୍
ଭରତ୍ ଲାଗି ଉପ୍‌ଚର୍ ଲାଗୁଥିବା ବିଲମ୍ ଖଣ୍ । ।।୪୫।।

ବିଭୀଷଣ୍ ସୁଗ୍ରୀବ୍ ଜାମ୍ବବ୍ ହନୁ ନଲ୍ ନୀଲ୍
ରଥ୍ ଭର୍‌ନୁ ଯୁଗ୍‌ରେଇଁ ହେଲେ ହଁସି ଖିଲ୍‌ଖିଲ୍ । ।।୪୬।।

ଯାନ୍ ଯାଏ ଆକାଶ୍-ମାର୍‌ଗେଁ ଜିତି ମନର୍ ଗତି
ସୀତାପତି ଆନନ୍ଦ୍ ଉଷତ୍ ସୀତା ପାଇ ପତି । ।।୪୭।।

ଯେନ୍ ରଥେଁ ସେ ଆସିଥିଲେ ଲଂକା ନରକ୍ ପୁର୍
ସୀତା ଭାବନ୍ ସେ ରଥେଁ ହିଁ ନୁହେ ସରଗ୍ ଦୂର । ।।୪୮।।

ସେ ଦିନର୍ ସେ ଆକାଶୀ ଧୁକା ଥିଲା ତପ୍‌ଲା ଝାଉ
ଆଏଜ୍ ଲାଗୁଛେ ଆସୁଛେ କାଏଁ ଚନ୍ଦନ୍ ବନୁ କାହୁଁ । ।।୪୯।।

ସେ ଦିନ ମେଘ୍ ମାନେ ଠେଇ ହେଲେଁ ରଥେଁ
ପାହାଡ଼୍ ଢୁଁସି ହେଲା ଲେଖେଁ ଲାଗୁଥିଲା ସଥେଁ । ।।୫୦।।

ଆଏଜ୍ ସେମାନେ ଲାଗନ୍ ଦିହେଁ ପାଏନ୍-ଅମୃତ୍ ଭରି
ରଥେଁ ସଥେଁ ଲେଠ୍‌ରେଇ ହନ୍ ଯିବେ ବଲିଁ ତରି । ।।୫୧।।

ସେ ଦିନ୍ କେତେ ଡର୍ ଡରାନି ଦିଶୁଥାଏ ଇ ସାଗର୍
ଆକାଶ୍ ଆଏଜ୍ ମୁହଁ ଦେଖୁଛେ ଦର୍ପନ୍ ଥୁଇଁ ଆଗର୍ । ।।୫୨।।

ମନେ ଥିଲେଁ ରାବଣ୍ ଭାବ୍ ସବୁକଥାକେ ଡର୍
ରାମ୍ ଭାବ୍‌ନା ଆଏଲେଁ ଆସେ ଆନନ୍ଦ୍ ଅଠିପର୍ । ।।୫୩।।

ରାମ୍ କହେଲେ ଦେଖୁଛ କି ନାଇଁ ଜନକ୍-ଜେମା
ଇ ନୁ ବାଂଧିଲେ ସେତୁବଂଧ୍ କିସ୍କିଂଧିଆର୍ ସେନା । ॥୫୪॥

ଜାନିରଖ ସୀତା ଇ ଠାନ୍ ଟା ଜନସ୍ଥାନ୍
ତିର୍ଶିରା ଇନେ ଖର୍ ଦୂଷଣ୍ ସାଙ୍ଗେଁ ଦେଲା ଜାନ୍ । ॥୫୫॥

ତଲେଁ ଦେଖ କିସ୍କିଂଧିଆ ଗଡ୍ ପାହାଡ୍ ଘେରା
ଦିନାଦୁ ଦୁହିଭାଇ ଇନେ ଧରିଥିଲୁଁ ଡେରା । ॥୫୬॥

ମିତ ତାକର୍ ଦଦା ସାଙ୍ଗେଁ ଥିଲେ ବନ୍ଏ ଅମେଲ୍
ହରୁମେଷା ଲାଗିଥିଲା ରାଗ୍ ରିଶ୍‌ମିର୍ ଖେଲ୍ । ॥୫୭॥

ଜୁଏ ଜାଲିଁ ଦୁହେ ଆମେ ବସିଥିଲୁଁ ମଏତର୍
ଦୁହେ ଦୁହିକର୍ ହିତେଁ ଅଛୁଁ ସେ ଦିନୁ ଇହତର୍ । ॥୫୮॥

ତାକର୍ ହିତେଁ ବାଲି ଦଦାର୍ ଇନେ ଗଲା ଜୀବନ୍
ଆମର୍ ହିତେଁ ବାନର୍ ସେନା ନୁର୍‌ଲେ ସାରା ଭୁବନ୍ । ॥୫୯॥

ତୁମକୁଁ ନୁରି ଥାବ୍ କର୍‌ବାର୍ କେଡ଼େ କଡ଼ା କବାର୍
ଜମ୍ ଅର୍କଲେଁ ପକେଇଥିଲା ରାବଣ୍ ଚିପୋ ଲବାର୍ । ॥୬୦॥

କହି ନାଇଁ ପାରବ୍ ସିନେ ଝାର୍ ଡଙ୍ଗର୍ କୁଂଦା
ଯାହିଁ ନୁର୍‌ଲେଁ ପରିଥିବା ଆମର୍ ଲୁହର୍ ବୁଂଦା । ॥୬୧॥

ନୁରି ନୁରି ଅଥୋଥାଲି ମୁନୁଷ୍ ଛୁଆ ଦୁଇ
ମୁନୁଷ୍ ନୁହନ୍ ଭାଲୁ ମାକର୍ ଦୁଖ୍ ନେଲେ ବୁହି । ॥୬୨॥

ହାତ୍ ଯୁଡ଼ିଁ ସୁଗ୍ରୀ କହେଲେ କହେତିଁ ପଦେ କଥା
ମୋର୍ ରାଏଜର୍ ଲୁକେ ଦର୍ଶନ୍ ଲାଗିଁଥିବେ ଅଥା । ॥୬୩॥

ଛନ୍‌ଏ ମେତାଲ୍ ଉତ୍‌ରି ନେଲେଁ ସଭେ ଦେଖ୍‌ତେ ଘାଏ
ଏନ୍ତା ସୁଯୋଗ୍ ହରେଇନେଲେଁ କେଭେଁ କିଏ ପାଏ ? ॥୬୪॥

କହତେ ସାଏର୍ ରଥ୍ ଗଲା କିସ୍‌କିଂଧିଆ ଗଡ଼ି
ଢୁଁଡି ହେଲେ କିସ୍‌କିଂଧିଆ ବାସୀ ସେ ଘଡ଼ି । ॥୬୫॥

କେ କହୁଛେ ଦେଖ୍-ଅରେ ସୁନ୍ଦର୍‌ପନ୍‌କେ ଆଁଖ୍
କେଭେଁ କିଏ ଦେଖିଛ କାଏଁ ଇନର୍ ଆଖ୍‌ପାଖ୍ । ॥୬୬॥

ନାଇଁ ହେଲେଁ ସୋଇ୍ କାଏଁ ରାବଣ୍ ଦେତା ପ୍ରାଣ୍
ସାମେନ୍ ନାରୀ ବାହାର୍ କରି ପାର୍‌ତା ରାମର୍ ଟାନ୍ ? ॥୬୭॥

କିଏ କହେ ଗୁଡୁଁ ମୁଡ୍‌କେ ଭରେ ବ୍ରାହ୍ମୀ ଶିରୀ
ବ୍ରହ୍ମଚାରୀ ହନୁ ପଶି ନାଇଁ ପାରେ ଫିରି । ॥୬୮॥

ତାରା ରୁମା ସୀତା ସାଙ୍ଗେଁ ତୁର୍‌ତି ପର୍‌ଲେ ଲଟ୍‌କି
ଲମି ଗଲେ ଶମି ରଥେଁ ନାଇଁ ପାର୍‌ଲେ ଅଟ୍‌କି । ॥୬୯॥

ରାମର୍ କଥା ରଥର୍ ସାଙ୍ଗେଁ ଚାଲ୍‌ଲା ଆଗର୍ ବାଗିର୍
ଶୁନୁଥାଆ ମେତାଲ୍ କଥା ଲାଗେ ସମ୍‌କର୍ ଲାଗିର୍ । ॥୭୦॥

''ଏ'ଦେ ଦେଖ ଗୋଦାବରୀ ସେନ୍ତା ଯାଏ ବୁହି
ସେ ଦିନର୍ ସେ କଥା ଅଛେ ନୁହେ ଯାଏ କୁହି । ॥୭୧॥

ସେ ବର୍‌ଗଛ୍ ସେନ୍ତା ଅଛେ, ସେ ପାଁଚ୍‌ଗଛି ବନ୍
ସୋର୍‌କଲେଁ ଘୋର୍ ଦୁଖେଁ ଗୁରେଇ ହେସି ମନ୍ । ॥୭୨॥

ସୂପ୍‌ନଖୀକେ ବାହନ୍ କରି ଅଶୁଭ୍ ସବ୍ ଆସନ୍
ସୁନା ହରିନର୍ ରୁମେ ରୁମେ ବିପଦ୍ ବଅଁଶ୍ ବସନ୍ । ॥୭୩॥

ସୋର୍ କର ସେ ଦୁଖ୍ କେନ୍ ଶତ୍ ରୁ ନାଇଁ ପାଉ
କାଁ କର୍‌ତାଁ ? ଦିହ୍ ଥିଲେଁ ଥାଏ ଦଏବର୍ ଦାଉ । ॥୭୪॥

ନିଘା କର ସବୁ ଦିଶେ ଋଷି ମୁନିର୍‌କୁଟୀର୍
ବିଚାର୍-ବେଭାର୍-ଧୁରଂଧର୍ ଆଚାର୍ ସୁଧାର୍ ଧୀର୍ । ॥୭୫॥

ଇନେ ଦେଖ ଗଂଗା ସାଂଙ୍କେ ଯମୁନା ହଏ ସଂଗ୍
କେନ୍ତା ସଂଗ୍ ଯେ ଯୁଗ୍‌ଯୁଗ୍ ତକ୍ କେଭେଁ ନୁହେ ଭଂଗ୍ । ॥୭୬॥

ଦୁଇଟା ଜୀବନ୍ ଏକ୍ ହଇଁ ସାଗର୍-ମୁହାଁ ଧାଏଁ
ନାରୀ ପୁରୁଷ୍ ଏକ୍ ହଇଁ ସଂସାର୍ ସାରେ କାଏଁ ? ॥୭୭॥

ସଂଗମ୍‌ନେ ଭରଦ୍ୱାଜ୍ ମୁନିକର୍ ମଠ୍
ମୁନି-ଦର୍ଶନ୍ ବିନା ଯିବାର୍ ହେବା ଅସଂଗତ୍ । ॥୭୮॥

ତାକର୍ ଠାନୁ ବୁଝ୍‌ମା ଆଗୋ ଖବର୍ ଅଯୋଧାର୍
ଭରତ୍ ମନ୍ କରେ କିନି ରାଏଜ୍-ଭାର୍ ଉଲ୍ହାବାର୍ । ॥୭୯॥

ଟିଆ କଲା ଦିନ୍ ଆଏଲା ନାଇଁ ଆଏଲେ ରାମ୍
ବଲିଁ ଯଦ୍‌ରି ଭାରତର୍ ମନ୍ କଦ୍‌ରିଯ୍ ଅବିରାମ୍ । ॥୮୦॥

ତେଭେଁ ସିନା ସୁନ୍ଦର୍ ଆମର୍ ଅଯୋଧିଆ ଫିର୍‌ବାର୍
ତାର୍‌ମନ୍ ମାରି ରାଇଜ୍‌ଗଦିକେ ନାଇଁନ ନୁର୍‌ବାର୍ । ॥୮୧॥

ପୁଷ୍ପକ୍-ଯାନ୍ ଉତ୍‌ରିଁ ପର୍‌ଲା ରାମ୍ ନିସ୍ୱତି ମାନି
ସାନ ଆଶ୍ରମଟାକେଁ ଗୁଡ୍‌ଡୁ ଲୋକ ହେଲେ ସାନି । ॥୮୨॥

ନର୍ ବାନର୍ ଅସୁର୍ ଭାଲୁ କେତେ ଜାତିର୍ ଜୀବ୍
ଭରି ଭର୍‌ଦ୍ୱାଜ୍ ଆଶ୍ରମ୍ ଦିଶୁଛେ ଆଏଜ୍ ଅଜିବ୍ । ॥୮୩॥

ମୁନି ବାହାରି କୁରିଆ ଭିତ୍‌ରୁଁ କେତେ ଉଷଦ୍ ମନ୍
କେନ୍‌ସି ପ୍ରାଣୀ ନୁହେ ପାଏ କେଭେଁ କେହେନି ଧନ୍ । ॥୮୪॥

ଯୁହାର୍ ଆଶୀର୍ବାଦ୍ ପରେଁ ପଚ୍‌ରେଇ ଭଲ୍ ମନ୍ଦ୍
ଅଯୋଧାର୍ କୁଶଲ୍ କହି ମେଟାନ୍ ରାମର୍ ଦ୍ୱନ୍ଦ୍ । ॥୮୫॥

ରାମ୍ କହେଲେ ହନୁମାନ୍‌କୁଁ ଅଯୋଧାକେ ଯାଇ
କଥାବାର୍ତ୍ତା ହଇଁ ଆସ ଭେଟି ଭରତ୍ ଭାଇ । ॥୮୬॥

ରାଜ୍‌ଲକ୍ଷ୍ମୀ ଫାନ୍ଦେଁ ପକେଇ ପାରିଥିଲେଁ ଭରତ୍‌କେ
ସୁର୍‌ତା ନାଇଁ କରେଇନେବ ବାପା ମାଁର୍ ସରତ୍‌କେ । ॥୮୭॥

ଅଯୋଧ୍ୟାନେ ରାଜା ଭରତ୍ ଆମେ ରହେମା ଝାରେଁ
ଭରତ୍ ମନେ ନିରାନନ୍ଦ୍ ଭରିତ ନାଇଁ ପାରେଁ । ॥୮୮॥

ଜନ୍ ଜନ୍ କରି ଜନେଇ ନେଲେ ଋଷିକୁଁ ଶ୍ରୀରାମ୍
ମୁନି ଦେଖନ୍ ପାଏବେ ଯେନ୍ତା ନୂଆଁ କୁନୁଆଁ ଆରାମ୍ । ॥୮୯॥

ନନ୍ଦିଗ୍ରାମେ ଭରତ୍ ବସିଅଛନ୍ ସନ୍ଦିହାନ୍
ଚଉଦ ବରଷ୍ ସରି ଆସ୍‌ଲା ନାଇଁ ଆଏଲେ ରାମ୍ । ॥୯୦॥

କେନ୍ତା ଥିବା ଲକ୍ଷ୍ମଣ୍ ମୋର୍ କେନ୍ତା ଥିବେ ସୀତା
ସମକୁଁ ସମ୍ମୁଖେଁ ନାଇଁ ଦେଖି ଲାଗେ ପିତା । ॥୯୧॥

ଅବୁଝା ମାଁ ଅବୁଝ୍ ପର୍‌ଜା ଅବୁଝ୍ ନିଜର୍ ମନ୍
ରାମ୍ ବିହୁନେ ଅବିରାମ୍ ହୁଅନ୍ ଅପ୍ରସନ୍ । ॥୯୨॥

କହିଥିଲେଁ ଚଉଦ ବର୍‌ଷୁଁ ଛନ୍‌ଏ ହେଲେଁ ପାର୍
ଜଲ୍‌ତା ଜୁଏନେ ଭରତ୍ ପଶିଁ ହଇଁଯିବା ଖାର୍ । ॥୯୩॥

ଏ’ଦେ ଆଏବେ ସେ’ଦେ ଆଏବେ ଭାବି ଅଛନ୍ ଟାକି
କିଏ ଜନ୍‌ଏ ଆଇଛନ୍’ ଦରୁଆନ୍ ଦେଲା ଡାକି । ॥୯୪॥

ଧଡ୍ ପଡ଼ାନୁ ଉଠି ଭରତ୍ ହନୁ ଦୁଆର୍ ଦେଶେଁ
ଆସି ଠିଆ ଦେଖିଁ ରାମର୍ ଦୟା ବୁଝ୍‌ଲେ ଶେଷେଁ । ॥୯୫॥

ଚିତ୍ରକୂଟ୍ ଛାଡ୍‌ଲା ଦିନୁ ହେଲା ଯାହା ଯାହା
ଶୁନି ଭରତ୍ କର୍‌ଲେ କେତେ ରାମର୍ ବାଃ.. ବାଃ.. । ॥୯୬॥

ସାମେନ୍ ଦିହେଁ କଲେ କେତେ ଅସାମାଏନ୍ କାମ୍
ମାନବ୍ ଉପ୍‌ରେଁ ଅତିମାନବ୍ ଆ’ନ୍ ମୋର୍ ରାମ୍ । ॥୯୭॥

ପୁରୁଷ୍ ଭିତ୍‌ରେଁ ମହାପୁରୁଷ୍ ଉପ୍‌ରେଁ ମହାପୁରୁ
ଆନନ୍ଦ୍ ମୂର୍‌ତିର୍ ଆନନ୍ଦ୍ ନେଇ ବିଶ୍ୱେ ସାରା ପୂରୁ । ||୯୮||

ଶତ୍ରୁଘନ୍‌କେ ଡାକି ଡାକ୍‌ଲେ ମାତୃଗଣ୍‌କୁଁ ତୁର୍‌ତି
ରାମ୍ ଆଏବାର୍ ଜାନି ସମ୍‌କର୍ ମନେ ଆସେ ଫୁର୍‌ତି । ||୯୯||

ହନୁ କହେଲେ ଭରଦ୍ୱାଜ୍ ଆଶ୍ରମେ ରାମ୍ ଅଛନ୍
ଆସୁଥିବେ ଅଯୋଧ୍ୟାନେ ପୁହୁଁଚି ପାରନ୍ ଇଛନ୍ । ||୧୦୦||

ବଶିଷ୍ଠ୍ ସାଙ୍ଗେଁ ଶିଷ୍ୟ୍ ମଂଡଲ୍ ଜମା ହେଲେ ଜାନି
ସଭାସଦ୍ ସଭେ ସଭାଘରେ ହେଲେ ସାନି । ||୧୦୧||

ଭାଁଏ ବିରାଦର୍ ପ୍ରଓ ପର୍‌ଜା ହଇଁଗଲେ ଠୋଲ୍
ରାମ୍ ଆଏବାର୍ ଖବର୍ ସମ୍‌କୁଁ କରି ନେଇଛେ ଭୋଲ୍ । ||୧୦୨||

ରାମ୍ ଶୁଣିକେ ଯାଉ ଲାଗିଲନ୍ ନାଇଁ ଯା'ନ୍ କେ ଅଘେଇ
ସମ୍‌କର୍ ମନ୍ ରାମ୍ ଲକ୍ଷ୍ମଣ୍ ସୀତା ଆନ୍‌ବେ ଅଗେଇ । ||୧୦୩||

ସଭେ ଚାଲନ୍ ରାଜ୍ ରାସ୍ତାକେ ରାଜ୍ ଗୁରୁର୍ କହେଁ
ଅପାରୁ ବି ନାଇଁ କହେ ମୁଇଁ ହେଲେଁ ରହେଁ । ||୧୦୪||

ରାନୀମାନ୍‌କର୍ ସାଙ୍ଗେଁ ଚାଲନ୍ ଯୁବ୍‌ରାନୀକର୍ ଦଲ୍
ଦାସୀ ପରିବାରୀ ମିଶ୍‌ଲେ ବଢ଼େ ଚ଼ହଲ୍ ଗହଲ୍ । ||୧୦୫||

ଗୁରୁ ପୁରୋହିତ୍ ସାଙ୍ଗେ ଭରତ୍ ଶତ୍‌ରଘନ୍
ସେନା ସେନାପତି ପାରିଷଦ୍ ଜନ୍‌କେ ଜନ୍ । ||୧୦୬||

ଚିତ୍ରକୂଟୁଁ ଫିରେଇନେବେ ରାମ୍‌କୁଁ, ବଲିଁ ଦିନ୍‌ଏ
ଯାଇଥିଲେ, ଆଜିର୍ ଯିବାର୍ ନାଇଁ ଲାଗ୍‌ବାର୍ ଭିନ୍‌ଏ । ||୧୦୭||

ଛୁଆପୁତା ମାଁର୍ ଖାକେଁ ଯାଆନ୍ ହଇଁ ପାଇ
ଖନ୍‌ଗୁରାକେ ବାପର୍ ଖନ୍ଦେଁ, ହାତ୍ ଧରେ କାଁ'ର୍ ଆଇ । ||୧୦୮||

ଶୁଆ ସାରୀ ସାଙ୍ଗେଁ ପୁଷା କୁକୁର୍ ମାକର୍ ବିଲେଇ
ପଛେଁ ଚାଲନ୍ ଖେଦ୍‌ଲେଁ ବି ନାଇଁ ଯା'ନ୍ ପଲେଇ । ॥୧୦୯॥

ଗାଏ ଭଇଁସ୍ ଛେଲି ମେଣ୍ଢା ଚରଉଥିବାର୍ ଲୁକେ
ସେ ଦିଗ୍‌କେ ନିଅନ୍ ରାମ୍ ଶରଧା ନାଇଁ ଲୁକେ । ॥୧୧୦॥

ପବନ୍ ବୁହେ ସେ ଦିଗ୍‌ନେ ସୁଧୀର୍ ସୁତର୍ ହଇଁ
ଗଛ୍ ପତର୍ ସେ ଦିଗେଁ ଲହଁସି ଯାଆନ୍ ଲଇଁ । ॥୧୧୧॥

ରାମ୍ ଲକ୍ଷ୍ମଣ୍ ସୀତା ଦେଖ୍‌ଲେ ଚାଲିଁ ଆଉଛେ ଅବଧ୍
ଯାନ୍ ଯାତ୍‌ରୀ ଯାହା ଥିଲେ ସଭେ ହୁଅନ୍ ତବଧ୍ । ॥୧୧୨॥

ମାଁ ମାନ୍‌କୁଁ ଦେଖ୍‌ଲା ମାତ୍‌ରେଁ ରଥ୍ ଲାଗ୍‌ଲା ତଲେଁ
ଗୋଡ୍ ଧୂଇଲେ ରାମ୍ ଲକ୍ଷ୍ମଣ୍ ସୀତା ଆଁଖିର୍ ଜଲେଁ । ॥୧୧୩॥

କିହେ କାହାକୁଁ ଛାଡ଼ନ୍ ନାଇଁ ପୁଟ୍‌ଲା ପୁଟ୍‌ଲି ହଉଛନ୍
ବାକି ଯାତ୍‌ରୀ ଯାତ୍‌ରା ଭିତ୍‌ରେଁ ପୁତ୍‌ଲାମେତାଲ୍ ରହୁଛନ୍ । ॥୧୧୪॥

ରାମ୍ ଲକ୍ଷ୍ମଣ୍ ସୀତା ପାଇ ଭରତ୍ ଶତ୍‌ରଘନ୍
ଲାଗ୍‌ଲା ପାଇଁଗଲା ଲେଖେଁ ସରଗ୍ ମହରଗ୍ ଧନ୍ । ॥୧୧୫॥

ଭରତ୍ ଶତ୍‌ରଘନ୍ ରାମ୍‌କର୍ ପଡ଼ୁଥିଲେ ପାହେଁ
ତାହାର୍ ଆଗୁଁ ଟେକିନେଲେ ରାମ୍ ନିଜର୍ ବାହେଁ । ॥୧୧୬॥

ପୁଟ୍‌ଲାଇ ରାମ୍ ଦୁହିଭାଇକୁଁ କରିଦେଲେ ପାୟୀ
ଭୁଲ୍‌ନି ରହେଲେ ଭରତ୍ ଢେବ୍‌ରି ଶତ୍‌ରଘନ୍ ଭାଇ । ॥୧୧୭॥

ମାଁ ମାନ୍‌କଁର ଭିତ୍‌ରୁଁ ସୀତା ମୁକ୍‌ଲି ନାଇଁ ଥାଇ
ଭରତ୍ ଶତ୍‌ରଘନ୍ ଦେଖିଁ ତୁରନ୍ତ ଗଲେ ଧାଇଁ । ॥୧୧୮॥

ପାଏନ୍ ଛଲ୍ ଛଲ୍ ଆଏଁଖି ମୁହେଁ ଗହଦ୍ ବୁନ୍ଦା ବୁନ୍ଦା
କହ୍ କହ୍ ହନ୍ ମୁହଁମାନେ ନାଇଁ ପାରିଁ କୁନ୍ଦା । ॥୧୧୯॥

କିହେ କିଛି ନାଇଁ କହିଁ ବି ସଭେ ସବୁ ବୁଝୁଛନ୍
ଚଉଦ ବର୍ଷର୍ କନ୍ତର୍ ଗନି ସେନ୍‌ହେର୍ ଲାଗ୍ ଶୁଝୁଛନ୍ । ॥୧୨୦॥

ଦୂରୁଁ ଦିଶୁଥିଲେ ଗୁରୁ ବଶିଷ୍ଠ ମହାରଷି
ଭାଏ ଭାଉଜର୍ ସେନ୍‌ହେ ଶର୍‌ଧା ଦେଖିଁ ଥିଲେ ଖୁସି । ॥୧୨୧॥

ସୀତା ସାଙ୍ଗେଁ ଚାରିଭାଇ ପାହେଁ ପର୍‌ଲେ ଯାଇ
ମହାଖୁସିଥିଁ ମହାରଷି ଆଶିଷ୍ ଦେଲେ ଛାଇ । ॥୧୨୨॥

ରାମ୍ ପାଦର୍ କଠଉ ଆନି ଆସିଥିଲେ ଭରତ୍
ଦେଖି କହେଲେ ସରିଁଗଲା ଚଉଦ ବର୍ଷର୍ ବରତ୍ । ॥୧୨୩॥

କଠଉ ସ୍ମାର୍‌କ ରଖ ରାମ୍ ନିଜର୍ ପାହାତଲେଁ
ତାର୍ ଭାର୍‌କେ ଭରତ୍ ନିରତ୍ ଅଛନ୍ କଲ୍‌ବଲେଁ । ॥୧୨୪॥

ସଂସାର୍-ଭାର୍ ତୁମର୍ ଉପ୍‌ରେଁ କଠଉ ଉପରେଁ ତୁମର୍
କଠଉ ଭାର୍ ଭରତ୍ ବୁହେ ଧଏନ୍ ସେ ରାଜ୍ କୁମର୍ । ॥୧୨୫॥

କଠଉ ସାଙ୍ଗେଁ ରାଏଜ୍ ଭାର୍ ନିଅ ରାଜା ରାମ୍
ନିରତ୍ ଆରତ୍ ଭରତ୍ ପାଉନ୍ ଏତ୍‌କେଁ ଆରାମ୍ । ॥୧୨୬॥

ଟାକିଛେ ରାଜ୍ ସିଂହାସନ୍ ରାଜ୍ ମୁକୁଟର୍ ସାଙ୍ଗେଁ
ଦିନ୍‌ଏ ଅଧେ ନୁହେ ଚଉଦ ବରଷ୍ ଲାଗେଁ ଲାଗେଁ । ॥୧୨୭॥

ସେମାନ୍‌କୁଁ ମାଏନ୍ ଦେବ ରାଜ୍ ସଭାକେ ଚାଲ
ଏଛନି ନିଅ କଠଉ ସାର୍‌କ ପାଦ୍ ତଲେଁ ସଂଭାଲ । ॥୧୨୮॥

ମାଁ ସାଙ୍ଗେଁ ମାଏନ୍‌ତା ମାନ୍‌କୁଁ ପୁଷ୍ପକେଁ ବସେଇ
ରାମ୍ ଚାଲ୍‌ଲେ ପୁଓ ପର୍‌ଜାକୁଁ ହଁସେଇ ରସେଇ । ॥୧୨୯॥

ରାଜ୍ ସଭାନେ ହେଲା ଭିଡ୍ ଚାଲ୍‌ଲା ଅଭିଷେକ୍
ସେ'ନିର୍ ବର୍‌ନନା କାହିଁ ଧରାବା କବିର୍ ଲେଖ୍ । ॥୧୩୦॥

ଗୁରୁ କହେଲେ ସୁରୁ ହଉଁ ଅଭିଷେକ୍ ଉସ୍ଛବ୍
ବନ୍‌ବାସ୍ ଗଲେ ରାଜା ରାମ୍ ଜାନିଛନ୍ ତ ସବ୍ । ॥୧୩୧॥

ସେ ହିଁ ହେବେ ଅଭିଷେକ୍ ଆଡ଼ମ୍ବର୍ ନୁହେ ଦର୍କାର
ଭରତ୍ ହାତେଁ ଚଲୁଥିଲା ତ ରାମ୍ ରାଜାର୍ ସର୍କାର୍ । ॥୧୩୨॥

ସମ୍‌କର୍ ମୁହେଁ ରାମ୍ ରାମ୍ ଆନନ୍ଦ୍ ସବୁ ମନେ
ତୋଷ୍ କଲେ ରାମ୍ ସମ୍‌କୁଁ ମାନ୍ ସମ୍ମାନ୍ ଧନେ । ॥୧୩୩॥

ସୁଗ୍ରୀ ବିଭୀଷଣ୍ ଅଂଗଦ୍ ଜାଂବବ୍ ହନ୍‌ମାନ୍
ନିଜେଁ ରାଜା ହେଲା ଲେଖେଁ ହଏ ଅନ୍‌ମାନ୍ । ॥୧୩୪॥

ସିଂହାସନେ ରାମ୍ ସୀତା ପାଶେଁ ତିନ୍‌ହି ଭାଇ
ଆଲଟ୍ ଚାମର୍ ଚାଲନ୍, ହନୁ ପାହାନେ ବସେଯାଇ । ॥୧୩୫॥

ବଶିଷ୍ଠ ପଢ଼ନ୍ ମନ୍ତର୍ ସୁମନ୍ତର୍ ଦେଖିରେଖି
ଭିତ୍‌ରେଁ ସୁତ୍‌ରେଁ ପାତ୍‌ରେଁ ସର୍‌ଲା ରାମ୍ ଅଭିଷେକ୍ । ॥୧୩୬॥

❑

# ଉତ୍ତରା-କାଁଣ୍ଡ୍

## ପଦେ କହେଲେଁ ଯାଇ

ଜୁନ୍ ମାସର ଶେଷ୍ ଆଡ୍‌କେ (୨୩.୬.୯୬) ଲଂକା କାଁଣ୍ଡ୍ ଲେଖା ସର୍‌ଲା । ମାସେ ନୁ ଅଏଧିକା ବାଗିର୍ ହେଲାନ ଉତ୍ତରା କାଁଣ୍ଡ୍ ଲେଖିମି ଲେଖିମି ବଲିଁ ଭାବୁଥିଲେଁ ବି ଲେଖିନାଇଁ ହେଲା । ଏନ୍ତା ଅନେକ୍ ଥର୍ ଭାବ୍‌ନା ସଟ୍‌କିଛେ କଲମ୍ ଅଟ୍‌କିଛେ ଇ ରାମ୍-ରାହା ଲେଖିବାର୍ ଭିତ୍‌ରେଁ । ଫେର୍ ଲେଖାନେ ବାଲା ଛିଡ୍‌ଲା ଭାବ୍‌ନାର୍ ସୂତାକେ ଯୁରିଛେ । କଲମ୍ ଚଲେଇଛେ । ଇ ଥରର୍ ଲେଖିଲା କଲମ୍ ଶେଷତକ୍ ଚଲ୍‌ଲେଁ ହେଲା ।

ଜୁଲାଇ ମାସେଁ ପଣ୍ଡିଚେରୀ ଯାଇଥିଲିଁ । ସେ ନେ ସାଧକ୍ ବିଦ୍ୱାନ୍ ଶ୍ରୀ ମଧୁସୂଦନ ମିଶ୍ର ଆର୍ ଉନିଆଁ ମାତୃଭକ୍ତ କେତେ ଜନ୍ ଲଂକା କାଁଣ୍ଡ୍ ଶୁନି ବହୁଏ ସହରାଲେ । ରାମ୍‌ରାହା ତ୍ରୁଟି ସାର୍‌ବାକେ ଖାଲି ତହଁକାଲେ ନାଇଁତ, ନୂଆଁ ପୁରାନ୍ ଗୁଟେ ବି ସମଲ୍‌ପୁରୀଥିଁ ଫେର୍ ଲେଖିବାକେ କହେଲେ । ସେମାନକର୍ ସହରାବାର୍‌ଟା ବି ଉତ୍ତରା କାଁଣ୍ଡ୍ ଲେଖିବାକେ ତହଁକ୍ ଆନ୍‌ଲା ।

ବିଦ୍ୱାନ୍ କବି ପ୍ରାବଂଧିକ୍ ଶ୍ରୀ ନୀଳମାଧବ ପାଣିଗ୍ରାହୀ, ସମୀକ୍ଷା-ସାହିତ୍ୟର ରଜା ମେଡାଲ୍ ପଣ୍ଡିତ୍ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା, ପ୍ରକୃତିବଂଧୁ ଆର ଅନେକ୍ ବହିର୍ ଲେଖକ୍ ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ, ଅଂଚଲର୍ ଗୁରୁ ଲେଖେଁ ବିଦ୍ୱାନ୍ କବି ଶ୍ରୀମାନ୍ ଗଂଗାଧର୍ ଗୁରୁ, ସମଲ୍‌ପୁରୀ ଉପନ୍ୟାସ୍‌ନେ ଯେନ୍ ଜନ୍‌କ ସାଫୁଲ୍ ହଇଛନ୍ ଶ୍ରୀ ଧନପତି ମହାପାତ୍ର ଆର୍ ବନିହାଁ ସମଲପୁରୀ ସାହିତ୍ୟକେ ଭଲ୍ ପାଉଥିବାର୍ ବଂଧୁ ଲଗାଏଦ୍ ଲଗେଇଛନ୍ ଯେ ରାମ୍-ରାହା କେନ୍ତା ହିଁ ସରୁ। ସେ ସବୁର୍ ଫଲ୍ ଫେର୍ ଉତ୍ତରା କାଁଣ୍ଡ୍ ଲେଖଉଛେ । ଯଦ୍‌ରପି କିଛି ଭଲ୍ ବାହାର୍‌ବା ତ ସେ ସବୁ ହେଁ ବଂଧୁମାନ୍‌କର ଭାଗେଁ ପର୍‌ବା ଆର୍ ଖରାପ୍ ଯେତେ ମୋହରି ହିଁ ଆଏ ।

ଲେଖିସିଁ ତ କାଣା ହଉଛେ ଯେ ।

**ହେମଚନ୍ଦ୍ର ଆଚାର୍ଯ୍ୟ**

# ପାଉଚ୍-୧

# ରାବଣର୍ ଜନମ୍ କଥା

ଏ ଦେ ଏ ଦେ ସକାଲ୍ ପାହୁନ୍ଛେ ବେଲ୍ ଉଦେ ଲାଲ୍
ଦିନ୍ ରାତିର୍ ପାହାପାଟିଁ ଚାଲେ ମହାକାଲ୍ । ॥୧॥

ମହାକାଲ୍‌ର ତୁଷ୍ଟି ପଛେ ପୁର୍ଥୀ ଚ଼ରେର୍ କଁଠେଁ
ସାଆଁଟି ରଖେ ସୂରୁଯ୍ ବାଆଁଟିଲା ଖରା ଅଁଟେଁ । ॥୨॥

ଉଷତ୍ ହଇଁ ହଁସେ ସଏତ୍ ଫୁଟା ଫୁଲେଁ ଫୁଲେଁ
ସର୍‌ଜନା-କର୍‌ତାକେ ସଁପି ସଜେଇ ରଖେ କୁଲେଁ । ॥୩॥

ପଦୁଁ ଫୁଲ୍ ଉଡ୍‌କିଁ ଉଠେ ପାଏନ୍ ଭିତର୍‌ର୍ ହଦୁଁ
ସାଧୁର୍ ସତ୍ ଚିନ୍ତା ଯେନ୍ତା ଖରାପ୍ ଥିତି ମଧୁଁ । ॥୪॥

ରାମ୍- ଭଜନ୍ ଗଇଁକିଁ ଉଠେ ବାଲ୍‌ମିକୀ ଆଶ୍ରମେ
ଯମକ୍ ଧରେ, ଜମ୍‌ଲା ଲୁକର୍ ମନ୍ ଘାଏକେଁ ଥମେ । ॥୫॥

ଲେଖ୍‌ଲା ରାମେଣ୍ ପୁଥି ଥୁଇଁ ମୁନି ଗାଏଲେ "ରାମ୍ !
ପରମ୍ ପୁରୁଷ୍ ବର୍‌ହମ୍ ମୂର୍‌ତି ନିତ୍ୟ ଆନନ୍ଦ୍ ଧାମ୍ । ॥୬॥

ଶାନ୍ତି ସଂଗେଁ ସନ୍ତୋଷ୍ ଦିଅ ବୁଲିଁ ବୁଲିଁ ଧରା
ଅଶାଂତ୍ ଅସନ୍ତୁଷ୍ଟ ସବ୍ ସହଜେଁ ପଡ଼ନ୍ ଧରା । " ॥୭॥

ଶୁନ୍‌ଲା ଲୁକ୍‌କୁଁ କହେଲେ ମୁନି ଲଂକା କାଁଡ଼୍ ସର୍‌ଲା
ଶୁନ୍‌ଲତ ପୁଓ ନାତି ଧରିଁ ରାବଣ୍ ମର୍‌ଲା । ॥୮॥

ଉଷତ୍ କୁଶ ମୁନିର୍ ପାହେଁ ପରି କହେଲା "ବାବା
ଅପୂର୍ବ୍ ଅସୁର୍ ବଲ୍ ସମ୍‌ରଥ୍ ଶୁନି ଲାଗେ କାବା । ॥୯॥

କା'ର୍ ଅଂଶେଁ କେନ୍ ବଂଶେଁ ରାବଣ୍ ହେଲା ଜାତ୍
ସରଗ୍  ପୁର୍ ଜିତିଁ କଲା ଚଉବରଗ୍ ହାତ୍ । ॥୧୦॥

କେନ୍‌ନୁ ପାଏଲା ଏତେ ସୁନା କଲା ସୁନାର୍ ଲଂକା
ଦେ'  ଦେବ୍‌ତା ଦେଖ୍‌ଲେଁ କଲେ ଅନୁଖନୁ  ଶଂଖା । ॥୧୧॥

ଯେନ୍‌କେ ଯେଭେଁ ଚାହେଁ ଯାଏ ପାଇ ପୁଷ୍ପକ୍ ଯାନ୍
ଘିଚା ନାଇଁ କି ଖର୍‌ଚା ନାଇଁ ସେ ଯାନ୍ ମହାନ୍ । ॥୧୨॥

ପୁଓ ନାତି ଭାଏ ବିରାଦର୍ କାହାକେ କର୍‌ବା ସାନ୍
ଯାହାକେ ଦେଖ୍‌ବ ଏକୁ ଆର୍‌କ ବଳିଁ ବଳିଆନ୍ । ॥୧୩॥

ରାବଣ୍ ବଅଁଶର୍ କଥା ଶୁନ୍‌ବାର୍ ଲାଏକ୍ ଯଦ୍‌ରି ଆଏ
ସେ କଥାକେ ଦୟା କରି କହି ନେତ ଘାଏ । ॥୧୪॥

ଶୁନୁଥିବାର ଲୋକ୍ ସଭେ କୁଶର୍ କଥା ଶୁନି
''କହେଲେ ଭଲ୍ କହେ କୁଶ କହ ମହାମୁନି'' । ॥୧୫॥

ରାମ୍ ଆର୍ ମୁନି ମର୍‌ଲୀର୍ କଥା ବାର୍‌ତା ଯ ାହା
କହେଲେଁ ସେ କଥା ଆଏବା ଶୁନ୍‌ଲେଁ ଜାନ୍‌ବ ତାହା । ॥୧୬॥

ଶୁନ୍‌ଅ ତିନେ ବନ୍‌ଏ କରି କହୁଛେଁ ସେ ପର୍‌ସଙ୍ଗ
କାଁ କରି ତୁମର୍ ଜାନ୍‌ବାର୍ ମନ୍ କର୍‌ମି ଭଙ୍ଗ । ॥୧୭॥

ମୁନି କହେଲେ ପୁହୁଁଚିଲା  ପରେ  ରାମ୍ ଅବଧ୍‌ଧାମ୍
ମୁନି ମଂଡ଼ଲି ଠୋଲ୍ ହେଲେ ଦେଖ୍‌ବାର୍ କେ ରାମ୍ । ॥୧୮॥

ଭଲ୍ ଅସାର୍ ପଚାର୍ ଉଚାର୍ ଦୁହି ପକ୍ଷୁଁ ସର୍‌ଲା
ମୁନି ତର୍‌ଫୁଁ ଅଗସ୍ତିକୁଁ କହେବାର୍ ଭାର୍ ପର୍‌ଲା । ॥୧୯॥

କହେଲେଁ ରାମ୍ ଶକ୍ତି ଧାମ୍ ତୁମର୍ ବାହାର୍ ବଳେଁ
ରାବଣ୍ କୁଂଭ୍ କରନ୍ ବୀର୍ ଶୁଇଲେ କଳେଁ କଳେଁ । ॥୨୦॥

ହେଲେଁ ଇନ୍ଦ୍ରଜିତ୍ ମେତାଲ୍ ଅଜାନ୍ ବାହୁ ବୀର୍
ଆଶ୍‌ରିଯ୍ ଆଏ ଲକ୍ଷ୍ମଣ୍ ହାତେଁ ଦେଲା କେନ୍ତା ଶିର୍ ? ।।୨୧।।

ରାମ୍ କହେଲେ ରାବଣ୍ କୁଂଭକରନ୍ ବୀର୍ ନୁ ଜିତି
ଜହ ବର୍‌କଷ୍ ଆଏ କାଏଁ ଇନ୍ଦ୍ରଜିତର୍ ଥିତି ? ।।୨୨।।

''ନିଶ୍ଚେ ଆଏ, ନାଇଁ ଜାନି କାଏଁ ? କହେଲେ ମୁନି
ସତ୍ କର୍‌ବେ ଲୋକ୍ ବଲିଁ ଆମର୍ ମୁହୁଁ ଶୁନି । ।।୨୩।।

ଇନ୍ଦ୍ରଜିତ୍‌ର୍ ଭକ୍ତି ସାଂଗେଁ ଶକ୍ତି ଥିଲା କେତେ
ହେଁ ଥିର୍ କାଯେଁ କହେମି ଅସୁର୍ ଜନମ୍ କରମ୍ ଯେତେ । ।।୨୪।।

କହେଲେ ମୁନି ''ସତ୍ୟ ଯୁଗେଁ ପୁଲସ୍ତ୍ୟ ମହର୍ଷି
ସୁମେରୁ ପର୍‌ବତ୍ ତଲେଁ ତପ୍ ଖଟ୍‌ଲେ ବସି । ।।୨୫।।

ପାଶେଁ ଥିଲା ତୃଣବିନ୍ଦୁ ତପସ୍ୱୀକର୍ ଆଶ୍ରମ୍
ମନ୍ ରହେବା ନୁକୋ ଜାନି ଠାନ୍‌ଟା ମନୋରମ୍ । ।।୨୬।।

ହେଲେଁ ସେନେ ଯକ୍ଷ୍ ଗନ୍ଧର୍ବ ଦେବ୍ ଟୁକେଲ୍ ଦଲ୍
ବିଘ୍ନୋ କଲେ ବି ନାହାକେଁ ହଇଁ କଲ୍ କଲ୍ । ।।୨୭।।

ଋଷି କହେଲେ ଯା'ର୍ ଉପରେଁ ନଜର୍ ମୋର୍ ପର୍‌ଲେଁ
ବିନ୍ ବାପେଁ ସେ ମାଆଁ ହେବା ନାଇଁ କଟେ ଯାହା କର୍‌ଲେ । ।।୨୮।।

ଶୁନ୍‌ଲା ଟୁକ୍‌ଲେ ନାଇଁ ଆଏଲେ, ତୃଣବିନ୍ଦୁମୁନି
ଟାକର୍‌ଝି ଆଏଲା ଆଦୁ ସେ ସବ୍ ନାଇଁ ଶୁନି । ।।୨୯।।

ତୃଣବିନ୍ଦୁ ଜାନି ଝି ହେବାର୍ ଗରଭ୍‌ବତୀ
ଯାଇ କହେଲେ ଯାହା କର୍‌ବ କର ପଉଲସ୍ତି । ।।୩୦।।

ତାର୍ ସେବାନେ ଖୁସି ହଇ ଋଷି ଦେଲେ ବର୍
ଦୁହି କୁଲ୍‌କେ ହିତ୍ କର୍‌ବାର୍ ପୁଓ ଜନମ୍ କର୍ । ।।୩୧।।

ସତ୍‌କେ ସତ୍ ପୁଓ ହେଲା ବିଶ୍ରବା ତାର୍ ନାମ୍
ମାଁ ଗର୍‌ଭେଁ ଶୁନୁଥିଲା ବଲି ବେଦ୍‌ଗାନ୍ । ।।୩୨।।

ବିଶ୍ରବାର୍ ସୁବେଭାର୍ ଦେଖି ହଇ ଖୁସି
ଦେବ ବର୍ଣ୍ଣନୀ ଝି'କେ ଦେଲେ ଭରଦ୍ୱାଜ୍ ଋଷି । ।।୩୩।।

ତାର୍ ଗର୍ଭୁଁ ବିଶ୍ରବାର୍ ପୁଓ ହେଲା ଜନମ୍
ବିଶ୍ରବାର୍ ପୁଓ ବଲି ନାଆଁ ବଇଶ୍ରବଣ୍ । ।।୩୪।।

ମହାନ୍ କଠିନ୍ ତପ୍ କର୍‌ଲା ସାଧୁ ସୁନ୍ଦର୍ ପିଲା
ଦେବ୍‌ତା ମାନ୍‌କୁଁ ନେଇ ବ୍ରହ୍ମା ପୁହୁଁଚିଲେ ଯାହିଁଥିଲା । ।।୩୫।।

ମନ୍‌ମାନା ବର୍ ଦେଲେ ତାହାକେ କଲେ ଧନେଶ୍ୱର୍
ପୁଷ୍ପକ୍ ମନୋଯାନ୍ ଦେଲେ ବୁଲ୍‌ବା ମନ୍‌ଭର୍ । ।।୩୬।।

ସବୁ ଥାଇ ଘର୍ ନାଇଁ ବନ୍ ଘରେଁ କା ସଂସାର୍
ବାପ୍‌କେ ଯାଇ କହେଲା କାହିଁ ରହେମିଁ କର ସାର୍ । ।।୩୭।।

ବିଶ୍ରବା ଋଷି କହେଲେ ବାବୁ, ସୁନ୍ଦର୍ ସୁନାର୍ ଘର୍
ତୋର୍ ଯିବାକେ ବାଟ୍ ଦେଖୁଛେ ସେ' ନିକେ ବାଟ୍ ଧର୍ । ।।୩୮।।

ଦକ୍ଷିଣେ ଅଛେ ମହାସାଗର୍ ମଝିଁ ତ୍ରିକୂଟ୍ ଗିରି
ତାର୍ ଉପ୍‌ରେଁ ଲଂକା ନଗର୍ ଧରି ସରଗ୍ ଶିରୀ । ।।୩୯।।

ବିଶ୍ୱକର୍ମ୍ମା ବନେଇ ଥିଲେ ଦଏତ୍ ରହେବେ ବଲି
କି ହେ ନାଇଁନ ସେ'ନିକେ ତୁଇଁ ତୁର୍‌ତି ଯା' ଚଲି । ।।୪୦।।

ଉଷତ୍ ହଇଁ କୁବେର୍ ଗଲା ଲଂକେଁ କଲା ବାସ୍
ସରଗ୍ ପୁରୀ କେହେନି ମିତ୍‌ରେଁ କାହିଁ ଯିବା ପାଶ୍ ? ।।୪୧।।

ଧନେଶ୍ୱର୍ ପାଇ ସୁନାର୍ ନଗର୍ ପୁଷ୍ପକ୍ ଯାନ୍
ସମ୍‌କର୍ ଆଖିଁ ଆଏ ଆଏଇ୍ ମହା ଭାଗ୍ୟବାନ୍ । ।।୪୨।।

ଦଏତ୍ ସଭାବ୍ ପରର୍ ଶିରୀ ଦେଖେଲେଁ ନୁହେ ସହି
ଶୁନି ଭାବ୍‌ନା ବନା ଦେଖିଁ ଦିହ୍‌ଟା ହଏ ଦହି । ॥୪୩॥

ସୁମାଲୀ ଦଏତ୍ ଭାବ୍‌ଲା ମୋର୍ ଅଂଶେଁ ବଂଶେଁ ଏନ୍ତା
ପିଲା ପିଦ୍‌କାଟେ ହେଲେଁ ମୋର୍ କେତେ ଭାଏଗ୍ ହେତା । ॥୪୪॥

କେକେଶୀ ତାର୍ ଝି ଥିଲା ସୁନ୍ଦରୀ ଷୁଲହ ବଏସୀ
ପର୍ ଘରକେ ଝିର୍ ଜନମ୍ ବାପ୍‌ଘରେଁ କେନ ରହେସି ? ॥୪୫॥

କହେଲା " ଝିରେ ! ଯେନ୍ତା ହେଲେଁ ବିହା ବଏସ୍ ହେଲାନ
କୁଆଁରୀ ରହେବୁ କେତେ କାଲ୍ ବାପର୍ ଅବ୍‌ହେଲାନ୍ । ॥୪୬॥

ବିଶ୍ରବା ଋଷିକୁଁ ଯାଇ ବରି ପକାପତି
କୁବେର୍ ଲେଖେଁ ପୁଓ ପାଏବୁ ରୂପ୍-ଧନ୍‌ବାନ୍ ଅତି । ॥୪୭॥

ଯେନ୍- ସୁଖ୍ ତୁଇଁ ଚାହେଁବୁ ଆଏବା ଆପେଁ ତୋର୍ ହାତ୍
କୁରୁତ୍ କରୁତ୍ ଲାଗ୍‌ବା ତତେ କରି ଜନମ୍ ଜାତ୍ । ॥୪୮॥

ବେଲ୍ ଯାଉଛେ ବୁଡ଼ି ବୁଡ଼ି ମାଡ଼ି ଆଉଛେ ଅଁଧାର୍
ବିଶ୍ରବା ଆଶ୍ରମ୍‌କେ ଗଲା ଧରିଁ ବଏସର୍ ଭାର୍ । ॥୪୯॥

ବଏସ୍-ଭରା ଦିହ୍ -ରୁଖାର୍ ଉପ୍‌ରେଁ ରୂପର୍ ବଏଠା
ଜାଲେ ପୁରୁଷ୍ ପନିଆଁ -କୀଡ଼ା ଥାବେଁ କାଏଁ ରହେତା । ॥୫୦॥

ଋଷି ଦେଖିଁ ଯୁଆନ୍ ଟୁକେଲ ଧିଆନ୍ ବଲେଁ ଜାନ୍‌ଲେ
ତାର୍ କାମ୍‌ନା ଯାଣା ଆଏ କଥିଁ କଥାକେ ଆନ୍‌ଲେ । ॥୫୧॥

ପୁଓ ପାଏବାର୍ ଆଶା ସିନା ହେବା ତାର୍ ସାଫୁଲ୍
ଯେନ୍ ପର୍‌କାର୍ ପୁଓ ପାଏବା ଜଗତ୍ ହେବା ଆକୁଲ୍ । ॥୫୨॥

କଇ କେଶୀର୍ ପୁଓ ହେଲେ ରାବଣ୍ କୁଂଭ୍ କରନ୍
ତାକର୍ ପିଠିଁ କୁଲାନାକୀ ସୁପ୍‌ନଖୀର୍ ଆଏ ଜନମ୍ । ॥୫୩॥

ସେ ମାନ୍‌କର୍ ପର୍‌ଚେ କା'ଣା ଦେମି ? ତୁମେ ଜାନି ଛ
ତାକର୍ ବିଚାର୍ ଆଚାର୍ ବଲ୍ ବଫୁ ସବୁ ଗନିଛ । ॥୫୪॥

ତାହାର୍ ପରେଁ ଜନମ୍ ନେଲେ ସାଧୁ ବିଭୀଷଣ୍
ତୁମର୍.ଭଗଦ୍ ଦଏଡ୍ କୁଲର୍ ଅମୋଲ୍ ବିଭୂଷଣ୍ । ॥୫୫॥

ତିନ୍‌ହି ଭାଇ ତପ୍ ଖଟ୍‌ଲେ କଠିନ୍ ନୁ ବି କଠିନ୍
ସଂତୋଷ୍ ହଇଁ ବ୍ରହ୍ମା ଦେଲେ ବର୍ ବି ଭିନ୍ ଭିନ୍ । ॥୫୬॥

ରାବଣ୍ ମାଗ୍‌ଲା ଦେବ୍-ଦାନବ୍ ଯଏଖ୍ ଗଂଧର୍ବ କିହେ
ମାରି ନାଇଁ ପାର୍‌ବା ହେଲେଁ ଅମର୍ ହେବା ସିଏ । ॥୫୭॥

ନର୍ ବାନର୍ ବାକି ଜୀବ୍ ତ ସହଜେଁ ଆ'ନ୍ ଆହାର୍
ତାର୍ ସାମ୍‌ନାକେ ଆଏବା କେ ? ସାହାସ୍ ଅଛେ କାହାର୍ ? ॥୫୮॥

କୁଂଭ୍ କରନ୍ କହେ ତପ୍ ଖଟିଁ ଲାଗେ ଅଥା
ଛ' ମାସିଆ ନିଦ୍ ଦେ' ଯେ ଯିବା ଦିହର ବଥା । ॥୫୯॥

ଛେଦ୍‌ଲି ପୁଓ ବିଭୀଷଣ୍ କହେଲା ଧରମ୍ ବାଟ୍
ଦିଶୁ ମତେ ଅନୁଖନୁ ସିଧା ଛାଟେଁ ଛାଟ୍ । ॥୬୦॥

ସମ୍‌କୁଁ ସବୁ ଦେଇ କହେଲେ ହସି ହସି ବ୍ରହ୍ମା
ନାଇଁ ପାରନ୍ ମରି ତୋର୍ ମେତାଲ୍ ଧରମ୍-କର୍ମା ॥୬୧॥

ମନ୍ ଜାନି କାମ୍ ମିଲ୍‌ସି କାମ୍ ଜାନି ଫଲ୍
ମିଲେ, ଇଆଡ୍ ସେଆଡ୍ ନୁହେ ଖରାପ୍ କହ କି ଭଲ୍ । ॥୬୨॥

ରାବଣ୍ ପାଏଲା ମହାନ୍ ଶକ୍ତି ସବୁକେ ସାମ୍‌ରଥ୍
ନାତିର୍ ଖ୍ୟାତି ପୂରା କଲା ସୁମାଲୀ-ମନୋରଥ୍ । ॥୬୩॥

ରାବଣ୍ ନିକେ ଆସି କହେଲା ମାଁର୍ ବୁଆ ଅଜା
ଲଂକା ଗଡ୍ ଆବ୍‌ରି ମାର୍ ଜୀବନ୍ ଭର୍ ମଜା । ॥୬୪॥

ଦଏତ୍ କୁଲ୍ ଲାଗି ବନା ଥିଲା ସୁନାର୍-ଲଂକା
ଦଏତ୍ ଅଏରି କୁବେର୍ ତାହିଁ ରାଜ୍ କରେ ନିଶଂଖା । ।।୬୫।।

ରାବଣ୍ କହେଲା କେନ୍ତା କହେସ ବଡ୍‌ଭାଇ ପରେ ଆଏ
ଆମର୍ ଅନିଷ୍ଟ୍ କରେଁ ନାଇଁ ତାର୍ ଭାବେଁ ସେ ଥାଏ । ।।୬୬।।

ଅଜା କହେଲା ରଜା ହେବୁ ଜାନିନେ ରାଜ୍‌ନୀତି
ନୀତି ନିୟେ ପାଶ୍‌ରି ଦେଖ୍‌ବୁ ତାହେଲେ ନିଜର୍ ଥିତି । ।।୬୭।।

ତାର୍ ନେ ଅଛେ ସୁନାର୍ ଲଂକା ପୁଷ୍ପକ୍ ମନୋଯାନ୍
ରଜାର୍ କାଯେଁ ପହେଲା ଦର୍କାର୍ ନାଇଁ ଜାନି ହେଲେଁ ଜାନ୍ । ।।୬୮।।

କହେଲେଁ ମାନ୍‌ବା ଯଦ୍‌ରି ଭଲ୍ ନେହେଲେଁ ଦେଖା ବଲ୍
ପଲକ୍‌ଟେ ବି ବିଲମ୍ ହେଲେଁ ତତେ ଅମଂଗଲ୍ । ।।୬୯।।

ଲଂକା ଛାଡ୍‌ଲା କୁବେର୍ ଜାନି ଭଗାରି ହେଲା ଭାଇ
ଭାଏ ବହେନ୍ ଲଂକେଁ ରହି ଧନେ ହେଲେ ବାଇ । ।।୭୦।।

କୁବେର୍ ଯାଇ କଏଲାସ୍‌କେ ତପେଁ ତୁଷି ଶଂକର୍
ବିଶ୍ୱକର୍ମାର୍ ହାତେଁ କରାଲା ଅଲ୍‌କା ଯେନ୍ତା ଘର୍ । ।।୭୧।।

ଦିତି ର୍ ପୁଓ ମୟ୍ ଦାନବର୍ ଝି' ମଂଦୋଦରୀ
ସୁଂଦ୍‌ରୀ ପନେ ଯୁଲି ନାଏଁନ ତିନ୍‌ହି ଭୁବନ୍ ଧରି । ।।୭୨।।

ମାୟାବୀ ଦୁଂଦୁଭିର୍ ବହେନ୍ ମାଁ ଅପ୍ସରୀ ହେମା
ରୂପ୍ ଲାଏବନ୍ ଲୁଭ୍ ଲୁଭାନି ଦାନବ୍ ରାଜ୍‌ଜେମା । ।।୭୩।।

ରାବଣ୍ ରଜାର୍ ବଲ୍ ସଂବ୍‌ଲେଁ ତୁର୍‌ତି ହଇଁ ମୋହିତ୍
ଝିକେ ସଁପି ଶକ୍ତି ସଂପ୍‌ଲା ମାନି ଦୁହିକର୍ ହିତ୍ । ।।୭୪।।

ମୟ ଦାନବର୍ ସେ ଶକ୍ତି ଥିଲା ରାବଣ୍ ହାତେଁ
ମରଣ୍-ମୂର୍ଚ୍ଛାଗଦ୍ ଲକ୍ଷ୍ମଣ୍ ସେ ଶକ୍ତି ଘାତେଁ । ।।୭୫।।

ବୈରୋଚନର୍ ଝି' ବୃତ୍ର-ଜ୍ୱାଲା ସୁଲୋଚନା
କୁଂଭ୍ କରନର ହାତ୍ ଧରାଲା ରାବଣ୍ ମହାମନା । ॥୭୬॥

ଗଂଧର୍ବ' ରାଜ୍ ଶୈଲୁଷର୍ ଝି' ସର୍ମା ନାଆଁ
ବିଭୀଷଣ୍‌କେ ବରି ହେଲା ତରଣୀସେନର୍ ମାଆଁ । ॥୭୭॥

କାଲ୍ ଖଂଜର୍ ବଂଶେଁ ଜନମ୍ ବିଦ୍ୟୁଜ୍ଜିଭ୍ ଅସୁର୍
ପତି କଲା ସୂପନଖୀତ ନିରତ୍ କାମେ ଆତୁର୍ ॥୭୮॥

ରାବଣର୍ ପରୁହାଁ ପୁଓ ମଂଦୋଦରୀନୁ ଜନମ୍
ଜନ୍‌ମିଲା କି ମେଘମେତାଲ୍ ଗର୍‌ଜିଲା ହରଦମ୍ । ॥୭୯॥

ହେଁଥିର୍ ଲାଗି ନାଁ ହେଲା ଜନ୍‌ମୁ ମେଘନାଦ୍
ରକ୍ଷକୁଲର୍ ଭୂଷଣ୍ ଧରାର୍ ବିପଦ୍ ନିର୍ବିବାଦ୍ । ॥୮୦॥

ଯୁଆନ୍ ଯୁବରାଜ୍ କଲା ଯଜ୍ଞ ମହାନ୍ ମହାନ୍
ବଲେଁ ବର୍ଲି ଯିବା ନାହିଁ ହେନ୍ତା ବଲୀଆନ୍ । ॥୮୧॥

ବଗ୍‌ଚା ଗୁଟେ ଥିଲା ତାର୍ ନାଆଁ ନିକୁଂଭିଲା
ମେଘ୍‌ନାଦ୍ ଯାଇ ଅପ୍ରମାଦେଁ ଯଜ୍ଞ କରୁଥିଲା । ॥୮୨॥

ରାବଣ୍ ଯାଇ ପୁହୁଁଚିଲା ତାହିଁ କହେଲେ ଶୁକ୍ରଋଷି
ମେଘ୍‌ନାଦ୍ ପାଏ ଆମୋଘ୍ ଶକ୍ତି ଶୁନି ହେଲା ଖୁସି । ॥୮୩॥

ମହାଦେବ୍ ଦେବାର୍ ବର୍ ସବୁ କହେଲେ ଋଷି
ରଥ୍‌ଟେ ପାଏବା ଚାହେଁଲେ ଆଏବା ଚ଼ଲାବା ମନ୍‌ଖୁସି । ॥୮୪॥

ସେ ରଥେଁ ଥାଇ ଲଢ଼େଇ କଲେଁ କେଭେଁ ନାଇଁ ହ ।ର୍
ସେ ରଥର୍ ବିନାଶ୍ ନାଇଁ କେଡେ ଚ଼ମ୍‌ତ୍କାର । ॥୮୫॥

ତାମ୍‌ସୀ ବିଦ୍ୟା ପାଏ ଥାଏ ତଥାପି ବିଶେ ନାଇଁ
ଅଦୃଶ୍ ଥିବା ଯୁଦ୍ଧେଁ ତାହାକେ ଅସ୍ତର୍ ବାଜ୍‌ବା କାହିଁ ? ॥୮୬॥

ମାର୍‌ବା ଶର୍‌ଶତ୍‌ରକେ ଶତ୍ରୁ ନାଇଁ ଦେଖେ
ଏତା ଶସ୍ତ୍ରୀର୍, କଥା କେଭେଁ କେନ୍ ଶାସ୍ତର୍ ଲେଖେ ? ॥୮୭॥

ଅବ୍ୟର୍ଥ୍ ଶର ଦେଇଁ, ଦେଲେ ଅସରା ଶର୍‌ମୁନା
ଗୁଟେ ମାଏଲେଁ ଉପ୍‌ଜୁଥିବା ଶର୍ ତାହିଁ ଚାଏର୍ ଗୁନା । ॥୮୮॥

ରାବଣ୍ କହେଲା "ଆମର୍ ଅଏରି ଦେବ୍‌ତାମାନ୍‌କର୍ ପୂଜା
କରି ବର୍‌କସ୍ କର୍‌ବାର୍ ନୁହେ ଦେଇ ବଲି ଭୂଜା । ॥୮୯॥

ଯାହା କଲୁ କଲୁ ବାବୁ ! ଏତ୍‌କେଁ କର୍ ବନ୍ଦ
ଦଏତ୍ କୁଲ୍‌କେ ଦେବ୍‌ତା ବେଭାର୍ ସବୁକାଲେଁ ମନ୍ଦ " । ॥୯୦॥

ଦଏତ୍ ବେଭାର୍ ଖଏତ୍ କରେ ନିଜର୍ ଭବିଷ୍ୟତ୍
ଘଡ଼୍‌କେଁ କଲା ବଡ଼୍ କଥାଟେ ପର୍ଛା ଇତସ୍ତତ୍ ॥୯୧॥

ନାଇଁ ବାରିଥିଲେଁ ପାରିଥିତା ମେଘନାଦ୍ ।
ସାଧିନା ବଲେଁ ହଇଥିତା ଅମର୍ ଅପ୍ରମାଦ୍ । ॥୯୨॥

ନାଇଁ କରିଥିଲେଁ ମନା ହେତା ଯେନ୍ ଥିତି
ଇନ୍ଦ୍ରଜିତ୍ କେ ସଉମିତ୍ରୀ କେ'ନ ପାର୍‌ତେ ଜିତି । ॥୯୩॥

ଇନ୍ଦ୍ରଜିତ୍‌ର୍ ବଲ୍ ପଉରୁଷ୍ ରାବଣ୍ ପାର୍‌ଲା ଜାନି ।
ଭାବ୍‌ଲା ତାହାକେ ସାରା ଜଗତ୍ ନିଶ୍ଚେ ରହେବା ମାନି । ॥୯୪॥

ନିର୍‌ଭୟେନେ ସବୁ ଦିଗ୍‌କେ କଲା ଦିଗ୍‌ବିଜେ
ଲଢ଼େଇ ଜିତା ରସେଁ ବାସେଁ ତନ୍‌ମନ୍ ତାର ଭିଜେ । ॥୯୫॥

ବାପର୍ ଶକ୍ତି-ସମୁଦର୍‌କେ ପୁଓର୍-ବିକ୍ରମ୍ ନଏଦ୍
ମିଶ୍‌ଲା କି ନାଇଁ ଦିଶ୍‌ଲା କିଛି ବି ଅସାଏଧ୍ । ॥୯୬॥

ଖେମ୍‌ତାର୍ ବିଷ୍ ଘାର୍‌ଲା କି ଯାହାକେ ପାର୍‌ଲା ମାର୍‌ଲା
ମରମ୍ ହରା ହଇ ଧରମ୍ ତ୍ରାହି ତାହି କର୍‌ଲା । ॥୯୭॥

କୁବେର୍ ଜାନି ନିଜର୍ ଭାଇର୍ ଅନିୟେ ଅତ୍ୟାଚାର୍
ଇଥିଁ ଅହିତ୍ ହେବା ଜାନି ଦେଲା ସମାଚାର୍ । ।।୯୮।।

ବଲ୍ ପାଇଛେ ତ ଖଲ୍ କବାରେଁ କାଏ ଦଉଛେ ମନ୍
ବିଷ୍ ପାଏଲେଁ  କି ସାଁପ୍ ଚାବି ବୁଲ୍‌ସି ଜନ୍ ଜନ୍ । ।।୯୯।।

ଧନ୍ ହେଲେଁ କିଏ ନିର୍ଦ୍ଧନ୍‌କେ ବୁଲି ବୁଲି  ମତାଏ ?
ବଲ୍‌ବାନ୍ କାଏଁ ସୁଖୀ ? ଶୁନି ବଲ୍‌ହୀନର୍ ହାଏ ହାଏ । ।।୧୦୦।।

ଭଲ୍ କାମେ ମନ୍ ଦଉ ଯେ ହେବା ଭଲ୍ ଗତି
ଭଲ୍ ଲାଗେ କାଏଁ ଘାଏ ଭାଏ ହଇଁ ଗଲେ ଦୁର୍ମତି । ।।୧୦୧।।

ରାବଣ୍ ଶୁନି ମହାନ୍ ରାଗ୍ କୁବେର୍ ପୁର୍‌କେ ଯାଇ
ନାନା ଖାନ୍ କରି  କୁବେର୍ ପୁରୀ କଏଲାସ୍ ଗଲା ଧାଇଁ । ।।୧୦୨।।

ଶିବ୍ ଗଣ୍ ସବ୍ ମନା କଲେ ହେବାକେ କଲ୍ ବଲ୍
ମହାକାଲ୍ ମହାଖେଲେଁ  ଅଛନ୍ ନାଇଁ ହଏତୋର୍ ଭଲ୍ । ।।୧୦୩।।

ଇ କଏଲାସ୍ ପର୍‌ବତେଁ ଥାଇ ଶଂକର୍ କରେ ମଜା
ଜାନ୍‌ଉ ମୁଇଁ ଅଜାନ୍‌ବାହୁ ଝାଡ଼୍‌ମି ଗିରିର୍ ଗଜା । ।।୧୦୪।।

କଏଲାସ୍‌କେ ଝାଡ଼୍‌ବା ବଲିଁ ଶମାଲା କୁଢ଼େ ହାତ୍
ଶଂକର୍ ଜାନି ସବୁ  ବିଷେ ହଇଁଗଲେ ବିସ୍‌ମାତ୍ । ।।୧୦୫।।

ଗୁଡର୍ ମୂଲା ଆଙ୍ଗୁଟ୍ ଦବେଇ ବସ୍‌ଲେ ଅବିଚ଼ଲ୍
ଅଟଲ୍ ଅଚ଼ଲ୍ କଏଲାସ୍ ହେଲା ରାବଣ୍ କଲ୍‌ବଲ୍ । ।।୧୦୬।।

ପର୍ବତ୍ ତଲେଁ ଅଛେ ହାତ୍ ବାହାରେଁ ଶରୀର୍ ଥରେ
କିଲ୍‌କିଲି ବୁବ୍‌ଲି ଛାଡ଼େ ରାବଣ୍ ନାଇଁ ଜୀଁଏ ନାଇଁ ମରେ । ।।୧୦୭।।

ଆବ୍‌ରି ବସ୍‌ଲା ଚାବ୍‌ରି ଚାଁଟି ଚବ୍‌ରା ଗୁନେ ମାତି
ଯେନ୍ ଜାନୁଆର୍ ନାଇଁ ଜାନି ସେ ବଢ଼େ, ଜାବର୍ ହାତୀ । ।।୧୦୮।।

ତାର୍ ଉଡ଼ିଥିଁ ଝଡ଼ି ପଡ଼୍‌ଲା ଗଛୁଁ ପତର୍ ମେତାଲ୍
କଏଲାସ୍ ପର୍ବତୁଁ ପଥର୍ କଁପେ ପୁର୍ଥୀ ପାତାଲ୍ । ।।୧୦୯।।

ଜୀବ୍‌ଜଗତର୍ କାନ୍ ମାନେ କିଲିଁ ହେଲା ତୁରତି
ସିଦ୍ଧହେଲେ ସାଧନା ବନା କର୍‌ମୀ ପାଶ୍‌ରେ ବୁର୍‌ତି । ।।୧୧୦।।

ରଟ୍‌ପଟାନୁ ଘିଛେ ହାତ୍ ଛଟ୍‌ପଟ୍ ନୁହେ ସହି
ପର୍ବତ୍ ତଲେଁ ହାତ୍ ଦୁଇଟା ଦୁଖେଁ ହଏ ଦହି । ।।୧୧୧।।

ଦଏତ୍ ସଭାବ୍ ପାର୍‌ଲା ଲୁକ୍‌କୁଁ ଦେଖାଏ ନିଜର୍ ପ୍ରଭାବ୍
ନାଇଁ ପାର୍‌ଲେଁ ବାହାରେ ଘାଏକେଁ ଖୁସାମତିଆ ଭାବ୍ । ।।୧୧୨।।

ସେ ତୁର୍‌ତି ତୁସ୍ତି ପଢ୍‌ଲା ନିଲଜ୍ ରାବଣ୍ ଲବାର୍
ନାଇଁ ଜାନି କରି କଲିଁ ଅଚାନକ୍ ଇ କବାର୍ । ।।୧୧୩।।

ସୃଷ୍ଟି ସର୍‌ଜୁ ପାଲୁ ଜାଲୁ ଯାହା ଇଚ୍ଛା ତୋର୍
ହେ ମହାଦେବ୍ ! ମାଫ୍‌କର୍ ଘାଏ ମହାନ୍ ଦୋଷ୍ ମୋର୍ । ।।୧୧୪।।

ଅସୁରର୍ ସେ ତୁସ୍ତି ଶୁନି ଆଶ୍ୱସ୍ଥ ଆଶୁତୋଷ୍
ତୁର୍‌ତି ପାଶ୍‌ରି ନେଲେ ଦଏତର୍ ସେତେ ବଡ୍ ଦୋଷ୍ । ।।୧୧୫।।

"ଧଏନ୍ ଧଏନ୍ ରଢ଼ିରେ ବାବୁ ! କିଏ ଆଉଯେ ତୁହିଁ
ତୋହ୍‌ରି ରାବେଁ ନାଇଁନ ଥାବେଁ ଆକାଶ୍ ପାତାଲ୍ ଭୂଇଁ । ।।୧୧୬।।

ରାବ୍‌କେ ତୋର୍ ସୋର୍ ରହେବା ନାଁ ହେଲା ତୋର୍ ରାବଣ୍
କଏଲାସ୍ ଉଶାସ୍ ହେବା ଭାଗ୍ ନେଇ ଜୀବନ୍ । ।।୧୧୭।।

କୁଡ଼େ ହାତେଁ ଦଶ୍‌ଟା ଯୁହାର୍ ଶିବର୍ ପାହେଁ କରି
"ସନ୍ତୋଷ୍ ଆଶୁତୋଷ୍ କିଛି ଦିଅ ଯିମି ଧରି" । ।।୧୧୮।।

ହଁସି କହେଲେ ଶିବ ! "ଅଛେ ଖଣ୍ଡା ଚନ୍ଦ୍ରହାସ୍
ଦଉଛେଁ ବେଭାର୍ ନାଇଁ ଜାନ୍‌ଲେଁ କର୍‌ବା ଏକା ନିରାଶ୍ । ।।୧୧୯।।

ମୋର୍ ହାଡ୍‌କେ ଫିରିଁ ଆଏବା ହେଲେଁ ଅପ୍‌ଯୋଗ୍
ଭଲ୍ କାମ୍ନେଇଲାଗିଥିବା ତକ୍ କର୍‌ବୁ ଭୋଗ୍ । ॥୧୨୦॥

ଜୀବନ୍ ଧରି ଯାଏ ରାବଣ୍ ମନେ କରେ ବିଚାର୍
ଦୋଷ୍ କଲେଁ ବି ସାଧୁ ସଁଥିକର ନାଇଁ ବଦ୍‌ଲେ ବେଭାର୍ । ॥୧୨୧॥

ପୁଥି ସଁଖିଲି ଋଷି କହେଲେ ବେଲ୍ ଯାଉଛେ ଟଲି
ଉଠ୍‌ଲେ ଶଉଚ୍ ସଂଧିଆ ସ୍ନାନ୍ କର୍‌ମା ଚାଲ ବଲିଁ । ॥୧୨୨॥

❑

# ପାଉଚ୍‌-୨

# ମେଘନାଦର୍ ଇନ୍ଦ୍ରଜଏ କଥା

ବେଲ୍‌ହଉ ବେଲର୍ ସଭା ଚାଲେ ବେଲ୍ ତଲ୍‌କେ ଖସ୍‌ରେ
ସୁନା ରଂଗିଆ ଖରା ପସ୍‌ରା ଆଶ୍ରମ୍ ସାରା ପସ୍‌ରେ । ॥୧॥

ଶୁଇ କାପ୍‌ଲି କରୁଥିବାର୍ ହେର୍ଣ୍ଣା ଛୁଆ ମାନେ
ବାଟ୍ ଦେଖୁଛନ୍ ଗୁରସ୍ ପିଇ ଗେଲ୍ ହେବେ ମା' ଠାନେ । ॥୨॥

ପୂଜା ସରି ଭଜନ୍ ସର୍‌ଲା ଚାଲ୍‌ଲା "ରାମ୍-ରାହା"
ଛାଡ଼୍‌ଲା ଠାନୁ ଶିଲ୍ ଶିଲାନୁ କହନ୍ ଋଷି ନାହା । ॥୩॥

ରାମ୍ ଟାକିଛନ୍ ପାଏବାର୍‌କେ ପଚାରିଥିବାର୍ କଥା
ଅଗସ୍ତି ବି ବତେଇ ଚାଲନ୍ ଦଏଦ୍ କୁଲର୍ ପତା । ॥୪॥

ଇଶ୍ୱର୍ ଠାନୁ ଯାଇ ରାବଣ୍ ବେଦ୍ ମତୀର୍ ସାଂଗେଁ
ଭେଟ ହଇଁ ଶାପ୍ ପାଏଲା ଥିଲା ତାର୍ ଭାଗେଁ । ॥୫॥

ରାମ୍ କହେଲେ କିଏ ଆଏ ସେ ? ବେଦ୍‌ମତୀ କନ୍ୟା
ନାଇଁ ଡ଼ରିଁ ସେ ରାବଣ୍‌କେ ଆଏ ନାରୀ କୁଲେଁ ଧନ୍ୟା । ॥୬॥

ମୁନି କହନ୍ କୁଶଧ୍ୱଜ୍ ଋଷି ବେଦ୍-ବିଦ୍ୱାନ୍
ବେଦ୍ ପଢ଼ୁଁ ମୁହୁଁ ଜନମ୍ ନେଲା କନ୍ୟା ମହାନ୍ । ॥୭॥

ବେଦ୍‌ମତୀ ତାର୍ ନାମ୍, ରୂପେଁ ଗୁଣେ ନାହିଁ ସରି
ଦେବ୍ ଗଂଧର୍ବ୍ ଆସନ୍ ତାର୍ ବାଟ୍ ଅନ୍‌ସରି ॥୮॥

କୁଶଧ୍ୱଜ୍ କହନ୍ କନ୍ୟା ନୁହେ ତୁମର୍ ଲାଏକ୍
ବିଷ୍ଣ ହାତେଁ ଟେକ୍‌ମି, ଟାକ୍‌ମି ସେ ଆଏବାର୍ ଯାଏକ୍ । ॥୯॥

ନାଇଁ ପାଇଁ, ହାଇଁ ପାଇଁ ହେଲା ଶୁଂଭ୍ ଅସୁର୍
ଶୁଇଲା ସଢ଼େଁ ଋଷିରାଜ୍‌କୁଁ ପେଶେ ଶମନ୍ ପୁର୍ । ॥୧୦॥

ପିତା ସତ୍-ରଖ୍‌ବାର୍‌କେ ବେଦମତୀର୍ ତପ୍
ଅନୁଖନୁ ବିଷ୍ଣୁର୍ ନାମ୍ କରୁଥାଏ ନ ଜପ୍ । ॥୧୧॥

ରାବଣ୍ ଯାଇଁଦେଖେ ତାହିଁ ଅପୂର୍ବ ରୂପ୍‌ବତୀ
ଭୋଗ୍-ଲାଲ୍‌ସା-ଅଁଧାର୍-ଘର୍‌କେ ପାଏଲା ବାଗିର୍ ବତୀ । ॥୧୨॥

ଭୁର୍‌ତା ଭୁର୍‌ତି କରି ଦେଖ୍‌ଲା, ଅମାନ୍‌ତି ବେଦ୍‌ମତୀ
ମୁଡ଼ର୍ ବାଲ୍‌କେ ଛିଇନେଲା ରାବଣ୍ ଦୁର୍ମତି । ॥୧୩॥

ବିଷ୍ଣୁ-ଅର୍ପିତ୍ ଦିହ-ଦରବ୍‌କେ ଛିଇଁ କଲା ମାରା
ଜାନି ସତୀ ଜଲ୍‌ତା ଜୁଏନେ ସଁପେ ଶରୀର୍ ସାରା । ॥୧୪॥

ବିଫଲ୍ ହେବା ତପ୍-ସଂପଦ୍, ନାଇଁ ମାରି ସେ କ୍ଷଣ୍
କହେଲା ''ଫେର୍ ଜନମ୍ ନେମି ଦେଖ୍‌ମି ତୋର୍ ମରଣ୍'' । ॥୧୫॥

ସେ ଦିନୁ ସେ ରାବଣ୍, ରାମ୍ ! ମରିକରି ରହେଲା
ତାର୍ ମୁର୍‌ତୁର୍ ବାଟ୍ ବେଦ୍‌ମତୀର୍ ଶାପ୍ କହେଲା । ॥୧୬॥

ଯମ୍ ବରୁଣ୍ କୁବେର୍ ମରୁତ୍-ରଜା ଆଦି କରି
ସମ୍‌କୁଁ ହରେଇ ରାବଣ୍ ବୁଲେ ବିଜେ- ବାନା ଧରି । ॥୧୭॥

ସେମାନେ କାଏଁ ମାର୍‌ତେ ? ମୁର୍‌ତୁ ଅଛେ ମୁନୁଷ୍ ହାତେଁ
ଭାବ୍‌ଲେଁ ଶକ୍ତି ଯେତ୍‌କି ନେବା ନେଇଥାଉ ଅବାତେଁ । ॥୧୮॥

ଅବାତେଁ ଗଲେଁ ବାଟ୍‌କେ ଆନ୍‌ବା ଜାନି ଜଗତ୍ ନାଥ୍
ଗରୀ-ଗିଲା ମୁରୁଖ୍ -ଝୁରି ପହଁରୁ ଉଦୁର୍ ମାତ୍ । ॥୧୯॥

ଅନରଣ୍ୟ ରଜା ତୁମର୍ ପୂର୍ବ ପୁରୁଷ୍ ରାମ୍ !
ତାକର୍ ସାଂଗେଁ ଲଢ଼ି ଦଏତ୍ କଲା ହଏରାଣ୍ । ॥୨୦॥

ରଜା କହେଲେ ଲଢ଼େଇ ଖଁଜା ନାଇଁ ମୋର୍ ନେ ଜହ
ପର୍‌ଜାର୍ କାଏଁ ସବୁ ସଂପଦ୍ ସାରେଁ ଅହରହ । ।।୨୧।।

ଲଢ଼େଇ କରି ନାଇଁ ପାର୍‌ବାର୍ ପର୍‌ଜା-ସେନ୍‌ହେ ଯଦ୍‌ରି
ମୋର୍ ନେ ଅଛେ ସତେଁ ମୋର୍ ବଅଁଶ୍‌କୁ ଆଏବା ଉବ୍‌ରି । ।।୨୨।।

ସେ ମାର୍‌ବା ତତେ ତୋର୍ ବଅଁଶ୍ କରି ନିପାତ୍
ସେ ଦିନ୍‌ତକ୍ ଯାହା ହେବୁ ହଇଥାଆ ଉତ୍‌ପାତ୍ । ।।୨୩।।

ବଲୀ ରାଜା ନିକେ ଗଲା କଶିପୁର୍ କୁଂଡ଼ଲ୍
ଖସ୍‌ରେଇ ନାଇଁ ପାରି କଲ୍‌ଲା ନିଜେଁ ନିଜର୍ ବଲ୍ । ।।୨୪।।

ସେ କୁଂଡ଼ଲ୍ କାନେ ପିଂଧି‌ବାର୍ ଦାନବ୍ ବଲିଆର୍
ହାତେଁ ଯାର୍ ଜୀବନ୍ ଦେଲା ସୁର୍‌ତା ହେଲା ତାର୍ । ।।୨୫।।

ସେତାକେ କେଭେଁ ଭେଟ୍‌ତା ଦିନ୍‌ଏ କାଲ୍‌ର୍ ଆଏ ଯେ କାଲ୍
ନୁରି ବସେ ଘୁରି ସରଗ୍ ପୁର୍‌ଥୀ ଆର୍ ପାତାଲ୍ । ।।୨୬।।

ଦେବ୍‌ତାକର୍‌ନେ ଲଢ଼େଇ କଲା ସରଗ୍ ଗଲା ଦୂର୍
ଅଥା ହେଲେ ଦେବ୍‌ତା ତାକର୍ ଖେମ୍‌ତା ହେଲା ଚୂର୍ । ।।୨୭।।

ଦେବ୍‌ତା ହାତେଁ ମୁର୍‌ତୁ ନାଇଁ ବ୍ରହ୍ମା ଦେଇଛନ୍ ବର୍
ମରବାର୍ ଡ଼ର୍ ନାଇଁନ ଲଢ଼େଇ ଭୟଂକର୍ ଅଠିପର୍ । ।।୨୮।।

ବାଂଧିଥିଲା ଇନ୍ଦ୍ରଥରେ ନାଇଁ ପାର୍‌ଲେଁ ବି ମାରି ।
ଜାନି ମାନୀ ମେଘ୍‌ନାଦ୍ ବଲ୍‌ବାନ୍ ମହାଭାରୀ । ।।୨୯।।

ବାପ୍‌କେ ମୁକ୍‌ଲେଇ କରି ଇନ୍ଦ୍ର ନେଲା ବାଂଧି
ଦେବ୍‌ତା ସାଙ୍ଗେ ଶଚିରାନୀ ଗର୍‌ଗଡ୍ଡୁ ଥାନ୍ କାଂଦି । ।।୩୦।।

ଇନ୍ଦ୍ରକେ ଧରି ଦୁହେଁ ପଲେଇଁ ଆଏଲେ ଲଂକା
ଦେବ୍‌ତାବଲ୍ ବ୍ରହ୍ମା ଧରି ଆଏଲେ କରି ଶଂଖା । ।।୩୧।।

ମେଘନାଦ୍‌କେ ସହରେଇ କରି ବନିହାଁ କହେଲେ ବ୍ରହ୍ମା
'ତାର୍ ନାଁ ହେଲା ଇନ୍ଦ୍ରଜିତ୍ ଜଗ୍‌ତେଁ କରିତ୍ କର୍ମା।'' ।  ॥୩୨॥

''ଇନ୍ଦ୍ରକେ ଛାଡ୍‌ହେଲୁ ତୁହିଁ ତିନ୍‌ହି ପୁରର୍ ଜିତା
କହିଛେଁ ତ ଦେବ୍‌ତା ହାତେଁ ମୁର୍‌ତୁ କାଏଁ ଥିତା ?''  ॥୩୩॥

ଇନ୍ଦ୍ରଜିତ୍‌କେ କହେଲେ ''ଆଉ ଅମୋଘ୍ ଶକ୍ତିବାନ୍
ନାଇଁ ପାର୍‌ବେ ମାରିତତେ ମହାନ୍ ନୁ ମହାନ୍ ।''  ॥୩୪॥

ଇନ୍ଦ୍ରଜିତ୍ କହେଲା ''ମୋର୍ ତପ୍ ଯାଏ ମାହାଲିଆ
ନିକୁଂଭିଲା ଯାଗ୍‌ଟା ଯାହା ରହେଲା ଅଧାତିଆ ।  ॥୩୫॥

ସବୁଦିନ୍‌କେ ପାଇଥିତିଁ ସବ୍ ଦିଗ୍‌ଗାମୀ ରଥ୍
ତାହି ବସିଁ ଲଢ୍‌ଲେଁ ମାର୍‌ବା ନାହିଁ କେ ସାମ୍‌ରଥ ।  ॥୩୬॥

ତୁମେ ଯଦ୍‌ରି ମୋର୍ ଉପ୍‌ରେଁ ସଂତୋଷ ବେଦ୍‌ବାନ୍
କହ ଯଜ୍ଞ କଲେଁ ପାଏମି ସେ ରଥ୍ ବେଗ୍‌ବାନ୍ ।''  ॥୩୭॥

''ନିଶ୍ଚେ ହେନ୍ତା ହେବା'' କହି ପଲାଲେ ସେ' ନୁ ସବ୍
ପଛେଁ ପଛେଁ ଗଲେ ବଁଧିନ୍ତୁ ମୁକ୍‌ଲି ବି ବାସବ୍ ।  ॥୩୮॥

''ଇଂଦ୍ର ସରଗ୍ ରଜା ବି ହଏ ବଂଧା ଅସୁର୍ ହାତେଁ
ବ୍ରହ୍ମା କହେଲେ ଦେବ୍‌ତା ମାନ୍‌କୁଁ, '' ଯେ ଯାଏ ଅବାଟେଁ ।  ॥୩୯॥

ନେହେଲା ଦୁଖ୍ ହେସି ତାର୍ ଭାଏଗ୍ ହେସି ମଂଦ୍
ତପ୍‌ଚାରୀ ଗଉତମ୍ ନାରୀ ସାଂଗେଁ ଲଂଦ୍ ଫନ୍ଦ୍ ।  ॥୪୦॥

ଇଂଦ୍ର ଯାହା କରିଥିଲେ ଦଣ୍ଡ ହେଲା କମ୍
କବାର୍ ଜାନି ଫଲ୍ ମିଲେ ସତ୍ ଆଏ ହର୍‌ଦମ୍ ।''  ॥୪୧॥

ଅଗସ୍ତି କହନ୍ ଅହଲ୍ୟା ତ ଥିବେ ରାମ୍ ! ମନେ
ପଖନ୍ ଲେଖେଁ ପରିଥିଲେ ତମର୍ ବାଟେଁ ବନେ ।  ॥୪୨॥

ତୁମର୍ ପାହାଧୂଏଲ୍ ପାଇ ଫିରି ପାଏଲେ ରୂପ୍
ଲାଗେଁ ରାମ୍ ସର୍‌ପଟିଁ ଯାଇ ରହିଗଲେ ଚୁପ୍ । ॥୪୩॥

ସର୍ବଦା ଯାହିଁ ଶଂକର୍ ପୂଜା ନର୍ମ୍ମଦା ନଦୀ ତୀର୍
ସେନ୍‌କେ ଯାଇ ଈଶ୍ୱର୍ ପୂଜା କରେ ଦଶ୍ ଶିର୍ । ॥୪୪॥

ଦେଖେ ଉପର୍ ଫାଲ୍‌କେ ଉଛଲେ ନଦୀର୍ ପାଏନ୍ ଧାରା
କଥା କା'ଣା ଦେଖ ବଲିଁ ପଠାଏ ସଏନ୍ ସାରା । ॥୪୫॥

ଦେଖ୍‌ଲେ ତଲେଁ ସହସ୍ରାର୍ଜ୍ଜୁନ୍ ରଜା ନାରୀକୁଁ ନେଇ
ପାଏନ୍ ଖେଲେ ଉଦୁର୍‌ଧୁମା ଗିଆନ୍-ହରା ହେଇ । ॥୪୬॥

ମଜା ଦେଖେ ହଜାରେ ହାତେଁ ପାଏନ୍ ଧାର୍‌କେ ଛେଁକି
ମହାନ୍ ଉଷଦ୍ ଉପର୍ ଆଡ୍‌କେ ପାଏନ୍ ଘୁର୍ ବାର୍ ଦେଖି । ॥୪୭॥

ଅସୁର୍ ସେନା କହେଲେ 'ଉପ୍‌ରେଁ ରାବଣ୍ ଆମର୍ ରଜା
ତମର୍ କବାରେଁ ବିର୍‌ଝିଁଲେନ ବାହାର୍ କର୍‌ବେ ମଜା " ॥୪୮॥

ଶୁନି କହେଲେ ସହସ୍ରାର୍ଜ୍ଜୁନର ସେନା ସେନାପତି
"ସୃତୁଁ ଯାଏ ମୁର୍‌ତୁ ଆଡ୍‌କେ ରାବଣ୍-ଜୀବନ୍-ଗତି । ॥୪୯॥

ଲଢ଼େଇ କର୍‌ବାର୍ ହେଲେଁ ଆଏବ ଛାଡ଼ିକରି ଘଡ଼େ
ପାଏନ୍-ଖେଲ୍‌ନେ ରଜାର୍ ସଉକ୍ ଘାଉଁ ଘାଏକେ ବଢ଼େ " । ॥୫୦॥

ରାବଣ୍ ଆସି କହେଲା "ଛାଡ଼, କହ ତୁମର୍ ରଜାକେ
ନୁହେ ଚାଖେ ହେଲେଁ ଚାଖ୍‌ବା ଲଢ଼େଇ ହରା ମଜାକେ" । ॥୫୧॥

ସହସ୍ରାର୍ଜ୍ଜୁନର୍ ଅଜସ୍ର ବଲ୍ ଅସ୍ତର୍ ଅସରା
ଲଢୁଁ ଟୁଟ୍‌ଲା ଘଡ୍‌କେ ରାବଣର୍ ପୁଂଜି ପସ୍‌ରା । ॥୫୨॥

ହରା ରାବଣ୍ ଧରା ହଇଁ ସହସ୍ରାର୍ଜ୍ଜୁନ୍ ହାତେଁ
ମାହିଷ୍ମତୀ ପୁର୍‌କେ ଅନାହେଲା ଅନାୟାତେଁ । ॥୫୩॥

ରାବଣ୍ ଅଜା ବିଶ୍ରବା ବାପ୍ ପଉଲସ୍ତି ମୁନି
ମାହି ଷ୍ମତୀ ପୁର୍‌କେ ଆଏଲେ ସବୁ କଥା ଶୁନି । ।।୫୪।।

ଋଷି ଆଏବାର୍ ଜାନି ଖୁସି ସେ ସହସ୍ରାର୍ଜୁନ୍
ଆଦର୍ ସତ୍‌କାର୍ ଯାହା ଦର୍‌କାର୍ କଲା ଶହେଗୁନ୍ । ।।୫୫।।

ଭଲ୍ ମଂଦ୍ ଦୁହି ପକ୍ଷୁଁ ପଚ୍‌ରା ଉଚ୍‌ରା ସର୍‌ଲା
ପଉଲସ୍ତି ମୁହୁଁ ଶେଷେଁ ଅସଲ୍ କଥା ପର୍‌ଲା । ।।୫୬।।

"ଯାହାକେ ବାଂଧି ଆନୁ ରଜା ! ସେ ଆଏ ମୋର୍ ନାତି
ରାବଣ୍ ଜିତା ବଲିଁ ତୋର୍ ବଢ଼ିଗଲା ଖ୍ୟାତି । ।।୫୭।।

ତାର୍ କିଛି ହେଲେଁ ମୋର୍ ମନେ ପର୍‌ବା ଠେସ୍
ମାଗେଁ ଏତ୍‌କି ଛାଡ଼ିନେ ଯେ ଯାଉ ତାର୍ ଦେଶ୍ । ।।୫୮।।

ତାର୍ କହେଁ ହେଲା, ପରେଁ ମିତ ବସ୍‌ଲେ ଦୁହେ
ଯେନ୍ତା କହନ୍ ସେନ୍ତା ବର୍‌କସ୍ ରାବଣ୍ କେଭେ ନୁହେ । ।।୫୯।।

ଶୁନି ତେତ୍‌କେଁ ବାଲୀ ବାନର୍ ବୀର୍ ମଧେଁ ସିଆନ୍
ତାର୍‌ନେ ଲଡ଼୍‌ମି ବଲିଁ ଲମ୍‌ଲା ରାବଣ୍ ଅଗିଆନ୍ । ।।୬୦।।

କିସ୍‌କିଂଧିଆନେ ନାଇଁ ବାଲୀ ଦକ୍ଷିଣ୍ ସାଗର୍‌ତୀର୍
ତର୍‌ପନ୍ କରେ ତର୍ ସର୍ ତାହିଁ ପୁହୁଁଚିଲା ଦଶ୍‌ଶିର୍ । ।।୬୧।।

ଜାନି ପାର୍‌ଲା ବାଲୀ ଯହୁଁ ରାବଣ୍ ମନର ଭାବ୍
ଖାକେଁ ଜାଁକି ରଖ୍‌ଲା ତାର୍ ତ ବଫୁ ଅନର୍‌ଜାବ୍ । ।।୬୨।।

ଖେପେ ବାଲୀ ଚାରି ସାଗର୍ ଖାକେଁ ଚେ଼ପେଇ ରାବଣ୍
ଉଁ ଚୁଁ ନାଇଁ ଉଟୁସ୍ ପୁଟୁସ୍ ହଏ ଦଏତ୍ ଜୀବନ୍ । ।।୬୩।।

କିସ୍‌କିଂଧିଆ ପୁହୁଁଚିଲା କି ବାଲୀ ଦେଲା ଛାଡ଼ି
ଅଂଗଦ୍ ଧରି ଖେଲ୍‌ଲା ତାହାକେ ହାତେଁ ଧରି ବାଡ଼ି । ।।୬୪।।

ସେ ରାବଣ୍‌କେ ମାର୍‌ବାର୍‌ଟା କେନେ ଥିଲା କଡ଼ା
ଭାବ୍‌ଲେଁ ଥିଲା ରାବଣ୍ ଗୁଟେ ଚ଼ଲ୍‌ତା ଫିର୍‌ତା ମଡ଼ା । ।।୬୫।।

ଇନ୍ଦ୍ରଜିତ୍ ବର୍ ପାଏଲା ବ୍ରହ୍ମା ଠାନୁ ମାଗି
ଯେତେବେଲେଁ ଯାଗ୍ କର୍‌ବା ବଲ୍ ଉଠ୍‌ବା ଜାଗି । ।।୬୬।।

ରଥ୍ ପାଏବା ଯେନ୍ ରଥେଁ ଲଡୁଥିବାର୍ ଯାଏକ୍
ନାଇଁ ଥିବେ କିହେ ତାହାକେ ମାରି ପାର୍‌ବାର୍ ଲାଏକ୍ । ।।୬୭।।

ଲଡୁଥିବା ଅଦୃଶ୍ ହଇଁ ପେଷୁଥିବା ଶର୍
କାହାରି ଆଏଁଖ୍‌କେ ଦିଶେ ନାଇଁ ମର୍‌ବାର୍ କାହିଁଡ଼ର୍ ? ।।୬୮।।

ତାହାକେ ମାର୍‌ବାର୍ ଲାଗି ଦର୍‌କାର୍ ସଂଯମୀ ମହାବୀର୍
ଭୋକ୍ ଝୁମ୍‌ରା କାମ୍ ଲାଲ୍‌ସାନେ ନୁହେ ଯେ ଅଧୀର୍ । ।।୬୯।।

ନାଇଁ ଖାଇଥିବା ଚ଼ଉଦ ବରଷ୍ ନାଇଁ ଶୁଥିବା ଛନଏ
ନାଇଁ ଦେଖିଥିବା ନାରୀ-ମୁହିଁ ଥିବା ଯଦ୍‌ରି ଜନ୍‌ଏ । ।।୭୦

ମଘ୍‌ବା-ଜିତା ମେଘ୍‌ନାଦ୍‌କେ ସେ ପାର୍‌ବା ମାରି
ନେହେଲେଁ ଅମର୍ ଜିତାର୍ ଅମର୍-ଥିତି ରହେବା ଜାରି । ।।୭୧।।

ଚ଼ଉଦ ବଛର୍ ସାଂଗେଁ ଥାଇ ନାଇଁ ଜାନି ନାଇଁ ଶୁନି
ଲକ୍ଷ୍ମଣ୍ କା'ଣା ଇ ସବୁକେ ପାଲିଥିଲା ? ହେ ମୁନି ! ।।୭୨।।

ଲକ୍ଷ୍ମଣ୍‌କେ ପଚାରି ରାମ୍ କଥା କଲେ ପର୍‌ତାଲ୍
ସୀତା ମୁହିଁ ନାଇଁ ଦେଖିଁ ଚ଼ଉଦ ବରଷ୍ କାଲ୍ ? ।।୭୩।।

ମୁଡ୍ ଗାଡ଼ି ଲକ୍ଷ୍ମଣ୍ କହନ୍ "ସତ୍ ଆଏ ଇ ସବ୍
ସୀତା ପକାଲା ଅଳଂକାର୍‌କେ ଚିହ୍ନାଲ ମତେ ଯବ୍ । ।।୭୪।।

ନାଇଁ ପାର୍‌ଲି ଚିହ୍ନି କିଛି ପାଦର୍ ନୂପୁର୍ ବିନା
ଚିହ୍ନୁଚିଁ ପାହା ଛାଡ଼ି, କିଛି ଦେଖିଥିଲେଁ ସିନା । ।।୭୫।।

ଖାଏବାର୍ ଲାଗି ଆନୁଥିଲି ଫଲ୍ ମୂଲ୍ ଯାହା
ଭାଗ୍ କରି ମୋର୍ ଭାଗ୍‌ଟା ଦିଅ ନାଇଁ କହ ଖାଆ । ॥୭୬॥

କେନ୍ତା ଖାଏତିଁ ? ରଖୁଥିଲିଁ ସବୁଦିନର୍ ଖାଏଦ୍
ମୁନାଟାକେଁ ଥିଲା ରଖା ଆଏଜ୍ ବି ଥିବା ସାଏଦ୍ । ॥୭୭॥

ଦେଖିଲେ ସବୁଦିନ୍‌ର୍ ଖାଏଦ୍ ଥିଲା ପୂରା ପୂରି
ସାତଟା ଦିନର୍ ନାଇଁ ଥାଇ ନାଇଁ ଯାଇ ନ ନୁରି । ॥୭୮॥

ବାପା ମର୍‌ବାର୍ ସୀତା ହଜ୍‌ବାର୍ ନାଗ୍ ପାଶ୍ ବଁଧା ଦିନେ
ମାୟା ସୀତା କାଟ୍‌ଲା ଦିନେ ରହେଲିଁ ଖାଏଦ୍ ବିନେ । ॥୭୯॥

ମେଘନାଦ୍ ବଧ୍ ପୂର୍ବର୍ ଦିନେ ହେଲା ଲଢ଼େଇ ଘୋର୍
ଖାଏଦ୍ ଖୁଜ୍‌ବାର୍ "ଉସ୍ତାର୍ ନାଇଁ ଥାଇଁ ଟିକେ ମୋର୍ । ॥୮୦॥

ଶକ୍ତିଭେଦ୍ ଦିନେ, ଦିନ୍‌ଏ ମହୀରାବଣ୍ ପୁରେଁ
ମୁଇଁ କେନ ଥିଲିଁ ଫଲମୂଲ୍ ଖୁଜ୍‌ବାର୍ ସୁରେଁ । ॥୮୧॥

ଅଖିଆ ରହେଲେ କହେଲିଁ ମୁଇଁ ଇ ଯେନ୍ ସାଦ୍‌ଦିନ୍
ପସ୍ତେଇ ହଇ ମରେଁ ଆଏଜ୍ ମୁଇଁ କେଡ଼େ ଦୀନ୍ ହୀନ୍ । ॥୮୨॥

କୁରିଆ ଆଗେଁ କୁଗି ରହେଁ ରୋଜ୍ ଉଜାଗର୍
ନିନ୍ଦ୍ ନାଇଁ ଆଖିଁ, ତମର୍ ମୂର୍‌ତି ଉଭାଗର୍ । ॥୮୩॥

ଏଡ଼େ ମହାନ୍ ଲକ୍ଷ୍ମଣ୍ ଜାନି ରାମ୍ ଆଖିଁ ଲହ
ଭାଇ ପଦେଁ ରାମ୍ ନୁ କେ ସେନ୍‌ହେ ଦେବା କହ । ॥୮୪॥

ଲବ ଧରି ମୁନି ପାହା କହେଲା ସତେଁ ବାବା !
ମେଘନାଦ୍ ମହାବର୍କସ୍ ଜାନି ସମ୍‌କୁଁ ଲାଗେ କାବା । ॥୮୫॥

ବଲ୍‌ବାନ୍ ଟାକେ ମାର୍‌ବାକେ ମହାନ୍ ବଲ୍ ଦର୍କାର୍
ନାଇଁ ଖାଇ, ଶୁଇ ବଲ୍ ହେବା କେନ୍ ପର୍‌କାର୍ ? ॥୮୬॥

ଲକ୍ଷ୍ମଣ୍ ନେ ସଂଭବ୍ ହେଲା କେନ୍ ମିତ୍‌ରେଁ କହ
ଖିଆ ଶୁଆ ବିନା ଶକ୍ତି କାହିଁ ଆଏବା କହ । ।।୮୭।।

ଲବର୍ କଥା ଶୁନି ମୁନି କହେଲେ ବନ୍‌ଏ ବିଷେ
ଆଲୋଚନାକେ ଆଏଲା କହେଁ ମତେ ଯାହା ଦିଶେ । ।।୮୮।।

ମୁନୁଷ୍ ଭିତ୍‌ରେଁ ଅଛେ ମହାପୁରୁର୍ ମହାନ୍ ଶକ୍ତି
ସେ ଚେତ୍‌ସି ଚେଜି ପାର୍‌ଲେଁ ଦିହର୍ ଅନୁରକ୍ତି । ।।୮୯

ଆଏଁଖି ଦିଶୁ ଦି ହର୍ ପରେଁ ସୂକ୍ଷ୍ମ ଶରୀର୍ ଥାଏ
ତାର୍ ପରେଁ କାରଣ୍ ଶରୀର୍ ନାଇଁ ଦିଶେ ତାର୍ ଛାଏ । ।।୯୦।।

ତିନ୍ ହି' ଶରୀରର୍ ଲେଟା-ଗୁଟାନେ ଥିବାର୍ ତକ୍ ଜୀବ୍
ଜୀବ୍ ହଇଁ ଥାଏ ଜନମ୍ ଜନମ୍ କଥା ଅଜିବ୍ । ।।୯୧।।

ଶରୀର୍ ସବୁର୍ ଲଖାପୁରା ନୁ ହଇ ପାର୍‌ଲେଁ ପାର୍
ପରମେଶର୍ ହଏ ଶକ୍ତି ଅପାରୁଁ ଅପାର୍ । ।।୯୨।।

ନାଇଁ ଶୁନ୍‌ଲା ଦେହର୍ ଭୋକର୍ ଡ଼ାକ୍ ଚ଼ଉଦ ବରଷ୍
ଲକ୍ଷ୍ମଣ୍ ବିଲକ୍ଷଣ୍ ଯୋଗୀ ଦିହର୍ ଦୁଖେଁ ହରଷ୍ । ।।୯୩।।

ଚ଼ରମ୍ ଶକ୍ତି ନେଇ ପରମ୍ ପୁରୁଷ୍ ଉଠ୍‌ଲେ ଜାଗି
ଅଏଧିକା ହେଲା ଦଏତ୍‌ଟାକର୍ ଜୀବନ୍ ନେବାର୍ ଲାଗି । ।।୯୪।।

ପାଏଲା ମନ୍‌କେ ଗାଏଲେ ରାମର୍ ଜଏ ସଭାର୍ ଲୁକେ
ରାମ୍‌ର୍ କଥା ଯାହିଁ ଦୁଖ୍ ଦୁଏଲ୍ ବିନୁଆ ଲୁକେ । ।।୯୫।।

ବାଲ୍‌ମିକୀ କହନ୍ ମୁନି ମୁହୁଁ ଶୁନି ସବୁ କଥା
ରାମ୍ ଜନାଲେ "ମୁନି ! ମୋର୍ ମନୁ ଗଲା ବଥା" ।।୯୬।।

ଋଷି ମଂଡ଼ଲୀ ଆଶିଷ୍ ଦେଇ ବିଦାୟ ନେଇ ଗଲେ
ରାମ୍ ବି ନିଜର୍ ରାଏଜ୍ କାଯେଁ ଚିନ୍ତା ବୁଡ଼ା କଲେ । ।।୯୭।।

ଲାଲିଆ ଖରା ଲିଭିଁ ଆଏଲା ସରି ଆଏଲା ଦିନ୍
ଆଶ୍ରମ୍ ତରେଁ ଫୁଲ୍ ଫୁଟ୍ଲା ରଂଗି୍ନ ଭିନ୍ନ୍ ଭିନ୍ । ॥୯୮॥

ମୁନି କହେଲେ ଯିମା ଏତ୍କେଁ ଭଜନ୍ ପୂଜନ୍ ସାର
ସଂଧିଆ ଶଉଚ୍ ବେଲା ଘଡ଼ିକେ ସବୁ ଯିମା ଚାଲ । ॥୯୯॥

ପୁଂଥି ସଁଖ୍ଲିଁ ଉଠି ପଡ୍ଲେ ବାଲ୍ମିକୀ ମହାଋଷି
ତାର୍ ପଛା ପଛ୍ ସଭେ ଉଠ୍ଲେ ମନ୍‌ମାନ୍ ମହାଖୁସି । ॥୧୦୦॥

❑

# ପାଉଚ୍-୩

## ରାମ୍-ସୀତା ଆର୍ ଅଷ୍ଟବକ୍ର (ପ୍ରାନ୍ତାନୁ ପ୍ରାସ୍)

ଧରା ହଇଁ ଭରା ହେଲେ ନ ସାରା ଆକାଶର୍ ତାରା
ଲାଲ୍ ଗଲ୍ ଗଲ୍ ଦିଶେ ଇଛନ୍ ପୂରୁବ୍ ଆକାଶ୍ ତରା । ॥୧॥

ଡ଼ଙ୍ଗର୍ ଶିଘୁଁ ଉତ୍ରି ଖରା ରଙ୍ଗେ ଆଟ୍ ଗୁଡା
ଚ଼ରା ନୁରି ବାହାରିଲେ ନ ଚ଼ରେ ଛାଡ଼ିଁ ଗୁଡ଼ା । ॥୨॥

ସମର୍ ଚ଼ିଥଲ୍ ଚ଼ରି ବାହାରନ୍ କେତେ ତର୍‌ତରେଁ
ଛୁଆ ଗୁହୁଡ଼ା ଚ଼ହଲି ବୁଲନ୍ ଆଶ୍ରମ୍ ତରେଁ ତରେଁ । ॥୩॥

ବେଦୀ ଉପ୍ରେଁ ବସିଁ ଗଲେନ ଋଷି ଆସନ୍ ପାରି
ରାମ୍-ରାହାନେ ଚାଲି ହେବେ ଦୁଖ୍-ଦରିଆ ପାରି । ॥୪॥

ଲବ କୁଶର୍ ବୀନା ସାଂଗେଁ ଖଁଜନି ରାମ୍ ତାଲି
ବାଜେ, ରାମ୍ ଭଜନ୍ ନାଇଁ ସରି ଥାଇଁ ତାଲି । ॥୫॥

କଲର୍ କଲର୍ ବନ୍ଦ୍, ବନ୍ଦ୍ ହେଲା ବୀନାର୍ ତାନ୍
ମୁନିର୍ ମୁହଁ ଫିଟ୍‌ଲା କି ସବୁ ତୁନ୍ ତାନ୍ । ॥୬॥

ମୁନି କହେଲେ ଅବଧ୍ ଆଏଜ୍ ଜାଗି ଉଠେ ଫେର୍
ରାମ୍‌କୁଁ ପାଇ ଉଛଲି ଉଠେ ଆନନ୍ଦ-ବଂଧେଇର୍ ଫେର୍ । ॥୭॥

ହନୁମାନ୍‌କୁଁ ଛାଡ଼ି ଗଲେନ ଉନିଆଁ ସବ୍ କୁନୁଆଁ
ଚ଼ଉଦ ବଛର୍ ପରେଁ ଅବଧ୍ ଆଏଜ୍ ଅବକ୍ ନୂଆଁ । ॥୮॥

ମୁନୁଷ୍ କଥା ଛାଡ଼ ଗଛ୍ ଲହ୍ ଜାନୁଆର୍ ଜଁତ୍
ରାମ୍-ରସେଁ ସର୍ ସର୍ ଗୁଡେଁ ମୁଡ୍ ପରଯନ୍ତ । ॥୯॥

ରାମ୍-ରସର୍ ନଏଦ୍ ବୁହେ ସଭେ ଯାଆନ୍ ପହଁରି
ରାମ୍-ଭାବର୍ ବାସ୍‌ନାନେ ସଭେ ଯାଆନ୍ କହଁରି । ॥୧୦॥

ଫସଲ୍ ଜାନି ପାଏନ୍ ବର୍‌ଷେ ଦର୍‌କାର୍ ନେଇ ଧୁକା
ସୁଖ୍ ସଉଭାଏଗ୍ ରାଏଜ୍ ସାରା ନାଇଁ ଭୁଖା ଦୁଖା । ॥୧୧॥

ମନ୍ତ୍ରୀ ନୁକୋ ବିଚାର୍, ଅଏନ୍ ଉପ୍‌ଦେଶ୍ ଦିଅନ୍ ରଷି
ଦାନ୍ ଧରମ୍ ତିଆଗେଁ ଦିଶେ ସମ୍‌ଙ୍କର୍ ପଉରୁଷି । ॥୧୨॥

ଚୁରି ହାରି ନାଇଁ ଇମାନ୍ ଦାରିର୍ ବଢ଼େ ମାଏନ୍
ସବୁ କବାରେଁ ଲାଭେଁ ଲାଭ୍ ଜନା ନାଇଁ ହାଏନ୍ । ॥୧୩॥

ପୁରୁଷ୍ ପିଲେ ଚାହୁଁଥିଲେ ବନି ଯାଏ ତେ ରାମ୍
ସୀତା ମିତାଲ୍ ହେତେ ନାରୀ ଚେରେଷ୍ଟା ଅବିରାମ୍ । ॥୧୪॥

ରାମ୍‌ଲେଖେଁ ପୁଓ ନିଶାନେ ମସ୍‌ଗୁଲ୍ ମାଁ କୁଲ୍
ବାପ୍‌ମାନେ ତ ସେଥିର୍ କାଏଁ ଚଉଦ ବର୍‌ଷୁଁ ଆକୁଲ୍ । ॥୧୫॥

କିଏ ସହରାଏ ସୀତାର୍ ଭାଏଗ୍ ପାଇଛନ୍ ଯେନ୍ ପତି
କେ କହେ ଇ ରାଏଜ୍ ଧଏନ୍ ପାଇ ରାମ୍-ସଂପତ୍ତି । ॥୧୬॥

ରାମ୍ ବସିଛନ୍ ସୀତା ସାଂଗେଁ ଉଆସ୍ ଉଭାଗର୍
ଧାର୍ ଧରି କାଏଁ ଚୁକି ହଉଛେ ଶିରୀ ସର୍‌ଗର୍ । ॥୧୭॥

ରାମ୍ ଅଲ୍‌ଗା ସୁନ୍ଦର୍ ସେନ୍ତା ସୀତା ସୁନ୍ଦର୍ ଆନ୍
ଦୁହେଁ ଥିଲେଁ ଯେତ୍‌କି ସୁନ୍ଦର୍ କାହିଁ ହେନ୍ତା ଆନ୍ । ॥୧୮॥

ଦୁହେ ବସିଛନ୍ ଲଗାଲଗି କଥାବାର୍ତ୍ତା ନାଇଁ
ସୋର୍ ନାଇଁ ଭୋଲ୍ ଦୁହେ ଦୁହିଙ୍କୁଁ ଅନାଇଁ । ॥୧୯॥

ତିନ୍‌ହି ଦିହ୍ ପାଁଚି ପରାନ୍ ବାହାରେଁ ଆତ୍ମା ଗୁସିଆଁ
ଅଖେ ଅମର୍ ଅଛେ କେଭୁଁ ଅଟୁଟ୍ ଆର୍ ଅସୀଆଁ ॥୨୦॥

ରାମ୍ କହେଲେଁ ସେ ଅ' କାଏଁ ? ମୋର୍ ଲାଗି ବଇଦେହି !
ମୁକ୍‌ଲା ଉଖ୍‌ଲା ଦିହ୍‌କେ ମୋର୍ ତୁମେ ଦୁର୍ଲଭ ହେଦୀ । ॥୨୧॥

ମୋର୍ ପର୍‌ଚେ କେ'ନ ଅଛେ ତୁମର୍ ଅତି ବିନା
ତୁମେ ସେଥିର୍ ତାର୍ ମୋର୍ ହୁରୁଦ୍ ହେଲେଁ ବୀନା । ॥୨୨॥

ଏତ୍‌କି ଶୁନି ଗୁଟା ଗୁଟି ସୀତା ଗଲେ ତର୍‌ଲି
ଲହ ହଇ ଆଖିର୍ କନୁ ଗାଲ୍‌କେ ଗଲେ ସର୍‌ଲି । ॥୨୩॥

ଲଜେଇ ଗଲେ ଜନକ୍ ଜେମା ହଜେଇ ନେଲେ ନିଜ୍‌କେ
ପାଏଲେ ଇଛନ୍ ନୁରୁଥିଲା ପିଁଡ୍ ପରାନର୍ ବୀଜ୍‌କେ । ॥୨୪॥

ଅଷ୍ଟାବକ୍ର ଋଷି ଆଇଛନ୍ ଦୁଆଁରେ ଡ଼ାକେ ଦୁଆରୀ
ଦୁହେ ଉଠି କରି ବସ୍‌ଲେ ବନ୍ଦେଇ ଆନ୍‌ବାର୍ ତିଆରି । ॥୨୫॥

ସର୍‌ଲା ପୂଜା ଉପଚାର୍ ଯୁହାର୍ ଆଶୀର୍ବାଦ୍
ଋଷି ଆଏବାର୍ କାଯେଁ କଲେ ଖୁସିର୍ ଧଏନ୍‌ବାଦ । ॥୨୬॥

ରାମ୍ କହେଲେ ଅବଧ୍ ଜେମା ଶାନ୍ତା ଆମର୍ ବହେନ୍
ପତି ଋଷି ଶୃଙ୍ଗ ସାଂଗେ ଯଜ୍ଞ କରନ୍ ଅଏନ୍ । ॥୨୭॥

ଋଷି ଭିଲିଁ ଥିଲ ସେନ ତୁମେ ଋଷିରାଜ୍
ଆମକୁଁ ଦୟା କଲ କରିଇନ୍‌କେ ବିରାଜ୍ । ॥୨୮॥

ଶାନ୍ତା ଆମର୍ କେନ୍ତା ଅଛେ ? କିଛି କା'ଣା କହିଛେ ?
କୁଏଁ ପିଲାର୍ ଯଜ୍ଞର୍ ଭାର୍ ବହ୍‌ଏ ଭାବେଁ ବୁହିଛେ ? ॥୨୯॥

ଗୁରୁ ବଶିଷ୍ଟ୍ କେଭେଁ ଆଏବେ ? ଦୂହୁଁଜନଙ୍ଖ ଯୁହାର୍
ତାକର୍ ବିନେ ଫିକା ଲାଗେ ଆମର୍ ଆହାର୍ ବିହାର୍ । ॥୩୦॥

ଋଷି କହେଲେ ''ଖୁସି ଅଛନ୍ ଶାନ୍ତା ରାଜ୍‌ଜେମା
ଜାନି ପାରି ଧର୍‌ତୀ ଜେମା ସୀତା ହେବେ ଯେ ମାଁ । ॥୩୧॥

ଖିଆ ପିଆ ଖେଲ୍ ବୁଲାଥିଁ ଯାହା ଚାହେଁବେ ସୀତା
'ନାଇଁ ପଦ୍‌ନେ ନାଇଁ ହେବେ ଯେନ୍ତା ଚାହେଁବେ ସୀତା । ॥୩୨॥

ଏତ୍‌କି ନ ମାଗ୍‌ନି ମୋର୍ କହେବ ଦଦା ରାମ୍ ନେ
ବହୂଯେନ୍ତା ରହୁଥିବେ ହରୁମେଷ୍ ଅରାମ୍ ନେ । ॥୩୩॥

ଏତ୍‌କି ଶୁନି ସୀତାରାନୀ ଲାଜେଁ ଲୁହାନ୍ ମଥା
ରାମ୍ ମାଏଲେ ମୁଲ୍‌କିଁ ହଁସା ସୀତା-ମରମ୍ -କଥା । ॥୩୪॥

**ବଶିଷ୍ଠ ଋଷି ଯାହା କହିଛନ୍ କହୁଛେଁ ସେ ପଦ୍‌କ**
**"ପଦ୍ ପଦ୍‌ବୀ ତୁମକୁଁ ପାଇ କରି ନେଇଛନ୍ ପଦ୍‌କ ।** ॥୩୫॥

**ରାଜ୍ ପଦବୀ ଆଏକ୍ ନେଇଛେ ତୁମର୍ ଠାନେ ଆଶ୍ରା**
**ଉଦ୍‌ବେଗ୍ ଆଏ ଉଦ୍‌ଗାର୍‌ବା ରଜାର୍ ଗୁଣ୍ ପସ୍‌ରା ।** ॥୩୬॥

ରଜାର୍ କାଯେଁ ପର୍‌ଜା ଆଏ ସମ୍‌କର୍ କୁଁ ବଡ୍‌ଧନ୍
କରି ପାର ଯଦି ପର୍‌ଜାର୍ ସଂତୋଷ ବର୍ ଧନ୍ । ॥୩୭॥

ପର୍‌ଜାର୍ ସୁଖ୍ ଲାଗି ରଜା ଦୁଖ୍ ନେଲେଁ ବରି
ରଜାର୍ ନାମ୍ ରଖେ ପୁରାନ୍ ପଦ୍‌ରେଁ ପତ୍ରେ ଆଦରି । ॥୩୮॥

ରାଜ୍ ସିଂହାସନ୍ ତଲେଁ, ଉପ୍‌ରେଁ ରାଜ୍ ମୁକୁଟ୍
ଉବାଟେଁ ନେବାର୍ ଲାଗି ନାଇଁ ସର୍‌ଜୁନ କେନ୍ କୂଟ୍ ? ॥୩୯॥

ରାମ୍ କହେଲେ ସୁନ୍‌ନୁହେ ଗୁରୁର୍ କଥା ଗୁରୁ
ହିତର୍ ଲାଗିଁ ପୁରହିତ୍ ଗଉରବ୍‌କେ ଆ'ନ୍ ଗୁରୁ । ॥୪୦॥

ଜନେଇ ନେବ ତାକର୍ କଥାର୍ ଲାଗିଁ ଆଏଁ ଲାଗୁଆ
ମୋର୍ ଭାଏରତା ତାକର୍ ଉପଦେଶ୍‌ର ଆଏ ଭାଗୁଆ । ॥୪୧॥

ମୋର୍ ମତ୍ ଆଏ ସତ୍ କହୁଛେଁ ମାଏନ୍‌ତା ମହାଋଷି !
ପର୍‌ଜା ତୁଷି ପାର୍‌ଲେଁ ଫୁଟେ ରଜାର୍ ପଉରୁଷି । ॥୪୨॥

ଖୁଲି ପାର୍‌ଲେଁ ବୁଲି ଦେଖ୍‌ତ ମୋର୍ ମନର୍ ରାଏଜ୍
ପର୍‌ଜା-ସୁଖ୍-ଚିଂତା ବିନା କିଛି  ଅଛେ କାଏଁ ଆଏଜ୍ । ।।୪୩।।

ପର୍‌ଜା ସୁଖର୍ କାଏଁ ସାରା ସୁଖ୍ ସଉଭାଏଗ୍ ତେଜି
ଜଲ୍‌ତା ଜୀବନ୍-ବଏଠାର୍ ମୁଇଁ ସଏଲ୍‌ତା ଦେମି ତେଜି । ।।୪୪।।

ମୋର୍ ସାଙ୍ଗେଁମୋର୍ ବର୍ଲି ଯାହା ସଁପେଁ ସୀତାକୁଁ
ପର୍‌ଜା ଲାଗି ଦର୍କାରହେଲେଁ ସଁପିନେମି ସେତାକୁଁ । ।।୪୫।।

କହେଲି ଯାହା -କରମି ତାହା ସତ୍ ସତ୍ ସତ୍
ମହା ରଷି ମହାନ୍ ଖୁସି ମହାରାନୀ ବି ଉଷତ୍  । ।।୪୬।।

ରଷି ଭାଗ୍‌ଲେ ନିଜର୍ ମାର୍‌ଗେଁ ରାମ୍ ରଖି ଧିଆନେ
ଏନ୍ତା ଶୁନ୍‌ବେ ମୁନି ନାଇଁ ଥାଇଁ ମନେ ଗିଆନେ । ।।୪୭।।

ରାମ ସୀତା ଦୁହେଁ ଦୁହିକୁଁ ଦେଖିଁ ହେଲେ ମଉନ୍
ତିଆଗୁଁ ଲାଗେ ବାଦ୍, ନୁହନ୍ କିହେ କାହାକେ ନିଉନ୍ । ।।୪୮।।

ଗଛ୍‌କି ରାଛ୍ ବଗ୍‌ଚା, ଫୁଲ୍ ଅଂଗେଁ ଅଂଗ୍ ମାଖୁଛେ
ଆସ ବର୍ଲି ଭଅଁର୍ ମୁହିଁ ସଂଗେ ସଂଗ୍ ଡାକୁଛେ । ।।୪୯।।

ଝାର୍ ଫୁଲେଁ ନ ହାର୍ ମାଖି ରହୁଥିଲି ଖିସେଇ
ଓସ୍ ବୁଂଦାନେ ଅସଂତୋଷର୍ ଲହ ରୋଇ ଖିସେଇ ।।୫୦।।

''ସୀତା ! ଚାଲ  ଯିମା ସେ'ନେ ବସିଥା ବାଗିର୍ ଲାଗ୍‌ସି''
ରାମ୍ କହେଲେ 'ଅଦର୍‌କାରୀ ଦକ୍ ନାଇଁ ରହେ ଭାଗ୍‌ସି' । ।।୫୧।।

ବସିଥିବାର୍ ସୀତା ଆଡ୍‌କେ ହାତ୍‌ଟେ  ଦେଲେ ଲମେଇ
ତାହାକେ ଧରି ଧୀତା ଚାଲି ଆଏଲେ ଟିକେ ଧିମେଇ । ।।୫୨।।

ତାହାକୁଁ ଦେଖି ଲହମାନେ ଲମନ୍ ଲହଁପି ଲହଁପି
ଛିଇଁବାକେ ସାନ୍ ସୁରୁଗଛ୍ ବି ଆସନ୍ ବହଁପି । ।।୫୩।।

ଲେଠରେଇ ହ'ନ୍ ଦିହେଁ ତାକର୍ ଫୁଲ୍ କେତେ ରଂଗର୍
ଚ଼ରେ ଉଡ଼ି ଗାଇ ବୁଲନ୍ ଗୀତ୍ କେତେ ଢଂଗର୍ । ॥୫୪॥

ହୁର୍ ହୁରିଆ ଧୂକା ଧରି ଫୁଲ୍ ମାନ୍‌କର୍ କହର୍
ରାମ୍ ସୀତାକୁଁ ଲଗେଇ ନେଲା ବର୍‌ଚାବୁଲା ଲହର୍ । ॥୫୫॥

ବର୍‌ଚା ତଲ୍‌ଟା ଲୁଭ୍‌ଭୁଲାନି ଛାଇଁ ଯାଇଛେ ଦୁବ୍‌ଲା ।
ପରା ହଇଛେ ଶାଗୁଆ-ଗାଲ୍‌ଚା ଟିକେ ନାଇଁ ଧୂବ୍‌ଲା । ॥୫୬॥

ଦିହ୍‌କେ ଲମେଇ ତଲେଁ ମୁଡ୍‌କେ ହାତେଁ ଥୁଇଲେ ରାମ୍
ସୀତା ତତ୍‌କାଲ୍ କୋଲ୍‌କେ ପାରି ତାହିଁ ଦେଲେ ଆରାମ୍ । ॥୫୭॥

ଦୁବ୍‌ଲା ରଂଗେଁ ରାମ୍ ଅଂଗର୍ ରଂଗ୍ ଲୁଲାସନ୍ ଲୁକେ
ରାମ୍-ଅଂଗ୍ ରଂଗେ କାହିଁ ଦୁବ୍‌ଲାର୍ ରଂଗ ଲୁକେ । ॥୫୮॥

ଜନକ୍ ଝେମାର୍ କନକ୍ ଶରୀର୍ ତାହିଁ ହଉଥାଏ ବା'ରି
ନୀଲିଆ ମେଘର୍ ସଂଧି ଭିତ୍‌ରେଁ ବିଜ୍‌ଲି ମାରେ ଭାରି । ॥୫୯॥

ରାମ୍ କହେଲେ ଠାନ୍‌ଟା କେତେ ବନ୍‌ଏ ଲାଗେ ସୀତା !
ରାଜ୍ ଦର୍‌ବାରେଁ ବସି ହର୍‌ମେଷ୍ ଜୀବନ୍ ଲାଗେ ଶିଠା । ॥୬୦॥

କହେଲେ ସୀତା ଭଲ୍ ଲାଗତା ଆହୁରି ଟିକେ ଜହ
ପାଶେଁ ନାଇଁ ଶୁଭୁଥିଲେଁ ସହରର୍ ଗହ୍ ଗହ୍ । ॥୬୧॥

ମୁନି ଆଶ୍ରମ୍ ମନୋରମ୍ ଥିସନ୍ ସନ୍ୟାସିନୀ
ଆଶ୍ରମେ ଥାଇ ଶ୍ରମ କର୍‌ସନ୍, ଦୁଖ୍ ରୋଗ୍ ନାଶିନୀ । ॥୬୨॥

ଆଶ୍ରମ୍ ଲେଖେଁ ଶୁଦ୍ଧ୍ ସୁତର୍ ତାଙ୍କର୍ ମନ୍ ଚିତ୍
ମୁହଁର୍ ହଁସି ଘିନି ନେସି ଦେଖ୍‌ଲେ କି ନିଶ୍ଚିତ୍ । ॥୬୩॥

ହେନ୍ତା ଠାନେ ବେଲେ ଛନ୍‌ଏ ରହେବାର୍ ମନ୍ ହେସି
ହେଲେଁ ତୁମ୍‌କୁଁ ଛାଡ଼୍‌ବାକେ ମନ୍ କେନ କହେସି ? ॥୬୪॥

ରାମ୍ କହେଲେ ଗରଭ୍‌ବତୀ ବହୂର ଯାହା କାମ୍‌ନା
ଶାନ୍ତା କହିଛେ ପୂରା କର୍‌ବ ନାଇଁ କର୍‌ବ ମନା । ॥୬୫॥

କାଁ କଥାର୍ କଥା ଇଟା ଆଶ୍ରମ୍ ଆଏବ ବୁଲି
ସେ ନିର୍ ସୁଖ୍ ଶିରୀ ଭିତ୍‌ରେଁ ମତେ ଯିବ କାଏଁ ଭୁଲି ? ॥୬୬॥

ଜହ୍ନମାମୁଁ ମେତାଲ୍ ମୁହ୍‌ଁକେ ଫୁଲେଇ କହେଲେ ସୀତା
ନାଇଁ କର୍‌ବ କେଭେଁ ଏନ୍ତା ଅଙ୍ଗା ଦିହ୍-ଶୀତା ॥୬୭॥

ମୁହଁ ଫୁଲାଲେଁ ଫୁଲି ଉଠ୍‌ସି ତୁମର୍ ସୁନ୍ଦର୍ ପନ୍
ନିଜ୍‌କେ ଦେଖି ହଏ ତମର୍ ମୁହଁ କଲେଁ ଦର୍‌ପନ୍ ॥୬୮॥

ରାଜ୍ ସଭା ବାଟ୍ ଦେଖେ ରାଜ୍‌ରାନୀ ! ଚାଲ ଯିମା
ଖୁସିନେ କାଏଁ ବସି ଦଉଛେ ଏଡେ ରାଏଜର୍ ଜିମା । ॥୬୯॥

ରାମ୍ ମୁହାଁଲେ ରାଜ୍ ସଭାକେ ସୀତା ରାନୀ ବାସ୍
ଏକ୍ ଆତ୍‌ମା ଅଲଗ୍ ହେବେ ନାଇଁ ହଏ ବିଶ୍ୱାସ୍ । ॥୭୦॥

‘‘ଶୁନ୍‌ଲେଁ ଶୁନୁଥା ଲେଖେଁ ଲାଗେ ରାମ୍ ଚରିତ୍
ମୁନି କହନ୍ ‘‘ଦୁଖ୍ ଲାଗେ ନୁହି ଲେଁ ଆଚ୍‌ରତ୍ । ॥୭୧॥

ଇନୁ ଇ ଆଡ୍ ଯାହା ହେଲା ବେଲ୍‌ହଉ ବସି ଶୁନ୍‌ମା
ରାମ୍‌କୁଁ ଜାନ୍‌ବାର୍ ଲାଗିଁ ହେଲେଁ ତାକର୍ ଗୁନ୍ ଗୁନ୍‌ମା । ॥୭୨॥

ଯିମା କାଏଁ ଯେ ? ବେଲ୍ ଆସି ମୁଡ୍ ଉପ୍‌ରେଁ ହେଲା
ବେଲ୍ ଜାନି ଖଉଚ୍ ସଂଧିଆ ସରୁ ନୁହୁ ହେଲା । ॥୭୩॥

ରାମ୍ ଭଜନ୍-ସାରି ସଭେ ଉଠନ ଛାଡ଼ି ଆସନ୍
ତର୍‌ତରାନୁ ନିଜର୍ ନିଜର୍ କୁରିଆ ଆଡ୍‌କେ ଆସନ୍ । ॥୭୪॥

❑

# ପାଉଚ୍ -୪
# ସୀତା ନିର୍ବାସନ୍

ସଭା ହେଲା ଉପର୍ ବେଲା ସର୍‌ଲା ପୂଜା ବିଧି
ମୁନି କହନ୍ କଲେ ଯାହା ରାମ୍ ଗୁଣର୍ ନିଧି । ॥୧॥

ମୁନି ଦେଖ୍‌ଲେ ନାଇଁ ଆସିନ ସୀତା ଆଏଇ୍ ଶୁନି
ତାକର୍ ଦୁଖର୍ କଥା ଆଏଇ୍ ସଭାନେ ହେବା ବୁନି । ॥୨॥

ଲବକୁଶ ବି ଠିକ୍ ନାଇଁ ନ ଜାନି ମା'ର୍ ମନ୍
ମାଆଁ ସାଙ୍ଗେଁ ରହି ଗଲେ ଇ ଅଧିବେଶନ୍ । ॥୩॥

ରାମ୍ ଜାନ୍‌ଲେ ଫୁସୁର୍ ଫାସର୍ ଲୋକ ଭିତରେଁ ଚାଲେ
ସଭେ ଜାନି କିହେ କାହାକେ କହି ନାଇ ପାରେ । ॥୪॥

ସବୁ ଆଡେଁ ଶୁଭୁଥାଏ ରାମ୍-ରାଏଜର୍ ନାମ୍
କେନ୍ କଥାଟେ ଗୁପ୍‌ତେଁ ହଏ ଇ କାନୁଁ ସେ କାନ୍ । ॥୫॥

ଗୁପତ୍ ଖବର୍‌ଦାର୍ ମାନେ ନାଇଁ କରନ୍ ଦମ୍
ମୋର୍ କାନ୍‌କେ ଆଏତା ତ କଥା କମ୍ ସେ କମ୍ । ॥୬॥

ମଂତ୍ରୀମାନେ ନାଇଁ ଜାନ୍‌ବାର୍ ନାଇଁ ଜାନ୍‌ଏ କେନ୍ ଭାଏ
ଯେନ୍ତା ହଉ ଜାନ୍‌ବାକେ ପଡ୍‌ବା କା'ଣା ଆଏ । ॥୭॥

ଏନ୍ତା ଭାବିଁ ବେଶ୍ ବଦ୍‌ଲେଇଁ ରାତି ରାତି ରାମ୍
ବୁଲି ବସ୍‌ଲେ ରାଇଜ୍ ସାରା ନାଇଁ କରି ବିଶ୍ରାମ୍ । ॥୮॥

କାହିଁ ଶୁନ୍‌ଲେ ଚର୍‌ଚା ହୁଏ ଘର୍ ଖର୍‌ଚାର୍ ହିସାବ୍
କେ'ନେ ପତି ପତ୍‌ନୀ ବସନ୍ ଖୁଲିଁ ପୁରାଣ୍ କିତାବ୍ । ॥୯॥

କେନ୍ ଠାନେ କେ କହେ ନାଇଁ ରାମ୍ ମେତାଲ୍ ରାଜା
ତିନ୍‌ହି ପୁରେଁ ବାଜେ ଆଏଜ୍ ତାକର୍ ଯଶ୍-ବାଜା । ।।୧୦।।

କେନେ କିଏ ଫୁକ୍‌ରେଇ ଶୁଏ କବାଟ୍ କରି ମେଲା
ରାମ୍ ରାଏଙ୍କେଁ ଚୁରି ହାରିର୍ ସଂଭବ୍ କେଭେଁ ହେଲା ? ।।୧୧।।

କାହିଁ ବୁଢ଼ା ବୁଢ଼ୀ ଚେତି ହୁଅନ୍ କଥା ବାର୍‌ତା
ସଦ୍ ଆଏ କାଏଁ ରାମ୍‌କୁଁ କହନ୍ ଇ ଜଗତର୍ କର୍‌ତା । ।।୧୨।।

କିଏ କହେ ସୀତା ମାତା ଜନକର୍ ଝିଁ’ ନୁହେ
ପୁର୍‌ଥୀ ମାତାର୍ ଗର୍‌ଭୁଁ ଜନ୍‌ମି ଅପାର୍ଥିବ ହୁଏ । ।।୧୩।।

କେନ୍ ଘର୍‌ନେ ଦୂର୍ ଗାଁନୁ ସମ୍‌ଧି ଆଇଛେ କୁନୁଆଁ
କହେ ନାଇଁ ଶୁନି ଥାଇଁ ରାମ୍ ମେତାଲ୍ ଧୁନୁଆଁ । ।।୧୪।।

ରାବଣ୍ ଲେଖେଁ ରାକ୍ଷସ୍ ଆର୍ ବାଲି ଲେଖେଁ ବଲୀ
କୁହା ନାଇଁ ଲାଗ୍‌ଲା ସୁହା କରି ଆଏଲା ଚ଼ଲି । ।।୧୫।।

ଝନ୍‌ଏ ନାଇଁ ମରି ଦେଶର୍, ଖର୍‌ଚା ନୁହେ ପନ୍‌ଏ
ଧଏନ୍ ଧଏନ୍ ଈ ସୁରୁଯ୍ କୁଲେଁ କାହିଁ ଏନ୍ତା ଜନ୍‌ଏ । ।।୧୬।।

ଅପୂରୁବ୍ ଈ ସୂରୁଯ୍ କୁଳର୍ କଥା ଆଏ ହୋ ସମ୍‌ଧି !
କାହାକେ କେହେନି ଦୁଷେଁ କେଭେଁ କେନ ହେସି ଅବ୍‌ଧି । ।।୧୭।।

ରାମ୍ ମେତାଲ୍ ରଜା ତାର୍ ଲକ୍ଷ୍ମଣ୍ ଲେଖେଁ ଭାଏ
ସୀତା ମିତାନ୍ ରାଣୀ ଜନ୍‌ଏ ଭାଗେଁ୍ୟ ଥିଲେ ପାଏ । ।।୧୮।।

ଭରତ୍‌କେ କାଏଁ କମ୍ କହେନ୍ ସମ୍‌କରୁଁ ଆଏଜିତା
ଘରେଁ ଥାଇ ବାବାଜୀ ବାଗିର୍ କିଏ କାହିଁ ଥିତା ? ।।୧୯।।

ଶତ୍‌ରୁଘନ୍ ବି ଭରତ୍ ସାଂଗେଁ ଛାଏ ମେତାଲ୍ ରହି
ଜବତ୍ ସଭେ ଜନ୍‌ଏ ନାଇଁ ଅବଧ୍-ଅଏରି ହଇଁ । ।।୨୦।।

ଶୁଇ ବସ୍‌ଲା ସାରା ସହର୍ ଆସି ବସ୍‌ଲେ ରାମ୍
ଗଲିର୍ ଶେଷେଁ ଗାଲିଝଗର୍ ଶୁଭେ ଦେଲେ କାନ୍ । ॥୨୧॥

ଯାଇ ଦେଖ୍‌ଲେ ଜୁହିଁ ସେ'ଟା ଆଏ ଧୁବା ଘର୍
ସୋଉ୍ କଥାକେ କର୍‌ବର୍ ହ'ନ୍ କନିଆଁ ବର୍ ! ॥୨୨॥

ଦିନ୍‌କର୍ କଁଟେଁ ଘର୍‌ନୀ ଯାଇଥିଲା ମା' ଘର୍
ବାସି ଶୁଇ ଆସିଥିଲା ଗୁଟେ ଦିନର୍ ପର୍ । ॥୨୩॥

ସେଥିକେ ତାର୍ ଘର୍ ଗୁସିଆଁ ରାଗେଁ ଯାଏ ଜଲି
ଗାଲି ଝଗ୍‌ରେଁ ଘର୍ ଉହ୍‌ଲିଁ ଉହ୍‌ଲେ ସେ ଗଲି । ॥୨୪॥

ଘରନୀ କହେ ରାବଣ୍ ଘରେଁ ରହେଲେ ବଛର୍‌କୁତା
ସୀତା, ସେ'ଟା କହେବାର୍ କେ ସମ୍‌କର୍ ମୁହିଁ ଥୁଆ । ॥୨୫॥

ଦୁସ୍‌ରା କାହିଁ ନୁହେ, ମୁଇଁ ଥିଲିଁ ମାଆଁ ଘରେଁ
ଟିଆ ଡ଼େଗ୍‌ଲା ଦିନ୍‌ଏ ତୋର୍ ହିଆ ଡ଼େଗେ ଖରେଁ । ॥୨୬॥

ବଡ଼୍ ଘର୍‌କେ ରଂଗେଇ ରୂପା ପିତଲ୍ ହଏ ସୁନା
ଛୋଟ୍ ଘରର୍ ବର୍ଲିଁ ମୋଟ୍ ଦିଶେ ମୋର୍ ଗୁନ୍‌ହାଁ । ॥୨୭॥

ରାମ୍ ଭାବ୍‌ଲେ ସେତେବେଲେଁ ଇ ସବୁର୍ ଭଏନେ
ପାର୍ ପାଏବାକେ ପଶେଇଥିଲିଁ ସୀତା ଜଲ୍‌ତା ଜୁଏନେ । ॥୨୮॥

ସାରା ସମାଜର୍ ମଏଲା ଲୁଗା ସଫା କରେ କାଚି
ରାଏଜ୍ ବାସୀର୍ ମନର୍ ମଏଲା ଧରି ପକାଲା ବାଛି । ॥୨୯॥

ସଫା କର୍‌ବାର୍ ବୁତା ତାର୍ କଲା ନିଜର୍ କାମ୍
ଧଏନ୍ ଧଏନ୍ ତାହାକେ ଇଥିଁ ଦୁଖିତ୍ ନୁହେ ରାମ୍ । ॥୩୦॥

ଭାଲିଁ ଭାଲିଁ ଇ କଥାକେ ଚାଲି ଚାଲି ରାମ୍
ରାଇ୍ ଭବନ୍ ପୁହୁଁଚି, କଲେ ନିଜ୍‌କେ ଥୁମ୍ ଥାମ୍ । ॥୩୧॥

ଅଷ୍ଟାବକ୍ର ଋଷି ଆଗେଁ କହେଲା କଥା ଲହେଲା
ସବୁ କଥାର୍ ଆଗୁଁ ସୀତା ଛାଡ଼୍‌ମି ସିନା ପହେଲା । ॥୩୨॥

ସୀତା ଛାଡ଼୍‌ବାରେଁ ଚିଂତା ନାଇଁ ସେ ଯାହିଁ ମୁଇଁ ତାହିଁ
ଦିହ୍ ଥିବେ ଅଲଗ୍ ଅଲଗ୍  ଆତ୍‌ମା ରହେବେ କାହିଁ ? ॥୩୩॥

ଅସ୍‌ଗଁତ୍ ଦିହେଁ ସୀତା ଚାହୁଁଥିଲେ ମୁନି ଆଶ୍ରମ୍
ତାକର୍ ଇଛା ପୂର୍ତ୍ତି ହେବା ନାଇଁନ ଇଥି ଭ୍ରମ୍ । ॥୩୪॥

ସମିଆନେ ସକାଲ୍ ପାଏହଲା ସବୁଦିନ୍ ବାଗିର୍
ଲୋକ୍ ପଠାଲେ ଲକ୍ଷ୍ମଣ୍‌କେ ଡ଼ାକି ଆନ୍‌ବାର୍ ଲାଗିର୍ । ॥୩୫॥

ଲକ୍ଷ୍ମଣ୍ ଆସି ଯୁହାର୍ କଲେ ଛିଇଁ ଦଦାର୍ ପାହା
ଦଦାର୍ ମୁହେଁ ପାଏନ୍ ନାଏଁନ କାଁ କରି ଯେ ଆହା । ॥୩୬॥

କହେଲେ "ପ୍ରଭୁ ! କେନ୍ କଥାକେ କର କାଏଁ ଧକ୍ ?
ଆନନ୍ଦ୍ ମନେ ନିରାନନ୍ଦ୍ ଦେଖିଲେଁ ଲାଗେ ସକ୍" । ॥୩୭॥

ତୋର୍, ମୋର୍ ସୀତାର ଲାଗି ପରୀକ୍ଷାର୍ ବେଲା
ପାର୍‌ମା କି ନି  ? ପାର୍ ହଇ ଯେ ଆଗେଁ ଆସି  ହେଲା । ॥୩୮॥

ମୋର୍ କଥା ମୁଇଁ ପାର୍‌ମି ତୁଇଁ କେନ୍ତା କର୍‌ବୁ କହ
ସୀତା ପାର୍‌ବେ ଭର୍‌ସା ଅଛେ ସେ ବର୍‌କସ୍ ଜହ" । ॥୩୯॥

ରାମ୍ ଏତ୍‌କି କହି ନୀରବ୍, ଆଏଁଖି କହେଲା କଥା
ଲହ ହଇ ଲହଁପି ଆଏଲା ହୁରୁଦ୍ ସାରାର୍ ବଥା । ॥୪୦॥

ଆଁଠୁ ମାଡ଼ି ବସି ଲକ୍ଷ୍ମଣ୍ ଦଦାର୍ ପାହା ଧରି
କହେଲେ "ମୋର୍ ନେ ଭର୍‌ସା ନାଇଁ ? ନାଇଁ ପାରେଁ ମୁଇଁ କରି ? ॥୪୧॥

ରାମର୍ କହେଲା କଥା ଲକ୍ଷ୍ମଣ୍ ପକାବା କେବେଁ ତଲେଁ
ଜୀବନ୍ ଥିବା ଯାଏକ୍ ନୁହେ ହେଲେଁ ହେବା ମଲେଁ । ॥୪୨॥

କା'ଣା ଆଏ ? କହ ପ୍ରଭୁ ! ଲକ୍ଷ୍ମଣ୍ ସବୁ ପାରେ
ମାନ୍ ସମ୍ମାନ୍ ଧନ୍ ଜୀବନ୍ କର୍‌ମି ଏଖେଇ ପାରେ ।'' ।।୪୩।।

''ରାବଣ୍ ପୁରେଁ ଥିବାର୍ ସୀତା, ସଭେ ଅଛନ୍ ଅବ୍‌ଦି
ଭିତ୍‌ରେଁ ଯାଏ ରଦ୍‌ର ରଦେଇ ଉପ୍‌ରେଁ ରହନ୍ ଜବ୍‌ଦି । ।।୪୪।।

ଅଷ୍ଟାବକ୍ର ଋଷି ଆଗେଁ କହିଥିଲିଁ ହାଲେଁ
ପର୍‌ଜାର୍ କାଯେଁ ସୀତାକେ ବି ମୂର୍ଛି ନେଇ ପାରେଁ । ।।୪୫।।

ମୁନି ଆଶ୍ରମ୍ ଭଲ୍ ଲାଗେ କହୁଥିଲେ ସୀତା
ସେ ବାହାନାନେ ବିନା ଦୁଷେଁ ହଉନ୍ ନିର୍ବାସିତା । ।।୪୬।।

ବର୍‌ଗୁଛେଁ ତ ସେ କଥାଟା କରି ନେ ମୋର୍ ଭାଏ
ଛାଡ଼ି ଆ'ଯା' ହେନ୍ତା କେନ୍‌ସି ଆଶ୍ରମ୍ ପାଶେଁ ଘାଏ'' । ।।୪୭।।

କା'ଣା କହେତେ ? ଲକ୍ଷ୍ମଣ୍ ଆଖୁଁ ଦରୋ ଦରୋ ଲହ
ବୁହିଁ ଆଏଲା ଏନ୍ତା କଥା କେ'ନ ହେତା ସହ ? ।।୪୮।।

ରାମ୍ କିଛି ନାଇଁ ଦୁହୁରାଇ ବସି ରହେଲେ ମଉନ୍
ଭାବନ୍ ଲକ୍ଷ୍ମଣ୍ ଭାଏଗଟା ମୋର୍ ସତେଁ କେତେ ନିଉନ୍ ? ।।୪୯।।

କଲେଁ ମଲେ, ନାଇଁ କର୍‌ଲେଁ ରାମ୍ ଅମାନ୍ୟ ହେବା
ଭଲ୍ ମନ୍ଦ୍ କାଏଁ ଜାନ୍‌ଏ ? ଯାଉ କବାର୍ ଆଏ ସେବା । ।।୫୦।।

ସେବା- ଧରମ୍ ହେବା ସଂକଟ୍ କେ'ନ ଥିଲିଁ ଜାନି
ବିବେକ୍ ଯ ।ହା କହୁ ଖାଲି ଆଦେଶ୍ ରହେବାର୍ ମାନି । ।।୫୧।।

ହେ ରାମ୍ ! ତୁମେ ସବୁ ଜାନ୍‌ଅ ଜାନୁଥିବେ ସୀତା
କା'ଣା କର୍‌ତିଁ ? ସ୍ୱାଧୀନତା ଯଦ୍‌ରି ଟିକେ ଥିତା । ।।୫୨।।

ଏତ୍‌କି ଭାବି ରଥ୍ ସଜାଲେ ଲକ୍ଷ୍ମଣ୍ ସେ ତୁର୍‌ତି
ରାମ୍ ହୋ, ବଲ୍ ଦିଅ ତୁମର୍ ଇଛା କରେଁ ପୂର୍‌ତି । ।।୫୩।।

ଜାନ୍‌କୀ କୁଁ କହି ବୁଲି ରଥେଁ ଆନି ବସାଲେ
ରଥ୍ ପଶ୍‌ଲା ଝାର୍‌କେ ମନ୍ ଦୁଖ୍-ନଦୀଁ ଭସାଲେ ।  ॥୫୪॥

ଗଂଗା ନଦୀର୍ ଆର୍ ଖଂଡ଼ିଁ ଝାର୍ ନିର୍ଝାର୍ ଲାଗିଛେ
ଅଶାଂତିର୍ ଦେ଼ଖା ନାଇଁ ଦିରିବ୍ ଛାଡ଼ି ଭାଗିଛେ ।  ॥୫୫॥

ହମେଷା ବହେ ତମ୍‌ସା ନଏଦ୍ ଅଲପ୍‌ଟିକେ ଦୂରିଆ
ଗଛର୍ ଫାଙ୍କେଁ ଦିଶେ ପାଖେଁ ମୁନି ମାନ୍‌କର୍ କୁରିଆ ।  ॥୫୬॥

ସେ'ନେ ଯାଇ ଲକ୍ଷ୍ମଣ୍ ସେ ରଥ୍ କଲେ ଠିଆ
ଉତ୍‌ରିଁ ଆଏଲେ ସୀତା, ବତ୍‌ରିଁ ଗଲା ଲକ୍ଷ୍ମଣ୍ ହିଆ ।  ॥୫୭॥

ହେଲେଁ କିଛି ପଦେ ହେଲେଁ ନାଇଁ ପାର୍‌ଲେ କହି
ହଦ୍ ମଦାଇଁ ହୁରୁଦ୍ ଟିକ ହଏ ରହି ଦହି ।  ॥୫୮॥

ହାତ୍ ଦେଖାଲେ ଆଶ୍ରମ୍ ଆଡ଼େଁ, ମୁହଁ ତୁନ୍ ତାନ୍
ଭାବନ୍ ଲକ୍ଷ୍ମଣ୍ ଫାଟେ ନାଇଁ ହିଆ କେଡ଼େ ଟାନ୍ ।  ॥୫୯॥

କହେଲେ "ଇଚ୍ଛା ମହାରାଜ୍‌କର୍ ଇଟା ମହାରାନୀ "
ଅକାବକା ସୀତା ସଉମିତ୍ରୀର୍ ଦଶା ଜାନି ।  ॥୬୦॥

ରଥ୍ ଫିର୍‌ଲା ଆଏଲା ବାଟେଁ,ଫିରି ପାର୍‌ଲା ନାଇଁ
ସୀତାର୍ ଆଏଁଖ୍ ଦୁହିତା, ରଥର୍ ପଛେଁ ରହେ ଧାଇଁ ।  ॥୬୧॥

ଘାଉଁ ଘାଏକେ ରଥ୍ ପଲାଲା ନାଇଁ ଦିଶ୍‌ଲା ଆର୍
ସୀତା ଆଖିଁ ବହେ ଅନବରତ୍ ଲହର୍ ଧାର୍ ।  ॥୬୨॥

ରଥ୍ ହେଲା ଆଁଖିର୍ ଉତାଲ୍ ଧସ୍‌କି ପର୍‌ଲେ ସୀତା
ରାଁଜ୍ ନାଇଁ ଥିଲେଁ ଲହ କାହିଁ ଠହରିତା ?  ॥୬୩॥

ଭୂଇଁ ଉପ୍‌ରେଁ ଭୂଇଁର୍ ଝି' ପଡ଼୍‌ଲେ ଅସଁଖ୍‌ଲା
ଜୀବନ୍ ଥାଇ ଦିହୁଁ ଗିଆନ୍ ଗୁଚ଼ର୍ ପଲେଇଁ ଗଲା ।  ॥୬୪॥

ସୀତାର୍ ଆଁଖ୍ ଲହ, ଚ଼ରେର୍ ସୁରେଁ କାଂଦିର୍ ଶବଦ୍
ଚହଲିଁ କଲା ସେ ଡୁର୍‌ତି ଚାରି ଆଡ୍‌କେ ତବ୍‌ଧ । ॥୬୫॥

ନୀଲାର୍ ଶେଯ୍ ଉପ୍‌ରେଁ ସୁନାର୍ ପୁତ୍‌ଲୀ ଥୁଏ କିଏ ?
ଦେଖ୍‌ଲା ଲୁକର୍ ମନ୍ ଗହନ୍ କେ ଘାଏ ଦହଲେଇ ନିଏ । ॥୬୬॥

ଶାଗ୍ ରସିଆ ଥାଲୀ ଟାକେଁ ସୁନାର୍ ନାରୀ ମୂରତି
କେନ୍ ସୁନାରୀ ଦେଖାଏ କେତେ କଲା କରିଛେ ଭରତି । ॥୬୭॥

କେନ୍ ଦୁର୍ଚ୍ଛନା ଦେବା କବି ନାଇଁ ଦିଅନ୍ ଦେଖା
ନାଇଁ ଚାହାଁନ୍ କେ ବାଂଧି ରଖୁ କବିର୍ କଲମ୍-ରେଖା । ॥୬୮॥

ମାଁକେ ଝି' ପକ୍‌ନିଆଁ ନୁହେ ଧରି ରଖେ ଆଦ୍‌ରି
ପୁର୍ଥୀ ରାନୀର୍ କୁଡେଁ ଅପାଥ୍‌ର୍ବ ସୀତା ସୁନ୍ଦରୀ । ॥୬୯॥

ଛୁଆକେ ଲାଗେ ମା'ର୍ କୋଡ୍ ସରଗ୍ ଠାନୁ ସୁଖ୍
ଚେ଼ତା ପାଇ ସୀତା ଉଁଚେ଼ଇ ଦେଖ୍‌ଲେ ପଦମ୍ ମୁଖ୍ । ॥୭୦॥

ନାଇଁ ଦିଶ୍‌ଲେଁ ବି କିହେ ଠାନ୍ ନାଇଁ ଲାଗେ ଛିନା
ଆର୍ କିଛି ନାଇଁ ଦିଶ୍‌ବାର୍ ରାମ୍ ମୂରତି ବିନା । ॥୭୧॥

ଡାଲେଁ ପତ୍‌ରେଁ ଦୁବ୍‌ଲା ଉପରେଁ ରାମ୍ ଅଂଗର୍ ରଂଗ୍
ଧାଇଁ ଆଇଛନ୍ ନାଇଁ ଛାଡ଼ନ୍ ଅଭାଗିନୀର୍ ସଂଗ୍ । ॥୭୨॥

ବାଟେଁ ଘାଟେଁ ଦିଶନ୍ ଯେନ୍ ଧୁଏଲ୍ ବାଏଲ୍ ପଥର୍
ଗୁନ୍ ଗୁନାଇ ଶୁନ୍‌ଉଛନ୍ ସେ ରାମ୍ ମହେମା ସଥର୍ । ॥୭୩॥

ରାହାର୍ ପଥର୍ ପାହାର୍ ଧୁଏଲ୍ ପାଇ ହେଲା ନାରୀ
ରାମ୍‌ର୍ ମୂର୍‌ତି ଦିଶେ କିହେ ନାଇଁ ପାରନ୍ ନାରି । ॥୭୪॥

ଧିଆନେ ଥିଲି ମୁଇଁ ମନେ -ଗିଆନେ ନାଇଁ ଥାଇ
ମରୁ ଭୂଇଁକେ ଅମ୍'ରତ୍ ନଏଦ୍ ମନ୍‌କେ ଆଏବା ଧାଇଁ । ॥୭୫॥

ଜନମ୍ ଛେଁଉଣ୍ ଛୁଆ ନିକେ ସେନ୍ହହେ-ପସ୍ରା ଭରି
ମାଁ ଆଇଛେ ଛୁଆ ରହେବା, କେନ୍ତା ଦମ୍ ଧରି । ॥୭୬॥

ଆଶ୍ରମ୍ ଛାଡ଼ି ଯେତ୍କି ପାର୍ଲିଁ ସେତ୍କି ତାହୁତ୍ କରି
ପାହା ବଢ଼ାଉଁ ସେ ରାହା ନେ ପଛେଁ ଧାଡ଼ି ଧରି । ॥୭୭॥

ଆଶ୍ରମିକ୍ ସଭେ ଲମ୍ଲେ ମୁନୁଷ୍ ଜଁଦ୍ ଚ଼ରେ
କିଏ ଚାଲେ ତଲେଁ କିଏ ଉପର୍ ବାଟ୍ ଧରେ । ॥୭୮॥

ହେର୍ଣ୍ଡା ଚ଼ିଥଲ୍ କୁର୍ରି ଛୁଆ ଡ଼େଗି ଡ଼େଗି ଆଗେଁ
ଦେଖ୍ଲା ଲେଖେଁ ବାଟ୍ ଦେଖାନ୍ ନିଜର୍ ନିଜର୍ ବାଗେଁ । ॥୭୯॥

ଦୂରୁଁ ଦେଖ୍ଲିଁ ବିହେଇ ଝିଁକେ ପାଇ ପୁର୍ଥୀ ରାନୀ
ମଖେଇନିଏ ସର୍ସର୍ କରି ବାଏଲ୍-ସେନ୍ହେ ସାନି । ॥୮୦॥

ଝି' କେ ପାଇ ମା'ର ମନ୍ ଯାଉଛେ ଆଏଇ୍ ପାଆଁଲି
ମୋର୍ ଲେଖେଁ ଝି ସରଚ୍ ସହନୀ ବଲି ନିଏ ସୁଆଁଲି । ॥୮୧॥

ଭାବ୍ଲିଁ ପୁର୍ଥୀର୍ ଝି ସିନେ, ଆଏ ଜଗତର୍ ମାଆଁ
ପୁର୍ଥୀ ଲେଖେଁ ସହନ୍ ବଲିଁ ମାଁ ନାରୀର୍ ନାଆଁ । ॥୮୨॥

ପୁଛି ଆନ୍ଲା ଲେଖେଁ କପାଲ୍ ତାହିଁ ସେନ୍ଦୂର୍ ଟୀକା
ଲାଲ୍ ଚହଚ଼ହ ବେଲ୍ ଦେଖି ମୁହଁ-ଜନ୍ ତ ଫିକା । ॥୮୩॥

ଗହଲ୍ ଚ଼ହଲ୍ ଶୁନି ସତୀ ଉଠିଁ ହେଲେ କାବା
ଦେଖ୍ଲେ ଆଗେଁ ଠିଆଦ୍ ବଏସର୍ ବଏଶ୍-ବାବା । ॥୮୪॥

ମୁନୁଷ୍ଟାକେ ଖାଇ୍ କାପ୍ଲି କରିକରି ବଏସ୍
ଫେପ୍ଲ୍ ପକେଇ ଡାଢ଼ି ମେଛା ମୁଡେଁ କରେ ଅଏସ୍ । ॥୮୫॥

ମୁନୁଷ୍କେ କି ବଏସ୍କେ ଯେ ସୀତା କଲେ ଯୁହାର୍
ଭକ୍ତି ଏତ୍କି ଥିସି ଜାନ୍ଲିଁ ହେଲା ଯେଭେଁ ବାହାର୍ । ॥୮୬॥

ମତେ ସିନା ପାହେଁ ପର୍ଲେ ଗୁଟା ଗୁଟି ମୁଇଁ
ମନେ ଗଦେଇ ହେଲିଁ ତାକର୍ ପାହା ତଲର୍ ଭୂଇଁ ।। ॥୮୭॥

କହେଲିଁ ମା ଗୋ ! ଜନକ୍ -ଜେମା ଅବଧ୍ ପାଟ୍ ରାନି !
ଧଏନ୍ ବିହି ପୁହୁଁଚେଇ ନେଲା ମୋର୍ ମନ ଚିତ୍ ଜାନି । ॥୮୮॥

ମୋର୍ ବଲିଁ ଇନେ ଯାହା ଅଛେ ସବୁ ତୋର୍
'ମୁଇଁ' ବଲ୍‌ବାର୍ ଗରବ୍ ଟିକ ରହେବା ହଇଁ ମୋର୍ । ॥୮୯॥

ଯିମା ଚାଲ୍ ମା! ଆଶ୍ରମ୍‌କେ ନାଇଁ   ବାହାରୁଁ ଟୁଡେଁ
ଆଶ୍ରମିନୀମାନେ ଆବ୍‌ରୀ ଧଏଲେ ହାତେଁ ଗୁଡେଁ  । ॥୯୦॥

କେ ଝାରଲା ଦିହର୍ ବାଏଲ କେ ପୁଛ୍‌ଲା ଲହ
ସମାନ୍ ବଏସୀମାନେ ରୁକ୍‌ଲେ ସେନ୍‌ହେ ଜହ ଜହ । ॥୯୧॥

ଆଶ୍ରିଯ୍ ଲାଗ୍‌ଲା ଆଶ୍ରମ୍ ଯାକ ଯାଏକେଁ ହେଲେ ତାକର୍
ଚ଼ରେ ଚ଼ିରଗୁନ୍ ଯାହା ଥିଲେ ଜଁତ୍ ମୁନୁଷ୍ ମାକର୍ । ॥୯୨॥

ଗଛ୍ ପତର୍ ଫୁଲ୍ କହଡ଼୍ ନାଇଁ ପାରନ୍ ତ ଚାଲି
ଛିଇଁ ନାଇଁ ପାରି ନିଜର୍ ଠାନେ ରହନ୍ ଭାଲି । ॥୯୩॥

ଜାନ୍‌ଲା ମେତାଲ୍ ସୀତା ତାହାକୁଁ ଛିଇ ଛିଇ ଚାଲନ୍
ସମକର୍ ମନ୍-ବଏଠାନେ ସରଗ୍-ସଏଲ୍‌ତା ଜାଲନ୍ । ॥୯୪॥

ମୁନି ଟୁକ୍‌ଲେ ଗହ୍ ଗହ୍ ହ'ନ୍ ହେତେ କେତେ କଥା
ବୟସ୍ୱିନୀମାନେ ବା'ରନ୍ ହଇଥିବେ ଲୋ ଅଥା । ॥୯୫॥

ଇନେ ତ  ରହେବେ ଏତ୍‌କେଁ ତମର୍ ମାନ୍‌କର ସାଗେଁ
ଥାକି ଫୁଟି ଦିଅ କଥା ହେବ ଲାଗେଁ ଲାଗେଁ । ॥୯୬॥

ଅଏନ୍ କୁରିଆ ଗୁଟେ ବାଆରି କାଏଁଶ୍ ପା'ରି ତାହିଁ
ହାତ୍ ଗୋଡ୍ ଧୁଇଁ ବସେଇ କହନ୍ ନାଇଁ ଥିବ ଖାଇ । ॥୯୬॥

ପାଚ଼୍‌ଲା ଥିପ୍‌ଲା ଲେତି ଆନ୍‌ଲେ ଦର୍ ଗେଧ୍‌ରା ମାୟା
ଖଣ୍ ମଧୁର୍ ପାଚ଼୍‌ଲା ଖଜୁର୍ ପନସ୍ ଯାହାକେ ଯାହା । ॥୯୮॥

ଆନ୍‌ଲେ ଜାମ୍ ଡ଼ାଲିମ୍ ଅମ୍‌ରଦ୍‌ମଡ଼ା ଅମ୍‌ରଦ୍ ବାଗିର୍
ସଭେ ଖାଏଲେଁ ବି ଚ଼ଲ୍‌ତା ଯେତ୍‌କି ଆନ୍‌ଲେ ଜନ୍‌କର୍ ଲାଗିର୍ । ॥୯୯॥

କାଏଁ ମାଏନ୍ କର୍‌ବେ କିହେ ନାଇଁ ପାର୍‌ବାର୍ ଜାନି
ବୟସ୍ୱିନୀ କହେଲେ ତୁମେ ସଭେ କହେବ ନାନୀ । ||୧୦୦||

ରଷି ବାବା ଆଉର୍ ମୋର୍ ସହଜେଁ ମାଁ ଆଏ
କାଁ ବଲ୍‌ମୁ ଯେ ଭାବୁଥିମୁ ଆମେ କାଁ କରି ଘାଏ । ||୧୦୧||

କିଏ କହେ ନିଅ ନାନି ! ପାଚ୍‌ଲା କମଲା କଲେ
ମୁହେଁ ପକାଇ ନିଅ କହେ କେ ଦାରାକ୍ଷ ଦୁରା ଘଲେ । ||୧୦୨||

ଯାହା ଖାଏଲେଁ ବି କହୁ ଥାଆନ୍ ଖ' ଖ' ନାନି !
ଜାନି ନାଇଁ ପାରନ୍ ନାନୀ ଆ'ନ୍ ମହାରାନୀ । ||୧୦୩||

ଦିନ୍ ଦୁଇଟାକେଁ ଆଶ୍ରମ୍ ହେଲା ସୀତାର୍ ସ୍ନେହେଁ ବିକା
ଆଶ୍ରମୀ ଲେଖେଁ ଶ୍ରମ୍ କରି ହଇଁ ଗଲେ ସେବିକା । ||୧୦୪||

ବାଆରି ହେଲା ନାଇଁ ଆଶ୍ରମିକା ଆ'ନ୍ କିନି
ଦେଖେଇ ନେଲେ ବେଭାରେଁ କେନ୍ତା ସମକୁଁ ହେସି ଘିନି । ||୧୦୫||

ସାରା ଆଶ୍ରମ୍ ହଁସି ଉଠ୍‌ଲା କରି ତାହାକୁଁ ନିଜର୍
ଲହ ପତର୍‌ନୁ ହରିନ୍ ଛୁଆ ତକ୍ ତାକର୍ ନିଜର୍ । ||୧୦୬||

ସୀତା ଦେଖୁଁ ଜାନ୍‌ଲିଁ ଅଛେଁ ରାମ୍‌ର୍ କେତେ ଦୂରେଁ
ସୀତା ଦେଖ୍‌ଲେଁ ରାମ୍ ଦିଶନ୍ ଅନ୍ତର୍-ପୁରେ-ପୁରେଁ । ||୧୦୭||

ତେହେରୁଁ ସିନା ଲେଖି ପାର୍‌ଲିଁ ସୀତାରାମ୍ ଚ଼ରିତ୍
ତାକର୍ ଆଦରଶ୍ ହେଉ ଲୁକେଁ ଆଚ଼ରିତ୍ । ||୧୦୮||

ବେଲ୍ ହେଲା ନ ଯିମା ଚାଲ ଆସେ ସଂଧିଆ ବେଲା
ରାମ୍ ଭଜନ୍ ସାର୍‌ଲେ କାହାରି ନାଇଁ ଥାଇଁ ହେଲା । ||୧୦୯||

ସଭେ ଲମ୍‌ଲେ ତମ୍‌ସା ଦିଗେଁ ଛାଡ଼ି ଆଶ୍ରମ୍ ବେଦୀ
ରାମ୍ ରାମ୍ ଶବଦ୍ ଶୁଭୁଥିଲା ଅକାଶ୍ ଭେଦି । ||୧୧୦ ||

❑

# ପାଉଚ୍-୫

## ଲବକୁଶ ଜନମ୍

ପୂରୁବୁ ଦିଗ୍ କୁରୁଦ୍ କୁରୁଦ୍ ସୂରୁଯ୍ ଧରି କୁଲେଁ
କଅଁଲ୍ ଖରା ଚହଲିଁ ଯାଏ ଅଚଲ୍ ଡଙ୍ଗର୍ ଚୂଲେଁ । ॥୧॥

ଦଲ୍‌ଦଲ୍ ଚରେ କଲ୍ କଲ୍ ଫଡ଼୍‌ଫଡ଼୍ କରି ଡେନା
ରାଏତ୍ ସରେ ସାରି ସମିଆର୍ ଲେନା ଦେନା । ॥୨॥

ଚଉଠିଁ ହେଲେ ଶୁନ୍‌ଲା ଲୋକ୍ ଆଶ୍ରମ୍ ଚଉଭୁଜୀନେ
ରସିଆ ଆସି ବସନ୍ ରାମ୍-ରସ୍-ପରଷା ଭୁଜିନେ । ॥୩॥

ସୀତା ନାଇଁ ଦିଶନ୍ ସଭା ଲାଗେ ଛିନା ଛିନା
ଲବକୁଶ ବି ନାଇଁ, ନାଇଁ ବାଜେ ଆଏଜ୍ ବୀନା । ॥୪॥

ଚିଦାନନ୍ଦ୍ କହେଲେ ଆସି ବାବାର୍ ପାହେଁ ପରି
ଲବକୁଶ ନୂଆଁ ଜଁତ୍‌ଟେ ଦେଖି ଧାଇଁଛନ୍ ଧରି । ॥୫॥

ସଥେଁ ବାବା ! ଆଶ୍ରମ୍ ପାଖେଁ ନାଏଁନ ହେନ୍ତା ଜୀବ୍
ବାର୍‌ନହି ବାଗିର୍ ଲେଁଜ୍, ନାଇଁ ସିଂଘ୍ ଆଏ ଅଜିବ୍ । ॥୬॥

"ନାଇଁ କହିଁ ବାବାର୍ ଆଗେଁ" କହେଲେ ଦୁହି ଭାଏ
ବାବା ଠାନୁ ଆମର୍ ମାଫି ମାଗି ନେବ ଘାଏ । ॥୭॥

କା'ଣା ଗୁଟେ ଲେଖା ଅଛେ ସେ ଜଁତ୍ କପାଲେଁ
ଆଏଜ୍ ନାଇଁ କି କାଏଲ୍ ନାଇଁ ଆସ୍‌ଲା ଅକାଲେଁ । ॥୮॥

ଧଁ ସଁ ହଇ ଧାଇଁ ଆସି କହେଲା ସଦାନନ୍ଦ୍
ସେ'ଟା ଆଏ ଘୁଡ଼ା ଧରି ଦୁହିଭାଏ ଆନନ୍ଦ୍ । ॥୯॥

ଲିଖା ହଇଛେ ଭୋଜ୍ ପତ୍ରେଁ ଅଶ୍ୱମେଧର୍ ଘୁଡ଼ା
ରାଜା ରାମ୍‌କୁଁ ମାନ୍‌ଲା ଲୁକ୍‌କୁଁ ଆଏ ନିଭତା ଗୁଁଡ଼ା । ॥୧୦॥

ଇ ଘୁଡ଼ାକେ ବାଁଧ୍‌ବା ସିଏ ନାଇଁ ମାନ୍‌ବା ଯଦ୍‌ରି
ରାମ୍-ସେନା ସାଂଗେଁ ଲଢ଼େଇ ନେବା ନିଷ୍ଟେ ଆଦ୍‌ରି । ॥୧୧॥

ଅଲପ୍ ହଁସି କହେଲେ ଋଷି ଜଏ୍ ଜଏ୍ ରାମ୍
ତୋର୍ କବାର୍ ତତେ ଜନା ସିନା ସରବ୍ ଜାନ୍ । ॥୧୨॥

ଭଜନ୍ ପୂଜନ୍ ସରିଁ ଗଲାନ୍ ସ୍‌ଭେ ରହିଛନ୍ ଟାକି
ଛାଡ଼୍‌ଲା ଠାନୁ କହେବେ ମୁହିଁ ଯାହା ରହିଛେ ବାକୀ । ॥୧୩॥

ମୁନିର୍ ଆଗେଁ ହାତ୍ ଯୁଡ଼ି କହେଲା ଚେଲା ଜନ୍ଏ
ହେଲା ଯାହା ତାହାର୍ ପରେଁ କହ୍ ଲାଗେ ବନ୍ଏ । ॥୧୪॥

କେ ଦେଖୁଛେ ମୁନିର୍ ଆଁଖିଁ ଝଲ୍‌ଝଲାଏ ଲହ
ଗୁରସ୍-ପିଆ କାଲିର୍ ଛୁଆ ଲଡ଼୍‌ବାକେ ଗହ୍ ଗହ୍ । ॥୧୫॥

ମୁନି କହନ୍ ଆଶ୍ରମ୍‌ନେ ତେତ୍‌କେଁ ହେଲା ଯାହା
ଅଥା ନାଇଁ ଲାଗେ ଯେତେ ଚାଲ୍‌ଲେଁ ରାମ୍-ରାହା । ॥୧୬॥

ନାନୀ ନାନୀ ବଲିଁ ସାନି ହୁଅନ୍ ସବୁ ନୁନୀ
ବିଚାର୍ ବେଭାର୍ ଦେଖି ମୁନି କୁମାର୍ ହୁଅନ୍ ଗୁନି । ॥୧୭॥

ବୟସ୍ୱିନୀ ତପସ୍ୱିନୀ ଛୁଆର୍ ସେନ୍‌ହେ ରସ୍
ନାଇଁ ଜାନି, ଆଜିର୍ ଜାନି ହୁଅ ସେ ବିବଶ୍ । ॥୧୮॥

ନୁନୀ ନୁନୀ ବଲି ଅନୁଖନୁ ହୁଅନ୍ ଅଥା
ଆଏଜ୍ ଯାଇ ପାଏଲେ ପରେ ମମ୍‌ତା-ରାଏଜ୍ ପତା । ॥୧୯॥

ଝି'ର୍ ପେଟର୍ ଛୁଆ ମାଁର୍ ମନ୍-ମହଲେଁ ଖେଲେ
ଦିନ୍‌ଟା ଉପାସ୍ ରହେ, ଝି' ନାଇଁ ଖାଏଲେଁ ବେଲେ । ॥୨୦॥

ପେଟ୍ ଦିଶ୍‌ଲାନ ଝି'ର୍ ଗରଭ୍ ହଏ ଭାରୀ ଭାରୀ
ବସ୍‌ଲା ବେଲ୍‌କେ ଡେଙ୍ଗ୍ ପିଁଢ଼ା ଆନି ଦଉଛନ୍ ପାରି । ||୨୧||

ପାଏନ୍ ଦେଲେଁ ଗଛେଁ ଖୁଟେଁ ତୁଂବା ନିଅନ୍ ଛଡ଼େଇ
ଚାଲି ବସ୍‌ଲେଁ ସମାନ୍ ଛାଟ୍ ବାଟେଁ ନିଅନ୍ କଢ଼େଇ । ||୨୨||

ଦଶ୍‌ମାସୀକେ ବଲ୍‌ବେଶୀ ଦେସି ବର୍ଲିଁ ଜାନି
କୁଲେର୍ ଶାଗ୍ ବହଲ୍ କଢ଼ ଦିଅନ୍ ଉର୍‌ଡ଼ି ଆନି । ||୨୩||

ଏକ୍‌ଲା ଶୁଇ ନାଇଁ ଦେବାର୍ ଶୁଅନ୍ ତାଁକର୍ ସାଂଗେଁ
ଉଜାଗରେଁ ଜୁଗି ରହନ୍ ରାତିଁ ଲାଗେଁ ଲାଗେଁ । ||୨୪||

ଫଗୁନ୍ ଆଏଲା ଫଗୁ ମାଖ୍‌ଲେ ଶେମେଲ୍ ଅଶୋକ୍ ପଲ୍‌ଶା
ଫୁଲ୍ ଫୁଟ୍‌ଲା ଝାରେଁ ଝାରେଁ ଦିଶେ ମନ୍ ଉଲ୍‌ସା । ||୨୫||

ବଉଲ୍ ଆମ୍ ଗଛେଁ ମହୁଲ୍ ଗଛ୍ ଧଏଲା କୁଚି
କୁଂଭୀ ଫୁଲର୍ ରୂପା ଚଉଁରୀ ଗଛେଁ ହେଲେ ଖୁଚି । ||୨୬||

ମୁକୁଟ୍ ମେତାଲ୍ ଚାର୍ ଗଛ୍‌କେ ଖଁଜା ଚାର୍ ବଉଲ୍
କେଂଦୁ ଗଛେଁ କାହିଁ କେନ୍ତା କଁଷି ଦିଶନ୍ ଡଉଲ୍ । ||୨୭||

ଏନ୍ତା ଦିନେ ଆଶ୍ରମେ ବିଶ୍ରାମ୍ ନେବାର୍ କାଯେଁ
ଅବଧ୍ ରାଏଜୁଁ ଶତ୍ରୁଘନ୍ ଆଏଲେ ସଜେଁ ସାଜେଁ । ||୨୮||

ମଥୁରାକେ ମଥୁଥିବାର୍ ଶୁନି ଲବଣା ସୁର୍
ବାହାରିଛନ୍ ତାର୍ ବାହାର୍‌ବଲ୍ କର୍‌ବାକେ ଚୂର୍ । ||୨୯||

ବାପ୍ ତାର୍ ମଧୁ ଦଏତ୍ ଶିବର୍ ସେବା କରି
ତ୍ରିଶୁଲ୍ ପାଏଲା ଦିନୁ ସଂସାର୍ ରହୁଥିଲା ଡରି । ||୩୦||

ଲବଣ୍ ଅସୁର୍ ବାପର୍ ଶୁଲ୍ କରି ଉପଯୋଗ୍
ଡରେଇ ଆଡ଼ଂବରେଁ କରେ ଚକ୍ରବର୍ତ୍ତୀ ଭୋଗ୍ । ||୩୧||

ଖେମ୍‌ତା ଥିଁ ତ ଲୋକ୍ ସହଜେଁ ହେସନ୍ ଧୀରଯ୍ ହରା
ଲବଣାସୁର୍ ଅତ୍ୟାଚାର୍ ହେଲା ଧର୍‌ତୀ-ଥରା । ॥୩୨॥

ରାମ୍‌ନିକେ ଗଲା ଖବର୍ ପଠାଲେ ଶତ୍ରୁଘନ୍
ସେ ରାଏଜେଁ ରଜା ହେବେ କରିପାର୍‌ଲେଁ ନିଧନ୍ । ॥୩୩॥

ଆଙ୍ଗୁଟ୍ ଗନି କହେଲେ ମୁନି ବାର ବଛର୍ ଆଗେଁ
ସୀତା ମା'କେ ପିଲାତୀ ଦୁଖ୍ ଆସେ ଲାଗେଁ ଲାଗେଁ । ॥୩୪॥

ଧରା ଶରାବନ୍ ଥିଲା ବର୍‌ଷୁ ଥିଲା ପାଏନ୍
ଝଁକେର୍ ଅସମ୍ଭାଲ୍ କହୁଥିଲା କୁରିଆ ଛାଏନ୍ । ॥୩୫॥

ମଥୁରାନୁ ଫିର୍‌ଲା ବାଟେଁ କୁମାର୍ ଶତ୍ରୁଘନ୍
ଠିକ୍ ସେ ଦିନ୍ ଆଶ୍ରମ୍‌ନେ ଆସି ବାସି ଶୁଅନ୍ । ॥୩୬॥

ବୟସ୍ୱିନୀ ତପସ୍ୱିନୀ ହଇଁ ଯାଆନ୍ ଅଥା
ମହାପୁରୁକୁଁ ହାତ୍ ଯୁରୁଥାନ୍ ଯାଉ ଝି'ର୍ ବଥା । ॥୩୭॥

ମାଁ ଗର୍ଭୁଁ ନାଇ ଜନ୍ମିଯେ ଜନ୍‌ମୋବାର୍ କାଏଁ ଜାନ୍‌ଏ
ଆଖିର୍ ଲୁହେଁ ଆଖିର୍ ପାଖିର୍ ନାରୀମାନ୍‌କୁଁ ସାନ୍‌ଏ । ॥୩୮॥

ସରବ୍ ସହନୀ ପୁର୍ଥୀର୍ ଝି' ଆଏ ବଲିଁ ସିନା
ସବୁ ସହିନେଲା ଟିକେ ନାଇଁ ପର୍‌ଲା ଚିହ୍ନା । ॥୩୯॥

ଗଛ୍ କାଂଦୁ ଥାଆନ୍ ପତର୍-ଆଖୁଁ ଝାରି ଲହ
ପାରା ପଣ୍‌କୋ କୁହୁରି ଘୁମ୍‌ରୁ ଥାଆନ୍ ଜହଜହ । ॥୪୦॥

ମୁନି କୁମାର୍ ମୁନି କୁମାରୀ ଅଥା ଆସି ଯାଇଁ
ମୁଇଁ ବି ଥାବେଁ ଘାଏ ରହି ନାଇଁ ପାରୁଥାଇଁ । ॥୪୧॥

ଘରୁଁ ଦୁଆର୍ ହଇଁ ହଇଁ ସରୁଥାଏ ବେଲା
ଜନ୍‌ଏ ଆସିଁ ଆସ ବାବା ବଲିଁ କହି ଦେଲା । ॥୪୨॥

‘‘ଯଅଁଲା ଜିଆ ଛୁଆର୍ ମାଁ ହଇଛନ୍ ଗୋ ନାନୀ
ଛୁଆତି ନାଇଁ କିହେ ତ କେନ୍ତା ଢଂଗେଁ ପାର୍‌ବେ ଜାନି । ॥୪୩॥

କେନ୍ତା କର୍‌ସନ୍ କା’ଣା ହେସି ଗର୍ଭୁଁ ପଡ଼୍‌ଲେଁ ଛୁଆ
ପାର୍ ପାଏଲେ ଯାହା ଗଲା ଦୁଖ୍ ଅଚାବୁହା ।’’ ॥୪୪॥

ସେ ତୁର୍‌ତି ଧାଇଁଗଲେଁ କୁଶ୍ କେରାଟେ ଧରିଁ
ଛୁଆ ଦୁହିକର୍ ଉକିଆଥିଁ ସେ କୁରିଆ ଥିଲା ଭରି । ॥୪୫॥

ଗୋଡ଼୍‌ଶାଲେଁ ପର୍‌ବାକେ ମାଁ ଉଠି ବସୁଥିଲା
କହେଲିଁ ନାଇଁ ଉଠ୍ ରହିଥା ମାଁ ମୋର୍ ତପ୍‌ଶୀଲା । ॥୪୬॥

ଛୁଆ ଦୁହିକୁଁ ଦେଖି ନାଇଁ ଲାଗ୍‌ଲା କିଛି ନୂଆଁ
ସୋଜ୍ ଆଁଖିଁ ଦେଖେଁ ମୋର୍ ଭିତରର୍ କୁନୁଆଁ । ॥୪୭॥

ରାମର୍ ଅଂଗ୍, ରାମ୍ ଚେହେରା ରଙ୍ଗେ ଅଂଗ୍ ଅଂଗ୍
ଆଁଖିର୍ ସଂଗ୍ ହେଲେ ମୋର୍ ଅତି ଅନ୍ତରଂଗ । ॥୪୮॥

କୁଶ୍ କେରାକ ଛଡ଼େଇ କରି ଦେଲିଁ ଅଗିଭାଗ୍
କହେଲିଁ ସୁଆଁଲି ଆନ୍‌ଅ ଆଏ ଜନମ୍ ଯାର୍ ଆଗ୍ । ॥୪୯॥

ପଛର୍ ଭାଗେଁ ପଛ-ଜନ୍‌ମା ଛୁଆ ସୁଆଁଲି ନିଅ
ବଡ଼୍‌କେ ‘କୁଶ’ ସାନ୍ ଛୁଆକେ ‘ଲବ’ ନାଆଁ ଦିଅ । ॥୫୦॥

ନିମିଷ୍‌ଟାକର୍ ଆଗେଁ ପଛେଁ ଜନମ୍ ବଡ଼୍ ସାନ୍
ହେବେ ସମାନ୍ ବାପ୍ କକା ବାଗିର୍ ବଲ୍‌ବାନ୍ । ॥୫୧॥

ପିଲାତୀ ଯାହିଁ ପୁର୍ଥୀର୍ ଝି’ ରିଷ୍ ଆଏବେ କାହିଁ ?
କାହାର୍ ପୁଓ କାହାର୍ ନାତି କାହାକେ ଜନାନାଇଁ । ॥୫୨॥

ମାଁ ଦେଖନ୍ ଏକସ୍‌କଁଟି ସଏଦ୍ ଜନ୍‌ମା ଛୁଆ
ମହାନ୍ ରାମ୍ କାଏଁ ସାନ୍ ହଇଁ ଘଡ଼୍‌କେ ହେଲେ ଥୁଆ । ॥୫୩॥

ଜନମ୍ କରା ଦୁଖ୍ ପାଶ୍‌ରିଁ ମାଆଁ ଆତମ୍ ହରା
ଯୁଡ଼େ ଜନ୍ ଜଗ୍‌ମଗାବାର୍ ଦେଖୁଁ କାବା ଧରା । ॥୫୪॥

ଖବର୍ ପାଇ ଶତ୍ରୁଘନ୍ ଦେଖ୍ ଆଏଲେ କୁରିଆ
ଛୁଆ ଦୁହିଙ୍କୁ ଦେଖିନେଲେ ଦୁଆରୁଁ ଥାଇ ଦୂରିଆ । ॥୫୫॥

ସୀତା ଛୁଆକୁଁ ସଁପି ନେଇଛନ୍ ନଜର୍ ସାଂଗେଁ ମନ୍
କେନେ ଦେଖ୍‌ତେ କେତେବେଲେଁ ଆଏଲେ ଶତ୍ରୁଘନ୍ । ॥୫୬॥

ଛୁଆକୁଁ ଦେଖ୍ ଶତ୍ରୁଘନ୍ ନାଇଁ ଧଏଲେ ଥଏ
ଏକେଁ ଥିଲା ଜଗତ୍ ସାରା ତାହାକୁଁ ରାମ୍ ମଏ । ॥୫୭॥

ନାଇଁ ଦିଶୁଥାଇଁ ବନ୍‌ଏ ସୀତା ବିନେ ରାମ୍
ସୀତା ଦେଖିବାର୍ କାଯେଁ ଲାଜ୍ କରେ ହଏରାନ୍ । ॥୫୮॥

ରାମନ୍ନ ଘାଏ ଅଲ୍‌ଗା ରଖ୍ ଦେଖିଲା ରାବଣ୍ ସୀତା
ରାବଣ୍ କେ ଭି ସେ ସମିଆ ହେଲା କେତେ ପିଡା। ॥୫୯॥

ଆଏଜ୍ ସୀତା ଅଲଗ୍ କଲେ ପାଶୁଁ ନିଜେଁ ରାମ୍
ପରଜା ପୁଓ ପାଉନ୍ କେନ୍ତା ପାଏବେ ଯେ ଆରାମ୍ । ॥୬୦॥

ଦିହ୍‌ମାନେ ସିନା ଅଛନ୍ ଅଲଗ୍ ଅଲଗ୍ ରହି
ଦେଖିଲେଁ ଦିଶନ୍ ଦୁହେ ଅଛନ୍ ଅଭିନ, ଅଛିନ୍ ହଇ । ॥୬୧॥

ସୀତାକୁଁ ତ ଦେଖିବାକେ ସରମ୍ କର୍‌ଲା ମନା
ଛୁଆକୁଁ ଦେଖିଲେଁ ଥିଲେ ସୀତା ସର୍‌ସର୍ ହଇଁ ସିନା । ॥୬୨॥

ସୀତାର୍ ଶାନ୍ତି ରାମର୍ କାନ୍ତି ଦୁହେ ମିଶାମିଶି
ଛୁଆକର୍‌ନେ ଦକ୍ ଦକାନ୍ତୁ ଯାଉ ଥାଆନ୍ ଦିଶି । ॥୬୩॥

ନାଇଁ ଜାନି ଥାଇଁ ସୀତା ଯାହିଁ, ତାହିଁ ରାମ୍
ଦେବ ପ୍ରଭୁ ! ମାଫି ମାଗେ ଶତ୍ରଘନ୍ ଅଜ୍ଞାନ୍ । ॥୬୪॥

ସୁର୍‌ତା କରି ସୀତାରାମ୍ ଗଲେ ଶତ୍ରଘନ୍
ଲବଣାସୁର୍ ମାରି ରାମ୍‌ଇଚ୍ଛା କଲେ ପୂରଣ୍ । ।।୬୫।।

ଆମର୍ ଆଶ୍ରମ୍ ଛୁଆ ପିଲାର୍ ସେନ୍‌ହେ ନାଇଁ ଜାନି
ତେତ୍‌କେଁ ଅନୁଖନୁ ହେଲା ସେ ସେନ୍‌ହେ କେ ସାନି । ।।୬୬।।

କାହାର୍ କୁଲେଁ ଅଛେ କେ ? କେ କରିଛେ ପାଇ
ଦୁହି ଛୁଆର୍ ସାଂଗେଁ ରାମ୍‌କୁଁ ମାଁ ଥାଆନ୍ ଧାଇ । ।।୬୭।।

ଘେଁସ୍‌ରିଁ, ରଂଗି, ପିଁଢା, ପାଉଁଚ ଧରି ହେଲେ ଠିଆ
କଥା କହି ଶିଖ୍ ବିକି ଘିନି ନିଅନ୍ ହିଆ । ।।୬୮।।

ପାଠ୍ ଶାସ୍ତର୍ ଶସ୍ତର୍-ଜ୍ଞାନ୍ ଯାହା ଥିଲା ମୋର୍
ମାଁର୍ ନ ବି ଯାହାଥିଲା ଛୁଏ କଲେ ଠୋଲ୍ । ।।୬୯।।

ଜ୍ଞାନ୍‌ଅ ଦୁହେ ନାଇଁ ଥିଲେଁ ଆଶ୍ରମ୍ ଆଏ ଛୁଛା
ବିର୍‌କତ୍ କିହେ ନୁହନ୍, ଦୁହେଁ ନୁହନ୍ ବି ଉଦୁର୍ଚ୍ଛା । ।।୭୦।।

ଶୁଖା ରୁଖା ଆଶ୍ରମ୍‌ନେ ଖେଲେ ଜୀବନ୍-ରସ୍
ତାକର୍  ହଁସି ଖୁସି କଲା ଆଶ୍ରମ୍ କେ ବଶ୍ । ।।୭୧।।

ଚିନ୍ତା ଥିଲା କେନ୍ତା କରି ଯାହାର୍ ଛୁଆ ତାହାକେ
ସଁପି ସାରି ପୁହୁଁଚି ପାର୍‌ତିଁ ସତ୍ ଧର୍ମର୍ ରାହାକେ । ।।୭୨।।

ଉପେ ଚକର୍ ନାଇଁ ଦିଶ୍‌ବାର୍ ଲାଗେ ଗୁପାଗୁଲା
ତାର୍ ଗୁପା ସେ ଛଡ଼ାବା ମୁଇଁ କାଏଁ ଗୁଲ୍‌ଗୁଲା ? ।।୭୩।।

ତାହାରି କଥା ସେ ଜାନ୍‌ବା ବାଟ୍ କର୍‌ବା ବାହାର୍
ଚହଁରା ଆସି ଦେଲାନ ତ ଯଏଁଗ୍ ଘୁଡ଼ା ତାହାର୍ । ।।୭୪।।

କାଣା କର୍‌ସି ସରବ୍-ଜାନ୍ ନାଇଁ ଜାନି ହଏ
କିଂଦ୍ରେଇ ବୁଲେଇ କରି କର୍‌ସି କବାର୍ ତାର୍ ତଏ । ।।୭୫।।

ସବୁଦିନେ ଥିଲେ ରାମ୍ ଥିବେ ସବୁଦିନ୍
ଚରିତ୍ ଆଉର୍ ଶରୀର୍ ସିନେ ଥାଏଭିନ୍ ଭିନ୍ । ॥୭୬॥

ସତ୍ ସୁନ୍ଦର୍ ଆନନ୍ଦ ଆଏ ଆଏ ସେ ଚିନ୍ମଏ
ସବୁଦିନେ ସବୁଠାନେ ଶୁଭେ ତାହାର୍ ଜଏ । ॥୭୭॥

ସେ ନାଇଁ ଥିଲେଁ ଇ ସଂସାର୍ ନାଇଁ ଥାଏ
ସେ ଥିଲେଁ ଥିସି ହଁସି ସାଂଗେଁ ହାଏ ! ହାଏ ! ॥୭୮॥

କେତେ ଦିନୁ ଅଛେ ସିଏ ସିଏ ସିନା ଜାନ୍ଏ
ଯୋଗୀ ମୁନି ଅନନ୍ତ କାଲୁଁ ମନ୍ ଭିତ୍ରେଁ ମାନ୍ଏ । ॥୭୯॥

ଚେତନ୍ ଆତ୍ମା ସେ ଆନନ୍ଦ୍ ରସର୍ ସୁଆଦ୍ ପାଏ
ସେ ରସ୍‌ନେ ଭିଜିଁ ହଜିଁ ଭଜିଁ ଗୁନ୍ ଗାଏ । ॥୮୦॥

ସେ ଆନନ୍ଦ୍-ରସର୍ ନାଆଁ ଆଏ ପରେ ରାମ୍
ତାହାକେ ଧରି ଶରୀର୍ ସିନେ ହଏ ପରମ୍ ଧାମ୍ । ॥୮୧॥

ସମିଆ ଆନ୍ ହେଲା ସଭେ ଚାଲ ଏତ୍‌କେଁ ଯିମା
ରାମ୍-ରାହା ଧରୁଁ ତାହାର୍ ନିକେ ପୁହୁଁଚିମା । ॥୮୨॥

ଯାହା ହଇଥିଲା ଏତ୍‌କି ଦିନ୍ କହେଲିଁ ତାହା
ଏତ୍‌କେଁ ଦେଖିମା ପର୍ତଖି ଯାହା ହଏ ରାମ୍-ରାହା । ॥୮୩॥

କୁଶ ଲବ ଅଶ୍ୱମେଧର୍ ଘୁଡ଼ା ଅଛନ୍ ବାଂଧି
ଦେଖିମା ଚାଲ କେନ୍ ଫାଂଦ୍‌ନେ ରାମ୍ ଥିବେ ଫାଂଦି । ॥୮୪॥

ବନ୍ଦଏ କରି ରାମ୍-ଭଜନ୍ କରି ଉଠ୍‌ଲେ ସଭେ
ହର୍‌ବର୍ ହଇଁ ଉଠିଗଲେ ବିଲମ୍ ନୁହେ ଲବେ । ॥୮୫॥

❑

## ପାଉଟ୍-୬

# ଲବକୁଶର୍ ଯଜ୍ଞ ଘୁଡ଼ା ବାଂଧ୍‌ବାର୍

ଅଂଧାର୍ ଯାଏ ସକାଲ୍ ପାହେ ମହାନ୍ ମୁନିର୍ ମଠେଁ
ଉକିଆ ଦିଶେ କୁରିଆ ଭିତର୍ ଖରା ଚହଟେ ଉଠେଁ । ।।୧।।

କୁକ୍‌ରା ଡକୁଁ ଶଉଚ୍ ସ୍ନାନ୍ ସଂଧିଆ ସାରି ଋଷି
ପର୍‌ଛା ପରଛିର୍ ତରେଁ ବସି ଧିଆନ୍ କରନ୍ ଖୁସି । ।।୨।।

ଆଏଁଖ୍ ଦୁହିଟା ମୁଜି ହେଲେଁ ବି ବୁହି ଆସେ ଲହ
ଶାମ୍ କୋଲ୍ ନୁ ଝରେ କାଏଁ ପାଏନ୍ ହଇଁ ଜହ । ।।୩।।

ରାମ୍-ଭାବ୍ ନେ ବୁଡ଼ି ଉପ୍‌କି ମୁନି ହୁଅନ୍ ଅଥା
କେନେ ଅଛେ ନୁରି ହୁଅନ୍ ମୁନି ନିଜର୍ ସତ୍ତା । ।।୪।।

ଯଏଁଗ୍ ପୁରୁଷ୍ ଯଏଁଗ୍ କରୁ ଅଏଁଗ୍ ନାଇଁ ଜାନେ
ମହାପୁରୁ ହୋ ! ସବୁ କାମର୍ କର୍‌ତା ତତେ ମାନେ । ।।୫।।

ଅଶ୍ୱମେଧ୍ ଯାଗ୍ କର୍‌ଲେଁ ହେସନ ଚକ୍ରବର୍ତ୍ତୀ
ହେନ୍ତା କିଏ ଅଛେ ଯେ ତୋର ଚକ୍‌ରୁଁ ଅଛେ ବର୍ତ୍ତି । ।।୬।।

ତ୍ରିପୁର୍-ଜିତା ରାବଣ୍ ବାଲି ହରିଁ ଯଶ୍ ଅପୂର୍
କେନ୍ ପଉରୁଷ୍ ପରମ୍ ପୁରୁଷ୍ ତୋହୋରୁଁ ଅଛେ ଦୂର୍ ? ।।୭।।

ଅଶ୍ୱମେଧ୍ ଯାଗ୍ କରୁଛୁ ବିଶ୍ୱପତି ରାମ୍ !
କାଁ କାଯେଁ ଯେ ତୁଇଁ ଜାନ୍‌ଉ ମୁଇଁ ତ ଅଜ୍ଞାନ୍ । ।।୮।।

ଉଲ୍‌ଟିଆ ତୋର୍ ନାମ୍‌କେ ଧରି ଉଲ୍‌ଟିଲା ମୋର୍ ବୁଧି
ଅଶଉଚ୍ କାମ୍ କରି ନୁରେଁ କାହୁଁ ଆଏବା ଶୁଧି । ।।୯।।

ଗରଭ୍ ନେଇ ଆସିଥିଲେ ମା ଫିର୍‌ବେ ନେଇ ସଂତାନ୍
କାଁ ପରୀକ୍ଷା ନେଇ ନେବୁ ଜନମ୍ ଦାତାର୍ ସମାନ୍ । ॥୧୦॥

ଘୁଡ଼ା ଛାଡ଼ି ପୁହୁଁଚେଇ ନେଲୁ ଯୁଦ୍ଧା ପୁଓର୍ ଆଗେଁ
ଯେ ଆଏ ବୀର୍ ବାଂଧିବା ଶିର୍ ନାଇଁଥିବା ତାର୍ ଭାଗେଁ୍ୟ । ॥୧୧॥

ଛୁଆ ଦୁହିତା ଖେଲ୍‌ଲା ବଏସେଁ ଖେଲ୍ ସଭକେଁ ବାଂଧି
ତୋର୍ ଘୁଡ଼ା ସାଂଗେଁ ମୋର୍ ମନ୍-ଘୁଡ଼ାକେ ଛାଂଦି । ॥୧୨॥

ରଖି ନେଇଛନ୍ କାଁ କରମି ? ନାଇଁ ପାର୍‌ବାର୍ ଜାନି
ମନା କର୍‌ବାର୍ ମନ୍ ନୁହେ ଘେନାକଲେଁ ବି ହାନି । ॥୧୩॥

ଡରା ମରା ହେଲେଁ କହେବୁ ମୋର୍ ପୁଓ କାଏଁ ହେତେ ?
ଅଶ୍ୱମେଧର୍ ଘୁଡ଼ାବାଂଧିବେ କାଇଛେ ସାହାସ୍ ହେତେ ? ॥୧୪॥

ବାଂଧିଲେ ବଲ୍‌ବୁ ମୋର୍ ଯଜ୍ଞର୍ ଘୁଡ଼ା ଆଏ ଜାନିଛନ୍
ଜାନି, ନାଇଁ ମାନି କେତା ମାନୀର୍ ମେତାନ୍ ବାନ୍‌ହିଛନ୍ । ॥୧୫॥

ଛୁଏ ଭାଏଲ୍ ନାଇଁ ଜାନ୍‌ଲେ ମୁନି ନାଇଁ ଜାନନ୍ ?
ସତୀ ଜାନି ଜାନି ପତି-ବରତ୍-ଲତା ହାନନ୍ । ॥୧୬॥

କେନ୍ ପରୀକ୍ଷା ନେବୁ ମୋର୍ ? ଅଜ୍ଞାନ୍ ଆଏଁ ଜାନ୍‌ଉ
ଘର୍ ସଂସାର୍ ଛଡ଼େଇ ମୋର୍, ତୋର୍ ସଂସାରେଁ ସାନ୍‌ଉ । ॥୧୭॥

କହେଲେଁ ମଲିଁ ସହେଲେଁ ଗଲିଁ, ଦୁଇ ବଟିଆନେ ଥାଇ
କହୁଛେଁ କେନ୍ ବାଟେଁ ଯିମି କହ ଜଗତ୍-ସାଇଁ । ॥୧୮॥

ଭାବି ଭାବି ଭାବ୍-ସମାଧି ସାଗର୍ ଆଏଲା ମାଡ଼ି
ଭାବ୍-ଲହରୀନେ ପହଁରି ରହେଲେ ସଂସାର୍-ସୋର୍ ଛାଡ଼ି । ॥୧୯॥

ଆଶ୍ରମ୍ ତାର୍ ଠାନେ ଅଛେ ମୁନି ରହେଲେ କାହିଁ
ଘଟ୍ ରହେଲା, ଘଟ୍‌ନା ମାନେ ଯାହିଁ ଥିଲେ ତାହିଁ । ॥୨୦॥

ଆଶ୍ରମ୍‌ବାସୀ ଆସି ଆସି ଫିରି ଫିରି ଯାଉଛନ୍
ଇନେ ଥାଇ ମୁନି ନାଇଁନ କେନ୍ ରାଏଜେଁ ଧାଉଁଛନ୍ । ।।୨୧।।

କୁଶଲବ ଆସିଥିଲେ କହେବେ ସବୁ କଥା
ମୁନି ସ୍ୱଭାବ୍ ଜାନି ନାଇଁ ଭାଂଗ୍‌ଲେ ନୀରବତା । ।।୨୨।।

ଗୋଡ୍ ଶାଲେଁ ପଡ଼ି ସେ ଗୁଡ଼ି ସେ ଠାନୁ ଗଲେ ପଲେଇ
ଯୁଡ଼ା ବାଂଧି ଥିବାର୍ କଥା କେନ୍ତା ହେତା ହେଲେଇ । ।।୨୩।।

ମୁନି କାହିଁ ଗଲେଁ କହିଁ ଯାଆନ୍ ଉନିଆଁ ଦିନେ
ଆଶ୍ରମ୍‌କେ ଜଗି ରଖ୍‌ଲେଁ କହେମି ସିଆନ୍ ସିନେ । ।।୨୪।।

ଦୁଇଭାଇ କଥା ହେଲେ ତପୋବନର୍ ଭାର୍
ଆମର୍ ଉପ୍‌ରେଁ ଅଛେ ଜାନି କର୍‌ମା ସେ ବେଭାର୍ । ।।୨୫।।

ତପୋବନର୍ ତଲେଁ ରେଂଗାଲ୍ ଗଛ୍ ଲାଗିଛେ ଘନ୍
ସେ'ନେ ଅଛେ ଘୁଡ଼ା ପୁହୁଁଚି ଗଲେ ଶତରୁଘନ । ।।୨୬।।

ସାଗର୍ ବାଗିର୍ ସଏନ୍ ସାମଁତ୍ ଅଛନ୍ ପଛେଁ ପଛେଁ
ଗର୍‌ଜି ତର୍‌ଜି ଗଲେ ଦେଖି ଘୁଡ଼ା ବଂଧା ଗଛେଁ । ।।୨୭।।

ପିଲା ଦୁହିଁକୁଁ ଦେଖି ଶତରଘନ୍ କହେଲେ 'ଛୁଏ !
ଅଶ୍ୱମେଧର୍ ଘୁଡ଼ା ଆଏ ଖେଲ୍‌ବାର୍ ଜୀବ ନୁହେ । ।।୨୮।।

ନାଇଁ ଜାନି ବାନ୍‌ହିଛତ ଛାଡ଼ି ଦିଅ ଯାଉ
ବାନ୍‌ହଲେଁ ଲଢ଼େଇ ହେବା ବାବା ! ଜାନ୍‌ବ ଅବା କାହୁଁ ? ।।୨୯।।

କୁଶ କହେଲେ ଘୁଡ଼ା କପାଲେଁ ଲେଖିଛ ତ ତାହା
କାଁ କରି ଫେର୍ କହି ହେଉଛ ସଭେ ଜାନିଛନ୍ ଯାହା । ।।୩୦।।

ଲଢ଼େଇ ହେବା କହି କେତେ ଦେଖେଇ ହ' ବଢ଼େଇ
ଭାବିଛ କାଏଁ ଡ଼ରେଇ ଧପେଇ ଘୁଡ଼ା ନେବ ଛଡ଼େଇ । ।।୩୧।।

ହଁସି କହେଲେ ଶତ୍ରଘନ୍ କିଏ ବାପ୍ କେ ମାଁ ?
ଟସ୍ କଅଁଲି ବଏସ୍ କହ କାଁ କା'ଣା ଆଏ ନାଁ ? ।।୩୨।।

'ମାଁକୁଁ ଆମେ ମାଁ ଡାକ୍‌ସୁଁ ବାକି ସଭେ ନାନୀ
ରଷି ଆମର୍ ବାବା, ବାପର୍ ନାଆଁ ନାଇଁ ଜାନି ।। ।।୩୩।।

ଲଢ଼େଇ କଲେଁ କର ନାଆଁ ଗାଆଁ ନୁ କା'ଣା ପାଏବ ?
ଲବକୁଶ ନାଁ ଆଏତ ସକାଲୁଁ ଉଠିଁ ଗାଏବ ? ।।୩୪।।

ଏତ୍‌କି କହି କୁଶ ହାତେଁ ଧରି ଧୁନ୍ ଶର୍
ଲଢ଼େଇ କାଯେଁ ଲବ ସାଂଗେଁ ହୁ ଅନ୍ ତତ୍‌ପର୍ । ।।୩୫।।

କଥୁ କଥା ବଢ଼ି ବଢ଼ି ହେଲା ବଢ଼େ ରଣ୍
ସଏନ୍ ରନ୍‌ଭନ୍ ହେଲେ ଅଥା ଶତ୍ରଘନ । ।।୩୬।।

ସାନ ମିତାନ୍ ଦିଶନ୍ ସିନେ, ସିଆନ୍ ନାଇଁ ପାରନ୍
ସୁରୁ ଧୁନେ ଗୁରୁତର୍ ଶର୍ ଧୂରୁଁ ମାରନ୍ । ।।୩୭।।

ଅଗ୍ନି ଅସ୍ତର ମାଏଲେଁ ଛାଡ଼ନ୍ ମହାନ୍ ମେଘ ଶର୍
ଜୁଏ ଅସ୍ତର୍ ଦେଖିଁ ପାଏନ୍ ବର୍‌ଷାନ୍ ସର୍‌ସର୍ । ।।୩୮।।

କିହେ କାହାକେ କମ୍ ନୁହନ୍ ଦୁହେ ଅରିସରି
ଘଡ଼େ ନାଇଁ ଲାଗ୍‌ଲା ଲଢ଼େଇ ତୁର୍‌ତି ଗଲା ସରି । ।।୩୯।।

ପଡ଼ି ରହେଲେ ଶତ୍ରଘନ୍ ଗିଆନ୍ ଗୁଚର୍ ହାରି
ଖବର୍ ଦେବାର୍ କାଯେଁ ଗଲେ ଜନ୍‌କେତେ ବାହାରି । ।।୪୦।।

ଲଢ଼େଇ ଠାନ୍ ଛିନା ଲାଗ୍‌ଲା ନାଇଁନ କୋଲାହଲ୍
ସେନା ପରିଛନ୍ ଇନ ସେନ ନାଇଁନ ହଲ୍‌ଚଲ୍ । ।।୪୧।।

ହତିଆର୍ ହାତେଁ କେ ପରିଛେ କେ ଶୁଏ ଚୁପ୍ ଚାପ୍
ଅଧ୍ ନିଶାସୀ ହଇଁ କିଏ କରୁଛେ କାପ୍ କାପ୍ । ।।୪୨।।

ଦେଖି ନୁହେ ସେ ଠାନ୍‌କେ, ହେବା ଜାଣା କହି ?
ଯେ ଦେଖ୍‌ବା ହେବା ତାର୍ ହୁରୁଦ୍ ରହି ଦହି । ॥୪୩॥

ଶତ୍‌ରଘନ୍ ପଡ଼ି ରହିଛନ୍ ଚେତ୍ ହେତ୍ ନାଇଁ
ମୁର୍‌ଛୁ ଆଏ କି ମୂର୍‌ଛା ଆଏ କାହିଁ ହେବା କହି । ॥୪୪॥

କୁଶ କହେଲା "ମାଁ ଜାନ୍‌ଲେଁ କାଁ ବଲ୍‌ବେ ଭାଇ"
ଲବ କହେ "ଆମେ କିଛି ଅନ୍ନିୟେ କରି ନାଇଁ ।" ॥୪୫॥

"ପର୍‌ରାନ୍ ଯେବେଁ କହି ନେମା ସତେଁ ସତ୍ ସବୁ
ସେ କହେସନ୍ ଡର୍‌ହାମାନ୍‌କୁଁ ଭଲ୍ ନାଇଁ ପାନ୍ ପ୍ରଭୁ ।" ॥୪୬॥

ନୁରୁଥିବେ ମାଁ ଖାଏବାର୍ ବେଲ୍ ହେଲା ଏତ୍‌କେଁ
ବାବା ବୁଡ଼ିଛନ୍ ସମାଧିନେ ଉପ୍‌କନ୍ ଭାଏଲ୍ କେତ୍‌କେଁ । ॥୪୭॥

ଇ ରଜାର୍ ଲୋକ୍ ଅଛନ୍ ଇତାର୍ ପରେଁ ବହୁତ୍
ଦେଖୁନ୍ ଦେଖୁନ୍ ଭାଗିଁ ଆଏବେ ଆଏମା ଯାଉଁ ତାହୁତ୍ । ॥୪୮॥

ଆଏଲେଁ କହେବେ ଲୁଆ ଦୁହିଟା କାହିଁଗଲେ ଭାଗି ?
ମୂଢ଼ାଇ କେନ୍ତା ଘୁଡ଼ା ବାହ୍‌ନୁଥିଲେ କାହାର୍ ଲାଗି ? ॥୪୯॥

ଦୁହେ ଗଲେ ଆଶ୍ରମ୍‌କେ ମାଁ ରହିଛନ୍ ଟାକି
"କାହିଁଥିଲ ବାବୁ ! କହନ୍ ପାଏନ୍ ଛଲ୍‌ଛଲ୍ ଆଁଖି । ॥୫୦॥

ସବୁ ଜାନୁଥିଲେଁ ହେଲେଁ ନାଇଁ ପକାନ୍ ନାଆଁ
ଶିଖିଲା ବିଦ୍ୟା ଦେଖ୍‌ଲେଁ କାମେ ଲଷତ୍ ସବୁ ମାଆଁ । ॥୫୧॥

ଅବଧି-ପତି ଜାନୁନ୍ ଅବୋଧି ନୁହନ୍ ତାକର୍ ଲୁଆ
ତଲେଁ ନାଇଁ ଚାଲେ, ହାତୀ ଚଢ଼େ ଯା'ର୍ ବୁଆ । ॥୫୨॥

କୁଶ କହେ "ସମାଧି ଥିଁ ବାବା ମହାନ୍ ଯୁଗୀ
କାଁ ବଲ୍‌ବେ ? ତପୋବନ୍‌କେ ନାଇଁ ରହେଲେଁ ଲୁଗି । ॥୫୩॥

ହର୍‌ବର୍ ହ’ନ୍ ଯିବାର୍ ଲାଗି କିଛି କା’ଣା ଖାଇ
ଯେନ୍ ରସେଁ ସେ ଅଛନ୍, ଶର୍‌ଧା ଖାଏବାର୍‌କେ କାହିଁ ? ।।୫୪।।

ମାଁ କହେଲେ ପେଟ୍‌ପୂରା ଖାଇ ଯ’ ଯାହିଁ ଯିବାର୍
କାହାରି ସାଂଗେଁ ନାଇଁ ଲାଗ୍‌ବ ନାଇଁ କହୁ କେ ଲବାର୍’’ । ।।୫୫।।

ଛୁଆକୁଁ ଦେଖି ହିଆ ତାକର୍ ଉଠୁଥାଏ ଉଛଳି
ନିର୍‌ଦୋଷ୍ ମୋର୍ ଛୁଆ କରନ୍ତୁ ନାଇଁ ଯାଉକେ ମୁକ୍‌ଲି । ।।୫୬।।

ଲବକୁଶ ଦଉଡ଼ନ୍ ମାଁ ଦେଖନ୍ ଏକସ୍‌କଁଟି
ବାଟ୍‌ମୁହେଁ ଥାଇ ଆଁଖି ପାଏନ୍ ସଟ୍ ସଟାଏ ଟିଁଟି । ।।୫୭।।

ସେନ୍‌କେ ପୁହୁଁଚି କରି ଦେଖିଲେ ସନ୍ ସନଉଛନ୍ ସେନା
ହାତ୍ ହତିଆର୍ ଧରି ଧାଉଁଛନ୍ ପେସ୍‌ରେଇ ଦୁହି ଡେନା । ।।୫୮।।

ସେନାପତି ମେତାଲ୍ ଦିଶନ୍ ରାଜାବେଶେଁ ଦୁଇ
ଘୁଡ଼ା ପିଠି ଆସନ୍ ଖଁଦେଁ ଧୁନ୍ ମାନ୍‌କୁଁ ଥୁଇ । ।।୫୯।।

ସଏନ୍ ସବ୍ କଥା ହୁଅନ୍ ‘‘ଭରତ୍ ଆଉର୍ ଲକ୍ଷ୍ମଣ୍
ଆଇଛନ୍ ଏବେ ଲଡେଇ ସର୍‌ବା ଫିରିଁଯିମା ଈକ୍ଷଣ୍ । ।।୬୦।।

ପଛେଁ ସଉମିତ୍ରୀ ଭରତ୍ ଆଗର୍ ଗୁସିଆଁ ଆଏ
ସେନାକର୍ କଥା ବାର୍‌ତାନୁ ଜନା ପରୁଥାଏ । ।।୬୧।।

ଛୁଆମାନ୍‌କୁଁ ଦେଖି ଠିଆ କର୍‌ଲେ ଘୁଡ଼ାମାନ୍
କହେଲେ ବଏସ୍ କମ୍, କେତ୍‌ନି କେତେ ଅଭିମାନ୍ । ।।୬୨।।

ଶତ୍‌ରଘନ୍ କେନେ ଅଛେ ? ବନ୍ଧଏ ଥିବା ଦେଖ
ଜିତ୍‌ଲା ଲେଖେଁ ନାଇଁ ଦିଶ୍‌ବାର୍ ବଏସ୍ ରୂପ ରେଖ । ।।୬୩।।

ସଉମିତ୍ରୀ ସଉକେଁ ଦେଖନ୍ ଲବ କୁଶର୍ ମୂର୍‌ତି
ରାଗ୍ ରିଶ୍‌ମି ଯାହା ଥିଲା ଉଭିଁଗଲା ତୁର୍‌ତି । ।।୬୪।।

ସୁଆଁଲି ଆନ୍ ଲେଖେଁ ଲାଗେ କଅଁଲି ଚେହେରା ଦେଖି
ନିଜର୍ ଲେଖେଁ ଲାଗେ ପାୟୀ କର୍‌ତିଁ ଆନିଟେକି । ॥୬୫॥

ସୋର୍‌କଲେ ଛାଡ଼ିଥିଲେ ସୀତାକୁଁ ସେ ପାଶେଁ
ଗରଭ୍ ଥିଲା ଜନ୍ମିଥିବେ ଭାଏଲ୍ ଦଶ୍ ମାସେଁ । ॥୬୬॥

ଫୁଟିଁ କହେଲେ "ବାବୁ ମାନେ ! ହଇଥିବ ଗା ଆମର୍
ବୁଝା ଶୁଝା ହେମା ସୋଜ୍ କାଏଁ କର୍‌ମା ସମର୍ । ॥୬୭॥

ଖେଲ୍‌ଲା ଛୁଆ ଲଡ୍‌ଲାବେଲେଁ ଆମର୍ ସଂଗେଁ ତୁମେ
ଯେନ୍ ନିଂଦା ହେବା ଭେଦିଁ ଯିବା ରୁମେ ରୁମେ ।" ॥୬୮॥

ଲବ କହେଲା "ରଜା ତୁମେ ଆମେ ଆଶ୍ରମ୍ ଛୁଆ
ଭୁର୍‌ତା ଭୁର୍‌ତି କର ଜାନି ହାଏର୍ ଅଛେ ଥୁଆ । ॥୬୯॥

ଘୁଡ଼ା ଥିଲେଁ ଚଲ୍‌ବା ହେଲେଁ ଲଢ଼େଇ ଛାଡ଼ି ଭାଗ
ନେବାର୍ ମନ୍ ଅଛେ ଯଦ୍‌ରି ଲଢ଼େଇ କର ଆଗ ।" ॥୭୦॥

ଭରତ୍ କହେଲେ "ସରତ୍ ତୁମର୍ ସତ୍ ଆଏରେ ବୁଆ !
ସିଆନ୍ ସମାନ୍ କଥା କହୁଛ କେ କହେବା ଛୁଆ । ॥୭୧॥

କୁଶ କହେଲା "ଲଢ଼େଇ କାଏଁ ଜାନ୍‌ଏ ଛୁଆ  ବୁଢ଼ା
ଜିତ୍‌ଲା ଲୁକର୍ ସରଗ୍ ହାର୍‌ଲା ଲୁକର୍ ମରନ୍ ଚୁଡ଼ା । ॥୭୨॥

ହେନ୍ତା କଥା ସହି ହେତା ? ଶର୍‌ମୁନାନ୍ଦୁ ଶର୍
ତର୍‌ସର୍ ବହରାଇ ବର୍ଷାଲେ ଶୁଭ୍‌ଲା ସର୍‌ସର୍ । ॥୭୩॥

ଲବକୁଶ ବି କମ୍ ନୁହନ୍ ମାରନ୍ ଉତ୍‌କି ଉତ୍‌କି
ଅଦମ୍ ହଇ ଅବଧ୍ ସେନା ଭାଗନ୍ ବତ୍‌କି ବତ୍‌କି । ॥୭୪॥

ଲକ୍ଷ୍ମଣ୍‌ନେ କୁଶେ ଲଢ଼ିଛନ୍ ଲବର୍ ସାଂଗେଁ  ଭରତ୍
ଶର୍-ବର୍ଷାର୍ ଝଁକେର୍ ଧରେ ଘାଏ ନାଏଁନ ବିରତ୍ । ॥୭୫॥

ଭରତ୍ ଲକ୍ଷ୍ମଣ୍ ପାଏଲେ ଶେଷେଁ ଶତ୍ରଘନ୍‌ର ଦଶା
କିଏ କାହାକେ କହେବା ? ଇ କଥା ଲୋକହଁସା । ॥୭୬॥

ସୁହା ହେଲେ ଛୁଆକର୍‌ନେ ଭରତ୍ ସଉମିତ୍ରରୀ
ପଡ଼ି ରହେଲେ ଦେଖି ତାକର୍ ଜିତ୍ ସବୁ ମିତ୍ରରି । ॥୭୭॥

ଖବର୍ ଦେଲା ଜବର୍ ଦୁଖ୍ କହେଲେ ରାଜାରାମ୍
ଭାଇମାନ୍‌କୁଁ ନାଇଁ ଦେଖିଲେଁ କାହିଁ ରହେବା ପ୍ରାଣ୍ । ॥୭୮॥

ଯିମି ସେନ୍‌କେ ନିଜେଁ ସେନା ହଉନ୍ ଯଲ୍‌ଦି ତିଆରି
ନିଜେଁ ସଜ୍ ହଉନ୍ ଚତୁରଂଗ୍ ପଡ଼ଲେ ବାହାରି । ॥୭୯॥

ନିଉତା ପାଇ ଆସିଥିଲେ ସୁଗ୍ରୀ ବିଭୀଷଣ୍
ଅଶ୍ୱମେଧ୍ ଠାନେ ନରମେଧ୍ ସର୍ବେକ୍ଷଣ୍ । ॥୮୦॥

ଆଗ୍‌ଭର୍ ହଇଁ ବାହରି ପଡ଼୍‌ଲେ ଜାଂବବ୍ ହନୁମାନ୍
ଶୁଇନ୍ ଚିତ୍ ମାରି କହେଲେ ଦେଖିମା କେତା ବଲ୍‌ବାନ୍ । ॥୮୧॥

ରାମ୍ କହେଲେ ସଭେ ଚାଲ ଦେଖିଥିବ ତାହାକୁଁ
ଭାଏମାନେ ହାଏ ! ନାଇଁ ଜିତି ପାର୍‌ଲେ ଯାହାକୁଁ । ॥୮୨॥

କିଏ ଆ'ନ୍ ସେ ? ସଭେ ଦେଖିମା କିଏ ଆ'ନ୍ ମାଁ ବାପ୍
କେନ୍ତେଇଁ ହେଲେ ଏତେ ବଲ୍‌ବାନ୍ ସଁଶ୍ୟେ ହେବା ସାଫ୍ । ॥୮୩॥

ସଭେ ଚାଲ୍‌ଲେ ତପୋବନ୍‌କେ ଲବେ ନୁହେ ହେଲା
ଧୁଏଲ୍ ଭରି ଆକାଶ୍ ସାରା ଅଂଧାର୍ ମେତାଲ୍ ହେଲା । ॥୮୪॥

ଲବକୁଶ ଦେଖନ୍ ଧୁଏଲ୍ ଉଡ଼େ ଆକାଶ୍ ଭରି
ମାଏନ୍‌ତା କେ ଆସେ କାଏଁ ଅଗନ୍ ତା ସଏନ୍ ଧରି । ॥୮୫॥

ଧକ୍ ନାଏଁନ ଟିଖେ ନାଇଁ ଲାଗେ ଚଁଚେ ଶକ୍
ଦୁସ୍‌ରା କିହେ ନାଇଁ ଝାର୍ ଦେଖେ ଭକ୍ ଭକ୍ । ॥୮୬॥

ଲଡେଇ ଲାଗ୍‌ଲା ଧୂମ୍ ଧଡ଼୍‌କା ଶରର୍ ଉପ୍‌ରେଁ ଶର୍
ଦୁହି ପକ୍ଷୁଁ ବର୍‌ଷି ଶୁଖାଏ ଦେଖନ୍ ହାରୀର ସର୍ । ॥୮୭॥

ହନୁ ମାକଡ୍ ଭାଲୁ ଆଉର୍ ଅସୁର୍ ବିକଟାଲ୍
ଦେଖିଁ ଦୁହିଭାଇ ଆଚମ୍ବିତ୍ ଅଂସଭାଲ୍ । ॥୮୮॥

ଛୁଆ ଦୁହିଁକୁ ଦେଖି ଲଡେଇ ନାଇଁ ପାରନ୍ କରି
ରାମର୍ ଅନୁରୂପ ଦେଖିଁ ସବ୍ ଯା'ନ୍ ଅପ୍‌ସରିଁ । ॥୮୯॥

ଆହା... ଚ... ଚ... କରି କିଏ ଯୁରେ ଦୁଇ ହାତ୍
ଅସୁର୍ କହନ୍ କାଁ କରୁଛ ? ମାରରେ ନିର୍‌ଘାତ୍ । ॥୯୦॥

ବିଭୀଷଣ୍ ଭାବନ୍ ମିତର୍ ପୁଓ ମିତାନ୍ ଦିଶନ୍
ଅଜାନ୍‌ବାର୍ ତ ନୁହନ୍ ମିତ, ଶର୍ କେନ୍ତା ପେଶନ୍ । ॥୯୧॥

ସୁଗ୍ରୀ ବଲନ୍ ଯେ ହେଲେଁ ବି ମିତ ଚାହାଁନ୍ ଲଢ଼େଇ
ତାହା କର୍‌ମା ଯାହାକଲେଁ ମିତର୍ ହେବା ବଢ଼େଇ । ॥୯୨॥

ଛୁଆକୁଁ ଦେଖି ରାମ୍-ହିଆନେ ଝରେ ସେନ୍‌ହେ-ଝର୍
ଭାବନ୍ ମୁନୁଷ୍ ପନ୍ କେନ୍ତା କରେ ହର୍‌ବର୍ । ॥୯୩॥

ଆତ୍ମ-ସମ୍ମାନ ଉଖି ରଖେ କେତେ ଅଭିମାନ୍
ଜନମ୍ ଦାତା ହଇଁ ଭାବେ ଜନ୍‌ମିତ୍‌କେ ଆ'ନ୍ । ॥୯୪॥

ଶର୍‌ମାଏଲେଁ କହେ ମୋର୍ ଛୁଆକୁଁ ନାଇଁ ମାର୍
ଚୋକ୍ ଶସ୍ତର୍ ପେଶ୍‌ଲେଁ କହନ୍ ଉଠୁ ତୋର୍ ଧାର୍ । ॥୯୫॥

ଛୁଆକୁଁ ଦେଖି ଲାଗେ ଛୁଆ ବେଲାର୍ ଦର୍ପନ୍ ଦେଖା
ଏନ୍ତା ଦିଶୁଥିଲିଁ ମନ୍-ଗହୀରେଁ ଅଛେ ଲେଖା । ॥୯୬॥

ଅଲ୍‌ଗା ଖାଲି ଦିଶେ ସୀତାର୍ କାଂତି ଦକ୍ ଦକ୍
ଭାଷାର୍ ବିନା ଆଶାର୍ ବଏଠା ଜଲେ ଦପ୍ ଦପ୍ । ॥୯୭॥

ଲବକୁଶର୍ ଉପ୍ରେଁ ସୀତାର୍ ରୂପ୍ ହଏ ଝଁପେଇ
ଲବକୁଶର୍ ଶର୍ ଦଉଥାଏ ରଣ୍ ଭୁଇଁକେ କଁପେଇ । ॥୯୮॥

ରଦ୍ଦରଦେଇଁ ଗଲା ହୁରୁଦ୍ ଗଦେଇଁ ହେଲେ ରାମ୍
ପାଖେଁ ସଁଖ୍ଲି ରହେଲେ ବିଭୀଷଣ୍ ହନୁମାନ୍ । ॥୯୯॥

ଆଉର୍ ଯାହା ଥିଲେ ଲବକୁଶର୍ ବାହାବଲ୍
ପକେଇ ରଖ୍ଲା ଯା'ର୍ ମାର୍‌ଗେଁ ସେ କଲ୍‌ବଲ୍ । ॥୧୦୦॥

ରଣ୍ ସର୍‌ଲା ଆଶ୍ରମ୍‌କେ ଫିର୍‌ଲେ ଦୁହିଭାଇ
ହଡ୍‌ମାନ୍ ହନ୍‌ମାନ୍ ବିମନ୍ ପଛେଁ ପଛେଁ ଯାଇ । ॥୧୦୧॥

ମାଁକୁଁ ଦେଖି ହନୁର୍ ଆଁଖିଁ ପଝ୍‌ରିଁ ଆସେ ଲହ
ମାକରର୍‌ନୁ ମାଁକର୍ ଆଖେଁ ଝରେ ଆଉର୍ ଜହ । ॥୧୦୨॥

କିଏ କାହାକେ କହେବା ଭାଷା ଯାଏ ମରି ମରି
ରଦ୍ ଥିଲା ତ ହୁରୁଦ୍ ଦରଦ୍ ଆଁଖିଁ ଆସେ ଝରି । ॥୧୦୩॥

ଧୁବେନ୍ ଚରେଇ ମୁହେଁ ଶୁଭେ କାଂଦି ନିଝାର୍ ଝାରେଁ
କୁଁଥେଇ କାନ୍‌ଏ ପଣ୍‌କା ଇ ଥୁଁ ଜହ ନାଇଁ ପାରେଁ । ॥୧୦୪॥

ବକଲ୍-ପନଦ୍-କାନିର୍ କାନେ ମାଁ ପୁଛ୍‌ଲେ ଲହ
ହେଁକେଇ ହେଁକେଇ ବାହାରି ଆସେ ଆହୁରି ଜହ ଜହ । ॥୧୦୫॥

ମାଁର୍ ମୁଡର୍ ସେଂଦୂର୍ ଟୀକା ଦେଖି କରି ହନୁ
ପ୍ରଭୁକର୍ ଦୁର୍‌ଦଶା ଚିଂତା ପାଶରି ନେଲା ମନୁ । ॥୧୦୬॥

ହର୍‌ବର୍ ହଇଁ ପାହେଁ ପର୍‌ଲା ମାଁର୍ ଆଗେଁ ଯାଇ
କହେଲା ଖାଲି ନୁଆ ଦୁହିଟା ଆ'ନ୍ କାଏଁ ଭାଇ ? ॥୧୦୭॥

ଏତ୍‌କି ବେଳେଁ ପୁହୁଁଚି ଆଏଲିଁ ମୁଇଁ ଆନ୍‌ମନା
ରାମ୍ ପର୍‌ଲେ କି, ସମାଧିନୁ ମନ୍ ଥିଲା ମୋର୍ ବନା । ॥୧୦୮॥

❑

# ପାଉଚ୍-୭

## ଲବକୁଶର୍ ରାମେଣ୍ ଗାନ୍ ସୀତାକର୍ ପାତାଲ୍ ପଶ୍‌ବାର୍

ସମିଆ ଜାନି ଆଏଲେ ମୁନି ଲବକୁଶ କାବା
ଗୋଡ଼୍‌ଶାଲେଁ ପରି ଗୋଡ଼୍ ଗୋଡ଼୍ ହଇଁ ହେଲେ ବାବା ବାବା ! ॥୧॥

ଋଷି କହେଲେ ଧିଆନେ ମୁଇଁ ସବୁ ପାରିଛେଁ ଜାନି
ମହାନ୍ ଖୁସି ଆଏଁ ଯାହା କର୍‌ତବ୍ ଆଏ ମାନି । ॥୨॥

ଶିଖାବାର୍ ମୋର୍ ସାଫୁଲ୍ ହେଲା ଯଶ୍ ପାଏବ ବିପୁଲ୍
ତୁମ୍‌କୁଁ ନେଇ ଗରବ୍ କରବେ ଇ ଆଶ୍ରମିକ୍ କୁଲ୍ । ॥୩॥

ମାଁକୁଁ ଦେଖି କହେଲେ ମାଁ ! ଆକୁଲ୍ କାଁ କରି ?
ସଭେ କୁଶଲ୍ ଅଛନ୍ କେତେ କହେମି ନାଁ ଧରି । ॥୪॥

ଜାନିଛତ ନାଟକ୍ ଖେଲେ ମହାନାଟକ୍‌କାର
ନିଜେଁ ଯାହିଁ ଅଭିନେତା ହେଇ୍ ରହେବା କାର୍ ? ॥୫॥

ଆସ ମୋର୍ ସଂଗେଁ ଟିକେ ଦେଖିଆଏବ୍ ହେଲେଁ
ଫିରିଁ ଆଏବ ନାଇଁଥିବ ଅସଲ୍‌କାଲେଁ ବେଲେଁ । ॥୬॥

ସୀତା ସାଂଗେଁ ଚାଲନ୍ ମୁନି ପଛେଁ ହନୁମାନ୍
ଶମ୍‌ଶାନ୍ ଲେଖେଁ ଲଢ଼େଇ ଠାନ୍ ହଏଅନୁମାନ୍ । ॥୭॥

ସଏନ୍ ଠାନୁ ସମ୍ରାଟ୍ ତକ୍ ସଭେ ଅଛନ୍ ଅସୋର୍
ସେନ୍‌କେ ଗଲେଁ ସଭେ ସମାନ୍ ଯାହିଁ ଅଜ୍ଞାନ୍ ଘୋର୍ । ॥୮॥

ଯେ ଦେଖିଲେଁ କହେବା ଏକା ପ୍ରାଣ୍ ନାଇଁ କାହାରି
କଥା ହେଲା ଲେଖେଁ ଶମନ୍‌ପୁର୍ ଯାଇଛନ୍ ବାହାରି । ॥୯॥

ସୀତା ମୁନି ପଛ ଛାଡ଼ି ହନୁର୍ ପଛ ଧରିଛନ୍
ଦେଖିତେ ସାଏର୍ ରାମର୍ ପାଦେଁ ଧସେଇ ହଇ ପରିଛନ୍ । ।।୧୦।।

କାହେଁ ହେଲା ପୁର୍‌ଥୀ ଆଖିଁର୍ ଲହ ଝରି ଝରି
ମୁର୍‌ଛା ଗଲ୍ ରାମ୍ ପର୍‌ଛା ଆନନ୍ଦ୍ ଯାଇଛେ ମରି । ।।୧୧।।

ସୀତା ହୁଅନ୍ କାଉଲି ବାଉଲି ରାମର୍ ପାହେଁ ପରି
ମୁନି ଠାର୍‌ଲେ ଯିବାର୍ ଲାଗି ଆଶ୍ରମ୍ ବାଟ୍ ଧରି । ।।୧୨।।

ପଛକେ ଲେହେଁଟି ଲେହେଁଟି ସୀତା ପକାନ୍ ପାହେ ପାହେ
ଆଶ୍ରମ୍ ବାଟ୍ ଧରନ୍ ସିନା ପାହାନାଇଁ ଯାଏ । ।।୧୩।।

ମୁନି ସେନ୍‌କେ ଯିବାର୍ ଜାନି ମୁନିକୁମାର୍ ମାନେ
ଦଉଡ଼ି ଧୁପି ଜମା ହେଲେ ସେ ଲଢ଼େଇ ଠାନେ । ।।୧୪।।

ସଂଯୋଜନ କରି ସଂଜୀବନ୍ ମନ୍ତର୍ ପାନି
ଛିଟି ବସ୍‌ଲେ ସମ୍‌କର୍ ଦିହେଁ ସମ୍‌କୁଁ ସମାନ୍ ଜାନି । ।।୧୫।।

ଶୁଇଲା ଲୋକ୍ ଚେଇଁଲା ମିତାଲ୍ ସଭେ ପାଏଲେ ଜ୍ଞାନ୍
ମୁନି ପାଦେଁ ପଡ଼ି ଦେଖାନ୍ ନିଜର୍ ସନ୍‌ମାନ୍ । ।।୧୬।।

ତିନ୍‌ହି ଭାଇକର୍ ସାଂଗେଁ ଠିଆ ବିନୀତ୍ ରାଜାରାମ୍
ମୁନି ଦେଲେ ହିତ୍ କାମ୍‌ନା ରାମ୍ ବିହିତ୍ ମାନ୍ । ।।୧୭।।

ଋଷି କହେଲେ "ରାଜା ! ଖୁସି ସାର ଅଶ୍ୱମେଧ୍
ଈ ସଂଗ୍ରାମେ ହାର୍ ଜିତର୍ ନାଇଁ କିଛି ଭେଦ୍ ।" ।।୧୮।।

ମହାମୁନିର୍ ପାହା ଛିଇ କହେଲେ ମହାରାଜ୍ !
ମନସ୍ୱୀ ହେ ଅଶ୍ୱମେଧର୍ ନୁହେ ସରେ ସାଜ୍ । ।।୧୯।।

ମନର୍ ଘୁଡ଼ା ଅନୁଖନୁ ଦଉଡ଼େ ଘୁରି ଘୁରି
ସମାନ୍ ଭାବେଁ ମାନ୍ ସମ୍ମାନ୍ କେବଲ ନୁରି ନୁରି । ।।୨୦।।

ସବାର୍ ଅଛେ ଅଠିପର୍ ଦୁର୍ବାର୍ ଅହଂକାର୍
ମରା ହେତା ଧରା ପଡ଼୍‌ଲେଁ ଦଉଡ଼େ ଭୟାଂକାର୍ । ॥୨୧॥

ମନ୍-ଘୁଡ଼ାର୍ ସଇସ୍ ସବୁ ଆପଣ୍‌ମାନେ ସିନା
କାହିଁ ସଂଭବ୍ ଅଶ୍ୱମେଧ୍ ତୁମର୍ ସାହେଯ୍ ବିନା । ॥୨୨॥

ଆସ ଋଷି ! ଶିଷ୍ୟ ସବୁ ଧରି ଯଜ୍ଞଠାନ୍
କୁରୁତ୍ କୁରୁତ୍ ହେବା ପାଇ ବଂଶ୍ ବିବସ୍ୱାନ୍ । ॥୨୩॥

ଯାହା ହେତାବେ ଯାହା ବତାବେ ବସି ଯଜ୍ଞଶାଲେଁ
ତାହା ହିଁ ହେବା, ଆମର୍ ବୁତେଁ ନାଇଁ ହଇଁ କେନ୍‌କାଲେଁ । ॥୨୪॥

ବିଶ୍ୱର୍ ସବୁ କଥା ହଏ ଈଶ୍ୱର୍ ମନ୍ ନେଇ
ତାର୍ ମନ୍‌କେ ଆନି ହେସି ନିଜର୍ ମନ୍ ଦେଇ । ॥୨୫॥

ବେଲେଁ କାଲେଁ ପୁହୁଁଚି ଯିମୁ ଯାଅ ରାଜାରାମ୍ !
ଅବଧ୍ ଉଆସ୍ ନୁରେ ତୁମକୁଁ ଦେବାକେ ବିଶ୍ରାମ୍ । ॥୨୬॥

ମୁନି କହି ଏତ୍‌କି ମନେ ମନେ ପର୍‌ଲେ ତୁନ୍
ହୁର୍‌ଗୁନି ହ'ନ୍ ମନେ ଗୁନି ରାମ୍ ରାଜାର୍ ଗୁନ୍ । ॥୨୭॥

ସୀତାର୍ ହିତାହିତ୍ ଚିନ୍ତା ନାଇଁ ଦେବାର୍ ଡାକି
ନେହେଲେଁ ଆରାମ୍ ଟିକେ ନାଇଁ କେତେ କାଏଁ ଥାକି ? ॥୨୮॥

ରାଜା ସାଂଗେଁ ସଏନ୍ ସାମଁତ୍ ଧଏଲେ ଅବଧ୍ ବାଟ୍
ଘଡ୍‌କେଁ ଭାଂଗିଗଲା ଅସାର୍ ଗର୍‌ଜା ଘୁମ୍‌ରା ନାଟ୍ । ॥୨୯॥

ରଜା ଗଲେ ରାଏଜ୍‌କେ ଫିରି ମୁନି ତପୋବନ୍
ନିଜର୍ ନିଜର୍ ବାଟ୍ ଧଏଲେ ଯାର୍ ଯେନ୍ତା ମନ୍ । ॥୩୦॥

ହେଲେଁ ରାମର୍ ମନ୍ ସାଂଗେଁ ଆଏଁଖ୍ ଦୁଇଟା ରହେ
ଲବ କୁଶର୍ ଅବୟବେଁ ଯିବାର୍ ନାଇଁ କହେ । ॥୩୧॥

ମୁନିକୁଁ ଘାଏ ପଚାର୍‌ତେ କାଏଁ ପର୍‌ଚେ ଛୁଆକର୍
କାଁ ବଲ୍‌ବେ ମୁନି ? ଜାନି ଅଜାନ୍ ଭୟଂକର । ॥୩୨॥

ଜାନି ବି ପଚାରି ହେମି ଅଧମ୍ ଥି କାଏଁ ଗନା
ନାଇଁ କରେଁ, ନୀତି ଶାସ୍ତର୍ କରେ ଯାହା ମନା । ॥୩୩॥

ଅଶ୍ୱମେଧର୍ ଜାକ୍ ଯମ୍‌କେଁ ଅବଧ୍ ପୁରୀ ଗର୍‌ଜେ
ସଜ୍ ସାଜ୍ ତାର୍ ଜନାଏ ନୂଆଁ ସରଗ୍ କିଏ ସର୍‌ଜେ । ॥୩୪॥

ରକମ୍ ରକମ୍ ନାଚ୍ ତାମ୍‌ସା କେତେ ଗୀତ୍ ବାଏଦ୍
କେନ୍ ସର୍‌ଗେଁ ସଂଭବ୍ କେନ୍ ଇଂଦ୍ରର୍ ଆଏ ସାଏଧ୍ । ॥୩୫॥

ଯଜ୍ଞ-କୁଂଡର୍ ପାଶେଁ ଭିଡ୍ ଲାଗେ ମୁନି ଋଷିର୍
ଘି' ଆହୂତି ପଡ଼େ ଶୁଭେ ବେଦ୍ ମଂତର୍ ଧୀର୍ । ॥୩୬॥

ସବୁ ଛାଡ଼ି ଗୁଟେ ଠାନ୍‌କେ ଲୋକ୍ ଯାଉଛନ୍ ମାଡ଼ି
ସବୁ ଦିଗୁଁ ଗୁଟେ ଦିଗ୍‌କେ ଦିଶେ ଲୁକର୍ ଧାଡ଼ି । ॥୩୭॥

ଆଗ୍‌କେ ଯିବାର୍ ଲାଗିଁ ଉଛନ୍ ଯେ ରହିଛେ ପଛେଁ
ନାଇଁ ଦିଶ୍‌ଲେଁ ଚଢ଼େ, କିଏ ପାଶେଁ ଥିବାର୍ ଗଛେଁ । ॥୩୮॥

କେ ଚଢ଼ିଛେ ମହଲ୍ ଉପ୍‌ରେଁ ବାପର୍ ଖନ୍ଦେଁ ଛୁଆ
ଥାଇ ଦେଖୁଛନ୍ ସଭେ କହନ୍ ନାଇଁ ଶୁନିରେ ବୁଆ । ॥୩୯॥

ଏନ୍ତା ଗୀତ୍ କେତେ ସୁନ୍ଦର୍ ପିଲାମାନ୍‌କର୍ କଁଠେଁ
କେ ଜାନିଛେ ଅଜାନ୍‌ତକେଁ ଥିବାର୍ ମୁନି ମଠେଁ । ॥୪୦॥

ବୀଣାବାଇ ଗୀତ୍ ଗାଉଛନ୍ ମଧୁର୍‌ନୁ ବି ମଧୁର୍
ତାକର୍ ରାଗର୍ ଆଗେଁ କିଛି ନୁହେ ବୀଣାର୍ ସୁର୍ । ॥୪୧॥

ଲଜେଇଁ ଘାଏ ବୀଣାସିନା ହଏ ଅଜେଇ ପଜେଇ
ମଜେଇ ଗୀତେଁ ତାକର୍ ନିଜ୍‌କେ ଦିଏ ହଜେଇ । ॥୪୨॥

ସଭେ ଜାନ୍‌ଲେ ହେଲା ଯହୁଁ ଭିଡ୍ ଅସଂଭାଲ୍
ରାମ୍-ରାହା-ମହୁ ଚାଖିବେ ସମ୍‌କେର୍ ବୁହେ ଲାଲ୍ । ।।୪୩।।

ଯଜ୍ଞଠାନେ ଥିଲେ ଯେତେ ବିଜ୍ଞ ଋଷି ମୁନି
ରାଜା ମହାରାଜା ପ୍ରଜା ପାଟକ୍ ପାର୍‌ବେ ଶୁନି । ।।୪୪।।

ନିଉତି ଆନ୍‌ଲେ ପିଲା ଦୁହିକୁଁ ବେଉଁତ୍ ଭାବେଁ ତହିଁ
ବାଲ୍‌ମିକୀ ମୁନି ଆଗେଁ ଅଛନ୍ ସାଂଗ୍ ଛାଡ଼ନ୍ ନାହିଁ । ।।୪୫।।

ଉଲଟ୍ ଧରିଁ ନାମ୍ ଯାର୍ ପାଲ୍‌ଟିଛନ୍ ସେ ଯାହା
ତାକର୍ ଠାନୁ ବଡ୍ ତାକର୍ ଚରିତ୍ ରାମ୍-ରାହା । ।।୪୬।।

ସୁରୁସୁରୁ ପିଲା ଦୁହିଟା ଗୁରୁ ପାହେଁ ପରି
ରାମ୍-ରାହା-ମହୁ ପର୍‌ଷନ୍ ବୀନାର୍ ସୁରେଁ ଭରି । ।।୪୭।।

କିଏ କା'ଣା କହେଚା ? ଶୁନି ତମ୍ପୀଦ୍ ଅଛନ୍ ସଭେ
ଶେଷ୍ ହେବାର୍ ତକ୍ କାହାରି ସୋର୍ ନାଇଁ ଲବେ । ।।୪୮।।

ରାମ୍ ଚରିତର୍ ସାନ୍ ବଡ୍ ପର୍‌ସଂଗକେ ପକେଇ
ଆଁଖିର୍ ଲହ ପୁଛେ ନାରୀ କାଂଦନ୍ ହେଁକେଇ ହେଁକେଇ । ।।୪୯।।

ଧଏନ୍ ଧଏନ୍ କରି ମାଏନ୍ କର୍‌ବାର୍ କେ ପାର୍‌ବା ବର୍‌ନି
ହେତେ ପର୍‌ଶଁସା ପାଏବାର୍ ନାଇଁ ଦେଖିଥିବା ଧର୍‌ନୀ । ।।୫୦।।

କେ କହୁଛେ ରାମ୍ ମେତାନ୍ ଚେହେରା ଦୁହିକର୍
ସୀତା ଦେଖିଲା ଲୁକେ କହନ୍ ତେଜ୍ ମିଶା ତାକର୍ । ।।୫୧।।

ରାମ୍ ନିଜର୍ ଆଁଖିର୍ ପାଏନ୍ ଦେଖନ୍ ସିନା ଲୁକେଇ
ଗୀତ୍ ସର୍‌ଲା କି ଲବକୁଶ ଦେଲେ ଧରା ପକେଇ । ।।୫୨।।

ନାଇଁ ଦେଖିଥାଇଁ ଦେଖିଲେ ଯଜ୍ଞବେଦୀର୍ ଆଗେଁ
ସୁନାର୍ ନାରୀ ମୂର୍‌ତି ମୁଦ୍ ଛିଆଲେଁ ପାହାଭାଗେଁ । ।।୫୩।।

ରାମର୍ ଆଁଖିର ପାଏନ୍-ବୁଂଦା ହେଲା ଗଂଗା ଧାର୍
ଗଂଗାର୍ ପାର୍ ଅଛେ ଇ ଗଂଗାର୍ ନାଇଁ ପାର୍ । ||୫୪||

ତବଧ୍ ଦେଖନ୍‌ହାରୀ ଭିତ୍‌ରୁଁ ଶବଦ୍ ଅବିରାମ୍
ଉଠ୍‌ଲା ଜଏ ରାମ୍ ଜଏ ଜଏ ସୀତାରାମ୍ । ||୫୫||

ଓଁ ରାମ୍ ଓଁ ରାମ୍ କହି ଯାର୍ ଯେନ୍‌ଟା ବେଦ୍
ପଢ୍‌ଲେ ମୁନିରଷି ଶବଦ୍ ଆକାଶ୍ କଲା ଭେଦ୍ । ||୫୬||

କିଏ ଦଉଛେ ହୀରାର୍ ମୁଦି କିଏ ସୁନା ମାଲି
ନାଇଁ ନେବାର୍ କିଛି ଦେଖିକେ ଆନ୍‌ଏ ସୁଆଁଲି । ||୫୭||

ଛୁଏ କହୁଛନ୍ କୁରିଆ ବାସୀ କାଁ କର୍‌ମୁଁ ଧନ୍ ?
ଆମର୍ ଲାଗି ବଡ୍ ତୁମର୍ ଆନନ୍ଦ୍ ହେଲା ମନ୍ । ||୫୮||

ତବଧ୍ ହଉଁ ଟିକେ କଥା ବାର୍ତ୍ତା ଫୁସୁର୍ ଫାସର୍
ତାର୍ କାନୁ ତାର୍‌କାନ୍ ହଇଁଚାଲେ ବିଚାର୍-ଆସର୍ । ||୫୯||

ବାଲ୍‌ମିକୀ କାନେ ବଶିଷ୍ ମୁହଁ ଲଗାଲେ ଯହୁଁଘାଏ
ମୁଡ୍ ହଲାଇଁ ମୁନି କହେଲେ "ହଁ ହେନ୍ତା ଆଏ । ||୬୦||

ବଶିଷ୍ କହେଲେ ଶିଷ୍ଟ ଭାବେଁ ଶୁନ୍‌ଅ ସଭେ ଘାଏ
ସୀତା ଜନ୍‌ମିତ୍ ରାମ୍ ସଂତାନ୍ ଆ'ନ୍ ଯଅଁଲା ଭାଏ । ||୬୧||

ଏଖେଇ ଘାଏକେଁ କହେଲେ "ସୀତା ଆମର୍ ଦର୍‌କାର୍
ମାଁକୁଁ ଆମର୍‌ନିକେ ଆନ୍‌ଅ କେନ୍‌ସି ପର୍‌କାର୍ । ||୬୨||

ଅବଧ୍‌ବାସୀ ଆମେ ଯାହା ଅଛୁଁ ସୀତାର୍ ଛୁଆ
ମାଁ ଥାଇ ମାଁ ଛେଉଣ୍ ହଇଁ ହେମୁ ଅଚାବୁହା ?" ||୬୩||

ରାମ୍ ଭାବ୍‌ଲେ ସୀତା ବିନା କାହିଁ ରାମର୍ ଥିତି ?
ତାକର୍ ବିନେ କାହିଁ ରହେବା ? ମୋର୍ ନିଜର୍ ନୀତି । ||୬୪||

ସେ ଥିଲା ନେ ମୁଇଁ ଅଛେଁ ମୁଇଁଥିଲାନେ ସିଏ
ଅଛୁଁ ହେଲେଁ ନିଜର୍ ଆଖିଁ ନାଇଁ ଦେଖିବାର୍ କିହେ । ||୬୫||

ଦିହ୍-ସର୍‌ବସ ସଭେ ଖାଲି ବୁଝନ୍ ଦିହର୍ ଭାଷା।
ଦିହର୍ ବିନା କାହାରି ଥିବାର୍ ନାଇଁ କରନ୍ ଆଶା । ||୬୬||

ଦିହର୍ ବିନା ରହି ପାର୍‌ସନ୍ ନାଆଁ ବଇଦେହୀ।
ଇ ସମ୍‌କର୍ ପର୍‌ତେ ଲାଗିଁ ଆସୁନ୍ ଧରି ଦେହି । ||୬୭||

ଭରତ୍ ସାଂଗେଁ ଲକ୍ଷ୍ମଣ୍ ଗଲେ ରାମ୍ ଇସାରା ପାଇ।
ବାଲ୍‌ମିକୀ ଯା'ନ୍ ସାଂଗେଁ କଥା ନୁହୁ ଇଥିଁ ତାହିଁ । ||୬୮||

ଆଶ୍ରମ୍‌ନୁ ଆସନ୍ ଚାଲି ସୀତା ଅଛନ୍ ଆଗେଁ।
ଭାବନ୍ କାଁଯେ ଡକାଲେ ସେ ଅଛନ୍ ତ ମନ୍ ଭାଗେଁ । ||୬୯||

କା'ଣା କର୍‌ବାର୍ ଅଛେ ଆ'ର୍, ସରି ଆସୁଛେ ଦିନ୍।
ଲୋକ୍ ଭାବୁଛନ୍ ସତେଁ ଆମେ ଆଉଁ ଭିନ୍ ଭିନ୍ । ||୭୦||

ପୁହୁଁଚିଲେ କି ସବୁଦିଗେଁ ଶୁଭେ ସୀତାର୍ ଜଏ।
ମୁନି ଋଷିକୁଁ ଦିଶେ ଜଗତ୍ ସୀତାରାମ୍ ମଏ । ||୭୧||

ରାମ୍‌କୁଁ ଦେଖି ସୀତା ତଳେଁ ମୁଡ୍ ଲଗାଇ ଯୁହାର୍।
କଲେ ଦୁହିଁକର୍ ଆଁଖୁଁ ବହେ ତତ୍‌ଲା ଲୋତକ୍ ଧାର୍ । ||୭୨||

ଋଷି ମୁନି ଅନୁରୋଧ୍‌ନେ କହେଲେ ବାଲ୍‌ମିକୀ।
''ସୀତା ମାଁକୁଁ ପାଏଲା ପରେ ସବୁ ଦେଇଛେଁ ବିକି । ||୭୩||

ତାକର୍ ଶର୍‌ଧା ଉଧାର୍ ଅଛେ କେଭେଁ ହେବା ଶୁଝି।
ଜଗତ୍ ସାଗେଁ ଅଛନ୍ ସେ ନାଇଁ ପାରେକେ ବୁଝି । ||୭୪||

ସୀତା ରାମ୍ ଅଭିନ୍ ଆ'ନ୍ ଅଲ୍‌ଗା କରି ଘାଏ।
ରାବଣ୍ ଜୀବନ୍ ସାଂଗେଁ ଲଂକା ଚୂର୍‌ମାର୍ କଲା ହାଏ । ||୭୫||

ଲୋକ୍ ଆଏଁଖିନେ ଅସୁଂଦର୍ ଦିଶିପାରେ ବଳିଁ।
ଜଲ୍‌ତା ଜୁଏକେ ତାକର୍ ସତୀପନ୍‌କେ ଦେଖିଲେ କଳିଁ । ||୭୬||

ଜୁଏ କହେଲା ପାଁଚିଭୂତ୍‌ନୁ ଗୁଟେ ସିନା ଆଏଁ।
ପାଁଚି ଭୂତ୍ ମିଶିଁଗଲେଁ ବି ନଶେଇ ପାର୍‌ମୁଁ କାଏଁ । ||୭୭||

ଲଂକାର୍ କଥା କେ ଦେଖିଛେ ? ଶଂକା ହେଲା ଇନେ
ସରବ୍ ଜାନ୍ ରାମ୍ ଜାନି ସୀତା ରଖିଲେ ଭିନେ । ॥୭୮॥

ରାମ୍ ସଂତାନ୍ ଯଅଁଲା ବୁଆ ସୀତା ଗର୍‌ଭୁଁ ଜାତ୍
କୁଶ ଲବ ନାମେ ଆଏଇ୍ ହଇଛନ୍ ଯେ ଖ୍ୟାତ୍ । ॥୭୯॥

ରାମ୍ ଚାହୁଁଛନ୍ ସୀତା ଆସୁନ୍ ସଭେ ଚାହୁଁଛନ୍ ଜାନି
ଏକ୍ ହେବେ ଫେର୍ ସୀତାରାମ୍ ନିଦୋଷ୍ ପାର୍‌ଲେଁ ମାନି । ॥୮୦॥

ପରୀକ୍ଷା ଆର୍ କାଏଁ ଦର୍‌କାର୍ ? ସଭେ ହେଲେଁ ତୋଷ୍
ତାକର୍ ଆଏତେଁ ନାଇଁ ଥାଇଁ ବି ଅଲ୍‌ଗା ହେବାର୍ ଦୋଷ୍ । ॥୮୧॥

ସୀତା କହେଲେ ମୁଡେଁ ପନତ୍ ତଲ୍‌କେ ମୁହଁକରି
ପୁର୍ଥୀ ମା'କେ ଦେଖାନ୍ ସତେଁ କେତେ ମନ୍‌ତନ୍ ଭରି । ॥୮୨॥

ପରୀକ୍ଷା ମୁଇଁ ଦଉଛେଁ ବାବା ! ସବୁ ଲୁକର୍ ଆଗେ''
ମୁନି ଋଷି ଦେବ୍ ଦିଗ୍‌ପାଲ୍ ସମକ୍ଷୁଁ ଦୃଷ୍ଟି ମାଗେଁ । ॥୮୩॥

ମୋର୍ ମନ୍ ଯଦି ରାମର୍ ଆଡୁଁ ନାଇଁ ଟଲିଁ ଟିକେ
ସତ୍‌ନୁ ଯଦ୍‌ରି ସତୀପନ୍ ମୋର୍ ସର୍‌ଲି ନାଇଁ ଲିଖେ । ॥୮୪॥

ସତେଁ ସତ୍ ପୁର୍‌ଥୀ ମା'ର୍ ସଂତାନ୍ ଆଏଁ ଯଦ୍‌ରି
ସେ ପୁର୍‌ଥୀ ମାଁ ତୁର୍‌ତି କୋଲ୍‌କେ ନଉ ଆଦ୍‌ରି । ॥୮୫॥

ଏତ୍‌କି କହୁଁ ପୁର୍‌ଥୀ ଚିରି ରତନ୍ ସିଂହାସନ୍
ପାଶ୍‌କେ ଆସୁଁ ଉଠି ସୀତା ଯାଇ ତାହିଁ ବସନ୍ । ॥୮୬॥

ପୁର୍‌ଥୀ ଭିତ୍‌ରେଁ ସିଂହାସନ୍ ଗଲା କାହିଁ ଉଭି
ସୀତାର୍ କଥା ପଦେ ଆଉର୍ କାହିଁ ନାଇଁ ଶୁଭି । ॥୮୭॥

ଆଚଂବିତ୍ କଥା ଦେଖି ତଂଭୀତ୍ ଦେଖନ୍‌ହାରୀ
ଲୋକ୍‌କର୍ ସାଂଗେଁ ରାମ୍ ଭି ଘାଏ ଧୀରଯ୍ ଦେଲେ ହାରି । ॥୮୮॥

ବାଲ୍‌ମିକୀ କହନ୍ ଭାଲ୍‌ନି କଲେଁ କିଛି ନାଇଁ ନ ଫଲ୍
ପୁର୍ଥୀ ଦିଏ ଧନ୍ ଦରବ୍ ଖାଏଦ୍ ପାଏନ୍ ଭଲ୍ । ॥୮୯॥

ସେ ସବୁ ଥୁଁ ଆନନ୍ଦ ପାଇ ଉନିଆଁକୁ ଯେ ଦିଏ
ଜନମ୍ କରମ୍ ସାଫୁଲ୍ ତାର୍ ସବୁଦିନ୍‌କେ ଜୀଏଁ ।                                   ॥୯୦॥

ଆନନ୍ଦ ଦିଏ ଆନନ୍ଦ ନିଏ ରାମ୍ ଆନନ୍ଦମଏ
ମେଟେଇ ନାଇଁ ପାରେ କିହେ ତାର୍ ଜଏ ଜଏ ।                                   ॥୯୧॥

ରାମ୍ କହେଲେ ଗଲ ସୀତା ରହେଲ ଆଏଲାଠାନେ
ଜନମ୍ ନାଇଁ କି ମରନ୍ ନାଇଁ ଆସି ମରତ୍ ଧାମେ ।                                   ॥୯୨॥

ଜନ୍‌ମିଛେଁ ମୁଇଁ ମର୍‌ବାର୍‌କେ ଟାକି ସିନେ ଜୀଇଁମି
ନର୍ ଜୀବନର୍ ଫଟା ଦଦ୍‌ରା କେତେ କରି ସୀଇଁମି ।                                   ॥୯୩॥

ତୁମର୍ ପରେଁ ନାରୀ ଜଗତ୍ ହେତା ଯଦ୍‌ରି ସୀତା
ମୋର୍ ମେତାଲ୍ ଲୁକ୍‌କୁଁ ଏକା ପନ୍‌ତେଁ ବାଂଧିଥିତା ।                                   ॥୯୪॥

ସବୁ ଦେଖୁଁ ଲବକୁଶ ହୁଅନ୍ ଆବାକାବା
ବାଲ୍ମିକୀ ମୁନି ପାଶେଁ ଥାଇ ହୁଅନ୍ ବାବା, ବାବା !                                   ॥୯୫॥

ତାହାକୁଁ ଧରି ମୁନି ରାମର୍ ହାତେଁ ଦେଲେ ଧରେଇ
ଲୋକ୍-ମାନେ ଯେନ୍ ଲୁକିଥିଲେ ବିଶ୍ୱାସ୍ ଦେଲେ ଫିରେଇ ।                                   ॥୯୬॥

ଚାରିଆଡୁଁ ହୁରି ପର୍‌ଲା ଜଏ ସୀତାରାମ୍
ଅବଧ୍ ପାଲ୍‌ଟିଁ ଗଲା ଆଏଜ୍ ସଏ ଦ୍ ସରଗ୍ ଧାମ୍ ।                                   ॥୯୭॥

ଯେ ଯେନ୍‌ନୁ ଆସିଥିଲେ ଫିର୍‌ଲେ ନିଜର୍‌ଠାନ୍
ଲେଖକ୍ କେନ୍‌କେ ଯିବା ହଏ କେତେ କାକର୍‌ଛାନ୍ ।                                   ॥୯୮॥

ଯେନ୍ ଠାନୁ ଆସିଥିଲା ସେ ଠାନ୍‌କେ ବାଆରି
ପଠେଇ ନିଅ ଯାଏ ବଲିଁ ରାମ୍‌ନେ କରେ ଗୁହାରି ।                                   ॥୯୯॥

□□□